ଚେନାଏ ପୃଥିବୀ ଚିରୁଡ଼ାଏ ଘର



କିଶୋରୀ ଚରଣ ଦାସ

ଚେନାଏ ପୃଥିବୀ, ଚିହ୍ନାଏ ଘର

(ଦେଶ ବିଦେଶର ଅନୁଭୂତି ଏବଂ ଅନୁଭବ)

କିଶୋରୀ ଚରଣ ଦାସ

ବିଦ୍ୟାପୁରୀ

Digitized by srujanika@gmail.com

ମୋର ନବଜାତା 'ସ୍ୱଦେଶିନୀ' ନାତୁଣୀକୁ ପୃଥିବୀର ସବୁଠାରୁ ସୁନ୍ଦର ନାତୁଣୀ ବୋଲି କୁହ ବା ନ କୁହ, ସେ ଯଥାର୍ଥରେ ସୁଖୀ ଓ ଦୀର୍ଘଜୀବୀ ହେଉ...

ଏବଂ ବଡ଼ ହେଲେ ଏଇ ଖଣ୍ଡିଖଣ୍ଡିକା ପୃଥିବୀକୁ ଯୋଡ଼ିବାରେ ଯତ୍‌ସାମାନ୍ୟ ସାହାଯ୍ୟ କରୁ—

ଏତିକି ପ୍ରାର୍ଥନା ସହ ବହିଟିକୁ ତା'ର କୁନି କୁନି ହାତରେ ଧରେଇ ଦେଲି ।

କିଶୋରୀ ଚରଣ

CHENAE PRUTHIVI, CHIRUDAE GHAR
By Kishori Charan Das
Publisher : Vidyapuri, Cuttack 753002
1995

ISBN : 81-7411-125-5

ପ୍ରଥମ ପ୍ରକାଶ
ରାକ୍ଷୀ ପୂର୍ଣ୍ଣିମା, ୧୦ ଅଗଷ୍ଟ ୧୯୯୫

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ମୁଦ୍ରଣ
ବେଙ୍କେଶ୍ୱର ପ୍ରିଣ୍ଟର୍ସ
ବାଖରାବାଦ, କଟକ ୭୫୩୦୦୨

ସାଦା ବନ୍ଧେଇ ଟ ୫୦.୦୦
ବୋର୍ଡ଼ ବନ୍ଧେଇ ଟ ୬୦.୦୦

Digitized by srujanika@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ପୂର୍ବାପର	...	୧
୨ । ତାଙ୍କର ଭିତରୁ ଜଣେ	...	୧୦
୩ । ବରିଷ୍ଠ ନାଗରିକ	...	୧୪
୪ । ପୃଥିବୀର ସବୁଠାରୁ ସୁନ୍ଦର ନାରୀ		୨୧
୫ । ନୀରବ ନଗରୀ	...	୩୨
୬ । ବାରିଆଡ଼େ କାନ୍ଦଣା	...	୪୧
୭ । ଜୀବେଦୟା	...	୫୭
୮ । ମୋ ଦେଶ, ମୋ ରାଣୀ	...	୭୦
୯ । ଆମେ କ'ଣ ବାସ୍ତବ ?	...	୮୩
୧୦ । କୋମାଗାତା ମାରୁ	...	୯୬
୧୧ । ପ୍ରୀତି ଓ ପରିବାର		୧୧୧
୧୨ । ରାମଙ୍କ ରାଜ୍ୟ	...	୧୨୭
୧୩ । ବସୁଧୈବ କୁଟୁମ୍ବକଂ		୧୪୭

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ ପ୍ରକାଶିତ ଗ୍ରନ୍ଥ

(କ) ଓଡ଼ିଆ :

ଗଳ୍ପ ସଂକଳନ : 'ଭଙ୍ଗା ଖେଳଣା', 'ଘର ବାହୁଡ଼ା', 'ଲକ୍ଷ ବିହଙ୍ଗ', 'ମଣିହରା', 'ଠାକୁରଘର', 'ନାଲି ଗୁଲୁଗୁଲୁ ସାଧବବୋହୂ', 'ଗମନ', 'ଖେଳର ନାଆଁ ରଙ୍ଗ', 'ଭିନ୍ନ ପାଉଁଶ', 'ଶୀତ ଲହରୀ', 'ସଦ୍ୟୋବିଂଶ ମୃତ୍ୟୁ', 'ଲେଉଟାଣି', 'ନିଜସଙ୍ଗୀ', 'ଧବଳ ଆକାଶ'

କବିତା ସଂକଳନ : ମିନି-କାମନା

ପ୍ରବନ୍ଧ ସଂକଳନ : 'ଲେଖକର ସଂସାର', 'କଥା ସାହିତ୍ୟର କଳା ଓ କାରିଗରୀ'

ଗ୍ରନ୍ଥାବଳୀ (ଟୀପ୍‌ପଣୀ ସହ) : 'ତିରିଶବର୍ଷର ଗଳ୍ପ ଓ ଆଳାପ' (ପ୍ରଥମ ଭାଗ, ଦ୍ୱିତୀୟ ଭାଗ ଓ ତୃତୀୟ ଭାଗ)

(ଖ) ଇଂରେଜୀ :

ଗଳ୍ପ ସଂକଳନ : Death of an Indian, Wild Peacock and other stories, Prayer Room and other stories, Midnight Moon and other stories.

କବିତା ସଂକଳନ : Faces in the Dark

(ଗ) ଉପନ୍ୟାସ : 'ସାତୋଟିଦିନର ସଙ୍ଗୀ'

ପ୍ରକାଶ ଅପେକ୍ଷାରେ—

ଉପନ୍ୟାସ : 'ସକଳ ସନ୍ତାନ', 'ନେତା ଓ ନେତ୍ରମଣି'

ଗଳ୍ପ ସଂକଳନ : 'ଅରୁଟିଏ'

ପ୍ରବନ୍ଧ ସଂକଳନ : 'ଲେଖକର ଦୁଃଖ'

ଇଂରେଜୀ ପ୍ରବନ୍ଧ ସଂକଳନ : Being an Indian writer

Digitized by srujanika@gmail.com

ପୂର୍ବାପର

ଏକତିରିଶ ବର୍ଷ ତଳେ ସନ ୧୯୫୮ରେ ମୋର ପ୍ରଥମ ବିଦେଶ ଯାତ୍ରା । ମୋତେ କୁହାଗଲା ଯେ "କଲମ୍ବୋ ପ୍ଲାନ୍" ବିଶେଷଜ୍ଞ ହିସାବରେ ଭିଏତ୍ନାମ୍ ଯିବାକୁ ପଡ଼ିବ । ସେଠିକାର ସରକାରଙ୍କୁ ସ୍ୱଳ୍ପସଞ୍ଚୟ ଯୋଜନା ବିଷୟରେ ପରାମର୍ଶ ଦେବା ପାଇଁ । ମୋର ରହଣି ଥିଲା ମାତ୍ର ଦୁଇ ମାସରୁ କିଛି ଅଧିକ । ଯାହା ହେଉ, ଭିନ୍ନ ପୃଥିବୀର ମୋର ସେଇ ପ୍ରଥମ ଅନୁଭୂତିକୁ ନେଇ ମୁଁ ଯୋଡ଼ିଏ ଗପ ଲେଖି ପାରିଛି— "ପୁଅ କାନ୍ଦୁଛି" ଓ "ସାଏଗନ୍‌ରେ ସୁଖ" । ଘରକୁ ଫେରି ଆସିବାର ପ୍ରାୟ ତିନିବର୍ଷ ପରେ ମୋତେ ପୁଣି ନିର୍ଦ୍ଦେଶ ଦିଆଗଲା ଆମେରିକା ଯିବା ପାଇଁ । ଯୁକ୍ତରାଷ୍ଟ୍ରର ରାଜଧାନୀ ଓ୍ୱାଶିଂଟନ୍ ଡି.ସି.ରେ ଅବସ୍ଥାପିତ ହୋଇ ସମଗ୍ର ଯୁକ୍ତରାଷ୍ଟ୍ର, କ୍ୟାନେଡ଼ା, ଦକ୍ଷିଣ ଆମେରିକା ଓ ଓ୍ୱେଷ୍ଟ୍ ଇଣ୍ଡିଜ୍‌ରେ ଥିବା ଯେତେକ ଭାରତୀୟ ଦୂତାବାସ ତଥା ଭାରତ ସରକାରଙ୍କ ଅଧୀନସ୍ଥ ଅନୁଷ୍ଠାନମାନଙ୍କର ହିସାବକିତାବ ଯାଞ୍ଚ କରିବା ପାଇଁ । ସେଠି ସପରିବାର ରହିବାକୁ ପଡ଼ିଲା ୧୯୬୧ ନଭେମ୍ବରରୁ ୧୯୬୪ ଜୁନ୍ ଯାଏଁ । ସେଇ କେତୋଟି ବର୍ଷ ଥିଲା ଭାରତ-ଯୁକ୍ତରାଷ୍ଟ୍ର ମୈତ୍ରୀର ଉତ୍ତୁଙ୍ଗ ଶିଖରୀ; ତାକୁ ପୁଣି କେବେ ଛୁଇଁ ହେବ ଭଗବାନ୍ ଜାଣନ୍ତି । କାରଣ ସେତେବେଳେ ଭାରତର କର୍ଣ୍ଣଧାର ଥିଲେ ଜବାହରଲାଲ୍ ନେହେରୁ ଏବଂ ସେ ଦେଶର ମୁଖ୍ୟ ଥିଲେ ଜନ୍ କେନେଡ଼ି । ଦୁହେଁ ଥିଲେ ଊର୍ଦ୍ଧ୍ୱମୁଖୀ ଏବଂ ନାନା ଦୋଷଗୁଣ ସତ୍ତ୍ୱେ ତାଙ୍କର ପ୍ରତିଭାତ ଚରିତ୍ରକୁ ଗୋଟାଏ ଅପୂର୍ବ

Digitized by srujanika@gmail.com

ଜ୍ୟୋତିର ବଳୟ ଘେରି ରହିଥିଲା, ଯାହାକୁ ଇଂରେଜୀରେ କହନ୍ତି "କ୍ୟାରିସ୍ମା" । ମୋର ରହଣି କାଳରେ ଦୁହେଁ ଲମ୍ବା ଲମ୍ବା ପାହୁଣ୍ଡରେ ପାଦ ମିଳାଇ ଚାଲିଥିଲେ "ହ୍ୱାଇଟ୍ ହାଉସ୍"ର ଲନ୍‌ରେ, ଯେଉଁ ଦୃଶ୍ୟର ସୁପ୍ରସିଦ୍ଧ ଆଲୋକଚିତ୍ର ସେଇ ସୁବର୍ଣ୍ଣଯୁଗର ଅନ୍ୟତମ ପ୍ରତୀକ ବୋଲି ମନେହୁଏ—ଗଣତାନ୍ତ୍ରିକ ଆଦର୍ଶର ଜୟଯାତ୍ରା । ଶାନ୍ତ, ନୀରବ ଏବଂ ଅପ୍ରତିହତ । ଆମର ପୂର୍ବତନ ରାଷ୍ଟ୍ରପତି ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣନ୍ ମଧ୍ୟ ଥରେ ଆସିଥିଲେ ସେତିକି ମୋର ଥିବା ଭିତରେ ଏବଂ ସେ ତରୁଣ କେନେଡ଼ିଙ୍କୁ ବେଶ୍ କେତୋଟି ତତ୍ତ୍ୱକଥା ଶୁଣାଇଥିବେ ବୋଲି ଖବର କାଗଜରେ କେତେ ହାଲୁକା ଆଳାପ-ଆଲୋଚନା ଚାଲିଲା । ଜାତିସୂତ୍ରରେ ଯେଉଁଠି ଏତେ ମିଳନାତ୍ମକ ଆନନ୍ଦ, ସେଠି କେଉଁ ବିଦେଶୀ ତା' ଏକୁଟିଆ-ପଣର ଗାରିମା ରକ୍ଷା କରିପାରିବ ? ତେଣୁ ମୁଁ ଓ ମୋ ପରିବାର ଆମର ଆମେରିକା ଅନୁଭୂତିକୁ ଯେ ଖାଲି ଉପଭୋଗ କରିଥିଲୁ, ତା' ନୁହେଁ । କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ, ଆମେ ତାଙ୍କ ସଂସାରରେ ବାନ୍ଧି ହୋଇ ଯାଇଥିଲୁ ଏବଂ ଭାବାବେଗର କଣ୍ଟା ବୋଧହୁଏ ଉଚିତରୁ ଅଧିକ ଢଳି ଯାଇଥିଲା ତାଙ୍କ ଆଡ଼କୁ, ସେଇ ଅଢ଼େଇବର୍ଷ ଯାଏଁ । ନ ହେଲେ କି କେନେଡ଼ିଙ୍କ ନିଧନ ପରେ ମୋର ଆଠବର୍ଷିଆ ସାନ ଝିଅ ତାଙ୍କ 'ଅଲିଭ ଜ୍ୟୋତି'ର ସମାଧିରେ ଫୁଲଟିଏ ଥୋଇବା ପାଇଁ ଏତେ ଆତୁର ହୋଇ ଉଠି ଥାଆନ୍ତା ? ଏବଂ ଏତେ କଷ୍ଟ କରିଥାଆନ୍ତା ତା'ର ଇଚ୍ଛା ପୂରଣ କରିବା ପାଇଁ ? ପୁଣି ମୋର ସ୍ତ୍ରୀ ତାଙ୍କର ଅନ୍ତରଙ୍ଗ, କହିବାକୁ ଗଲେ ଆତ୍ମିକ ବନ୍ଧୁମାନଙ୍କ ଭିତରେ ଜନୈକା ଭଦ୍ରମହିଳାଙ୍କୁ ଗ୍ରହଣ କରିପାରି ଥାଆନ୍ତେ ? ଏବଂ ଏବେ ମଧ୍ୟ ସେହି ସମ୍ପର୍କକୁ ସ୍ମରଣ କରୁଥାଆନ୍ତେ ପରମ ଶ୍ରଦ୍ଧାର ସହ ? ମୁଁ ଭାରତକୁ ଫେରିବା ପୂର୍ବରୁ କେନେଡ଼ି ଓ ନେହେରୁ ଉଭୟ ଚାଲିଗଲେଣି ସେ ପୁରକୁ, ତେଣୁ ସହଜେ ସ୍ୱର୍ଣ୍ଣଯୁଗ ଆଉ ବେଶିଦିନ ତିଷ୍ଠି ରହିପାରିଲା ନାହିଁ । କିନ୍ତୁ ମୋର ଗୋଟାଏ ପିଲିଲିଆ ଗର୍ବ ଯେ, "ମୁଁ ସେଠି ଥିଲି ସେତେବେଳେ", ଯେବେ ମୈତ୍ରୀର ଦୀପଶିଖା ଜଳୁଥିଲା ଦପ୍ ଦପ୍ ହୋଇ ଆମ ଦୁଇ ଦେଶ ଭିତରେ ଏବଂ ଆମେ ଆମର ବ୍ୟକ୍ତିଗତ ଜୀବନକୁ କେଡ଼େ ଚମତ୍କାର ଭାବରେ ମିଶେଇ ଦେଇଥିଲୁ ସେଇ ନର୍ତ୍ତନରେ ! ସେଇ ଆନନ୍ଦରେ !

Digitized by srujanika@gmail.com

କିନ୍ତୁ ସାହିତ୍ୟ ? ଏକେ ଅପରୂପ ଦୁଜେ ଅନୁରାଗୀ ବିଦେଶର ଅନୁଭୂତିକୁ ନେଇ ମୁଁ ମୋର ସୃଜନୀ ସାହିତ୍ୟକୁ କେତେଦୂର ଆଗେଇ ନେଇ ପାରିଲି ? ଯୁକ୍ତରାଷ୍ଟ୍ରର ଏ କୂଳରୁ ସେ କୂଳ, ସମଗ୍ର କ୍ୟାନେଡ଼ା, ମେକ୍ସିକୋ, ବ୍ରାଜିଲ୍, ଆର୍ଜେଣ୍ଟିନା, ଚିଲି ଇତ୍ୟାଦି ବିବିଧ ସୁନ୍ଦର ଦେଶମାନଙ୍କର ଜନଜୀବନକୁ ନେଇ ଅଥବା ସେଥିର ପୃଷ୍ଠଭୂମିରେ ମୁଁ କେଇଟା ଗପ, କବିତା କି ଆଉ କ'ଣ ଲେଖିଲି ? "ଘର ବାହୁଡ଼ା"ରେ ସଂକଳିତ ମାତ୍ର ପାଞ୍ଚଟି ଗପ ! ହେଲେ କିଛି ଗୋଟାଏ ଯୁକ୍ତିସଙ୍ଗତ ସଫେଇ ବାଢ଼ି ହେଉ ନାହିଁ । ଆମେରିକାରେ ଥିଲାବେଳେ ମୋର ଅଫିସ୍ କାମ ଥିଲା ସବୁଠାରୁ ହାଲୁକା । ଘରକରଣାର ଦାୟିତ୍ୱ ମଧ୍ୟ କୋଉ ମାଡ଼ ପଡ଼ୁ ନ ଥିଲା । କହିବାକୁ ଗଲେ କୂଟନୈତିକ ମର୍ଯ୍ୟାଦା ରକ୍ଷା କରି ମାସକୁ ଥରେ ଦୁଇଥର ନିଜ ଘରେ ଗୋଟିଏ ସଫଳ **ପାର୍ଟିର** ଆୟୋଜନ କରିବା, ଯେଉଁଥିରେ ଅଧାଅଧି ଆମେରିକାନ୍ ପରିବାର ରହିବା ଆବଶ୍ୟକ, ଏହା ହିଁ ଥିଲା ଆମର ସବୁଠାରୁ ବଡ଼ ସାମାଜିକ ତଥା ଘରୋଇ ଦାୟିତ୍ୱ । ତା'ହେଲେ ଲେଖାଲେଖିରେ ଏତେ କାର୍ପଣ୍ୟ କଲି କାହିଁକି ? ଭୁଚ୍ଛା ଅଳସୁଆମି ? ନା ନୂଆ ନୂଆ ଜିନିଷ ଦେଖିବାରେ, ଶୁଣିବାରେ ଏବଂ ଅନୁଭବ କରିବାରେ ଏମିତି ମଜ୍ଜି ଯାଇଥିଲି ଏବଂ ତାକୁ ଅଧିକରୁ ଅଧିକ ପାଇବାକୁ ହାଇଁପାଇଁ ହେଉଥିଲି ଯେ, ସେ ସବୁକୁ ଲେଖି ବସିବାରେ ସମୟ ନଷ୍ଟ କରିବାକୁ ଇଚ୍ଛା ହେଉ ନ ଥିଲା ? ଏବଂ ଘରକୁ ଫେରି ଆସିଲାପରେ ମୋ ସ୍ମୃତିର ରଙ୍ଗ ତଥା ଉପାଦାନ ସହଜେ ମଉଳିଗଲା ? ବୋଧହୁଏ ଉଭୟ କାରଣ ସତ, କିନ୍ତୁ ଆଂଶିକ ଭାବରେ । ଅଥଚ ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ବିଦେଶରୁ ଫେରି ଆସି ପ୍ରଥମେ କଲିକତାରେ ପ୍ରାୟ ପାଞ୍ଚବର୍ଷ ରହିବା ଭିତରେ ମୁଁ ଅନେକ କିଛି ଲେଖି ପାରିଥିଲି । ଯଦିଓ ସେଇ କେଇଟା ବର୍ଷ ମୁଁ ଅଫିସ୍ କାମରେ, କାମରୁ ବଳି ଲୋକସମ୍ପର୍କର ଭିଡ଼ ଓଟଗରେ (ବିଶେଷତଃ କଲିକତା କର୍ପୋରେସନ୍‌ରେ ଥିଲାବେଳେ), ଏବଂ ଯାବତୀୟ ପାରିବାରିକ ଅଭାବ-ଅସୁବିଧା ରୋଗ-ବଇରାଗରେ ଏମିତି ପେଷି ହୋଇ ଯାଇଥିଲି ଯେ କହିଲେ ନ ସରେ । ସତେକି ଲେଖାଲେଖି କରିବା ହିଁ ଥିଲା ମୋର ଏକମାତ୍ର ସାହା-ଭରସା । ଭବସିନ୍ଧୁରେ ଉବୁଟୁବୁ ହେଲାବେଳେ ନିଜକୁ ବଞ୍ଚେଇ ରଖିବାର ଏକମାତ୍ର ଭେଳା । ତେଣୁ ମୋର ଧାରଣା ଯେ, ସାହିତ୍ୟକୁ ଡାକା ହୁଏ, ଡାକ

Digitized by srujanika@gmail.com

ସ୍ଥିର ହେଲା ପରେ, ଯେତେବେଳେ ଜୀବନଯାତ୍ରା ବିଶେଷ କଷ୍ଟକର ହୋଇ ଉଠେ, ଏବଂ ଦୁଃଖୀର ମନେହୁଏ ଯେ, ମୋ ପାଖରେ ଆଉ ଗୋଟାଏ ଉପାୟ ଅଛି ସୁଖଲାଭ ପାଇଁ, ଯାହା ମୋର ନିଜସ୍ୱ । ଇତର ପଳାୟନ କି ବିସ୍ମରଣ ନୁହେଁ, ତା'ଠାରୁ ଅଧିକ । ବିଚ୍ୟୁତି । ଉତ୍କୃଷ୍ଟ ଧରଣର ବିଚ୍ୟୁତି, ନିଜଠାରୁ "ବଡ଼" ଆଉ କେଉଁଥିରେ ଲିଖିଯିବା ପାଇଁ, ଯାହାକୁ ଉତ୍ତରଣର ପହିଲି କଥା ବୋଲି କୁହାଯାଇପାରେ । ସବୁଠାରୁ ଶ୍ରେଷ୍ଠ ହେଲା ଆଧ୍ୟାତ୍ମିକ ପ୍ରୟାସ । ହେଲେ ତା' ତଳକୁ ଯେକୌଣସି କଳାତ୍ମକ ଏବଂ ସୃଜନାତ୍ମକ କାମ । ଯାହାକୁ ଯାହା ସୁହାଇବ ଯଥା ସମୟରେ । ବୈଷୟିକ ସୁଖସ୍ୱାଚ୍ଛନ୍ଦ୍ୟରେ ଭାସି ଭାସି ଗଲାବେଳେ ଏହି ପ୍ରକାର ତାଡ଼ନା ଆସିବ କେଉଁଠୁ ? ଅତଏବ ସମୟ ଅଣ୍ଟୁ ନାହିଁ, ନ ହେଲେ ମୁଁ ଆହୁରି ବେଶୀ ଲେଖନ୍ତି, ଭଲ ଲେଖନ୍ତି, ଏଭଳି ସଫେଇର ମୂଲ୍ୟ ସୀମିତ ଏବଂ ଅଧିକାଂଶ କ୍ଷେତ୍ରରେ ଆତ୍ମ-ପ୍ରବଞ୍ଚନା ଛଡ଼ା ଆଉ କିଛି ନୁହେଁ । ହଁ, ଯଦି କାମ-ଅକାମରୁ ଟିକିଏ ବୋଲି ଫୁରୁସତ ମିଳୁ ନାହିଁ, ଅବା ଜୀବନଯାପନର କଷ୍ଟ ଏତେ ମର୍ମନ୍ତୁଦ ଯେ, ସୃଜନର କବାଟ ମୂଳରୁ ଖୋଲିବାକୁ ନାହିଁ ଭାରାକ୍ରାନ୍ତ ମନ ଭିତରେ, ତା'ହେଲେ ତା'ର ଅକ୍ଷମତାକୁ ହୁଏତ କ୍ଷମା କରି ହେବ । କିନ୍ତୁ ନିଜ ଅନୁଭୂତିର ପରିପ୍ରେକ୍ଷୀରେ ମୋର ବିଶ୍ୱାସ ଯେ, ସାଧାରଣତଃ ମଧ୍ୟବିତ୍ତ ଲେଖକର ଜୀବନରେ ଏଭଳି ଉଗ୍ର ଏବଂ ଭୟାବହ ପରିସ୍ଥିତି କ୍ୱଚିତ୍ ଆସିଥାଏ । ଆସିଲେ ମଧ୍ୟ ତାହା ତାକୁ ବେଶୀଦିନ ଅକାମି କରି ରଖିପାରିବ ନାହିଁ, ଯଦି ସେ ସଚ୍ଚା ଅର୍ଥାତ୍ ନିବେଦିତ (ଅନ୍ୟ ଅର୍ଥରେ ଅଭିଶପ୍ତ) ଲେଖକ ହୋଇଥାଏ । ତେଣୁ ମୋ ବିଚାରରେ ଯାବତୀୟ ଦୁଃଖକଷ୍ଟ ଭିତରେ ସାମାନ୍ୟ ଫାଙ୍କର ସୁଯୋଗ ନେଇ, ସାମାନ୍ୟତମ ଉନ୍ମେଷକୁ ସ୍ୱୀକାର କରି, କଲମ ଧରିଲେ ସୃଜନ ବୋଧହୁଏ ଅଧିକ ଭାଗ୍ୟଶାଳୀ ହେବ । କାହିଁକିନା ଅନ୍ତର୍ନିହିତ ତାଡ଼ନା ବିଶେଷ ସକ୍ରିୟ ହୋଇ ଉଠିବ, ପିଠିରେ ଚାବୁକ୍ ପଡ଼ିବ ଗୁଇଁ ଗୁଇଁ ହୋଇ···ଲେଖକ ବିଚରା ବେଶୀ ନ ଲେଖି ଦୁର୍ଦ୍ଦିନରେ ଆନନ୍ଦ ପାଇଲାପରି ଟାଣୁଆ ଲେଖା ନ ଲେଖି ଯିବ କୁଆଡ଼େ ?

ଯାହାହେଉ, ଦୁଃଖ ରହିଗଲା ଯେ ସେଇ ଅଢ଼େଇବର୍ଷ ଭିତରେ ମୁଁ ବିଦେଶ ସୁନ୍ଦରୀଙ୍କୁ ନେଇ କମ୍ପା ତା' କୋଳରେ ଉଷୁମ ଟାଣି ଅନେକ କିଛି

Digitized by srujanika@gmail.com

ଲେଖିପାରି ଥାଆନ୍ତି, କିନ୍ତୁ ଲେଖିଲି ନାହିଁ । ଜାନ୍ତବ ସୁଖର ଆଧିକ୍ୟ ହେତୁ ତାଡ଼ନା ଧିମେଇଗଲା, ଅବା ଏତେଟା ବାଧିଲା ନାହିଁ ପରି !

ଏଥିଉତ୍ତରୁ ମୋର ଦ୍ଵିତୀୟ ବିଦେଶଯାତ୍ରା ଏଗାର ବର୍ଷ ପରେ ୧୯୭୫ରେ, ଯେତେବେଳେ ଭାରତକୁ ଏମର୍ଜେନ୍‌ସି ନାମକ ଏକ ବିଚିତ୍ର କିସମର ରାହୁ ଗ୍ରାସ କରିଥିଲା ଏବଂ ମୁଁ ଫେରିଲି ଠିକ୍ ତା'ର ଦୁଇବର୍ଷ ପରେ, ରାହୁମୁକ୍ତ ଶଶୀ ତା'ର ଆତ୍ମସମ୍ମାନକୁ ଫେରି ପାଇ ହସି ଉଠିଲା ବେଳେ । ତେଣୁ ମନେହେବ ଯେ, ମୁଁ ପୁଣି ଥରେ ଠିକଣା ସମୟରେ ଦେଶ ଛାଡ଼ି ବିଦେଶକୁ ଗଲି ! ଯଦିଓ ଉକ୍ତ ଠିକଣା ସମୟ ଥିଲା ନେଗେଟିଭ୍, ନିଷେଧାତ୍ମକ, ସ୍ଵଦେଶର ବେଠିକଣା ପରିସ୍ଥିତିରୁ ରକ୍ଷା ପାଇବାର ସୁଯୋଗ ।

ଏଇ ଦୁଇବର୍ଷ ମୁଁ ଯେଉଁ ପୃଥିବୀରେ ବିତେଇଲି, ତାହା ଆହୁରି ନୂଆ ଏବଂ ଆହୁରି ବିସ୍ମୟକର, ଯାହା ବିଷୟରେ ଅନେକେ ବିଶେଷ କିଛି ଜାଣନ୍ତି ନାହିଁ, ଅବା ଭୁଲ୍ ବୁଝିଥାନ୍ତି । ଆଫ୍ରିକା । ତମସାଚ୍ଛନ୍ନ ଆଫ୍ରିକା । ଆଦିମ ଆଫ୍ରିକା । ଏହି ମହାଦେଶରେ ଥିବା ସ୍ଵାଜିଲାଣ୍ଡ୍ ବୋଲି ଗୋଟିଏ ରାଜା-ଶାସିତ ରାଜ୍ୟ, ଗୋରା ଅଧିକୃତ ଦକ୍ଷିଣ ଆଫ୍ରିକାର ଈଷତ୍ ଉତ୍ତରକୁ । ମୁଁ ସେଠିକି ଯାଇଥିଲି କମନ୍‌ୱେଲ୍‌ଥ ଫଣ୍ଡ୍ ଫର୍ ଟେକ୍‌ନିକାଲ କୋ-ଅପରେସନ୍ (ସି.ଏଫ୍.ଟି:ସି.) ତରଫରୁ ଜଣେ ବିତ୍ତୀୟ ବିଶେଷଜ୍ଞ ହୋଇ, ତାଙ୍କ ପରିବହନ ସଂସ୍ଥାକୁ ସଜାଡ଼ିବା ପାଇଁ । ବିଭିନ୍ନ ଦେଶରୁ ବିଭିନ୍ନ ଧରଣର ସାହାଯ୍ୟ ଓ ସହଯୋଗର ପ୍ରତିଶ୍ରୁତି ନେଇ ମୋ ପରି ଅନେକ ବିଶେଷଜ୍ଞ ମଧ୍ୟ ଆସିଥିଲେ ସେଠିକି, ଏଇ ଛୋଟିଆ ଭୂତପୂର୍ବ ବ୍ରିଟିଶ୍ ଉପନିବେଶକୁ ସ୍ଵାବଲମ୍ବୀ କରିବା ପାଇଁ, ଯେମିତିକି ତା' ଉପରେ ପାର୍ଶ୍ଵବର୍ତ୍ତୀ ଗୋରା ଦକ୍ଷିଣ ଆଫ୍ରିକା ଅବା କଳା କମ୍ୟୁନିଷ୍ଟ ମୋଜାମ୍ବିକ୍‌ର ଦୁଷ୍ଟ ପ୍ରଭାବ ନ ପଡ଼େ । ଏଇ ବିଦେଶୀୟ ଦାନ ଦକ୍ଷିଣା ତଥା ତାଙ୍କର ବୁଢ଼ା ରାଜା ଶୋଭୁଜାଙ୍କ ଦୂରଦୃଷ୍ଟି ହେତୁ ଦେଶଟି ଯେପରି ଦ୍ରୁତବେଗରେ ଆଧୁନିକ ହେବାକୁ ବସିଥିଲା, ତାହା ପ୍ରକୃତରେ ଆଶ୍ଚର୍ଯ୍ୟର ବିଷୟ । ଏପରିକି, ଦୈନନ୍ଦିନ ଜୀବନଯାପନର ସୁଖସ୍ଵାଚ୍ଛନ୍ଦ୍ୟ ଦୃଷ୍ଟିରୁ ଏହାର ରାଜଧାନୀ ଅାଂବାବେନ୍ (Mbabane), ଯାହାର ନାଆଁ କ୍ଵଚିତ୍ କିଏ ଶୁଣିଥିବେ, ଯେକୌଣସି ପାଶ୍ଚାତ୍ୟ ସହରର ସମକକ୍ଷ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ରାଜଧାନୀର ପଛକୁ ଥିଲା ଆଫ୍ରିକାର ଅନ୍ଧକାର । ଆଧୁନିକ ଜ୍ଞାନବିଜ୍ଞାନଗତ ସମୃଦ୍ଧି ଥିଲା କେବଳ ରାଜଧାନୀରେ,

Digitized by srujanika@gmail.com

ଏବଂ ମୁଷ୍ଟିମେୟ ଲୋକମାନଙ୍କୁ ନେଇ । ସଂଖ୍ୟାଧିକ ସାଧାରଣ ସ୍ୱାଜ ତଥାପି ରହୁଥିଲେ ଆମ ବଣ ଜଙ୍ଗଲର ଆଦିବାସୀଙ୍କ ପରି, ଯଦିଓ ଆମ ଦେଶ ତୁଳନାରେ ମୌଳିକ ଜୀବନଧାରଣର ପନ୍ଥା ଏତେଟା ଦୁର୍ଗମ ନ ଥିଲା ତା' ପାଇଁ । କିନ୍ତୁ ଏଇ ଆଦିବାସୀମାନଙ୍କର ଆପଣା ସଂସ୍କୃତି ମାନବିକ ଦୃଷ୍ଟିରୁ କେତେ ଉନ୍ନତ (ଯଥା, ପ୍ରତ୍ୟେକ ସନ୍ତାନ ତା' ମାଆର, ତେଣୁ ଜାରଜ ସନ୍ତାନର ଲଜ୍ଜା ତାଙ୍କ ଅଭିଧାନରେ ନାହିଁ), ତାହା ମଧ୍ୟ ଥିଲା ଏକ ବିସ୍ମୟକର ଆବିଷ୍କାର । ତା'ଛଡ଼ା ସ୍ୱାଜିଲଣ୍ଡ୍‌କୁ ଯିବା ଆସିବା କରିବା ବାଟରେ ଆଫ୍ରିକାର ଅନ୍ୟାନ୍ୟ କେତୋଟି ଦେଶର ଝଲକ, ବିଶେଷତଃ କେନିଆର ରମଣୀୟ ରାଜଧାନୀ ନାଇରୋବିରେ କେତୋଟି ଦିନର ଅନୁଭୂତି— ସେଥିରେ ମଧ୍ୟ ଚମତ୍କାରିତାର ଅଭାବ ନ ଥିଲା ।

ତଥାପି ଅତ୍ୟନ୍ତ ଦୁଃଖର ସହିତ କହିବାକୁ ପଡ଼ୁଛି ଯେ, ଦୁଇବର୍ଷ ବ୍ୟାପୀ ଏଇ ନୂତନ ପୃଥିବୀର ଅଭିଜ୍ଞତାକୁ ନେଇ ମୁଁ ଲେଖିଲି କ'ଣ ନା ଯୋଡ଼ିଏ ବୋଲି ଗପ ! —ଗୋଟିଏ ଓଡ଼ିଆ ଗପ "ଗୁରୁଦକ୍ଷିଣା" ("ଗମନ" ସଂକଳନର ଅନ୍ତର୍ଭୁକ୍ତ), ଏବଂ ଗୋଟିଏ ଇଂରାଜୀ ଗପ "A Saucer of milk" ("Death of an Indian" ସଂକଳନର ଅନ୍ତର୍ଭୁକ୍ତ) ।

ଏହାପରେ ଆଉ ଗୋଟିଏ ମହାଦେଶ । କେବଳ ଗୋଟିଏ ଦେଶକୁ ନେଇ । ଅଷ୍ଟ୍ରେଲିଆ । ଅନ୍ୟତମ ନୂତନ ପୃଥିବୀ । ସେଠିକି ମୁଁ ଯାଇଥିଲି ୧୯୮୦ରେ, ମାତ୍ର ମାସକ ପାଇଁ ଏବଂ ଏକ ନୂତନ ଭୂମିକାରେ ଅବତୀର୍ଣ୍ଣ ହୋଇ । ବୃତ୍ତିଗତ ସରକାରୀ କାମର ଦାୟିତ୍ୱ ତୁଲେଇବା ପାଇଁ ନୁହେଁ, ଲେଖକ ହିସାବରେ ଆଡିଲେଡ୍‌ରେ ଅନୁଷ୍ଠିତ ହୋଇଥିବା "ଆନ୍ତର୍ଜାତିକ ଲେଖକ ସପ୍ତାହ"ରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ । ସେଇଠୁ ମେଲ୍‌ବୋର୍ଣ୍ଣ, ସିଡ୍‌ନି, କ୍ୟାନ୍‌ବେରା ଓ ନିଉକାସ୍‌ଲ୍-ଅନ୍-ସି ରେ "ଭାରତ-ଅଷ୍ଟ୍ରେଲିଆ ସାଂସ୍କୃତିକ ଆଦାନ ପ୍ରଦାନ"ର ପର୍ଯ୍ୟାୟରେ ବିଭିନ୍ନ ସଭାସମିତି, ସାକ୍ଷାତ୍‌କାର ଓ ଆଳାପ-ଆଲୋଚନାରେ ଯୋଗ ଦେବା ପାଇଁ । ଏଇ ଦେଶଟି କ'ଣ କମ୍ ବିଚିତ୍ର ! ଏଇ ଗୋଟିଏ ଦେଶ ଦେଖିଲି, ଯେଉଁଠି ପ୍ରାଚୁର୍ଯ୍ୟ ହିଁ ସବୁଠାରୁ ବଡ଼ ସମସ୍ୟା । ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଉତ୍ପାଦନ ବଳି ପଡ଼ୁଛି, ତେଣୁ ଲୋକେ ଯଥେଷ୍ଟ ଉଦ୍‌ଯୋଗୀ ହେବାକୁ ଚାହୁଁନାହାନ୍ତି, ଫଳରେ ଅଷ୍ଟ୍ରେଲିଆ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ ପ୍ରଗତିର

Digitized by srujanika@gmail.com

ଚହଟ ଚମକ ଦେଖାଇପାରୁ ନାହିଁ, ଏଇ ହେଲା ତାଙ୍କର ନିତ୍ୟନିଯୁତ ମୁଣ୍ଡବଥା । ସେଇ ମାସକ ଭିତରେ ମୋର ଅନୁଭୂତିର ଖାତା ଭରି ଯାଇଛି— ଦୁର୍ଲଭ କଙ୍ଗାରୁମାନଙ୍କ ସାଙ୍ଗରେ ଖେଳିବାର ଆନନ୍ଦରୁ ଆରମ୍ଭ କରି ଏକାଧିକ ବନ୍ଧୁଙ୍କ ଡ୍ରଇଂରୁମ୍‌ରେ ମାଡ଼ିଥିବା ଅଙ୍ଗୁରଲତାରୁ ଅଙ୍ଗୁର ଛିଣ୍ଡେଇ ଖାଇବାର ମଜା, ଏବଂ ସିଡ୍‌ନିର ସେକ୍‌ସ-ବିପଣୀ ତଥା ଗୋରା କୃଷ୍ଣଧର୍ମୀ (ISKCON)ମାନଙ୍କ ସଂସାରକୁ ବେଶ୍ ପାଖରୁ ଦେଖିବାର ଚାଆଁ-ଚମକ ପାଇବା ଯାଏଁ ।

କିନ୍ତୁ ଦୁର୍ଭାଗ୍ୟ ଯେ, ଏଇ ଅନନ୍ୟ ଅନୁଭୂତିକୁ ମଧ୍ୟ ମୁଁ ସାହିତ୍ୟର ଫଳଫୁଲରେ ସଜେଇ ପାରିଲି ନାହିଁ । ନିଉକାସ୍‌ଲ୍‌ର ଉପକୂଳରେ ପିଟି ହେଉଥିବା ନୀଳ ଲହରୀ ମୋତେ ଉସ୍‌କେଇଲା ଗୋଟିଏ ଇଂରେଜୀ କବିତା ଲେଖିବାକୁ ଯେ ଇଏ ତ ମୋର ଶାଶ୍ୱତ ଚିରପରିଚିତା ସୁନ୍ଦରୀ, ଯେ ମୋତେ ଆ' ଆ' ବୋଲି ଡାକୁଛି ପିଲାଟିଦିନୁ । ମୋ ଘର ପାଖରେ ବି ଲେଟି ଯାଇଛି, ଆଉ କେତେ କ'ଣ କହୁଛି, ଖାସ୍ ମୋର ପାଇଁ । ତା'ହେଲେ ଇଏ ବିଦେଶିନୀ ହେଲା କେମିତି ଓ ମୋତେ କିଏ ମନା କରୁଛି ତା' ପ୍ରେମରେ ପଡ଼ିବାକୁ ? କିନ୍ତୁ ଏଇ ଗୋଟିଏ ଆଶୁ କବିତା ଛଡ଼ା ମୁଁ ଆଉ କିଛି ଲେଖିପାରି ନାହିଁ···ଯଦିଓ ଅନେକ କିଛି ଲେଖିବାର ଥିଲା !

ତା'ହେଲେ ଆଜି ପଞ୍ଚଷଠି ବର୍ଷ ବୟସରେ ଜଣେ ସାଧାରଣ ନାଗରିକ ହିସାବରେ ଏବଂ ମାତ୍ର ଗୃହ ପାଞ୍ଚ ମାସ ଝିଅ ଘରେ ରହିବା ପାଇଁ କ୍ୟାନେଡ଼ାକୁ ଯିବାବେଳକୁ ମୁଁ କୋଉ ମୁହଁରେ ଗୋଟିଏ "ଭ୍ରମଣ କାହାଣୀ" ଲେଖିବି ବୋଲି ବସିଛି ? କ୍ଷତିପୂରଣ ? ଅବା କେଉଁ ଏକ ନବଜାଗ୍ରତ ଏବଂ ଅଭିନବ ତାଡ଼ନା ?

ନା, କ୍ଷତିପୂରଣର ସମ୍ଭାବନା ନାହିଁ । ସେବକାର ଅଦମ୍ୟ କୌତୂହଳ ଏବଂ ଆଡ୍‌ଭେଞ୍ଚର୍‌ର ମନୋଭାବକୁ ଆଜି ଫେରାଇ ଆଣି ହେବ ନାହିଁ । ତା'ଛଡ଼ା ବୟସସୁଲଭ ଅକ୍ଷମତା । ଇଚ୍ଛା ଥିଲେ ମଧ୍ୟ ଆଜି କେଉଁ ଗ୍ରୀନ୍‌ଉଇଚ୍ ଭିଲେଜ୍‌ରେ ଖିରାଡିଗିରେ ବୁଲି ହେବ ନାହିଁ ଘଣ୍ଟା ଘଣ୍ଟା ଧରି, କିମ୍ବା ରାତି ଉଜାଗର ହୋଇ କେଉଁ "ଭିନ୍ନ" ନାଇଟ୍ କ୍ଲବ୍‌ର ଅନୁଭବକୁ ସାଇତି ହେବ ନାହିଁ ମନ ଭିତରେ । "ଯାହା ନ ହୋଇଛି ବାଳକାଳେ···"ର ନିଷ୍ଠୁର ସତ୍ୟଟିକୁ ମାନିବାକୁ ପଡ଼ିବ ।

Digitized by srujanika@gmail.com

କିନ୍ତୁ ପ୍ରକୃତିରେ ଗୋଟାଏ ନବଜାଗ୍ରତ ତାଡ଼ନାରୁ ଖସେଇ ହେଉ ନାହିଁ ନିଜକୁ । ମୋର ଗୋଟିଏ ଗପରେ ଥିବା ରୂପକଳ୍ପ ମନେପଡ଼ୁଛି ଯେ ସଞ୍ଜ ହୋଇ ଆସିଲରୁ ହାଟର ଶାଗବିକାଳି ବୁଢ଼ୀ ହଠାତ୍ ଗଳା ଫଟେଇ ପାଟିକରି ଉଠୁଛି— ନିଅ ନିଅ ମୋ ଶାଗ, ତାଜା ଶାଗ, ଶସ୍ତା ଶାଗ··· । କାହିଁକିନା ଅବଳମ୍ବେ ଆଲୁଅ ଲିଭିଯିବ, ଆଉ ତା'ର ଦୟନୀୟ ଶାଗ କେଇ ବିଡ଼ା ରହିଯିବ ତା' ଟୋକେଇରେ । ଅର୍ଥାତ୍ ମୋର ବୋଧହୁଏ ପାଟି କରି କହିବାକୁ ମନ ହେଉଛି ଯେ ଶୁଣିବା ହେଉ, ମୁଁ ଏମିତି ବି' ଲେଖି ଜାଣେ । ଭ୍ରମଣ କାହାଣୀ ନ ହେଲେ ମଧ୍ୟ ବିଦେଶ ଭ୍ରମଣରୁ ଉପୁଜିଥିବା କାହାଣୀ । କାହାଣୀ ମାନେ ଆଳାପ ଆଲୋଚନା । ଏ ଦିଗରେ ମୋର ଦକ୍ଷତା ନ ଥାଇପାରେ, ତଥାପି ମୁଁ ହୁଏତ ଆପଣଙ୍କ ପାଖରେ ପହୁଞ୍ଚି ପାରିବି, ଆପଣଙ୍କୁ କିଛି ନୂଆ କଥା ଶୁଣେଇ ପାରିବି ବୋଲି ମୋର ଆଶା । ବର୍ଣ୍ଣନା-ଗୁରୁତ୍ୱ ନ ଥିଲେ ନାହିଁ, ହୁଏତ ମୁଁ ମୋର ପୂର୍ବାପର ଅବସ୍ଥାର ଓ ଅନୁଭୂତିମାନଙ୍କୁ ନେଇ ବିକ୍ଷିପ୍ତ ଚିନ୍ତାର ବୁଦ୍‌ବୁଦ ତିଆରି କରି ପାରିବି । ତଗି ଫୁଟେଇବାର ଛଳନା କରି ପାରିବି ! ପାରିବି ନାହିଁ ?

ତା'ଛଡ଼ା ଗୋଟିଏ ଦୃଷ୍ଟିରୁ ମୋର ଲୋଭ ହେଉଛି କହିବାକୁ ଯେ, ମୋର ଏଇ ଲେଖାଟି ଯେତେ ସାନ ଓ ଦୁର୍ବଳ ହେଉପଛେ, ଏକ ଅନନ୍ୟ ଅନ୍ତରଙ୍ଗତାରେ ଉଜ୍ଜ୍ୱଳ । କାରଣ ବର୍ତ୍ତମାନ ମୁଁ ଯେଉଁ ବିଦେଶକୁ ଯାଉଛି, ତାହା କେବଳ ଚେନାଏ ପୃଥିବୀ ନୁହେଁ, ଚଢ଼ୁଆଏ ଘର ମଧ୍ୟ । ସେଠି ମୋର ଗୋଟିଏ ଝିଅ ଘର କରି ରହିଛି । ସେ ଜଣେ ବିଦେଶୀକୁ ବାହା ହୋଇଛି ସତ, କିନ୍ତୁ ତା' କୋଳରେ ଯେଉଁ ଦେଢ଼ବର୍ଷର ଶିଶୁଟିଏ ଅଛି, ତା' ନାଆଁ ଶାରଦ, ସେ ମୋର ଅନ୍ୟତମ ନାତି । ଯେଉଁ ପୁଅ ଝିଅ ବିବାହ କିମ୍ବା ବୃତ୍ତିର ବାଧ୍ୟବାଧକତା ହେତୁ ଓଡ଼ିଶାରୁ ଦୂରେଇ ଯାଇ ଆପାତତଃ ଦିଲ୍ଲୀରେ, କଲିକତାରେ, କି ଆଉ କେଉଁଠି ବସା ବାନ୍ଧିଛନ୍ତି, ତାଙ୍କ ସଂସାରର ପୃଥିବୀ ମୋର ଯେତିକି ନିଜର, ଏଇ ଝିଅଟିର ପୃଥିବୀ, ପଶ୍ଚିମ କ୍ୟାନେଡ଼ାର ବ୍ରିଟିଶ୍ କଲମ୍ବିଆରେ ଥିବା ଭ୍ୟାଙ୍କୋଭର୍ ପାଖାପାଖି ନିଉ ୱେଷ୍ଟ୍‌ମିନ୍‌ଷ୍ଟର୍ ସହର ମୋର ସେତିକି ନିଜର ନୁହେଁ କି ? ଏହେତୁ ମୋର ଖେକ୍‌ଠୋକ୍ ନିରପେକ୍ଷ ଚିନ୍ତାଶୀଳତାରେ ଧାପେ ସାପେକ୍ଷତାର ରଙ୍ଗ ଲାଗିଯିବ ନାହିଁ ? ଲାଗିଲେ ସୁନ୍ଦର ଦିଶିବ ନାହିଁ ? ନା,

Digitized by srujanika@gmail.com

ମାନବାକୁ ପଡ଼ିବ ଯେ, କଟକରୁ ଦିଲ୍ଲୀ ଯେତିକି ଦୂର, କଟକରୁ ଭ୍ୟାଙ୍କୋଭର୍ ତା'ଠାରୁ ଅନେକ ବେଶୀ ଦୂର ଏବଂ ଖାଲି ଭୌଗୋଳିକ ଦୂରତ୍ୱରେ ନୁହେଁ, ଅସ୍ମିତାଗତ ସାଂସ୍କୃତିକ ଚେତନାର ବ୍ୟବଧାନରେ ?

ଆଃ, ମୋ ନାତି ଶାରଦର ସୁନ୍ଦର ହସ, ଯାହାକୁ ମୁଁ ସ୍ୱଚକ୍ଷୁରେ ଦେଖି ନାହିଁ ଆଜଯାଏଁ, କ'ଣ ଏଇ ତଥାକଥିତ ଦୂରତ୍ୱକୁ ହସରେ ହସରେ ଉଡ଼େଇ ଦେଇପାରିବ ନାହିଁ ? "କାହାଣୀ"ର ଆରମ୍ଭରେ ମୁଁ ଏଇ ଚ୍ୟାଲେଞ୍ଜ୍‌ଟିକୁ ମଥା ନୋଇଁ ସ୍ୱୀକାର କରୁଛି । ସେଣିକି ବାଗ୍‌ଦେବୀଙ୍କ କୃପା ।

Digitized by srujanika@gmail.com

ତାଙ୍କର ଭିତରୁ ଜଣେ

ଧାଡ଼ି ଲମ୍ବିଛି କେଉଁଠୁ କେଉଁ ଯାଏଁ । ମୋତେ ବି ଠିଆ ହେବାକୁ ପଡ଼ିବ ସେଠି, ସବା ଶେଷ ଲୋକର ପୃଷ୍ଠଦେଶକୁ ଚୁମ୍ବି ? ଧାତ୍, ମୁଁ କଅଣ ପ୍ରାର୍ଥୀ ନା କ'ଣ ମ ? ···ଅବଶ୍ୟ ପ୍ରାର୍ଥୀ, ଯେହେତୁ ତୁ ପ୍ରାର୍ଥନା କରିଛୁ ଯେ ମୋତେ ତୁମ କ୍ୟାନେଡ଼ାକୁ ଯିବାକୁ ଦିଅ । ସତ ନା ମିଛ ? ···ସତ ଯେ, ତେବେ ମୁଁ କ'ଣ ସେମାନଙ୍କ ପରି ହୋଇଛି ? ମୁଁ କଅଣ ହାଇଁପାଇଁ ହେଉଛି ସେଠିକି ଯିବା ପାଇଁ ? ଅଥଚ ଏଇ ଯେଉଁମାନେ ମୋ ସାମ୍ନାରେ ଠିଆ ହୋଇଛନ୍ତି, ଏବଂ ଯେଉଁମାନେ ମୋ ପଛରେ ଭିଡ଼ ହୋଇଗଲେଣି, ସେମାନଙ୍କ ଚେହେରାରୁ ବେଶ୍ ଜଣା ପଡ଼ୁଯାଉଛି ସେମାନେ କେଉଁ ଧରଣର ପ୍ରାଣୀ । ବିକଳିଆ । ଆତୁରିଆ । ଲୋଭି । ଗୋପୀବାବୁଙ୍କ ଗପର "ପିମ୍ପୁଡ଼ି" ପରି ଧାଡ଼ି ଲଗେଇଛନ୍ତି ବିଦେଶ-ସ୍ୱର୍ଗକୁ ଯିବା ପାଇଁ । ଯେଉଁଠି ଜଠର ଜ୍ୱାଳା କମିଯିବ, ହୁଏତ ପୁଳାଏ ମିଳିଯିବ ଅଳ୍ପଦିନ ଭିତରେ । ଅବଶ୍ୟ ଏବେ ଗୋରାମାନେ ବେରୋଜଗାର ସମସ୍ୟା ତଥା ଅନ୍ୟ କାରଣରୁ ତାଙ୍କ ଆଇନ୍‌କାନୁନ୍‌କୁ କଡ଼ା କରି ଦେଲେଣି, ତେଣୁ ଏଣିକି ସେଠି ଆସନ ଜମେଇବା କଷ୍ଟ । କିନ୍ତୁ ତାଙ୍କ ଆଇନ୍‌କୁ ଧପେଇବାର ଉପାୟ ଅଛି । ଯଥା : ମୋ ମାମୁପୁଅ ଭାଇର ମାମୁପୁଅ ଭାଇ ମୋ ନିଜ ଭାଇ ନୁହେଁ ତ ଆଉ କଅଣ ? ସେ ସେଠିକାର ନାଗରିକ, ଆଉ ସେ ମୋତେ ଡାକେଇ ପଠେଇଛି ପରା ! ଥରେ ପଶିଗଲେ ଦେଖାଯିବ···ଏମିତି କେତେ କାରସାଦି । ଡ୍ୟାମ୍ ଇଟ୍ ! ମୁଁ ତାଙ୍କ ପରି

Digitized by srujanika@gmail.com

ନୁହେଁ । ମୋଟେ ନୁହେଁ । ମୁଁ ଜଣେ ଗଣ୍ୟମାନ୍ୟ ବୟସ୍କ ଭଦ୍ରଲୋକ, ମୁଁ ମୋର ସ୍ତ୍ରୀଙ୍କୁ ନେଇ ଯାଉଛି ସେଠିକି, ଆମ ଝିଅ ଜ୍ୱାଇଁ ଓ ଦେଢ଼ବର୍ଷିଆ ନାତିଙ୍କୁ ଦେଖିଆସିବା ପାଇଁ । ମୋତେ କାହିଁକି ଧାଡ଼ିରେ ଠିଆ ହେବାକୁ ପଡ଼ିବ ସେମାନଙ୍କ ସାଙ୍ଗରେ ? ପୁଣି ଏଇ ଦିଲ୍ଲୀର ଖରାରେ, ଘଣ୍ଟା ପରେ ଘଣ୍ଟା ?

ଖରା ବଢ଼ି ଚାଲିଛି, ଧାଡ଼ି ଲମ୍ୱି ଚାଲିଛି, ଆସି ତିନିଘଣ୍ଟା ବିତିଗଲାଣି, କିନ୍ତୁ କ୍ୟାନେଡ଼ିଆନ୍ ହାଇକମିସନ୍‌ର ପଛ ଦରଜା (ଯାହା ଖାସ୍ 'ଭିସା' ପ୍ରାର୍ଥୀମାନଙ୍କ ପାଇଁ ନିର୍ଦ୍ଦିଷ୍ଟ) ପାଖେଇ ଆସିଲାପରି ଲାଗୁ ନାହିଁ । ଅଥଚ ଦରଜାକୁ ଜଗି ରହିଥିବା ଗୋର୍ଖା ଦରଓ୍ୱାନ୍‌ର ଗର୍ଜନ ତର୍ଜନ ଆହୁରି ସ୍ପଷ୍ଟ ହୋଇ ଶୁଭୁଛି । ଥରେ ସେ ଜଣେ ଆଗଚଲା ଉପରକୁ ମାଡ଼ି ଆସିଲା ଠେଙ୍ଗା ଧରି । ସେଇଠୁ ମୁଁ ଆଉ ସହିପାରିଲି ନାହିଁ । ପ୍ରାର୍ଥୀ ବୋଲି କଅଣ ଆମର ଆତ୍ମସମ୍ମାନ ନାହିଁ ? ଏମିତି ବ୍ୟବହାର କରିବ ଆମ ସାଙ୍ଗରେ ? ତୁମ ନିଜକର ହାତରେ ଅପମାନ ଦେବ ?

ହେଲି ଏବେ ମୁଁ ଭିନ୍ନ । ହୁଏତ କାଇଦା ଅନୁଯାୟୀ ମୋ ପାଇଁ ତଥା ମୋ ପରି ଅଳ୍ପ କେତେକ ଭିଜିଟର୍-ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା କଥା । କିନ୍ତୁ ଏକା ଧାଡ଼ିରେ ଅଛୁ ଯେତେବେଳେ, ମୋର ଅଧିକାର ଅଛି ରାଗିବ ମୋର ସମ-ଧାଡ଼ିବାଲାଙ୍କ ପାଇଁ । ରାଗିବା ଉଚିତ । ତେଣୁ ମୁଁ ପାଟିକରି ଉଠିଲି, —ଷ୍ଟୁପିଡ଼୍ ! ନନ୍‌ସେନ୍‌ସ ! ଆଉ କିଛି ପାଟିକୁ ଆସିଲା ନାହିଁ । ମୋ ସାମ୍ନାରେ ଥିବା ଶିଖ୍ ଲୋକଟି ମୋ ସାଙ୍ଗରେ ତାଳଦେଇ କ'ଣ କହିଲା ପରି ମନେହେଲା । ପ୍ରୋତ୍ସାହିତ ହୋଇ ମୁଁ ମୋ ପ୍ରତିବାଦକୁ ବଢ଼େଇବାକୁ ବସିଥିଲି, ଏହି ସମୟରେ ସେ ଆହୁରି ପଦେ ଯୋଡ଼ିଦେଲା । ଯାହାକୁ ଶୁଣିହେଲା, ବୁଝିହେଲା । କହୁଛି, —ଶାଲା ! ତିନି ତିନିଥର ତାକୁ ଫେରେଇ ଦିଆଗଲାଣି, ତଥାପି ଲାଗିଛି ଜୋକ ପରି । ନାଲାଏକ୍ କହିଁକା !

ପ୍ରଥମେ ମୁଁ ଆଶ୍ଚର୍ଯ୍ୟ ହେଲି ତା'ର ଓଲଟା ପ୍ରତିକ୍ରିୟାରେ । ବିରକ୍ତ ହେଲି ଯେ, ସେ ନିଜ ଲୋକଟାକୁ ନେଇ କହୁଛି ଏମିତି ହାଂସୁକୁଟିଆ କଥା । କିନ୍ତୁ ଧୀରେ ଧୀରେ ମୁଁ ହୃଦୟଙ୍ଗମ କରିପାରିଲି ଯେ ଏମିତି ହୁଏ । ହେବା ସ୍ୱାଭାବିକ । ପ୍ରକୃତପକ୍ଷେ ମୋର ଅଧିକାର, ତା'ର ଅଧିକାର, ଧାଡ଼ି ବାନ୍ଧିଥିବା ପ୍ରତ୍ୟେକର ଅଧିକାର ଅଛି ରାଗିବାର, ହସିବାର, କାନ୍ଦିବାର ଏବଂ ପରସ୍ପରକୁ ଛିଗୁଲେଇବାର । ଆମ୍ଭୁଡ଼ାଆମ୍ଭୁଡ଼ି ହେବାର । କାହିଁକିନା ଆମେ କେବଳ

Digitized by srujanika@gmail.com

ପ୍ରାର୍ଥୀ ନୋହୁଁ, ଆମେ କାଙ୍ଗାଳ । ଖାଲି ଏଇ ଧାଡ଼ିର ଲୋକ ନୁହେଁ, ବିଦେଶ-ସ୍ୱର୍ଗରେ ଥୋପାଏ ଅମୃତକୁ ଲାଳେଇଥିବା ସର୍ବସାଧାରଣ ଭାରତୀୟ । ସରକାର ସମେତ । ମାଗନ୍ତା କାଙ୍ଗାଳର ପ୍ରତିଟି ଆବେଗ ଆବ୍‌ସର୍ଡ୍ ହେବାକୁ ବାଧ୍ୟ, ତେଣୁ କ୍ଷମଣୀୟ ।

ଆପଣ ଭାବୁଥିବେ ଯେ, ମୋର ତିକ୍ତତା ମଧ୍ୟ ସ୍ୱାଭାବିକ, ତେଣୁ କ୍ଷମଣୀୟ । ତିକ୍ତତା ଏଇଥିପାଇଁ ଯେ, ମୋ ପରି ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ୁଛି, ଅବସର ପାଇବା ପରେ । ଏମିତି ଖରାରେ ଠିଆ ହେବାକୁ ପଡ଼ୁଛି ଘଣ୍ଟା ଘଣ୍ଟା ଧରି ଓ ଜଣେ ସମଦୁଃଖୀର ମାଡ଼ଖିଆ ଦୃଶ୍ୟ ଦେଖିବାକୁ ପଡ଼ୁଛି । କହିବେ ଯେ ଏଥର ବୁଝ ସର୍ବ-ସାଧାରଣ ଜନତାର ନିତିଦିନିଆ ଦୁଃଖ ଏବଂ ଭଗବାନଙ୍କୁ ଧନ୍ୟବାଦ ଦିଅ ଯେ ଅନ୍ତତଃ ତୁମେ ନିଜେ କିଛି ଅପମାନ ପାଇନାହଁ ଦ୍ୱାରପାଳଠାରୁ । ଇତ୍ୟାଦି ।

ଭୁଲ୍ ! ମୁଁ ନିଜେ ଅପମାନ ପାଇଛି ଏବଂ ମୋର ହୋଧୀ ଇଂରେଜୀ-ହିନ୍ଦୀ ପ୍ରତିବାଦ ଅଡ଼ୁଆତଡ଼ୁଆ ହୋଇଯାଇଛି ତା ସାମ୍ନାରେ । ଅବଶ୍ୟ ସେଦିନ ନୁହେଁ, ତା'ର କେତେଦିନ ପରେ ଏବଂ ପୁଣି ଆଉ କେତେଦିନ ପରେ । କାହିଁକିନା କ୍ୟାନେଡ଼ିଆନ୍ ଇମିଗ୍ରେସନ୍ ଅଫିସରଙ୍କ ପରାମର୍ଶ ଅନୁଯାୟୀ ମୁଁ ଯାଇଥିଲି ଆମର 'ଭିସା' ବିଷୟରେ ବୁଝିବା ପାଇଁ । ପ୍ରଥମଥର ମୋତେ ତାରିଖ ଦିଆ ହୋଇଥିଲା । ଦ୍ୱିତୀୟଥର ଫୋନ୍‌ରେ କୁହା ହୋଇଥିଲା ଯେ "ଭିସା" ହୋଇଯାଇଛି, ଆସିକରି ନେଇଯାଅ । କିନ୍ତୁ ଇତିମଧ୍ୟରେ ଆହୁରି ପ୍ରଚଣ୍ଡ ହୋଇ ଉଠିଥିବା ସୂର୍ଯ୍ୟଙ୍କ ତଳେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଦ୍ୱାରଦେଶରେ ପହୁଞ୍ଚିଲା ପରେ ମୋତେ କୁହାଗଲା ଯେ ଫେରିଯାଅ । ଯାଉଛ ନା ନାହିଁ ? ପଛରୁ ମାଗନ୍ତାମାନେ ପାଟି କରୁଛନ୍ତି,—ଆସୁଛ ନା ନାହିଁ ? ଆମର ଡେରି ହେଉଛି । ଗେଟ୍ ବନ୍ଦ ହୋଇଯିବ ବାରଟା ବାଜିଲେ । ମୋ ଦୋଷ ଭିତରେ ମୋ ହାତରେ ଲିଖିତ ଚିଠା ନାହିଁ । ମୁଁ କହିଲି ମୁଁ ମାଗିଥିଲି, କିନ୍ତୁ ଅଫିସରଜଣକ କହିଲେ ଯେ ଦରକାର ନାହିଁ । ମୁଁ କହିଲି ଫୋନ୍ କରି ବୁଝ, ସତ କି ମିଛ ଜଣାପଡ଼ିବ । ଦରଓ୍ୱାନ୍ ଦାନ୍ତ ଚିକିଡ଼ିଲା । ଯାହାର ଅର୍ଥ— ଯେତେକ ଫନ୍ଦି ଏଇ କାଙ୍ଗାଳି ଭିସାଖୋର୍‌ମାନଙ୍କର ! ଥରେ ନୁହେଁ, ଦି' ଦି'ଥର ହେଲା ଏମିତି ।

Digitized by srujanika@gmail.com

ତେଣୁ ମୋର ତିକ୍ତତା ସ୍ୱାଭାବିକ ବୋଲି ହସି ଉଡ଼େଇ ଦିଅନ୍ତୁ ନାହିଁ । ବ୍ୟକ୍ତିଗତ ଦୃଷ୍ଟିରୁ ଏବଂ ସାଧାରଣ ନାଗରିକ ହିସାବରେ ମଧ୍ୟ କ୍ରୋଧର ଯଥେଷ୍ଟ କାରଣ ଅଛି ମୋ ପାଇଁ ଏବଂ ମୁଁ ଯାହା କହିଲି ଆମର କାଙ୍ଗାଳପଣ କଥା, ପ୍ରକୃତପକ୍ଷେ ତାକୁ କ'ଣ ସାରଶୂନ୍ୟ ବୋଲି କହିବେ ?

ହଁ, ଆମର ଅନେକ କିଛି ଅଛି ସେମାନଙ୍କୁ ଦେବା ପାଇଁ । ବେଦାନ୍ତ ଠାରୁ ଆରମ୍ଭ କରି ଓଡ଼ିଶୀ ଯାଏଁ । କିନ୍ତୁ ନେବାକୁ ଆସୁଛନ୍ତି କେତେଜଣ ? ଆମର କେଉଁ ଦୂତାବାସ ସାମ୍ନାରେ ପିମ୍ପୁଡ଼ିର ଧାର ଲାଗିଛି ଓ ମାଡ଼ଗାଳି ସହିବାକୁ ପଡ଼ୁଛି ? ଏବଂ କର୍ତ୍ତୃପକ୍ଷ ଯେତେ ଯାହା କୁହନ୍ତୁ ପଛେ, ଆମ ସରକାର କଅଣ ହାତ ପତେଇ ନାହିଁ ଉଧାର ନେବା ପାଇଁ ବର୍ଷ ବର୍ଷ ଧରି ? ଯଦିଓ ଦାତାଦେଶ ସହଜେ ଧରାଛୁଆଁ ଦେବାକୁ ନାହିଁ, କହୁଛି ସବୁର୍ କର, ଦେଖିବ ଯେ···

ଏଇ ଦଶବର୍ଷ ତଳେ ମୁଁ ଯେତେବେଳେ ଯାଇଥିଲି ଏଇ ଦପ୍ତରକୁ ମୋ ଝିଅକୁ ନେଇ, ତା'ର ଭିସା କରେଇବା ପାଇଁ, ସେତେବେଳେ ଆମେ ସାମ୍ନା ଫାଟକ ଦେଇ ଯାଇଥିଲୁ, ନିମନ୍ତ୍ରିତ ଅତିଥି ପରି । ସାମ୍ନାସାମ୍ନି ହୋଇ ବସିଥିଲୁ ଇମିଗ୍ରେସନ୍ ଅଫିସର ପାଖରେ, ମଝିରେ କାଚ ପାର୍ଟିସନ୍ ନ ଥିଲା ଏବଂ ଆମେ କେତେ ଖୁସିଗପ ହୋଇଥିଲୁ । କିନ୍ତୁ ଏଇ ଗୋଟିଏ ଦଶନ୍ଧିରେ କ'ଣ ଆମର ସମ୍ପର୍କ ଏତେ ବଦଳିଗଲାଣି "ଉନ୍ନତ" ପୃଥିବୀ ସାଙ୍ଗରେ ? ନା ସ୍ୱାଧୀନତା ଯେତେ ବୁଢ଼ା ହେଉଛି, ଆମର ଗୃହିଦା (ହୁଏତ ତାକୁ କାଙ୍ଗାଳପଣ କହିବା ଅନ୍ୟାୟ) ସେତିକି ବଢ଼ି ଚାଲିଛି, ଏବଂ ତାକୁ ସ୍ୱାଭାବିକ ବୋଲି ମନେ କରିବା ଉଚିତ ?

ଯାହାହେଉ, ମୋତେ କେଉଁ ଏକ ଭବିଷ୍ୟତ ଜନ୍ମର ସ୍ୱପ୍ନ ଦେଖିବାକୁ ଦିଅନ୍ତୁ । ଧାଡ଼ି ଲାଗିଛି ତାଙ୍କ ଦେଶରେ, ଏବଂ ଆମ ଦୂତାବାସ ସାମ୍ନାରେ ଏବଂ ଦ୍ୱାରଦେଶରେ ହାସ୍ୟମୟୀ ସୁନ୍ଦରୀଟିଏ ଠିଆ ହୋଇ ସ୍ୱାଗତ ଜଣାଉଛି ଆଗନ୍ତୁକମାନଙ୍କୁ । ଅବଶ୍ୟ ଇଣ୍ଡିଆନ୍ ଏଆର୍ ଲାଇନ୍‌ସ୍‌ର ହୋଷ୍ଟେସ୍‌ଙ୍କ ପରି ନୁହେଁ, ସେ ଯୁଗର ନାୟିକାଙ୍କ ପରି ।

Digitized by srujanika@gmail.com

ବରିଷ୍ଠ ନାଗରିକ

ମାନିଲେ ଦିଅଁ, ନ ମାନିଲେ ପଥର । ବରିଷ୍ଠ ନାଗରିକ । ଅଥବା ବୁଢ଼ାହାଡ଼ା । ପଚିଶବର୍ଷ ତଳେ ଆମେରିକା ରହଣିରୁ ଫେରିଲା ପରେ ମୁଁ ସେ ଦେଶର ଭଲ ମନ୍ଦ ବିଷୟରେ କହିବାକୁ ଯାଇ ତିନୋଟି ବିଶିଷ୍ଟ ତଥ୍ୟ ଦୋହରେଇ ଆସିଛି, ଫଟା ରେକର୍ଡ଼ର ଘୋଷା ପରି । ଯୋଡ଼ିଏ ଭଲ କଥା : ଏକ—ସମଭାବ; ଶ୍ରେଣୀଗତ ଉଚ୍ଚନୀଚ ଭାବ ପ୍ରାୟ ନାହିଁ କହିଲେ ଚଳେ । ଦୁଇ—ଶ୍ରମଶକ୍ତିର ମର୍ଯ୍ୟାଦା । କିନ୍ତୁ ଗୋଟିଏ ଦୁଃଖର ବିଷୟ—ବୃଦ୍ଧ ଓ ବୃଦ୍ଧାମାନଙ୍କର ଦୁରବସ୍ଥା । ଦୁରବସ୍ଥାର ମୁଖ୍ୟ କାରଣ ହେଲା ଏଇ ଯେ, ବୁଢ଼ା ହେଲେ ତୁମେ ନିତାନ୍ତ ଏକୁଟିଆ ହୋଇ ରହିବାକୁ ବାଧ୍ୟ । ଘରେ ଏକୁଟିଆ ରହି ନ ପାରିଲେ "ବୃଦ୍ଧାଳୟ"କୁ ଯାଅ । ହୁଏତ ତୁମ ପିଲାମାନେ ତା'ର ଖର୍ଚ୍ଚ ତୁଲେଇବେ । ବାର୍ଦ୍ଧକ୍ୟବୀମାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଯେତେ ବୁଢ଼ାହାଡ଼ା ହେଲେ ମଧ୍ୟ ପରିବାର ଗହଣରେ ବସି ରହିବ ଅଣ୍ଟା ହୋଇ ଏବଂ ଦାରୁବ୍ରହ୍ମର ସମ୍ମାନ ପାଇବ, ଭାରତର ସେଇ ସାଂସ୍କୃତିକ ଦୃଶ୍ୟ ତୁମ ଭାଗ୍ୟରେ ନାହିଁ । ଯେହେତୁ ତୁମ ସ୍ୱାଧୀନ ପୃଥିବୀର ମୂଳପିଣ୍ଡ ହେଲା ସ୍ୱାଧୀନ ବ୍ୟକ୍ତି, ପରିବାର ନୁହେଁ । ସତ ନା ମିଛ ?

ଆଜି ଏତେବର୍ଷ ପରେ ଆମେରିକା ଭୂଖଣ୍ଡର ଆଉ ଗୋଟିଏ ଅଞ୍ଚଳକୁ ଆସି ମୋତେ ମୋ ସ୍ୱର ବଦଳେଇବାକୁ ପଡ଼ୁଛି, ତା ନୁହେଁ । କିନ୍ତୁ ଦେଖୁଛି ତା' ସାଙ୍ଗକୁ ଆଉ ଗୋଟିଏ ସ୍ୱର ଖଞ୍ଜିଦେବାକୁ ପଡ଼ିବ, ନ ହେଲେ ସତ୍ୟର ଅପଳାପ ହେବ । ସେଥିରେ ସ୍ୱରଭଙ୍ଗ ହେଉ କି ସମନ୍ୱୟ । ଏବକୁ

Digitized by srujanika@gmail.com

ବ୍ୟକ୍ତି ସ୍ଥାନଚ୍ୟୁତ ହୋଇନାହିଁ । ଆଦୌ ନୁହେଁ । ବରଂ ନାନା କାରଣରୁ ଦାମ୍ପତ୍ୟର ସ୍ଥାୟିତ୍ୱ ଓ ମର୍ଯ୍ୟାଦା ଆହୁରି କମିଗଲାଣି, ତେଣୁ ଗୋଟିକିଆ ବୃଦ୍ଧ ଅଥବା ବୃଦ୍ଧାର ନିଃସଙ୍ଗ ବୈଯ୍ୟକ୍ତିକତା ଆହୁରି ସୁଦୃଶ୍ୟ ହୋଇ ଉଠିଛି । କିନ୍ତୁ ମୋର ମନେହୁଏ ଯେ ଏବେ ପରିବାର ନ ହେଲେ ମଧ୍ୟ ସମାଜ ତାଙ୍କୁ ଅଧିକ ବିଶେଷ ସମ୍ମାନ ଦେଉଛି । ତାଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଜାଗ୍ରତ ତଥା ସସ୍ନେହ ଦୃଷ୍ଟି ଦେଉଛି । ତାଙ୍କୁ ଦେଖି ବାର୍ଦ୍ଧକ୍ୟପଥରେ ବେଶ୍ କେତୋଟି ପାଦ ବଢ଼େଇ ସାରିଥିବା ବିମୀତ ଲେଖକର ଗୁଡି ଫୁଲି ଉଠିବ ଅଳ୍ପ ବହୁତ, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ଏଇଠି ମୋର ଗୋଟିଏ ମଜାକଥା ମନେପଡ଼ୁଛି ନିଜକୁ ନେଇ । ଗତବର୍ଷ ଫେବୃଆରୀ ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଆନୁକୂଲ୍ୟରେ ମୁଁ ଗୋଟିଏ ପ୍ରବନ୍ଧ ପଢ଼ିଥିଲି ବାଣୀବିହାରରେ । ସେତେବେଳକୁ ମୋତେ ପଞ୍ଚଷଠି ବର୍ଷ ପୂରି ନ ଥାଏ, ଅର୍ଥାତ୍ ମୁଁ ସର୍ବଜନସମ୍ମତ ବାର୍ଦ୍ଧକ୍ୟର ଦ୍ୱାରଦେଶରେ ପହୁଞ୍ଚି ନ ଥାଏ । ପାଶ୍ଚାତ୍ୟ ଦେଶମାନଙ୍କର ନିୟମ ଅନୁଯାୟୀ ଅବସର ନେବାର ସମୟ ମଧ୍ୟ ହୋଇ ନ ଥାଏ । ଅବଶ୍ୟ ସଭାରେ ତରୁଣ ଗ୍ରୀନଗ୍ରୀନଙ୍କ ସଂଖ୍ୟା ସ୍ୱଭାବତଃ ଅଧିକ ଥିଲା । ଏହେତୁ ପ୍ରବନ୍ଧ ପଢ଼ି ସାରିଲା ପରେ ମୁଁ ଯେତେବେଳେ ସେମାନଙ୍କୁ ନିମନ୍ତ୍ରଣ କଲି କିଛି ପ୍ରଶ୍ନ ପଚାରିବା ପାଇଁ, ମୋର ସେମାନଙ୍କ ତରୁଣସୁଲଭ ଚପଳତା ପ୍ରତି ସାବଧାନ ହୋଇ ରହିବା ଉଚିତ ଥିଲା । କିନ୍ତୁ କେଜାଣି କାହିଁକି, ମୁଁ ସେମାନଙ୍କର ବିଦ୍ୟାଗତ ବିଜ୍ଞତା ଉପରେ ଅଧିକ ଗୁରୁତ୍ୱ ଦେଲି । ସେଇଲାଗି ମୋ ପାଟି ଖନି ବାଜିଗଲା ଯେତେବେଳେ ମୋତେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା,—

"ସାର୍, ବୁଢ଼ା ହେଲାପରେ ଆପଣ ସମୟ ବିତାଉଛନ୍ତି କେମିତି ?"

ଅପ୍ରସ୍ତୁତ ହେବାର ମୁହୂର୍ତ୍ତ କଟିଗଲା ପରେ ମୁଁ ହୁଏତ ଦାନ୍ତ ଗିଜିଡ଼ି କହି ଥାଆନ୍ତି, "ଲେଖକ ବୁଢ଼ା ହେଲେ କ'ଣ ଲେଖାଲେଖି ବନ୍ଦ କରିଦିଏ ?" କିନ୍ତୁ ସଭାପତି ଓ ମୋର ସହପାଠୀ ବନ୍ଧୁ ପ୍ରଫେସର ବିଧୁଭୂଷଣ ମୋ ତରଫରୁ କହିଲେ, "ପଢ଼ିବା ଓ ଲେଖିବା ଛଡ଼ା ଉପଯୋଗୀ କାମ ଆଉ କ'ଣ ଅଛି ବୃଦ୍ଧ ବୁଦ୍ଧିଜୀବୀଙ୍କ ପାଇଁ ?" ଧନ୍ୟବାଦ । ବୁଦ୍ଧିଜୀବୀ ଦଳରେ ସାମିଲ ହୋଇଯିବାରୁ ମୋତେ ଲେଖକୀୟ "ସ୍ୱର୍ଗରେ ଡିଙ୍କିକୁଟାପଣ"ର ଅସହାୟତା ଶୁଣାଇବାକୁ ପଡ଼ିଲା ନାହିଁ । ହେଲେ ମୁଁ ଧୀରେ ଧୀରେ ବୁଝିପାରିଲି ଯେ,

Digitized by srujanika@gmail.com

ପ୍ରଶ୍ନକର୍ତ୍ତାର ପ୍ରଶ୍ନ ଅବାନ୍ତର ନୁହେଁ । କାରଣ ଆମ ସମାଜର ଅନେକେ ଧରି ନିଅନ୍ତି ଯେ, ଏଣିକି ବୁଢ଼ାର ଚଳନ ହୋଇଯିବା ବିଧେୟ, ତା'ର ଉଚ୍ଚାରଣ-ପ୍ରବଣତା ଯେଉଁ ପ୍ରକାର ହେଉ ନା କାହିଁକି । "ଏଣିକି"ର ସୀମାରେଖା ପଞ୍ଚାବନ କି ପଅଁଷଠି ସେଥିରେ ଯାଏ ଆସେ ନାହିଁ । ମଧ୍ୟବୟସ ସରୁ ନ ସରୁଣୁ ସ୍ଥିର କରିବାକୁ ହେବ ଯେ, ମୋ ସିଜୁବାଡ଼ି ଏଇଯାଏଁ, ନ ହେଲେ ବିପଦ । ମୋର ନିବେଦନ ଏତିକି ଯେ ବାବୁ, ମୋର ସମସ୍ତ ପ୍ରବଣତା ତଥା ପ୍ରକ୍ରିୟାର ଧାରା କ୍ରମଶଃ ଶୁଖି ଆସୁଛି, ଏବଂ ଦିନେ ଶୁଖି ଶୁଖି ସରିଯିବ, ଯେତେବେଳେ ମୁଁ ଆପେ ଆପେ ତୂନି ହୋଇଯିବି । କିନ୍ତୁ ତା' ଆଗରୁ ମୋତେ ସେଆଡ଼କୁ ପେଲିବା ନିହାତି ଅନ୍ୟାୟ, କହିବାକୁ ଗଲେ ନିଷ୍ଠୁର ନୁହେଁ କି ? ହେଲି ଏବେ ମୁଁ ଆଗଭଳି ଭଲ ଲେଖିପାରୁ ନାହିଁ, ତା' ବୋଲି ମୁଁ କି'ଣ ମୋ ସୃଜନାତ୍ମକ ଆନନ୍ଦର ଅଯୋଗ୍ୟ ? ଏପରିକି, ଲେଖକର ତଥାକଥିତ ଅବନତିରୁ କି'ଣ କିଛି ଖୋରାକ ମିଳିବ ନାହିଁ ତୁମକୁ, ଆଳାପ-ଆଲୋଚନା ପାଇଁ ? ମୁଁ ଅଯଥାରେ ଅଭିମାନ କରୁଛି ବୋଲି ଭାବନ୍ତୁ ନାହିଁ । ଏଇ ଗତବର୍ଷ ମୋର ଆଖିରେ ପଡ଼ିଲା ଯେ ଜଣେ ପାଠକ ଗୋପୀନାଥ ମହାନ୍ତିଙ୍କ ଲେଖା ଉପରେ ଆକ୍ଷେପ କରି ପତ୍ରିକା ବିଶେଷର ସମ୍ପାଦକ ମହୋଦୟଙ୍କୁ ଦି'ପଦ ଖାରା କଥା ଶୁଣେଇଛନ୍ତି 'ଚିଠିପତ୍ର' ସ୍ତମ୍ଭର ଜରିଆରେ । ସାହିତ୍ୟର ମଙ୍ଗଳ ତଥା ପତ୍ରିକାର ମର୍ଯ୍ୟାଦା ଦୃଷ୍ଟିରୁ ବୁଢ଼ା ଲେଖକମାନଙ୍କୁ ନମସ୍କାରପୂର୍ବକ ଦୂରେଇ ରଖିଲେ ଭଲ । ଗୋପୀବାବୁଙ୍କର ତ ଏଇ ଦଶା, ଆଉ କାହା କଥା କି'ଣ କହିବା !

ମୋଟ ଉପରେ ଆମ ସମାଜ ବୁଢ଼ାମାନଙ୍କୁ ହୁଏତ ସମ୍ମାନ ଦିଏ ଖଟୁଲିରେ ଥୋଇ ପୂଜା କଲା ପରି, କିନ୍ତୁ ଚାହେଁ ନାହିଁ ଯେ ସେମାନେ ଭିତର ଘର କି ମଝି ଅଗଣାକୁ ଆସନ୍ତୁ, ଯେଉଁଠି କାମ ଚାଲିଛି । ସତେକି ସେମାନେ ତାଙ୍କ ଅସନା ନଡ଼ବଡ଼ିଆ ହାତ ଲଗେଇବେ ଏଥିରେ ସେଥିରେ, ପିଲାଙ୍କ ପରି, ଏବଂ ସେହେତୁ କାମ ଭଣ୍ଡୁର ହୋଇଯିବ ।

ଏଇଠି ଦେଖିଲି ପ୍ରଭେଦ । ଏଠି ବୁଢ଼ାମାନଙ୍କୁ ପ୍ରୋତ୍ସାହିତ କରାଯାଏ କାମ କରିବା ପାଇଁ । ଯେକୌଣସି ଆଞ୍ଚଳିକ ଅବା ନାଗରିକ ସମ୍ପ୍ରଦାୟର ଯୋଜନାରେ କେବଳ ତାଙ୍କ ପରାମର୍ଶ ଅବା ଆଶୀର୍ବାଦ ମଗାଯାଏ ନାହିଁ, ତାଙ୍କୁ ଅନୁରୋଧ କରାଯାଏ କିଛି ଗୋଟାଏ କାମର ଦାୟିତ୍ୱ ତୁଲେଇବା

Digitized by srujanika@gmail.com

ପାଇଁ । ତା'ଛଡ଼ା ତାଙ୍କୁ ବିଶିଷ୍ଟ ସୁବିଧା ସୁଯୋଗ ଦିଆଯାଏ ଆପଣା ରୁଚି ଅନୁଯାୟୀ ବିଭିନ୍ନ ବିଦ୍ୟା ହାସଲ କରିବା ପାଇଁ, ବିଭିନ୍ନ ଧନ୍ଦା, ହୁଏତ ଲଘୁ ଧନ୍ଦାରେ ଯୋଗଦେବା ପାଇଁ, ଯଦି ସେ ଦିଗରେ କିଛି ଅବ୍‌ଶୋଷ୍ ରହି ଯାଇଥାଏ ତାଙ୍କ କାର୍ଯ୍ୟକାଳ ଭିତରେ । ଅଧିକା ପାଠ ପଢ଼ିବାକୁ ଚାହଁ ? ଛବି ଆଙ୍କିବାକୁ ଚାହଁ ? ଗିଟାର୍ ବଜେଇବାକୁ ଚାହଁ ? ଅନ୍ୟ ବୁଢ଼ାମାନଙ୍କ ଯନ୍ତ୍ରପାତି ଆସବାବପତ୍ର ମରାମତି କରିବାକୁ ଚାହଁ ? ଏହି ପ୍ରକାର ନାନାଦି କାମ ତାଙ୍କ ହାତପାଆନ୍ତାକୁ ଆଣିଦେବାର ବ୍ୟବସ୍ଥା ରହିଛି ବିଭିନ୍ନ ସଂସ୍ଥା ତରଫରୁ । ଦରକାର ହେଲେ କିଛିଟା କାଠଗୁଁଠ କରି, ଯେମିତିକି ତୁମେ ହାଁପେଇବ ନାହିଁ । ସଂସ୍ଥା ବ୍ୟତୀତ ବ୍ୟକ୍ତିବିଶେଷ ମଧ୍ୟ ନିଜକୁ ଉପସ୍ଥାପିତ କରନ୍ତି ଖବର କାଗଜ ଜରିଆରେ, ଫଟୋ, ଠିକଣା ଓ ଫୋନ୍ ନମ୍ବର ଦେଇ, ଏବଂ ପଚାରନ୍ତି ବରିଷ୍ଠ ନାଗରିକମାନଙ୍କୁ— ମୁଁ ତୁମର କିଛି ସାହାଯ୍ୟ କରିପାରେ କି ?

ଖାଲି ସାହାଯ୍ୟ ନୁହେଁ, ସେବା । ବାର୍ଦ୍ଧକ୍ୟ, ରୋଗ ବଇରାଗ ତଥା ଶେଷ ଜୀବନର ଯାବତୀୟ ଦୁଃଖ ଦୈନ୍ୟର ଉପଶମ ପାଇଁ । କୁକୁରକୁ ବୁଲେଇ ନେବାର ସାନ ସାମାନ୍ୟ କାମଠାରୁ ଆରମ୍ଭ କରି ବ୍ୟାଙ୍କ୍ ଆଦି ଅନୁଷ୍ଠାନରୁ ଟଙ୍କା ଉଧାର ନେବାର, କର୍ତ୍ତୃପକ୍ଷଙ୍କୁ ବିଧେୟ ଟିକସ ଦେବାର, କିଣିବା ପାଇଁ କି ଭଡ଼ା ନେବା ପାଇଁ ଘର ଖୋଜିବାର, ଇତ୍ୟାଦି ବିଭିନ୍ନ ସାଂସାରିକ ଦାୟିତ୍ୱକୁ ସୁରୁଖୁରୁରେ ତୁଲେଇ ନେବା ପାଇଁ ଏବଂ କୌଣସି ଅଭାବ ଅସୁବିଧା ଥିଲେ ତା'ର ଉପାୟ କରିବା ପାଇଁ । ଯଥା, ତୁମେ ଘର-ଟିକସ ଦେଇପାରୁ ନାହଁ ମ୍ୟୁନିସିପାଲିଟିକୁ । ଚିନ୍ତା ନାହିଁ, ସେଥିପାଇଁ ଉଧାର ମିଳିବ ପ୍ରାଦେଶିକ ସରକାରଙ୍କଠାରୁ, ସୁଧ ବେଶି ନୁହେଁ । ତୁମେ ନ ଶୁଝି ପାରିଲେ ତୁମ ଉତ୍ତରାଧିକାରୀମାନେ ଶୁଝିବେ । ତୁମର ମୁଣ୍ଡ ବିଥେଇବା ଦରକାର ନାହିଁ । ବାକି ରହିଲା ମାନସିକ ରାଜ୍ୟର ମୁଣ୍ଡବିଥା । ନିଃସଙ୍ଗତା ଆଦି । ସେ ଦିଗରେ ମଧ୍ୟ ତୁମେ ଆମ ଚଉଡ଼ା ଛାତି ଉପରେ କାନ୍ଦିପାରି । ଏପରିକି, ଯେତେ କୃତ୍ରିମ ମନେହେଲେ ମଧ୍ୟ ମୃତ୍ୟୁଜନିତ ଶୋକକୁ ହାଲୁକା କରିବାର ବ୍ୟବସ୍ଥା ରହିଛି ସମାଜ ତରଫରୁ !

ଏବଂ ରିହାତି । ପ୍ରାୟ ସମସ୍ତ ସରକାରୀ ଓ ସାର୍ବଜନୀନ ଅନୁଷ୍ଠାନ, ଯଥା ପବ୍ଲିକ୍ ଲାଇବ୍ରେରୀ, ମ୍ୟୁଜିୟମ୍, ପ୍ରଦର୍ଶନୀ ଇତ୍ୟାଦିରେ ବରିଷ୍ଠ

Digitized by srujanika@gmail.com

ନାଗରିକମାନଙ୍କୁ ଆଖିଦୁରୁଶିଆ ରିହାତି ମିଳେ । ସରକାରୀ ପରିବହନ ସଂସ୍ଥାର ବସ୍, ଟ୍ରେନ୍ ଓ ଷ୍ଟିମର୍‌ରେ ଯାତାୟାତ କରିବାର ଟିକେଟ୍ ପ୍ରାୟ ଅଧା ଦାମ୍‌ରେ ମିଳେ ଏବଂ ବିଶେଷ ସନ୍ଦେହର କାରଣ ନ ଥିଲେ ସେମାନେ ବରିଷ୍ଠତାର ପ୍ରମାଣପତ୍ର ମଧ୍ୟ ଦେଖିବାକୁ ଚାହାଁନ୍ତି ନାହିଁ । ଏଠି ଆସି ପହଞ୍ଚିବାର ପ୍ରାୟ ମାସକ ଭିତରେ ଏକାଧିକ ଲାଭ ହେଲାଣି ମୋର ଏ ବାବଦରେ, ମୋର ଶୁକ୍ଳକେଶ ହେତୁ । ଥରେ O' Keefe Ranch ବୋଲି ଗୋଟିଏ ତଥାକଥିତ ଐତିହାସିକ ମ୍ୟୁଜିୟମ୍‌ରେ ହାସ୍ୟମୟୀ ଦ୍ୱାରପାଳିକା ଆମକୁ ଜଣାଇଲେ ଯେ, ମୁଁ ଯଦି ଜଣେ ବରିଷ୍ଠ ନାଗରିକ ହୋଇଥାଏ, ଯଦିଓ ମୁଁ ସେମିତି ଦେଖାଯାଉ ନାହିଁ, ତା'ହେଲେ ପ୍ରବେଶିକା ଫିସ୍ ଅଧା ହୋଇଯିବ ଏବଂ ମୁଁ ଯେତେବେଳେ କହିଲି ଯେ ଦୁଃଖର ବିଷୟ, ମୁଁ ବରିଷ୍ଠ, ସେ ମିଛିମିଛିକା ସହାନୁଭୂତି ଦେଖାଇ ତତ୍‌କ୍ଷଣାତ୍ ମୋର ବକ୍ତବ୍ୟକୁ ସ୍ୱୀକାର କରିନେଲେ । କୌତୂହଳପ୍ରଦ ଅନୁଭୂତିର ଆଉ ଗୋଟିଏ ନମୁନା ଦେଉଛି । ଏଠିକା ପବ୍ଲିକ୍ ଲାଇବ୍ରେରୀରୁ ବହି ଆଣିଥିଲି ପଢ଼ିବା ପାଇଁ, ଯାହାକୁ ନିର୍ଦ୍ଧାରିତ ସମୟ-ସୀମା ଭିତରେ ଫେରାଇ ହେଲା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ କଥା, ମୋତେ ବିଧିବଦ୍ଧ ଜୋରିମାନା, ଏପରିକି ନାମମାତ୍ର ଜୋରିମାନା ମଧ୍ୟ ଦେବାକୁ ପଡ଼ିଲା ନାହିଁ, କାହିଁକିନା ଲାଇବ୍ରେରୀ କାର୍ଡ୍‌ରେ ଲେଖେଇଥିବା ଜନ୍ମ ତାରିଖରୁ ଦେଖାଗଲା ଯେ, ମୁଁ ଜଣେ ବରିଷ୍ଠ ନାଗରିକ ! ମୋ ସ୍ତ୍ରୀ ମୋତେ ପରିହାସ କରି କହିଲେ ଯେ, ବୁଢ଼ାମାନଙ୍କ ସ୍ମରଣଶକ୍ତି କମିଯିବା ସ୍ୱାଭାବିକ, ସେଇଥିପାଇଁ ଏହି ବିଶେଷ ବ୍ୟବସ୍ଥା କରାଯାଇଛି । କେବଳ ସରକାରୀ ଓ ସାର୍ବଜନୀନ ଅନୁଷ୍ଠାନ ନୁହେଁ, ଅନେକ ବ୍ୟବସାୟିକ ସଂସ୍ଥା, ଯଥା : ଦୋକାନ, ହୋଟେଲ, ରେସ୍ତୋରାଁ ଇତ୍ୟାଦିରେ ମଧ୍ୟ ବରିଷ୍ଠ ନାଗରିକମାନଙ୍କୁ ଶତକଡ଼ା ଦଶରୁ ପଚିଶ ହାରରେ ରିହାତି ମିଳେ । କେତେ ଜାଗାରେ ସପ୍ତାହର ଗୋଟିଏ ଯୋଡ଼ିଏ ଦିନ ନିର୍ଦ୍ଧାରିତ ହୋଇଥାଏ ଖାସ୍ ସେମାନଙ୍କ ପାଇଁ ।

ସ୍ଥଳବିଶେଷରେ ସୁବିଧା ସୁଯୋଗର ବ୍ୟବସ୍ଥା ବା ରିହାତିର ପରିମାଣ ଯାହାହେଉ ନା କାହିଁକି, ଅସଲ କଥା ହେଲା ଏଇ ସକ୍ରିୟ ସଚେତନତା ବୁଢ଼ାମାନଙ୍କୁ ନେଇ । ଏମାନେ କେବଳ ନମସ୍ୟ ନୁହଁନ୍ତି, ଏମାନଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ । ସେଦିନ ଦେଖିଲି,

Digitized by srujanika@gmail.com

ଏଠିକାର ସାଇମନ୍ ଫ୍ରେଜର୍ ୟୁନିଭର୍ସିଟୀ ଖବରକାଗଜରେ ଗୋଟିଏ ବିଜ୍ଞାପନ ଦେଇଛନ୍ତି ଯେ ଆସନ୍ତାବର୍ଷ ତାଙ୍କର ବିଭିନ୍ନ ପାଠ୍ୟକ୍ରମ ଏହି ପ୍ରକାର, ଯେଉଁଥିପାଇଁ ଏତିକ ଲେଖାଏଁ 'କ୍ରେଡ଼ିଟ୍' ମିଳିବ । ସେଥିରେ ବାର୍ଦ୍ଧକ୍ୟବିଜ୍ଞାନ ଉପରେ ମଧ୍ୟ ଗୋଟିଏ ପାଠ୍ୟକ୍ରମର ବ୍ୟବସ୍ଥା ରହିଛି, ଯେଉଁଥିରେ ନିର୍ଦ୍ଦିଷ୍ଟ କ୍ରେଡ଼ିଟ୍ ଏବଂ ଯଥାକ୍ରମେ ଡିପ୍ଲୋମା ମିଳିବ ବୋଲି କୁହାଯାଇଛି । ସେଇଠୁ ମୁଁ ବୁଝିଲି ଯେ ଏଠି ବାର୍ଦ୍ଧକ୍ୟବିଜ୍ଞାନ ଖାଲି ଚିକିତ୍ସା-ବିଜ୍ଞାନର ଚିରୁଡ଼ାଏ ନୁହେଁ, ସମାଜବିଜ୍ଞାନର ଏକ ବିଶିଷ୍ଟ ଅଙ୍ଗ । ଚିକିତ୍ସା-କ୍ଷେତ୍ରରେ ଅବଶ୍ୟ ତା'ର ପ୍ରତିଷ୍ଠା ଆହୁରି ଅଧିକ । ଯଥା— ଏବେ ବ୍ରିଟିଶ୍ କଲମ୍ବିଆର ଡାକ୍ତରଖାନାମାନଙ୍କରେ ନର୍ସ୍‌ମାନଙ୍କ ଧର୍ମଘଟ ଚାଲିଛି । ତେଣୁ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବରେ କେତେକ ନର୍ସ୍‌ଙ୍କୁ ନିଯୁକ୍ତ କରିବାର ବିଜ୍ଞାପନ ଦେଇଛନ୍ତି । ସେଥିରେ ଯୋଗ୍ୟତା ହିସାବରେ କୁହାଯାଇଛି ଯେ ପ୍ରାର୍ଥୀ-ମାନଙ୍କର ବରିଷ୍ଠ ନାଗରିକମାନଙ୍କ ସେବା ଶୁଶ୍ରୂଷା ଦିଗରେ ଯଥେଷ୍ଟ ଜ୍ଞାନ ଓ ଅଭିଜ୍ଞତା ଥିବା ଆବଶ୍ୟକ । ସଚେତନତାର ଆଉ ଗୋଟିଏ ପରିଚୟପତ୍ର ପାଇଲି ସେଦିନ । ଦେଖିଲି ଯେ କେବଳ ନିଉ ଓ୍ୱେଷ୍ଟମିନ୍‌ଷ୍ଟର୍ ଓ ତା'ର ପାଖାପାଖି ବର୍ଣ୍ଣାବି ସହରରେ ଥିବା ବୁଢ଼ାବୁଢ଼ୀମାନଙ୍କ ପାଇଁ ନିର୍ଦ୍ଧାରିତ ସୁବିଧା ସୁଯୋଗର ସଂକଳନ କରାଯାଇଛି **Community Resoures Directory for Senior Citizens** ନାମକ ଗୋଟିଏ ବାର୍ଷିକ ପତ୍ରିକାରେ । ପତ୍ରିକାଟି ବେଶ୍ ଓଜନିଆ ଓ ଆଖିଦୁରୁଶିଆ । ସେଥିରେ କ୍ରୀଡ଼ାକଉତୁକରୁ ଆରମ୍ଭ କରି ସମାଜସେବା, ସ୍ୱାସ୍ଥ୍ୟ, ଧର୍ମୋପଚାର ଇତ୍ୟାଦି ନାନା ବିଷୟରେ ବରିଷ୍ଠ ନାଗରିକମାନଙ୍କର ଜ୍ଞାତବ୍ୟ ବିଷୟମାନ ରହିଛି । ପରେ ଜାଣିବାକୁ ପାଇଲି ଯେ, ଅନ୍ୟାନ୍ୟ ସହରମାନଙ୍କରେ ମଧ୍ୟ ଏହି ପ୍ରକାର ପତ୍ରିକା ପ୍ରକାଶିତ ହୁଏ ଏବଂ ଯେ ଚାହିଁବ, ତାକୁ ମାଗଣା ମିଳେ । ବୋଧହୁଏ କେହି ବୁଢ଼ା ନ ଥିବେ, ଯାହାକୁ କୌଣସି ନା କୌଣସି ଫାଇଦା ବା ଆନନ୍ଦର ସୂଚନା ମିଳିବ ନାହିଁ ଏହି ପତ୍ରିକାରୁ ।

ପ୍ରଶ୍ନ ଉଠିପାରେ— ଆଃ ! କେଉଁ ଦୁଧଖିଆ ବୋତଲ ମାତୃସ୍ତନର ସ୍ଥାନ ନେଇ ପାରିବ ? କେଉଁ ଯନ୍ତ୍ରାନ୍ୱିତ ସମାଜ ବା ଅନୁଷ୍ଠାନ, ତା'ର ସାମୂହିକ ଛାତି ଯେତେ ଚଉଡ଼ା ହେଉ ପଛକେ, ପରିବାରର ବିକଳ୍ପ ହୋଇପାରିବ ? ସତକଥା । ହୁଏତ ଇଏ ବି ଗୋଟାଏ କାଇଦା । ସମାଜ

Digitized by srujanika@gmail.com

ଜରାଆରେ ବ୍ୟକ୍ତିକୁ ଦୋଷମୁକ୍ତ କରିବାର ଉପାୟ, ଯେମିତିକି ତାଙ୍କୁ ମରଣୋତ୍ତର ଶୁଣାଣିରେ ବାପ ମାଆଙ୍କୁ ହତାଦର କରିବାର କୈଫିୟତ ଦେବାକୁ ପଡ଼ିବ ନାହିଁ । କିନ୍ତୁ ଆମ ସମାଜ ପରିବାରର ବିକଳ୍ପ ନ ହେଲେ ମଧ୍ୟ ପରିପୂରକ ହୋଇପାରିବ ନାହିଁ, ଅଥବା ହେବା ଉଚିତ ନୁହେଁ, ଏଭଳି ବକ୍ତବ୍ୟ ଏକାନ୍ତ ସାରଶୂନ୍ୟ ନୁହେଁ କି ? ବିଶେଷତଃ ନାନାଦି କାରଣରୁ ଯୌଥ ପରିବାର ପ୍ରାୟ ଭାଙ୍ଗିଯାଇଥିଲା ବେଳେ, ଏବଂ ଅର୍ଥନୈତିକ ପରିସ୍ଥିତି ଅଧିକରୁ ଅଧିକ ଜଟିଳ ହେଉଥିବା ବେଳେ, ସମାଜର କ'ଣ ଅଳ୍ପ ବହୁତ ଦାୟିତ୍ୱ ନାହିଁ ପରିବାରକୁ ସାହାଯ୍ୟ କରିବ ଏ ଦିଗରେ ? ନା ଉଦାସୀନ ତଥା ଅଭାବଗ୍ରସ୍ତ ପରିବାର ହାତରୁ ପୂଜା ପାଇବା ହିଁ ବୁଢ଼ା ବୁଢ଼ୀଙ୍କର ପାଉଣା ଓ ସୌଭାଗ୍ୟ ?

ହେଲେ "ବୃଦ୍ଧ ପ୍ରେମ"ର ଗୋଟାଏ ହାଲୁକା ଦିଗ ମଧ୍ୟ ରହିଛି, ଯାହାକୁ ଅଧାସତ ବୋଲି କୁହାଯାଇପାରେ । ଟି.ଭି. ଦେଖିଲାବେଳେ ମୋ ଝିଅ ଥରେ ମୋତେ କହିଲା, —"ବାପା, ମନେପଡ଼ୁଛି ଆମେ ଆମେରିକାରେ ଥିଲାବେଳେ ଏଇ ଧୂନ୍ କେମିତି ଲୋକପ୍ରିୟ ହୋଇଥିଲା ? ଆଜ ସେଇ ପୁଣି ଫେରି ଆସିଛି । ଏମିତି ଆହୁରି କେତେ ଧୂନ୍ । କାହିଁକି ଜାଣିଛ ? କାହିଁକନା ସେତେବେଳର ଟୋକାଟୋକୀ ବୁଢ଼ାବୁଢ଼ୀ ହେଲେଣି ଏଇକ୍ଷଣି । ଏବଂ ବର୍ତ୍ତମାନ ଏଠିକା ବୁଢ଼ାବୁଢ଼ୀଙ୍କ ସଂଖ୍ୟା କେତେ ଜାଣିଛ ? ଶତକଡ଼ା ତିରିଶରୁ କମ୍ ନୁହେଁ ! ଅତଏବ ସେଇମାନଙ୍କୁ ଯେମିତି ହେଲେ ଖୁସ୍ କରି ତାଙ୍କଠୁ ପଇସା ଝଡ଼େଇବାର କଥା । ଆମକୁ ପଚାରୁଛି କିଏ ?

ହେଲେ ହୋଇଥିବ । କିନ୍ତୁ ମୁଁ ତା' କଥାରେ ପଡ଼ି ମୋର ଉଚ୍ଚ ଆସନରୁ ଓହ୍ଲେଇ ଆସିବି, ତା' ହେବ ନାହିଁ । ଆଜ ଦେଖିଲି ଖବର କାଗଜରେ ଗୋଟିଏ ବିଜ୍ଞାପନ ବାହାରିଛି "Harmony Barbers" ନାମକ ଗୋଟିଏ ବାଳକଟା ସେଲୁନ୍ ତରଫରୁ ଯେ, ପ୍ରାପ୍ତବୟସ୍କମାନଙ୍କ ପାଇଁ ବାଳକଟାର ଦାମ୍ ଆଠ ଡଲାର୍ ପଚିଶ ସେଣ୍ଟ୍ ହୋଇଥିବାସ୍ଥଳେ ବରିଷ୍ଠ ନାଗରିକମାନଙ୍କ ପାଇଁ ଦାମ୍ ହେଉଛି ପାଞ୍ଚ ଡଲାର୍ । ଭାବୁଛି, ମୋର ସେଠିକି ଯିବା ଉଚିତ ଏବଂ ଯେହେତୁ ମୁଁ କେବଳ ବୁଢ଼ା ନୁହେଁ, ମୋର ମୁଣ୍ଡ ପ୍ରାୟ ଚନ୍ଦା କହିଲେ ଚଳେ, ସେମାନେ ଦାମ୍‌ଟାକୁ ଆହୁରି ତଳକୁ ଖସେଇଦେବେ ବୋଲି ଆଶା କରିବା ଭୁଲ୍ ହେବ କି ?

Digitized by srujanika@gmail.com

ପୃଥିବୀର ସବୁଠାରୁ ସୁନ୍ଦର ନାତି

ଆମ ଶାରଦ କୁଆଡ଼େ ପୃଥିବୀର ସବୁଠାରୁ ସୁନ୍ଦର ନାତି, ଯଦି ମୋର କ୍ୟାନେଡ଼ିଆନ୍ ସମୁଦୁଣୀଙ୍କ ଉଚ୍ଛ୍ୱସିତ ବର୍ଣ୍ଣନାକୁ ବିଶ୍ୱାସ କରାଯାଏ । କିନ୍ତୁ ତାଙ୍କ ଚିଠିରେ ଥିବା ସେହି ଶବ୍ଦସମ୍ଭାରକୁ ସିଧାସଳଖ ଗ୍ରହଣ କରି ହେଲା ନାହିଁ । କାରଣ 'ବଚନେ କା ଦରିଦ୍ରତା' ଏଇ ଉକ୍ତିଟି ଉତ୍ତର ଆମେରିକାର, ବିଶେଷତଃ ମାର୍କିନ୍ ରମଣୀମାନଙ୍କର କଥାକୁହା ସଂସ୍କୃତିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରା ହୋଇଛି ବୋଲି ମନେହୁଏ । ଯେଉଁ ଦେଶରେ କଥାକଥାକେ "ହନି", "ଡାର୍ଲିଙ୍ଗ୍" ଇତ୍ୟାଦି ଶବ୍ଦର ମଧୁ କ୍ଷରିତ ହୁଏ, ଏପରିକି ସୁପର୍ ମାର୍କେଟ୍‌ର କେଉଁ ଅଜ୍ଞାତ ଗରାଖକୁ ଖୁସି କରିବା ପାଇଁ, ସେଠି ସମୁଦୁଣୀ ତାଙ୍କ ପ୍ରଥମ ନାତିକୁ ଦେଖି ଗଦ୍‌ଗଦ ହୋଇ ଏମିତି ଲେଖିଛନ୍ତି ଆମ ପାଖକୁ, ଏଭଳି ଅନୁମାନ କରିବା ହିଁ ବୁଦ୍ଧିମାନର ଲକ୍ଷଣ ବୋଲି ସ୍ଥିର କଲି । ମଜା ଲାଗିଲା, ଖୁସି ଲାଗିଲା ନିଶ୍ଚୟ, କିନ୍ତୁ ଟୋକାଟା ପ୍ରକୃତରେ ଭାରି ସୁନ୍ଦର ହୋଇଥିବ ବୋଲି ଭାବି ପାରିଲି ନାହିଁ ।

ସତ ନ ହେଲା ନାହିଁ । କିନ୍ତୁ ସେ ମଧ୍ୟ ତା' ଅଜାର ନାତି । ଏବଂ ତା'ର ଭାରତୀୟ ଅଜା ଯେତେ ସଂଯତ ଓ ସ୍ୱଳ୍ପଭାଷୀ ହେଲେ ମଧ୍ୟ ତା'ର ଭିତରି ମନରେ କ'ଣ ଟିକିଏ ଲୋଭ ହେଉ ନ ଥିଲା ଯେ, ଏଇ "ଆନ୍ତର୍ଜାତିକ" ଶିଶୁଟି ଉଭୟ ପୃଥିବୀର ଉତ୍କୃଷ୍ଟ ରୂପଗୁଣ ନେଇ ଆସିଥିବ ପରା ?

ଲୋଭ ହେଉଥିଲା । ଏବେ ମଧ୍ୟ ହେଉଛି, କ୍ୟାନେଡ଼ାକୁ ଆସି ତା'କୁ ସ୍ୱଚକ୍ଷୁରେ ଦେଖିସାରିଲା ପରେ ଏବଂ ତା' ସାଙ୍ଗରେ ଯେତିକି ମଧୁରିଆ

Digitized by srujanika@gmail.com

ଅଗଡ଼ମ୍ ବଗଡ଼ମ୍ ଖେଳ ଖେଳିଲାବେଳେ । ଏଇ ଦେଢ଼ବର୍ଷର ଶିଶୁ, ଚଞ୍ଚଳିଆ ଖୁସିବାସିଆ ପିଲାଟିଏ, ଯଥାର୍ଥରେ ସୁନ୍ଦର, ଅତି-ସୁନ୍ଦର ହୋଇ ଫୁଟି ଉଠିବ । ତା'ର କାରଣ, ସେ ଏଠି ଜୀବନକୁ ସୁସ୍ଥ ସୁନ୍ଦର କରି ଗଢ଼ି ତୋଳିବାର "ସବୁ କିଛି" ଉପାଦାନ ପାଇବ, ସାନରୁ ବଡ଼ ହେବା ଯାଏଁ । ପୁଣି ସହଜରେ ଏବଂ ସ୍ୱଚ୍ଛନ୍ଦରେ । ବାପ ମାଆଙ୍କର ଭଲ ପାଇବା ସମେତ । ଯଥା: ଯଥେଷ୍ଟ ଖେଳ ଓ ଖେଳଣା, କ୍ରୀଡ଼ାକଉତୁକ, ପୁଷ୍ଟିକର ଖାଦ୍ୟ, ନିର୍ମଳ ପାଣି ଓ ପବନ, ଉପାଦେୟ ଏବଂ ଉପଯୋଗୀ ଶିକ୍ଷା । ଶେଷକୁ ବହୁମୁଖୀ ଚମତ୍କାରିତାରେ ଉଦ୍‌ବେଳିତ ଏଇ ନୂତନ ପୃଥିବୀରେ ନିଜ ମନଲାଖି କିଛି ଗୋଟାଏ ବିଦ୍ୟା ହାସଲ କରିବାର, କାମ କରିବାର ତଥା ସ୍ୱକୀୟ ଚହଟ ଚମକ ଦେଖାଇବାର ପ୍ରତିଶ୍ରୁତି ।

ଅବଶ୍ୟ ସେ ତା' ମାଆ ଆଉ ମଧ୍ୟ ଏକ ସ୍ୱଚ୍ଛଳ ମଧ୍ୟବିତ୍ତ ପରିବାରର ନାତି, ତେଣୁ ଭାରତରେ ଥିଲେ ସେ ଯେ ଉଧେଇପାରି ନ ଥାଆନ୍ତା, ଅବା ମୋଟାମୋଟି ଉପରୋକ୍ତ ସୁଖ ଏବଂ ଶିକ୍ଷା-ସାମର୍ଥ୍ୟରୁ ବଞ୍ଚିତ ହୋଇଥାଆନ୍ତା, ତା' ନୁହେଁ । ଭାରତରେ ମଧ୍ୟ ସେ ହୋଇଥାଆନ୍ତା ଅନ୍ୟତମ "ପାଇଲା" ଶ୍ରେଣୀର ପିଲା । ଏବଂ ସାଧାରଣତଃ "ନ-ପାଇଲା" ଶ୍ରେଣୀର ପିଲାଙ୍କ ଦୁରବସ୍ଥା ତା' ଆଖିରେ ପଡ଼ନ୍ତା ନାହିଁ ବଡ଼ ହେବା ଯାଏଁ । ବଡ଼ ହେଲାପରେ ମଧ୍ୟ ତାକୁ କେବଳ ଟିକିଏ ଦୁଃଖ କରିବାକୁ ପଡ଼ନ୍ତା ବେଳେବେଳେ, ସେମାନଙ୍କ ବିଷୟରେ ଏଣୁତେଣୁ ପଢ଼ି ଶୁଣି, ଅନୁଧ୍ୟାନ କରି । ଆମ ଦେଶରେ ଅନେକ ଅନେକ ପିଲା ପିଲାଖେଳ ଖେଳି ପାରନ୍ତି ନାହିଁ, କାରଣ ତାଙ୍କୁ ଘର ଚଳେଇବା ପାଇଁ ଖେତବାଡ଼ିରେ କାମ କରିବାକୁ ପଡ଼େ, କିମ୍ବା ଯା' ଘରେ ତା' ଘରେ ଦୋକାନ-ବଜାରରେ ମୂଲ ଲାଗିବାକୁ ପଡ଼େ । ଅଗତ୍ୟା ସେମାନେ ଖେଳ ବୁଲିବାର ସୁଖ, କି ପାଠ ପଢ଼ିବାର ଲାଭ ପାଆନ୍ତି ନାହିଁ । ଆହୁରି ଦୁର୍ଭାଗା ହୋଇଥିଲେ ସେମାନଙ୍କୁ ବଜାରି ଛତରା ହୋଇ ନାନା କୁକର୍ମ କରିବାକୁ ପଡ଼େ, ଜେଲ୍ ଯିବାକୁ ହୁଏ, ଏବଂ ବର୍ଷ ବର୍ଷ ଯାଏଁ । ଜେଲ୍‌ର ବଡ଼ ମଣିଷ ତଥା ହାକିମମାନଙ୍କ ଖିଦ୍‌ମତ୍ କରିବାକୁ ପଡ଼େ କେଶ୍‌ର ଶୁଣାଣି ଯାଏଁ । ଅବା କେଉଁ ମାଲିକ ପାଇଁ ସଡକରେ କି ମିଛରେ ବିକଳାଙ୍ଗ ହୋଇ ଭିଖ ମାଗିବାକୁ ପଡ଼େ । ଝିଅପିଲା ହୋଇଥିଲେ ଅନ୍ୟ ଧରଣର ନର୍କ କପାଳରେ ଅଛି । ଛାଡ଼, ସେଇସବୁ ଭୟାବହ କଥା କାହିଁକି ପଡ଼ୁଛି ଏଇକ୍ଷଣି ?

Digitized by srujanika@gmail.com

ଆମ ପିଲାଏ, ଅର୍ଥାତ୍ ଆମ ଶ୍ରେଣୀ ଆମ ପରିବାରର ପିଲାଏ ଭିନ୍ନ ଭୂଲୋକର ପ୍ରାଣୀ । ତଥାପି ମୋର ଅନ୍ୟ ନାତିନାତୁଣୀଙ୍କ ତୁଳନାରେ ଶାରଦକୁ ବିଶେଷ ଭାଗ୍ୟଶାଳୀ ବୋଲି ମନେ କରିବାକୁ ହେବ, କାରଣ ମଧ୍ୟବିତ୍ତ ଦୁଃଖର କାଣିଚାଏ ମଧ୍ୟ ତାକୁ ଅକାଳେ ସକାଳେ ହଇରାଣ କରିବ ନାହିଁ ଏବଂ ନିଜ ସୁଖରେ ସୁଖୀ ହେଲାବେଳେ ପିଲାଦିନର କେଉଁ ଗରିବ ସାଙ୍ଗଟା ଅଭାବ ଅସୁବିଧାରେ ପଡ଼ି ନଷ୍ଟ ହୋଇଗଲା, ତାକୁ ନେଇ ଆହା ଚୂ ଚୂ କରିବାର ଦୁଃଖ ତା' ମନକୁ ଛୁଇଁବ, ଏଭଳି ଆଶଙ୍କା ମଧ୍ୟ ଅମୂଳକ । କାରଣ ଏ ଦେଶରେ କ୍ୱଚିତ୍ କେଉଁ ପିଲା ଥିବ, ଯେ କହିପାରିବ ଯେ ବାପ ମାଆଙ୍କ ଦରିଦ୍ରତା ହେତୁ ତାକୁ ତା ପିଲାବେଳର ପା'ଉଣାରୁ ବଞ୍ଚିତ କରାଗଲା ।

ଭଲା କେମିତି କହିବ ? ଏକେ ମୁଷ୍ଟିମେୟ ବେରୋଜଗାରିଆ ବାପ ମାଆଙ୍କୁ କଲ୍ୟାଣ ଭତ୍ତା ମିଳେ ସରକାରଙ୍କ ତରଫରୁ । ଦ୍ୱିତୀୟରେ ବାପ ମାଆଙ୍କ ଆର୍ଥିକ ଅବସ୍ଥା ଯାହାହେଉ ନା କାହିଁକି, ପ୍ରତ୍ୟେକ ପିଲାଟିଏ ଜନ୍ମ ହେଲାକ୍ଷଣି ତା' ପାଇଁ ପ୍ରତ୍ୟେକ ବାପ ମାଆଙ୍କୁ ନିର୍ଦ୍ଦିଷ୍ଟ ଓ ସମାନ ହାରରେ ଗୋଟିଏ ଭତ୍ତା ମିଳେ । ଯେପରିକି ସମାଜ ଜଣେଇଦିଏ ଯେ, ପିଲାଟିଏ ଜନ୍ମ କରିଛ ଆମ ଦେଶ ପାଇଁ; ଧନ୍ୟବାଦ । ସେଥିପାଇଁ ଆମଠାରୁ ଏଇ ଯତ୍ସାମାନ୍ୟ ଉପହାର, ସେ ସାବାଳକ ହେବାଯାଏଁ । ଏବଂ ଏଇ ହେଉଛି ଆମ ନିର୍ଭର ପ୍ରତିଶ୍ରୁତିର ସଙ୍କେତ, ଯେ ଏ ଦେଶରେ କୌଣସି ମଣିଷପିଲାର ଆର୍ଥିକ ଅଭାବ ରହିବ ନାହିଁ । ଶୁଣିଲି ଯେ ଆମ ଶାରଦ ପାଇଁ ମଧ୍ୟ ମାସକୁ ୩୨ ଡଲାର୍ ୭୫ ସେଣ୍ଟ୍ ମିଳୁଛି ସରକାରଙ୍କ ଶୁଭେଚ୍ଛାସହ, ଏବଂ ସେତିକି ବ୍ୟାଙ୍କ୍‌ରେ ସଞ୍ଚିତ ହେଉଛି ତା'ର ଭବିଷ୍ୟତ ପାଇଁ । ଖାଲି ଏତିକି ନୁହେଁ । ନବଜାତ ଶିଶୁ ଡାକ୍ତରଖାନାରୁ ଘରକୁ ଫେରିବା ପରେ ପରେ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ତରଫରୁ ଜଣେ ନର୍ସ୍ ଆସି ପହଞ୍ଚିଯାଏ ମାଆ ଓ ପିଲାଙ୍କ ଭଲ ମନ୍ଦ ବୁଝିବା ପାଇଁ, ଏବଂ ଯେକୌଣସି ସଂପୃକ୍ତ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ କରିବା ପାଇଁ । ତା'ଛଡ଼ା ସେ ଶିଶୁ ପାଇଁ ଦେଇଯାଏ ଗୋଟିଏ "ପାସ୍‌ପୋର୍ଟ୍" ସରକାରଙ୍କ ତରଫରୁ ତା'ର ସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନର କାମନା କରି । ସେଇ ପାସ୍‌ପୋର୍ଟ୍‌ରେ ଥାଏ ଶିଶୁର କଲ୍ୟାଣ ସମ୍ପର୍କୀୟ ନାନା ଜ୍ଞାତବ୍ୟ ତଥ୍ୟ ଓ ସ୍ୱାସ୍ଥ୍ୟ ସୂଚନା ଛଡ଼ା ତା'ର ବହୁମୁଖୀ ପ୍ରଗତିକୁ ଲିପିବଦ୍ଧ କରିବାର ଧାରା । ଯଥା, ସେ କେଉଁଦିନ ପ୍ରଥମେ ହସିଲା, କେଉଁଦିନ

Digitized by srujanika@gmail.com

ପ୍ରଥମେ କଥା କହିଲା, ଭୂଇଁରେ ପାଦ ରଖିଲା, ଇତ୍ୟାଦି । ଏହାଠାରୁ ବଳି ବିପୁଳ ପ୍ରୋତ୍ସାହନ ଆଉ କ'ଣ ମିଳି ଥାଆନ୍ତା ଆମ ଶାରଦକୁ, ତାକୁ ତା' ସୁନ୍ଦରପଣରେ ଆଗେଇ ଯିବା ପାଇଁ ?

ଆଗକୁ ଆହୁରି ଅଛି, ଅନେକ କିଛି । ମଧ୍ୟବିତ୍ତ ସ୍ତରରେ ମଧ୍ୟ ତା'ର ଘରଖର୍ଚ୍ଚ ଭାଇ ଭଉଣୀଙ୍କ ତୁଳନାରେ ବେଶ୍ କିଛି ଅଧିକ ମିଳିବ ତାକୁ, ତେଣୁ ସେ ବିଶେଷ ସୁନ୍ଦର ହେବାକୁ ବାଧ୍ୟ । କ'ଣ ଭୁଲ୍ କହିଲି ? ଅତ୍ୟଧିକ ଦାୟିତ୍ୱ ଲଦି ଦେଉଛି ପିଲାଟା ଉପରେ ?

ନା । ଏତେ ଅଧିକ ପାଇବ ଏଇ ସମାଜରୁ, ଏଠିକା ସଂସାରରୁ, ଆଉ ତା'ର ଠିକଣା ପ୍ରତିଦାନ ତଥା ପ୍ରତ୍ୟୁତ୍ତର ଦେବ ନାହିଁ, ଗୋଟାଏ ସ୍ଥୂଳମୋଟ ଜନସ୍ୟୁସ୍, ଖାଉବର, କି ଆଉ କଅଣ ହୋଇ ? ଗୋଟି ଗୋଟି କରି କହୁଛି ଶୁଣ୍, ତୋ ଜନ୍ମଗତ ପୁଞ୍ଜି କେତେ ଅଧିକ, କେତେ ଚମତ୍କାର···

ଖେଳ ଓ ଖେଳଣା କଥା । ଆଉ କେଉଁଠି ପାଇଥାଆନ୍ତୁ ଏତେ ଖେଳଣା ? ଏତେ ରକମର ଏବଂ ଏଭଳି ଉଦ୍‌ଭଟ କଳ୍ପନାର ଖେଳଣା ? ହସୁଥିବା, କାନ୍ଦୁଥିବା, ନାଚୁଥିବା, ମୁତୁଥିବା, ଚୁମା ଦେଉଥିବା ଓ ଲଢ଼େଇ କରୁଥିବା ଏତେ ପୁଅ, ଝିଅ, କୁକୁର, ବିଲେଇଙ୍କ ସମାହାର ! ପୁଣି ଯାନ୍ତ୍ରିକ ବିଜ୍ଞାନର ଏତେ କିସମର ଭେଳିକି, ଖଣ୍ଡି ଉଡ଼ା ଦେଉଥିବା ଉଡ଼ାଜାହାଜଠାରୁ ଆରମ୍ଭ କରି ଛବିଅଙ୍କା କଂପ୍ୟୁଟର୍ ଯାଏଁ । ଏଇସବୁ ରହିଛି ତୋ ହାତ-ପାଆନ୍ତାରେ, ଏବଂ ସୁବିଧା ଦରରେ ଏବଂ ତା'ର ଯନ୍ତ୍ର ଦିନକରେ ବିଗିଡ଼ି ଯିବ, ସେ ଆଶଙ୍କା ନାହିଁ । ତୁ ଯୁଆ' ତା' ଉପରେ ଚଢ଼ି ଯାଇ ତାକୁ ଫିଙ୍ଗି ଦେଇପାରୁ, ଅବା ଖେଳଘରର କେଉଁ କୋଣରେ ଗେଞ୍ଜି ଦେଇପାରୁ; ପୁଣି କେବେ ମନ ହେଲେ ଆଦରିବା ପାଇଁ ।

ସେଇଠୁ, ଓ ଟିକିଏ ବଡ଼ ହେଲାରୁ, ତୋ ଖେଳଘର ବାହାରେ ଥିବା କ୍ରୀଡ଼ା କଉତୁକର ବ୍ୟବସ୍ଥା । ଏଠି କଅଣ ଖଞ୍ଜା ହୋଇ ରହି ନାହିଁ ତୋ ପାଇଁ ? କେଉଁଥିର ଅଭାବ ଅଛି ? ଖେଳପଡ଼ିଆ, ପାର୍କ୍, ସୁଇମିଙ୍ଗ୍ ପୁଲ୍; ନା ଆଉ କଅଣ ? ଏଇ ସ୍ଥୂଳ ସହରଟିରେ (ଲୋକସଂଖ୍ୟା ପଇଁତ୍ରିଶ ହଜାର) ଅଠରଟି ପାର୍କ୍ ରହିଛି, ଏବଂ ଏଇ ପାର୍କ୍‌ମାନଙ୍କରେ ସାତଟି ସୁଇମିଙ୍ଗ୍ ପୁଲ୍, ଏଗାରଟି ଖେଳପଡ଼ିଆ ଏବଂ ବଡ଼ ପିଲାଙ୍କ ପାଇଁ ପ୍ରଭୁତ

Digitized by srujanika@gmail.com

ଟେନିସ୍ କୋର୍ଟ୍, ବୋଲିଙ୍ଗ୍ ଗ୍ରୀନ୍ ଇତ୍ୟାଦି ଇତ୍ୟାଦି । ତା'ଛଡ଼ା ତୋର ସୌଭାଗ୍ୟ ଯେ ତୋର ପିଲାଦିନ କଟିବ ବ୍ରିଟିଶ୍ କଲମ୍ବିଆରେ, ଯେଉଁଠି ତୋର ଦ୍ୱାରଦେଶରେ ପ୍ରକୃତିର ବିରାଟ ଓ ବିଶାଳ ସମ୍ଭାର । ସୁଦୂରପ୍ରସାରୀ ପାହାଡ଼ ଜଙ୍ଗଲ । ତା ଭିତରେ କେତେ ରାସ୍ତା କଟା ହୋଇଛି ଯତ୍ନରେ, ତୁ ତା' ଭିତରେ ବୁଲିବୁଲି କେତେ କ'ଣ ଆବିଷ୍କାର କରିବୁ ବୋଲି । କେତେ ଜାଗାରେ ପକ୍ସିରାଇଜ ଗଢ଼ା ହୋଇଛି ତୁ ତାକୁ ତୋ ଛବିବହି ସାଙ୍ଗରେ ମିଳେଇବୁ ବୋଲି । ଟିକିଏ ଦୂରକୁ ଗଲେ—ଘର କାଖରେ ଦୂର କଅଣ ନିକଟ କଅଣ—କେତେ ହ୍ରଦ, ଝରଣା, ପାଣିଧାର, ଯେଉଁଥିରେ ତୁ ପହଁରି ପାରିବୁ, ପାଲଟଣା ଡଙ୍ଗାରେ ଆହୁଲା ମାରି ପାରିବୁ, ପାଦରେ ବଙ୍କୁଲି ବାଡ଼ି ଭଳି ଯନ୍ତ୍ରଟିଏ ଲଗେଇ ଘୂରିଯାଇ ପାରିବୁ ସାଇଁ ସାଇଁ କରି, ଏବଂ ମାଛ ଧରି ପାରିବୁ । ଏବଂ ଆହୁରି ଟିକିଏ ବଡ଼ ହେଲାପରେ ବନ୍ଧୁକ ଧରି ବଣଘୁଷୁକୁ ମାରି ପାରିବୁ । ଶୀତଦିନେ କେତେ ଅଧିକା ଖେଳ, ବିଶେଷତଃ ବରଫ ଉପରେ ଖସି ଖସି ଯାଇ ଘୂରି ବୁଲିବାର ମଜା । ଏ ସବୁଥିପାଇଁ ବ୍ୟାପକ ବ୍ୟବସ୍ଥା, ନାନା କଳାକଉଶଳରେ ଶାଣିତ ଓ ସମୃଦ୍ଧ ଇସ୍ତାହାର ଏବଂ ନିମନ୍ତ୍ରଣ ରହିଛି ତୋ ପାଇଁ—ସମାଜ ତଥା ବ୍ୟବସାୟୀ ତରଫରୁ । ଆଃ, ଏତେକଥା କହିଲି, ଘର ଭିତରେ ଥିବା ଟି.ଭି. କଥା କହିଲି ନାହିଁ ? ଯେଉଁ ଟି.ଭି.ରେ ୩୫ଟା ଚ୍ୟାନେଲ୍ ଓ ପ୍ରାୟ ଚବିଶଘଣ୍ଟାର ଉତ୍ସବ, ସେଠି କଅଣ ତୋ ପାଇଁ ଯଥେଷ୍ଟ ସମୟ ଓ ତୋ ମନ ପସନ୍ଦ ପ୍ରୋଗ୍ରାମ୍‌ର ଚ୍ୟାନେଲ୍ ଖୁଣ୍ଡ଼ି ଦିଆଯାଇ ପାରିବ ନାହିଁ ? ବାପ ମାଆ କ'ଣ ବୁଝିବେ ନାହିଁ ଯେ ତୁ ଟି.ଭି.ରେ ଅଳ୍ପ ବହୁତ ଲାଖି ରହିଲେ କେତେ ଆରାମ ତାଙ୍କ ପାଇଁ ?

ପୁଷ୍ଟିକର ଖାଦ୍ୟପେୟ କଥା ନ କହିଲେ ଚଳିବ । ଫଳରସ, ଦୁଧ, ଚିଜ୍, ଅଣ୍ଡା, ମାଂସ, ଶସ୍ୟ, ଶାକସବ୍‌ଜି, ସବୁଥିରେ ଏତେ ପ୍ରଚୁରତା, ବିଭିନ୍ନତା, ରଙ୍ଗବେରଙ୍ଗ ପୋଷାକ ଓ ଚାକଚକ୍ୟ ଯେ, ତୁ ଯେତେ ଖାଦଖିଆଲି ହେଲେ ମଧ୍ୟ ବାପ, ମାଆଙ୍କୁ ହଇରାଣ କରିପାରିବୁ ନାହିଁ, ଏଥିରେ ମୁଁ ନିଃସନ୍ଦେହ ଏବଂ ନିର୍ମଳ ପାଣି ପବନକୁ ଚିହ୍ନେଇବା ଅନାବଶ୍ୟକ ।

ଖାଲି ଖାଇବୁ, ପିଇବୁ, ଖେଳିବୁ, ବୁଲିବୁ, ମଉଜ କରିବୁ, ସେକଥା ହେବ ନାହିଁ । ପାଠ ମଧ୍ୟ ପଢ଼ିବୁ । କିନ୍ତୁ ତୋର ଝାଳ ବୋହିବ ନାହିଁ କି ବାପ ମାଆଙ୍କ ମୁଣ୍ଡ ବଥେଇବ ନାହିଁ । ଇଏ କ'ଣ ଭାରତ ହୋଇଛି, ଯେଉଁଠି

Digitized by srujanika@gmail.com

(ବିଶେଷତଃ ବଡ଼ ସହରମାନଙ୍କରେ) ଭାଗ୍ୟରେ ଥିଲେ ଭଲ ସ୍କୁଲଟିଏ ମିଳେ ? ସେଠି ବାପ ମାଆଙ୍କୁ ଯେଉଁ ହୀନସ୍ତା ହେବାକୁ ପଡ଼େ, ଯଥା ଆପଣା ଯୋଗ୍ୟତାର ଇଣ୍ଟରଭ୍ୟୁ, ମୋଟା ରକମର "ଦାନ", ଧରାଧରି, କୁହାବୋଲା ଇତ୍ୟାଦିର ଅର୍ଥବ୍ୟୟ, କାୟାକ୍ଳେଶ ଓ ଉଦ୍‌ବେଗ, ତା'ର କାଣିଚାଏ କାହିଁ ଏ ଦେଶରେ ? ପ୍ରଥମ କଥା, ହାଇସ୍କୁଲ ଅର୍ଥାତ୍‌ ଦ୍ୱାଦଶଶ୍ରେଣୀର ପାଠ ସରିବାଯାଏଁ ପାଠପଢ଼ାର ସମସ୍ତ ଖର୍ଚ୍ଚ ସରକାରଙ୍କର । ମାନେ ତୋତେ ପାଠ ପଢ଼େଇ "ଗ୍ରାଜୁଏଟ୍" (ଗ୍ରାଜୁଏଟ୍ ହେବାର ଅର୍ଥ ସ୍କୁଲ୍ ପାଶ୍ ହୋଇଯିବା) କରି ଛାଡ଼ିଦେବା ସରକାରଙ୍କ ଦାୟିତ୍ୱ । ଜାତୀୟ ସ୍ତରରେ ପାଠ୍ୟକ୍ରମ ସମାନ ପ୍ରତ୍ୟେକ ସ୍କୁଲ୍ ପାଇଁ, ଯଦିଓ ଆଞ୍ଚଳିକ ସ୍ତରରେ ସାମାନ୍ୟ ତାରତମ୍ୟ ରହିଛି, ବିଶିଷ୍ଟ ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ, ଯଥା କେଉଁଠି କୃଷିବିଜ୍ଞାନ ଉପରେ ବେଶି ମାଡ଼ ତ କେଉଁଠି ପ୍ରାଣିବିଜ୍ଞାନ ଉପରେ । ତେଣୁ ତୁ କାଲେ ଖରାପ ସ୍କୁଲ୍‌ରେ କି ସାଧାରଣ ସ୍କୁଲ୍‌ରେ ପଢ଼ିଯିବୁ, ତା'ର ପ୍ରଶ୍ନ ଉଠୁ ନାହିଁ । ଅବଶ୍ୟ ଅଳ୍ପ କେତେକ ବେସରକାରୀ ଧର୍ମଗୋଷ୍ଠୀମୂଳକ ସ୍କୁଲ୍ ଅଛି, ଯେଉଁଠି ଅନୁଶାସନ ଓ ଜ୍ଞାନଗର୍ଭିତା ଉଚ୍ଚ ଧରଣର ବୋଲି କୁହାଯାଏ, କିନ୍ତୁ ସେଗୁଡ଼ିକ ବିଶେଷ ଲୋକପ୍ରିୟ ନୁହେଁ, କାରଣ ଅର୍ଥସାପେକ୍ଷ ହୋଇଥିବା ଛଡ଼ା ସେଥିର ଗୋଠଖଣ୍ଡି ଆପଣଙ୍କୁ ଅନେକେ ନାକ ଟେକନ୍ତି । ତୁ କାହିଁକି ପଢ଼ିବୁ ସେମିତିକା ସ୍କୁଲ୍‌ରେ ? ତୋର ଅର୍ଦ୍ଧଭାରତୀୟ ଭଦ୍ରତାକୁ ଚହଲେଇ ଦେବା ପାଇଁ ? ସର୍ବସାଧାରଣ ସରକାରୀ ସ୍କୁଲ୍‌ରେ ପାଠପଢ଼ାର ମାନ ଓ ମୂଲ୍ୟ କିଛି କମ୍ ନୁହେଁ । ସେଠି ତୋ ପାଠପଢ଼ା ଉପରେ ଯେଉଁ ଖର୍ଚ୍ଚ ହେବ ସରକାରଙ୍କର, ତା'ର ଓଜନ, ଓସାର ଓ ଗଭୀର କେତେ, ଜଣା ଅଛି ତୋତେ ? ଏଇଥିରୁ ବୁଝ—ଏଇ ନଉ ଓ୍ୱେଷ୍ଟ୍‌ମିନ୍‌ଷ୍ଟର୍ ସହରରେ ଆଠୋଟି ପ୍ରାଇମେରୀ ସ୍କୁଲ୍, ଗୋଟିଏ ଜୁନିଅର-ସିନିଅର ସେକେଣ୍ଡାରୀ ସ୍କୁଲ୍ ଓ ଗୋଟିଏ କଲେଜ । ଜନସଂଖ୍ୟା ପଇଁତିରିଶ ହଜାର ହୋଇଥିବା ସ୍ଥଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ବା ହୋଇଥିବ । ଯାହାହେଉ, ଏଇ ସହରର କର୍ପୋରେସନ୍ ୧୯୮୯ ମସିହା ପାଇଁ ମୋଟ ୪୯,୭୦୫,୦୦୦ ଡଲାର୍ ଖର୍ଚ୍ଚ କରିବ ବୋଲି ଜଣାଇ-ଦେଇଛି ଏବଂ ସେଥିର ଶତକଡ଼ା ୩୦ ଭାଗ ଅର୍ଥାତ୍ ୧୫,୨୧୧,୭୦୦ ଡଲାର କେବଳ ଶିକ୍ଷା (କଲେଜ ଶିକ୍ଷା ଏଥିର ଅନ୍ତର୍ଭୁକ୍ତ ନୁହେଁ) ପାଇଁ ନିର୍ଦ୍ଦିଷ୍ଟ । ମୁଁ ସରକାରୀ ପତ୍ରିକାଟିକୁ ଆଖି ମଳି ମଳି ପଢ଼ିଲି । କାରଣ ଧନୀ ଦେଶରେ

Digitized by srujanika@gmail.com

ମୁଣ୍ଡପିଚ୍ଛା ଖର୍ଚ୍ଚ ଯେତେ ବେଶି ହେଉଥାଉଛିକେ, ମୋତେ ଜାବା ଲଗିଲା ଯେ ପିଲାଙ୍କ ଶିକ୍ଷା ବାବଦରେ ଏତେଗୁଡ଼ାଏ ଟଙ୍କା ଖର୍ଚ୍ଚ ହୋଇପାରେ । ବଜେଟ୍‌ର ଶତକଡ଼ା ତିରିଶ ! ଯୁଆଙ୍କର କ'ଣ ମୁଣ୍ଡ ଖରାପ ? ପଚାରୁଉଚାରି କରି ବୁଝିଲି ଯେ, ଅଙ୍କରେ କିଛି ଭୁଲ୍ ନାହିଁ, ମୋର ଭୁଲ୍ ହୃଦୟଙ୍ଗମ କରିବାରେ । କାରଣ ମୋର ଭାରତୀୟ, ଅଧିକନ୍ତୁ ନୌକରଶାହୀ ଦୃଷ୍ଟିକୋଣ ଭିନ୍ନ ସ୍ୱାଭାବିକତାବରେ ଅଭ୍ୟସ୍ତ, ଯେଉଁଠି ଶିକ୍ଷା ବିଚାରା ହାତଯୋଡ଼ି ଦାନ୍ତନିକୁଟି ଠିଆ ହୋଇଥାଏ ଲାଇନ୍‌ଲଗା ଧାଡ଼ିର କାହିଁ କେତେ ପଛରେ !

ଦେଖୁ ଛୁ ତ ନାତି, ଏଠି ଶିକ୍ଷାର କେଡ଼େ ବିରାଟ ପ୍ରତିମୂର୍ତ୍ତି ତୋତେ କୁଣ୍ଢେଇବାକୁ ବସିଛି ? ଭାରତରେ କେଉଁ ଅଞ୍ଚଳର କେଉଁ ଶିକ୍ଷା ତା' ପାସଙ୍ଗରେ ପଡ଼ିବ ?

କିନ୍ତୁ ଏମିତି ବିରାଟ ଚେହେରା ସିନା, ତାକୁ ମୋଟେ ଡରିବାର ନୁହେଁ । ମୋଟେ ନୁହେଁ । ବରଂ ଧରି ନେ' ଯେ, ସେ ହେଉଛି ଫାଦର୍ ଖ୍ରୀଷ୍ଟମାସ୍ । ସେଇ ସ୍କୁଲ୍ ପାଠ ଜରିଆରେ ହିଁ ତୋତେ ମିଳିବ ଯେତେକ ସାରତତ୍ତ୍ୱ, ମାଲମସଲା, କାରଣ ଗୃହ୍ନ ଗୃହ୍ନ ବାପ ମାଆଙ୍କ ଘର ପଛରେ ପଡ଼ିଯିବ ଓ ସ୍କୁଲ୍ ଆଗେଇଯିବ ତୋତେ ବଡ଼ କରିବା ପାଇଁ । ଏବଂ ସେଥିପାଇଁ ଝାଳନାଳ, ଚନ୍ଦ୍ରାଦିକ, ରାତି ଅନିଦ୍ରା ଇତ୍ୟାଦି କ୍ଲେଶର ମୂଲ୍ୟ ଦେବାକୁ ପଡ଼ିବ, ତା' ମଧ୍ୟ ନୁହେଁ । ପରୀକ୍ଷାରେ ଖାଲି ଭଲ କଲେ ଚଳିବ ନାହିଁ, ଅତି ଭଲ କରିବାକୁ ପଡ଼ିବ, ପ୍ରତିଯୋଗିତାରେ ଯଥେଷ୍ଟ ଉପରକୁ ଉଠିବାକୁ ପଡ଼ିବ, ନ ହେଲେ ଉତ୍କୃଷ୍ଟ କଲେଜ, ଆଇ.ଆଇ.ଟି., ଇଞ୍ଜିନିଅରିଙ୍ଗ୍, ମେଡ଼ିକାଲ ଆଦି କିଛି ମିଳିବ ନାହିଁ, ଏଭଳି ଆଶଙ୍କା ଅମୂଳକ ଏଇ ଦେଶରେ । 'ନ ମିଳିଲେ କ'ଣ ହେବ ? ସତେ କ'ଣ ହେବ ??' ଭାରତୀୟ ମଧ୍ୟବିତ୍ତ ସନ୍ତାନର ଏଇ ମୃତ୍ୟୁଭୟ ତୋତେ ଛୁଇଁବ ନାହିଁ । କାରଣ ଖାଲି ହାଇସ୍କୁଲଟା ପାସ୍ କରିଗଲେ ତୋତେ ଅନେକ କାମ ମିଳିବ, ଚାକିରୀ ହେଉ କି ବ୍ୟବସାୟ, ଯେଉଁଥିରେ ବେଶ୍ ଦି'ପଇସା ହାତକୁ ଆସିବ । ହିଁ, ତଦୂର୍ଦ୍ଧ୍ୱ ଉଚ୍ଚଶିକ୍ଷା ପାଇଁ ତୋର ଯଦି ବିଶେଷ ଆଗ୍ରହ, ଜ୍ଞାନ ବଢ଼େଇବା ପାଇଁ ଅବା କେଉଁ ବିଶିଷ୍ଟ ସେବାରେ ଯୋଗଦେବା ପାଇଁ, ସେକଥା ଭିନ୍ନ । ଏଣିକି ଶିକ୍ଷା ଅର୍ଥସାପେକ୍ଷ । କିନ୍ତୁ ଅଧିକ ସମୟ ଓ ଅର୍ଥ ବିନିମୟରେ ତୋର କଲେଜପଢ଼ା ଯେ ତୋତେ ଖୁବ୍ ଗୋଟାଏ ଉଚ୍ଚକୁ

Digitized by srujanika@gmail.com

ନେଇଯିବ, ଧନରେ କି ମାନରେ, ତା' ନୁହେଁ । ଏଠି ସମସ୍ତେ ମୋଟାମୋଟି ସମାନ, ସମାନ ଓ ସ୍ୱାଧୀନ ··

ନାତି ହସୁଛି । ପ୍ରକୃତରେ କେଡ଼େ ସୁନ୍ଦର ତା ହସ ! ସରଳ ଓ ସୁନ୍ଦର । ମୋ ହାତକୁ ଧରି ଟାଣୁଛି ବାହାରକୁ ଯିବା ପାଇଁ । ପିଲାର ଆଜିଠୁ ତର ସହୁ ନାହିଁ, ପୃଥିବୀଟାକୁ ଖେଦି ଆସିବା ପାଇଁ, ଉପଭୋଗ କରିବା ପାଇଁ···

ହଠାତ୍ କଳାମେଘର କେଉଟା ଖୁଇ କୋଉଠି ଥିଲା, ଗୃଲିଗଲା ଆମ ଲନ୍ ଉପରେ । ମୋତେ ଚେତେଇଦେଲା ପରି । ଏଇ ସରଳ ସୁନ୍ଦରକୁ ଧରି ରଖିବାକୁ ପଡ଼ିବ, ସେ ଯଥାର୍ଥରେ ବଡ଼ ହେବା ଯାଏଁ । ନ ହେଲେ ସେ ଭସି ଭସି କେତେବେଳେ କୁଆଡ଼କୁ ଯିବ, କଅଣ ବୋଲି କଅଣ କରି ବସିବ, କହି ହେବ ନାହିଁ । ଯେଉଁଥିରେ ବାପ ମାଆଙ୍କ ମୁଣ୍ଡ ତଳକୁ ହେବ, ଆଉ ସେ ନିଜେ କଷ୍ଟ ପାଇବ । କାହିଁକନା କାମନା ସହଜେ ଚରିତାର୍ଥ ହୁଏ ନାହିଁ, ଶାନ୍ତ ହୁଏ ନାହିଁ । ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ । ଆଉ ଏଠି ଇନ୍ଧନର କୋଉ ଅଭାବ ଅଛି !

ନା, ନା, ଏମିତି ଭାବିବା ଅନୁଚିତ । ଯେତେହେଲେ ଭାରତୀୟତା ମିଶି ରହିଛି ତା' ରକ୍ତରେ, ତା' ଶିରାଧମନୀରେ, ସେ ଯେଉଁଠି ଥାଉ ପଛେ । ତାରି ବଳରେ ଏଇ କଳାମେଘଗୁଡ଼ାଙ୍କୁ ଅନାୟାସରେ ଉଡ଼େଇ ଦେଇ ହେବ । ସେଇଠୁ ମୁଁ କେତୋଟି ସମକାଳୀନ ଭୟକୁ ହେଜିଲି । ଠିକେ ଠିକେ । ଯଥା :

ଶିଶୁଧର୍ଷଣ ନାମକ ଗୋଟିଏ କୁତ୍ସିତ ଭୟ ମାଡ଼ି ପଡ଼ୁଛି ଏମାନଙ୍କୁ । କଥା ଉଠୁଛି ଯେ ପରିସ୍ଥିତି ମହା ବିଷମ ହେଲାଣି, ତେଣୁ ବିଶେଷଜ୍ଞ ପରାମର୍ଶର ବ୍ୟବସ୍ଥା ଆହୁରି ବଢ଼େଇବାକୁ ପଡ଼ିବ, ଗୋଟାଏ ସ୍ୱତନ୍ତ୍ର ଅଫିସ୍ ଖୋଲା ହେବା ଉଚିତ ଖାସ୍ ଏଇ ସହର ପାଇଁ, ଇଏ ଯେତେ ଶ୍ରେଷ୍ଠ ହେଉପଛେ, ଇତ୍ୟାଦି । ଏହି ପ୍ରକାର ସମ୍ବାଦରେ ବିଚଳିତ ହେବାର କୌଣସି କାରଣ ନାହିଁ । ପିଲାଟା ଉପରେ ଟିକିଏ ଦୃଷ୍ଟି ରଖିଲେ ହେଲା । ମୋ ଝିଅ ଅବଶ୍ୟ କହୁଛି ଯେ ଉପରୋକ୍ତ ବିବୃତି କାଁ ଭାଁ ନୁହେଁ, ଯା'କୁ ନେଇ ଅନେକ ଘଟଣା ଘଟେ, କେସ୍ ହୁଏ ଏଠି । କିନ୍ତୁ ତା' କଥା ହସି ଉଡ଼େଇଦେବା ଉଚିତ । ଇଏ କୋଉ ଝିଅପିଲା ହୋଇଛି, ଯେଉଁମାନେ କୁଆଡ଼େ ଶିକାର ହେବା ବାର

Digitized by srujanika@gmail.com

ପରିମାଣରେ ଧର୍ଷିତ ହୁଅନ୍ତି ବୋଲି ବିଶେଷଜ୍ଞଙ୍କ ରିପୋର୍ଟ୍‌ରେ ଅଛି ? ଗୁଡ଼୍, ଯେତେବେଳେ ମାଆ ମନ...

କେତେଦିନ ହେଲା ତର୍କବିତର୍କ ଚାଲିଛି ବାପ ମାଆ ଓ ସ୍କୁଲବୋର୍ଡ୍ ଭିତରେ ଯେ ସ୍କୁଲରେ ଏବଂ ଶିଶୁଶ୍ରେଣୀରେ ବି ପିଲମାନଙ୍କୁ ଶିଖେଇବାକୁ ପଡ଼ିବ, ବୁଝେଇବାକୁ ପଡ଼ିବ ଯେ ତୁମ ଦେହର ଏଇ ଅଙ୍ଗଟି ବିଶିଷ୍ଟ ଅଙ୍ଗ, ଗୋପନୀୟ ଅଙ୍ଗ, ମୂଲ୍ୟବାନ୍ ଅଙ୍ଗ, ଏଥିରେ ଆଉ କିଏ ହାତ ଦେଲେ ବିପଦ । କୁହାଯାଉଛି ଯେ ପରିବାର ଭିତରେ ଏ ଶିକ୍ଷା ମିଳୁ ନାହିଁ, ବାପ ମାଆ ପାରୁ ନାହାନ୍ତି, ପାରିବେ ବି ନାହିଁ, ତା'ଛଡ଼ା ପରିବାର ଭିତରେ ବି ଯେତେକ ଅଘଟଣ ଘଟୁଛି, ତେଣୁ ସ୍କୁଲ ଏଇ ଦାୟିତ୍ୱ ନ ନେଲେ ଶିଶୁ ଧର୍ଷଣର ମାତ୍ରା ବଢ଼ିଯିବ । ମାର ଗୋଲି, ତା' ସାଙ୍ଗରେ ଆମର କିଛି ସମ୍ପର୍କ ନାହିଁ । ଏଠିକାର ସଭ୍ୟ ସମାଜ ବୋଧହୁଏ ଟିକିଏ ବେଶି ତଥ୍ୟମୂଳକ, ବୈଜ୍ଞାନିକ ହେବାକୁ ବସିଛି...

—ଝିଅ ଅବଶ୍ୟ କହୁଛି ଯେ ଏଠି ସମାଜ ଅଯଥାରେ ଦଖଲ ଦେଉଛି ବାପ ମାଆଙ୍କ ଶିଶୁପାଳନ ଉପରେ, କହୁଛି ଯେ ପୁଅକୁ ସେ ତା' ନିଜ ହିସାବରେ ବଢ଼େଇବ ଅନୁରୂପ ଲାଳନପାଳନ ଓ ଶାସନ କରି, କୋଉ କଲ୍ୟାଣ ବିଭାଗକୁ ସେଥିରେ ହସ୍ତକ୍ଷେପ କରିବାକୁ ଦେବ ନାହିଁ, ଇତ୍ୟାଦି । କିନ୍ତୁ ମୋର ମନେହୁଏ ଯେ ସେ ଭିତରଟାକୁ ଡରୁଛି...

—ଖବର କାଗଜରେ ବାହାରିଛି ଯେ ବାରମ୍ବାର (ତିନଥର ହେଲାଣି ଏମିତି ଏଇ ସହରରେ, ଗତ ଦି'ମାସ ଭିତରେ) ଟୀନ୍ ଏଜର୍ ପିଲମାନେ ବିନା କାରଣରେ, ଅର୍ଥାତ୍ ମଉଜରେ ଓ ମଜା ଦେଖିବା ପାଇଁ, ଛୁଟି ଦିନରେ ସ୍କୁଲ ଭିତରେ ପଶି ସେଥିରେ ଥିବା ସାଜସରଞ୍ଜାମ, ଆସବାବପତ୍ର ଇତ୍ୟାଦିକୁ ନଷ୍ଟ କରିଦେଉଛନ୍ତି । ହଜାର ହଜାର ଡଲାର୍‌ର ଲୋକ୍‌ସାନ୍ । ତେଣୁ ତା'ର ଆଶୁ ପ୍ରତିକାର ଆବଶ୍ୟକ । ଧାତ୍, ଆନନ୍ଦଜନିତ ଏଇ ଲୋକ୍‌ସାନ୍‌କୁ ଏତେ ବଡ଼ କରି ଦେଖିବା ଉଚିତ ନୁହେଁ । ତା'ଛଡ଼ା ଆମ ଶାରଦ ସେଭଳି ଉତ୍କଟ ଆନନ୍ଦିଆ ଦଳରେ ଯୋଗ ଦେବ ବୋଲି ଲେଖା ହୋଇ ନାହିଁ...

—ଏବେ ଗୋଟାଏ କାନରେ ଶୁଣାଯାଇ ନ ଥିବା ଚର୍ଚ୍ଚା ଚାଲିଛି ଏଇ ବ୍ରିଟିଶ୍ କଲମ୍ବିଆ ପ୍ରଦେଶରେ । ସ୍କୁଲର ବାଥ୍‌ରୁମ୍‌ମାନଙ୍କରେ ପୁଅ ଝିଅମାନଙ୍କ ସୁବିଧା ପାଇଁ ଜନ୍ମ ନିରୋଧକ ରବରଖୋଳ ବିନାମୂଲ୍ୟରେ

Digitized by srujanika@gmail.com

ଯୋଗେଇଦେଲେ ଭଲ ହେବ । କାହିଁକିନା ଅନେକ ପିଲା ଅଛନ୍ତି, ଯେଉଁମାନେ ଯେମିତି ହେଲେ ସେକ୍‌ସ କାମ କରିବେ, କିନ୍ତୁ ରବରଖୋଳ ବ୍ୟବହାର କଲେ ସେଥିରୁ ଉପୁଜିବା ଆଶଙ୍କା, ଯଥା ଗର୍ଭଧାରଣ ଏବଂ ନାନାବିଧ ଯୌନରୋଗ, ବିଶେଷତଃ 'ଏଡ୍‌ସ୍'ର ଭୟ ଦୂରୀଭୂତ ହେବ । ପ୍ରଦେଶର ମୁଖ୍ୟମନ୍ତ୍ରୀ କହୁଛନ୍ତି ଯେ, ଯଦିଓ ତାଙ୍କ ସରକାର ପିଲାଙ୍କୁ ରବର-ଖୋଳର ବ୍ୟବହାର ସମ୍ପର୍କରେ ଗୋଟିଏ ଚଳଚ୍ଚିତ୍ର ତିଆରି କରିବାର ପ୍ରୋତ୍ସାହନ ଦେଇଥିଲେ, ତଥାପି କଥାଟାକୁ ଏତେଦୂର ବଢ଼େଇବା ଉଚିତ ନୁହେଁ । ଏତେ ଅଳ୍ପ ବୟସରେ ପିଲାଙ୍କୁ ସେକ୍‌ସ ବିଷୟରେ ସଚେତନ କରିବା ଅଶୋଭନୀୟ । କିନ୍ତୁ ବିଶିଷ୍ଟ ସମାଜବିତ୍ ଓ ସ୍ୱାସ୍ଥ୍ୟ-ଅଧିକାରୀମାନେ ହସୁଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପୁରୁଣାକାଳିଆ ମନୋବୃତ୍ତି ଦେଖି । ପ୍ରାଦେଶିକ ଏଡ୍‌ସ୍ ପରାମର୍ଶଦାତା କମିଟିର ଚେୟାରମ୍ୟାନ୍ ଡକ୍ଟର ମାଇକ୍ ରେକାର୍ଟ୍ 'କାନାଡ଼ା ୟୁଥ୍‌ସ୍ ଏଣ୍ଡ୍ ଏଡ୍‌ସ୍ ଷ୍ଟଡି' ନାମକ ରିପୋର୍ଟ୍‌ରୁ ଉଦ୍ଧାର କରି କୁହନ୍ତି ଯେ ଏକାଦଶ ଶ୍ରେଣୀକୁ ଉଠିବା ପୂର୍ବରୁ କ୍ୟାନେଡ଼ାର ଶତକଡ଼ା ସତରୁ ଚାଳିଶ ଭାଗ ପିଲାଙ୍କର "ସମ୍ପୂର୍ଣ୍ଣ ପ୍ରବେଶଗତ" ସେକ୍‌ସ ହୋଇ ସାରିଥାଏ । ଆଉ ଗୋଟାଏ ହିସାବରେ ଚଉଦବର୍ଷ ବୟସ ପୂର୍ବରୁ ଶତକଡ଼ା ପଚିଶଜଣଙ୍କର ଏଇ ସମ୍ପୂର୍ଣ୍ଣ ପ୍ରବେଶଗତ ଅନୁଭୂତି ହାସଲ ହୋଇ ସାରିଥାଏ । ତେଣୁ ବାସ୍ତବତାକୁ ସ୍ୱୀକାର କରି ସେହି ଅନୁଯାୟୀ କାର୍ଯ୍ୟବିଧି ଗ୍ରହଣ କରିବା ହିଁ ବୁଦ୍ଧିମାନର ଲକ୍ଷଣ । ଯାହାହେଉ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିବାଦ ସତ୍ତ୍ୱେ ପ୍ରଦେଶର କେତୋଟି ସ୍କୁଲରେ ଏଇ ଅତ୍ୟାଧୁନିକ ବ୍ୟବସ୍ଥା ଜାରୀ ହୋଇଗଲାଣି ଏବଂ ଖବର କାଗଜର ବିଜ୍ଞାପନ ଅନୁଯାୟୀ ଆମର ଏଇ ସହରରେ ସ୍କୁଲ-କର୍ତ୍ତୃପକ୍ଷଙ୍କୁ ବାଦ୍ ଦେଇ ଟୀନ୍‌ଏଜର୍‌ଙ୍କ ପାଇଁ ବିଶେଷ ନୃତ୍ୟଗୀତର ଆୟୋଜନ କରାଯାଉଛି, ଯାହାର ଉଦ୍ଦେଶ୍ୟ ହେଲା ଟିକେଟ୍ ମୂଲ୍ୟରେ ମନୋରଞ୍ଜନ ସାଙ୍ଗକୁ କଣ୍ଡୋମ୍ ଏବଂ ନିରାପଦ ସେକ୍‌ସ୍‌ର କାଗଜ ବାଣ୍ଟିବା । ଯା'ର ନାଆଁ ହେଲା ନିରାପଦ ସେକ୍‌ସ୍ ପାର୍ଟି । କିଓ, ଆଗେ 'ଏଡ୍‌ସ୍'କୁ ଜଗିବ, ନା ସେକ୍‌ସ୍‌କୁ ଲାଜ କରିବ ? ମୋଟ ଉପରେ ଜଣାପଡ଼ୁଛି ଯେ, ଲୋକମତ ବେଶି ଏଇ 'ଖୋଳ' ବ୍ୟବସ୍ଥା ସମ୍ପର୍କରେ, ତେଣୁ କ୍ରମଶଃ ପ୍ରଦେଶର ତଥା ଦେଶର ପ୍ରତ୍ୟେକ ସ୍କୁଲର ବାଥ୍‌ରୁମ୍‌ରେ ସେତିକି ଖଞ୍ଜା ହୋଇ ରହିଥିବ, ସାବୁନ୍ ତଉଲିଆ ପ୍ରଭୃତି ସରଞ୍ଜାମ ପରି । ହଉ । ଏମିତି କେତେ ଅଦ୍ଭୁତ ପରୀକ୍ଷା ନିରୀକ୍ଷା

Digitized by srujanika@gmail.com

ଗୁଳିଥିବ ଏଇ ଉନ୍ନତ ଉପଭୋଗୀ ଦେଶରେ । ଆମର ସେଥିରେ ମୁଣ୍ଡ ବଥେଇବା ଦରକାର ନାହିଁ । ଶତକଡ଼ା ସତଗୁଳିଶକୁ ବାଦ୍ ଦେଲେ ଆହୁର ତେପନ ରହିଲାଣି । ଇଏ ବ କଅଣ ଖସି ଖସି ଯିବ ଶୂନ୍ୟ ଯାଏଁ ? ଆଉ ଆମ ପୁଅଟା ବଡ଼ ହେବା ଭିତରେ ? ଅସମ୍ଭବ !

ଗୁଡ଼, ଏଇ ବପୁଳା ଓ ବଜ୍ଞାମୀ ପୃଥିବୀକୁ ଗାରଡ଼େଇକରି ଅନେଇଲେ ଏମିତି କେତେ ଭୂତପ୍ରେତ ଦିଶିଯିବେ ପର । ତାକୁ ଡରିଲେ ଡରୁଥିବ ବସି !

ନାତି ହସୁଛି । କେଡ଼େ ସରଳ, ସୁନ୍ଦର ତା' ହସ । ଏଇ ହସଗୁଣ ବଦଳିବ ନାହିଁ, ସେ ବଡ଼ ହେଲପରେ ମଧ୍ୟ ବଦଳିବ ନାହିଁ, ମୁଁ ଲେଖି ଦେଉଛି···

Digitized by srujanika@gmail.com

ନୀରବ ନଗରୀ

ସୂର୍ଯ୍ୟଙ୍କ ତେଜ ଯଥେଷ୍ଟ କମିଗଲାଣି, ଏବଂ ଏକ ଶାନ୍ତଶୀତଳ ଆବେଶ ନଇଁ ଆସିଲାଣି ପୃଥିବୀ ଉପରକୁ । ରାତ୍ରିଭୋଜନ ସରିଗଲାଣି ଆମର, କିନ୍ତୁ ଆମେ ବାହାରିଛୁ ସାନ୍ଧ୍ୟଭ୍ରମଣରେ । ମୁଁ ଓ ମୋର କ୍ୟାନେଡ଼ିଆନ୍ ବନ୍ଧୁ-ବନ୍ଧୁପତ୍ନୀ ଦ୍ଵୟ, ମୁଁ ଯାହାଙ୍କ ଘରେ ରହିଥିଲି କିଛିଦିନ । ନଗରୀର ନାଆଁ ଭର୍ଣ୍ଣନ୍, ଲୋକସଂଖ୍ୟା ୨୧୦୦୦ । ବ୍ରିଟିଶ୍ କଲମ୍ବିଆର ଅନ୍ତର୍ଦେଶୀୟ ଅନ୍ୟତମ ନଗରୀ ।

ରାତ୍ରିଭୋଜନ ପରେ ସାନ୍ଧ୍ୟଭ୍ରମଣ ! ହଁ, ଠିକ୍ ସେଇଆ । ଏଇ ଉତ୍ତର ଅକ୍ଷାଂଶର ଦେଶରେ ସୂର୍ଯ୍ୟ ଓ ମଣିଷ ଏକାଠି ଶୋଇବାକୁ ଯାଆନ୍ତି କହିଲେ ଚଳେ । ତେଣୁ ଘଣ୍ଟାର ସମୟ ଅନୁଯାୟୀ ରାତ୍ରିଭୋଜନ ପରେ ଯେଉଁ ସୁଖ ଭ୍ରମଣ କରିବା ପାଇଁ ବାହାରିଥିଲୁ ଆମେ, ତାକୁ ଆକାଶ କହିବ, ପୃଥିବୀ କହିବ, ପରିବେଶ କହିବ ଯେ ଏଇ ହେଉଛି ସାନ୍ଧ୍ୟବିହାର । ସୁସ୍ଥ ସ୍ୱଚ୍ଛଳ ନାଗରିକର ଜନ୍ମସିଦ୍ଧ ଅଧିକାର । ଯାହା କଟକରେ, ତଥା କଲିକତାରେ, ତଥା ଦିଲ୍ଲୀରେ···ତାହା ଭର୍ଣ୍ଣନ୍‌ରେ ହେବ ନାହିଁ କାହିଁକି ? ଆମର ସେଠି 'ସନ୍ଧ୍ୟା ଛଅଟା' କହିଲେ ଯାହା ବୁଝାଏ, ଏଠିକାର 'ସନ୍ଧ୍ୟା ନଅଟା' ଠିକ୍ ସେହି ଭାବର ଦ୍ୟୋତନା ଆଣିଦିଏ । ତେଣୁ ସେହି ସମୟକୁ ସନ୍ଧ୍ୟାର ସମସ୍ତ ଉପଚାର ଦିଆଯାଏ; ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଏବଂ ଲୋକ-ସଂଖ୍ୟା ମାତ୍ର ୨୧୦୦୦ ହେଲେ ମଧ୍ୟ ଯାହାକୁ ନଗରୀ ବୋଲି ନ କହି ଆଉ କ'ଣ କହିଥାଆନ୍ତି ? ଯାହାର ଡାଉନ୍ ଟାଉନ୍ ଅଛି, ଯାହା ପ୍ରତ୍ୟେକ ବଡ଼ ସହରରେ ଥାଏ ଦୋକାନ ବଜାର ଅଞ୍ଚଳକୁ ସୂଚାଇବା ପାଇଁ । ଯାହାର

Digitized by srujanika@gmail.com

'ମଲ୍' ଅଛି, ଗୋଟିଏ ଛାତ ତଳେ ସମାହୃତ ବିଭିନ୍ନ ଦ୍ରବ୍ୟର ବିପଣୀ, ଗୋଟି ଗୋଟିକିଆ ଦୋକାନ ତଥା ସବୁକିଛିର ସୁପର୍‌ମାର୍କେଟ୍‌କୁ ନେଇ। ଚାର-ଲେନ୍ ମସୃଣ ରାସ୍ତା ଅଛି, ଲାଇବ୍ରେରୀ ଅଛି, ମ୍ୟୁଜିଅମ୍ ଅଛି, ସ୍କୁଲ କଲେଜ ଅଛି, ରେସ୍ତୋରାଁ, ନାଇଟ୍ କ୍ଲବ୍ ଇତ୍ୟାଦି ଇତ୍ୟାଦି। ଯାହାଙ୍କୁ ଯଦି ନଗରୀ ନ କହିବ ଆଉ କହିବ କାହାକୁ ? ତେଣୁ ଆମର ଏଇ ସାନ୍ଧ୍ୟବିହାର ନାଗରିକର ଅନ୍ୟତମ ଶାସ୍ତ୍ରୀୟ ଅଳସବିଳାସ, ଏଭଳି ଉପଯୋଗୀ ତଥା ନିଷ୍ପାପର ମନୋଭାବକୁ ଶୁଣିବାର ନୁହେଁ।

କିନ୍ତୁ ଇଏ କଅଣ ? ଆମ ତିନିଜଣଙ୍କ ଛଡ଼ା କ'ଣ ଆଉ କେହି ନାହାନ୍ତି ଏଇ ନଗରୀରେ ? କାହାନ୍ତି ମୋ ସାଥୀ ନାଗରିକ, କାହିଁ ସେମାନଙ୍କର ଉଚ୍ଛ୍ୱସିତ ହସ, ଉଚ୍ଚ ଆଳାପର ଉଚ୍ଚାରଣ, ଯଥା କଟକରେ ତଥା କଲିକତାରେ... ? ଦୃଶ୍ୟ ଅଛି, ମଣିଷ ତିଆରି କରିଥିବା ଦୃଶ୍ୟ, କିନ୍ତୁ ଶବ୍ଦଟିଏ ନାହିଁ ? ମଣିଷ ନିଶ୍ଚୟ ଥିବେ ଏଇ ମନୋରମ ଲନ୍-ଗାଲିଚାରେ ଗାଦି ମାଡ଼ି ବସିଥିବା କଟେଜ୍‌ଭୁକ୍ତ ଘରମାନଙ୍କରେ। କିନ୍ତୁ କେହି ବାହାରକୁ ବାହାରୁ ନାହାନ୍ତି କାହିଁକି ? ମଣିଷ ନିଶ୍ଚୟ ଥିବେ ଏଇ କାଁ ଭାଁ ଗଡ଼ି ଯାଉଥିବା କାର୍‌ମାନଙ୍କରେ। କିନ୍ତୁ ସେମାନେ କ'ଣ ଥରେହେଲେ ଭୁଲ୍‌ରେ ପେଁ ପାଁ କରିବେ ନାହିଁ ଯେ ତୁମେ ଜାଣିବ ସେମାନେ ଅଛନ୍ତି ? ଆଃ, ଯାହା ଭ୍ୟାଙ୍କୋଭର୍ ପରି ଯଥାର୍ଥ ବଡ଼ ସହରରେ ମଧ୍ୟ ଶୁଣିବାକୁ ମିଳେ ନାହିଁ, ତାକୁ ଏଇ ଛୋଟିଆ ଭର୍ଣ୍ଣନ୍‌ରେ ଶୁଣିବାକୁ ଚାହିଁବା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ। ଆରେ, ତା'ହେଲେ କଅଣ ଇଏ କେଉଁ ଧୂ ଧୂ ପ୍ରାନ୍ତର ମରୁଭୂମିର ସନ୍ଧ୍ୟା, ପୁରପଲ୍ଲୀର ନୁହେଁ ? ଏଭଳି ସନ୍ଧ୍ୟାରେ ବୁଲି ବାହାରିଲେ ମାଡ଼ି ପଡ଼ିବ ନାହିଁ ନିଜକୁ ?

ଝୁମୁଝୁମିଆ ମୋଟା ବିଲେଇ ବସିଛି ଗୋଟିଏ ଘରର ଦୁଆର-ମୁହଁରେ। ଅନେଇଛି ଆମ ଆଡ଼କୁ ଜଳଜଳ ହୋଇ। କିନ୍ତୁ ତା'ର ଗରଜ ପଡ଼ିଛି ମ୍ୟାଉଁଟିଏ କହିବ ଆମ ଆଡ଼କୁ ଚାହିଁ !

ମାରବତାକୁ ଚହ୍ଲେଇଲା ପରି କେବଳ ଗୋଟିଏ ଶବ୍ଦ। ନିଶୀଥର ଝିଲ୍ଲୀସ୍ୱନ ସମ। ପ୍ରାୟ ପ୍ରତ୍ୟେକ ଘରର ଲନ୍‌ରେ ଚାଲିଥିବା ପାଣିଫୁଆରାର ଘୁ ରୁ-ଘୁ ରୁ-ଘୁ ରୁ। ହୁଏତ ସିଏ ବି ଶବ୍ଦ ନୁହେଁ, ଶବ୍ଦର ଆଭାସ, ଅନୁମାନ ଅଥବା କିଛିହେଲେ ଶୁଣିବାର ଆତୁରତା !

Digitized by srujanika@gmail.com

"ଗୁରିଆଡ଼େ ଏତେ ଚୁପ୍‌ଚାପ୍ !" ମୋ ପାଟିରୁ ବାହାରିଲା । ବନ୍ଧୁ ମୋ ବିସ୍ମୟରେ ବିସ୍ମିତ ହେଲାପରି ମନେହେଲା । ସେଇଠୁଁ ହସିଲେ ଟିକିଏ । ସତେକି ସନ୍ଧ୍ୟା ନାମକ ବସ୍ତୁକୁ ମୁଁ ଏଇ ପ୍ରଥମେ ଦେଖୁଛି ମୋ ଜୀବନରେ ! ବନ୍ଧୁପତ୍ନୀ ମଧ୍ୟ ଆମୋଦିତ ହେଲେ, କିନ୍ତୁ ବିନମ୍ର ଭଙ୍ଗୀରେ କହିଲେ, "ତୁମେ ବଡ଼ ସହରର ଲୋକକିନା, ସେଇଲାଗି ।"

ମୁଁ ଦାନ୍ତ ଗିଜିଡ଼ିଲି, ଦୁଃଖର ସହିତ ମୋର ବଡ଼ ସହରିଆପଣର ମର୍ଯ୍ୟାଦାକୁ ସ୍ୱୀକାର କଲାପରି । ଆଉ କ'ଣ କହିଥାଆନ୍ତି ? ବୁଝେଇ ପାରିଲି ନାହିଁ ଯେ ଶ୍ରେଷ୍ଠ ସହର ବଡ଼ ସହର ସାଙ୍ଗରେ କିଛି ଯାଏ ଆସେ ନାହିଁ, ଆମେ ଭାରତବାସୀ ସ୍ୱଭାବତଃ ପାଟିତୁଣ୍ଡ କରିବାକୁ, ବକରବକର ଚବର-ଚବର ହେବାକୁ ଭଲ ପାଉ । କହିପାରିଲି ନାହିଁ ଯେ ମୁଁ ଅନେକ ସନ୍ଧ୍ୟା ଦେଖିଛି ମୋ ଦେଶରେ, ଅବଶ୍ୟ ଦେଖିଛି ଏବଂ ଅନୁଭବ କରିଛି, କିନ୍ତୁ ବସ୍ତୁତଃ କେବଳ ସେଇ କେତୋଟି ମୁହୂର୍ତ୍ତରେ ଯେତେବେଳେ ମୁଁ ନିଜକୁ ଜାଣିଶୁଣି ଦୂରେଇ ନେଇ ଯାଇଛି କେଉଁ ନଈକୂଳ ଅବା ପଡ଼ିଆର ନିର୍ଜନ କୋଣକୁ । ଯଦିଚ ସେଠି ବି ଥାଇ ଥାଇ ଶୁଣିବାକୁ ପଡ଼େ ବୁଲାବିକାଳିର ଚିତ୍କାର, ଫାଟା ରସିକର ଗୀତ, ମାଗନ୍ତାର ବିଳାପ ଅଥବା ମସଜିଦ୍ ଉପରୁ ମାଇକ୍‌ରେ ଗର୍ଜି ଉଠୁଥିବା "ଆଲ୍ଲା-ହୋ-ଆକବର"ର ଆହ୍ୱାନ ।

ହେଲା ଏବେ ଆମର ବେଶୀ ଲୋକ, ସେଇଲାଗି ଆମେ ରାସ୍ତାଘାଟରେ ହାଉଯାଉ ନ ହୋଇ ରହିପାରୁ ନାହିଁ । କିନ୍ତୁ ହାଉଯାଉ ହେଲେ କ'ଣ ହାଉହାଉ ହେବାକୁ ବାଧ ? ଧର ମୁଁ ମୋର ସନ୍ଧ୍ୟାଛୁଆଁ ଭାବନାକୁ ନେଇ ବୁଲୁଛି କଟକ ସହରର ରାସ୍ତାରେ । ତା' ବୋଲି ମୋତେ କ'ଣ ଶୁଣିବାକୁ ପଡ଼ିବ ମୋ ପାଖ ଦେଇ ଚାଲି ଯାଉଥିବା ନାଗରିକମାନଙ୍କର ବଡ଼ପାଟିଆ ଅନ୍ତରଙ୍ଗ ବାର୍ତ୍ତାଳାପ ? ଯଥା, କିଏ ଶଳା କାହାକୁ ଚଟା କାଟିଦେଲା (ଚଟାକଟା ପାଇଁ ସାଧାରଣତଃ ଗୋଟାଏ ଅଶ୍ଳୀଳ ପରିଭାଷାର ପ୍ରୟୋଗ କରାଯାଏ, ଯାହାକୁ ମୁଁ ଉଦ୍ଧାର କରିବାକୁ ଅକ୍ଷମ), ହ୍ୟାପ କୋଉ ପଣ୍ଡିତର ଦଶା କଅଣ ହେଲା, କୋଉ ସାର୍ କାହା ପ୍ରେମରେ ପଡ଼ିଲେ, ବିଜୁ ପଟ୍ଟନାଏକ ପୁଣି କେମିତିକା ବୋମା ଗୁଡ଼ିଲେ ଇତ୍ୟାଦି । ସେହିପରି ଭୁବନେଶ୍ୱର-କଟକ ବସ୍‌ରେ ଖୁନ୍ଦାଖୁନ୍ଦି ହୋଇ ବିଡ଼ିଧୂଆଁର ଗନ୍ଧ ଶୁଙ୍ଘି ଶୁଙ୍ଘି, ତଥା କଣ୍ଡକ୍ଟରର ପିଲାର ଘନଘନ "କଟେ-କଟେ-କଟେ-କଟେ"ର କୁହାଟ ଶୁଣିବା

Digitized by srujanika@gmail.com

ସାଙ୍ଗକୁ ସହଯାତ୍ରୀ ଦମ୍ପତିଙ୍କ ଠିକଣାଖି ଦେଖାଦେଖ ଓ ଘରଗୃହସ୍ଥାର କାହାଣୀ ଶୁଣିବା କଅଣ ମୋର ଅନିବାର୍ଯ୍ୟ ଦାୟିତ୍ୱ ! ମୋ ସାଲୁ ରୁ ବାଲୁ ରୁ ସହରରେ ସାରାଦିନ କଥା ଛାଡ଼ିଦିଅ, ସାରାରାତିକୁ ମଧ୍ୟ ବିଶ୍ରାମ କାହିଁ ? ମସ୍‌ଜିଦ୍‌ର ଘଡ଼ିକି ଘଡ଼ି "ଆଲ୍ଲା-ହୋ-ଆକବର" ଡାକ କେତେ ରାତିଯାଏଁ ଶୁଭୁଥାଏ ଭଗବାନ୍ ଜାଣନ୍ତି, ତା'ଛଡ଼ା କେଉଁଠା ରାତିରେ ବାଣର ଢୋ' ଢା', ବ୍ୟାଣ୍ଡ୍‌ବାଜା, ସଂକୀର୍ତ୍ତନ, ସିନେମାଗୀତ ଏବଂ ଯାତ୍ରା-ଥିଏଟର୍‌ର ରେ-ରେ କାର ଇତ୍ୟାଦିରୁ ରକ୍ଷା ମିଳେ ? ସର୍ବୋପରି ଯେହେତୁ ତୁମେ ଏକା ସହରର ବାସିନ୍ଦା, ତେଣୁ ଭାଇ ଭାଇ, ତୁମର କୌଣସି ଅଧିକାର ନାହିଁ ନିଜକୁ ଅବା ନିଜ ସ୍ତ୍ରୀ ପିଲାଙ୍କୁ ନେଇ ଅଲଗା ହୋଇଯିବ, ବ୍ୟକ୍ତିଗତ ବେଆରାମ-ଆରାମ ଗୋପନୀୟତାର ଢଙ୍ଗ କାଢ଼ିବ । ନା, ଦିନ ହେଉ ରାତି ହେଉ, ତୁମକୁ ଚେତା ହୋଇ ଶୁଣିବାକୁ ପଡ଼ିବ, ବାରମ୍ବାର ଶୁଣିବାକୁ ପଡ଼ିବ ତୁମ ସାହିଭାଇଙ୍କ ଆଳାପ-ବିଳାପ କୁହାଟ କଳକଳାର ଧ୍ୱନି । ଆମେ ଏକାଠି ରହୁଛୁ ପରା, ଏତିକି ଜଣା ନାହିଁ ତୁମକୁ ?

କଲିକତା କଟକଠାରୁ ଯେ ବିଶେଷ ଭିନ୍ନ ତା' ନୁହେଁ । ବରଂ ସେଠି ଅଛି ଗୋଟାଏ ଅଧିକା ଜିନିଷ, ଇନ୍‌କିଲାବ୍‌ର ଦୈନନ୍ଦିନ ଦୁହା, ଯାହା କଟକ ସହରରେ ମିଳେ ନାହିଁ । ନୂଆ ନଗରୀ ନୂଆଦିଲ୍ଲୀ ହୁଏତ ଟିକିଏ ଭିନ୍ନ ବୋଲି ମନେହେବ, କିନ୍ତୁ ଅଳ୍ପ କେତୋଟି ଭି.ଆଇ.ପି. ବଙ୍ଗଳାମାନଙ୍କ ଭିତରେ ଲୁଚି ଯାଇଥିବା ଆଭିଜାତ୍ୟକୁ ଛାଡ଼ିଦେଲେ କେଉଁଠି ହେଲେ ଶ୍ରବଣକୁ ଶାନ୍ତି ମିଳେ ବୋଲି କହିହେବ ନାହିଁ । ତା'ଛଡ଼ା କଲିକତା ତଥା ଦିଲ୍ଲୀ ଆଦି ମହାନଗରୀର ଆଉ ଗୋଟାଏ ମାଡ଼ ବିଚରା କାନ ଉପରେ, ଅହରହ ଆଘାତ—କାର୍ ଟ୍ରକ୍‌ର ପେଁ ପାଁ, ଟେଁ ଟୁଁ, ଘଡ଼ଘଡ଼, ଧଡ଼ଧଡ଼ । ଦିଲ୍ଲୀର ଫୁର-ଲେନ୍ ରାସ୍ତାରେ ମଧ୍ୟ ପେଁ ପାଁ, ଟ୍ରାଫିକ୍ ଆଲୁଅ ବଦଳିବା ମାତ୍ରେ ପେଁ ପାଁ, ଅକାରଣ ଅନବରତ ପେଁ ପାଁ, ଯେ ମୋତେ ବାଟ ଛାଡ଼ିଦିଅ, ମୋର କାମ ଅଛି, ଯଦିଓ ଅଧିକାଂଶ କ୍ଷେତ୍ରରେ ବାଟ ଛାଡ଼ିଦେବାର କାରଣ ନାହିଁ, ଉପାୟ ନାହିଁ, କି ଅବକାଶ ନାହିଁ ।

କାହିଁକି ଏତେ ମୁଖରତା ଆମ ଦେଶରେ ? ଯେଉଁ ଅତୀତରେ ଦିନେ ଓଁକାର ଥିଲା ଆନନ୍ଦ ତଥା ଉପଲବ୍‌ଧିର ଧ୍ୱନି, ପ୍ରଶାନ୍ତିର ଉଚ୍ଚାରଣ ପରି, ତା'ର ସର୍ବୋତ୍ତର ଅର୍ଥାତ୍ ସହରିଆ ଶେଷକଥା କ'ଣ ଏଇ ଅସମ୍ଭାଳ ଓ

Digitized by srujanika@gmail.com

ଅନାବଶ୍ୟକ ଧ୍ୱନିମାନଙ୍କ ଠେଲପେଲି ତଥା ମାଡ଼ଗୋଳରେ ରହିଗଲି ? କାହିଁକିନା ଆମେ ଏତେ ଲୋକ ? ନା ଏତେ ଗରିବ ବୋଲି ଅନ୍ତତଃ ଗୁଡ଼ାଏ ପାଟିତୁଣ୍ଡ ନ କଲେ ଆମର ପେଟ ପୂରେ ନାହିଁ ?

ସ୍ୱଦେଶର ମନ୍ତ୍ରମୁଖର ସ୍ମୃତିରୁ ଫେରିଆସିଲି ଯେତେବେଳେ ବନ୍ଧୁ ମୋର ଦୃଷ୍ଟି ଆକର୍ଷଣ କରି କହିଲେ, "ହେଇ, ଯାଁ'ର କଥା କହୁଥିଲି, ଯାଁ'କୁ ହିଁ କହନ୍ତି ଜାପାନିଜ୍ ମେପ୍‌ଲ୍ ।"

"...ଦେଖନ୍ତୁ, ଏଇ ପତ୍ରର ରଙ୍ଗ ଡାଉଆ ନିଶ୍ଚୟ, କିନ୍ତୁ ଆକାର-ପ୍ରକାର ଭିନ୍ନ । ଆଉ ଗୋଟାଏ ଗଛ ଅଛି, ଯାହାର ପତ୍ର ମେପ୍‌ଲ୍ ପରି ଦେଖିବାକୁ, କିନ୍ତୁ ରଙ୍ଗ ଡାଉଆ ହେବାଯାଏଁ ଯାଏ ନାହିଁ । ଏଇ ଯେଉଁ ଫୁଲୁକା ନାଲି ଫୁଲ, ଗୋଛି ଗୋଛି ହୋଇ ଫୁଟିଛି, ତା' ନାଆଁ ରୋଡୋ-ଡେଣ୍ଡ୍ରନ୍ ବୋଲି ଜାଣିଥିବେ ନିଶ୍ଚୟ, କିନ୍ତୁ ଅନେକେ ଜାଣନ୍ତି ନାହିଁ ଯେ ତା'ର ରଙ୍ଗ ଆଉ କେତେ ରକମର ହୋଇପାରେ । ଗୋଲାପୀ, ପୋଇ-ଗୁଲିଆ, ହଳଦିଆ... ।" ବନ୍ଧୁ ବିଭିନ୍ନ ଘରର ଲନ୍‌ରେ ଓ ବଗିଚାରେ ଶୋଭା ପାଉଥିବା ଲତାଗୁଳ୍ମ ଫୁଲ ଫଳ ଉପରେ ଟିପ୍‌ପଣୀ ଦେଇ ଚାଲି ଥାଆନ୍ତି । ବୋଧହୁଏ ମୋତେ ସଚେତନ କରିଦେବା ପାଇଁ ଯେ ମନ ମାରି ଦିଅନ୍ତୁ ନାହିଁ । ଆପଣଙ୍କ ବଡ଼ ସହରରେ ଅନେକ ବଡ଼ ବଡ଼ ମନୋମୁଗ୍‌ଧକର ଦୃଶ୍ୟ ଥାଇପାରେ, କିନ୍ତୁ ଆମର ଏଇ ସାନ ସହରର ପରିବେଶରେ ମଧ୍ୟ ଅଛି କିଛି ଦେଖିଲା ପରି ।

କ୍ରମଶଃ ସେମାନେ ଟୀକାଟିପ୍‌ପଣୀ ଦେଲେ କଟେଜ୍‌ଭଳି ରହିବା ଘରମାନଙ୍କ ଉପରେ । ଅର୍ଥାତ୍ ଲନ୍ ବଗିଚାର ଅଧିଷ୍ଠାତ୍ରୀ ଦେବତାମାନଙ୍କ ଉପରେ, ଯେଉଁମାନେ ଯେଝା ଯେଝା ଆସନରେ ବସି ଅନେଇଛନ୍ତି ଆମ ଆଡ଼କୁ ଏବଂ ନିଜ ନିଜ ଗାରିମାରେ ଝଟକୁଛନ୍ତି । ସେମାନଙ୍କ ସ୍ଥିତି, ଅବସ୍ଥା ଏବଂ ସ୍ୱାସ୍ଥ୍ୟ ଉପରେ । ଯଥା: ଅମୁକକୁ ଏତେବର୍ଷ ହେଲାଣି, ପଚାଶରୁ କମ୍ ହେବ ନାହିଁ, କିନ୍ତୁ ତା' ଚାରିପାଖରେ ଯେଉଁ ଉଚ୍ଚ ଉଚ୍ଚ ଫର୍ ଗଛ ଥିଲି ତାକୁ କାଟିଦେବା ଉଚିତ ନ ଥିଲି (ସତେକି ଭିକ୍ଟୋରିଆନ୍ ପିତାମହଙ୍କର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଗଲା) .. ଆହା, ଯାଁ'ର ଚିମ୍‌ନିଟା ଏତେ ତେଡ଼ା ହୋଇଗଲାଣି—କେହି ଦେଖୁ ନାହାନ୍ତି ଟିକିଏ ? ...ଉଁଃ ! ଫଲ୍ ଆସିବାକୁ

Digitized by srujanika@gmail.com

ଅନେକ ଡେର ଅଛି, ତଥାପି ଏତେ ପଥର ଜମା ହୋଇଗଲାଣି ଏଠି (ସତେକି ଦେବତାଙ୍କୁ କେତେ ବାଧୂ ନ ଥିବ ଏଇ ଅଶୋଭମୟ ଦୃଶ୍ୟ !)

...ଦେଖ—ଦେଖ—ଦେଖ, ଲନ୍‌ରେ ପାଣି ଦଆହେଉଛି କେମିତି ! ପେଭ୍‌ମେଣ୍ଟ୍‌ର ଫାଳେ ଓଦା ହୋଇଗଲାଣି, ଏଣେ ଘାସ ପାଣି ପାଉ ନାହିଁ"। ଦୁହେଁ ଏହି ଘୋର ଅବ୍ୟବସ୍ଥାରେ ହସି ଉଠିଲେ ।

ଘୁମ୍‌ସା ବଲେଇଟା (ଇଏ କ'ଣ ସେଇ ବଲେଇ ଯେ ଜଳଜଳ ହୋଇ ଗୁହାଁଥିଲା ମୋତେ ?) ଦୌଡ଼ି ପଳେଇଲା ରାସ୍ତାର ଏ ପାଖର ସେ ପାଖକୁ । ବନ୍ଧୁ କହିଲେ, "ଇଏ ଟିଜର୍ ନୁହେଁ କି ?" ବନ୍ଧୁପତ୍ନୀ କହିଲେ, "ନା—ନା—ଟିଜର୍‌ର ନାକରେ ଧଳା ଚିହ୍ନ ଅଛି, ୟା' ନାଆଁ ଟିପିଲିଆ—ୟଙ୍ଗ୍ ଲେଡି ।" ସେଇଠୁ ହସିଲେ କୁଟୁକୁରୁ ହୋଇ ।

ଭାବିଲି ଜନମାନବ ନାହାନ୍ତି ବୋଲି ସିନା ଏମାନଙ୍କର ଭାଉ ବଢ଼ିଯାଇଛି ଏମିତି—ଏଇ ଯେତେକ ଘର, ଲନ୍, ଗଛଲତା, କୁକୁର ବଲେଇଙ୍କର !

ଏଇ ବୋଧହୁଏ ସଭ୍ୟତାର ଉତ୍କର୍ଷ । ଖୋଲା ମୁକୁଳା ପ୍ରକୃତିକୁ ଭଲ ପାଇବା, ତା' ସାଙ୍ଗରେ କଥାଭାଷା ହେବା ସ୍ୱାଭାବିକ । ସାମାନ୍ୟ ସାଧାରଣ । କିନ୍ତୁ ପ୍ରକୃତିକୁ କାଟିକୁଟି, ଯୋଡ଼ଯାଡ଼, ମୋଡ଼ମାଡ଼ ଯେଉଁ ଘର ତିଆରି କଲି, ଘାସ ଗେଇଲି, ଗଛ ଲଗେଇଲି, ହୁଏତ ବଲେଇଟିଏ କୁକୁରଟିଏ ପୁରି ଦେଲି ତା' ମଝିରେ— ସେଇ ଯେଉଁ ଛବି, ପିକ୍‌ଚର୍-ପୋଷ୍ଟକାର୍ଡ୍‌ର ଛବି, ତାକୁ ପ୍ରାଣବନ୍ତର ମୂଲ୍ୟ ଦେବା, ଇଏ ବି କ'ଣ ସଭ୍ୟ-ମାନବର ଅନ୍ୟତମ ସୌଖୀନତା ଓରଫ୍ ବଡ଼ପଣ ନୁହେଁ ?

ହଁ, ଆଧୁନିକ ଜଗତର କବି ନିଜ ଗଢ଼ା ପ୍ରକୃତିକୁ ମଧ୍ୟ ପଗୁରିବା ଉଚିତ— ତୁମି କି କେବଳ ଛବି, ଶୁଧୁ ପଟେ ଆଙ୍କା ? ଏବଂ ସକାଳସଞ୍ଜେ ତାଙ୍କ ସାଙ୍ଗରେ କଥାଭାଷା ହେବା, ତାଙ୍କ ଭଲମନ୍ଦ ପଚାରିବା, ତାଙ୍କୁ ନେଇ ଗୀତ ବୋଲିବା ହିଁ ମଣିଷପଣିଆ । କହିବାକୁ ଗଲେ ମାଲିକପଣିଆ । ଅନ୍ୟ ଅର୍ଥରେ ଭଗବାନତ୍ୱ ।

ମୁଁ ଛବି ଦେଖାରେ ଭୋଳ ହୋଇଗଲି ଏବଂ ମୋର ମନେହେଲା ଯେ ନଗରୀ ମାରବ ନୁହେଁ, ଆଦୌ ମାରବ ନୁହେଁ । ସଙ୍ଗୀତ ଶୁଭୁଛି । ତାକୁ ଶୁଣିବ, ଆହୁରି ଶୁଣିବ । ଏଥର ଆସିବ ଏକୁଟିଆ । କିଏ କହିଲା ଏକୁଟିଆ

Digitized by srujanika@gmail.com

ଆସିଲେ ମାଡ଼ିପଡ଼ିବ ମୋତେ ? ଏଇ ସହରକୁ ଘେରି ରହିଥିବା ଛିନଛିନଟା ହ୍ରଦ ପାଖକୁ ଯିବ ନିଶ୍ଚୟ କେବେହେଲେ, କିନ୍ତୁ ତା' ଆଗରୁ କାହିଁକି ଅନୁଭବ କରିବ ନାହିଁ ଏଇ ତଥାକଥିତ ବନ୍ଧୁମାନଙ୍କୁ ? ତାଙ୍କୁ ଆତ୍ମୀୟତାର ସ୍ନେହ ତଥା ସମ୍ମାନ ଦେଇପାରିବ ନାହିଁ ?

ସେଇଠୁ ମୋର ମନେହେଲା ଯେ, ପାଶ୍ଚାତ୍ୟ ସଭ୍ୟ ଜଗତ ଆମ ପରି ଏତେ କୁହାଳିଆ ବଡ଼ପାଟିଆ ନୁହେଁ ସତ, କିନ୍ତୁ ଖାସ୍ କ୍ୟାନେଡ଼ା ବୋଲି ଏଠି ଏତେ ଅଳ୍ପଲୋକଙ୍କୁ ଏତେ ବେଶି ଛକିବ, ଏତେ ସୁନ୍ଦର ଛକିବ । ଏଭଳି ନଗରୀ, ହେଲେ ଏତେ ନୀରବ ଏବଂ ଏକି ଚମତ୍କାରିତା ।

କିନ୍ତୁ ଏତେ ଅଳ୍ପ ଲୋକ ଯଦି ଆହୁରି ଅଳ୍ପ ହୋଇଯିବେ···

ସୌରମଣ୍ଡଳ ଯଦି ଛୁଡ଼ି ଛୁଡ଼ି ହୋଇଯାଏ, ଘୁଞ୍ଚିଯାଏ ଦୂରକୁ ଦୂରକୁ···

ତା'ହେଲେ ବି କଅଣ ଏଠିକା ମଣିଷ ଏମିତି କର୍ତ୍ତା ହୋଇ ରହି-ପାରିବ ପ୍ରକୃତିର ? ସର୍ବଂସହା ନୀରବ ପ୍ରକୃତି, ବଣଜଙ୍ଗଲ ହେଉ କି କୃତ୍ରିମ ଘର ବଗିଚା, କ'ଣ ମଣିଷକୁ ତା' ବାହୁପାଶରେ ଜାବୁଡ଼ି ଧରି ମିଶେଇ ଦେବ ନାହିଁ ନିଜ ଭିତରେ ?

ମନେପଡ଼ିଲା ଯେ, ଜନ ବୈଜ୍ଞାନିକମାନଙ୍କ ମତରେ କ୍ୟାନେଡ଼ା ହେଉଛି ପୃଥିବୀର ସବୁଠାରୁ ସ୍ୱଳ୍ପ-ଅଧ୍ୟୁଷିତ ଦେଶ । ତେଣୁ ତା'ର ଭବିଷ୍ୟତ ପ୍ରତି ବିଶେଷ ସାବଧାନ ହେବାକୁ ପଡ଼ିବ । ପରିବେଶ ଗବେଷଣା କେନ୍ଦ୍ରର ସଭାପତି ମାଇକେଲ୍ ଆଡାମ୍ସ୍ ଥରେ ଭ୍ୟାଙ୍କୋଭର୍‌ରେ କହିଲେ— ଆମରି ପିଢ଼ିରେ ଆମେ ଦେଖିଲୁ କେମିତି ଜନ୍ମ-ବିସ୍ଫୋରଣ ଜନ୍ମ-ବିଲୟରେ ପହୁଞ୍ଚିଲାଣି । ଆମେ ପୃଥିବୀର ସବୁଠାରୁ ବନ୍ଧ୍ୟା ଦେଶମାନଙ୍କ ଭିତରେ ଗଣା । ଆମର ଜନ୍ମହାର ହେଲା ପ୍ରତି ନାରୀ ପିଛା ହାରାହାରି ୧·୬୭ ସଂଖ୍ୟକ ଶିଶୁ । କିନ୍ତୁ ଆମର ଦରକାର ନାରୀ ପିଛା ଅନ୍ତତଃ ୨·୦୧ । ତା'ହେଲେ ଯାଇ ବର୍ତ୍ତମାନର ଲୋକସଂଖ୍ୟା କାଏମ୍ ରହିବ । ପୁଣି କହିଲେ ଯେ, ଆସନ୍ତା ଶତାବ୍ଦୀର ମଝିରେ ଆମ ଲୋକସଂଖ୍ୟା ୨·୬ କୋଟିରୁ ୧·୨ କୋଟିକୁ ଖସି ଯାଇପାରେ, ଯଦି ଜନ୍ମର ହାର ଏତିକି ରହେ ଏବଂ ବାହାରୁ ଆସି ରହି ଯାଉଥିବା ନାଗରିକ (Immigrant)ମାନଙ୍କ ସଂଖ୍ୟା ବର୍ତ୍ତମାନ ପରି ୮୦,୦୦୦ରୁ ନ ବଢ଼େ ।

Digitized by srujanika@gmail.com

ଲୋକେ ରହିବେ ମାତ୍ର କୋଟିଏ ! ଓଡ଼ିଶାବାସୀଙ୍କର ପ୍ରାୟ ତିନିଭାଗରୁ ଭାଗେ ! ଯଦିଓ ଆକାର ଅନୁପାତରେ ଇଏ ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ଦେଶ, ସୋଭିଏତ୍ ରୁଷିଆର ପଛକୁ ।

ନା, ନା, କଥାଟା ଏତେଦୂର ଯିବ ନାହିଁ । ସବୁଥିର ଗୋଟାଏ ସୀମା ଅଛି ।´ମଣିଷ ଜାତିବି, ମିଳେଇ ଯିବ ନାହିଁ । କୋଉ ନୀରବତା ବଳେଇ ଯିବ ନାହିଁ ତାକୁ···

× × କେତେଦିନ ପରେ ମୁଁ ମୋ ଏକୁଟିଆ ସାନ୍ଧ୍ୟ ଭ୍ରମଣରୁ ଫେରୁଛି, ଦେଖିଲି ଯେ, ବନ୍ଧୁପତ୍ନୀଙ୍କ ପ୍ରଥମ ସ୍ୱାମୀଙ୍କ ଆଉ ଜନ୍ମିତା ସତର ଅଠର ବର୍ଷିୟା ଝିଅ ତା' ହାତକୁ ପ୍ଲାଷ୍ଟର୍‌ରେ ଝୁଲେଇ ଠିଆ ହୋଇଛି ତା'ର ବଏ-ଫ୍ରେଣ୍ଡ୍ ପାଖରେ ଓ କ'ଣ ବଚସା ଶୁଣୁଛି ତା' ମାଆ ପାଖରୁ । ବୁଝୁ ବୁଝୁ କ'ଣ ନା ସେ ଗତ ରାତିରେ ଯାଇଥିଲା କୋଉ ବାର୍‌କୁ, ସେଠି କ'ଣ ମାଡ଼ଗୋଳ ହେଲା ଯେ ତା'ର ପରିଣାମ ସ୍ୱରୂପ ତା' କଚଟିର ହାଡ଼ ଭାଙ୍ଗି ଯାଇଛି । ଆଜି ଡାକ୍ତରଖାନାକୁ ଯାଇ ହାତକୁ ପ୍ଲାଷ୍ଟର୍ କରାଇବା ପରେ ସେ ଘରକୁ ଫେରୁଛି ମାଆକୁ ଜଣାଇବା ପାଇଁ ।

ମୋର ମନେହେଲା ନାହିଁ ଯେ ମାଆର ଭର୍ତ୍ସନାରେ ବିଶେଷ ମୁନ ଥିଲା କି ଝିଅର ହୃଦୟରେ ବିଶେଷ ଦୁଃଖ ଥିଲା । ବରଂ ମୃଦୁ ମୃଦୁ ହସର ଆଭାସ ପ୍ରତ୍ୟେକଙ୍କ ଓଠରେ । ସତେକି ଏମିତି ହୁଏ । ଯୁବସୁଲଭ ଆଡ୍‌ଭେଞ୍ଚର୍‌ର ଏକ ସାମାନ୍ୟ ଦୁର୍ଘଟଣା । ବନ୍ଧୁ ଆମୋଦ ବିଦ୍ରୂପର ଭଙ୍ଗୀରେ କହିଲେ— "ହେବ ନାହିଁ ? ଆଜିକାଲିକା ପିଲାଙ୍କର ଦରକାର ଆହୁରି ଶବ୍ଦ, ଆହୁରି ବାଜା, ଆହୁରି ଗୀତ, ନାଚ, ମଦ, ଉତ୍ତେଜନା··· ନ ହେଲେ ମଜା ଆସିବ କେଉଁଠୁ ?

ମୋର ପାଟିରୁ ବାହାରୁଥିଲା— ହଁ, ତା' ନ ହେଲେ ନୀରବତାକୁ ଜିଣିହେବ କେମିତି ? ଇଏ ବି ଗୋଟାଏ ବାଟ । ହୁଏତ ଠିକଣା ବାଟ । ରାସ୍ତାରେ ନୁହେଁ, ରଙ୍ଗଶାଳାରେ ହିଁ ରଙ୍ଗରସର ଖେଳ ଉଠେଇବା କଥା ।

ହେଲେ ମୁଁ ମନେ ମନେ ଶାନ୍ତିର ବାଣୀ ଶୁଣାଉଥିଲି ସେଇ ହାତଭଙ୍ଗା କୁମାରୀକୁ । କହିଲି— ଚିନ୍ତା ନାହିଁ, ବୟସ ଥିଲାବେଳେ ଏମିତି ଯେତେ ଝଡ଼େଇ ହେଲେ ମଧ ତୁ ଦିନେ ବୁଢ଼ୀ ହେବୁ ଏବଂ ଏକୁଟିଆ ପଡ଼ିବୁ । ଏକଦମ୍ ଏକୁଟିଆ । ଯେମିତି ଜଣକୁ ଦେଖିଆସିଲି ଏବେ । ବୁଢ଼ୀ ତା' ଲନ୍‌ରେ

Digitized by srujanika@gmail.com

ବୁଲୁଥିଲା । ମୋତେ ଦେଖି ହାତଠାରି ଡାକିଲା । କହିଲା ତା' ପାଣି ପାଇପ୍‌ରୁ ପାଣି ଝରୁ ନାହିଁ ଭଲ କରି, କୋଉଠି କ'ଣ ଅଟକି ଯାଇଛି— ଟିକିଏ ଠିକ୍ କରି ଦିଅନ୍ତେ ନାହିଁ ? (ମୋର ଏକୁଟିଆ ସାନ୍ଧ୍ୟ ଭ୍ରମଣର ତିନି ଦିନ ଭିତରେ ଦେଖିଛି ମାତ୍ର ସେଇ ଗୋଟିଏ ଲୋକ ଏବଂ ଫୁଙ୍ଗୁଳା ଦେହରେ ସାଇକେଲ୍ ଚଳାଉଥିବା ଗୋଟିଏ ଟୀନ୍‌ଏଜ୍‌ର ବାଳକ) କହିଲା— ମୁଁ ପାରୁ ନାହିଁ, ମୋତେ ଆସି ପଞ୍ଚାଅଶି ବର୍ଷ ହେଲାଣି, ନାହାନ୍ତି କେହି ମୋ ପାଖରେ··· । ମୁଁ ତା' ପାଣି ପାଇପ୍ ଠିକ୍ କରିପାରିଲି ନାହିଁ । କିନ୍ତୁ ମୋ ସାଙ୍ଗରେ ଦି'ପଦ କଥା କହି ସେ ଯେମିତି ଖୁସି ହେଲା, ତା'ର ତୁଳନା ନାହିଁ । ଝିଅ ଲୋ, ତୁ ବି ସେମିତି ଖୁସି ହେବୁ ତୋର ସଞ୍ଜବେଳକୁ । ନିରବଚ୍ଛିନ୍ନ ମୀରବତାର ଫାଙ୍କରେ । ଭଗବାନ୍ ତୋର ମଙ୍ଗଳ କରନ୍ତୁ ।

Digitized by srujanika@gmail.com

ବାରିଆଡ଼େ କାନ୍ଦଣା

ବାରିଆଡ଼େ କାନ୍ଦଣା । ରଙ୍ଗମଞ୍ଚର ପରିଭାଷାରେ କହିଲେ ହେବ, ନେପଥ୍ୟ କ୍ରନ୍ଦନର ସ୍ୱର । ତେବେ କ୍ରନ୍ଦନର ସ୍ୱର ହୋଇପାରେ ସଙ୍ଗୀତ ବିଶେଷ, ଉଚ୍ଛନ୍ନ ଉଗ୍ର ଉପଭୋଗରେ ଯତ୍‌ସାମାନ୍ୟ । ଆହା ଉଚ୍ଛୁର ମାଧୁର୍ଯ୍ୟ ଆଣିଦେବା ପାଇଁ, ସଫଳତା ସାଙ୍ଗରେ ଯତ୍‌ସାମାନ୍ୟ ଦୁଃଖ ଯୋଡ଼ିଦେବା ପାଇଁ । ଯଥା: ଆହା, ଆମର ଜାଣିବା ଉଚିତ ଯେ, ସେମାନେ କାନ୍ଦୁଛନ୍ତି ଏବଂ ତାଙ୍କର ଲୁହ ପୋଛିଦେବା ଆମର କର୍ତ୍ତବ୍ୟ । ଯେତେହେଲେ ସେମାନେ ଆମରି ଲୋକ, ଏ ଦେଶର ପ୍ରଥମ ଲୋକ । ତାଙ୍କ ନାଆଁ ହେଉଛି ଇଣ୍ଡିଆନ୍ ।

ଅନେକ ଭାରତୀୟଙ୍କ ପରି ମୁଁ ମଧ୍ୟ ଏହି ନାମକରଣକୁ ସହ୍ୟ କରିପାରେ ନାହିଁ । ବିଶେଷତଃ ଆମକୁ ଯେତେବେଳେ କୁହାଯାଏ "ଇଷ୍ଟ୍ ଇଣ୍ଡିଆନ୍ ।" କିଓ କଲମ୍ବସ୍ ଗୋଟାଏ ଭୁଲ୍ କଲେ ବୋଲି ତୁମେ ତାକୁ ସଂଶୋଧନ କରିପାରିଲ ନାହିଁ ଆଜିଯାଏଁ ? ଅବଶ୍ୟ ପ୍ରଭେଦ ସୂଚାଇବା ପାଇଁ କହୁଛି ଯେ ଏମାନେ ହେଉଛନ୍ତି ନେଟିଭ୍ ଇଣ୍ଡିଆନ୍, ଆମେ ହେଲୁ ଇଷ୍ଟ୍ ଇଣ୍ଡିଆନ୍ ଏବଂ ଆଉ ଥୋକେ ଅଛନ୍ତି ତଳ ଆଟ୍‌ଲାଣ୍ଟିକ୍ ମହାସାଗରର ଦ୍ୱୀପପୁଞ୍ଜରେ, ସେମାନେ ହେଉଛନ୍ତି ୱେଷ୍ଟ୍ ଇଣ୍ଡିଆନ୍—ସତେକି ଆମେ ଜାତିଭାଇ, ଯେତେ ଯାହା କହିଲେ ବି ସେଇ ଏକା କିସମର ଚଢ଼ିଆ !

ଗୁଡ଼୍, ଘଗରୁଷା ଯୁକ୍ତିତର୍କରେ ଲାଭ ନାହିଁ । କଥାରେ କହନ୍ତି ଯେ, ସିଂହୀ ଅଣ୍ଡା ଦିଏ କି ଛୁଆ ଜନ୍ମ କରେ ପଚାରିବା ନିରର୍ଥକ । ଯେତେହେଲେ ଜଙ୍ଗଲର ରାଣୀ, ମନ ହେଲେ ଅଣ୍ଡା ଦେବ, ମନ କଲେ ଛୁଆ ଜନ୍ମ କରିବ, ସବୁ ତା' ମର୍ଜି ଉପରେ ନିର୍ଭର କରେ ।

Digitized by srujanika@gmail.com

ବର୍ତ୍ତମାନ ପ୍ରଶ୍ନ ହେଲା ଯେ ଇଉରୋପରୁ ଆସି ପହଞ୍ଚିଥିବା କ୍ୟାନେଡ଼ିଆନ୍ ତା'ର ଡାଇଁଘର, ଗେଷ୍ଟେଇଘର ତଥା ଶୋଇବାଘରେ ଯାବତୀୟ ମଉଜ ମଜଲିସ୍ କଲାବେଳେ ବାରିଆଡ଼େ କାନ୍ଦୁଥିବା କୋଉ ଇଣ୍ଡିଆନ୍‌କୁ ଏତେ ମନେ ପକାଉଛୁ କାହିଁକି ? କ୍ରନ୍ଦନ ସଙ୍ଗୀତରେ ତା'ର ଉପଭୋଗ ସକରୁଣ ହୋଇଉଠୁଛି, ସେଇଥିପାଇଁ ଭଲ ଲାଗୁଛି ? ବିବେକ ଏମିତି ବିନ୍ଧୁଛି ଯେ ବିଚାରି ଥୟ ଧରିପାରୁ ନାହିଁ ? ନା ଇଏ ହେଉଛି ମହାନୁଭବତା ଦେଖାଇବାର ଅନ୍ୟତମ ଢଙ୍ଗ, ଇତିହାସ ପାଇଁ ?

ଅନାୟାସରେ ଏହି ପ୍ରକାର ଗୋଟାଏ ଉତ୍ତର ମାଡ଼ି ଦେଇ ଗୋରା କ୍ୟାନେଡ଼ିଆନ୍ (ତଥା ସମସ୍ତ ଉତ୍ତର ଆମେରିକାନ୍) ଭାଇମାନଙ୍କୁ କାଠଗଡ଼ାରେ ଠିଆ କରେଇ ହେବ ଏବଂ ସାବ୍ୟସ୍ତ କରି ହେବ ଯେ ଢ଼ଣା ଅଧିକେ ଏମାନେ ଦୋଷୀ, ଅନ୍ତତଃ ସ୍ୟାଁଙ୍କ ବାପ ଅଜା ପୂର୍ବପୁରୁଷ, ଯେଉଁମାନେ ଇଣ୍ଡିଆନ୍‌ମାନଙ୍କୁ ତଡ଼ି ଦେଇଛନ୍ତି ବାରିଆଡ଼କୁ । ତଥାପି ମୋତେ ଟିକିଏ ଆଶ୍ଚର୍ଯ୍ୟ ଲାଗିଛି ଯେ ବାରିଆଡ଼େ କିଏ କାନ୍ଦୁଛି, ସେ ବିଷୟରେ ଏମାନେ ଏତେ ସଚେତନ ଏବଂ କ୍ଷମା କରିବେ, ସେଥିପାଇଁ ଏମାନେ ଅଳ୍ପ ବହୁତ ଧନ୍ୟବାଦର ପାତ୍ର ବୋଲି ମୋର ମନେ ହୋଇଛି । କହିବି ସେକଥା ପରେ । ବର୍ତ୍ତମାନ ଦେଖାଯାଉ ଏମାନଙ୍କର ଦୋଷ କଅଣ, ତା'ର ଗଭୀରି କେତେ ଓ ତାହା ଲମ୍ବିଛି କେଉଁଠୁ କେଉଁଯାଏ ।

ଗୋରାମାନେ ଏଠିକି ଆସିବା ପୂର୍ବରୁ ଇଣ୍ଡିଆନ୍‌ଙ୍କର ସଂଖ୍ୟା କେତେ ଥିଲା ? ଆମେରିକାର ଜାତୀୟ ଭୌଗୋଳିକ ସଂସ୍ଥାର ଗୋଟିଏ ମାନଚିତ୍ରର ଭୂମିକାରେ କୁହାଯାଇଛି ଯେ ତା'ର ଠିକ୍ ବିବରଣୀ ମିଳି ନାହିଁ । ବିଭିନ୍ନ ଗବେଷକ ବିଭିନ୍ନ ଗଣନାରେ ପହଞ୍ଚିଛନ୍ତି— ଷାଠିଏ ଲକ୍ଷରୁ ଆରମ୍ଭ କରି ଛଅଶହ ଲକ୍ଷ ଅର୍ଥାତ୍ ଛଅକୋଟିଯାଏଁ ଏବଂ ଖାଲି ଉତ୍ତର ଆମେରିକା ଅର୍ଥାତ୍ ମେକ୍ସିକୋର ଉତ୍ତରକୁ ଥିବା ଭୂଖଣ୍ଡକୁ ନେଲେ ଦଶଲକ୍ଷରୁ ଅଶୀ-ଲକ୍ଷ ଯାଏଁ । କହିବା ବାହୁଲ୍ୟ ଯେ ସେମାନେ ରାଷ୍ଟ୍ରଭିତ୍ତିକ ଏକ ସଂଗଠିତ ସଂପ୍ରଦାୟର ସଭ୍ୟ ବୋଲି ନିଜକୁ ମନେ କରୁ ନ ଥିଲେ । ଅପରନ୍ତୁ ପ୍ରାୟ ୨୨୦ ଭାଷାରେ କଥା କହୁଥିବା ବିଭିନ୍ନ ଉପଜାତିରେ ବିଭକ୍ତ ହୋଇ ରହିଥିଲେ ଏବଂ ବେଳେବେଳେ ପରସ୍ପର ସହିତ ଲଢ଼େଇ କରୁଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଅପର୍ଯ୍ୟାପ୍ତ ପ୍ରାକୃତିକ ସମ୍ପଦର

Digitized by srujanika@gmail.com

ଅଧିକାଂଶ ହୋଇଥିବାରୁ ବେଶ୍ ସୁଖରେ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇଣ୍ଡିଆନ୍‌ଙ୍କ ବିଷୟରେ କିଛି କହିଲାବେଳକୁ ସ୍ୱଭାବତଃ ଆମ ଦେଶର ଆଦିବାସୀଙ୍କ ଚେହେରା, ସଂସାର ଏବଂ ଇତିହାସ ମନେ ପଡ଼ିଯାଏ । କିନ୍ତୁ ପ୍ରକୃତରେ ପାର୍ଥକ୍ୟ ଅନେକ ଚେହେରାରେ ଆମ ଆଦିବାସୀମାନେ ପ୍ରାୟ କୃଷ୍ଣବର୍ଣ୍ଣ କହିଲେ ଚଳେ । କିନ୍ତୁ ଏମାନେ ମୋଟାମୋଟି ତାମ୍ରବର୍ଣ୍ଣ । କିନ୍ତୁ ସବୁଠାରୁ ବଡ଼ ପାର୍ଥକ୍ୟ ହେଉଛି ଯେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିରୁ ବହୁ ଦୂରରେ (ହୁଏତ ପଛରେ) ରହିଥିଲେ ମଧ୍ୟ ମାତ୍ର ଗତ ଦୁଇଶହ ବର୍ଷ ଭିତରେ ହିଁ ଏମାନେ ଏଭଳି ମ୍ରିୟମାଣ ଓ ଦୟନୀୟ ହୋଇ ପଡ଼ିଛନ୍ତି । ତା' ପୂର୍ବରୁ ଏମାନଙ୍କର ବିଭିନ୍ନ ଦଳବଦ୍ଧ ଇଲାକା ଥିଲା, ଦଳପତି ଥିଲେ ଏବଂ ଯୁଦ୍ଧ କରିବାର କ୍ଷମତା କିଛି କମ୍ ନ ଥିଲା । ବିଭିନ୍ନ ଅଞ୍ଚଳରେ ଏମାନଙ୍କର ଘମାଘୋଟ ଲଢ଼େଇ ଚାଲିଥିଲା ଆଗନ୍ତୁକ ଆକ୍ରମକ ଗୋରାମାନଙ୍କ ସାଙ୍ଗରେ । ଏଇ ମହାଦେଶଟାକୁ ଅଧିକାର କରିବା ପାଇଁ ଦୁଇ ୟୁରୋପୀୟ ଜାତି ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଶତାବ୍ଦୀବ୍ୟାପୀ ଦୀର୍ଘ ସଂଗ୍ରାମ ଚାଲିଥିବା ସମୟରେ ଏମାନଙ୍କର ସାମରିକ ସାହାଯ୍ୟ ବିଶେଷ ଆବଶ୍ୟକ ହୋଇ ପଡ଼ିଥିଲା । କିନ୍ତୁ ଦୁଃଖର ବିଷୟ ଯେ ସ୍ୱାଧୀନତାର ଗରିମା ନେଇ ଏମାନେ ଏକାଠି ହୋଇପାରିଲେ ନାହିଁ । ଅପରନ୍ତୁ ପ୍ରତିଦ୍ୱନ୍ଦ୍ୱୀ ଗୋରାମାନଙ୍କ ତରଫରୁ ଲଢ଼େଇ କରି ଏବଂ ତାଙ୍କର ପ୍ରତିଶ୍ରୁତି ଉପରେ ଭରସା କରି ନିଜ ନିଜର ବିଳୟକୁ ଡାକି ଆଣିଲେ । ଏଇଠି ମନେ ପଡ଼ିଯାଉଛି ଯେ ପ୍ରାୟ ସେହି ସମୟରେ ଆମ ଦେଶର ଗୋରାମାନେ ମଧ୍ୟ କେମିତି ପରସ୍ପରର ନାକ କାଟିବା ପାଇଁ ଫରାସୀ ବନାମ ଇଂରେଜଙ୍କ ଲଢ଼େଇରେ ଯୋଗ ଦେଇଥିଲେ ଓ ତା'ର ପରିଣାମ କ'ଣ ହେଲା ? ଆମେରିକାର ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ଏମାନେ ବିଦ୍ରୋହୀଙ୍କ ତରଫରୁ ଯୁଦ୍ଧ କରି ବୀରତ୍ୱର ପରିଚୟ ଦେଇଥିଲେ । ହେଲେ 'ମଦ ଘଡ଼ା, କାମ ସରିଗଲେ ଗଡ଼ ଗଡ଼ା ।' ଗୋରା ବନାମ ଗୋରା ଯୁଦ୍ଧ ସରିଗଲା ପରେ ବିଜେତାଙ୍କ କାମ ହେଲା କେମିତି ନିଜ ନିଜ କାଯ୍ଯ୍ୟା ମେଲାଇବା, ଅର୍ଥାତ୍ ପଡ଼ୋଶୀ ଆଦିମ ଅଧିବାସୀମାନଙ୍କୁ ଜବତ୍ କରି ଦୂରରୁ ଦୂରକୁ ଘଉଡ଼େଇବା । ଇଣ୍ଡିଆନ୍‌ମାନେ ଯଥାସମ୍ଭବ ପ୍ରତିରୋଧ କରିଛନ୍ତି । ପ୍ରତିବାଦରେ ମଧ୍ୟ ଊଣା କରି ନାହାନ୍ତି, ଯେଉଁଠି କିଛି ଗୋଟାଏ ବୁଝାମଣା

Digitized by srujanika@gmail.com

ହୋଇଥିଲା ଦୁଇପକ୍ଷ ଭିତରେ । ଗଳା ଫଟେଇ ଚିତ୍କାର କରିଛନ୍ତି— ଫେରାଇଦିଅ ଆମ ଭୂମି, ଆମ ଜଙ୍ଗଲ । କୁଆଡ଼େ ଗଲା ତୁମ ପ୍ରତିଶ୍ରୁତି, ତୁମର ଚୁକ୍ତି, ଯେତେକ ସାଙ୍କୁଲା କଥା ? କିନ୍ତୁ କେଉଁଥିରେ କିଛି ଫଳ ହେଲା ନାହିଁ । ଏମାନଙ୍କ ମଧ୍ୟରେ କେତେକ ସେନାନାୟକ ଏଭଳି ପରାକ୍ରମୀ ଥିଲେ ଯେ ତା' ଶତ୍ରୁ ସୁଲଭ ଭୟ ଓ ବିଦ୍ରୂପର ସହିତ ବିସ୍ତୁ ବିସ୍ତୁ ନାଆଁ ଦିଆଯାଇଥିଲା । ଯଥା: କ୍ରୋ-ଫୁଟ୍ (କୁଆ ପାଦ), ବିଗ୍ ବିଅର୍ (ବଡ଼ ଭାଲୁ), ପାଉଣ୍ଡ୍ ମେକର୍ ଇତ୍ୟାଦି । କିନ୍ତୁ ଇତିହାସର ବିଗାଦ ଥିଲା ଯେ ଏମାନେ ହାରିବେ । ଊନବିଂଶ ଶତାବ୍ଦୀ ସରି ଆସିଲା ବେଳକୁ ଏମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ଆମେରିକାର ପ୍ରେସିଡେଣ୍ଟ୍ ଆଣ୍ଡ୍ରୁ ଜାକ୍‌ସନ୍‌ଙ୍କ ପ୍ରଣୀତ ଆଇନ୍ ଅନୁଯାୟୀ ଦକ୍ଷିଣ-ପୂର୍ବର ଦୁର୍ଦ୍ଧର୍ଷ "ପଞ୍ଚସଂଖ୍ୟକ ସଭ୍ୟ ଉପଜାତି", ଯଥା: ଚିରୋକି, କ୍ରିକ୍, ଚୋକ୍‌ଟାଓ ଚିକ୍‌ସ୍ ଏବଂ ସେମିନୋଲ୍ ଉପଜାତିର ଲୋକମାନଙ୍କୁ ଜବରଦସ୍ତ ମାର୍ଚ୍ଚିଙ୍ଗ୍ ଆଦେଶ ଦିଆଗଲା ପଶ୍ଚିମକୁ, ଆହୁରି ପଶ୍ଚିମକୁ ଯାଇ ନିର୍ଦ୍ଦିଷ୍ଟ ଆରକ୍ଷିତ ଅଞ୍ଚଳରେ ରହିବା ପାଇଁ ଏଇ ମହାଯାତ୍ରା ଲୁହଧୁଆ ଯାତ୍ରା ନାମରେ ଅଭିହିତ, କାରଣ ଯାତ୍ରାପଥରେ ପ୍ରାୟ ଚେର- ହଜାର ଚିରୋକି ରୋଗ ଏବଂ ଅନାହାରରେ ପ୍ରାଣ ହରାଇଥିଲେ । ଅବଶ୍ୟ ତତ୍କାଳୀନ ପ୍ରେସିଡେଣ୍ଟ୍ ମାର୍ଟିନ୍ ଭାନ୍ ବୁରେନ୍ କହିଲେ ୧୮୩୮ରେ, ଯେ ସବୁ ଠିକ୍ ଅଛି, ଚିରୋକି ଇଣ୍ଡିଆନ୍‌ଙ୍କୁ ତାଙ୍କ ନିଜ ଇଚ୍ଛାରେ ଗୋଟାଏ ନୂଆ ଜାଗାକୁ ନିଆଯାଇଛି । କାହାର ସାହସ ଅଛି ସିଂହାର ଶ୍ୱେତପତ୍ରକୁ ତାହାମିଛ ବୋଲି କହିବ ? ଏଣେ ଉତ୍ତର-ପୂର୍ବର ସଂଗ୍ରାମୀ ନେଜ୍ ପର୍ସ୍ ଉପଜାତି (ନାକ ଫୋଡ଼ା ହୋଇ ହାଡ଼ର ଅଳଙ୍କାର ପିନ୍ଧିଥିବା ହେତୁ ତାଙ୍କୁ ଏମିତି କୁହାଯାଏ) ୧୮୭୭ ମସିହାରେ ଏକ ରକ୍ତାକ୍ତ ଯୁଦ୍ଧରେ ହାରିଯାଇ ଗୋରାଙ୍କ ଆଧିପତ୍ୟ ସ୍ୱୀକାର କଲେ । ତାଙ୍କର ରାଜା ବୋଲାଉଥିବା ସୁପ୍ରସିଦ୍ଧ ଦଳପତି ଜୋସେଫ୍ କହିଲେ— "ଆଃ, ଥକିଗଲିଣି ଯୁଦ୍ଧ କରି କରି ! ଆମର ରାଜା- ମାନେ ନିହତ । ଏତେ ଭୀଷଣ ଥଣ୍ଡା, ହେଲେ ଘୋଡ଼େଇ ହେବା ପାଇଁ କମ୍ବଳ ଖଣ୍ଡେ ନାହିଁ । ପିଲାମାନେ ଥଣ୍ଡାରେ ହେମାଳ ହୋଇ ମରିବାକୁ ବସିଲେଣି । ···ଶୁଣ ହେ, ମୋ ଜାତିର ରାଜାମାନେ, ମୁଁ କ୍ଳାନ୍ତ, ପୂରାପୂରି କ୍ଳାନ୍ତ ଓ ଅବସନ୍ନ । ଏଇ ଯେଉଁଠି ସୂର୍ଯ୍ୟ ବିଦ୍ୟମାନ, ମୁଁ ସେଇଠି ଛିଡ଼ା ହୋଇ କହୁଛି ଯେ ଏଣିକି ମୁଁ ଆଉ ଯୁଦ୍ଧ କରିବି ନାହିଁ ଚିରଦିନ ପାଇଁ ।"

Digitized by srujanika@gmail.com

ପରାଜୟର ଏଭଳି ଅଶ୍ରୁଳ ଅଥଚ ଗୁରୁଗମ୍ଭୀର ଘୋଷଣା କ୍ୱଚିତ୍ ଶୁଣିବାକୁ ମିଳେ । ଏହାର ପ୍ରାୟ ଆଠବର୍ଷ ପରେ କ୍ୟାନେଡ଼ାର ସମତଳ ପ୍ରେଆରି ଅଞ୍ଚଳରେ ଥିବା ନର୍ଥୱେଷ୍ଟ ଇଣ୍ଡିଆନ୍‌ଙ୍କ ବିଦ୍ରୋହ ଶେଷଥର ପାଇଁ ଦବେଇ ଦିଆଗଲା । ଅନ୍ୟାନ୍ୟ ଅଞ୍ଚଳର ଇଣ୍ଡିଆନ୍‌ମାନେ ତ କେବେଠୁ ହାରିଗଲେଣି ଅଥବା ତଡ଼ା ଖାଇ ଗଲେଣି ବିଭିନ୍ନ ଆରକ୍ଷିତ ଅଞ୍ଚଳକୁ, ଯାହା ଗୋରାମାନେ ଦୟାପୂର୍ବକ ଛାଡ଼ି ଦେଇଥିଲେ ତାଙ୍କ ପାଇଁ । ଏହିପରି ଭାବରେ ବିଂଶ ଶତାବ୍ଦୀର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସମଗ୍ର ଉତ୍ତର ଆମେରିକାର ଇଣ୍ଡିଆନ୍‌ମାନେ ଚାଲିଲେଣି ଚାଲି ଏଇ "ନୂତନ ପୃଥିବୀ"ର ବାରଆଡ଼କୁ, ସୁଁ ସୁଁ ହୋଇ କାନ୍ଦିବା ପାଇଁ, କଦବା କ୍ୱଚିତ୍ ବୀରତ୍ୱର କାତ୍ ଦେଖାଇ ମାଟି କାମୁଡ଼ିବା ପାଇଁ । ଯେଉଁ ବିରାଟ ମହାଦେଶରେ ସେମାନେ ଖେଳେଇ ହୋଇ ରହିଥିଲେ ଏ ମୁଣ୍ଡରୁ ସେ ମୁଣ୍ଡ, ଆଜି ସେମାନେ ଏତିକ ଟିକିଏ ଜାଗାରେ ଆଶ୍ରା କରି ଅଛନ୍ତି । ଯୁକ୍ତରାଷ୍ଟ୍ରରେ ତାଙ୍କ ପାଇଁ ଆରକ୍ଷିତ ଅଞ୍ଚଳର ପରିମିତି ସମଗ୍ର ଭୂଖଣ୍ଡର ଶତକଡ଼ା ଦୁଇଭାଗ ଏବଂ କ୍ୟାନେଡ଼ାରେ ଶତକଡ଼ା ·୦୦୨୫ ଭାଗ ! କ୍ୟାନେଡ଼ାର ଲୋକସଂଖ୍ୟା ହେଲା ୨୬୦ ଲକ୍ଷ । ସେଥିମଧ୍ୟରୁ ଇଣ୍ଡିଆନ୍‌ମାନେ ହେଲେ ପ୍ରାୟ ୮ ଲକ୍ଷ । ସେହି ହିସାବରେ ତାଙ୍କର କ'ଣ ଅନ୍ତତଃ ଶତକଡ଼ା ତିନିଭାଗ ଥାନ ପାଇବା ଉଚିତ ନ ଥିଲା ? ଯାହାହେଉ, ଏଇ ହେଉଛି ତାଙ୍କ ସଂକ୍ଷିପ୍ତ ଇତିହାସ । କାଲିକା କଥା । ତେଣୁ କାହିଁ କେତେ ଯୁଗରୁ ତଡ଼ା ଖାଇ ବଣ-ଜଙ୍ଗଲରେ ମୁହଁମାଡ଼ି ପଡ଼ିଥିବା ଆମ ଆଦିବାସୀଙ୍କ ସାଙ୍ଗରେ ତାଙ୍କର ତୁଳନା କରିବା କେମିତି ?

କିନ୍ତୁ କହୁଥିଲି ନା କାନ୍ଦଣା ମଧ୍ୟ ହୋଇପାରେ ସଙ୍ଗୀତର ସ୍ୱର ? ପ୍ରକୃତିରେ ସେଥିରେ କିଭଳି କାବ୍ୟିକତା, କିଭଳି ରୂପକଳ୍ପ ଥାଇପାରେ ଶୁଣନ୍ତୁ । ଅନ୍ୟତମ ବିରାଟ ଯୋଦ୍ଧା "କ୍ରୋ-ଫୁଟ୍"ଙ୍କ ବିଳାପ । ସନ ୧୮୯୦ ।

"ଆଉ କିଛି ସମୟ ପରେ ମୁଁ ଚାଲିଯିବି ତୁମ ଗହଣରୁ ··ଏଇ ଜୀବନଟା ବି କଅଣ ? ରାତିରେ ଜୁଳୁଜୁଳିଆ ପୋକର ଆଲୁଅ ପରି, ଶୀତ-ଦିନେ ଗୋରୁର ନିଃଶ୍ୱାସ ପରି । ଘାସରେ ଧାଇଁ ପଳଉଥିବା ଛୁଇଟିକ ପରି, ଯାହା ହଜିଯିବ ସୂର୍ଯ୍ୟାସ୍ତରେ···"

ପତ୍ରର ପାରନ୍ତି ଯେ ବେଶ୍, ଜାଣିଲୁ ଯେ ଏମାନେ ଯୋଦ୍ଧା ଥିଲେ, ବୁଝିଲୁ ଯେ ଏମାନଙ୍କୁ କାନ୍ଦଣାର ଗୀତ ଗାଇ ଆସେ ଏବଂ ଜଣେ ଅଧେ

Digitized by srujanika@gmail.com

ହୁଏତ କିଛି ବୋଲିଇବାର ଆସ୍ପର୍ଦ୍ଧା କରି ପାରନ୍ତି, କିନ୍ତୁ ଆର୍ଥିକ-ସାମାଜିକ ଦୃଷ୍ଟିରୁ ଏମାନେ କ'ଣ ପ୍ରକୃତରେ ସଭ୍ୟ ଥିଲେ ? ତା' ଯଦି ନ ହୋଇଥାଏ ତା'ହେଲେ ସାର୍ବଜନୀନ କଲ୍ୟାଣ ଦୃଷ୍ଟିରୁ କ'ଣ ଭଲ ହେଲା ନାହିଁ ଯେ ଗୋରାମାନେ ଏମାନଙ୍କ ବିରାଟ ଦେଶ ଏବଂ ବିପୁଳ ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରିପାରିଲେ ଏବଂ ସଭ୍ୟତାର ସୁଅ ମଡ଼ାଇଦେଲେ ଯା'ଙ୍କ ଉପରେ ? ନିଷ୍ଠୁରତା କହିଲେ କୁହ, ଏଇ ତ ବୈଜ୍ଞାନିକ ଅର୍ଥାତ୍ ଡାରଉଇନ୍ ସମ୍ମତ ଜୀବଧର୍ମ ! ମୋଟ ଉପରେ ଏମାନଙ୍କୁ ତଥା ଆମ ଦେଶର ଆଦିବାସୀଙ୍କୁ ପ୍ରଗତିର ରଥଚକ୍ର ତଳେ ଦଳି ହୋଇଯିବାକୁ, ଅଥବା ବାଟରୁ ହଟି ଯିବାକୁ ପଡ଼ିଲା, ଏହି ପ୍ରକାର ବକ୍ତବ୍ୟ ସାରଶୂନ୍ୟ ବୋଲି ଦାବୀ କରି ହେବ କି ?

ଅବଶ୍ୟ । କଥାଟା ଏତେ ସିଧାସଳଖ ନୁହେଁ, ପ୍ରଗତିର ପୂଜାରୀଙ୍କୁ ସୁହାଇଲା ପରି । ହୁଏତ ଶତ ସହସ୍ର ବର୍ଷ ପରେ ଏମାନଙ୍କର ଅବଶିଷ୍ଟାଂଶ ବାରଆଡ଼ର ଆହୁରି କେଉଁ ଅନ୍ଧାରିଆ ଗୁହାରେ ଯାଇଁ ପଶିବେ ଆମ ଆଦିବାସୀଙ୍କ ପରି ଅଥବା ତଥାକଥିତ ଜାତୀୟ ଅର୍ଥାତ୍ ପାଶ୍ଚାତ୍ୟ ସଭ୍ୟତାର ମହାସ୍ରୋତରେ ମିଳାଇଯିବେ । ଅନ୍ୟ ଅର୍ଥରେ ଆମ ଆଦିବାସୀମାନଙ୍କ ପୂର୍ବପୁରୁଷଗଣ ସଭ୍ୟତାର କେଉଁ ସ୍ତରରେ ଥିଲେ ପରାଜିତ ହେବା ପୂର୍ବରୁ, ତାହା ଭାବିବାର ବିଷୟ । ତେବେ ଏଥିରେ ସନ୍ଦେହ ନାହିଁ ଯେ ଏଇ ଇଣ୍ଡିଆନ୍‌ମାନେ ରାଜ୍ୟ ହରାଇଲା ପୂର୍ବରୁ ସ୍ଥୂଳତମ ଜୀବନଧାରଣର ପର୍ଯ୍ୟାୟରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥିଲେ । କିମ୍ବଦନ୍ତୀ କୁହେ ଯେ ଏମାନଙ୍କ ମଧ୍ୟରୁ ଥୋକେ ବିଲୁପ୍ତ ମାୟା ଏବଂ ଆଜ୍‌ଟେକ୍ ସଭ୍ୟତା, ଲୋକମୁଖରେ "ସ୍ତୂପ ସଭ୍ୟତା"ର ବଂଶଧର, ଯେଉଁମାନେ ଆମେରିକାର ଦକ୍ଷିଣାଞ୍ଚଳରୁ ଆରମ୍ଭ କରି ମେକ୍‌ସିକୋ ଯାଏଁ କେତେ ପ୍ରସ୍ତର ନିର୍ମିତ ସମାଧି ମନ୍ଦିର ଗଢ଼ି ଯାଇଛନ୍ତି, ଯାହାର ଭଗ୍ନାବଶେଷ ଏବେ ମଧ୍ୟ ପରିବ୍ରାଜକଙ୍କୁ ଚମତ୍କୃତ କରେ । ତା'ର ସତ୍ୟାସତ୍ୟ ଯାହାହେଉ ପଛେ ଐତିହାସିକ ଗବେଷଣାରୁ ଜଣାଯାଏ ଯେ କୃଷି, ସମାଜ-ବ୍ୟବସ୍ଥା, ଶିକାର, ବାଣିଜ୍ୟ ବ୍ୟବସାୟ, ଧାତୁନିର୍ମିତ ବିଭିନ୍ନ ଅସ୍ତ୍ରଶସ୍ତ୍ରର ପ୍ରୟୋଗ, ନୌକାନିର୍ମାଣ, କାଠ ପଥରରେ କାରୁକାର୍ଯ୍ୟ ଏବଂ ଧର୍ମଧାରଣାର ଉପଲବ୍ଧିର ତଥା ସ୍ୱପ୍ନ ଦର୍ଶନରେ ଏମାନେ ନ୍ୟୂନ ନ ଥିଲେ । ଶୁଣନ୍ତୁ ଏଇ ଭ୍ୟାଙ୍କୋଭର୍ ଅଞ୍ଚଳର କଥା । ଏଠିକାର ଏମାନଙ୍କୁ "ଆବିଷ୍କାର" କରିଥିବା

Digitized by srujanika@gmail.com

ଖୋଦ୍ ଜେନେରାଲ୍ ଭ୍ୟାଙ୍କୋଭରଙ୍କ ଡାଏରୀରୁ । ସେଥିରେ ଲେଖାଅଛି ଯେ, ଏମାନେ ଶୀତଦିନେ ସୁନିର୍ମିତ ଗରମ ପୋଷାକ ପିନ୍ଧୁଥିଲେ, ଯଦିଓ ଖରାଦିନେ ପ୍ରାୟ ଲଙ୍ଗଳା ହୋଇ ବୁଲିବାକୁ ଓ ପାଣିରେ ପହଁରିବାକୁ ଭଲ ପାଉଥିଲେ । କାନରେ ଗହଣା ପିନ୍ଧୁଥିଲେ । ଏମାନଙ୍କ ଘରସବୁ ଝାଣୁଆ 'ସିଡାର୍' ଗଛର କାଠରେ ତିଆରି ହୋଇଥିଲା ଓ ପ୍ରତ୍ୟେକ ପରିବାର ପାଇଁ ହାରାହାରି ୧୬୦୦ ସ୍କୋୟାର୍‌ଫୁଟ୍ ଜାଗା ମିଳୁଥିଲା ରହିବା ପାଇଁ । କେବଳ ରଜାଙ୍କ ଆବାସ ଥିଲା ୯୦ ଫୁଟ୍ ଲମ୍ବା ଓ ୬୦ ଫୁଟ୍ ଚଉଡ଼ା । ଘର ଭିତରେ "ଧୂଆଁଘର" ଥିଲା ମାଛକୁ ବିଭିନ୍ନ ଧରଣର ଶୁଖୁଆ କରିବା ପାଇଁ । ଅନେକ ଜାଗାରେ ଆଧୁନିକ ଝାଳବୁହା ଗାଧୁଆଘରର ବ୍ୟବସ୍ଥା ଥିଲା । ଅନ୍ୟତମ ଆବିଷ୍କାରକ ସାଇମନ୍ ଫ୍ରେଜର୍ କୁହନ୍ତି ଏମାନଙ୍କ ଗୃହପାଳିତ ସୁନ୍ଦରିଆ ଲୁମୁଲୁମିଆ କୁକୁରମାନଙ୍କ କଥା ଏବଂ କୁହନ୍ତି ଏମାନେ କେମିତି ସାମନ୍ ମାଛକୁ କାଠଚୁଲିରେ ରାନ୍ଧନ୍ତି ଓ ବଡ଼ ବଡ଼ କଡ଼େଇରେ ପରଷନ୍ତି ଅତିଥି-ମାନଙ୍କ ପାଇଁ । କେମିତି ବଡ଼ ବଡ଼ କାଠ ହଣ୍ଡାରେ ବଣକୋଳି, ମାଛ, ମାଛତେଲ ଓ ଶୁଖୁଆ ଆଦି ଖାଦ୍ୟଦ୍ରବ୍ୟକୁ ସାଇତି ରଖନ୍ତି, କୁହନ୍ତି ଏମାନଙ୍କ ୧୫ ଫୁଟ୍‌ରୁ ୩୦ ଫୁଟ୍ ଯାଏଁ ଲମ୍ବା ନୌକା, ଧନୁଶର, ମାଛଧରା ଜାଲ୍ ଏବଂ ସମ୍ପୃକ୍ତ ଉପକରଣ କଥା । ପୁଣି ଆମୋଦ ପ୍ରମୋଦର ବିଭିନ୍ନ ଢୋଲବାଜା, ଫୁଙ୍କାବାଜା, ପୂଜାଧାର୍ବଣ ଏବଂ ଏକ ଚମତ୍କାର ଉପହାର-ଦିଆନିଆ ଉତ୍ସବର କଥା । ଏଭଳି ସ୍ୱଚ୍ଛନ୍ଦସୁନ୍ଦର ଜୀବନ ବିତାଉଥିବା ଲୋକଙ୍କୁ କେଉଁ ହିସାବରେ ଅନୁନ୍ନତ ବୋଲି କୁହାଯିବ ?

ମୋଟ ଉପରେ ସାମୂହିକ ଦୃଷ୍ଟିରୁ ନ୍ୟାସ୍‌ନାଲ୍ ଜିଓଗ୍ରାଫିକ୍ ସୋସାଇଟିର ନିମ୍ନଲିଖିତ ବକ୍ତବ୍ୟ ତତ୍କାଳୀନ ସଭ୍ୟତାର ସ୍ତରକୁ ଚିହ୍ନାଇ-ଦେବ ବୋଲି ମୋର ବିଶ୍ୱାସ । "ୟୁରୋପ ଯେତେବେଳେ ସାଂସ୍କୃତିକ ପୁନର୍ଜନ୍ମ ଆଡ଼କୁ ଗତି କରୁଥିଲା, ଉତ୍ତର ଆମେରିକାର ଅଧିବାସୀମାନେ ପ୍ରକୃତି ସହିତ ସମନ୍ୱୟ ବଜାୟ ରଖି ପାହାଚରୁ ପାହାଚ ଚଢ଼ି ବେଶ୍ ଆଖିଦୃଶିଆ ସାଂସ୍କୃତିକ, ରାଜନୈତିକ ଓ କଳାତ୍ମକ ସ୍ତରରେ ପହଞ୍ଚିଥିଲେ ।" ନିର୍ବାଧରେ ପାହାଚ ଚଢ଼ି ଚଢ଼ି ଏମାନେ କେତେଦୂରକୁ ଯାଇଥାଆନ୍ତେ କିଏ କହିବ ? ସ୍ୱାଧୀନ ହୋଇ ରହିଥିଲେ ସିନା !

Digitized by srujanika@gmail.com

ଟିକଏ ଭଲ କରି ଦେଖନ୍ତୁ ଏମାନଙ୍କୁ, ଭୁଲ୍‌କ୍ରମେ ମୋ ଜାତିଭାଇ ବୋଲିଉଥିବା ଏଇ ଇଣ୍ଡିଆନ୍‌ମାନଙ୍କୁ, କଥାଭାଷା ହୁଅନ୍ତୁ ତାଙ୍କ ସାଙ୍ଗରେ—ଉତ୍ତର ଆମେରିକାକୁ ଆସିଥିବା ପ୍ରତ୍ୟେକ ଭାରତୀୟଙ୍କର ବୋଧହୁଏ ଏହି ପ୍ରକାର ଇଚ୍ଛା ହେଉଥିବ । ମୋର ମଧ୍ୟ ହୋଇ ଆସିଛି । ସେବେକା ଆମେରିକା ରହଣି ବେଳେ ମୁଁ ରାଜସେବାର ବନ୍ଧନରେ ଥିଲି, ତେଣୁ ଇଚ୍ଛା ପୂରଣରେ ଅସୁବିଧା ହେଲା । କିନ୍ତୁ ଏଥର ? ଏଥର କ'ଣ ସେ ଦିଗରେ ବିଶେଷ ଚେଷ୍ଟା କରିଛି ? ଏଇଠି ଗୋଟିଏ ସ୍ୱୀକାରୋକ୍ତି କରିବାକୁ ପଡ଼ୁଛି । ଯେ ବୌଦ୍ଧିକ ସ୍ତରରେ ଯେତେ ଆଗ୍ରହ ଥିଲେ ମଧ୍ୟ ଏମାନଙ୍କ ଚେହେରା ଏବଂ ହାବଭାବ ମୋତେ ବାଧା ଦେଇଛି ତାଙ୍କ ସାଙ୍ଗରେ ମିଶିବା ପାଇଁ । ମୋର ମନେ-ହୋଇଛି ଯେ ଏମାନେ କେବଳ ଭିନ୍ନ ନୁହଁନ୍ତି, ଅଶ୍ଳୀଳ । ଉତ୍ତର ଆମେରିକାର ସାଧାରଣ ଗରିବ ନିଗ୍ରୋକୁ ଦେଖିଲେ ମନେହେବ ଯେ ସେ ଅତ୍ୟାଗ୍ରହୀ, ତେଣୁ କ୍ରୋଧୀ, କିନ୍ତୁ ଏ ଦେଶର ସାଧାରଣ ଗରିବ ଇଣ୍ଡିଆନ୍‌କୁ ଦେଖିଲେ ମନେହେବ ଯେ ସେ ପରାସ୍ତ, ତେଣୁ ନିଶ୍ଚେଷ୍ଟ, ଅଳସୁଆ, ବେଢଙ୍ଗ ଏବଂ ବେପରୁଆ । ଲମ୍ବା ଲମ୍ବା ବାଳ, ଦେହସାରା ଚିତାକୁଟା ହୋଇଛି ଏବଂ ଢଳି ଢଳି ରାସ୍ତାରେ ବୁଲୁଛି ମାତାଲ ହେଲାପରି । ମୋର କେତେକ କ୍ୟାନେଡ଼ିଆନ୍ ବନ୍ଧୁମାନେ କୁହନ୍ତି ଯେ, ପ୍ରକୃତରେ ସେମାନେ ମହା ଅଳସୁଆ, ମଦୁଆ, ମାଡ଼ୁଆ, ଲୋଭୀ ଇତ୍ୟାଦି ଇତ୍ୟାଦି । କୁହନ୍ତି— ଦେଖୁନା ତାଙ୍କ ରିଜର୍ଭେସନ୍‌ରେ ଥିବା ଏଇ ଘରମାନଙ୍କର ଚେହେରା ? ସରକାର ତୋଳେଇ ଦେଇଛି ଏଇ ଘର, ଏମାନଙ୍କ ହାତରୁ ଡଲାର୍‌ଟିଏ ଦେବାକୁ ପଡ଼ ନାହିଁ, କିନ୍ତୁ ଏମାନେ ତା'ର ଯତ୍ନ ନେବାକୁ ନାରାଜ, ଫଳରେ ପାଞ୍ଚଟା ବର୍ଷ ନ ଯାଉଣୁ ଘର ଭୂତ ପରି ଦେଖାଯାଉଛି, ତାଙ୍କରି ପରି । ମୋଟ ଉପରେ ମୋର ସେଇ ବନ୍ଧୁମାନଙ୍କ ମତରେ ଏମାନେ ପ୍ରକୃତରେ ହୀନ, ତେଣୁ ଦୀନ । ସରକାରୀ ରିପୋର୍ଟ୍‌ରୁ ମଧ୍ୟ ଏଇ ହୀନଭାବର ପରିଚୟ ମିଳୁଛି । 'ଷ୍ଟାଟିଷ୍ଟିକ୍‌ସ୍ କ୍ୟାନେଡ଼ା' ନାମକ ଏକ ସଂକଳନରେ ବାହାରିଛି ଯେ, ୧୯୭୪ରୁ ୧୯୮୭ ମଧ୍ୟରେ ଯେତେକ ପାରିବାରିକ ହତ୍ୟାକାଣ୍ଡ ଘଟିଛି, ସେଥିର ଏକ-ଚତୁର୍ଥାଂଶ ଇଣ୍ଡିଆନ୍‌ମାନଙ୍କୁ ନେଇ, ଯଦିଚ କ୍ୟାନେଡ଼ାର ଲୋକସଂଖ୍ୟା ଅନୁପାତରେ ଇଣ୍ଡିଆନ୍‌ମାନେ ମାତ୍ର ଶତକଡ଼ା ତିନି । ମୁଁ ଯାହା ଦେଖିଲି ନିଜ ଆଖିରେ ସେଥିରୁ ମଧ୍ୟ ବନ୍ଧୁମାନଙ୍କ ମନ୍ତବ୍ୟ ତଥା ସରକାରୀ ଇସ୍ତାହାର ସତ ବୋଲି

Digitized by srujanika@gmail.com

ମନେହେଲା । ସେଇଠୁ ମୁଁ ଏମାନଙ୍କ କଳାତ୍ମକ ସଂସାରକୁ ଖୋଜି ବସିଲି । ବିଶେଷତଃ ଏଇଥିପାଇଁ ଯେ ବ୍ରିଟିଶ୍ କଲମ୍ବିଆରେ ଥିବା ଉପଜାତିମାନେ "ଟୋଟେମ୍ ପୋଲ୍" ସମେତ କାଠରେ ଖୋଳା ହୋଇଥିବା ଅଥବା ରଙ୍ଗ ଢଉଁଆ ହୋଇଥିବା କଳାକୃତି ପାଇଁ ପ୍ରସିଦ୍ଧ । କିନ୍ତୁ ମୁଁ ଯେଉଁଠି ଯାହା ଦେଖିଲି ମୋର ମନେହେଲା ଯେ ଭାଲୁ ହେଉ, ଇଗଲ୍ ହେଉ, କି ମଣିଷ, ରାକ୍ଷସ, ସବୁଥିରେ ସେଇ ଗତାନୁଗତିକ ଚଞ୍ଚୁପ୍ରାୟ ରେଖାର ସମାହାର, କେବଳ କଳା ଓ ନାଲି ରଙ୍ଗର ସମାବେଶ ଏବଂ ମୁଣ୍ଡ ସାଙ୍ଗରେ ଗଣ୍ଡିକୁ ସିଧାସଳଖ ଯୋଡ଼ିଦେବାର ଉଦ୍ଭଟ ପରିକଳ୍ପନା । ସତେକି ଏମାନେ ଥକି ଯାଇଛନ୍ତି । ଗୋରା ଗରାଖ ଯାହା ଚାହେଁ ତାଙ୍କଠାରୁ, "ଭିନ୍ନ" ଲୋକମାନଙ୍କର ଭିନ୍ନ ଏବଂ ଉଦ୍ଭଟ କଳା ହିସାବରେ, (ethnIc-cum-exatic art) ସେଇଆକୁ ବିକି ଅଧିକା ଦି'ପଇସା ରୋଜଗାର କରିବା ଛଡ଼ା ଏମାନଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । କଳ୍ପନାର ଉତ୍ସ କେବେଠୁ ଶୁଖିଗଲାଣି, ହେଲେ ବ୍ୟବସାୟାତ୍ମକ ଦୃଷ୍ଟିରୁ ତାକୁ କୌଣସିମତେ ଗୁଳୁ ରଖିବା କଥା । ଏହାଛଡ଼ା ଆଉକିଛି ଅଛି କି ? ଆମେରିକାର ନିଗ୍ରୋମାନେ ମୁଷ୍ଟିଯୁଦ୍ଧ, ଖେଳକସରତ, କଣ୍ଠ ସଙ୍ଗୀତ ଇତ୍ୟାଦିରେ ଯେଉଁ ପ୍ରକାର ଉତ୍କର୍ଷ ହାସଲ କରିଛନ୍ତି, ସେହିଭଳି କିଛି ? କାହିଁ, କେଉଁଠି କିଛି ଥିଲପରି ଲାଗୁ ନାହିଁ ତ !

ତାହାହେଲେ କ'ଣ ଯୁଦ୍ଧରେ ହାରିଗଲା ପରେ ମରିଯାଇଛି ଏଇ ଜାତିଟା ? ଭାବୁନାହିଁ ଯେ ଯେତେହେଲେ ତା'ର ଗୋଟାଏ ବ୍ୟକ୍ତିତ୍ୱ ଅଛି, ନିଜତ୍ୱ ଅଛି ? ଯେ ଅତୀତର ଅବଶିଷ୍ଟ ଯାହାକିଛି ଅଛି, ତାକୁ ବଢ଼େଇ ନ ପାରିଲେ ନାହିଁ, ମର୍ଯ୍ୟାଦାର ସହ ବଞ୍ଚେଇ ରଖିବା ଉଚିତ ? ଏଇଠି ଗୋଟାଏ ମଜାକଥା ମନେ ପଡ଼ୁଛି । ମୋର କ୍ୟାନେଡ଼ିଆନ୍ ଜ୍ୱାଇଁ ଥରେ ତାଙ୍କର ଜଣେ ଆଦିମ ଇଣ୍ଡିଆନ୍ ବନ୍ଧୁଙ୍କୁ କହିଲେ ଯେ ତୁମେମାନେ ମାନିଯାଉଛ କାହିଁକି ଯେ ତୁମେ ଇଣ୍ଡିଆନ୍ ? ଇଣ୍ଡିଆ ତ ପ୍ରକୃତରେ ଆଉ ଗୋଟାଏ ଦେଶ, ତୁମେ ତ ହେଉଛ ଏଇଠିକା ଲୋକ, ତେଣୁ ତୁମର କହିବା ଉଚିତ ଯେ ତୁମେ ହେଉଛ ପ୍ରଥମ ଓ ଅସଲ ଆମେରିକାନ୍, ଅସଲ କ୍ୟାନେଡ଼ିଆନ୍ । କିନ୍ତୁ ଆରଲୋକଟି ସେଥିର ଘୋର ପ୍ରତିବାଦ କଲା, ରାଗିଗଲା କହିଲେ ଚଳେ । କହିଲା, —ନା, ଆମେ ଇଣ୍ଡିଆନ୍, ଆମେ ଅବଶ୍ୟ ଇଣ୍ଡିଆନ୍ ! ଭାବିଲି, ଆତ୍ମପ୍ରତ୍ୟୟର ସଙ୍କଟ (Identity crisis) କାହାକୁ

Digitized by srujanika@gmail.com

କୁହାଯାଏ, ଇଏ ହେଉଛି ତା’ର ଏକ ଜ୍ୱଳନ୍ତ ଉଦାହରଣ । ଏଇ ଆଦିମ ଜାତି ନିଜର ନିଜତ୍ୱକୁ ଚହ୍ନିପାରୁ ନାହିଁ, ଚହ୍ନେଇ ପାରୁ ନାହିଁ । ତେଣୁ ଠିକ୍‌ରେ ହେଉ, ଭୁଲ୍‌ରେ ହେଉ, ଯେଉଁ ଗୋଟାଏ ନାଆଁ ଦିଆଯାଇଛି ତାକୁ, ସେତକ ସେ ହରାଇବାକୁ ଚାହେଁ ନାହିଁ, ନ ହେଲେ କାଳେ ତା’ର ସତ୍ତା ରହିବ ନାହିଁ, ତା’ର ଅତୀତ, ତା’ର ଇତିହାସ ସବୁ ଲୁପ୍ତ ହୋଇଯିବ । ସିଉକ୍‌ସ ଉପଜାତିଭୁକ୍ତ ଇଣ୍ଡିଆନ୍‌ଙ୍କର ଗୋଟାଏ ପ୍ରବଚନ ଅଛି—“ଇତିହାସ ନ ଥିବା ଜାତି ଗାଈଚରା ଘାସ ଉପରେ ଘୂରୁଥିବା ପବନ ପରି ।” କିନ୍ତୁ ସେଭଳି ପବନ ବି ଚାହେଁ ତା’ର ସାମାନ୍ୟତମ ସତ୍ତା ଓ ସନ୍ତକ ଏବଂ ନ ପାଇଲାରୁ କାନ୍ଦେ ।

ହାୟ ! ନିଜକୁ ଏତେ ହୀନମାନ ନ ମଣିଲେ ଚଳନ୍ତା ନାହିଁ ?

ମୋର, ତଥା ମୋର ନିନ୍ଦୁକ କ୍ୟାନେଡ଼ିଆନ୍ ବନ୍ଧୁମାନଙ୍କ ଅବଗତି ପାଇଁ ଗୋଟାଏ ଠିକଣା ଉତ୍ତର ମିଳିଗଲା ଏବେ । ଡକ୍ଟର ଓ୍ୱାଲ୍‌ଟର୍ କରି ନାମକ ଓ୍ୱାଜିବ୍‌ଓ୍ୱା ଉପଜାତିରେ ଜନ୍ମଗ୍ରହଣ କରିଥିବା ଜଣେ ବିଦ୍ୱାନ୍ ଇଣ୍ଡିଆନ୍‌ଙ୍କ ମୁହଁରୁ । ଗୋଟିଏ ବିଶେଷ ସମ୍ମେଳନୀରେ ପଠିତ ଉଦ୍‌ବୋଧନ ଭାଷଣରୁ ଆଜକୁ ପ୍ରାୟ କୋଡ଼ିଏବର୍ଷ ତଳେ । ସେଥିରେ କାନ୍ଦଣା ଥିଲେ ଥିବ ଅଳ୍ପ ବହୁତ, କିନ୍ତୁ ଆଜି ଇଣ୍ଡିଆନ୍‌ର ଭାବମୂର୍ତ୍ତି କାହିଁକି ଏମିତି ଦୟନୀୟ ହୋଇ ପଡ଼ୁଛି, ତା’ର ସଫେଇ ରହିଛି, ଯାହା ଗ୍ରହଣୀୟ ନୁହେଁ ବୋଲି କହି ହେବ ନାହିଁ ଏବଂ ଭାବାବେଗରେ ଆପ୍ଲୁତ ମାନବିକତାର ଆହ୍ୱାନ ଅଛି ଭବିଷ୍ୟତ ପାଇଁ, ଇଣ୍ଡିଆନ୍-କ୍ୟାନେଡ଼ିଆନ୍ ରାଷ୍ଟ୍ରର ପ୍ରତ୍ୟେକ ନାଗରିକ ପ୍ରତି । ତା’ର କିୟଦଂଶ ଉଦ୍ଧାର ନ କରି ରହିପାରୁ ନାହିଁ ।

ସେ ତାଙ୍କର ଅଣ-ଇଣ୍ଡିଆନ୍ ବନ୍ଧୁମାନଙ୍କୁ ସ୍ୱାଗତ ଜଣାଇବା କ୍ରମରେ କହିଲେ ଯେ ମନେଥିବ ଆମେ ସବୁବେଳେ ସ୍ୱାଗତ ଜଣାଇ ଆସିଛୁ ଆଗନ୍ତୁକ ଅତିଥିମାନଙ୍କୁ । କିନ୍ତୁ ଅନେକ ଦିନ ପରେ ଅଙ୍ଗେ ନିଭେଇବା ତିକ୍ତ ଅନୁଭୂତି ହିଁ ଆମକୁ ଶିଖେଇଲା ଯେ ସବୁ ଆଗନ୍ତୁକ ଶ୍ରଦ୍ଧା ଓ ବିଶ୍ୱାସର ପାତ୍ର ନୁହନ୍ତି ।

କହିଲେ ମନେଥିବ ଯେ ଆମ ପୂର୍ବପୁରୁଷମାନେ ୟୁରୋପୀୟମାନଙ୍କୁ ଶିଖେଇଥିଲେ କେମିତି ନିରାପଦରେ ଓ ସ୍ୱଚ୍ଛନ୍ଦରେ ବଞ୍ଚି ରହି ହେବ ଆମରି ଏଇ ବଣ ଜଙ୍ଗଲରେ । ତୁମ ଯାନ୍ତ୍ରିକ ସଭ୍ୟତାରୁ ଅବଶ୍ୟ ଅନେକ କିଛି ପାଇଛୁ ଆମେ, ଯଥା—ଜ୍ୱାଲାମୁଖୀ ଦଣ୍ଡା, ଇସ୍ପାତର ଯନ୍ତ୍ର, କମ୍ବଳ, ସୁରାପାନ

Digitized by srujanika@gmail.com

ଇତ୍ୟାଦି ଇତ୍ୟାଦି । କିନ୍ତୁ ପ୍ରଥମେ ଆମେ ହିଁ ତୁମକୁ କେତେ ସାରକଥା କହିଛୁ, ତୁମେ ଆସୁ ନ ଆସୁଣୁ କହିଛୁ କେଉଁ ପଶୁକୁ କେଉଁଥିପାଇଁ ଓ କେମିତି ଭାବରେ ମାରିବ, କେଉଁ ଫଳମୂଳ ଖାଇବ, କାହାକୁ ଔଷଧରେ ଲଗେଇବ, କେମିତିକା ଘର ତିଆରି କରିବ ନିଜକୁ ଶୀତର ପ୍ରକୋପରୁ ବଞ୍ଚେଇବା ପାଇଁ, ପଶୁମାନଙ୍କ ଛାଲରୁ କେମିତିକା ପୋଷାକ ତିଆରି କରି ହେବ ଉଷୁମ ପାଇଁ ତଥା ସୌଖୀନ ବିଳାସ ପାଇଁ, କେମିତିକା ଡଙ୍ଗା ତିଆରି କରିବ ଦୂରଦୂରକୁ ବାହିନେବା ପାଇଁ ଇତ୍ୟାଦି । ଆମରି ଜୀବନପ୍ରଣାଳୀ ହିଁ ତୁମ ପୂର୍ବପୁରୁଷମାନଙ୍କୁ ଏ ଦେଶରେ ବଞ୍ଚି ରହି ଭୋଗ କରିବାର ବାଟ ବତେଇଛି ।

କହିଲେ—କିନ୍ତୁ ଆଜି ଆମେ କେଉଁଠି ? ଆମେ ତୁମକୁ ହାତ ଧରି ଦେଖେଇଥିଲୁ ଏ ଦେଶର ନଈ ନାଳ, ବଣ ଜଙ୍ଗଲ ଓ ଚଉଭୂଇଁ । କିନ୍ତୁ ଆଜି ଆମେ ତଡ଼ା ଖାଇ ଅଛୁ ଯାଇଁ କେଉଁଠି, ଚିପିଚୁପି ହୋଇ । କ୍ୟାନେଡ଼ାର ୨୨୦୦ ରିଜର୍ଭ୍‌ରେ, ଦୁଃଖ ଦାରିଦ୍ର୍ୟରେ ଦହଗଞ୍ଜ ହୋଇ । ସମଗ୍ର କ୍ୟାନେଡ଼ାରେ ଶିଶୁ ମୃତ୍ୟୁର ହାର ହଜାରକରେ ବାଇଶି ହେବା ସ୍ଥଳେ ଆମର ହେଲା ଏକାବନ । ଶତକଡ଼ା ଷାଠିଏ ଇଣ୍ଡିଆନ୍‌ଙ୍କ ଘରେ ତିନି ଅଥବା ତିନିରୁ କମ୍ ବଖରା, ଶତକଡ଼ା ନବେ ଇଣ୍ଡିଆନ୍‌ଙ୍କ ଘରେ ପାଣିର ବ୍ୟବସ୍ଥା ଘର ବାହାରେ— ହାତପମ୍ପ୍, ଝରଣା ଅବା ପୋଖରୀରେ । ଶତକଡ଼ା ଛୟାଳିଶଜଣ ଇଣ୍ଡିଆନ୍ ସରକାରଙ୍କ ଦାନରେ ଚଳନ୍ତି । ଏଇ ପ୍ରଦେଶ (ସାସ୍‌କାଚ୍ ଉଆନ୍)ରେ ୧୪୦୦୦ ଇଣ୍ଡିଆନ୍ ଛାତ୍ର ଥିବା ସ୍ଥଳେ, ସ୍କୁଲ୍‌ର ସର୍ବୋଚ୍ଚ ଗ୍ରେଡ଼୍‌ରେ ମାତ୍ର ୩୫ ଜଣ ଇଣ୍ଡିଆନ୍ । ସମଗ୍ର କ୍ୟାନେଡ଼ାରେ ୟୁନିଭର୍ସିଟି ପାଠ ପଢ଼ନ୍ତି ମାତ୍ର ୧୮୬ ଜଣ ଇଣ୍ଡିଆନ୍...

ଏମିତି ରେକ୍‌ଠୋକ୍ ହିସାବକିତାବ ସହକାରେ କ୍ୟାନେଡ଼ାରେ ଇଣ୍ଡିଆନ୍‌ମାନଙ୍କ ଘୋର ଦୁରବସ୍ଥା ଦର୍ଶାଇ ସେ ଅଭିମାନ-ଅଭିଯୋଗର ଆଙ୍ଗୁଳି ଦେଖାଇଲେ ତାଙ୍କ ଅଣ-ଇଣ୍ଡିଆନ୍ ଭାଇଭଉଣୀମାନଙ୍କୁ । ଯାହାର ସାରାଂଶ ହେଲା ଯେ ଆମକୁ ବାରଆଡ଼େ ପକେଇଦେଲ ସେକଥା ଛାଡ଼, ତଥାପି କାହିଁକି ଆମେ ତୁମମାନଙ୍କ ପରି ଅଳ୍ପ ବହୁତ ସୁଖସ୍ୱାଚ୍ଛନ୍ଦ୍ୟରେ ବଞ୍ଚି ପାରନ୍ତୁ ନାହିଁ ? କହୁଛ ଆମେ ଅଳସୁଆ, ଆମର ଉଚ୍ଚାକାଙ୍‌କ୍ଷା ନାହିଁ ଇତ୍ୟାଦି । କିନ୍ତୁ କେବେ ଭାବି ଦେଖିଛ କି ଆମେ କେଉଁଥିରେ ଅଭ୍ୟସ୍ତ ଓ

Digitized by srujanika@gmail.com

ଆମକୁ କୋଉ କାମ କରିବାକୁ ପଡ଼ୁଛି ? ଆମେ ପ୍ରକୃତି ସାଙ୍ଗରେ ମିଶିକରି ଥିଲୁ, ବର୍ତ୍ତମାନ ଆମକୁ କୁହାଯାଉଛି ସେଥିରୁ ଚେନାଏ ଚେନାଏ ଦଖଲ କରି ଫଳ ଉପୁଜାଅ, ଲାଭ ଉପୁଜାଅ । ଆମେ ଏକାଠି ଥିଲୁ, ବର୍ତ୍ତମାନ ଆମକୁ କୁହାଯାଉଛି ଯେ ସଭ୍ୟତାର ମୂଳମନ୍ତ୍ର ହେଲା ଯେଝାକୁ ଯେଝା, ତେଣୁ ନିଜକୁ ନିଜେ ହୋଇ ମାଡ଼ିଯିବାକୁ ହେବ, ଯେମିତିକି ତୁମେ ଜିତିବ, ଆରକି ପଛରେ ପଡ଼ିଯିବ । ପାଠପଢ଼ାରେ ବି ସେମିତି ଆମକୁ ଶିଖିବାକୁ ପଡ଼ୁଛି ସମ୍ପୂର୍ଣ୍ଣ ନୂଆ ସଂସ୍କୃତିର ବର୍ଣ୍ଣବୋଧ । ହଉ, ଶିଖିବୁ ତୁମ ସଂସାରର ବିଦ୍ୟା-ବୁଦ୍ଧି, କିନ୍ତୁ ସବୁର୍ କର ଏବଂ ସେଇ ଅନୁଯାୟୀ ଚଳାଅ ଆମକୁ, ଆମେ ଯେମିତି ତୁମକୁ ଚଳେଇ ନେଇଥିଲୁ । ଆମକୁ ଭଲ ଭାବରେ ଚିହ୍ନି, ସ୍ଥାନ କାଳ ପାତ୍ର ନେଇ ଆମର ପ୍ରାଥମିକ ଅଭାବ ଅସୁବିଧା ମେଣ୍ଟାଇଦିଅ ଏବଂ ଯଥାଯୋଗ୍ୟ ତାଲିମ ଦିଅ ।

ଶେଷକୁ କହିଲେ ଯେ, ଦୟାକରି କୁହ ନାହିଁ ଯେ ଆମେ ତୁମ ପାଇଁ କରୁଛୁ ଏ କାମ, କୁହ ଯେ ତୁମକୁ ନେଇ କରୁଛୁ । ଆମକୁ ନାମମାତ୍ର ଅମୁକ କମିଟି ସମୁକ କମିଟିରେ ନ ରଖି ଆମ ସାଙ୍ଗରେ ମିଶିଯାଅ, ଆମକୁ ଦାୟିତ୍ୱ ଦିଅ । ଯେହେତୁ ଆମେ ମଧ୍ୟ ତୁମରି, ମାନେ ଏଇ ଦେଶର ଲୋକ ।

ବର୍ତ୍ତମାନ ପ୍ରଶ୍ନ ହେଲା ଯେ, ଡକ୍ଟର୍ କର୍‌ଙ୍କ ଯେଉଁ ମର୍ମସ୍ପର୍ଶୀ କଥାଗୁଡ଼ିକ କହିଗଲେ ଗୋରା କ୍ୟାନେଡ଼ିଆନ୍ ଭାଇମାନଙ୍କ ପାଇଁ, ଆଜିକୁ ପ୍ରାୟ କୋଡ଼ିଏବର୍ଷ ତଳେ, ତାକୁ କେହି ଶୁଣିଲେ କି ଏବଂ ସେହି ଅନୁଯାୟୀ କିଛି କାମ ହେଲାଣି କି ଯା' ଭିତରେ ?

ମୋର ଦକ୍ଷତା ନାହିଁ ଯେ ବିଷୟରେ ଦୃଢ଼ତାର ସହ କିଛି କହି-ପାରିବି । ସେଥିର ଅନୁସନ୍ଧାନ ପାଇଁ ଯଥେଷ୍ଟ ସମୟ ଓ ସୁଯୋଗ ନାହିଁ ମୋ ପାଖରେ । ତେବେ ଯାହା ଦେଖିଲି, ଶୁଣିଲି ଓ ପଢ଼ିଲି ଏଇ କେତୋଟି ମାସ ଭିତରେ, ତା'ରି ବଳରେ ମୋର କହିବା ପାଇଁ ଦ୍ୱିଧା ନାହିଁ ଯେ ଆଦିବାସୀ ଓ ଗୋରା କ୍ୟାନେଡ଼ିଆନ୍‌ଙ୍କ ଭିତରେ ଥିବା ସମ୍ପର୍କ, ଅନ୍ତତଃ ତା'ର ପାଣିପାଗ ବଦଳୁଛି ଏବଂ ସେ ଦିଗରେ ବରିଷ୍ଠ ସଂପ୍ରଦାୟକୁ ମଧ୍ୟ ଯତ୍‌ସାମାନ୍ୟ ବିଧେଇ ଦେବା ଉଚିତ ।

ମନେହେଉଛି ଯେ କ୍ୟାନେଡ଼ାର ସରକାର ଓ ସୁଧୀ ସମାଜ ବୁଝିଲାଣି— ମୋର ପ୍ରିୟ ଅଣ-ଇଣ୍ଟେଲେକ୍‌ଚୁଆଲ୍ ବନ୍ଧୁମାନେ ନ ବୁଝିଲେ

Digitized by srujanika@gmail.com

ନାହିଁ— ଯେ ଏମାନଙ୍କ ପ୍ରତି ଘୋର ଅନ୍ୟାୟ କରାଯାଇଛି । କିଭଳି ଅନ୍ୟାୟ, ତା'ର ସବିଶଦ ବିବରଣୀ ମିଳୁଛି ଗୋରା ବିଦ୍ୱାନ୍‌ମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ ସନ୍ଦର୍ଭରୁ । ଦେଶର ବିଭିନ୍ନ ପତ୍ରପତ୍ରିକାରେ କର୍ତ୍ତୃପକ୍ଷଙ୍କ ବିରୋଧରେ ଇଣ୍ଡିଆନ୍‌ମାନଙ୍କ ପ୍ରତିବାଦ, ପ୍ରତିରୋଧ ଓ ମାଲିମକଦ୍ଦମାର ସମ୍ବାଦକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଉଛି । ଏପରିକି ଏମାନଙ୍କ ଦୋଷଦୁର୍ବଳତାକୁ ମଧ୍ୟ ଉଦାର ଦୃଷ୍ଟିରେ ଦେଖିବାର ପ୍ରୟାସ କରାଯାଉଛି, ଅନ୍ତତଃ ବିଶେଷଜ୍ଞମାନଙ୍କ କାର୍ଯ୍ୟଶାଳାରେ । ଯଥା: ଏବେ ଇଣ୍ଡିଆନ୍ ସଂପ୍ରଦାୟରେ ମଦ୍ୟପାନ, ହତ୍ୟା, ଶିଶୁଧର୍ଷଣ ଇତ୍ୟାଦିର ପ୍ରାଦୁର୍ଭାବ ଉପରେ ଟିପ୍ପଣୀ ଦେବାକୁ ଯାଇ ନେଟିଭ୍ କାଉନ୍‌ସିଲ୍ ଅଫ୍ କ୍ୟାନେଡ଼ାର ବରିଷ୍ଠ ପରାମର୍ଶଦାତା ମାର୍ଟିନ୍ ଡନ୍ କହିଲେ— "ଇଏ ସବୁ ହେଉଛି ଗୋଟିଏ ମୌଳିକ ମନୋଭାବର ବିଭିନ୍ନ ଲକ୍ଷଣ, ଯେ ପୃଥିବୀରେ ଆମର ଥାନ ଟିକେ ନାହିଁ ।" ନିକଟରେ ଜଣେ ଅଭିଯୁକ୍ତ ଇଣ୍ଡିଆନ୍‌ଙ୍କ ମୁହଁରୁ ଏହି ମନୋଭାବର ଅନ୍ୟ ଏକ ମନୋ-ବୈଜ୍ଞାନିକ ସଫେଇ ପ୍ରକାଶ ପାଇଥିଲା ଗୋଟିଏ ପତ୍ରିକାରେ, ଯାହା ଏକ ବିଚିତ୍ର ସତ୍ୟ ବୋଲି ମନେହେଲା ମୋର । ଅଣ୍ଟାରିଓ ପ୍ରଦେଶର ରୁଡ଼ି ବ୍ରୁୟର୍ ନାମକ ଜଣେ ୪୪ ବର୍ଷ ବୟସ୍କ ପଦସ୍ଥ ଇଣ୍ଡିଆନ୍ ନିଜକୁ ମଦ୍ୟପ ଓ ପତ୍ନୀ-ଧର୍ଷକ ବୋଲି ସ୍ୱୀକାର କରି କହିଲେ ଯେ "ଆମକୁ ଦୋଷ ଦିଅ ନାହିଁ । କାହିଁକିନା ଆମେ ଯାହା, ତାକୁ ଆମେ ଘୃଣା କରିବାକୁ ଶିଖିଲୁ, ଜୀବନଯାକ !"

ଏଣେ ମନେହେଉଛି ଯେ ଇଣ୍ଡିଆନ୍‌ମାନେ ମଧ୍ୟ ଅଧିକରୁ ଅଧିକ ସଂଗଠିତ ହୋଇ ଅହିଂସାମୂଳକ ପ୍ରତିବାଦ ଚଳେଇଲେଣି । ଯେତେ ପୁରୁଣା ଅନ୍ୟାୟ ହେଲେ ମଧ୍ୟ ତା'ର ପ୍ରତିକାର ଦାବୀ କରୁଛନ୍ତି । କହୁଛନ୍ତି ଏଇ ଜମି, ଏଇ ଜଙ୍ଗଲ ଆମର, ତାକୁ ଶୀଘ୍ର ଫେରାଇଦିଅ । ଅମୁକ କାରଖାନା ଏଠି ବସେଇବାକୁ ହେବ ନାହିଁ, ଆମ ନଈର ମାଛ ମରିଯିବେ । ତମ ପୁଲିସ୍‌ବାଲାଙ୍କୁ ଶିକ୍ଷା ଦିଅ ଆମ ସଂସ୍କାରକୁ ବୁଝିବା ପାଇଁ ଇତ୍ୟାଦି । କୋର୍ଟ୍ କଚେରିରେ ହୁଏତ ନ୍ୟାୟ ମିଳିବ, ଏଇ ଆସ୍ଥା ମଧ୍ୟ ଏମାନଙ୍କ ମନରେ ଆସିଗଲାଣି ବୋଧହୁଏ, କାରଣ ସଂପ୍ରଦାୟ ତରଫରୁ ରୁଜୁ କରାଯାଇଥିବା ମାଲିମକଦ୍ଦମାର ସଂଖ୍ୟା ବଢ଼ି ଚାଲିଛି । ଏବେ ବ୍ରିଟିଶ୍ କଲମ୍ବିଆର ଜଣେ ଜଜ୍ ରାୟ ଦେଇଛନ୍ତି ଯେ କ୍ୟାନେଡ଼ାର ଜାତୀୟ ସରକାର ଫ୍ରେଜର୍ ନଦୀରେ

Digitized by srujanika@gmail.com

ବ୍ୟବସାୟାତ୍ମକ ଆମେରିକାନ୍ ମାଛଧରାଙ୍କୁ ଅଗ୍ରାଧିକାର ଦେଇ ଇଣ୍ଡିଆନ୍‌ମାନଙ୍କ ଆଇନ୍‌ଗତ ଅଧିକାର କ୍ଷୁଣ୍ଣ କରିଛନ୍ତି ।

ସୁଁ ସୁଁ କାନ୍ଦଣାର ଋତୁ କ'ଣ ସତରେ ଗ୍ଭଲିଗଲାଣି ତା'ହେଲେ ? ଏଇକ୍ଷଣି କ'ଣ ଏମାନେ ଗ୍ଭଗିଲା ପରି କାନ୍ଦୁଛନ୍ତି, କାନ୍ଦିଲା ପରି ଗ୍ଭଗୁଛନ୍ତି, ଭାବୁଛନ୍ତି ଯେ ଯେତେ ସାନ ଓ ଦୁର୍ବଳ ହେଲେ ମଧ୍ୟ ଆମେ ଗଳା ଉଠେଇ ପାଟିତୁଣ୍ଡ କରିପାରିବୁ ? ଆପଣାକୁ ବ୍ୟକ୍ତ କରିପାରିବୁ ? ଅର୍ଥାତ୍ ତାଙ୍କର ଆତ୍ମପ୍ରତ୍ୟୟ କ'ଣ ଧୀରେ ଧୀରେ ଫେରିଆସୁଛି, ଯଦିଚ ତା'ର ରୂପରଙ୍ଗ ସାଧାରଣ କ୍ଷେତ୍ରରେ ସୁଦୃଶ୍ୟ ହୋଇପାରି ନାହିଁ ଆଜିଯାଏଁ ଏବଂ ବୁଦ୍ଧିମାନ୍ ହୃଦୟବାନ୍ ଗୋରା କ୍ୟାନେଡ଼ିଆନ୍‌ମାନେ ସେ ଦିଗରେ ସାହାଯ୍ୟ କରୁଛନ୍ତି ? ମୋର ସେହି ପ୍ରକାର ଧାରଣା ହେଲା ଯେବେ ମୁଁ ନିକଟରେ ଭ୍ୟାଙ୍କୋଭର୍ ଆର୍ଟ୍ ଗ୍ୟାଲେରୀରେ ଅନୁଷ୍ଠିତ "ଇତିହାସର ସେପାରିରେ" ନାମକ ଗୋଟିଏ କଳା ପ୍ରଦର୍ଶନୀ ଦେଖିବାକୁ ଯାଇଥିଲି । ତାକୁ ଇଣ୍ଡିଆନ୍ ଶିଳ୍ପକଳାର ପ୍ରଦର୍ଶନୀ ବୋଲି କୁହା ଯାଇଥିଲା ଏବଂ ତାକୁ ଆୟୋଜନ କରିବାରେ ବିଭିନ୍ନ ଗୋରା କ୍ୟାନେଡ଼ିଆନ୍ ସଂସ୍ଥା ତଥା ସରକାରଙ୍କ ଯଥେଷ୍ଟ ସାହାଯ୍ୟ ଓ ସହଯୋଗ ମିଳିଥିଲା । କିନ୍ତୁ ମୁଁ ବିଶେଷଭାବରେ ବିସ୍ମିତ ଓ ଆନନ୍ଦିତ ହେଲି— ଖବରକାଗଜମାନଙ୍କରେ ମଧ୍ୟ ସେହି ପ୍ରକାର ମନ୍ତବ୍ୟ ଦେଖିବାକୁ ମିଳିଲା— ଯେ ପ୍ରକୃତରେ ଇଏ ତଥାକଥିତ "ଇଣ୍ଡିଆନ୍ ଆର୍ଟ୍" ନୁହେଁ, ଇଣ୍ଡିଆନ୍‌ମାନଙ୍କ ଦ୍ୱାରା ରଚିତ ଏବଂ ଅଧିକାଂଶରେ ତାଙ୍କର ବାସ୍ତବ ଅତୀତ ଓ ବର୍ତ୍ତମାନକୁ ନେଇ ଲହୁଲୁହ ବୋଳା ଆର୍ଟ୍ । ପୃଷ୍ଠଭୂମିରେ ଟେପ୍‌ରେକର୍ଡ଼ର ଅଟ୍ଟହାସ, ପୁଣି ଗ୍ଭଡ଼ିପଟା କାନ୍ଦଣାର ସ୍ୱର ଏବଂ ଚିତ୍ରପଟ-ମାନଙ୍କରେ ସେହି ଭାବାବେଗର ଲିଖିତ ତଥା ଅଲିଖିତ ସ୍ୱାକ୍ଷର—

ତା'ପରେ କେହି ରହିଲେ ନାହିଁ ତ···

ଏଇ କ'ଣ ମୋର ବୁଢ଼ୀମା ?···

ହେ ମୋର ପିତାମହ, ଆଦି ପୁରୁଷ, ଏଥର ଅନ୍ତତଃ ବଳ ଦିଅ ଆମକୁ···

ଯେତେଦିନ ଯାଏଁ ସୂର୍ଯ୍ୟ ଥିବ ଆକାଶରେ, ସେତେଦିନ ଯାଏଁ ଆମର ଏଇ ନଈ ବହୁଥିବ, ଘାସ ଉଠୁଥିବ···

Digitized by srujanika@gmail.com

ଏଇ "ଯେତେଦିନ ଯାଏଁ ସୂର୍ଯ୍ୟ ଥିବ"... କଥାଟିରେ ଅଛି ଏକ ତିକ୍ତ ଅଭିଯୋଗ ଓ ବିଦ୍ରୂପର ସ୍ୱର । କାରଣ ଇଣ୍ଡିଆନ୍‌ମାନଙ୍କ ସହିତ ଅନୁଷ୍ଠିତ ଅନେକ ଚୁକ୍ତିରେ ଏହା ହିଁ ଥିଲା ଆଗନ୍ତୁକ ଗୋରାମାନଙ୍କର ବିରାଟ ପ୍ରତିଶ୍ରୁତି । ଯେତେଦିନ ଯାଏଁ ସୂର୍ଯ୍ୟ ଥିବ ଆକାଶରେ ଏବଂ ନଈ ବହୁଥିବ, ଆମେ ଏଇ ଚୁକ୍ତି ପାଳନ କରିବୁ । ତୁମଠାରୁ ଯେଉଁ ଜମି ଜଙ୍ଗଲ ନେଇଗଲୁ, ତା' ବଦଳରେ ତୁମର ସବୁ ଖବର ବୁଝିବୁ, ତୁମକୁ ପଢ଼େଇବୁ, ଶିଖେଇବୁ, ନୂଆ ପୃଥିବୀର ଯୋଗ୍ୟ ମଣିଷ କରି ଗଢ଼ିବୁ ଇତ୍ୟାଦି । କୁଆଡ଼େ ଗଲା ସେହି ଖ୍ରୀଷ୍ଟ ପ୍ରତିଜ୍ଞା ? ଆଜି କେବଳ ଇଣ୍ଡିଆନ୍ ନୁହେଁ, ନିଜର ଉଦାର ଓ ଗଣତାନ୍ତ୍ରିକ ଭାବମୂର୍ତ୍ତିକୁ ଜଗି ରଖିଥିବା ଗୋରା କ୍ୟାନେଡ଼ିଆନ୍ ମଧ୍ୟ ସେହି ପ୍ରଶ୍ନ ପଚାରୁଛି ନିଜକୁ । ସବୁଠାରୁ ଗୁରୁତର ବ୍ୟାପାର (ଯେଉଁଥିରେ 'ବିବେକୀ' ସରକାରଙ୍କ ସ୍ଥିତି ଧୁଡ଼ୁଧୁଡ଼ୁ ହେବା କଥା) ଯେ ନିକଟ ଭବିଷ୍ୟତରେ ଜାତିସଂଘ ତରଫରୁ ଡକ୍ଟର ଆଲ୍‌ଫନ୍‌ସୋ ମାର୍ଟିନେଜ୍ ନାମକ ଜଣେ ବିଶେଷଜ୍ଞ ଆସିବେ ବୋଲି ଜଣାଯାଇଛି । ସେ ଏହି ଚୁକ୍ତି ପାଳନର ସତ ମିଛ ଅନୁସନ୍ଧାନ କରି ରିପୋର୍ଟ୍ ଦେବେ । ଅନେକ ଇଣ୍ଡିଆନ୍ ଉପଜାତି ସଂଘବଦ୍ଧ ହୋଇଗଲେଣି ତାଙ୍କ ଆଗରେ ଠିକଣା ସାକ୍ଷ୍ୟ ଦେବେ ବୋଲି । ଯଦିଚ କାହାକୁ ଅଜଣା ନୁହେଁ ଯେ ଦୁନିଆରେ ଜାତିସଂଘ କୌଣସି ରାଷ୍ଟ୍ର, ବିଶେଷତଃ କ୍ୟାନେଡ଼ା ପରି ଏକ ଧନୀ ଓ ବଳଶାଳୀ ରାଷ୍ଟ୍ରକୁ ବାଧ୍ୟ କରିପାରିବ ନାହିଁ କେଉଁ ଐତିହାସିକ ଦାୟିତ୍ୱକୁ ତୁଲେଇବା ପାଇଁ ।

ଆମେ ତୁଲେଇଛୁ କି ଆମ ଆଦିବାସୀଙ୍କ ପାଇଁ ? ଶେଷକୁ ପ୍ରଶ୍ନ କେଉଁ ଚୁକ୍ତିର ନୁହେଁ, ସମ୍ବିଧାନ ବା ଆଇନ୍‌କାନୁନ୍‌ର ନୁହେଁ, ଏପରିକି ନିଖୁଣ ମାନବିକତାର ନୁହେଁ । ଆତ୍ମୀୟତାର । ନ ହେଲେ ଇତିହାସର ଏଇ ଭୟଙ୍କର ଅ-ବିଚାରକୁ, ଦାର୍ଶନିକ ହେଗେଲ୍‌ଙ୍କ ଭାଷାରେ "terror of history"କୁ ବଦଳେଇ ହେବ ନାହିଁ ।

ଜୀବେଦୟା

ଆମ ସଂସ୍କାରର ଅନ୍ୟତମ ସୂଚୀ ହେଲା ଜୀବେଦୟା । ତା'ର ଭାବାର୍ଥକୁ ବ୍ୟାଖ୍ୟା କଲେ ବୁଝିବାକୁ ହେବ ଯେ ଯେଉଁ ଜୀବମାନେ ତୁମଠାରୁ ସାନ, ବୁଦ୍ଧିରେ ଅବା ବଳରେ, ତାଙ୍କ ପ୍ରତି ଦୟାଭାବ ପୋଷଣ କରିବା ଉଚିତ । ହୁଏତ କେଉଁ ସାନ ମଣିଷ ପ୍ରତି ଦୟା ଦେଖାଇଲେ ତା'ର ଆତ୍ମ-ସମ୍ମାନରେ ବାଧା ଆସିପାରେ ଏବଂ ସେ ଯଥାର୍ଥ ପ୍ରେମ ଅଥବା ଶିଶୁସୁଲଭ ହିଂସାର ସମାନ ଆସନ ଦାବୀ କରିପାରେ । କିନ୍ତୁ ଯେଉଁମାନେ ପଶୁ, ମୂକ-ନିର୍ବୋଧ ପଶୁ, ତାଙ୍କ ପ୍ରତି ଦୟା ଦେଖାଇବା ଛଡ଼ା ଆଉ କେଉଁ ଭାବରେ ମଣିଷପଣିଆକୁ ପ୍ରମାଣିତ କରାଯାଇ ପାରିବ ? ସତକଥା । ତେବେ ବୁଦ୍ଧିମାନ୍, ବଳବାନ୍ ମଣିଷ ସେମାନଙ୍କୁ ଆପଣା କାମରେ ଲଗେଇବାକୁ ବାଧ୍ୟ । ନ ହେଲେ ସେ ଶ୍ରେଷ୍ଠଜୀବୋଚିତ ସୁଖ ଓ ମର୍ଯ୍ୟାଦା ସହ ବଞ୍ଚିବ କେମିତି ? ଅତଏବ ସ୍ୱାର୍ଥସିଦ୍ଧି ସଙ୍ଗେ ସଙ୍ଗେ ମାନବିକତା ଓରଫ୍ ଧର୍ମର ପରାକାଷ୍ଠା ଦେଖାଇବାକୁ ହେଲେ ଆମର ଉଚିତ ହେଉଛି ଦୟାର ସହିତ ତାଙ୍କଠାରୁ କାମ ହାସଲ କରିବା । ଯିଏ ଯେଉଁ କାମରେ ଲାଗେ, ତା'ଠାରୁ ସେଇ କାମ ଆଦାୟ କର, କଷି କରି ଆଦାୟ କର, କିନ୍ତୁ ଦୟାର ସହିତ । ମାନେ ବିଚରାଙ୍କୁ ବିଶେଷ କଷ୍ଟ ନ ଦେଇ । ଯଥା:

—ଯେଉଁ ଜୀବମାନେ ତୁମର ଖାଦ୍ୟ, ତାଙ୍କୁ ସୁଖରେ ବଞ୍ଚିବାକୁ ଦିଅ ଏବଂ ସୁଚାରୁରୂପେ ବଧ କର । ଠିକଣା ସମୟରେ ।

Digitized by srujanika@gmail.com

—ଯେଉଁ ଜୀବମାନେ ମୂକ, ନିର୍ବୋଧ ହେଲେ ମଧ୍ୟ ହିଂସ୍ର, ତାଙ୍କୁ ଦେଖିଗୁଣ୍ଡି ହତ୍ୟା କର, ଯେମିତିକି ତାଙ୍କ ବଂଶ ବୃଦ୍ଧି ପାଇବ ନାହିଁ, ତୁମ ଚିଡ଼ିଆଖାନାର କାମରେ ଆସିବ ।

—ଯେଉଁମାନେ ତୁମକୁ ତୁମ କାମଧନ୍ଦାରେ ସାହାଯ୍ୟ କରିବେ, ଯଥା: ବୋଝ ବୋହିବା, ହଳ ଚଲେଇବା ଇତ୍ୟାଦି, ତାଙ୍କୁ ନିରୋଗ ଓ ଦୀର୍ଘଜୀବୀ ହେବାକୁ ଦିଅ ।

—ଯେଉଁମାନେ ତୁମ ଅବସର ବିନୋଦର ସାଥୀ, ତାଙ୍କୁ ନିରୋଗ ଓ ଦୀର୍ଘଜୀବୀ ହେବାଛଡ଼ା ସଦାସୁନ୍ଦର ଓ ସଦାସୁଖୀ ହେବାକୁ ଦିଅ ।

—ଯେଉଁମାନେ ତୁମ ବାଣିଜ୍ୟ ବ୍ୟବସାୟର ପଣ୍ୟ···

—ଯେଉଁମାନେ ତୁମ ଦେଶର ଶୋଭା···

—ଯେଉଁମାନେ ତୁମ ଜାତୀୟତାର ପ୍ରତୀକ··· ଇତ୍ୟାଦି ।

ପ୍ରାୟ କୌଣସି ଜୀବ ନାହିଁ ଯେ ମଣିଷର କୌଣସି ନା କୌଣସି କାମରେ ଲାଗି ନ ପାରିବ । ତେଣୁ ପ୍ରତି ଜୀବ ପାଇଁ ଉପଯୁକ୍ତ କାମ ଠିକଣା କରିବା, ତାଙ୍କୁ ସେଥିପାଇଁ ଯୋଗ୍ୟ କରି ତାଙ୍କଠାରୁ ଯଥେଷ୍ଟ କାମ ହାସଲ କରିବା, କିନ୍ତୁ ଦୟାର ସହିତ—ବୋଧହୁଏ ଏଇ ସମନ୍ୱୟର ଉତ୍କର୍ଷ ହିଁ ସଭ୍ୟତାର ଅନ୍ୟତମ ପରିଚୟସୂଚକ ଏବଂ ଆମ ସଂସ୍କାର ମଧ୍ୟ ତା'ର ପକ୍ଷପାତୀ ବୋଲି ଦାବୀ କରିବା ସ୍ୱାଭାବିକ । ତଥାପି କାହିଁକି ଆମ ରାଜପଥମାନଙ୍କରେ ଧର୍ମଷଣ୍ଢମାନେ ଆରାମରେ ନଡ଼ବଡ଼ ହୁଅନ୍ତି ଏବଂ ଖିମରିତ ଅଥବା ଖିମଯୁଦ୍ଧର ପର୍ଯ୍ୟାୟରେ ବଜାରବିପଣୀକୁ ଉଚ୍ଛନ୍ନ କରିଦିଅନ୍ତି ? ଚମଛଡ଼ା ବୁଲାକୁକୁରମାନେ ରାସ୍ତାକଡ଼ରେ, ଗଳି-କନ୍ଦିଗଳିରେ, ହୁଏତ ତୁମ ବାରିଆଡ଼େ ବୁଲୁଥାଆନ୍ତି ଏବଂ ଯାଉଣୁ ଆସୁଣୁ ମାଡ଼ ଖାଆନ୍ତି ? ତହୁଁ ତାଙ୍କ କେଁକେଁଇଆ ରଡ଼ିରେ ଜୀବନପାଣି ଆହୁରି ବିଷମୟ ହୋଇଉଠେ ? ପୁଣି ମଡ଼ିଆ ଗାଈଗୋରୁମାନେ ଏତେ ଦୟନୀୟ ଦେଖାଯାଆନ୍ତି ଯେ "ପାପ" ଲାଗିଲେ ଲାଗୁ ପଛେ ତାଙ୍କୁ ତତ୍‌କ୍ଷଣାତ୍ ଜୀବଯାତନାରୁ ମୁକ୍ତ କରିବାକୁ ଇଚ୍ଛା ହୁଏ ? ଆମ 'ଜୀବେଦୟା'ର ଏଇ ବାସ୍ତବ ଏବଂ ହାସ୍ୟାସ୍ପଦ ତଥା କୁତ୍ସିତ ରୂପ ପାଇଁ ଦାୟୀ କିଏ ? ଆମର ଦାରିଦ୍ର୍ୟ ? କୁସଂସ୍କାର ? ନା ତୁଚ୍ଛା ଅସାମାଜିକ ଅଭ୍ୟାସ, ଯାହାର ଅନ୍ୟ ନାଆଁ ଅପାରଗତା ଏବଂ ଯାହା ସମାଜର ଅନ୍ୟାନ୍ୟ ସ୍ତରରେ ମଧ୍ୟ ପ୍ରକଟିତ ହୁଏ ? ଲଜ୍ଜାର ସହିତ ମାନିବାକୁ ପଡ଼ୁଛି ଯେ

Digitized by srujanika@gmail.com

ପ୍ରଥମ ଓ ଦ୍ୱିତୀୟ କାରଣଠାରୁ ତୃତୀୟ କାରଣ ହିଁ ସବୁଠାରୁ ଭଲ ଏବଂ ଯଥାର୍ଥ । ଦୟାର ସହିତ ଅବା ଦୟା ବ୍ୟତିରେକେ ଆମେ ଆମ ମୂକଜୀବମାନଙ୍କର ଉଚିତ ମୂଲ୍ୟ ଦେଇପାରି ନାହୁଁ । ଫଳରେ ନା ତାଙ୍କୁ ଯଥାସମ୍ଭବ ସୁଖ ଦେଇଛୁ ନା ତାଙ୍କଠୁ ଯଥାଯୋଗ୍ୟ ସୁଖ ପାଇଛୁ !

ଯାହାହେଉ ଏଇ ସମୃଦ୍ଧ ଦେଶର ଜୀବଜନ୍ତୁମାନଙ୍କ ସୁଖଦୁଃଖକୁ ଅନୁଧ୍ୟାନ କରି ମୋର ନିଜକୁ ଏହି ପ୍ରକାର ପ୍ରଶ୍ନ ପଚାରିବାକୁ ଇଚ୍ଛା ହେଲା ଏବଂ ଉତ୍ତର ଦେବାରେ କଷ୍ଟ ହେଲା । ତା' ବୋଲି ମୁଁ କଅଣ କହିବାକୁ ଚାହେଁ ଯେ ଏଠିକାର 'ଜୀବେଦୟା' ପୂରାପୂରି ସଭ୍ୟ, ସମର୍ଥ ଓ ସଂସ୍କୃତ ? ନା, ତା' ନୁହେଁ । ହେଲେ ଯେତେଟା ଅଛି ସେତିକରେ ଆନନ୍ଦିତ, ଚମତ୍କୃତ, ବେଳେବେଳେ ଆମୋଦିତ ଏବଂ ବେଳେବେଳେ ଈର୍ଷାନ୍ୱିତ ହେବାର ଅନେକ ଉପାଦାନ ରହିଛି । ଆଜି ସେଇ କଥା କହୁଛି— ଯାହା ଦେଖିଲି, ପଢ଼ିଲି ଓ ଶୁଣିଲି ।

କେଉଁଆଡ଼ୁ ଆରମ୍ଭ କରିବି ? ଭାଲୁଆଡ଼ୁ ନା ମାଛଆଡ଼ୁ ? ଉହୁଁ, ଏଠି ଗୋଟାଏଧରଣର ମାଛ ଅଛନ୍ତି ଯେଉଁମାନେ ଅଦ୍ୱିତୀୟ, ମଣିଷକୁ ଦାର୍ଶନିକତାର ଅଡ୍ଡାରେ ନ ପକେଇ ଛାଡ଼ନ୍ତି ନାହିଁ । ତେଣୁ ତାଙ୍କ କଥା ସବା ଶେଷକୁ ।

ପାହାଡ଼, ବଣଜଙ୍ଗଲ, ସମୁଦ୍ର, ହ୍ରଦ, ଦ୍ୱୀପ, ନଈ, ଝରଣା, ଜଳପ୍ରପାତ··· । ପୁଣି କାଁ ଭାଁ ନୁହେଁ, ସର୍ବତ୍ର ଏବଂ ବହୁଳ । ମନେହୁଏ ଯେ ପ୍ରକୃତି ତା'ର ସମସ୍ତ ସମ୍ପଦ ଅଜାଡ଼ି ଦେଇଛି ଏଠି, ଯେଉଁଥିପାଇଁ ଗର୍ବର ସହିତ ଏଇ ପ୍ରଦେଶର ଗୋଷାକି ନାଆଁ ରଖାଯାଇଛି "ବିଉଟିଫୁଲ୍ ବ୍ରିଟିଶ୍ କଲମ୍ବିଆ", ଯାହା ପ୍ରତ୍ୟେକ କାର୍ ଟ୍ରକ୍‌ର ଲାଇସେନ୍‌ସ ପ୍ଲେଟ୍‌ରେ ଦେଖିବାକୁ ମିଳିବ । ଯଥାର୍ଥରେ ସ୍ଥିର କରିହୋଇଛି ଯେ ଏଭଳି ସୌନ୍ଦର୍ଯ୍ୟକୁ କେବଳ ଭୋଗ କରିବା କଥା ନୁହେଁ, ଯାହାକୁ ଦର୍ଶାଇବା ଉଚିତ ଏବଂ ବିକିବା ଉଚିତ । ପ୍ରକୃତିରେ ବନବିଭାଗ ପରେ ଟୁରିଷ୍ଟ ବିଭାଗ ହିଁ ଏଠିକାର ସରକାରଙ୍କୁ ସବୁଠାରୁ ଅଧିକ ରାଜସ୍ୱ ଆଣିଦିଏ । ତେଣୁ ଭଳିକି ଭଳି ବନ୍ୟଜନ୍ତୁ ଏବଂ ସମୁଦ୍ରଜନ୍ତୁ ଯେତେ ଶିକାର ଉପଯୋଗୀ, ହୁଏତ କେତେକାଂଶରେ ଖାଦ୍ୟ ଉପଯୋଗୀ, ହେଲେ ମଧ୍ୟ ସରକାର ତାଙ୍କୁ ଦୃଶ୍ୟଦେଖାର ଏକ ବିଶିଷ୍ଟ ଉପାଦାନ ରୂପେ ଗଢ଼ି ତୋଳିବାକୁ ଚାହାନ୍ତି । ଫଳରେ ଏଠିକାର ନାନା

Digitized by srujanika@gmail.com

ଜୀବଜନ୍ତୁ କେବଳ ବଞ୍ଚି ଯାଇଛନ୍ତି ନୁହେଁ, ତାଙ୍କର କପାଳ ଫିଟିଯାଇଛି କହିଲେ ଚଳେ । ଅବଶ୍ୟ ଜନସାଧାରଣର ପ୍ରବୃତ୍ତିକୁ ଦମନ କରିବା କଷ୍ଟ ଏବଂ ଭୋଗବିଳାସର ପ୍ରାଚୁର୍ଯ୍ୟ ଭିତରେ ହିଂସାତ୍ମକ ତଥା କ୍ରୀଡ଼ାତ୍ମକ ପ୍ରବୃତ୍ତି ଆହୁରି ଆଗକୁ ମାଡ଼ିଯିବା ସ୍ୱାଭାବିକ । ତଥାପି ମୋର ମନେହୁଏ ଯେ କାଳକ୍ରମେ ସରକାରଙ୍କ ନୀତି ଉତ୍ତରୋତ୍ତର ସଫଳ ହୋଇପାରିଛି ଏବଂ ସେହେତୁ ଏଠିକାର ବଣଭାଲୁ ଆହୁରି ଅଳସରେ ଆରାମ କରୁଛି, ସମୁଦ୍ରସିଂହ ଆହୁରି ଆନନ୍ଦରେ କୁଦୁଛି, ଉଛୁଳୁଛି ।

ଗେଧେକା, ଅଳସୁଆ, ହିଂସ୍ର ବଣଭାଲୁ କୋଉ ଅପୂର୍ବ ଜନ୍ତୁ ନୁହେଁ । କିନ୍ତୁ ଏମାନେ ତା'ର ବୈଚିତ୍ର୍ୟକୁ ଏପରି ଭାବରେ ପ୍ରଚାର କରନ୍ତି ଯେ ମନେହେବ ତାକୁ ଥରେ ନ ଦେଖିଲେ ଦୃଶ୍ୟଦେଖା ଅକାରଣ । ବ୍ରିଟିଶ୍ କଲମ୍ବିଆରେ ଦୁଇ ରକମର ଭାଲୁ ଅଛନ୍ତି, ବଡ଼ ଭାଲୁ (Grizzly bear) ଓ କଳା ଭାଲୁ (Black bear) । ଏମାନେ ପ୍ରଦେଶରେ ଥିବା ୩°ରୁ ଊର୍ଦ୍ଧ୍ୱ ପ୍ରାଦେଶିକ ପାର୍କ୍ ଓ ୫ଟି ଜାତୀୟ ପାର୍କ୍‌ରେ ଜମେଇ କରି ଅଛନ୍ତି । ବଡ଼-ଭାଲୁମାନେ ଅଛନ୍ତି ପାହାଡ଼ ଅଞ୍ଚଳରେ ଏବଂ କଳାଭାଲୁମାନେ ବୁଲୁ ଥାଆନ୍ତି ଭେଳା ଭେଳା ହୋଇ, ବିଭିନ୍ନ ବଣ ଜଙ୍ଗଲରେ । ଭ୍ୟାଙ୍କୋଭର୍ ଛାଡ଼ି ନାନା ପାହାଡ଼, ଜଙ୍ଗଲ, ହ୍ରଦ ଆଦିର ଶୋଭା ଦେଖି ଦେଖି ଉତ୍ତର-ପୂର୍ବ ଅଞ୍ଚଳକୁ ଯିବାବେଳେ ମୋତେ ମଧ୍ୟ ପାର୍କ୍‌ମାନଙ୍କରେ ସୁରକ୍ଷିତ ଭାଲୁମାନଙ୍କ ରାଜ୍ୟ ଦେଇ ଯିବାକୁ ପଡ଼ିଲା ଏବଂ ଦେଖିଲି ଏମାନେ କିଭଳି ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ଯଥା: ରେଭେଲ୍‌ଷ୍ଟୋକ୍ ନାମକ ପାହାଡ଼ ତଳେ ଥିବା ଗୋଟିଏ ଛୋଟିଆ ମନୋରମ ସହରର ମାର୍କେଟ୍‌ର ଦ୍ୱାରଦେଶରେ ଯୋଡ଼ିଏ ବିରାଟ ପଥର ତିଆରି ଭାଲୁଙ୍କ ପ୍ରତିମୂର୍ତ୍ତି ଏବଂ ବିଭିନ୍ନ ରେସ୍ତୋରାଁ, ଗ୍ୟାସ୍-ଷ୍ଟେସନମାନଙ୍କରେ ମିଳିବ କେତେ ସଚିତ୍ର ବିଜ୍ଞାପନ ପତ୍ର ଓ ପୁସ୍ତିକା ସରକାରଙ୍କ ଆଡ଼ୁ—ଭାଲୁମାନଙ୍କ ସ୍ୱଭାବ ଚରିତ୍ର କେଉଁ ପ୍ରକାର, ତାଙ୍କୁ କେଉଁଠି ମନ ପୂରେଇ ଦେଖିପାରିବ, କେତେବେଳେ ତାଙ୍କଠୁଁ ଦୂରରେ ରହିବ (ଯଥା: ଋତୁମତୀ ସ୍ତ୍ରୀ ତାଙ୍କ ପାଖ ମାଡ଼ିବା ଉଚିତ ନୁହେଁ) ଇତ୍ୟାଦି । କହିବା ବାହୁଲ୍ୟ ଯେ ଏଭଳି ବିକଟ ଓ ବ୍ୟାପକ ପ୍ରଚାର ହେତୁ ମୋତେ ମଧ୍ୟ 'ଭାଲୁ ଧରିଲା' ଏବଂ ମୋର ମନେହେଲା ଯେ ସେମାନଙ୍କ ସ୍ୱାଧୀନ ସ୍ୱଚ୍ଛନ୍ଦ ବିହାର ନ ଦେଖିପାରିଲେ ମୋର ସୌନ୍ଦର୍ଯ୍ୟ ଅନୁଭୂତି ଖଣ୍ଡିଆ ହୋଇ

Digitized by srujanika@gmail.com

ରହିଯିବ । ଶେଷକୁ ତାଙ୍କୁ ଦେଖିଲି ନା ଗୁଡ଼ିଲି ! ପାହାଡ଼ର ପାଦଦେଶରେ ବୁଲୁଥିବା ଯୋଡ଼ାଏ ଭାଲୁ ଛୁଆ, ମାଆ କେଉଁଠି ପାଖରେ ଥିବ ନିଶ୍ଚୟ । କିନ୍ତୁ ବିଜ୍ଞାପନରେ କୁହାଯାଇଛି ଯେ ମାଆଭାଲୁ କୁ ବିଶ୍ୱାସ ନାହିଁ, ସେ ତା'ର ପିଲାମାନଙ୍କୁ ଏମିତି ଜଗିଥାଏ ଯେ ଯେକୌଣସି ବାହାର ଜନ୍ତୁ, ଏପରିକି ପିଲାଙ୍କ ବାପର ଘୁଞ୍ଚିଲେ ପଡ଼ିଲା ମାନେ··। ତେଣୁ କୌଣସିମତେ ଫଟୋ ଉଠେଇ ସେଠୁ ପଳେଇ ଆସିବା କଥା । ମୋର କ୍ୟାଇଁ ଦୁଃଖ କରି କହିଲେ ଯେ ଏଇ ହେଉଛି କଳାଭାଲୁ , ଆଉ ଟିକିଏ ଉଚ୍ଚକୁ, ଭିତରକୁ ଗଲେ ବଡ଼ ଭାଲୁର ଭେଟ ମିଳିଥାଆନ୍ତା ପରା । ମୁଁ କହିଲି ଥାଉ, ଧନ୍ୟବାଦ, ଏଇ ଯଥେଷ୍ଟ ହେଲାଣି ।

ଦୁଃଖର ବିଷୟ, ଭାଲୁ ଛଡ଼ା ମୁଁ ସ୍ୱଚକ୍ଷୁରେ ଆଉ କୌଣସି ବନ୍ୟଜନ୍ତୁ ଦେଖିବାର ସୌଭାଗ୍ୟ ପାଇଲି ନାହିଁ । ହୁଏତ ଥରୁଟାଏ ପର୍ବତଶିଖରରେ ଚରୁଥିବା ପାହାଡ଼ିଛେଳିମାନଙ୍କୁ ଦେଖିପାରିଛି ବୋଲି ମନେହେଲା । ବାସ୍, ସେତିକି । ଯଦିଚ ଅନେକ ଜାଗାରେ ପାହାଡ଼ ରାସ୍ତାକଡ଼ରେ ଥିବା ସାଇନ୍-ବୋର୍ଡ଼୍ରେ ଦେଖିବାକୁ ମିଳିବ—ଏଠି ଆଣ୍ଟିଲୋପ୍ମାନେ ରାସ୍ତା ପାରିହେବାର ସମ୍ଭାବନା ରହିଛି, ଏଠି ହରିଣମାନେ, ଏଠି ଠେକୁଆମାନେ, ଏଠି ହିଂସ୍ରଜନ୍ତୁ-ମାନେ ଇତ୍ୟାଦି ।

ହେଲେ ଅନେକ ବିଶିଷ୍ଟ ବିରଳ ଜନ୍ତୁମାନେ ଅଛନ୍ତି ଏଠିକା ପାହାଡ଼ ଜଙ୍ଗଲରେ ଯେଉଁମାନଙ୍କ କଥା ଲେଖାଅଛି ୟାଙ୍କର ପତ୍ରପତ୍ରିକାରେ ଓ ଯେଉଁମାନଙ୍କୁ ଦେଖିପାରିଥିଲେ ମୁଁ କୃତକୃତ୍ୟ ହୋଇଥାଆନ୍ତି । ଯଥା: (୧) କୁଗର୍ । ବାଘଭଳି ଦେଖିବାକୁ, କିନ୍ତୁ ବାଘ ନୁହେଁ, ବଣବିଲେଇ କହିଲେ ଚଳେ । ବିଜୁଳି ପରି ଧାଇଁଯାଏ, ଆଉ ତା' ତିନିଆଙ୍ଗୁଳିଆ ଥାବରେ ହରିଣର ବେକ ମୋଡ଼ିଦିଏ । (୨) ବଡ଼ଶିଙ୍ଘିଆ ମେଣ୍ଢା । ଏମାନଙ୍କ ବିରାଟ ବିରାଟ ମୋଡ଼ିମୋଡ଼ିକା ଶିଙ୍ଘ ଦେଖିବା ଜିନିଷ । (୩) ଏଲକ୍ । ଗୋରୁଜାତୀୟ ପଶୁ , ଏକାଧିକ ଥେଣ୍ଟା ବିଶିଷ୍ଟ ଶିଙ୍ଘ, ସୁଦୂରପ୍ରସାରୀ ହମ୍ବାରଡ଼ରେ ବନଭୂମି ଥରିଉଠେ । ପଲ ପଲ ବଣଗାଈଙ୍କ ଦଳପତି ହୋଇ, ଭାଲୁ ଓ ହେଟାବାଘଙ୍କ ସାଙ୍ଗରେ ଲଢ଼େଇ କରି ନିଜକୁ ବଞ୍ଚେଇ ରଖେ । (୪) ମୁସ୍ । ଉପରୋକ୍ତ ଧରଣର ଶିଙ୍ଘ ବିଶିଷ୍ଟ ଘୋଡ଼ାପ୍ରାୟ ପଶୁ ଇତ୍ୟାଦି ।

Digitized by srujanika@gmail.com

ଏମାନେ ମୋଟାମୋଟି ସୁଖରେ ଅଛନ୍ତି । ବିଭିନ୍ନ ବନ୍ୟ ପାର୍କ୍‌ରେ ସର୍ବସାମାନ୍ୟ ସାବଧାନତା ଏବଂ ଅଧିବସାୟୀ ବିନିମୟରେ ଏମାନଙ୍କୁ ଦେଖି-ହେବ ବୋଲି ଟୁରିଷ୍ଟ୍ ବିଭାଗ ପ୍ରଚାର କରେ । ତେଣୁ ଏମାନଙ୍କର ସୁରକ୍ଷା ବିଧେୟ । ତଥାପି ସ୍ୱଳ୍ପଜନଅଧ୍ୟୁଷିତ ସୁବିସ୍ତୃତ ବନଭୂମିରେ କେତେବେଳେ କେଉଁ ଶିକାରୀ କେଉଁ ପଶୁକୁ ଗୁଳିମାରି ବାହାଦୁରୀ ଦେଖେଇବ, ତାକୁ କେତେଟା ବଣସିପାହୀ ଜଗି ପାରିବେ ? ତେଣୁ ଛକାପଞ୍ଝା ଚାଲିଛି । କିନ୍ତୁ ଟୁରିଷ୍ଟ୍ ବିଭାଗର ଆମଦାନୀ ଯେତିକି ବଢ଼ୁଛି, ତାଙ୍କ ହାତ ସେତିକି ଲମ୍ବି ଆସୁଛି ଆଇନ୍‌ଭଙ୍ଗକାରୀ ଶିକାରୀ ତଥା ଖେଳୁଆଡ଼ମାନଙ୍କ ମଉଜକୁ ନଷ୍ଟ କରି ଦେବା ପାଇଁ । କିନ୍ତୁ ଦୁଃଖର ବିଷୟ ଯେ ବେଶି ମରନ୍ତି ଭାଲୁ, ଯେଉଁମାନେ ଜୋର୍‌ରେ ଦୌଡ଼ି ପାରନ୍ତି ନାହିଁ, ଅଥବା ହରିଣ ଠେକୁଆ ଆଦି ନିରୀହ ପ୍ରାଣୀ । ବଡ଼ଜନ୍ତୁ ଶିକାରର ମର୍ଯ୍ୟାଦା ଏମାନଙ୍କୁ ବିଶେଷ ଛୁଇଁ ନାହିଁ ବୋଲି ମନେହୁଏ । ନା ଘୋର ବସ୍ତୁବାଦୀ ସମାଜରେ ନୀରିହର ସ୍ଥାନ ନାହିଁ ବୋଲି ଧରି ନେବାକୁ ହେବ ? ଯାହାହେଉ ଏଠିକା ବନ୍ୟଜନ୍ତୁମାନଙ୍କର ବିପଦ ଭଲି, ଏଥିରେ ସନ୍ଦେହ ନାହିଁ ।

ବର୍ତ୍ତମାନ ସମତଳ ଭୂମିକୁ ଆସିବା । ଯେଉଁଠି ମଣିଷମାନେ ଚାଷ, ବାଣିଜ୍ୟ ବ୍ୟବସାୟ ଇତ୍ୟାଦି ଧନ୍ଦା ସମେତ ଘରଦୁଆର କରି ଅଛନ୍ତି । ଏଠି ଯେଉଁ ଜୀବଜନ୍ତୁମାନଙ୍କର ପ୍ରୟୋଜନ ଅଛି, ସେମାନେ ହେଲେ ସର୍ବସାଧାରଣ ଗାଈଗୋରୁ, ଘୋଡ଼ା, କୁକୁର, ବିଲେଇ ଇତ୍ୟାଦି । ଥୋକେ କ୍ଷୀର ଦେବେ, ଥୋକେ ମାଂସ ଦେବେ, ଥୋକେ ଖେଳକୁଦର ଆନନ୍ଦ ଏବଂ ଥୋକେ ଆଣିଦେବେ ଘରର ଶୋଭା । ଦେଖିବା ସ୍ୱାର୍ଥସୁନ୍ଦର 'ଜୀବେଦୟା' କେତେ ଉପରକୁ ଉଠିଛି ଏମାନଙ୍କୁ ନେଇ ।

ପାହାଡ଼ ଜଙ୍ଗଲର କୋଳରେ ଏବଂ ଶତ ଶତ ନଈ, ନାଳ, ହ୍ରଦ, ଓ ଝରଣାର ପାଣିରେ ସିକ୍ତ-ଶ୍ୟାମଳ ଚରିଭୂଇଁର ଶୋଭା, ଯାହାକୁ ଆକ୍ଷରିକ ଅର୍ଥରେ ଭୋଗ କରୁଛନ୍ତି ପଲ ପଲ ହୃଷ୍ଟପୁଷ୍ଟ ଗାଈଗୋରୁ । ଅଳସରେ, ନିର୍ବାଧରେ···ଦେଖିଲେ ପେଟ ପୂରିଯାଏ । ଇଂରେଜ ଚିତ୍ରକାର କନ୍‌ଷ୍ଟେବଲଙ୍କ ଛବି ଦେଖିଲାପରି ମନେହୁଏ । ଭାବିଲି, ହଁ, ଯୀଙ୍କର କ'ଣ ଅଭାବ ଅଛି ? ଘାସର, ଶସ୍ୟର ନା ଆଦର ଯତ୍ନର ? ଥରେ ଓକାନାଗାନ୍ ଉପତ୍ୟକାରେ ଏବଂ ଭର୍ଣ୍ଣନ୍ ସହର ପାଖରେ ଥିବା ଗୋଟିଏ ତଥାକଥିତ ଐତିହାସିକସ୍ଥଳ

Digitized by srujanika@gmail.com

ଦେଖିବାକୁ ଯାଇଥିଲି । ବିଗତ ଶତାବ୍ଦୀର ଜନୈକ ଜନନାୟକ ଓ'କନ୍ଫ୍‌ଙ୍କ ସ୍ମୃତିସ୍ଥଳ—ତାଙ୍କର ସେବେକା ଘର, ଖଳାବାଡ଼ି, ହାତ କାରଖାନା ଇତ୍ୟାଦି । ଓ'କନ୍ଫ୍ ମହାଶୟ କ'ଣ କରିଥିଲେ କି ? ବୁଝିଲି ଯେ ସେ ପୂର୍ବାଞ୍ଚଳରୁ ଆସିଥିଲେ ଏଠିକି, ସୁନାର ସନ୍ଧାନରେ । କିନ୍ତୁ ସୁନା ପାଇଲେ ନାହିଁ ସିନା, ଏଭଳି ଘଞ୍ଚ ଓ ଉଚ୍ଚ ଘାସ ଦେଖି ମୋହିତ ହୋଇଗଲେ ଏବଂ ଏଇଠି ରହିଗଲେ । ପଲ ପଲ ଗାଈଗୋରୁଙ୍କୁ ଅଣାଇ ଗୋଟିଏ 'ର୍‌ୟାଞ୍ଚ୍' (ବିସ୍ତାରିତ କୃଷି ଓ ଗୋଚାରଣ କ୍ଷେତ୍ର)ର ସ୍ଥାପନା କଲେ । ସେହିଦିନୁ ଏଠି ଗୋରୁମାନଙ୍କ ବସତି ଆରମ୍ଭ ହେଲା ଏବଂ ଆଜି ଏହି ଉପତ୍ୟକା ଏତେ ସମୃଦ୍ଧ ହୋଇପାରିଛି । ଏଭଳି ପ୍ରସିଦ୍ଧି ଯେଉଁ ଘାସର, ତାକୁ ଚରୁଥିବା ଗାଈଗୋରୁଙ୍କ ରୂପ ଆଉ କେମିତି ହୋଇଥାଆନ୍ତା ?

ଏହି କ୍ରମରେ ଭାବୁଛି, ହଠାତ୍ ମୋର ଖିଆଲ ହେଲା ଯେ ଏମାନଙ୍କର ଏହି ଭୋଗ ପଛରେ ଅଛି ଚରମ ତ୍ୟାଗ । ଯଦିଚ ଅନିଚ୍ଛାକୃତ କାରଣ କିଛିଦିନ ଉତ୍ତାରୁ ଏମାନେ ହାଣ ଖାଇବେ । ମୋ ମନକଥା ବୁଝିଲାପରି ମୋର ଯାତ୍ରାସାଥୀ କହିଲେ— ଏମାନଙ୍କ ଦେହର ରଙ୍ଗ କ'ଣ ଦେଖୁଛନ୍ତି ତ ? କଳା-ଧଳା । ମୁଁ ଲକ୍ଷ୍ୟ କରି ଦେଖିଲି ଯେ ପ୍ରକୃତରେ ସମସ୍ତେ ଛିଟିଛିଟିକା କଳା-ଧଳା, ଗୋଟିଏ ବୋଲି ଭିନ୍ନ ନୁହେଁ । ସେଇଠୁ ସେ କହିଲେ ଯେ ଏମାନେ ପୋଷା ହେଉଛନ୍ତି କ୍ଷୀର ଦେବା ପାଇଁ । କିନ୍ତୁ ଯେଉଁଠି ଦେଖିବେ ମାଟିଆ-ଧଳା, ଜାଣିବେ ଯେ ସେମାନେ ପୋଷା ହେଉଛନ୍ତି ମାଂସ ପାଇଁ । ଦୁହିଁଙ୍କ ପାଳନପୋଷଣ ଭିନ୍ନ ହେବା ଉଚିତ, କାରଣ ଥୋକେ ଅଧାବୟସରେ ମରିବେ, ଆଉ ଥୋକେ ବୁଢ଼ା ହୋଇ ମରିବେ— ବୁଝିଲେ ନା ? ସେଇଥିପାଇଁ ଏମାନଙ୍କ ବଂଶବୃଦ୍ଧି ମଧ୍ୟ କରା ହେଉଛି ପୃଥକ୍ ଭାବରେ ଏବଂ ଚିହ୍ନଟର ସୁବିଧା ପାଇଁ ପୃଥକ୍ ପୃଥକ୍ ରଙ୍ଗର ଚେହେରା ନେଇ ।

ଯଥାକ୍ରମେ ମୁଁ ଛିଟିଛିଟିକା ମାଟିଆ-ଧଳା ଗୋରୁଙ୍କୁ ମଧ୍ୟ ଘାସ ଚରିବାର ଦେଖିଲି । କିନ୍ତୁ ଦୁଇଜାତିର ଗୋରୁଙ୍କ ଭିତରେ କେଉଁମାନେ ଅଧିକ ହୃଷ୍ଟପୁଷ୍ଟ ଓ ପରିତୁଷ୍ଟ ଦେଖାଯାଉଛନ୍ତି ଅନୁମାନ କରିପାରିଲି ନାହିଁ ।

ଘୋଡ଼ାମାନେ ବେଶୀ ଅଛନ୍ତି ମଧ୍ୟ କ୍ୟାନେଡ଼ାର ଶୁଖିଲା ପ୍ରେଇରୀ ଅଞ୍ଚଳରେ, ବୋଧହୁଏ ଇତିହାସର ସୂଚନା ଦେବା ପାଇଁ । ତେବେ ବ୍ରିଟିଶ୍ କଲମ୍ବିଆର ଅନ୍ତର୍ବର୍ତ୍ତୀ ଅଞ୍ଚଳରେ ମଧ୍ୟ ଅଛନ୍ତି କିଛି କିଛି ଓ ମୁଁ ଦେଖିଛି

Digitized by srujanika@gmail.com

ସେମାନଙ୍କୁ । ସେମାନଙ୍କୁ ଅଧିକାଂଶରେ ଘୋଡ଼ାଚଢ଼ା ବ୍ୟାୟାମ ତଥା ଘୋଡ଼ାଦୌଡ଼ର କ୍ରୀଡ଼ା ପାଇଁ ବ୍ୟବହାର କରାଯାଏ । ଆଧୁନିକ ଯାନ୍ତ୍ରିକ ସମାଜରେ ଏଭଳି ଉଚ୍ଚଜାତିର ପ୍ରାଣୀକୁ କୌଣସି ନିକୃଷ୍ଟ ଦାୟିତ୍ୱ ତୁଲେଇବାକୁ ପଡ଼ିବ କାହିଁକି ? ନା, ରୁହନ୍ତୁ, ସେମାନଙ୍କୁ ଥରେ ଗୋଟାଏ ବିଚିତ୍ର-ପୁରାତନ କାମ କରିବାର ଦେଖିଛି । ବ୍ରିଟିଶ୍ କଲମ୍ବିଆର ରାଜଧାନୀ ଭିକ୍ଟୋରିଆରେ ଭିକ୍ଟୋରିଆନ୍ ସଂସ୍କୃତିର ଗୋଟାଏ ଝଲକ—ଘୋଡ଼ାଗାଡ଼ି ! ଗାଡ଼ି ଭିତରେ ଅଛନ୍ତି ଥୋକେ ଅଳସବିଳାସୀ ଟୁରିଷ୍ଟ୍, ଗାଡ଼ିକୁ ଟାଣୁଛନ୍ତି ଗୁରିଟା ଚକଚକିଆ ଘୋଡ଼ା ଏବଂ ଗାଡ଼ିର ବେଗ ବୋଧହୁଏ ଘଣ୍ଟାକୁ ପାଞ୍ଚ ମାଇଲରୁ କମ୍ । କେଉଁମାନେ ଅଧିକ ଉପଭୋଗ କରୁଛନ୍ତି (ଅଥବା ବୋର୍ ହୋଇ ଯାଉଛନ୍ତି), ଯାତ୍ରୀ ନା ଘୋଡ଼ା, ସେକଥା ବୁଝିବା କଷ୍ଟ ।

ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ପ୍ରାଣୀମାନଙ୍କ ଭିତରେ ଘୁଷୁରି ଓ କୁକୁଡ଼ା ବିଶେଷ ଉଲ୍ଲେଖଯୋଗ୍ୟ । କିନ୍ତୁ ସେମାନଙ୍କ ବିଷୟରେ ବିଶେଷ କିଛି କହିବାର ନାହିଁ । ଅନ୍ୟାନ୍ୟ ଖାଦ୍ୟ ଉପଯୋଗୀ ପ୍ରାଣୀଙ୍କ ପରି ସେମାନେ ମଧ୍ୟ ତାଙ୍କ ନିର୍ଦ୍ଦିଷ୍ଟ ଜୀବଦଶାରେ ଯଥେଷ୍ଟ ସୁଖ କରୁଥିବେ ଏବଂ ଯଥାସମୟରେ ବଧ ହେଉଥିବେ, ଏଥିରେ କୌଣସି ସନ୍ଦେହ ନାହିଁ ।

ଏଥର ପଡ଼ୁ କୁକୁର ବିଲେଇଙ୍କ କଥା । "କୁକୁର ବିଲେଇ" ଏହି ଗୋଷ୍ଠୀବାଚକ ଶବ୍ଦଟି କହିଲେ ରାସ୍ତାଘାଟରେ ଭେଳା ଭେଳା ହୋଇ ବୁଲୁଥିବା ଇତର ସାଧାରଣ ପ୍ରାଣୀମାନଙ୍କ ଦୃଶ୍ୟ ମନକୁ ଆସେ । କିନ୍ତୁ ଏ ଦେଶରେ ଏମାନେ ବୋଧହୁଏ ସବୁଠାରୁ ବେଶୀ ସୁରକ୍ଷିତ, ସଭ୍ୟସୌଖୀନ ମଣିଷର ନିଜସୁଖ ପାଇଁ । ତେଣୁ ସବୁଠାରୁ କମ୍ ସୁଦୃଶ୍ୟ । ବାରବୁଲା କୁକୁରଟାଏ ଆଖିରେ ପଡ଼ିବାର ପ୍ରଶ୍ନ ଉଠୁ ନାହିଁ, ପ୍ରତ୍ୟେକର କେହି ନା କେହି ମାଲିକ ଥିବା ଏକାନ୍ତ ଆବଶ୍ୟକ । ତା'ଛଡ଼ା କୌଣସି କୁକୁରକୁ ରାସ୍ତାଘାଟରେ ସ୍ୱେଚ୍ଛାରେ ବୁଲିବାକୁ ଦେବା ବେଆଇନ । ଅବଶ୍ୟ ତାଙ୍କୁ ମଳମୂତ୍ର ତ୍ୟାଗ ତଥା ବ୍ୟାୟାମ ପାଇଁ ବାହାରକୁ ଯିବାକୁ ପଡ଼ିବ, କିନ୍ତୁ ଚେନରେ ବନ୍ଧା ହୋଇ । କେବଳ ସେତିକି ନୁହେଁ, ରାସ୍ତାରେ କି ଆଉ କାହାର ଲନରେ ମଳତ୍ୟାଗ କଲେ ତାକୁ ତତ୍‌କ୍ଷଣାତ୍ ଗୋଟେଇ ନେଇ ଆପଣା ପ୍ଲାଷ୍ଟିକ୍ ମୁଣିରେ ପୂରେଇବା କଥା । ମୁଁ ଏହି ଦୁର୍ଲଭ ନାଗରିକତା (ଭାରତୀୟର ଦୃଷ୍ଟିରେ ଦୁର୍ଲଭ) ସ୍ୱଚକ୍ଷୁରେ ଦେଖିଛି । ବିଲେଇମାନଙ୍କୁ ନେଇ

Digitized by srujanika@gmail.com

ଏହି ପ୍ରକାର କୌଣସି କଟକଣା ନାହିଁ, କାରଣ ସେମାନେ ସାଧାରଣତଃ ଅନ୍ୟମାନଙ୍କୁ କୌଣସି ଅସୁବିଧାରେ ପକାନ୍ତି ନାହିଁ ।

ଏହି ଗୃହଶୋଭାବର୍ଦ୍ଧକ ପ୍ରାଣୀମାନଙ୍କ ଚେହେରା ଚରିତ୍ର କେଉଁ ପ୍ରକାର ?

ପ୍ରଥମେ ଏଇଥିରୁ ବୁଝିବେ ଯେ ମୁଁ ହୁଏତ କାଁ ଭାଁ ଦୁବଳିଆ ମଣିଷ ଦେଖିଛି, ଶ୍ରୀହୀନ ଘର ଦେଖିଛି, କିନ୍ତୁ ଗୋଟିଏ ବୋଲି କୁକୁର କି ବିଲେଇ ଦେଖିଲି ନାହିଁ ଏଠି, ଯିଏ ସ୍ୱାସ୍ଥ୍ୟସୌଷ୍ଠବରେ ଫାଟି ପଡୁନାହିଁ । ଥରେ ହାଇ-ୱେର ଗୋଟିଏ ଫାର୍ମ୍ ହାଉସ୍‌ରେ ଅଟକି ଗଲାବେଳେ ମୁଁ ସହଯାତ୍ରୀ-ମାନଙ୍କୁ ଗୋଟିଏ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବା ପାଇଁ ଡାକ ଛାଡ଼ିଲି । କହିଲି, ଦେଖ ଯୋଡ଼ାଏ ଭାଲୁ କେମିତି ଖୋଲାରେ ବୁଲୁଛନ୍ତି ଜଣକ ଘରର ଲନରେ । ସେମାନେ ଦୌଡ଼ିଆସି ଦେଖନ୍ତି କ'ଣ ନା ଯୋଡ଼ାଏ ଭାଲୁ ଭଳି ବିରାଟ କୁକୁର ! ସେମାନେ ଭାବିଲେ ମୁଁ ରହସ୍ୟ କରୁଛି । ମୁଁ ତାଙ୍କୁ ସତକଥା କହିବା ପାଇଁ ସାହସ କଲି ନାହିଁ ଯେ ମୁଁ ପ୍ରକୃତରେ ଠକି ଯାଇଥିଲି । ବିଲେଇମାନଙ୍କ କଥା ଛାଡ଼ । ବେଳେବେଳେ ମନେହୁଏ ଯେ ଏଡ଼େ ମୋଟା-ସୋଟା ଗୁରୁଚିକ୍କଣ ହୋଇ ନିଶ ଫୁଲେଇବାର ଗୋଟାଏ ସୀମା ଅଛି !

ପଚିଶବର୍ଷ ତଳେ ଆମେରିକାରେ ଦେଖିଥିଲି ଏମାନଙ୍କ ପାଇଁ ଭିଟାମିନଯୁକ୍ତ ହରେକକିସମର ଖାଦ୍ୟ କେମିତି ବିଭିନ୍ନ ଟିଣ କିମ୍ବା ପ୍ଲାଷ୍ଟିକ୍ ଡବାରେ ଭର୍ତ୍ତି ହୋଇ ସୁପର୍‌ମାର୍କେଟ୍‌ର ଥାକମାନଙ୍କରେ ସଜା ହୋଇ ରହିଥାଏ ଏବଂ ସେଥିର ବିଜ୍ଞାପନ କେମିତି ପ୍ରଚାରିତ ହୁଏ ରେଡ଼ିଓ ଓ ଟେଲିଭିଜନରେ । ଏଥର ଯାହା ଦେଖିଲି ଓ ଶୁଣିଲି ସେଗୁଡ଼ିକ ହେଲା— କେବଳ ଏକାଧିକ ଥାକ କାହିଁକି, ଗୋଟାଏ ଗୋଟାଏ ଦୋକାନ ଖଞ୍ଜା ହୋଇ ରହିଛି ଏମାନଙ୍କ ପାଇଁ । କୁକୁରଖାଦ୍ୟ ଦୋକାନର ଚଳନ୍ତି ନାଆଁ ହେଲା 'ଡଗ୍-ଡେଲି' ଅର୍ଥାତ୍ ଡଗ୍ ଡେଲିକାଟେସିନ, ସୁମିଷ୍ଟ ଆହାରର ସମାହାର କୁକୁରମାନଙ୍କ ପାଇଁ । କୁକୁରମାନଙ୍କ ରୁମ ସାଉଁଳେଇବା ପାଇଁ ତଥା ଅନ୍ୟାନ୍ୟ ସାଜଶୃଙ୍ଗାର ପାଇଁ 'କୁକୁର-କାରିଗର'ମାନଙ୍କର ଦୋକାନ ରହିଛି । ପୁଣି ଯେଉଁ କୁକୁରବିଲେଇ ଅତ୍ୟଧିକ ମୋଟା ହୋଇ ଯାଉଛନ୍ତି ସେମାନଙ୍କ ଡାଏଟିଙ୍ଗ୍ ଉପଯୋଗୀ ବିଶିଷ୍ଟ ଚର୍ବିବିହୀନ ସ୍ୱଳ୍ପ କ୍ୟାଲୋରି ପରିମିତ ଖାଦ୍ୟପେୟର ବ୍ୟବସ୍ଥା ରହିଛି ଏବଂ ଶୁଣିଲି ଯେ ବୁଢ଼ା ହୋଇ ଯାଇଥିବା

Digitized by srujanika@gmail.com

କୁକୁର ବିଲେଇଙ୍କ ସ୍ୱତନ୍ତ୍ର ବାର୍ଦ୍ଧକ୍ୟାଳୟର ବ୍ୟବସ୍ଥା ଅଛି । ଆହୁରି ଅଛି ଶୁଣନ୍ତୁ । ଯେହେତୁ ମଣିଷଙ୍କ ସାଙ୍ଗରେ ହେଲମେଳ ହେଉଥିବା ଏହି ପ୍ରାଣୀମାନଙ୍କର ମସ୍ତିଷ୍କ ବିକୃତ ହେବା ଅସ୍ୱାଭାବିକ ନୁହେଁ, ଏମାନଙ୍କ ମାନସିକ ବିକାର ଦୂର କରିବା ପାଇଁ ସ୍ୱତନ୍ତ୍ର କ୍ଲିନିକ୍‌ମାନ ମଧ୍ୟ ରହିଛି !

କିନ୍ତୁ ମୂକ ଜୀବଜନ୍ତୁଙ୍କ ଅଭଦ୍ର ଅସାମାଜିକ ବ୍ୟବହାରକୁ ଆୟତ୍ତରେ ରଖି ହେବ ସିନା, ମୁଖର ମଣିଷପିଲାମାନଙ୍କ ଉଚିତ ବ୍ୟବହାର ପାଇଁ କେଉଁ ବାପମାଆ ଗ୍ୟାରେଣ୍ଟି ଦେଇପାରିବେ ? ତେଣୁ ସରକାରଙ୍କ ଶିଶୁପ୍ରେମୀ ନୀତି ଯାହାହେଉ ନା କାହିଁକି, ଏଠିକା ସୌଖୀନ ସମାଜର କେତେକ ଆପାର୍ଟମେଣ୍ଟ ହାଉସ୍‌ରେ ଭଡ଼ାଟିଆମାନେ କୁକୁର ବିଲେଇ ରଖିପାରିବେ, କିନ୍ତୁ ପିଲାଙ୍କ ପ୍ରବେଶ ନିଷେଧ । ଜୀବଜନ୍ତୁଗୁଡ଼ାକ ମୂକ ନିର୍ବୋଧ ନ ହୋଇଥିଲେ ଏଭଳି ପାତର ଅନ୍ତରରେ ବିଦ୍ରୋହ କରି ଉଠନ୍ତେ ନାହିଁ ?

ସ୍ଥଳବିଭାଗ ପରେ ଜଳବିଭାଗର କଥା । ଯେଉଁ ଅଞ୍ଚଳର କଡ଼େ କଡ଼େ ସମୁଦ୍ର, ଭିତରକୁ କେତେ ଗ୍ଲେଟବଡ଼ ଦରିଆ, ଯାହାର ନାସିଟିଏ ଲଗିଛି ସମୁଦ୍ରକୁ, ପୁଣି କନକନ ହୋଇ ପଶି ଆସିଥିବା କେଜାଣି କେତେ ଜଳପ୍ରଣାଳୀ, ସେଣିକି କେତେ ହ୍ରଦ, ଜଳପ୍ରପାତ, ନଈନାଳ ଓଗେର, ଜୀବଜନ୍ତୁମାନେ ତା'ର ଯଥେଷ୍ଟ ଫାଇଦା ଉଠେଇବେ ନାହିଁ କେମିତି ? ନା ମଣିଷ ତା'ର ଦେଖିଲା କାମ କରିବ ନାହିଁ ଦୟାର ସହିତ ? ସେଥିମଧ୍ୟରୁ ଟୁରିଷ୍ଟ ବ୍ୟବସାୟ ପାଇଁ ବିଶେଷ ଲାଭଦାୟକ ହେଉଛନ୍ତି ସମୁଦ୍ରସିଂହ ଓ ସିଲ୍ । ଅତଳତଳ ସମୁଦ୍ର ଭିତରେ କିଭଳି ଜୀବଜନ୍ତୁ ଥାଆନ୍ତି ଓ ସେମାନେ କ'ଣ କରନ୍ତି, ତା'ର ଚମତ୍କାରିତା ଦେଖାଇବା ପାଇଁ ସ୍ୱତନ୍ତ୍ର ଓ ବିଭିନ୍ନ ପାଣିଚିଡ଼ିଆଖାନାମାନ ରହିଛି ଭ୍ୟାଙ୍କୋଭର୍ ଓ ଭିକ୍ଟୋରିଆରେ । ଏଥିରେ ଥିବା ଜୀବଜନ୍ତୁମାନଙ୍କ ପ୍ରଦର୍ଶନୀ, ବିଶେଷତଃ ସେମାନଙ୍କ କ୍ରୀଡ଼ାକଉତୁକର ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ତଥା ଜ୍ଞାନବର୍ଦ୍ଧକ । ଆମକୁ ସବୁଠୁ ଭଲ ଲଗିଲା ଭ୍ୟାଙ୍କୋଭର୍‌ର ପାଣିଚିଡ଼ିଆଖାନାରେ ଥିବା ମାରକ-ତିମିମାଛର ବିରାଟ ଓ ଭୟାବହ ଦେହର ସ୍ଥୂଳ ଓ ସୂକ୍ଷ୍ମ ଯନ୍ତ୍ର ସାହାଯ୍ୟରେ ରେକର୍ଡ଼୍ କରାଯାଇଥିବା ତା'ର ଆଳାପ-ବିଳାପର ସଙ୍ଗୀତ । ଭାବିହେଲା ନାହିଁ ଯେ ଏମାନଙ୍କୁ ଏତେ କ୍ରୂରକବଳ ବୋଲି କାହିଁକି କୁହାଯାଏ !

Digitized by srujanika@gmail.com

ସମୁଦ୍ରପକ୍ଷୀମାନେ ଏଇ ପ୍ରଦେଶର ବିଶେଷତ୍ୱ । ବହିରେ ଅଛି ଯେ ଏଠି ପନ୍ଦରକିସମର ସମୁଦ୍ରପକ୍ଷୀ । ତା'ଛଡ଼ା ପାଣିକୁକୁଡ଼ା, ବରଫବତକ ପାଣିବତକ ଇତ୍ୟାଦି । ମୁଁ କେତେକ ମାଛରଙ୍କାଜାତୀୟ ଚଢ଼େଇମାନଙ୍କର ଉଡ଼ାବୁଡ଼ା କଳାକୌଶଳ ଦେଖିଛି । ବର୍ଣ୍ଣନାକ୍ରମେ ସ୍ଥଳଚରଇଜର ବିଶିଷ୍ଟ ପକ୍ଷୀ-ମାନଙ୍କ କଥା ମଧ୍ୟ ଉଲ୍ଲେଖ କରିଯାଇପାରେ । ଯଥା: ଶିକାର ଉପଯୋଗୀ ଫେଜାଣ୍ଟ୍ ଓ ପାର୍ଟ୍ରିଜ୍ ଏବଂ ଶିକାରୀ ଚଲ, ଛଞ୍ଚାଣଜାତୀୟ ପକ୍ଷୀ । କିନ୍ତୁ କାକଳିକୂଜନରେ ଅହରହ ବିମୁଗ୍ଧ ତଥା ବିକ୍ଷୁବ୍ଧ ଏଇ ବିମୀତ ଭାରତୀୟ କାଁ ଭାଁ କାଉର କର୍କଶତର ରାବ ଛଡ଼ା ଆଉ କିଛି ଶୁଣି ନାହିଁ, ଏଠିକା ବଡ଼ ବଡ଼ ସହର କମ୍ବା ଗ୍ଲେଚଠ ସହରରେ ଏବଂ କଦବାକ୍ୱଚିତ୍ ଦଳେ ଷ୍ଟାଲିଙ୍ଗ୍ ଚଢ଼େଇକୁ ଉଡ଼ିଯିବାର ଦେଖିଛି ମୀରବ ସଞ୍ଚର ଆକାଶରେ । ମୋଟ ଉପରେ ମୋର ମନେହୁଏ ଯେ ଉଲର୍ କୋଟ୍ କମ୍ବା ଡାକଟିକଟର ଶୋଭା ବଢ଼େଇବାର ଛବି ହେବାଛଡ଼ା ଏମାନଙ୍କର ଅନ୍ୟ କୌଣସି ଭୂମିକା ନାହିଁ ଏଠିକା ମଣିଷ ସମାଜରେ । ଶିକାର ଉପଯୋଗୀ ଅଛନ୍ତି ଯେଉଁ କେତେକ, ସେମାନେ ମଧ୍ୟ ଅପେକ୍ଷାକୃତ ଦୁର୍ଲଭ, ଅକାଳେ ସକାଳେ ଧରା ପଡ଼ନ୍ତି । ତେଣୁ ସ୍ଥଳପକ୍ଷୀ ହେଉ ବା ଜଳପକ୍ଷୀ, ଏମାନଙ୍କୁ ମୁଁ ବିଶେଷ ସମ୍ମାନ ଦେଇପାରୁ ନାହିଁ ମୋର ଏଇ ଲେଖାପାଇଁ ।

ମାଛ କଥା ଦୋସରା । ଏଇଠି କହି ରଖେ ଯେ ଜଙ୍ଗଲର ଗଛ ଓ ନଈ ସମୁଦ୍ରର ମାଛ ହେଉଛି ବ୍ରିଟିଶ୍ କଲମ୍ବିଆର ପାରମ୍ପରିକ ଅବଦାନ । କ୍ୟାନେଡ଼ାର ସଂସ୍କୃତି ତଥା ସମ୍ପଦର ଇତିହାସ ପ୍ରତି । ଏପରିକି ବ୍ରିଟିଶ୍ କଲମ୍ବିଆର ସରକାରୀ ମୋହରର ଦୁଇ ଦିଗପାଳ ହେଉଛନ୍ତି କାଠୁରିଆ ଓ ଧୀବର । ତେବେ ମାଛମାନଙ୍କୁ କ'ଣ ଜୀବର ମର୍ଯ୍ୟାଦା ଦେଇହେବ ଯେ 'ଜୀବେଦୟା'ର ପ୍ରଶ୍ନ ଉଠୁଛି ? ଧରା ହୋଇ ଆସିଲା ପରେ ତା'ର ସେଇ ସ୍ଥିର ଗୋଲ୍ ଗୋଲ୍ ଆଖି ଓ ଭୁଞ୍ଛାକୁ ପିଟି ହେଉଥିବା ଲଞ୍ଜରେ (ତାହା ମଧ୍ୟ କଦବା କ୍ୱଚିତ୍) ଏମିତି କୋଉ ଯନ୍ତ୍ରଣା ଫୁଟିଉଠେ ଯେ ଦୟାଭାବର ଉଦ୍ରେକ ହେବ ଏବଂ ସେଥିର ବ୍ୟବସ୍ଥା କରିବାକୁ ପଡ଼ିବ ? ତଥାପି ମୁଁ ସେମାନଙ୍କୁ ମଧ୍ୟ ସାମିଲ୍ କରୁଛି ମୋ ଲେଖାରେ, କାରଣ ଏ ଦେଶର ମାଛମାନଙ୍କୁ ନେଇ ଯୋଉଁଏ ଅନୁଭୂତି ମୋତେ ଏଭଳି ବିସ୍ମୟ ଓ ଆମୋଦର ସମ୍ଭାର ବାଢ଼ି ଦେଇଛି ଯେ ମୋର ମନେହୋଇଛି ଆମେ କଏ ଏମାନଙ୍କୁ ଦୟା

Digitized by srujanika@gmail.com

ଦେଖେଇବୁ ? ଏମାନେ ଯେଉଁ ପାଠ ପଢ଼େଇଲେଣି ଆମକୁ, ତା' କହୁଛି, ଶୁଣନ୍ତୁ ।

ପ୍ରଥମ ପାଠର ମୂଳ କଥା : ଆଃ, ଏଭଳି ବିହାର ତୁଚ୍ଛା ଆହାରକୁ ନେଇ ! ଇଏ କି କ'ଣ ସୌଖୀନ ସଭ୍ୟତାର ଅନ୍ୟତମ ନମୁନା ? ସତେକି ମଣିଷ ମାଛକୁ କହୁଛି ଯେ ଯେହେତୁ ତୁ ମୋର ଖାଦ୍ୟ, ମୋର ତୋତେ ମାରିବା ଉଚିତ । କିନ୍ତୁ ସେଇ ବାହାନାରେ ତୋ ସାଙ୍ଗରେ ପରସ୍ତେ ଖେଳିଲେ ମଜା ହେବ ନାହିଁ ଏବଂ ମାଛ ତା'ର ଚ୍ୟାଲେଞ୍ଜ୍ ଗ୍ରହଣ କରୁଛି, ମଣିଷଟାକୁ ପାଣି ପିଆଇ ଦେଉଛି । ବହୁପୂର୍ବେ ହିଂସାର ଖେଳ ଦେଖିଥିଲି ମେକ୍ସିକୋର ବୁଲ୍‌ଫାଇଟ୍‌ରେ, ଯେତେବେଳେ ନିର୍ଦ୍ଦୋଷ ନିର୍ବୋଧ ପଶୁଟାକୁ ଅକାରଣରେ ରଗେଇ, ଖେଞ୍ଚିଖାଞ୍ଚି ଲହୁଲୁହାଣ କରି ମାରି ଦିଆଗଲା । ଏବେ ତା'ର ବିପରୀତ ରୂପ ଦେଖିଲି । ଯେ ମାରିବା ସକାରଣ ହେଲେ ମଧ୍ୟ ତା'ର ଉହାଡ଼ରେ କିଭଳି ଖେଳ ଖେଳା ଯାଇପାରେ । ସେବେ କାନ୍ଦିଥିଲି, ଏବେ ନ ହସି ରହିପାରୁ ନାହିଁ ।

ଇଏ ହେଉଛି ମାଛିଦିଆ ମାଛଧରାର କୌତୁକ କାହାଣୀ । ଯେଉଁ ପତଙ୍ଗପ୍ରାୟ ପୋକମାନେ ହ୍ରଦ ପୋଖରୀ ନଈ ନାଳର ପାଣିରେ ପହଁରନ୍ତି ଓ ମାଛମାନେ ତାଙ୍କୁ ଖାଆନ୍ତି, ସେମାନଙ୍କୁ ଏଠି ମାଛି ବୋଲି ନିଆଯାଏ ଏବଂ ନାନାବିଧ ମାଛି ତିଆରି କରି ନାନାବିଧ ଖିଆଲି ମାଛଙ୍କୁ କାବୁ କରି ମାରିବାର କ୍ରୀଡ଼ା ଏଠିକା ପୋଷାକୀ ମାଛଧରାର ଏକ ବିଶିଷ୍ଟ ଅଙ୍ଗ । ସମୁଦ୍ରର ସାମନ୍, କଡ୍ ଆଦି ମାଛମାନଙ୍କୁ ବଡ଼ ବଡ଼ ଯନ୍ତ୍ରଚାଳିତ ନୌକା ଚଳାଇ ଜାଲ ସାହାଯ୍ୟରେ ମରାଯାଏ । ସିଏ ତ ହେଲା ବ୍ୟବସାୟାତ୍ମକ ମାଛଧରା । କିନ୍ତୁ ମଧୁରପାଣିରେ ଜାଲ ପକେଇ ମାଛ ଧରିବା ମନା । କେବଳ ବନଶୀ ପକେଇ ମାଛ ଧରି ପାରିବ ଓ ସେଥିପାଇଁ ସ୍ୱତନ୍ତ୍ର ଲାଇସେନ୍‌ସର ଆବଶ୍ୟକ । ଯାହାକୁ କୁହନ୍ତି ପୋଷାକୀ ମାଛଧରା ଏବଂ ଏହି ପ୍ରକାର ମାଛଧରାରେ ହିଁ ମାଛିଖେଳର ପ୍ରଭୂତ ପ୍ରୟୋଗ । ବେଳେବେଳେ ମନକୁ ଆସେ ଯେ ଏଠିକା ମାଛମାନଙ୍କର ରୁଚି କ'ଣ ସତରେ ଏତେ ବିଭିନ୍ନ ଓ ସୌଖୀନ ? ସତରେ କ'ଣ ଅମୁକ ପାଣିର ମାଛ ଠିକ୍ ଏମିତିକା ମାଛି ଭଲ ପାଆନ୍ତି ଏବଂ ସକାଳସଞ୍ଜର ଠିକ୍ ଏତିକିବେଳେ ? ପୁଣି ସବୁଦିନେ ନୁହେଁ, ଦେଖିବାକୁ ହେବ ଯେ ପାଣିପାଗ ନେଇ କେମିତି ତାଙ୍କ ରୁଚି ବଦଳୁଛି । ମନେହେବ ସେମାନେ ଜାଣିଶୁଣି ତାଙ୍କ

Digitized by srujanika@gmail.com

ରୁଚି ବଦଳାଉଛନ୍ତି ମଣିଷଠୁଁ ଚାଲାଖ୍ ହେବାକୁ ଚେଷ୍ଟା କରି ! ମାଛମାନେ କ'ଣ ସତରେ ଏତେ ସଭ୍ୟ ହେଲେଣି ନା ଇଏ ମାଛି ତିଆରି ବ୍ୟବସାୟର ଅନ୍ୟ ଏକ ପ୍ରଚାରମୂଳକ ଫନ୍ଦି ? ଯାହାହେଉ ବ୍ରିଟିଶ୍ କଲମ୍ବିଆର ହ୍ରଦବହୁଳ ଅଞ୍ଚଳର ସହରମାନଙ୍କରେ ମୁଁ ଦେଖିଛି ଏଇ ମାଛିଦିଆ ମାଛଧରାର ବ୍ୟାପକ ପ୍ରସାର । ଦେଖିଛି କେତେ ଉତ୍ସାହ ମୋର କ୍ୟାନେଡ଼ିଆନ୍ ବନ୍ଧୁମାନଙ୍କ ମହଲରେ ଏଇ ବିଶିଷ୍ଟ ମାଛଧରା ପାଇଁ ଏବଂ କେତେ ଦୋକାନ ବଜାର, କେତେ ଲେଖାପଢ଼ା ଓ ବିଜ୍ଞାପନ, ଏଇ ମାଛ-ବନା-ମାଛି ବିଜ୍ଞାନର ବୈଚିତ୍ର୍ୟକୁ ନେଇ । ଶୁଣିଲି ଯେ ଏଠିକା ଯାନ୍ତ୍ରିକ ସମାଜରେ ଯେଉଁ ଅଳ୍ପ କେତୋଟି କୁଟୀରଶିଳ୍ପ ରହିଯାଇଛି, ଇଏ ସେଥିମଧ୍ୟରୁ ଗୋଟିଏ ଏବଂ ଏହାର ଆକର୍ଷଣ ଏତେ ଅଧିକ ଯେ ଏଠିକାର ମାଛଧରାଳି ଯା'କୁ ସହଜେ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ମୁଁ ନିଜେ ଯାଇଛି ଗୋଟିଏ ମାଛି ତିଆରି କରିବାର "କାରଖାନା"କୁ । ମୋର ଜନୈକ ବନ୍ଧୁ ଯାଇଥିଲେ ସେଠିକି ଗୋଟିଏ ବିଶିଷ୍ଟ ଧରଣର ମାଛି ବରାଦ ଦେବାକୁ ଓ ମୋତେ ସାଙ୍ଗରେ ନେଇ ଯାଇଥିଲେ । ଦେଖିଲି ଗୋଟିଏ ଲମ୍ବା ରୁଦ୍ଧ କୋଠରିରେ ଜଣେ ବୟସ୍କ ଭଦ୍ରଲୋକ ବସି ରହିଛନ୍ତି । ତାଙ୍କ ଚାରିପାଖରେ କେତେ ଅନାବନା କାଠିକୁଟା, ପର ଆଦି କଞ୍ଚାମାଲର ସରଞ୍ଜାମ, କେତୋଟି ପ୍ରାକୃତିକ ଓ କେତୋଟି ପ୍ଲାଷ୍ଟିକ୍ (ପ୍ରାକୃତିକ ମାଲର ମୂଲ୍ୟ ଅଧିକ) ଏବଂ ବିବିଧ ରଙ୍ଗର ସମାବେଶ ଏବଂ କାନ୍ଥରେ, ଥାକରେ ସଜା ହୋଇଥିବା ବଡ଼ ଛୋଟ ନାନା ରଙ୍ଗର ମାଛି । ସତେକି ଇଏ କେବଳ ଶିଳ୍ପ ନୁହେଁ, କଳା ! କଳାର ଉତ୍କର୍ଷ ହେଉଛି, ମାଛିବିଶେଷ କେତେଦୂର ବାସ୍ତବ ହୋଇପାରିବ ନିର୍ଦ୍ଦିଷ୍ଟ ମାଛମାନଙ୍କୁ ଭୁଲେଇବା ପାଇଁ । ଥରେ ଜଣେ ବନ୍ଧୁ କହିଲେ ଯେ ମାଛିଟା ଏତେ ବାସ୍ତବ ହୋଇଥିଲା ଯେ ଗୋଟାଏ ସତ ମାଛି ତା' ଉପରେ ବସିପଡ଼ିଲା ରତି କରିବା ପାଇଁ ! ଏଭଳି ଚମତ୍କାରୀ ଅତିରଞ୍ଜନକୁ କ'ଣ ମିଛ କୁହାଯିବ ? ଖେଳର ନାଆଁ ରଙ୍ଗ ପରା !

ଦ୍ୱିତୀୟ ପାଠର ଶେଷ କଥା : ଜନ୍ମଭୂମି ମୋତେ ଡାକୁଛି । ଯେ ସେଇଠିକି ଫେରିଯିବ ମୋ ଜୀବନର ସାର୍ଥକତା ଅର୍ଥାତ୍ ପିଲାଜନ୍ମ କରିବା ପାଇଁ, ତହୁଁ ମରିବା ପାଇଁ । ପ୍ରଶାନ୍ତ ମହାସାଗରର ସାମନ୍ ମାଛ ଜନ୍ମ ହୁଏ କେଉଁ ନଈର ମୁହାଣରେ କିମ୍ବା ମୁହାଣର ଆହୁରି ପଛକୁ । କିନ୍ତୁ ଜନ୍ମ ହେଲା

Digitized by srujanika@gmail.com

ପରେ ସେ ଖସି ଖସି ଆସେ ସମୁଦ୍ରକୁ । ସେଇଠୁ ଖେଳେ, ବୁଲେ, ତା' ସମୁଦ୍ର ସଂସାରରେ । ଗହ୍ୱରରୁ ଗହ୍ୱରକୁ ଯାଏ, କେତେ ଆହାରବହାର ଏବଂ ଅନୁଭୂତ ପାଇଁ । ଏମିତ ସେ ମାଛ ପର ମାଛଟାଏ ହୁଏ । କନ୍ତୁ ହାୟ୍, ଶେଷକୁ ତାକୁ ଫେରବାକୁ ପଡ଼େ ଦନ ପରେ ଦନ ପହଁର ପହଁର ହାଲଆ ହୋଇ ସେଇ ଜନ୍ମଭୂମିକୁ, ଥାଉ ପଛେ ସେ କାହିଁ କେତେ ଦୂରରେ । ସ୍ଥଳ-ବଶେଷରେ ପ୍ରାୟ ୧୫୦୦ କଲୋମିଟର ଦୂରରେ । ସେଇଠି ହେବ ଶେଷ ସମ୍ଭୋଗ ଓ ନୂଆ ସନ୍ତାନର ଜନ୍ମ । ତା'ପରେ କାମ ସରଲ । ବାପମାଆଙ୍କ ମୃତଦେହ ଭସିଯାଏ କୁଆଡ଼େ ବୋଲ କୁଆଡ଼େ ଅନନ୍ତର ସୁଅରେ । ହୁଏତ ତା' ପୂର୍ବରୁ ସେମାନେ ଧରା ପଡ଼ନ୍ତ ଧୀବରର ଜାଲରେ, ମଣିଷର କାମରେ ଆସନ୍ତ । କନ୍ତୁ ସଦୟ ହୋଇ ଅଥବା ସ୍ୱାର୍ଥଦୃଷ୍ଟିରୁ ସେମାନଙ୍କୁ ଯଥାସମ୍ଭବ ଛାଡ଼ ଦଆଯାଏ ତାଙ୍କ ସଂସାର କାମ ସାରଦେବା ପାଇଁ । ବୈଜ୍ଞାନକ ପ୍ରଣାଳୀରେ ଅଣ୍ଡାମାନଙ୍କୁ ମଧ ଉଦ୍ଧାର କର ବଞ୍ଚେଇବାର ଓ ମାଛ ରୂପରେ ବଢ଼େଇବାର ବ୍ୟବସ୍ଥା ଅଛି । ଯାହାହେଉ ମାଛ ତା'ର କାମ କରଯାଏ ନଭୁ'ଲ ଭାବରେ । ଫ୍ରେଜର୍ ନଦୀର ମୁହାଣର ବଭନ୍ନ ସ୍ଥଳରେ ଏଇ ଦୃଶ୍ୟର ପୁନରାବୃତ୍ତି ହୁଏ ପ୍ରତ୍ୟେକ ବର୍ଷ, ଗ୍ରୀଷ୍ମଋତୁ ସରଲ ବେଳକୁ ଏବଂ ଏହା ଏକ ବଶେଷ ଆକର୍ଷଣ ଟୁରିଷ୍ଟ୍‌ମାନଙ୍କ ପାଇଁ । ମୁଁ ମଧ ଅପେକ୍ଷା କରଛି କେବେ ତାକୁ ଦେଖିବ ଏବଂ ମୋ ଜନ୍ମଭୂମିକୁ ନେଇ ପୁଣିଥରେ ଗଗିମାଗି କଛି ଭାବବ ବୋଲ ।

ପୁନଶ୍ଚ : ଆଜ ଦେଖି ଆସିଲ । କ୍ୟାପିଲାନୋ ହାଚେରୀକୁ ଯାଇ ଦେଖିଆସିଛି ସେମାନେ କେମିତ ଛଟପଟ ହେଉଛନ୍ତ, ଉଜାଣି ସୁଅ ସାଙ୍ଗରେ ଲଢ଼େଇ କର ଫେରଆସୁଛନ୍ତ କ୍ୟାପିଲାନୋ ନଈର ମୁହାଣକୁ । ବଚରା କେତେ ବକଳ ହେଉଛନ୍ତ ଜନ୍ମସ୍ଥାନକୁ ଫେରଆସି ମରବା ପାଇଁ । କେଉଁ ଜନ୍ମଗତ ଅଧିକାର କ ଅଭଶାପକୁ ତୁଲେଇବା ପାଇଁ !

Digitized by srujanika@gmail.com

ମୋ ଦେଶ, ମୋ ରାଣୀ

ଏକ— ବନ୍ଧୁ ପଚାରିଲେ, "ଏତେଦିନ ତ ରହିଲେଣି ଏଠି, କ୍ୟାନେଡ଼ିଆନ୍‌ମାନଙ୍କ ଉପରେ ଧାରଣା କ'ଣ ଆପଣଙ୍କର ?"

ମୋର ଉତ୍ତର, "ଆଜ୍ଞା, ମୁଁ କ'ଣ ନୂଆ ଆସିଛି ଏଠିକି ? ଆଗରୁ ଥିଲି ପ୍ରାୟ ତିନିବର୍ଷ ୱାଶିଙ୍ଗ୍‌ଟନ୍ ଡି.ସି.ରେ, ତେଣୁ ମୋ ପାଇଁ କିଛି ନୂଆ ନୁହେଁ ଆପଣମାନଙ୍କ ସଭ୍ୟତା ଓ ସଂସ୍କୃତି । ଅନେକ ଭିନ୍ନ ଆମଠାରୁ, ହେଲେ ଅନେକ କିଛି ଶିଖିବାର ଅଛି ଆମର, ଏ ଦେଶରେ ବ୍ୟକ୍ତିର ସ୍ୱାଧୀନ ଚେତନା, ଶ୍ରମର ମର୍ଯ୍ୟାଦା, ଶ୍ରେଣୀବିହୀନ ସମଭାବ···ଇତ୍ୟାଦି ।"

ଏତେଗୁଡ଼ାଏ ପ୍ରଶଂସା କଲି, ତଥାପି ସେ ଏମିତି ଅନଉଛନ୍ତି କାହିଁକି ମୋ ଆଡ଼କୁ ? କ'ଣ କିଛି କହିଲି କି ତାଙ୍କୁ ବାଧିଲା ପରି ? କେତେବେଳକେ ବୁଝିଲି ତାଙ୍କ ବିମୂଢ଼ତାର କାରଣ । ମୁଁ ଥିଲି ଯୁକ୍ତରାଷ୍ଟ୍ର ଆମେରିକାରେ ଏବଂ ଇଏ ହେଉଛି କ୍ୟାନେଡ଼ା । କୋଉ ବୁଦ୍ଧିରେ ମୁଁ କ୍ୟାନେଡ଼ିଆନ୍‌ମାନଙ୍କୁ ମିଶେଇଦେଲି ଆମେରିକାନ୍‌ମାନଙ୍କ ସାଙ୍ଗରେ ? ହେ ଭଗବାନ୍ !

ମୁଁ କେମିତି ଗୋଟାଏ ଏତେବଡ଼ ଭୁଲ୍ କରିବାକୁ ଗଲି ?

ଦୁଇ— ଜୁଲାଇ ପହିଲା । ଆଜି ହେଉଛି କ୍ୟାନେଡ଼ା ଦିବସ । ସରକାରୀ ବେସରକାରୀ ଦପ୍ତର, ସ୍କୁଲ୍, କଲେଜ, ଦୋକାନବଜାର ସବୁ ବନ୍ଦ; ସର୍ବସାଧାରଣ ଛୁଟି । ରାତିରେ ବାଣ ଫୁଟିବ ବୋଲି କାଗଜରେ ବାହାରିଥିଲା । ଏହି ଉପଲକ୍ଷ୍ୟରେ ଆମେ ବି ନିମନ୍ତ୍ରଣ ପାଇଛୁ ଗୋଟିଏ ବାର୍‌ବେକିଉ ପାର୍ଟିରେ ଯୋଗ ଦେବାପାଇଁ । ମୁଁ ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କୁ ପଚାରିଲି, "ଆଜିକା ଦିନରେ କ'ଣ ଘଟିଥିଲା କି ? ଏଇଦିନ କ'ଣ କ୍ୟାନେଡ଼ା

Digitized by srujanika@gmail.com

ଡୋମିନିଅନ୍ ଷ୍ଟେଟ୍‌ସ୍, ଅର୍ଥାତ୍ ବ୍ରିଟିଶ୍ ସାମ୍ରାଜ୍ୟରେ ଗୋଟିଏ ସ୍ୱତନ୍ତ୍ର ଓ ସ୍ୱାଧୀନ ଦେଶ ହୋଇ ରହିବାର ଅଧିକାର ପାଇଲା ? ତା'ମାନେ ୧୯୩୧ରେ ଯେବେ 'ଷ୍ଟାଚ୍ୟୁଟ୍ ଅଫ୍ ଓ୍ୱେଷ୍ଟମିନିଷ୍ଟର୍' ଆଇନ୍ ପାସ୍ ହେଲା ବ୍ରିଟିଶ୍ ପାର୍ଲିଆମେଣ୍ଟରେ ।'

ଯୁବକ ମୁଣ୍ଡ ହଲେଇଲେ ଦୃଢ଼ତାର ଭଙ୍ଗୀରେ । କହିଲେ, "ନା, ନା, ଏବେ ଆସିଲା ସ୍ୱାଧୀନତା । ଯେଉଁଦିନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଆମ ସମ୍ବିଧାନକୁ ଫେରାଇ ଆଣିଲେ ଲଣ୍ଡନରୁ ।" ତା'ହେଲେ କ'ଣ ଜୁଲାଇ ପହିଲାରେ ଏଇ ଫେରାଇ ଆଣିବାର ଉପଲକ୍ଷରେ ଅନୁଷ୍ଠିତ ହେଲା ? କେଉଁ ବର୍ଷ ? ସେ ତା'ର ଉତ୍ତର ଦେଇପାରିଲେ ନାହିଁ, ହେଲେ ତାଙ୍କୁ ଆଉକିଛି ପଚରାଉଚରା କରିବାର ଇଚ୍ଛା ହେଲା ନାହିଁ ମୋର । କାହିଁକିନା ମୁଁ ବୁଝିନେଲି ଯେ ସ୍ୱାଧୀନତାଲାଭର ଠିକଣା ତାରିଖ ଜଣା ନାହିଁ ତାଙ୍କୁ । ପରେ ମୁଁ ବହି ପଢ଼ି ଜାଣିଲି ଯେ ଜୁଲାଇ ପହିଲା ୧୮୬୭ରେ "ବ୍ରିଟିଶ୍ ନର୍ଥ ଆମେରିକା ଆକ୍ଟ" ପାସ୍ ହେଲା ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଏବଂ ସେଇଦିନଠୁ କ୍ୟାନେଡ଼ା ଉପନିବେଶ ସ୍ତରରୁ ଉପରକୁ ଉଠି ବ୍ରିଟିଶ୍ ସାମ୍ରାଜ୍ୟର ବାହୁଚ୍ଛାୟା ତଳେ ଗୋଟିଏ ସ୍ୱତନ୍ତ୍ର ଏବଂ ପ୍ରାୟଶଃ ସ୍ୱାଧୀନ ଦେଶ ହିସାବରେ ଗଣାହେଲା । ଆଜିକୁ ଶହେବାଇଶି ବର୍ଷ ତଳେ ।

ଇସ୍, ଏତେ ଅଜ୍ଞତା ? ନା ଦେଶପ୍ରେମର ଅଭାବ ? ନିଜ ଦେଶର ଜନ୍ମ ତାରିଖ ଜଣା ନାହିଁ ଟୋକାକୁ ?

ତିନି— ପଚିଶ ଛବିଶ ବର୍ଷ ପୂର୍ବର କଥା । ମୁଁ ଯେବେ ଆମେରିକାରେ ଥିଲି ଏବଂ ସରକାରୀ କାମରେ କ୍ୟାନେଡ଼ାର ରାଜଧାନୀ ଅଟୋଓ୍ୱାକୁ ଆସିଥିଲି କିଛିଦିନ ପାଇଁ । ଆମେ କେତେଜଣ ଭାରତୀୟଙ୍କୁ ସେଇଠୁ ମଣ୍ଟ୍ରିଏଲ୍ ଓ ତା'ପରେ କୁଇବେକ୍ ସିଟି ଦେଖିବା ପାଇଁ ବୁଲି ବାହାରିଲୁ କାର୍ ଯୋଗେ । କୁଇବେକ୍ ପ୍ରଦେଶର ସୀମା ପାର ହେଲା ପରେ ପରେ ଭୋକ ଶୋଷ ମେଣ୍ଟାଇବା ପାଇଁ ଆମେ ରାସ୍ତାକଡ଼ରେ ଥିବା ଗୋଟିଏ ରେଷ୍ଟୋରାଁକୁ ଗଲୁ । ରେଷ୍ଟୋରାଁ ମାଲିକଙ୍କ ଇଂରେଜୀ ଉଚ୍ଚାରଣ ତଥା ବ୍ୟାକରଣ ଶୁଦ୍ଧ ନ ଥିଲା । ଯାହା ସ୍ୱାଭାବିକ, କାରଣ ଅଧିକାଂଶ କୁଇବେକ୍‌ବାସୀଙ୍କ ପରି ତାଙ୍କ ମାତୃଭାଷା ଥିଲା ଫରାସୀ । ଆମ ସାଙ୍ଗରେ କଥାବାର୍ତ୍ତା କରି ଖୁସି ହେଲେ, ବିଶେଷତଃ ଯେତେବେଳେ ଜାଣିଲେ ଯେ ଆମେ ଭାରତରୁ ଆସିଛୁ । କାରଣ ସେ କୁଆଡ଼େ

Digitized by srujanika@gmail.com

କୌଣସି ଭାରତୀୟଙ୍କୁ ଦେଖି ନ ଥିଲେ ଏଥି ପୂର୍ବରୁ । କଥା ପଡ଼ୁ ପଡ଼ୁ ସେ ଜାଣିଲେ ଯେ ଭାରତ ଗୋଟିଏ ସ୍ୱାଧୀନ ଦେଶ । ୧୯୪୭ରେ ସ୍ୱାଧୀନତା ପାଇଛୁ ଇଂରେଜମାନଙ୍କଠାରୁ । ରେସ୍ତୋରାଁ ମାଲିକ ସେଇଠୁ ଗୋଟିଏ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ, "ଆମେ କିନ୍ତୁ ସ୍ୱାଧୀନତା ପାଇନାହୁଁ ଆଜଯାଏ !" ମୁଁ ଆକାଶରୁ ଖସିଲି । ଫରାସୀଭାଷୀ କୁଇବେକ୍ ପ୍ରଦେଶ କ୍ୟାନେଡ଼ାର ଦ୍ୱିତୀୟ ବୃହତ୍ତମ ପ୍ରଦେଶ, ଲୋକସଂଖ୍ୟା ସମଗ୍ର କ୍ୟାନେଡ଼ାର ଏକ-ଚତୁର୍ଥାଂଶ । ଏତେବଡ଼ ଅଞ୍ଚଳର ଲୋକେ କ'ଣ ସତରେ ଛଟପଟ ହେଉଛନ୍ତି ଭିନେ ହୋଇଯିବା ପାଇଁ ?

ଦେଖିବାକୁ ଗଲେ ଉପରୋକ୍ତ ତିନୋଟି ପ୍ରଶ୍ନରେ କାହାରିକୁ ଦୋଷ ଦେବାର କିଛି ନାହିଁ । କ୍ୟାନେଡ଼ା ଓ ଯୁକ୍ତରାଷ୍ଟ୍ର ଆମେରିକାର ସଂସ୍କୃତି ମଧ୍ୟରେ ବିଶେଷ କିଛି ପାର୍ଥକ୍ୟ ଅଛି ବୋଲି ମନେହୁଏ ନାହିଁ । ସାଧାରଣତଃ ଏଇ ଦୁଇ ଦେଶର ସଂସ୍କୃତିକୁ ଏକାଠି କରି ଉତ୍ତରଆମେରିକୀୟ ସଂସ୍କୃତି ବୋଲି କୁହାଯାଏ । ଦ୍ୱିତୀୟରେ ମନେରଖିବାକୁ ହେବ ଯେ କ୍ୟାନେଡ଼ାକୁ ଏକାଧିକ କିସ୍ତିରେ ଏବଂ ହାତେ ମାପି ଗୃହଖଣ୍ଡେ ଗଲାପରି ଧୀରେ ଧୀରେ ସ୍ୱାଧୀନତା ମିଳିଛି । ତା'ର କ୍ରମ ଏବେମଧ୍ୟ ସରି ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନ ହେଲେ ବ୍ରିଟିଶ୍ ରାଣୀଙ୍କ ଛବି ତଥାପି ଶୋଭା ପାଉ ନ ଥାଆନ୍ତା ଡଲାର୍ ନୋଟ୍‌ରେ । ତେଣୁ ଜୁଲାଇ ପହିଲା ଉପରେ ସରକାରୀ ମୋହର ବସେଇ ଏଇ ଆମ 'କ୍ୟାନେଡ଼ା ଦିବସ' ବୋଲି ଘୋଷଣା କଲେ କ'ଣ ଜନମାନବର ଚିତ୍ତରେ ତା'ର ମାହାତ୍ମ୍ୟ ଥାପି ହୋଇଯିବ, ଯେମିତି ଆମ ଦେଶରେ କିମ୍ବା ଯୁକ୍ତରାଷ୍ଟ୍ର ଆମେରିକାରେ ହୋଇପାରିଛି ? ତୃତୀୟରେ କିଏ ନ ଜାଣିଛି ଯେ ଫରାସୀଭାଷୀ କୁଇବେକ୍ ଏବଂ ଇଂରାଜୀଭାଷୀ ଅବଶିଷ୍ଟ କ୍ୟାନେଡ଼ା ଭିତରେ ଭିଡ଼ାଓଟରା ଚାଲିଆସିଛି ମୂଳରୁ ଏବଂ ଥୋକେ ସବୁବେଳେ ଦାବୀ କରି ଆସିଛନ୍ତି ଯେ କୁଇବେକୀୟର ସଂସ୍କୃତି ଭିନ୍ନ ଧାତୁରେ ଗଢ଼ା, ତେଣୁ ତା'ର ଭିନେ ହୋଇଯିବା ଉଚିତ । ଏହେତୁ ରେସ୍ତୋରାଁ ମାଲିକ କିଛି ନୂଆ କଥା କହି ନାହାନ୍ତି କି ତାଙ୍କର ଦୀର୍ଘଶ୍ୱାସ ବିଚିତ୍ର ନୁହେଁ ।

ବେଶ୍, କିନ୍ତୁ ଏଇ ତିନୋଟି ପ୍ରଶ୍ନ ଏବଂ ଉତ୍ତରର ଆଦାନପ୍ରଦାନ କ'ଣ ସୁସ୍ଥ ଓ ସମର୍ଥ ମନେହେଉଛି ? ଅନ୍ୟ ଅର୍ଥରେ ସେ ସମସ୍ତଙ୍କୁ ଏକାଠି କରି ଯେଉଁ ଖେଚେଡ଼ି ତିଆରି ହେଲା, ତାକୁ ନେଇ କ'ଣ କେଉଁ ଦେଶ

Digitized by srujanika@gmail.com

ଗୋଟିଏ ଜାତୀୟ ରାଷ୍ଟ୍ର ହିସାବରେ ନିଜର ନିଜତ୍ୱକୁ ଅନୁଭବ କରି ତାକୁ ଚିହ୍ନାଇବାର ଗୌରବ ଲାଭ କରିପାରିବ ? ଯଦି ଏଥିର ନିଃସନ୍ଦେହ ଉତ୍ତର ମିଳିବାରେ ବିଳମ୍ବ ହୁଏ, ତା'ହେଲେ ମୋର ଅନ୍ୟତମ ବନ୍ଧୁ "ମିସେସ୍ ଜୀ" ଏକ ନିଃଶ୍ୱାସରେ ଏବଂ ଗଦ୍‌ଗଦ ହୋଇ 'ଇଏ ମୋ ଦେଶ ! ଇଏ ମୋ ରାଣୀ !' କହିଲାବେଳେ ତାଙ୍କୁ ପୁରୁଣାକାଳିଆ ରାଜଭକ୍ତ ବୁଢ଼ୀଟିଏ ବୋଲି କହି ହସି ଉଡ଼େଇଦେବା ଉଚିତ ହେବ କି ?

ନା, 'ମିସେସ୍ ଜୀ' ବୁଢ଼ୀ ହେଲେ ମଧ୍ୟ ତାଙ୍କ ମନ୍ତିଗତି ଆଦୌ ଦୁର୍ବଳ ନୁହେଁ । ଧାରୁଆ ମୁହଁ । ସିଧାସଳଖ ହୋଇ ଚାଲନ୍ତି ଏବଂ ତାଙ୍କ କେଶବିନ୍ୟାସ ତଥା ବେଶଭୂଷାରେ ମଧ୍ୟ ନିର୍ଘୁଣ ଧାରୁଆ ଢଙ୍ଗ ଓ ଠିକଣା ମୋଡ଼ । ତା'ଛଡ଼ା ଭଦ୍ରମହିଳା ଯଥେଷ୍ଟ ଗମ୍ଭୀର ହେଲେମଧ୍ୟ ମୃଦୁ ମୃଦୁ ହସିବାରେ ଅଭ୍ୟସ୍ତ । ବେଳେବେଳେ ମନେହୁଏ ଯେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥ୍ୟାଚର୍ ତାଙ୍କ ସାନଭଉଣୀ ହୋଇଥିବେ ପରା ! ସେ ଓ ତାଙ୍କର ସ୍ୱାମୀ ଅବଶ୍ୟ କ୍ୟାନେଡ଼ାର ନାଗରିକ, ଯୁବାବସ୍ଥାରୁ ଏଇଠି ଅଛନ୍ତି ଏବଂ ସେମାନେ କ୍ୟାନେଡ଼ାକୁ ଯଥାବିଧି ଭଲ ପାଆନ୍ତି । କିନ୍ତୁ 'ମିସେସ୍ ଜୀ'ଙ୍କ ସଂସ୍ପର୍ଶରେ ଆସିଲେ କାହାରି ସନ୍ଦେହ ରହିବ ନାହିଁ ଯେ ସେ ତାଙ୍କ ମାଆ-ଦେଶକୁ ବି ସେତିକି ଭଲ ପାଆନ୍ତି । ଦୁଇଟିଯାକ ଦେଶକୁ ସମାନ ଭାବରେ କେମିତି ଭଲ ପାଇହେବ ତା'ର ପ୍ରଶ୍ନ ଉଠିଲେ ସେ ବୋଧହୁଏ ବିନା ଦ୍ୱିଧାରେ କିନ୍ତୁ ବିନା ଉତ୍ତେଜନାରେ ବସେଇ ବସେଇ କହିପାରିବେ— ତୁମ ସ୍ୱାମୀକୁ ବା ସ୍ତ୍ରୀକୁ ଯେତିକି ଭଲ ପାଉଛ ମାଆକୁ କ'ଣ ସେତିକି ଭଲ ପାଇହେବ ନାହିଁ ? ସେଣିକି କଥାଟାକୁ ବଢ଼େଇବା କଷ୍ଟ । ସ୍ୱଭାବତଃ ୧୯୮୨ରେ, ଯେବେ କ୍ୟାନେଡ଼ାର ତଥାକଥିତ ସମ୍ବିଧାନ, ଅର୍ଥାତ୍ ୧୮୬୭ର 'ବ୍ରିଟିଶ୍ ଉତ୍ତର ଆମେରିକା ଆଇନ୍' ଫେରିଆସିଲା ଲଣ୍ଡନରୁ ଏବଂ ଲୋକେ ବୁଝିଲେ ଯେ ଏହାପରେ ବ୍ରିଟିଶ୍ ରାଣୀଙ୍କୁ କ୍ୟାନେଡ଼ାର ଆଇନ୍ ତଳେ ନାମମାତ୍ର ଏବଂ ଔପଚାରିକ ଦସ୍ତଖତ ବି କରିବାକୁ ପଡ଼ିବ ନାହିଁ, ଅର୍ଥାତ୍ ବ୍ରିଟିଶ୍ ରାଣୀଙ୍କ ସାଙ୍ଗରେ କ୍ୟାନେଡ଼ାର ଆଇନ୍‌ଗତ ଶେଷ ସମ୍ପର୍କ ତୁଟିଗଲା କହିଲେ ଚଳେ, 'ମିସେସ୍ ଜୀ' କୁଆଡ଼େ ତାଙ୍କ ହୃଦୟରେ ଏକ ଦାରୁଣ ବ୍ୟଥା ଅନୁଭବ କଲେ, ଯାହା ସେ ବ୍ୟକ୍ତ କଲେ ମୋ ଝିଅ ଆଗରେ । କହିଲେ, "ଆଜିଯାଏଁ ସରକାର କିଛି ଭୁଲ୍‌ଭାଲ୍ କଲେ କିମ୍ବା ଆମକୁ ବାଧିଲେ

Digitized by srujanika@gmail.com

ଚଟ୍‌କିନି ଚାଲିଯାଇ ହେଉଥିଲା ରାଣୀଙ୍କ ପାଖକୁ । ଏଣିକି ସେ ବାଟ ବି ବନ୍ଦ ହୋଇଗଲା ।” ସତେକି ସେ କହିବାକୁ ଚାହିଁଲେ ଯେ ସ୍ୱାମୀଘରେ ଦୁଃଖ ପାଇଲେ ଚାଲିଯାଇ ହେଉଥିଲା ମାଆ ପାଖକୁ ଟିକିଏ ଦମ୍ଭ ପାଇବା ପାଇଁ, ସେଇ ସୁଯୋଗଟିକି ବି ରହିଲା ନାହିଁ ଆଉ !

ଅବଶ୍ୟ ‘ମିସେସ୍ ଜୀ’ଙ୍କ ପରି ରାଣୀଅନୁଗତ କ୍ୟାନେଡ଼ିଆନ୍‌ଙ୍କ ସଂଖ୍ୟା ଅନେକ କମିଗଲାଣି ଏଥିରେ ସନ୍ଦେହ ନାହିଁ । ସମ୍ବିଧାନ ଫେରାଇ ଆଣିବାର ଯଥେଷ୍ଟ ପୂର୍ବରୁ କ୍ୟାନେଡ଼ାର ମେପ୍‌ଲ୍‌ପତ୍ର ଚିହ୍ନିତ ସ୍ୱତନ୍ତ୍ର ଜାତୀୟ ପତାକା ଉତ୍ତୋଳିତ ହୋଇ ସାରିଥିଲା ୧୯୬୫ରେ । ସେଥିରେ ୟୁନିଅନ୍ ଜାକ୍‌ର ଚିହ୍ନବର୍ଣ୍ଣ ରହିଲା ନାହିଁ । ୧୯୮୧ରେ ସ୍ୱତନ୍ତ୍ର ଜାତୀୟ ସଙ୍ଗୀତ ମଧ୍ୟ ପ୍ରଚଳିତ ହେଲା, ସେଥିରେ ରାଣୀଙ୍କୁ ବଞ୍ଚେଇ ରଖିବାର ପ୍ରାର୍ଥନାଟିକି ରହିଲା ନାହିଁ । କିନ୍ତୁ ‘ମିସେସ୍ ଜୀ’ଙ୍କ ଦୁଃଖ ହେଉଛି ଯେ— ଆହା, ତଥାପି ଯେଉଁ ସୁନେଲି ସୂତାଟିକି ଲାଗି ରହିଥିଲା ଶେଷ ସମ୍ପର୍କ ହିସାବରେ, ତା’ ବି ଚାଲିଗଲା !

ତେବେ ମୋର ବିଶ୍ୱାସ ଯେ ବୁଦ୍ଧିମତୀ ‘ମିସେସ୍ ଜୀ’ ପରେ ନିଜକୁ ବୁଝେଇ ପାରିଥିବେ ଯେ ଆଇନ୍‌ର ସୁନା ସୂତୁଲିଟିକୁ ଛିଣ୍ଡେଇ ଦିଆଗଲା ସିନା, ହୃଦୟବନ୍ଧନର ଅଦେଖା ସୂତୁଲିଟିକୁ କେହି କାଢ଼ିଦେଇ ପାରିବେ ନାହିଁ । ଡଲାର୍ ନୋଟ୍‌ରେ ଏବେମଧ୍ୟ ରାଣୀଙ୍କ ଛବି ରହିଛି, କାହିଁକିନା କ୍ୟାନେଡ଼ିଆନ୍ ବୋଧହୁଏ ଜଣାଇଦେବାକୁ ଚାହେଁ ଯେ ଆମେ ତଥାପି ତୁମକୁ ସମ୍ମାନ ଦେବାକୁ ଚାହୁଁ, ନିଜ ରାଣୀ ପରି । ହୁଏତ ଭବିଷ୍ୟତରେ ସେତକ ବି ଚାଲିଯିବ । ହେଉ, ତା’ ବୋଲି କ’ଣ ସ୍ମୃତି-ଇତିହାସର ଆତ୍ମା ଉଭେଇଯିବ ? ମୋର ମନେହୁଏ ଯେ କୌଣସି ନା କୌଣସି ସୂତ୍ରରେ କ୍ୟାନେଡ଼ିଆନ୍‌ର ରାଣୀଗତ ଭାବ ରହିଥିବ । ଅନ୍ତତଃ ଗୋଟାଏ ଅଙ୍ଗୀକାର, ତା’ର ପ୍ରତୀକ ସୁଦୃଶ୍ୟ ହେଉ ବା ନ ହେଉ, ଯେ ଆମର ସ୍ମୃତି ଭିନ୍ନ, ଇତିହାସ ଭିନ୍ନ । ଆମ ପ୍ରତିବେଶୀ ‘ସେମାନଙ୍କ’ଠାରୁ । ଯେହେତୁ ତା’ ପଛରେ ରହିଛି ଗୋଟାଏ ଭୟ ଏବଂ ଭୟକୁ ଦୂରେଇ ରଖିବାର ସୁଚିନ୍ତିତ ନିର୍ଣ୍ଣୟ । ଯାହାର ପରିଭାଷା ଏହି ପ୍ରକାର :

ଉତ୍ତର ଆମେରିକାର ସଚ୍ଚା ସଭ୍ୟ ହେଲେ କ’ଣ ହେବ, ଆମକୁ ଆମ ପରାକ୍ରମୀ ଭାଇ ଗିଳିଦେବ, ସଂସ୍କୃତିରୁ ଅର୍ଥନୀତି, ରାଜନୀତି ଯାଏଁ—

Digitized by srujanika@gmail.com

ସେକଥା ହେବ ନାହିଁ । ବସ୍ତୁତଃ ଆମ ସ୍ୱାଧୀନତା ମିଛ ହୋଇଯିବ । ନା, ନା, ଆମେ ତା' କରେଇଦେବୁ ନାହିଁ !

କିନ୍ତୁ କୁଇବେକ୍ ? କୁଇବେକ୍‌ର ହୃଦୟ କୁଆଡ଼କୁ ଢଳିଛି ? ରାଣୀଙ୍କ ଆଡ଼କୁ ନା ଅଙ୍କଲ୍ ସାମ୍‌ଙ୍କ ଆଡ଼କୁ ? ଏଥିର ଠିକ୍ ଉତ୍ତର ଦେବା କଷ୍ଟ । ଫରାସୀ ଅଞ୍ଚଳ ହିସାବରେ ତା'ର ଅଧିବାସୀ ସ୍ୱଭାବତଃ ଇଂଲଣ୍ଡର ରାଣୀଙ୍କୁ ଝୁରିବେ ନାହିଁ । କିନ୍ତୁ ମଜାକଥା ହେଉଛି ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ଟ୍ରୁଡୋ ସମସ୍ତ ପ୍ରାଦେଶିକ ମୁଖ୍ୟମନ୍ତ୍ରୀମାନଙ୍କୁ ରାଜି କରାଇ ପାରିଲେ ଯେ ଏଥର ଆମେ ଆମ ସମ୍ବିଧାନକୁ ଫେରାଇ ଆଣିବା, କୁଇବେକ୍‌ର ମୁଖ୍ୟମନ୍ତ୍ରୀ ସେଥିରେ ରାଜି ହେଲେ ନାହିଁ । ସତେକି ଦରିଆ ସେପାରିରେ ସେଇ ଗୋଟାଏ ଅଟକଳ, ଗୋଟାଏ ଅଙ୍କୁଶ ଥିଲା ତାଙ୍କ ସୁରକ୍ଷା ପାଇଁ, ତାହା ଯେତେ ମିଛିମିଛିକା ହେଉ ପଛେ, କିନ୍ତୁ ଇଂରେଜଭାଷୀ କ୍ୟାନେଡ଼ିଆନ୍‌ମାନେ ତାକୁ ବି ଉଡ଼େଇଦେବାକୁ ବସିଲେଣି !

ବଡ଼ ଗୋଳମାଳିଆ ଏଇ ନିର୍ଗୁଣରଙ୍କୁର ଖେଳ, ଭୟ କଟାକଟିର ପାଲି । କିନ୍ତୁ ମୋଟକଥା ହେଲା ଏଇ ଯେ ପ୍ରକୃତରେ ଗୋଟିଏ ସ୍ୱାଧୀନ ଦେଶ ହେଲେ ମଧ୍ୟ କ୍ୟାନେଡ଼ା ତା'ର ସ୍ୱତନ୍ତ୍ର ଏବଂ ଅବିଚ୍ଛିନ୍ନ ଜାତୀୟ ନିଜତ୍ୱବୋଧକୁ ତଥାପି ଅନ୍ୱେଷି ହେଉଛି ! ଅନେକଟା ଆମ ଦେଶ ପରି ନୁହେଁ କି ? ଯଦିଚ ଆମର ଭୟ ନୁହେଁ ଯେ ଆମକୁ କିଏ ଗିଳିଦେବ, ଆମର ଆଶଙ୍କା ଯେ ଆମେ ହୁଏତ 'ଆମେ' ହୋଇ ରହିବୁ ନାହିଁ, ଖଣ୍ଡି ଖଣ୍ଡି ହୋଇଯିବୁ ।

ଇତିହାସ କଥା ଦେଖାଯାଉ । ତିନିଶହ ବର୍ଷ ତଳେ କୋଉ ଆମେରିକାନ୍ ଜାତି ଥିଲା ନା କ୍ୟାନେଡ଼ିଆନ୍ ! ବିଦେଶରୁ ଆସି ପହଞ୍ଚିଥିଲେ ଗୋରାମାନେ, ପ୍ରଥମେ ଆଡ୍‌ଭେଞ୍ଚର୍, ତହୁଁ ବେପାରବଣିଜ ପାଇଁ । ବର୍ତ୍ତମାନ କ୍ୟାନେଡ଼ା ବୋଲିଉଥିବା ଅଞ୍ଚଳରେ, ବିଶେଷତଃ ତା'ର ପୂର୍ବଭାଗରେ ବେପାର ବଣିଜ ଘନେଇ ଉଠିଥିଲା, ଯାହାର ମୁଖ୍ୟସୂତ୍ର ଥିଲା ମାଛ ଓ ପଶମ । ତା'ପରେ ସେମାନେ ଦେଖିଲେ ଯେ ଏତେବଡ଼ ଦେଶ, ଏତେ ଜାଗା ପଡ଼ିଛି, ଏଠି ରହିଗଲେ ମନ୍ଦ ହେବ ନାହିଁ । ଯେଉଁମାନେ ପୂର୍ବରୁ ରହିଛନ୍ତି ଏଠି, ଏଇ ବଣୁଆ ଇଣ୍ଡିଆନ୍‌ମାନଙ୍କୁ କଳେବଳେ କୌଶଳେ ହଟେଇବାକୁ ବେଶିଦିନ ଲାଗିବ ନାହିଁ । କିନ୍ତୁ ଆଗେ ନିଜ ନିଜ ଭିତରେ ଲଢ଼େଇ କରି ସ୍ଥିର

Digitized by srujanika@gmail.com

କରିବାକୁ ହେବ ଯେ ଏଇ ନୂତନ ପୃଥିବୀରେ କେଉଁ ଗୋରାଜାତି ରାଜତ୍ୱ କରିବା ଉଚିତ । ଏଇ ପ୍ରତିଯୋଗିତାର ଫାଇନାଲରେ ରହିଗଲେ ଇଂରେଜ ଜାତି ଓ ଫରାସୀ ଜାତି । ତେଣୁ ପରସ୍ପରକୁ 'ଯୁଦ୍ଧଂ ଦେହି'ର ଘନ ଘନ ଆହ୍ୱାନ ଛାଡ଼ିବାକୁ ପଡ଼ିଲା । ଏଣେ ଆଦିମ ଇଣ୍ଡିଆନ୍ 'ଜାତି'ମାନଙ୍କ ଭିତରେ ବିଭେଦ ଘଟାଇ ଯୁଝାଁକୁ ଅଥବା ତାକୁ ଆପଣା ଦଳରେ ଖଟେଇବାରେ ବିଶେଷ ଅସୁବିଧା ହେଲା ନାହିଁ । ଏହି ପ୍ରଥମ ପର୍ଯ୍ୟାୟର ପରିଣାମ : ଇଂରେଜ ଜିତିଲେ, ଫରାସୀ ହାରିଲେ ।

ହେଲେ ଏଇଠି ଇତିହାସ ଆଉ ଗୋଟାଏ ମୋଡ଼ ନେଲା । ସମଗ୍ର ଉତ୍ତର ଆମେରିକାର ପୂର୍ବାଞ୍ଚଳକୁ ଉଠି ଆସିଥିବା ବାସିନ୍ଦାମାନଙ୍କ ଭିତରେ ଇଂରେଜମାନେ ହିଁ ଥିଲେ ସଂଖ୍ୟାଗରିଷ୍ଠ । ତେଣୁ ଯଥାକ୍ରମେ ସେମାନେ ଫରାସୀ ବାସିନ୍ଦାମାନଙ୍କୁ ନାନା ଭାବରେ ଅଧୀନସ୍ଥ କରିପାରି ଥାଆନ୍ତେ, ଅନ୍ତତଃ ତାଙ୍କର ନିଜତ୍ୱକୁ ଉଡ଼େଇବୁଡ଼େଇ ଦେଇପାରି ଥାଆନ୍ତେ । କିନ୍ତୁ ସେମିତି ହେଲା ନାହିଁ, କାରଣ ଇଂରେଜ ବାସିନ୍ଦାମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା ଇଂରେଜରାଜାଙ୍କ ସାଙ୍ଗରେ, ଆପଣା 'ସ୍ୱାଧୀନତା' ପାଇଁ । ଯାହାକୁ ଆମେରିକାର ସ୍ୱାଧୀନତା ସଂଗ୍ରାମ ବୋଲି କୁହାଯାଏ । ଏଥିରେ ଜିତାପଟ ହେଲା ଇଂରେଜ ବାସିନ୍ଦାମାନଙ୍କର । କିନ୍ତୁ ପୂରାପୂରି ନୁହେଁ । ପୂର୍ବାଞ୍ଚଳର ଉତ୍ତରଭାଗ ଅର୍ଥାତ୍ ବର୍ତ୍ତମାନ କ୍ୟାନେଡ଼ାର କୁଇବେକ୍ ଓ ନଭାସ୍କୋସିଆ ଅଞ୍ଚଳ ରହିଗଲା ଇଂରେଜରାଜାଙ୍କ ହାତରେ । ଫଳରେ ଇତିହାସର ଯୋଡ଼ିଏ ଅଜବ ଇସ୍ତାହାର, ପ୍ରଫେସର ଡବ୍ଲ୍ୟୁ. ଏଲ୍. ମର୍ଟନ୍‌ଙ୍କ ଭାଷାରେ :

—"କ୍ୟାନେଡ଼ା ମୁକ୍ତ ହେଲା ଇଂରେଜ-ଆମେରିକାନ୍ ସାମ୍ରାଜ୍ୟରୁ ।" କାରଣ ସେତେବେଳକୁ ଇଂରେଜବାସିନ୍ଦା ଇଂରେଜ-ଆମେରିକାନ୍ ହୋଇଗଲେଣି ଏବଂ ସେମାନେ ମଧ୍ୟ ଗୋଟାଏ ଧରଣର ସାମ୍ରାଜ୍ୟ ଗଢ଼ିବାକୁ ଚାହିଁଲେଣି ଏଇ ନୂତନ ପୃଥିବୀରେ !

—"ଆମେରିକାନ୍‌ଙ୍କ ପାଇଁ ବିପ୍ଳବର ଅନ୍ୟ ନାମ ସ୍ୱାଧୀନତା । କ୍ୟାନେଡ଼ିଆନ୍‌ଙ୍କ ପାଇଁ ବିପ୍ଳବ ନୁହେଁ, ସାମ୍ରାଜ୍ୟର ଅର୍ଥ ହେଲା ସ୍ୱାଧୀନତା ।" କାରଣ ଉତ୍ତର-ପୂର୍ବ ଅଞ୍ଚଳରେ ବ୍ରିଟିଶ୍ ସାମ୍ରାଜ୍ୟ ତଥାପି ତିଷ୍ଠି ରହିଲା ବୋଲି ସିନା କ୍ୟାନେଡ଼ା ଜନ୍ମ ହେଲା !

Digitized by srujanika@gmail.com

ଏଇ ଯଦି ଇତିହାସର ଭାଷା, ତା'ହେଲେ 'ମିସେସ୍ ଜୀ' ଯଦି ଗଦ୍‌ଗଦ ହୋଇ କହିଲେ 'ଏଇ ମୋ ଦେଶ ! ଏଇ ମୋ ରାଣୀ !' ତା'ହେଲେ ତାଙ୍କ ଦେଶପ୍ରେମକୁ ଶୁଣିବା ଉଚିତ ହେବ କି ?

ଅବଶ୍ୟ ଥୋକେ ଇତିହାସକୁ, ଅନ୍ତତଃ ତତ୍କାଳୀନ ନେତାମାନଙ୍କୁ ଦୋଷ ଦିଅନ୍ତି । ଯେ ଦକ୍ଷିଣର 'ସାମ୍ରାଜ୍ୟ'କୁ ଉଗ୍ର ଅଶାଳୀନ ବୋଲି ଭାବି ପରମ୍ପରାଗତ ସୁଦୂର ସାମ୍ରାଜ୍ୟକୁ କୁଣ୍ଢେଇ ଧରିବା ହୀନମନ୍ୟତାର ଲକ୍ଷଣ । କୁହନ୍ତି ଯେ ସେତେବେଳେ କ୍ୟାନେଡ଼ାରେ ଫରାସୀଭାଷୀ ଲୋକଙ୍କର ପ୍ରାଦୁର୍ଭାବ ନ ଥିଲେ ଏମିତି ହୋଇ ନ ଥାଆନ୍ତା, ଅପରନ୍ତୁ ଉତ୍ତର ଆମେରିକା ଆହୁରି ଏକ ବିଶାଳ ଇଂରେଜ-ଆମେରିକାନ୍ ମହାଦେଶରେ ପରିଣତ ହୋଇପାରି ଥାଆନ୍ତା । କିନ୍ତୁ 'ମିସେସ୍ ଜୀ'ଙ୍କ ପରି ସେମାନେ ମଧ୍ୟ ଆଜି ଏକ ସାମାନ୍ୟ ମୁଷ୍ଟିମେୟ ସମ୍ପ୍ରଦାୟର ପ୍ରବକ୍ତା । ଆଜିର ସ୍ୱାଧୀନ କ୍ୟାନେଡ଼ା ଅର୍ଥାତ୍ କ୍ୟାନେଡ଼ାର ସର୍ବସାଧାରଣ ସ୍ୱାଭିମାନୀ ନାଗରିକ ନିଜର ନିଜତ୍ୱକୁ ସମ୍ପୂର୍ଣ୍ଣ ଭାବରେ ଅନୁଭବ କରିବାକୁ ଚାହେଁ । ତେଣୁ ତା' ହିସାବରେ ଅଙ୍କଲ୍ ସାମ୍ କି ବିଲାତର ରାଣୀ, କାହାରିକୁ ବିଶ୍ୱାସ ନାହିଁ, ନେତାମାନେ ଯାହା କୁହନ୍ତୁ ପଛେ ।

ଯାହାହେଉ ଏହିପରି ଭାବରେ କ୍ୟାନେଡ଼ା ବୋଲି ଗୋଟାଏ ବିକ୍ଷିପ୍ତ ବିଶୃଙ୍ଖଳ ଅଞ୍ଚଳ ଅଲଗା ହୋଇ ରହିଗଲା ଏବଂ ତା'ର ପ୍ରଧାନ କାମ ହେଲା ନିଜକୁ ବଞ୍ଚେଇ ରଖିବା । ପୁଣି ଦୁଃଖର ବିଷୟ ଯେ ଫରାସୀବିପ୍ଳବ ହେତୁ ପୁଣି ତାନେ ଲଢ଼େଇ ପରେ ୧୮୧୨ ମସିହାରେ ଯେଉଁ ବିଶୃଙ୍ଖଳା ଆରମ୍ଭ ହେଲା ଆମେରିକା ଓ ଇଂଲଣ୍ଡ ଭିତରେ ଓ ତା'ର ମୁକ୍ତି ମିଳିଲା ୧୮୪୮ରେ, ସେଥିରେ କ୍ୟାନେଡ଼ାକୁ ବୁଝିବାକୁ ପଡ଼ିଲା ଯେ ସେ କେବଳ ଉତ୍ତରମୁହାଁ ହୋଇ ରହିବ । ଜଙ୍ଗଲ, ମାଛ, ପଶୁଲୋମ ଆଦି ବ୍ୟବସାୟ ତଥା ଆର୍କଟିକ୍‌ତଳ ହେମାଳରେ ଗଢ଼ା ଦୁର୍ଦ୍ଧର୍ଷ ଜୀବନକୁ ନେଇ । କାରଣ ସେତେବେଳର ଯେତିକି ଉର୍ବର ଭୂମି ରହିଲା ୪୯ ଡ୍ରାଘିମାର ତଳକୁ, ଯାହା ଆମେରିକା ଭାଗରେ ପଡ଼ିଲା । ଅନ୍ୟ ଅର୍ଥରେ ତାକୁ ଆପାତତଃ ଦୁର୍ବଳ, ତେଣୁ ନିର୍ଭରଶୀଳ ହୋଇ ରହିବାକୁ ପଡ଼ିବ । ଖାଲି ଯେକୌଣସିମତେ ନିଜକୁ ବଞ୍ଚେଇ ରଖିବା କଥା ।

Digitized by srujanika@gmail.com

ତଥାପି ହଜାରେ ସନ୍ଧିଚୁକ୍ତି ସତ୍ତ୍ୱେ ଊନବିଂଶ ଶତାବ୍ଦୀରେ ଆମେରିକାର ପରାକ୍ରମ ଯେମିତି ବଢ଼ିବାକୁ ଲଗିଲା, ସେଇଥିରେ କ୍ୟାନେଡ଼ା କ'ଣ ସହଜେ ବଞ୍ଚି ରହି ପାରିଥାଆନ୍ତା ? ପ୍ରକୃତପକ୍ଷେ କ୍ୟାନେଡ଼ାର ବରାବର ଭଲ ବୋଲି କହିବାକୁ ହେବ, କାହିଁକିନା ଆମେରିକାର ଉତ୍ତୁଙ୍ଗ ଅସମ୍ଭାଳ ସୂର୍ଯ୍ୟ ଉତ୍ତରକୁ ନ ଯାଇ ପଶ୍ଚିମକୁ ଯିବ ବୋଲି ଠିକ୍ କଲା । ଆମେରିକାର ବହିତ ନସୁ୍ତ ପଶ୍ଚିମରେ ହିଁ ସୁନା ଫଳେଇବ ବୋଲି ବିଶ୍ୱରିଲା । ତେଣୁ ସେ ମାଡ଼ି ଗୃଲିଲା ପଶ୍ଚିମକୁ, ମିସିସିପି ଉପତ୍ୟକାର ସୁନାଖେତ ଦେଇ କାଲିଫର୍ଣ୍ଣିଆର ସୁନାଖଣି ଯାଏଁ । ଭବିଲା ସ୍ଥିର ବର୍ଣ୍ଣଆ ଉତ୍ତରକୁ ଯେବେ-ହେଲେ ହାତମୁଠାରେ ଆଣିହେବ ଏବଂ ଏହି ଅବସରରେ କ୍ୟାନେଡ଼ା ନିଜକୁ ସଜାଡ଼ିବାର ଏବଂ ଧୀରେ ଧୀରେ ବଢ଼ାଇବାର ସୁଯୋଗ ପାଇଲା । ଏଣେ ବ୍ରିଟିଶ୍ ସାମ୍ରାଜ୍ୟର କାନକୁ ଗୁଡ଼ିଲା ନାହିଁ ।

କିନ୍ତୁ ନୂତନ ପୃଥିବୀରେ ବହୁଥିବା ସ୍ୱାଧୀନତାର ହାଉଆ ଓ କାନଧରାପଣ ଏକାଠି ତିଷ୍ଠି ରହିବା କଷ୍ଟ । କ୍ୟାନେଡ଼ା ବୁଝିଲା ଯେ ତା'ର ବି ଗୋଟାଏ ଆତ୍ମସମ୍ମାନ ରହିଛି । ତାକୁ ଆପଣା ଶକ୍ତି ବଢ଼ାଇବାକୁ ହେବ । ଆମେରିକା ଆହୁରି ଆହୁରି ବଡ଼ ହୋଇ ଗୃଲିଛି, ବ୍ରିଟିଶ୍ ସାମ୍ରାଜ୍ୟର ପ୍ରତିପତ୍ତି କମି କମି ଯାଉଛି, ତଥାପି ନିଜକୁ ଆଗେଇବାକୁ ପଡ଼ିବ । ତେଣୁ ଧୀରେ ସୁସ୍ଥେ କ୍ୟାନେଡ଼ା ମଧ ତା'ର ପଶ୍ଚିମକୁ ମୁହାଁଇଲା । ଶତ ବାଧାବିଘ୍ନ ସତ୍ତ୍ୱେ ପୂର୍ବରୁ ପଶ୍ଚିମକୁ ସେତୁ ବାନ୍ଧିଲା । ପ୍ୟାସିଫିକ୍ ରେଲ୍‌ୱେ ନାମକ ଏକ ବିରାଟ ପରିବହନ ଯୋଜନାକୁ ସଫଳ କରିପାରିଲା ଏବଂ ଉତ୍ତରଖଣ୍ଡରେ ଥିବା ଯେତେକ ଅଞ୍ଚଳକୁ ଏକାଠି କରି ଗୋଟାଏ ରାଷ୍ଟ୍ର ଗଢ଼ି ନେଲା । କିନ୍ତୁ ତାଙ୍କ ସେତେବେଳର ନେତାମାନେ କେତେ କୌଶଳୀ (ଅଥବା ସାବଧାନୀ) ଥିଲେ ଦେଖନ୍ତୁ । ଏହି ରାଷ୍ଟ୍ରକୁ ସ୍ଥାପନା କରିବା ବାଗରେ ଇଂଲଣ୍ଡର କୁଣ୍ଡାକୁ ଘୁଞ୍ଚାଇବା ପାଇଁ ସାର୍ ଜନ୍ ମ୍ୟାକ୍‌ଡୋନାଲ୍ଡ, ଯାହାଙ୍କୁ କ୍ୟାନେଡ଼ାର ରାଷ୍ଟ୍ରପିତା ବୋଲି କୁହାଯାଏ, ଗୋଟାଏ ବଚନ ଘୋଷଣା କଲେ । କହିଲେ କ'ଣ ନା ତାଙ୍କ ଉଦ୍ୟମର ଉଦ୍ଦେଶ୍ୟ ହେଉଛି କ୍ୟାନେଡ଼ାକୁ ବ୍ରିଟିଶ୍ ସାମ୍ରାଜ୍ୟର ଗୋଟିଏ 'ଅଧୀନସ୍ଥ ରାଜ୍ୟ' ଭବରେ ଗଢ଼ି ତୋଳିବା । ଏହି ଉଦ୍ଦେଶ୍ୟର ପୂର୍ତ୍ତି ହେଲା ଜୁଲାଇ ପହିଲା ୧୮୬୭ରେ । ପୂର୍ବରୁ ପଶ୍ଚିମ ଯାଏଁ ଏକାଠି ହୋଇ ଗୋଟିଏ ସଙ୍ଘବଦ୍ଧ କ୍ୟାନେଡ଼ା ଦେଶ ପୃଥିବୀର ମାନଚିତ୍ରକୁ

Digitized by srujanika@gmail.com

ଆସିଲା । ଅଧୀନସ୍ଥ ରାଜ୍ୟ ହୋଇ ସ୍ୱାଧୀନ ହେଲା ! କିନ୍ତୁ ଏଇ ସବୁ ହୁଏ ତା' ସ୍ୱାଧୀନତାର ଶଙ୍ଖ, ତା'ର ଧ୍ୱନି ଆଜିକାର ଉଗ୍ରପନ୍ଥୀ ସଚେତନ କ୍ୟାନେଡ଼ିଆନ୍ ଯୁବକର କାନରେ ପହୁଞ୍ଚିଲା ନାହିଁ, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ହେଲେ ସେ କେଉଁଠୁ ବୁଝିବ ଯେ କିଭଳି ପରିସ୍ଥିତିରେ ତା'ର କର୍ଣ୍ଣଧାର ନେତାମାନେ ଦେଶଟାକୁ କେବଳ ବଞ୍ଚେଇ ରଖିଲେ ନୁହେଁ, ଶନୈଃ ଶନୈଃ ତାକୁ ଏତେବଡ଼ କରିପାରିଲେ ?

ଆମେରିକା ମଧ୍ୟ ହସି ଉଡ଼େଇଦେଲା କ୍ୟାନେଡ଼ାର ଏଇ ସ୍ୱାଧୀନତାକୁ । ୧୮୭୦ରେ ସମୁଦ୍ରରେ ମାଛଧରା ଅଧିକାର ନେଇ ଅଳ୍ପ ବହୁତ ବିବାଦ ପରେ ଆମେରିକାର ପ୍ରେସିଡେଣ୍ଟ୍ ଗ୍ରାଣ୍ଟ୍ କୁହନ୍ତି ତାଙ୍କ ବାର୍ଷିକ ଜାତୀୟ ଉଦ୍‌ବୋଧନରେ— "ସେଇ ଅର୍ଦ୍ଧସ୍ୱାଧୀନ କିନ୍ତୁ ଦାୟିତ୍ୱହୀନ ଉପନିବେଶ, ଯାହାର ନାଆଁ କ୍ୟାନେଡ଼ା" ଇତ୍ୟାଦି । ମୋଟ ଉପରେ ଆମେରିକା ବିଶ୍ୱାସ କରିପାରିଲା ନାହିଁ ଯେ ଏଭଳି ଗୋଟାଏ ଅଖାଡ଼ୁଆ ଅଧାପନ୍ତରିଆ ରାଷ୍ଟ୍ର ବେଶିଦିନ ତିଷ୍ଠି ରହିପାରେ । ଭାବିନେଲା ଯେ ଇଂଲଣ୍ଡର କ୍ଷମତା କୋହଳ ହେବା ସଙ୍ଗେ ସଙ୍ଗେ କ୍ୟାନେଡ଼ାର ସଂହତି ନଷ୍ଟ ହୋଇଯିବ ତା'ର ପ୍ରଦେଶମାନ ଖଣ୍ଡ ଖଣ୍ଡ ହୋଇଯିବ ଏବଂ ସେ ନିଜର ଉଚିତ ବଡ଼ଭାଇପଣିଆ ଜାହିର କରିପାରିବ । କିନ୍ତୁ ସେମିତି ହେଲା ନାହିଁ । ଅବଶ୍ୟ କ୍ୟାନେଡ଼ାକୁ ନାନା ପରାଭବ ସହିବାକୁ ପଡ଼ିଲା । ଯଥା ଭୌଗୋଳିକ ଅବସ୍ଥିତି ଏବଂ ଅନ୍ୟାନ୍ୟ ଐତିହାସିକ ଦୃଷ୍ଟିରୁ ଆଲାସ୍କା ଉପରେ ତା'ର ଯଥେଷ୍ଟ ଦାବୀ ଥିବା ସତ୍ତ୍ୱେ ତାକୁ ଆମେରିକା ମାଡ଼ି ବସିଲା । ବିଂଶ ଶତାବ୍ଦୀର ଆରମ୍ଭବେଳକୁ କ୍ୟାନେଡ଼ା ବେଶ୍ ବୁଝିନେଲାଣି ଯେ ଇଂଲଣ୍ଡ ଉପରେ ନିର୍ଭର କରି ଲାଭ ନାହିଁ । ତଥାପି···ତଥାପି କ୍ୟାନେଡ଼ା ନିଜକୁ ଛଡ଼େଇ ନେଲା ନାହିଁ ବ୍ରିଟିଶ୍ ସାମ୍ରାଜ୍ୟରୁ । କ୍ୟାନେଡ଼ା ହିଁ 'ଡୋମିନିୟନ୍ ଷ୍ଟେଟସ୍' ନାମକ ଗୋଟିଏ ଅଭିନବ ସ୍ୱାଧୀନସତ୍ତ୍ୱର ମୂଳଦୁଆ ପକାଇଲା (ଶେଷକୁ ଆମ ଜବାହରଲାଲ ନେହେରୁ ବି ସେଥିରେ କଣି ହୋଇଗଲେ) ଏବଂ ୧୯୩୧ରେ 'ଷ୍ଟାଟ୍ୟୁଟ୍ ଅଫ୍ ଓ୍ୱେଷ୍ଟମିନଷ୍ଟର୍' ଆଇନ୍ ଜରିଆରେ ବ୍ରିଟିଶ୍ ସମ୍ରାଟଙ୍କ ଆଧିପତ୍ୟ ନୁହେଁ, ନେତୃତ୍ୱରେ ବ୍ରିଟିଶ୍ କମନ୍‌ଓ୍ୱେଲ୍‌ଥ ନାମକ ଏକ ନୂତନତମ ରାଜ୍ୟଗୋଷ୍ଠୀର ସଦସ୍ୟ ହୋଇ ବସ୍ତୁତଃ ସଂପୂର୍ଣ୍ଣ ସ୍ୱାଧୀନତା ଲାଭ କଲା ।

Digitized by srujanika@gmail.com

କିନ୍ତୁ ସଂପୂର୍ଣ୍ଣ ସ୍ୱାଧୀନତା ଯଥେଷ୍ଟ ନୁହେଁ । ସେଥିର ସର୍ବାଙ୍ଗସୁନ୍ଦର ପୋଷାକ ପିନ୍ଧିବାକୁ ପଡ଼ିବ, ନ ହେଲେ ମନ ବୁଝିବ ନାହିଁ । ତେଣୁ ଯଥାକ୍ରମେ ନୂଆ ଜାତୀୟ ପତାକା ଓ ନୂଆ ଜାତୀୟ ସଙ୍ଗୀତ ଗଢ଼ିବାକୁ ପଡ଼ିଲା ଏବଂ ଶେଷକୁ ଦେଶର ପ୍ରାଥମିକ ସମ୍ବିଧାନକୁ ଫେରାଇ ଆଣିବାକୁ ହେଲା ରାଣୀଙ୍କ ପଣତରୁ । ତଥାପି ରାଣୀ ଅଛନ୍ତି । କେବଳ ଡଲାର୍ ନୋଟ୍‌ରେ ନୁହେଁ କି 'ମିସେସ୍ ଜ୍ଞି'ଙ୍କ ପରି ରାଣୀଭକ୍ତମାନଙ୍କ ହୃଦୟରେ ନୁହେଁ । ଆବଶ୍ୟକ ପ୍ରତୀକ ହିସାବରେ ବିଦ୍ୟମାନ ରହିଛନ୍ତି ବିଭିନ୍ନ ସଂସ୍ଥାରେ, ଅନୁଷ୍ଠାନରେ, ସାଂସ୍କୃତିକ ସାଜସଜ୍ଜା ତଥା ଉଚ୍ଚାରଣରେ, ଗୋଟିଏ ସ୍ନେହୀ ଐତିହାସିକ ସମ୍ପର୍କକୁ ଚିହ୍ନାଇଦେଲା ପରି । ମୁଁ ମଧ୍ୟ ରାଣୀଙ୍କ ଉପସ୍ଥିତିକୁ ଅନୁଭବ କରିଛି ବିଭିନ୍ନ ସ୍ଥଳରେ, ବିଶେଷତଃ ବ୍ରିଟିଶ୍ କଲମ୍ବିଆର ରାଜଧାନୀ ଭିକ୍ଟୋରିଆରେ । ତା'ର କୋଠାବାଡ଼ିର ସ୍ଥାପତ୍ୟରେ, ଟୀ ଓ କେକ୍ ଦୋକାନରେ, 'ରାଜକୀୟ' ଶବ୍ଦର ପ୍ରାଦୁର୍ଭାବରେ— ଏପରିକି କ୍ରିକେଟ୍ ଖେଳର ଅନୁଷ୍ଠାନରେ ! ସତେକି ଇଂଲଣ୍ଡର ରାଣୀଙ୍କୁ ଅନ୍ତତଃ ଉଜ୍ଜ୍ୱଳ ଅଳଙ୍କାରଟିଏ ହୋଇ ରହିବାକୁ ହେବ ସ୍ୱାଧୀନ ରାଷ୍ଟ୍ରର ପୋଷାକରେ, ନ ହେଲେ···ନ ହେଲେ ଭଲ ଦିଶିବ ନାହିଁ ।

ଆମେରିକା ତଥାପି ହସୁଛି । କିନ୍ତୁ ବିଦ୍ରୂପରେ ନୁହେଁ, ବନ୍ଧୁଭାବରେ । ଯାହାର ଅର୍ଥ ହେଉଛି—

ଦେଖ୍, ତୁ ବର୍ତ୍ତମାନ ସାବାଳିକ ହେଲୁଣି, ତେଣୁ ମୋର ବିଶ୍ୱାସ ଯେ ଏଣିକି ତୁ ନିଶ୍ଚୟ ବୁଝିବୁ ଆମେ ହେଉଛୁ ଆମେରିକାନ୍ ଭାଇ-ଭାଇ (ହୋଇପାରେ ଯେ ମୁଁ ତୋର ଉଦାର ବଡ଼ଭାଇ, ସେକଥା ଭିନ୍ନ) ତେଣୁ କୋଉ ସୁଦୂରର ରାଣୀ ସାଙ୍ଗରେ ତୋର ସମ୍ପର୍କ ଅନାବଶ୍ୟକ, ଅସଙ୍ଗତ··· ନିହାତି ଅସଙ୍ଗତ । ଅପରନ୍ତୁ ଆମର ଉଚିତ ହେଉଛି ଅପର ପୃଥିବୀଟାକୁ ଏକା ଦୃଷ୍ଟିରେ ଦେଖିବା, ମାପିବା ଓ ସଜାଡ଼ି ଦେବା । ନା କ'ଣ କହୁଛୁ ?

ଶୁଣ୍, ଯେତେହେଲେ ଆମ ହିଁଙ୍କର ସେଇ 'କୋକା-କୋଲା ହାମ୍‌ବର୍ଗର' ସଂସ୍କୃତି । ମାନେ ସଂକ୍ଷିପ୍ତ, ତୁରୁତୁରିଆ ଓ ସିଧାସଳଖ କାରବାର, ସେଇ ଚଟ୍‌ପଟିଆ ଖାଦ୍ୟ ପରି । ଅବିରତ ଗତିର ସୁସ୍ପଷ୍ଟ ଧ୍ୱନି । ଆମର କାମ ଅଛି । କି କାମ ବୋଲି ପଚାର ନାହିଁ, ଉତ୍ତର ଦେବାକୁ ବେଳ ନାହିଁ । ତେବେ ବେଶ୍ ଜାଣିପାରୁଥିବ ଯେ ତା' ପଛରେ ଅଛି ଆମର ଦୁଃସାହସ, ଦୂରଭିଳାଷ, ଆତ୍ମବଡ଼ିମା ଇତ୍ୟାଦି, ଯାହାକୁ ନେଇ ଆମେ ନୂତନ

Digitized by srujanika@gmail.com

ପୃଥିବୀଟାକୁ ଦଖଲ କରି ନେଇ ଗୋଟିଏ ଗୋଟିଏ ମହାନ୍ ଦେଶ ହୋଇ ପାରିଛନ୍ତି (ବିଚରା ଇଣ୍ଡିଆନ୍‌ମାନଙ୍କୁ ବାଡ଼ିଆଡ଼କୁ ପଠେଇ ଦେଇଛନ୍ତି ତାଙ୍କରି ଭଲ ପାଇଁ) ଏବଂ ବର୍ତ୍ତମାନ ବାହାରିଛନ୍ତି ଅପର ପୃଥିବୀଟାକୁ ଜିଣିବା ପାଇଁ, ଅର୍ଥାତ୍ କିଣିବା ପାଇଁ । ଏକାଠି ବାହାରିଛନ୍ତି କି ନାହିଁ ? ନା ତୁ ଭାବୁଛୁ ଯେ ଏକାଠି କଣାବକା କଲେ ଏବଂ ସେହି ଦୃଷ୍ଟିରୁ ଆମର ବୈଦେଶିକ ନୀତିକୁ ସମାନ ଭାବରେ ଚଳାଇଲେ, ତୋର କ୍ଷତି ହେବ ? ତୋ ସ୍ୱାଧୀନତାରେ ଆଞ୍ଚ ଲାଗିଯିବ ?

ପ୍ରାୟ ଏକାଭଳି ପୋଷାକ ପିନ୍ଧୁଥିବା, ଖାଦ୍ୟ ଖାଉଥିବା, ଇଂରେଜୀ ଭାଷାର ଉଚ୍ଚାରଣ କରୁଥିବା 'ପ୍ରଗତିବାଦୀ' ସାନଭାଇର ଅବଶ୍ୟ ଲୋଭ ହେଉଛି ତଥାକଥିତ ବଡ଼ଭାଇର ନିମନ୍ତ୍ରଣକୁ ସ୍ୱୀକାର କରିବା ପାଇଁ । ଭାବୁଛି ଯେ ଆହୁରି ପାଖେଇ ଆସିଲେ ଦ୍ୱିଗୁଣ ଲାଭ, ପ୍ରଗତି ପଥରେ ଅଧିକ ବିଶେଷ ପଦକ୍ଷେପ । ବଣିକ ସଭ୍ୟତାର ପରିଭାଷାରେ କହିବାକୁ ଗଲେ 'ଏକ୍‌ଷ୍ଟ୍ରା ମାଇଲେଜ୍' । କିନ୍ତୁ ତା'ର ଭୟ ତଥାପି ତୁଟି ନାହିଁ । ତୁ ଏତେ ବଡ଼, ତୋର ଲୋକସଂଖ୍ୟା ମୋର ପ୍ରାୟ ଦଶଗୁଣା, ତୋର ଡଲାର୍‌ଶକ୍ତି, ଆଣବିକ ଶକ୍ତି ଇତ୍ୟାଦି ବିଭିନ୍ନ ମହାନତାର ସୂଚୀ କାହିଁରେ କେତେ ଉଚ୍ଚ, କାହିଁରେ କେତେ ଲମ୍ବା···ତୁ ମୋତେ ଗିଳିଦେବୁ ନାହିଁ ତ ? ସ୍ୱାଧୀନତା ହରେଇବାର ଭୟ ନୁହେଁ, ବୁଡ଼ିଯିବାର ଭୟ ।

ଏଣେ ଫରାସୀଭାଷୀ କୁଇବେକ୍ ରାଗୁଛି । ଏହି ଭାଇ-ଭାଇ ପଣର ଧ୍ୱନି ଯେତିକି ଊର୍ଦ୍ଧ୍ୱକୁ ଉଠୁଛି, ତା'ର ରାଗ ସେତିକି ବଢୁଛି । କହୁଛି ମନେଅଛି ତ କାହାଯୋଗୁଁ ତୁମେ ଅଲଗା ହୋଇ ରହି ପାରିଲ, କିଏ ତୁମକୁ କ୍ୟାନେଡ଼ା କରି ଗଢ଼ିଲି ? ଯଦିଚ ଇଂରେଜଭାଷୀ କ୍ୟାନେଡ଼ା ଏହି ପ୍ରକାର ଐତିହାସିକ ତଥ୍ୟକୁ ଅର୍ଦ୍ଧସତ୍ୟଠାରୁ ଅଧିକ ସମ୍ମାନ ଦେବାକୁ ଚାହେଁ ନାହିଁ । ୧୯୮୦ର ଗଣଭୋଟରେ ଅବଶ୍ୟ ପ୍ରମାଣିତ ହେଲା ଯେ କୁଇବେକ୍‌ର ଅଧିକାଂଶ ଜନତା ପୁରାପୂରି ଅଲଗା ହୋଇଯିବାର ସପକ୍ଷରେ ନୁହେଁ । କିନ୍ତୁ ଭୁଲିଯିବାକୁ ହେବ ନାହିଁ ଯେ ଅପରପକ୍ଷକୁ ଚାଳିଶ ପ୍ରତିଶତ ଭୋଟ୍ ମିଳିଥିଲା । ସେଇଠୁ ଅଧାଅଧି, ତହୁଁ ସଂଖ୍ୟାଗରିଷ୍ଠ ହେବାକୁ କେତେ ଦୂର ? ଏବେ ମଧ୍ୟ ଫରାସୀ-ଭାଷା କ୍ୟାନେଡ଼ାର ଅନ୍ୟତମ ସରକାରୀ ଭାଷା ରୂପେ ସ୍ୱୀକୃତ ହେବା ସତ୍ତ୍ୱେ କୁଇବେକ୍ ନିଜ ଘରେ ଇଂରେଜୀଭାଷାକୁ ପୂରେଇବା ପାଇଁ ନାରାଜ । କେଉଁ

Digitized by srujanika@gmail.com

ଏକ ଦୋକାନମାଲିକ ଫରାସୀଭାଷା ସାଙ୍ଗକୁ ଇଂରେଜୀଭାଷାର ସାଇନ୍‌ବୋର୍ଡ଼ ଲଗେଇଥିଲା ଯେ ତାକୁ ପ୍ରାଦେଶିକ ସରକାରଙ୍କ ଆଇନ୍ ଅନୁଯାୟୀ ମୋଟା ଜୋରିମାନା ଦେବାକୁ ପଡ଼ିଲା । ତେଣୁ ଇଂରେଜ-ଆମେରିକାନ୍ ବଡ଼ଭାଇ ସାଙ୍ଗରେ କୋଳାକୋଳି ହେବା ପୂର୍ବରୁ ଏଇ ଅଖାଡ଼ୁଆ ଘର ପୁଅଟିକୁ ଶାନ୍ତ କରିବାକୁ ପଡ଼ିବ, ନ ହେଲେ ସେ ଅଲଗା ହୋଇଯିବ ।

ଆଉ ଗୋଟିଏ ଘରପୁଅ ଅବଶ୍ୟ ରାଗୁଛି, କିନ୍ତୁ ବେଶୀଭାଗ କାନ୍ଦୁଛି ଏବଂ ବାରିଆଡ଼େ । ତେଣୁ ସେଥିରେ ବିଶେଷ ବିଚଳିତ ହେବାର ନୁହେଁ ।

ଯାହାହେଉ ସନ୍ଦେହ ନାହିଁ ଯେ ଯେତେ ସ୍ୱାଧୀନ ହେଲେ ମଧ୍ୟ କ୍ୟାନେଡ଼ା ତଥାପି ତା'ର ସ୍ୱାଧୀନ ଓ ସ୍ୱତନ୍ତ୍ର ନିଜତ୍ୱକୁ ଖୋଜୁଛି, ପାଉଛି, ହେଲେ ପାଇଲାପରି ଲାଗୁ ନାହିଁ, ତେଣୁ ପୁଣି ଖୋଜି ହେଉଛି । ରାଣୀଙ୍କୁ ଛାଡ଼ିଲେ ମଧ୍ୟ ଛାଡ଼ିପାରୁ ନାହିଁ, ଅଙ୍କଲ୍ ସାମ୍ ନାମକ ବଡ଼ଭାଇକୁ 'ହାଏ ବ୍ରଦର୍ !' କହିଲେ ମଧ୍ୟ ଘରେ ପୂରେଇ ପାରୁ ନାହିଁ, କୁଇବେକୀୟଙ୍କୁ କହୁଛି ତୁ ତ ଆମ ଘରପୁଅ...ଚାଲିଛି ଏଇ ଲୀଳା । ଭାରତୀୟ ହିସାବରେ ମୋତେ ଏଥିରେ ମଜା ଲାଗିବା ଦୂରର କଥା, ଦୁଃଖ ଲାଗୁଛି । ସହ-ଅନୁଭୂତିର ବ୍ୟଥା । ମୋର ସେ ଅଧିକାର ନାହିଁ, କାହିଁକିନା ମୋର 'ପ୍ରଗତି' କାହିଁ କେତେ ପଛରେ ?

Digitized by srujanika@gmail.com

ଆମେ କ'ଣ ବାସ୍ତବ ?

"ଆମେ କ'ଣ ବାସ୍ତବ,
ନା କେହି ଜଣେ ଉଦ୍‌ଭାବନ
କରିଛି ଆମକୁ... ?"

(ମିରିୟମ୍ ଓ୍ୱାଡ଼ିଙ୍ଗ୍‌ଟନ୍‌ଙ୍କ କବିତା "କ୍ୟାନେଡ଼ିଆନ୍"ରୁ ଉଦ୍ଧୃତ)

ଗଣତାନ୍ତ୍ରିକ ସମାଜରେ ବୋଧହୁଏ ଲେଖକମାନେ ହିଁ ସବୁଠାରୁ ସ୍ୱାଧୀନ, କାରଣ ସେମାନେ ମନଇଚ୍ଛା ଗାଳି ପାରନ୍ତି, କାନ୍ଦି ପାରନ୍ତି, ଥଟ୍ଟା କରି ପାରନ୍ତି ଏବଂ ମିଛ କହିପାରନ୍ତି ଅନ୍ତର୍ନିହିତ ସତର ମଞ୍ଜିଟିକୁ ଚହ୍ଲେଇବା ପାଇଁ । ଲୋକେ ହସି ଦିଅନ୍ତି, କୁହନ୍ତି ଇଏ ଯେତେହେଲେ ଗୋଟାଏ ଗପ, ଗୀତ, ତାମ୍‌ସା, ଏଥିରେ ସବୁ ଚଳେ ତୁମ ଆମକୁ ମେଲେଇବା ପାଇଁ । କିନ୍ତୁ ଭାବୁକ ପାଠକର ମନରେ ସନ୍ଦେହର ଧାପେ ରହିଯାଏ । ଗୋଟାଏ ହିସାବରେ କଥାଟା ଅଳ୍ପ ବହୁତ ସତ ନୁହେଁ କି ? ତେଣୁ କ୍ୟାନେଡ଼ା ଯେତେ ସ୍ୱାଧୀନ ଓ ସ୍ୱତନ୍ତ୍ର ହେଲେ ମଧ୍ୟ ସେ ତା'ର ନିଜତ୍ୱକୁ ଧନ୍ଦାଳି ହେଉଛି, ଏହି ଭାବର ପ୍ରଚଣ୍ଡତମ ଅଭିବ୍ୟକ୍ତି ଲେଖକ-ଶିଳ୍ପୀମାନଙ୍କ ଛଡ଼ା ଆଉ କାହାଠାରୁ ଆଶା କରିଯାଏ ? ମିରିୟମ୍ ଓ୍ୱାଡ଼ିଙ୍ଗ୍‌ଟନ୍ କ୍ୟାନେଡ଼ାର ସାଂପ୍ରତିକ କବି-ମାନଙ୍କ ଭିତରୁ ଜଣେ । କିନ୍ତୁ ତାଙ୍କ କ୍ଷୋଭ ଯେ କେବଳ ତାଙ୍କର ତା' ନୁହେଁ । ଆହୁରି କେତେ ଲେଖକ ସେହି ଭାବକୁ ଫୁଟାଇଛନ୍ତି ବିଭିନ୍ନ ସ୍ୱରରେ ଏବଂ ଉଚ୍ଚ ଗଳାରେ, ଯେମିତିକି ଲୋକେ ଶୁଣିବେ ଓ ତାଙ୍କ ଭିତରୁ ଅନ୍ତତଃ କେହି ଜଣେ ଭାବିବ...

Digitized by srujanika@gmail.com

ଭାବିବା—ଆମେ କ'ଣ ପ୍ରକୃତରେ ଅଣ-ବାସ୍ତବ ?

ତା' ଯଦି ହୁଏ, ତା'ହେଲେ କ୍ୟାନେଡ଼ିଆନ୍‌ର ସାହିତ୍ୟରେ ମଧ୍ୟ କ'ଣ ନିଜସ୍ୱ, ବିଶିଷ୍ଟତା ବୋଲି କିଛି ନାହିଁ ? ନା ଏହି ଆତ୍ମସଂଶୟ ହିଁ ତା'ର ବିଶିଷ୍ଟତା ? ନା କ୍ୟାନେଡ଼ାର ସାହିତ୍ୟିକମାନେ କଥାଟାକୁ ଅଯଥାରେ ବଢ଼େଇ କରି କହୁଛନ୍ତି, ଯେମିତିକି ସେମାନେ ଏବଂ ସେମାନଙ୍କର ସାହିତ୍ୟ ପୃଥିବୀର ଅନ୍ୟମାନଙ୍କ ଆଖିରେ ପଡ଼ିବ ।

କ୍ୟାନେଡ଼ାର ସାହିତ୍ୟ ଉପରେ ଏହି ପ୍ରକାର ବିଭିନ୍ନ ଓ ପରସ୍ପର-ବିରୋଧୀ ମନ୍ତବ୍ୟ ଶୁଣିବାକୁ ମିଳେ, ତା'ର ଭାବୁକ-ଚିନ୍ତକମାନଙ୍କ ମହଲରେ । ଯେହେତୁ ମୁଁ ମଧ୍ୟ ଜଣେ ଗ୍ରେଟମୋଟ ଲେଖକ । ମୋର ଇଚ୍ଛା ହେଲା ଏଇ ରହସ୍ୟର ତଦାରଖ କରିବି ଏବଂ ନିଜେ ସ୍ଥିର କରିବି ଯେ କଥାଟା ପ୍ରକୃତରେ କିଅଣ । କିନ୍ତୁ ଏଇ ଅଳ୍ପ କେଇଟା ମାସ ଭିତରେ ଅବା କେତେ ପୁସ୍ତକ ପଢ଼ି ପାରିବି, କେତେଜଣ ଲେଖକଙ୍କୁ ଭଲ ଭାବରେ ଚିହ୍ନିପାରିବି ଯେ ଦମ୍ଭର ସହିତ କିଛି କହିହେବ ? ସେଇଠୁ ଭାବିଲି ଯେ ଏମାନଙ୍କର ଭୁଙ୍ଗ ସମକାଳୀନ ପଣ୍ଡିତମାନେ ଯାହା କହି ଯାଇଛନ୍ତି ତା'ର ବିଶଦବ୍ୟାଖ୍ୟା ଓ ତାକୁ ନେଇ ଯତ୍‌ସାମାନ୍ୟ ଚିନ୍ତାର ଉପସ୍ଥାପନା, ସେତିକିରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ହେଲା ଏବେ ସେମାନଙ୍କ ସ୍ୱରରେ ସମନ୍ୱୟ ନାହିଁ, ହୁଏତ ସେଥିର ବୈଷମ୍ୟ ସାଙ୍ଘାତିକ ବୋଲି ମନେ ହେଉଛି । କିନ୍ତୁ ଯାହା ବିଷମ ତାହା ହିଁ ବିଚିତ୍ର ଓ ମନଲୋଭା । ତେଣୁ ମୋର ବିଶ୍ୱାସ ଯେ ସେଥିର ପ୍ରାକ୍-କଥନ ହିଁ ମୋତେ ତଥା ଆପଣମାନଙ୍କୁ ଅଧିକ ଆଗ୍ରହୀ କରିବ, ଯଥାକ୍ରମେ ଏମାନଙ୍କ ସାହିତ୍ୟକୁ ପଢ଼ିବା ପାଇଁ ଓ ସେଥିରେ ଥିବା ଅନୁଭବକୁ ଉପଭୋଗ କରିବା ପାଇଁ ।

ଅନ୍ୟତମ ସାଂପ୍ରତିକ କବି ଓ ସାହିତ୍ୟିକ ମାର୍ଗାରେଟ୍ ଆଟ୍‌ଉଡ୍ ୧୯୭୨ରେ "ସର୍ଭାଇଭାଲ୍" ନାମକ ଗୋଟିଏ ବହି ଲେଖି ଏଠିକାର ସାହିତ୍ୟ ଜଗତରେ ଚହଳ ପକେଇଲେ । ଆରମ୍ଭରୁ ଆଜଯାଏଁ ଲେଖା ହୋଇଥିବା ସମସ୍ତ କ୍ୟାନେଡ଼ିଆନ୍ ସାହିତ୍ୟ ଉପରେ ଗୋଟାଏ ସର୍ବଗ୍ରାସୀ ଓ ଦୁଃସାହସୀ ଟୀପ୍‌ପଣୀ ଦେଲେ । କହିଲେ ଆମ ସାହିତ୍ୟର ମୁଖ୍ୟ ସ୍ୱର ହେଲା— କୌଣସିମତେ ନିଜକୁ ବଞ୍ଚେଇ ରଖିବାର ଆରତି ! କହିଲେ, ଯେମିତି ଆମେରିକାନ୍ ଅନୁଭୂତିର ମୁଖ୍ୟ ସ୍ୱର ହେଲା ସୀମାନ୍ତ, ଅର୍ଥାତ୍ ସୀମା ପାରି ହୋଇ ଆହୁରି ଆଗେଇଯିବାର ଆଡ୍‌ଭେଞ୍ଚର୍, ଇଂରେଜର ହେଲା ଦ୍ୱୀପ,

Digitized by srujanika@gmail.com

ଅର୍ଥାତ୍ ଆପଣା ଦୁର୍ଗଭୁକ୍ତ ଘରପରିବାରର ଅଭେଦ୍ୟ ଓ ଅବଚ୍ଛେଦ୍ୟ ଗାରିମା, କ୍ୟାନେଡ଼ିଆନ୍‌ର ହେଲା ବଞ୍ଚିଯିବା—ବଞ୍ଚି ରହିବାର ଦୟନୀୟ ଗୌରବ । ସେହି ଅନୁଭୂତିକୁ ନେଇ ତା'ର ସାହିତ୍ୟ ଏବଂ ତାହାହିଁ ତା'ର ବିଶିଷ୍ଟତା ।

ବିଭିନ୍ନ ଲେଖକମାନଙ୍କର ଲେଖାରୁ ଉଦ୍ଧାର କରି କହିଲେ— ଦେଖ, ଏଥିରୁ କ'ଣ ବୁଝାପଡ଼ୁଛି ? ଯଥା:

—ପ୍ରକୃତି । ପ୍ରକୃତି କେଡ଼େ ସୁନ୍ଦର ବୋଲି ଦେଖିବାକୁ ବେଳ ନାହିଁ । ଭୟଙ୍କର ବୋଲି ଭାବିବାକୁ ବେଳ ନାହିଁ । କାରଣ ସେ ଅତର୍କିତରେ ଆଣିଦେବ ମୃତ୍ୟୁ ଏବଂ ତଦ୍ରୂପ ଦୁଃଖକଷ୍ଟ, ଯାତନାଯନ୍ତ୍ରଣା । କବି ଆଲ୍‌ଡେନ୍ ନୋଲନ କହିଲି ପରି, "ଭୟ ଏଠି ବସନ୍ତକୁ, ଯେହେତୁ ସେ ଦଗାବାଜ/ ବରଫ ମିଳେଇଯାଏ ଘାସ ପଡ଼ିଆରେ, ଝରିଯାଏ ହେମନ୍ତର ମଲ୍ଲିପତ୍ର ମାନ ..." ଇଂରେଜୀରେ ପଦ ହେଲି "Spring is distrusted here" । ଯେଉଁଠି ବସନ୍ତର ଏଇ ଗୁଣ, ସେଠି ଅନ୍ୟ ଋତୁମାନଙ୍କୁ କ'ଣ କହିବା ?!

—ପଶୁପକ୍ଷୀ । ଇଂଲଣ୍ଡର କାହାଣୀରେ ସେମାନେ ମଣିଷର ଭାଇ ବନ୍ଧୁ କୁଟୁମ୍ବ ପରି ମନେହୁଅନ୍ତି । ଆମେରିକାର ଗପରେ ମଣିଷମାନେ ତାଙ୍କୁ ଆନନ୍ଦର ସହିତ ଶିକାର କରନ୍ତି । କିନ୍ତୁ ଏଠି କାହାଣୀ ଲେଖାଯାଏ ସେଇମାନଙ୍କ ଦୃଷ୍ଟିରୁ । ତାଙ୍କର ଯନ୍ତ୍ରଣା, ତାଙ୍କର ମୃତ୍ୟୁ ଓ ବଞ୍ଚି ରହିବାର ବିକଳ ପ୍ରୟାସକୁ ନେଇ ।

—ଆଦିବାସୀ । ସେମାନେ କେଉଁ ଏକ ଭିନ୍ନ ପୃଥିବୀର ପ୍ରାଣୀ, ଅମାନୁଷୀ ଭୟର ପ୍ରତୀକ । ତାଙ୍କ ଟୋଟେମ୍ ହେଉଛି ସେଇ ଆଦିମ ଅନୁଭବର ସନ୍ତକ ।

—ଅଜଣା ପୃଥିବୀ । ଲେଖକ ଏ. ଏମ୍. କ୍ଲିନଙ୍କ ଭାଷାରେ 'ଅନୁଚାରିତ' । ତେଣୁ ତାକୁ ଝାଳନାଳ ହୋଇ ଖୋଜିବାକୁ ପଡ଼ୁଛି । କିନ୍ତୁ ହାୟ, କେଉଁଠି କିଛି ମିଳିବାକୁ ନାହିଁ !

—ପରିବାର । ଇଂଲଣ୍ଡରେ ତା'ର ଅନ୍ୟ ନାଆଁ ଘର । ଆମେରିକାରେ ସିଏ ହେଉଛି ଦେହର ପ୍ରାଥମିକ ଚମଡ଼ା ଖୋଳ, ଯେଉଁଠୁ ଯଥାଶୀଘ୍ର ଖସି ଆସିବା କଥା । କିନ୍ତୁ କ୍ୟାନେଡ଼ାରେ ଅତ୍ୟାବଶ୍ୟକ ଯନ୍ତା । କ୍ୟାନେଡ଼ାରେ ପରିବାର ଏକାଠି ରହନ୍ତି ଝଡ଼ବର୍ଷାରେ ଥୁରୁଥୁରୁ ହେଉଥିବା

Digitized by srujanika@gmail.com

ମେଣ୍ଢାଙ୍କ ପରି, ଅଥବା ଖୋପରେ ଗୁମ୍ଫାଗୁମ୍ଫି ହେଉଥିବା କୁକୁଡ଼ାଙ୍କ ପରି । କାରଣ ବାହାରେ ଶତ୍ରୁ ।

—ବିଦେଶୀ । ଆମେରିକାରେ ଘର କରିଥିବା ବିଦେଶୀ ସାହସର ସହିତ ସ୍ୱଦେଶକୁ ଭୁଲି ଯାଇପାରେ । ଏଠି ସେ ସ୍ୱଦେଶକୁ ଭୁଲି ଯାଇପାରେ ନାହିଁ, କାରଣ ତା' ବଦଳରେ ତାକୁ କିଛି ନୂଆ, କିଛି ଅଧିକା ମିଳେ ନାହିଁ । ଲେଖକ ଜନ୍ ମାଲିନ୍‌ଙ୍କ ଭାଷାରେ, "ଏଠି କାହାକୁ ବିଦେଶୀ ବୋଲି କହିବାର ଅର୍ଥ ନାହିଁ, କାରଣ ଏଠି ଆମେ ସମସ୍ତେ ବିଦେଶୀ ।"

ଇତ୍ୟାଦି । ଇତ୍ୟାଦି । ବାରଦଫା ସମ୍ବଳିତ ଉଦାହରଣର ଇସ୍ତାହାର । କିନ୍ତୁ ସେ ଯାହା କହିଲେ ତାକୁ କ'ଣ କ୍ୟାନେଡ଼ାର ସୁଧୀସମାଜ ମାନି ନେଇଛି ? ନା । ଅନେକେ ତା'ର ପ୍ରତିବାଦ କରିଛନ୍ତି । ଏପରିକି ରବିନ୍ ମାଥ୍ୟୁଜ୍ ନାମକ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ପ୍ରକାଶ୍ୟରେ କହିଛନ୍ତି ଯେ ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ନିଷ୍ପତ୍ତିରେ ସଚ୍ଚୋଟପଣିଆର ଅଭାବ, ଯେହେତୁ ସେ ବିଭିନ୍ନ ଲେଖକଙ୍କ ଲେଖାରୁ ଏଭଳି କଥାଗୁଡ଼ିଏ ବାଛି ନେଇଛନ୍ତି, ଯାହା ତାଙ୍କ 'ତଥ୍ୟ' ସାଙ୍ଗରେ ଖାପ୍ ଖାଇବ । ସେଇଠୁ ମୋର ଇଚ୍ଛା ହେଲା ଏଇ ବାଦାନୁବାଦର ସତ ମିଛ ପରଖିବା ପାଇଁ ଏବଂ ମୁଁ କେତେଜଣଙ୍କର ଲେଖା ପଢ଼ି ବସିଲି, ଯେଉଁମାନେ ମାର୍ଗାରେଟ୍‌ଙ୍କୁ ଖୋରାକ୍ ଯୋଗାଇଛନ୍ତି । ପଢ଼ିଲା ପରେ ମୋର ବି ଧାରଣା ହେଲା ଯେ ରବିନ୍ ମାଥ୍ୟୁଜ୍ ଭୁଲ୍ କହି ନାହାନ୍ତି । କାରଣ ଦେଖନ୍ତୁ, ଯେଉଁ କବି ଆଲ୍‌ଡେନ୍ ନୋଲାନ୍ କହିଛନ୍ତି ଯେ ବସନ୍ତ ଦଗାବାଜିଆ, ସେହି ମଧ୍ୟ ଗାଇଛନ୍ତି ଶାନ୍ତ ପ୍ରକୃତିର ଗୀତ । ଯଥା: "ଜୁଲାଇ ୧୫" ଗୋଟିଏ କବିତା, ମୋଟାମୋଟି ଯାହାର ଭାବାର୍ଥ ଏହି ପ୍ରକାର— "ମୁଁ ଶୋଇଛି ଘାସ ଉପରେ । ପବନ ଛୁଇଁ ଯାଉଛି ମୋତେ । ସୂର୍ଯ୍ୟ ହାତବଢ଼େଇ ଉତ୍ତାପ ହରି ନେଉଛି ମୋ ଦେହରୁ, ନାଖି ପରି । ହେଲେ କିଛି ଘଟୁ ନାହିଁ" ଏବଂ ଶେଷ ଦୁଇଟି ଧାଡ଼ି ହେଲା— "ମୁଁ ନଗ୍ନ । ଗଛମାନେ ଗୀତ ଗାଉଛନ୍ତି । ଘାସ ବାଟ ଚାଲୁଛି । କିଛି ଘଟୁ ନାହିଁ ।" ଏଭଳି ନିଷ୍କ୍ରିୟ, ଅଳସ, ଆରାମପ୍ରଦ, ହୁଏତ ମଣିଷକୁ ବୋର୍ କରୁଥିବା ପ୍ରକୃତିକୁ ଦଗାବାଜିଆ କହିବ ?

କିନ୍ତୁ ଆଶ୍ଚର୍ଯ୍ୟ କଥା ହେଉଛି ଯେ ଏଭଳି ଗୋଟିଏ ବହି ଲେଖି ମଧ୍ୟବୟସ୍କା ମହିଳା ମାର୍ଗାରେଟ୍ (ବହି ଛପା ହେଲାବେଳକୁ ତାଙ୍କୁ ମାତ୍ର ୩୩ ବର୍ଷ) ସୁପ୍ରସିଦ୍ଧ ହୋଇ ପାରିଛନ୍ତି । ମୁଁ ଯେତେବେଳେ ଏଠିକା ପବ୍ଲିକ୍

Digitized by srujanika@gmail.com

ଲାଇବ୍ରେରୀରେ କ୍ୟାନେଡ଼ିଆନ୍ ସାହିତ୍ୟ ବିଷୟରେ କିଛି ଜାଣିବା ପାଇଁ ଗୁହାରିଲି, ଲାଇବ୍ରେରିଆନ୍ ମୋତେ ପ୍ରଥମେ ଏଇ "ସର୍ଭିଭାଲ୍" ବହିଟିକୁ ପଢ଼ିବା ପାଇଁ ପରାମର୍ଶ ଦେଲେ । ପ୍ରତିଷ୍ଠିତ ସଂକଳନ "ଅକ୍ସଫୋର୍ଡ଼୍ ଆନ୍ଥୋଲୋଜି ଅଫ୍ କ୍ୟାନାଡ଼ିଆନ୍ ଲିଟରେଚର୍"ରେ ମଧ୍ୟ ଏଇ ବହିର ବିଶେଷ ଉଲ୍ଲେଖ କରାଯାଇଛି ଏବଂ ମାର୍ଗାରେଟ୍‌ଙ୍କ ମତାମତ ନିର୍ଭୁଲ ବୋଲି ସ୍ୱୀକାର ନ କଲେ ମଧ୍ୟ ପ୍ରକାଶକ କହିଛନ୍ତି ଯେ ଏଥିରେ ରହିଛି ଏକ ଜାଜ୍ୱଲ୍ୟମାନ ଗବେଷଣା-ମୂଳକ ତଥ୍ୟ, ଯାହାକୁ ସମ୍ମାନ ନ ଦେଇ ରହି ହେବ ନାହିଁ । ମୋତେ ସବୁଠାରୁ ବିସ୍ମୟ ଲାଗିଲା ଯେତେବେଳେ ଦେଖିଲି ଯେ ଗୋଟିଏ ଆଖିଦୁରୁଗିଆ ସାଧାରଣଜ୍ଞାନମୂଳକ ବହିରେ କ୍ୟାନେଡ଼ାର ଇତିହାସରେ ଘଟିଥିବା ପ୍ରଧାନ ପ୍ରଧାନ ଘଟଣାର ତାରିଖ ମଧ୍ୟରେ ରହିଛି ଯେ ଅମୁକ ବର୍ଷ ଅମୁକ ମାସରେ ମାର୍ଗାରେଟ୍ ଆଟ୍‌ଉଡ୍‌ଙ୍କ ବହି "ସର୍ଭିଭାଲ୍" ପ୍ରକାଶିତ ହେଲା । ଯେଉଁ ତାରିଖ ମାଳିକାରେ ଅଛି କେଉଁଦିନ କ୍ୟାନେଡ଼ାର ନୂଆ ଜାତୀୟ ସଙ୍ଗୀତ ପ୍ରଚଳିତ ହେଲା, ତା'ର ନୂଆ ଜାତୀୟ ପତାକା ଉତ୍ତୋଳିତ ହେଲା ।

କେଉଁଥିପାଇଁ ଏତେ ପ୍ରାଧାନ୍ୟ ଦିଆଯାଇଛି ଏଇ ବହିଟିକୁ, ଯଦିଚ ସେଥିରେ ଥିବା ତଥ୍ୟକୁ କେହି ପୂରାପୂରି ଗ୍ରହଣ କରିପାରୁ ନାହାନ୍ତି ? ଭାବି ଦେଖିଲି ଯେ ତା'ର କାରଣ ହେଉଛି ଯେ ବୋଧହୁଏ ପ୍ରଥମଥର ପାଇଁ ଜଣେ ସାହସର ସହିତ ଗୋଟାଏ ନାଆଁ ଦେଲେ କ୍ୟାନେଡ଼ାର ସାହିତ୍ୟକୁ । ଯେମିତିକି କେହି କହିବ ନାହିଁ ଯେ ତାଙ୍କ ସାହିତ୍ୟରେ କିଛି ବିଶିଷ୍ଟତା ନାହିଁ । ଲେଖିକାଙ୍କ ଭାଷାରେ— "କ୍ୟାନେଡ଼ାର ନିଜତ୍ୱବୋଧରେ ଯୋଡ଼ିଏ ମୌଳିକ ପ୍ରଶ୍ନ ହେଲା, 'ମୁଁ କିଏ ?' ଓ 'ମୁଁ କେଉଁଠି ଅଛି ?' ସାହିତ୍ୟ କେବଳ ଦର୍ପଣ ନୁହେଁ, ଗୋଟିଏ ମାନଚିତ୍ର ମଧ୍ୟ, ମନର ଭୂଗୋଳ । ଆମ ସାହିତ୍ୟ ବି ସେହିପରି ଗୋଟିଏ ମାନଚିତ୍ର, ଯଦି ଆମେ ତାକୁ ଆମ ସାହିତ୍ୟ ହିସାବରେ ପଢ଼ିବାକୁ ଶିଖିବା ଏବଂ ଜାଣିବା ଆମେ କିଏ ଓ କେଉଁଠୁ କେଉଁଠିକୁ ଆସିଛୁ ।"

ଅର୍ଥାତ୍ ଯାହାହେଉ ଗୋଟାଏ ନାଆଁ ଦିଆଗଲା, ସେଇଟା ତୁମ କାନକୁ ଭଲ ଶୁଭୁ ବା ନ ଶୁଭୁ । ନାଆଁ ଅଛି, ତେଣୁ ଗାଆଁ ବି ଅଛି, ଜାତିପତି, କୁଳଗୋତ୍ର ସବୁ ରହିଛି ! ମାନେ ତା'ର ଗୋଟାଏ ବ୍ୟକ୍ତିତ୍ୱ ଅଛି,

Digitized by srujanika@gmail.com

ଯାହାକି ଏକାଧାରରେ ନିଜତ୍ୱବୋଧର କାରଣ ଓ ପରିଣାମ । ତାଙ୍କ ପରେ (ଏବଂ ମନେହୁଏ ତାଙ୍କ ଦେଖାଦେଖି) ସାହିତ୍ୟିକ ରବିନ୍ ମାଥ୍ୟୁଜ୍ ମଧ୍ୟ ଏଇ ନାମକରଣର ମୋହରେ ପଡ଼ି ଗୋଟିଏ ସଂପୂର୍ଣ୍ଣ ବିପରୀତ ଏବଂ ଆଶାବାଦୀ ନାଆଁଟିଏ ବାଛି ଦେଇଛନ୍ତି । ସେ ତାଙ୍କ ବହି "କ୍ୟାନାଡ଼ିଆନ୍ ଲିଟରେଚର୍"ରେ କହିଲେ ଯେ ଆମ ସାହିତ୍ୟର ଅବଶ୍ୟ ଗୋଟାଏ ନାଆଁ ଅଛି, କିନ୍ତୁ ତାକୁ କେହି ଭଲ ଭାବରେ ଶୁଣି ନାହାନ୍ତି କି ଉଚ୍ଚାରଣ କରିପାରି ନାହାନ୍ତି । କ୍ୟାନେଡ଼ାବାସୀର ଜୀବନରେ ଅହରହ ଯେଉଁ ଅନୁଭବ ଆସିଛି ଏବଂ ଭାଷାନ୍ୱିତ ହୋଇଛି, ତା' ନୁହେଁ "ମୋତେ ବଞ୍ଚାଅ !"ର ଆର୍ତ୍ତନାଦ ଅଥବା "ଆଃ, ମୁଁ ବଞ୍ଚିଗଲି !"ର ଦୀର୍ଘନିଶ୍ୱାସ । ତା' ହେଉଛି "ଆସ, ଏକାଠି ହୋଇଯିବା"ର ଆହ୍ୱାନ ଓ ନିମନ୍ତ୍ରଣ । ସାହଚର୍ଯ୍ୟ, ସେନ୍ସ୍ ଅଫ୍ କମ୍ୟୁନିଟି—ସେଇ ହେଉଛି ତା' ନାଆଁ । ଜିଜୀବିଷା ଅବଶ୍ୟ ଅଛି ସେଇ ଶବ୍ଦଟିର ଭାବାର୍ଥରେ, କିନ୍ତୁ ତା'ଠାରୁ ବଳି ଅଛି ଏକାଠି ହସିବା, କାନ୍ଦିବା ଓ ସୁଖ-ଦୁଃଖ ନିଭେଇବାର ଆନନ୍ଦ । କହିଲେ ଯେ ଉପନିବେଶପଣ ଆମ ଚେତନାରୁ ଯାଇ ନାହିଁ, ସେଇଲାଗି ଆମ ଭିତରୁ କେତେକ ଅଛନ୍ତି ଯେଉଁମାନେ ଆମ ସାହିତ୍ୟରେ ଖାଲି ଦୁର୍ବଳତା ଓ ସଂଶୟର ଇସାରା ପାଇଛନ୍ତି, ବଳିଷ୍ଠ ପ୍ରତ୍ୟୟର ନିର୍ଘୋଷକୁ ଶୁଣିପାରିଲେ ନାହିଁ ଏବଂ ମାର୍ଗାରେଟ୍‌ଙ୍କ ପରି ସେ ମଧ୍ୟ କହିଲେ ଯେ ପଢ଼ି ଶିଖିବାକୁ ହେବ, ତା'ହେଲେ ଯାଇ ବୁଝିବ । ବିଶେଷତଃ କ୍ୟାନେଡ଼ାର କ୍ଲାସିକ୍ ସାହିତ୍ୟକୁ, କାଳଜୟୀ ଆଦିଗ୍ରନ୍ଥମାନଙ୍କୁ ।

ସଂସ୍କୃତିର ପରିପ୍ରେକ୍ଷୀରେ ଏଇ ଉପନିବେଶପଣଟି କିଅଣ ? ରବିନ୍ ମାଥିଉଜ୍ କହିଲେ ଯେ ତା'ର ଅର୍ଥ ହେଉଛି ଅସହାୟଭାବ, ଆଉ କାହାରି ହାତ ଧରି ଚାଲିବାର ପ୍ରବୃତ୍ତି । ହୀନମନ୍ୟତା । କହିଲେ ଯେ କ୍ୟାନେଡ଼ା ମୂଳରୁ ଆଜିଯାଏଁ ଗୋଟିଏ ଉପନିବେଶ ହୋଇ ରହିଛି । ପ୍ରଥମେ ଥିଲା ଫରାସୀ ଉପନିବେଶ, ଦ୍ୱିତୀୟରେ ହେଲା ଇଂରାଜୀ ଉପନିବେଶ ଏବଂ ବର୍ତ୍ତମାନ ହେଉଛି ଆମେରିକାର ଉପନିବେଶ । ଯଦିଚ ବର୍ତ୍ତମାନର ଆଧିପତ୍ୟ ଓ ଆନୁଗତ୍ୟର ରୂପରଙ୍ଗ ଭିନ୍ନ; ଅର୍ଥନୈତିକ । ତେଣୁ ସାମାଜିକ ତଥା ସାଂସ୍କୃତିକ । କିନ୍ତୁ ଉପନିବେଶପଣର ପ୍ରତିରୋଧ କରିବା ହିଁ ଜାତୀୟ ଜୀବନର ଯଥାର୍ଥ ଅନୁଭୂତି ଏବଂ ତା'ର ଉଚ୍ଚାରଣ ଶୁଣିବାକୁ ମିଳିବ ଆମ ସାହିତ୍ୟରେ । ହେଲେ ତା'ର ସ୍ୱର ସର୍ବସାଧାରଣ ନୁହେଁ । କାହିଁକିନା ଆମେ ଶିଖିଛୁ ଯେ

Digitized by srujanika@gmail.com

ସଂଘବଦ୍ଧ ସହଯୋଗ ମୂଳକ ଜୀବନ ହିଁ ଜସ୍ତୁଲ୍ଭର ଏକମାତ୍ର ପନ୍ଥା—ଆମ ପାଇଁ । ତାହାହିଁ ଆମ ସାହିତ୍ୟର ବୈଶିଷ୍ଟ୍ୟ । ଗାରିମା ।

କହୁ କହୁ ସେ ଆମେରିକାନ୍ ଓ କ୍ୟାନେଡ଼ିଆନ୍ ସଂସ୍କୃତି ମଧ୍ୟରେ ଏକ ବିଶେଷ ପାର୍ଥକ୍ୟର ତଥ୍ୟ ବାଢ଼ିଛନ୍ତି । କହିଲେ ଯେ ଇତିହାସସିଦ୍ଧ ଆମେରିକାନ୍ ସଂସ୍କୃତିର ମୂଳକଥା ହେଲା "ବ୍ୟକ୍ତି"—ବ୍ୟକ୍ତିର ବିଦ୍ରୋହ, ବ୍ୟକ୍ତିର ବିଜୟ ଇତ୍ୟାଦି । କିନ୍ତୁ କ୍ୟାନେଡ଼ାର ଇତିହାସ ତା' ସଂସ୍କୃତିକୁ ଯେଉଁ ଗୁରୁମନ୍ତ୍ର ପଢ଼େଇଛି, ତା'ର ପରିଭାଷା ହେଲା ସାହଚର୍ଯ୍ୟ ଅର୍ଥାତ୍ ବ୍ୟକ୍ତି ଓ ସମାଜ ଭିତରେ ଥିବା ଏକ ସୂକ୍ଷ୍ମ ସୁନ୍ଦର ଯୋଗସୂତ୍ରର ତଜାଇନ୍ । କ୍ୟାନେଡ଼ିଆନ୍ ବ୍ୟକ୍ତି ତା'ର ସମାଜ ଜରିଆରେ ହିଁ ପାଇଛି ଆପଣା ସାର୍ଥକତା । କିନ୍ତୁ ଗଭୀର ଦୁଃଖ ଏବଂ ଲଜ୍ଜାର ବିଷୟ ଯେ ଜାତୀୟ ଜୀବନର ଏଇ ମହାର୍ଘ ଓ ସ୍ୱତନ୍ତ୍ର ଦାର୍ଶନିକତାର ମୂଲ୍ୟ ମିଳେଇ ଯାଇଛି ଅଥବା ଅବୁଝା ରହିଯାଉଛି, କାହିଁକିନା ଆମେରିକାନ୍ ସଂସ୍କୃତିର ଉଚ୍ଚ ଉଚ୍ଚ ଢେଉକୁ କେହି ରୋକିବା ପାଇଁ ଚେଷ୍ଟା କରୁ ନାହାନ୍ତି, ଅପରନ୍ତୁ ତା'ର ଜୟଜୟକାର ଶୁଭୁଛି (ଯେଉଁଥିପାଇଁ ଗଦା ଗଦା ଆମେରିକାନ୍ ଅଧ୍ୟାପକ ଓ ଗବେଷକମାନଙ୍କୁ ଅଣା ହେଉଛି) କ୍ୟାନେଡ଼ାର ଯେତେକ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରମାନଙ୍କରେ । ଏପରିକି ସେ 'ବିଦ୍ରୋହ'ର ଧ୍ୱଜା ଉଠେଇଛନ୍ତି, କହିଛନ୍ତି ଯେ ହିଂସ୍ର ହେଉ ବା ଅହିଂସାମୂଳକ, ଏହି ଆକ୍ରମଣର ମୁକାବିଲା କରିବାକୁ ପଡ଼ିବ, ନଚେତ୍— ।

ବେଳେବେଳେ ମନେହୁଏ ଯେ ଏଭଳି କ୍ରୋଧ ତାଙ୍କ ପରି ଜଣେ ସାହିତ୍ୟିକକୁ ଶୋଭା ପାଏ ନାହିଁ । ଯାହାହେଉ ସେ ମଧ୍ୟ ତାଙ୍କ ସପକ୍ଷରେ ଅନେକ ଉଦାହରଣ ବାଢ଼ିଛନ୍ତି କ୍ୟାନେଡ଼ାର ସାହିତ୍ୟରୁ । ସେଥିମଧ୍ୟରୁ ବିଶେଷ ଉଲ୍ଲେଖଯୋଗ୍ୟ ଲେଖକ ହେଉଛନ୍ତି ଔପନ୍ୟାସିକ ଜନ୍ ରିଚାର୍ଡ୍‌ସନ୍, ଫ୍ରେଡ଼ରିକ୍ ପି. ଗ୍ରୋଭ୍ ଓ ମର୍ଲିକ୍ୟାଲହାନ୍ ଏବଂ କବି ଚାର୍ଲସ୍ ଜି. ରବର୍ଟସ୍ ।

କବି ମାର୍ଗାରେଟ୍‌ଙ୍କ ତିକ୍ତତା, କବି ମିରସ୍ଲମ୍‌ଙ୍କ କ୍ଷୋଭ, ସାହିତ୍ୟିକ ମାଥିଉଜ୍‌ଙ୍କ କ୍ରୋଧ···କାହାକୁ ଅଧିକ ବାସ୍ତବ ଓ ଯଥାର୍ଥ ମନେ କରିବା ? ମୋଟ ଉପରେ ବିଶ୍ୱସାହିତ୍ୟର ଆଗ୍ରହୀ ହିସାବରେ ମୋର କ'ଣ ଠିକଣା ଭାବରେ ଜାଣିବା ଦରକାର ଯେ କ୍ୟାନେଡ଼ିଆନ୍ ସାହିତ୍ୟର ଉଚିତ ନାଆଁ ହେଉଛି ଏଇଆ ?

Digitized by srujanika@gmail.com

ପ୍ରଫେସର ନର୍ଥରପ୍ ଫ୍ରାଇ ନାମକ ଜଣେ ସାହିତ୍ୟବିଦ୍ୱାନ୍ ଓ ପ୍ରାବନ୍ଧିକ ଯେ ସମଗ୍ର ଉତ୍ତରଆମେରିକା ଏବଂ ଇଂଲଣ୍ଡରେ ସୁପରିଚିତ, ୧୯୭୧ରେ ଗୋଟିଏ ପ୍ରବନ୍ଧ ସଂକଳନ ପ୍ରକାଶିତ କରିଥିଲେ, ମାର୍ଗାରେଟ୍‌ଙ୍କ "ସର୍ଭିଭାଲ୍"ର ବର୍ଷକ ପୂର୍ବରୁ । ତା' ନାଆଁ ହେଲା "The Bush Garden : Essays on Canadian Immigration" । ସାହିତ୍ୟ କ୍ଷେତ୍ରରେ "ସୁବିଖ୍ୟାତ", କ୍ୟାନେଡ଼ୀୟ ନିଜତ୍ୱବୋଧ ଜିନିଷଟା ଗୋଟାଏ କୃତ୍ରିମ ସମସ୍ୟା । ଅବଶ୍ୟ ଏଇ ହିସାବରେ ମଣିଷ ପଶୁପକ୍ଷୀଙ୍କଠାରୁ ବିଶେଷ ଭିନ୍ନ ନୁହେଁ । କାରଣ ସେ ସୃଷ୍ଟି କରିବା ସାଙ୍ଗକୁ ନିଜର ଇଲାକା ଗଢ଼ିବାକୁ ମଧ୍ୟ ଭଲ ପାଏ । କିନ୍ତୁ ବୁଝିବା ଉଚିତ ଯେ ଏଇ ଇଲାକା ମନୋଭାବ ଆପଣା ଅନୁଭୂତିକୁ ନେଇ ଏବଂ ଅନୁଭୂତି ଆପଣା ପରିବେଶ ଓ ସଂସ୍କାରକୁ ନେଇ ବଞ୍ଚିଥାଏ । ତେଣୁ କ୍ୟାନେଡ଼ିଆନ୍ ଲେଖକର ଲେଖାରେ ତା'ର ଅନ୍ତରଙ୍ଗ ଅଞ୍ଚଳର ବିଶିଷ୍ଟତା ଧରା ପଡ଼ିବ ସିନା, ସେଥିରେ ସୁନିର୍ଦ୍ଦିଷ୍ଟ କ୍ୟାନେଡ଼ୀୟତା ଫୁଟି ଉଠିବ କାହିଁକି ? କ୍ୟାନେଡ଼ାର ପ୍ରେଆରି ଅଞ୍ଚଳର କବି, ଯାହାର ଦୃଷ୍ଟି ସମତଳ ବିସ୍ତୃତିର ଦିଗନ୍ତରେ ହଜିଯାଏ ଓ ବ୍ରିଟିଶ୍ କଲମ୍ବିଆର କବି, ଯାହାର ଘରପାଖରେ ବିରାଟ ପର୍ବତ ଓ ବୃକ୍ଷଲତା ଆକାଶକୁ ହାତ ବଢ଼ାନ୍ତି, ଏ ଦୁହିଁଙ୍କ କଳ୍ପନାର ପରିସର, ତେଣୁ ନିଜତ୍ୱବୋଧ କ'ଣ ଏକା ପରି ହେବ ?

ସେଇଠୁ ସେ କହିଲେ ଯେ ଅସଲ କଥା ହେଉଛି ନିଜତ୍ୱବୋଧ ଓ ଏକତ୍ୱବୋଧ, ଏଇ ଦୁଇଟି ଜିନିଷକୁ ଅନେକ ସମୟରେ ମିଶେଇ ଦିଆ ହୁଏ, ସେଇଥିପାଇଁ ଯେତେକ ଗଣ୍ଡଗୋଳ । ପ୍ରଥମଟିରେ ଅଛି ସାଂସ୍କୃତିକ ଓ କଳ୍ପନାଗତ ଅନୁଭବ, ଯାହା ମୁଖ୍ୟତଃ ଆପଣା ସୀମିତ ପରିବେଶରେ ପୁଷ୍ଟ ଏବଂ ଦ୍ୱିତୀୟଟିରେ ଅଛି ଜାତୀୟ ଆତ୍ମାଭିମାନ । ଦେଶର ଭୂଗୋଳ ତଥା ଇତିହାସର ପରିପ୍ରେକ୍ଷୀରେ ଦୁହେଁ ହୁଏତ ସ୍ଥଳବିଶେଷରେ ଏକାଠି ରହି ପାରନ୍ତି, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଯେ ଏକାଠି ହୋଇ ରହିବେ ଏଭଳି କୌଣସି କଥା ନାହିଁ । ତେବେ ଯେଉଁଠି ଦୁହେଁ ସ୍ୱଭାବତଃ ଭିନ୍ନ, ସେଠି ଦୁହିଁଙ୍କ ଭିତରେ ଯେଉଁ ଭିଡ଼ାଓଟରା ଚାଲିଥାଏ, ତାକୁ ଆପଣାଛାଏଁ ସମନ୍ୱିତ ହେବାକୁ କିମ୍ବା କେବଳ ସହବାସ କରିବାକୁ ଛାଡ଼ିଦେବା ଉଚିତ । ଗୋଟିକୁ ଟାଣିଓଟାରି ଅନେକ ସାଙ୍ଗରେ ମିଶେଇବାକୁ ଚେଷ୍ଟା କଲେ ବିପଦ । କାରଣ ନିଜତ୍ୱବୋଧକୁ ଏକତ୍ୱବୋଧର ଫର୍ମାରେ ଲମ୍ବେଇବାକୁ ବସିଲେ ସମ୍ଭା

Digitized by srujanika@gmail.com

ସାଂସ୍କୃତିକ ଆସ୍ଫାଳନ ଉଚିତଠୁ ଅଧିକ ଶୁଣିବାକୁ ମିଳିବ ଏବଂ ତା' ପାଲରେ ପଡ଼ିଲେ ସଚ୍ଚା ସାହିତ୍ୟ ସୃଷ୍ଟି ବ୍ୟାହତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଅପରପକ୍ଷେ ଏକତ୍ୱବୋଧକୁ ନିଜତ୍ୱବୋଧରେ ସଙ୍କୁଚିତ କରିବାକୁ ଚେଷ୍ଟା କଲେ ଦେଶରେ ବିଭାଜନମୂଳକ ପ୍ରବୃତ୍ତି ବଢ଼ି ଉଠିବ, ତେଣୁ ଜାତୀୟତାକୁ ବାଧା ହେବ । ଏଇଠି ସେ ଭାରତ-ପାକିସ୍ଥାନ ଉପ ମହାଦେଶରେ ବଢ଼ି ଉଠୁଥିବା ଆଞ୍ଚଳିକତାର ଦୃଷ୍ଟାନ୍ତ ଦେବାକୁ ଭୁଲି ନାହାନ୍ତି ।

ସେ ଯାହା କହିଲେ ତା'ର ସାରବତ୍ତା ମୋ ମନକୁ ପାଉଛି । କିନ୍ତୁ କଥା ହେଉଛି ଯେ ଏଇ ତଥାକଥିତ ଭଉଁରିଭିତରକୁ ସ୍ୱୀକାର କରି ତା' ଦେହରେ ହାତ ନ ଦେବାର ଆତ୍ମସଂଯମକୁ କେତେଜଣ ଲେଖକ, ସାହିତ୍ୟିକ, ଅବା କର୍ତ୍ତୃପକ୍ଷ ପାଳନ କରିପାରିବେ ?

ମୋଟ ଉପରେ ଦେଶର ସାହିତ୍ୟକୁ ଚିହ୍ନାଇବାକୁ ହେଲେ ତା'ର ଗୋଟାଏ ମୋଟା ନାମକରଣ ଆବଶ୍ୟକ, ନ ହେଲେ ତା'ର ବୈଶିଷ୍ଟ୍ୟ ଫୁଟି ଉଠିବ ନାହିଁ, ଫଳରେ ରାଷ୍ଟ୍ରୀୟ ଆତ୍ମାଭିମାନ କ୍ଷୁଣ୍ଣ ହେବ, ଏଭଳି ମନୋଭାବ ଅକାରଣ ବୋଲି ମୁଁ କହିବି । ଖାଲି ଦେଶର କାହିଁକି, ଲେଖକବିଶେଷର ଲେଖାକୁ ମଧ୍ୟ ଗୋଟାଏ ସୁଗମ ଓ ସୀମାବଦ୍ଧ ଖୁଆଡ଼ ଭିତରେ ନ ପୂରେଇଲେ (କହିପାର ଖଟୁଲିରେ ନ ବସେଇଲେ) ଅନେକ ସମୀକ୍ଷକ ଭାବନ୍ତି ଯେ ତାଙ୍କର ସମୀକ୍ଷାପଣ ଅଥବା ଲେଖକର ଲେଖକପଣକୁ ଶାନ୍ତି ନାହିଁ । ମୋର ବିନୀତ ଅନୁରୋଧ—ଥାଉ ନା ଅଳ୍ପବହୁତ ଅଶାନ୍ତି, କ୍ଷତି କଅଣ ? ସେଇ କ'ଣ ସତକଥା ନୁହେଁ ? ଅବଶ୍ୟ କହିହେବ ଯେ ଅମୁକ ଲେଖକ ଅଥବା ଅମୁକ ଦେଶର ସାହିତ୍ୟରେ ଏହି କେତୋଟି ଗୁଣ ବିଶେଷ ଭାବରେ ପରିଲକ୍ଷିତ ହୁଏ, ଯଦି ଆସାମୀର ସମସ୍ତ ସାହିତ୍ୟକୁ କଠୋର ଓ ନିରପେକ୍ଷ ଦୃଷ୍ଟିରେ ଦେଖିଲେ ସେହି ସେହି ରଙ୍ଗର ପ୍ରାଧାନ୍ୟ ଫୁଟି ଉଠୁଥାଏ । କିନ୍ତୁ ଦୟାକରି କଥାଟାକୁ ଟାଣେଇ ଦେଲାପରି ସେଥିରେ ଗୋଟାଏ ସହଜ, ସୁନ୍ଦର ଓ ସୁନିର୍ଦ୍ଦିଷ୍ଟ ରଙ୍ଗ ବୋଳି ଦିଅ ନାହିଁ । ସେହି ପ୍ରକାର ଶାନ୍ତିଲାଭର ପ୍ରଲୋଭନରୁ ନିଜକୁ ବଞ୍ଚେଇରଖ । ବ୍ୟକ୍ତିର ତଥା ଦେଶର ସାହିତ୍ୟ ପ୍ରତି ଅନ୍ୟାୟ କର ନାହିଁ । ରାଷ୍ଟ୍ରୀୟ ଆତ୍ମାଭିମାନକୁ ଦୃଢ଼ କରିବା ପାଇଁ ଦେଶର ସାହିତ୍ୟକୁ ମଧ୍ୟ ନିଜତ୍ୱବୋଧର ଗୋଟାଏ ଆଖିଦୁରୁଶିଆ ଓ ବିଶିଷ୍ଟ ପୋଷାକ ପିନ୍ଧେଇବା ଉଚିତ, ମୁଁ ଏଭଳି ସୌନ୍ଦର୍ଯ୍ୟବୋଧ ଅଥବା ଦେଶପ୍ରେମର ଆଗ୍ରହୀ ନୁହେଁ ।

Digitized by srujanika@gmail.com

ମୁଁ ଭାବେ ଯେ ସେଥିରେ ସତ୍ୟର ଅପଳାପ ହେବ ସିନା, ଦେଶ କିମ୍ବା ସାହିତ୍ୟର ମର୍ଯ୍ୟାଦା ବଢ଼ିଯିବ ନାହିଁ ।

ଏହେତୁ ମୋ ମତରେ କବି ମିରୟମ୍ ନିଜକୁ ଧନ୍ଦାଳି ହୋଇ କାନ୍ଦନ୍ତୁ ପଛକେ (କବି ସ୍ୱଭାବରେ ତାଙ୍କର କାନ୍ଦଣା ଅବଶ୍ୟ ଗ୍ରହଣୀୟ), ମାର୍ଗାରେଟ୍ ଆଟ୍‌ଉଡ଼୍ ଓ ରବିନ୍ ମାଥିଉଜ୍ ଆଦି ଗୁଣୀଜ୍ଞାନୀଙ୍କର ଦୁଃସାହସୀ ନାଆଁଦିଆ ପ୍ରବୃତ୍ତି ଏକାନ୍ତ ଅକାରଣ । ଅର୍ଦ୍ଧସତ୍ୟ ମଧ୍ୟ । କ୍ୟାନେଡ଼ାର କର୍ଣ୍ଣଧାରୀ ଆଗନ୍ତୁକମାନଙ୍କୁ ଯେଭଳି ସଂଗ୍ରାମ କରିବାକୁ ପଡ଼ିଛି ପ୍ରକୃତି ସାଙ୍ଗରେ, ଆଦିବାସୀମାନଙ୍କ ସାଙ୍ଗରେ ତଥା ପ୍ରତିଯୋଗୀମାନଙ୍କ ସାଙ୍ଗରେ (ଯୁକ୍ତରାଷ୍ଟ୍ର ଆମେରିକାର ଅଭିଜ୍ଞତାରେ ମଧ୍ୟ ଏହି ପ୍ରକାର ଅନୁଭୂତି ଅଳ୍ପ ବହୁତ ନାହିଁ ବୋଲି କହିହେବ ନାହିଁ), ସେଥିରେ ବଞ୍ଚିରହିବାପଣ ତଥା ସାହଚର୍ଯ୍ୟଭାବ ଉଭୟର ବଳିଷ୍ଠ ଭୂମିକା ରହିଛି । କିନ୍ତୁ ଉଭୟ ଆଂଶିକ ସତ୍ୟ ହେଲେହେଁ କୌଣସିଟି କ୍ୟାନେଡ଼ୀୟ ଜୀବନ ତଥା ସାହିତ୍ୟର ସମ୍ପୂର୍ଣ୍ଣ ଓ ସାର୍ବଭୌମ ନିଦର୍ଶନ ନୁହେଁ । ଅର୍ଥାତ୍ ଏହି "ସତ ଗୁଡ଼ିକ ଛଡ଼ା ଆଉ କିଛି ନାହିଁ, ଅବା ଏଗୁଡ଼ିକ ଉପରେ ଆଉ କେଉଁ ଦେଶର ଅଧିକାର ନାହିଁ, ଏଭଳି ଦାବୀ କରିବସିବା ଅମୂଳକ ।

ଯାହାହେଉ କ୍ୟାନେଡ଼ାର ସାହିତ୍ୟ ମୁଁ ଯାହାକିଛି ପଢ଼ିଛି ଏଇ ଅଳ୍ପ କେତୋଟି ମାସ ଭିତରେ—ସମୟ ଅଭାବରୁ ମୁଁ ଉପନ୍ୟାସଠାରୁ କବିତା ଓ କ୍ଷୁଦ୍ର ଗଳ୍ପ ପଢ଼ିବାର ଅଧିକ ସୁଯୋଗ ପାଇଛି ଏବଂ ମୁଁ ଫରାସୀ-କ୍ୟାନେଡ଼ିଆନ୍ ସାହିତ୍ୟ ପଢ଼ିବାକୁ ଅକ୍ଷମ—ସେଥିରୁ ମୋର ମନେ ହୋଇଛି ଯେ କ୍ୟାନେଡ଼ାର ସାହିତ୍ୟ ଚିନ୍ତା ଓ ଅନୁଭବର ସମ୍ଭାରରେ ସମୃଦ୍ଧ, ଏଥିରେ ଆଦୌ ସନ୍ଦେହ ନାହିଁ । ପୂର୍ବବର୍ଣ୍ଣିତ ଉପରୋକ୍ତ ଗୁଣଦ୍ୱୟ ଅବଶ୍ୟ ଅଛି ଏଇ ସାହିତ୍ୟରେ, କିନ୍ତୁ ଅନ୍ୟାନ୍ୟ ଗୁଣ ମଧ୍ୟ ଅନେକ ରହିଛି, ଲେଖକର ଆପଣା ଅନୁଭବକୁ ନେଇ ଏବଂ ଯେହେତୁ ଚଳନ୍ତି ଶତାବ୍ଦୀରେ ଲେଖକର ଅନୁଭବ ଅଧିକ ପ୍ରସାରିତ, ସାଂପ୍ରତିକ କ୍ୟାନେଡ଼ାର ସାହିତ୍ୟରେ ତଥାକଥିତ 'ବିଶିଷ୍ଟ ଗୁଣ' ସେତିକି ଊଣା ପଡ଼ିଯାଇଛି ବୋଲି ମୋର ମନେହୁଏ । ଦେଖିଲି ସେଇ ନିଃସଙ୍ଗତାବୋଧ, ବିଚ୍ଛିନ୍ନତାବୋଧ, ଜାଗତିକ ଉଦ୍‌ବେଗ, ଚିରାଚରିତ ପ୍ରେମ ଓ ସେକ୍‌ସ୍‌ର ସତମିଛ, ବିଦ୍ରୋହୀ 'ପାପ'ର ବାହାଦୁରୀ ତଥା ଭୟ ଇତ୍ୟାଦି ଯାହା ପ୍ରତ୍ୟେକ ଗଣତାନ୍ତ୍ରିକ ଦେଶର

Digitized by srujanika@gmail.com

ସାହିତ୍ୟରେ ଦେଖିବାକୁ ମିଳିବ । ଏପରିକି ଓଡ଼ିଆ ସାହିତ୍ୟରେ ମଧ୍ୟ ! ଅବଶ୍ୟ ଲେଖାଟି ସମାଜକୈନ୍ଦ୍ରିକ ହୋଇଥିଲେ ଅଧିକ ଭିନ୍ନତା ଆଖିରେ ପଡ଼ିବ, କାରଣ ତାଙ୍କ ସମାଜର ସମସ୍ୟା ଆମଠାରୁ ଯଥେଷ୍ଟ ଭିନ୍ନ । ହୁଏତ ବ୍ୟକ୍ତି-କୈନ୍ଦ୍ରିକ ସାହିତ୍ୟରେ ମଧ୍ୟ କିଛିଟା ଭିନ୍ନତା ଆସିଯିବ ସାଂସ୍କୃତିକ ତାରତମ୍ୟ ହେତୁ । କିନ୍ତୁ ମୋର କହିବା କଥା ଏଇ ଯେ ଆମ ପୃଥିବୀ ଯେତିକି ଏକାଠି ହୋଇ ଆସୁଛି, ସାଂସ୍କୃତିକ ଆଦାନପ୍ରଦାନ ଯେତେ ବେଶୀ ବଢ଼ୁଛି, ଏଇ ଭିନ୍ନତା (ଏଣୁ ବିଶିଷ୍ଟତା) ସେତିକି କମି ଆସୁଛି ଏବଂ ଯେଉଁ ସାଂସ୍କୃତିକ ତାରତମ୍ୟ କଥା କହିଲି ତା' ହୁଏତ ଆସିବ କ୍ୟାନେଡ଼ା ଓ ଓଡ଼ିଶାର ସାହିତ୍ୟ ଭିତରେ । କିନ୍ତୁ ସାଂପ୍ରତିକ କ୍ୟାନେଡ଼ା ଓ ଆମେରିକାର ସାହିତ୍ୟ ଭିତରେ ଆସିବ କି ? ନା ଆସିବ ସାଂପ୍ରତିକ ଓଡ଼ିଶା ଓ ବଙ୍ଗଳାର ସାହିତ୍ୟ ଭିତରେ ? ସଂକ୍ଷେପରେ ଏଇ ହେଉଛି ମୋର ଦୀର୍ଘ ଦେଶ ବିଦେଶର ଅନୁଭୂତି ଏବଂ ଅଧ୍ୟୟନଗତ ନିବେଦନ, ଯାହା ମୁଁ ବାଢ଼ିବାକୁ ଚାହେଁ ମୋ ସୁଧୀସମାଜ ସାମ୍ନାରେ—(୧) ସନ୍ଦେହ ନାହିଁ ଯେ ବର୍ତ୍ତମାନ ସୁଦ୍ଧା ସାଂସ୍କୃତିକ ବାଡ଼ବତା ରହିଛି ବିଶ୍ୱର ବିଭିନ୍ନ ବିଶାଳ ଭୂଖଣ୍ଡ, ଯଥା: ୟୁରୋପ, ଆଫ୍ରିକା, ଭାରତ ଏବଂ ଚୀନ୍ ମଧ୍ୟରେ, ଯେଉଁ ଯେଉଁ ଐତିହ୍ୟକୁ ନେଇ ଏବଂ ସାହିତ୍ୟ ସେଥିରୁ ସଂପୂର୍ଣ୍ଣ ମୁକ୍ତ ହୋଇପାରି ନାହିଁ, (୨) କିନ୍ତୁ ଆମ ପୃଥିବୀ ଅଧିକରୁ ଅଧିକ ଘନିଷ୍ଠ ହୋଇ ଆସୁଛି । ତେଣୁ ସେଇ ବିଭେଦକୁ ନେଇ ଆହୁରି ଘନିଷ୍ଠ ଘନିଷ୍ଠ କାଆରି ବାଣ୍ଟିବା ଅନାବଶ୍ୟକ । ଅନ୍ତତଃ ସେ ଦିଗରେ ବିଶେଷ ସତର୍କ ହେବାକୁ ପଡ଼ିବ ଏବଂ କ୍ଷମା କରିବେ, ଦେଶ ଓ ଦେଶ ତଥା ଅଞ୍ଚଳ ଓ ଅଞ୍ଚଳର ସାହିତ୍ୟ ଭିତରେ ଭିନ୍ନତା ଦର୍ଶାଉଥିବା ପଣ୍ଡିତମାନଙ୍କର ବକ୍ତବ୍ୟ ଅଧିକାଂଶ କ୍ଷେତ୍ରରେ କେବଳ 'ଶାନ୍ତିକାମୀ' ଅଥବା 'ଦେଶପ୍ରେମୀ' ବୋଲି ମୋର ମନେହୁଏ !

ଏଇଠି ପ୍ରଶ୍ନ ଉଠେ ଯେ ସାଂପ୍ରତିକ ଭାରତର ସାହିତ୍ୟ କେତେଦୂର ଭାରତୀୟ ? ସାଂପ୍ରତିକ ଓଡ଼ିଶାର ସାହିତ୍ୟ କେତେଦୂର ଓଡ଼ିଆ ଏବଂ କାହାକୁ କେଉଁ ନାଆଁ ଦେବା ?

ପ୍ରଶ୍ନଗୁଡ଼ିକର ବିସ୍ତାରିତ ଉତ୍ତର ଦେବାର ଅବକାଶ ନାହିଁ ଏଇ ଲେଖାରେ । ତେବେ ମୁଁ ଅଳ୍ପକରେ କହିବାକୁ ଚାହେଁ ଯେ ଜାତୀୟ ଆତ୍ମାଭିମାନର ପରିପ୍ରେକ୍ଷୀରେ ମୋତେ ମଧ୍ୟ ମୋର ନିଜତ୍ୱବୋଧକୁ

Digitized by srujanika@gmail.com

ଖୋଜିବାକୁ, ଲୋଡ଼ିବାକୁ ଓ ଆବିଷ୍କାରିବାକୁ ପଡ଼େ, ଯେହେତୁ ମୋ ଦେଶର ସମାଜ ନାନା ଜାତି, ଭାଷା ଓ ଶ୍ରେଣୀରେ ବିଭକ୍ତ ଏବଂ ସାହିତ୍ୟ କ୍ଷେତ୍ରରେ ମୋର ଦୁଃଖ ଓ ବ୍ୟାକୁଳତା ଆହୁରି ଅଧିକ, ଯାହା ପ୍ରଫେସର ଫ୍ରାଏ ବୁଝିବେ ନାହିଁ । କାରଣ ଏଠି ମୋ ସମାଜ କେବଳ ବିଭକ୍ତ ନୁହେଁ, ବିଘାର୍ଣ୍ଣ ବୋଲି ମନେହୁଏ । ବିଘାର୍ଣ୍ଣ ଓ ରକ୍ତସ୍ରାବୀ । ଯେହେତୁ ମୋ ସମାଜର ପ୍ରାୟ ଅର୍ଦ୍ଧେକ ନିର୍ଦ୍ଧନ ଓ ନିରକ୍ଷର, ଯେଉଁମାନେ ମୋ ସାହିତ୍ୟର ଧାର ଧାରନ୍ତି ନାହିଁ । ମୁଁ ମୋର ଏଇ ଦୁଃଖ ଅଜାଡ଼ି ଦେଇଛି ମୋ "ଲେଖକର ସଂସାର" ବହିରେ ସଂଗୃହୀତ ପ୍ରବନ୍ଧ "ମୋ ଦେଶ, ମୋ ସାହିତ୍ୟ"ରେ, ଯାହାର ମୂଳ ଇଂରାଜୀ ଲେଖା ମୁଁ ପଢ଼ିଥିଲି ଆଡିଲେଡ୍, ଅଷ୍ଟ୍ରେଲିଆରେ ଅନୁଷ୍ଠିତ "ଆନ୍ତର୍ଜାତିକ ଲେଖକ ସପ୍ତାହ"ରେ, ୧୯୮୦ ମସିହାରେ । ଏବେ ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆର Dept. of Asian Studies ଦ୍ୱାରା ଆୟୋଜିତ ଗୋଷ୍ଠିଏ ସଭାରେ ଭାଷଣ ଦେଲାବେଳେ ମଧ୍ୟ ମୁଁ ମୋର ଏଇ ଦୁଃଖବୋଧକୁ ଲୁଚେଇ ରଖିପାରି ନାହିଁ । ତେବେ କଥା ହେଉଛି ଯେ ମୋର ଏଇ ଖଣ୍ଡିଏ ଚେତନା-ଗ୍ରସ୍ତ ସାହିତ୍ୟକୁ ଭିନ୍ନ ଓ ବିଶିଷ୍ଟ ବୋଲି କହିବା ନା ନାହିଁ ? କିଛି ଗୋଟାଏ ନାଆଁ ଦେବା ନା ନାହିଁ ? ନାମକରଣର ପ୍ରଗଲ୍‌ଭତା ଓରଫ୍ ପିଲାଳିଆମିରେ ମୁଁ ପଡ଼ିବାକୁ ନାରାଜ । କିନ୍ତୁ ମୁଁ ନିଶ୍ଚୟ କହିବି ଯେ ଏବେ ମଧ୍ୟ ସାଂସ୍କୃତିକ ତାରତମ୍ୟ ଅନୁଯାୟୀ ଭାରତୀୟ ସାହିତ୍ୟର ମୌଳିକ ଭାବଭାବନା ପାଶ୍ଚାତ୍ୟ ସାହିତ୍ୟରୁ କିଛିଟା ଭିନ୍ନ ହୋଇ ରହିଛି । ଯାହାକୁ ମୋଟାମୋଟି ସଂକୋଚ କିମ୍ବା ସଂଯମ କୁହାଯିବ । (ସେହି ପ୍ରକାର ଦାବୀ କରୁଥିବା ଅଣସାହିତ୍ୟ କଥା କହୁ ନାହିଁ, ଯାହାର ଅନ୍ୟ ନାଆଁ ଶଠତା) କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଉପରୋକ୍ତ କାରଣରୁ ଏଇ ଭିନ୍ନତା କମି କମି ଆସୁଛି ଏବଂ ଆହୁରି କମିଯିବାକୁ ବାଧ୍ୟ । ତେଣୁ ମୋର ସବିନୟ ନିବେଦନ ଯେ ଏଇ ସ୍ୱାଭାବିକ ଏବଂ ପ୍ରଗତିଶୀଳ କ୍ରମକୁ ବ୍ୟାହତ କରନାହିଁ । ଲେଖକ ସମାଜ ଉପରେ ତଥାକଥିତ ଭାରତୀୟତାକୁ ଲଦି ଦିଅ ନାହିଁ । ଜାତୀୟତାର ଦୋହାଇଦେଇ ଭାରତକୁ ବିଚ୍ଛିନ୍ନ କରିଦିଅ ନାହିଁ । ବିଶ୍ୱଠାରୁ କିମ୍ବା ତା'ର ଆନ୍ତରିକ ବିବିଧତାକୁ କୌଣସିମତେ ମିଳେଇ ମିଶେଇ ଦେବାକୁ ଚେଷ୍ଟା କର ନାହିଁ । ସାହିତ୍ୟକୁ ସ୍ୱାଧୀନ ଓ ସ୍ୱଚ୍ଛନ୍ଦ ହୋଇ ରହିବାକୁ ଦିଅ । ଏ ଦେଶର ସାହିତ୍ୟ ସବୁଦିନେ ଏ ଦେଶର ହୋଇ ରହିବ । ଏଇ କ'ଣ ଯଥେଷ୍ଟ ନୁହେଁ ଯେ

Digitized by srujanika@gmail.com

ତାଙ୍କୁ କେଉଁ ଏକ ନିର୍ଦ୍ଦିଷ୍ଟ ପାରମ୍ପରିକ ବାଡ଼ବତା ଭିତରେ ବନ୍ଦୀ ହୋଇ "ଏ ଦେଶୀୟ" ହେବାକୁ ପଡ଼ିବ, ନ ହେଲେ ଆମ ଆତ୍ମସମ୍ମାନକୁ ବାଧା ହେବ ?

ବିଶ୍ୱସାହିତ୍ୟର ପରିପ୍ରେକ୍ଷୀରେ ଯାହା ଭାରତୀୟ ସାହିତ୍ୟ ବିଷୟରେ କହିଲି, ତାହା ଓଡ଼ିଆ ସାହିତ୍ୟ ପ୍ରତି ମଧ୍ୟ ଭାରତୀୟ ସାହିତ୍ୟର ପରିପ୍ରେକ୍ଷୀରେ ପ୍ରଯୁଜ୍ୟ । ବିଶେଷତଃ ସାଂପ୍ରତିକ ସାହିତ୍ୟର ମାନଚିତ୍ରରେ । କାରଣ ଭାଷା ଓ ଗୃହଚଳଣିର କେତୋଟି ବାହ୍ୟିକ ପୋଷାକ ଛଡ଼ା ଆମ ଆମ ଭିତରେ କିଛି ବିଶେଷ ପ୍ରଭେଦ ଅଛି କି, ଯାହା ଭାବଭାବନାରେ ଭିନ୍ନତା ଆଣିଦେବ ? ଆମ ଶ୍ରେଣୀଗତ ସଂସ୍କୃତିର ବିଭେଦ ସର୍ବଭାରତୀୟ, ଆଞ୍ଚଳିକ ନୁହେଁ । ତା'ର ବିସାଦକତାର ଦୋସର । ଅଳମିତି ବିସ୍ତାରେଣ ।

କ୍ୟାନେଡ଼ୀୟ ସାହିତ୍ୟକୁ ଫେରି ଆସିବା ଓ ବିଦାୟ ନେବା ତାଙ୍କଠାରୁ । ଏଇଠି ମୁଁ ଖ୍ୟାତିପ୍ରାପ୍ତ ସାଂପ୍ରତିକ କ୍ୟାନେଡ଼ୀୟ କବିମାନଙ୍କ ମଧ୍ୟରେ ଅପେକ୍ଷାକୃତ କନିଷ୍ଠ ମନେ ହେଉଥିବା କବି Michael Ondatigeଙ୍କ କବିତା "ଚିଠି ସବୁ ଏବଂ ଅନ୍ୟାନ୍ୟ ସଂସାର" (Letters and other words)ରୁ କେତୋଟି ପଙ୍‌କ୍ତି ଅନୁବାଦ କରିବାର ସାହସ କରୁଛି ।

> ମୋ ବାପାଙ୍କର ଦେହ ଥିଲା ଏକ ଭୟର ଭୂଲୋକ
> ତାଙ୍କ ଦେହ ଥିଲା ସହର ଗୋଟାଏ,
> ଯାହାକୁ ମୋଟେ ଚିହ୍ନିହେଲା ନାହିଁ
> ସେ ଆମକୁ ଲୁଚେଇଲେ ଯେ ସେ ବୁଲି ଆସିଛନ୍ତି
> ଆମେ ଯାଉଛୁ ଯୁଆଡ଼େ;
> ତାଙ୍କ ଚିଠି ଭିତରେ ସେ କ୍ୱଚିତ୍ ରହୁଥିଲେ
> ଯେମିତିକି ଖୋଳରେ ବଢ଼ିବ ତାଙ୍କ ସ୍ନେହଗ୍ରନ୍ଥିକି
> ଆମ ପାଇଁ···
> ଖାଲି ଆମ ପାଇଁ ।

ମୁଁ ଯଦି କୁହେ ଯେ ଏଇ କବିତାଟିକୁ ଜଣେ ଓଡ଼ିଆ କବି ତଥା ପିତୃସନ୍ତାନ ଲେଖିଲା ପରି ମନେ ହେଉଛି, ତା'ହେଲେ କ'ଣ ନିହାତି ଭୁଲ୍ ହେବ ?

Digitized by srujanika@gmail.com

କୋମାଗାଟା ମାରୁ

ଜୁଲାଇ ୨୩, ୧୯୮୯ । ଭ୍ୟାଙ୍କୋଭର୍‌ରେ ଗୋଟିଏ ମନୋରମ ସୁନେଲି ପୂର୍ବାହ୍ନ । ମୁଁ ସେଦିନ ସପରିବାର ଡାଉନ୍‌ଟାଉନ୍‌ରେ ଘୂରି ବୁଲିବାକୁ ବାହାରି ପଡ଼ିଥିଲି । ରବ୍‌ସନ୍ ସ୍କୋୟାର୍‌ର ଫୁଆରା ପାଖରେ ବସି ଏଇ ମନୋରମ ନଗରୀର ବିନ୍ଧାଣିମାନଙ୍କୁ ଭୂରି ଭୂରି ପ୍ରଶଂସା କରି, ଇଟନ୍ ଷ୍ଟୋର୍‌ର ବିରାଟ ନବତଳ ପ୍ରାସାଦରେ ଉଚିତରୁ ଅଧିକ କିଣାକିଣି କରିବାକୁ ବାଧ ହୋଇ, ରବ୍‌ସନ୍ ଷ୍ଟ୍ରୀଟ୍‌ରେ ଥିବା 'ପ୍ରେମ ଦୋକାନ'ରେ ଉଙ୍କି ମାରି (ଭାବିଲି ଆଉଦିନେ ଆସିବି ଏକୁଟିଆ), ଶେଷକୁ ଅନିଚ୍ଛାସତ୍ତ୍ୱେ ପାରିବାରିକ କାମର ଦାୟିତ୍ୱକୁ ସ୍ୱୀକାର କରି ଫେରି ଆସୁଥିଲି ଘରମୁହାଁ । 'ସ୍କାଇ-ଟ୍ରେନ୍' ଧରିବା ପାଇଁ ଓ ପିଲାମାନେ ମୋତେ ତରତର କରୁଥିଲେ ଯଥାସମୟରେ ରାସ୍ତା ପାରିହେବା ପାଇଁ, ଏଇ ସମୟରେ ଜଣେ କିଏ ମୋ ହାତରେ ଗୋଟିଏ କାଗଜ ଗୁଞ୍ଜି ଦେଲା । ମୋର ସ୍ତ୍ରୀ ବିଦ୍ରୂପର ହସ ହସିଲେ, କହିଲେ— ପୁଣି ଗୋଟାଏ କାଗଜ ଗୋଟେଇଲଣି ନା ? ହସିବାର ଉପସ୍ଥିତ କାରଣ ହେଉଛି ଯେ କିଛି ସମୟ ପୂର୍ବରୁ ମୁଁ ଏହି ପ୍ରକାର ଆଉ ଗୋଟିଏ କାଗଜ ଗୋଟେଇ-ଥିଲି, ଯେଉଁଥିରେ ଲେଖା ଥିଲା ଯେ ଯୀଶୁ ପୁଣି ଆସି ପହଞ୍ଚିବା ଉପରେ ଓ ମୋତେ ପଚରା ହୋଇଥିଲା ମୁଁ ସେଥିପାଇଁ ପ୍ରସ୍ତୁତ କି ନୁହେଁ । ପ୍ରସ୍ତୁତିର ଅର୍ଥ ତାଙ୍କ ସଂସ୍ଥାକୁ ଚାନ୍ଦା ଦେବା । କିନ୍ତୁ ମୋତେ ଏଭଳି କାଗଜରୁ ଜନମନ-ବୈଚିତ୍ର୍ୟର ଯେଉଁ ଝଲକ ମିଳେ, ତାହା ହଜାରେ ସୁଚିନ୍ତିତ ସାରଗର୍ଭକ ବହିରୁ କିଛି କମ୍ ବୋଲି ମନେହୁଏ ନାହିଁ । ତେଣୁ ପ୍ରତ୍ୟେକ ବିଜ୍ଞାପନ-ନିମନ୍ତ୍ରଣ-ଉଦ୍‌ବୋଧନପତ୍ରର ହାତଗୁଞ୍ଜାକୁ ମୁଁ ସ୍ୱୀକାର କରେ । ତାକୁ

Digitized by srujanika@gmail.com

ମନଦେଇ ପଢ଼େ । ମଜା ଲାଗେ । ସେଇଠୁ ତାକୁ ମୋଡ଼ମାଡ଼ ଫିଙ୍ଗିଦିଏ କି ଯାହା କରେ ସେ ଭିନ୍ନ କଥା ।

କିନ୍ତୁ ଏଇ କାଗଜଟିକୁ ଯେତେବେଳେ ପଢ଼ିଲି ମୋତେ ମୋଟେ ମଜା ଲାଗିଲା ନାହିଁ । ଅପରନ୍ତୁ ରାଗ ଲାଗିଲା । କାହିଁକିନା ଏଥିରେ ମୁକ୍ତିକାମୀ ସ୍ୱାଧୀନଚେତା ଭ୍ୟାଙ୍କୋଭର୍‌ବାସୀଙ୍କୁ ଆହ୍ୱାନ କରା ହୋଇଥିଲା । ଯେ ଆଜକୁ ଠିକ୍ ୭୫ ବର୍ଷ ପୂର୍ବେ ଜୁଲାଇ ୨୩, ୧୯୧୪ରେ 'କୋମାଗାଟା ମାରୁ' ନାମକ ଜାହାଜରେ ଆସି ପହଞ୍ଚିଥିବା ଯାତ୍ରୀମାନଙ୍କୁ ବେଆଇନ୍ ଓ ଜଘନ୍ୟ ଭାବରେ ଫେରାଇ ଦିଆ ହୋଇଥିଲା, କାରଣ ସେମାନେ ଭାରତରୁ ଆସିଥିଲେ କ୍ୟାନେଡ଼ାରେ ଘର କରି ରହିବା ପାଇଁ ଏବଂ ଜାତିଭେଦବାଦୀ ଗୋରା ସରକାର କହିଲେ— ନାହିଁ, ନାହିଁ, ନାହିଁ । ତୁମେ ମଲେ ମର ପଛକେ, ନାହିଁ । ତୁମେ ଆସି ରହିପାରିବ ନାହିଁ ଆମ ଦେଶରେ । ତେଣୁ ଆଜିକାର ଶୋଭାଯାତ୍ରାରେ ଯୋଗ ଦିଅ, ଭାଇ ଓ ଭଉଣୀମାନେ ! ସେଇ ଦିନଟିକୁ ସ୍ମରଣ କର, ପ୍ରତିବାଦ ଜଣାଅ ଓ ଚେତାବନୀ ଦିଅ ଆଜିର ସରକାରକୁ··· ଇତ୍ୟାଦି ।

ତାଙ୍କୁ ଆସିବାକୁ ଦିଆହେଲା ନାହିଁ କାରଣ ସେମାନେ ଆସିଥିଲେ ଭାରତରୁ । ଯେକୌଣସି ଗୋରା ଦେଶରୁ ଆସିଥିଲେ ଏକଥା ହୁଅନ୍ତା ନାହିଁ । ମୁଖ୍ୟତଃ ଏଇ ହେଉଛି କ୍ରୋଧ ଓ ଅପମାନର ହେତୁ । ସେମାନେ କେତେଦିନ ଭୋକ ଉପାସରେ ରହିଲେ, ପୋଲିସ୍ ଓ ନୌସେନା କିଭଳି ଅତ୍ୟାଚାର କଲେ ତାଙ୍କ ଉପରେ, ଆଇନ୍ ତାଙ୍କ ସପକ୍ଷରେ ଥିଲା କି ବିପକ୍ଷରେ, ଏ ସବୁର ବିଚାର ଆନୁଷଙ୍ଗିକ । ମୋର ମନେପଡ଼ିଲା ଦିଲ୍ଲୀରେ କ୍ୟାନେଡ଼ିଆନ୍ ହାଇକମିସନ୍ ସାମ୍ନାରେ 'ଭିସା' ପାଇଁ ଧାଡ଼ି ବାନ୍ଧିଥିବା ମାଗନ୍ତାଙ୍କ ଦୃଶ୍ୟ । ମୁଁ ମଧ୍ୟ ସେଇ ଧାଡ଼ିରେ ଠିଆ ହୋଇଥିଲି ଏଠିକି ଆସିବା ପାଇଁ ଓ ମୁଁ ମୋ ଅଭିଜ୍ଞତାର କାହାଣୀ ଶୁଣେଇଛି ଏକ ପୂର୍ବବର୍ତ୍ତୀ ଅଧ୍ୟାୟରେ, ଯାହାର ନାଆଁ 'ତାଙ୍କର ଭିତରୁ ଜଣେ' । ଆଜି ସେଇ କାଗଜଖଣ୍ଡିକ ପଢ଼ି ମୁଁ ଉକ୍ତ ଶିରୋନାମାଟିକୁ ଦୋହରେଇଲି । ହଁ, ମୁଁ ତାଙ୍କର ଭିତରୁ ଜଣେ । ଆଜି ନୁହେଁ, ଆଜକୁ ପଚସ୍ତରିବର୍ଷ ହେଲା କିମ୍ବା ତା ପୂର୍ବରୁ । ଇତିମଧ୍ୟରେ ଆଇନ୍ ଅବଶ୍ୟ ବଦଳିଛି । ସମକାଳୀନ ଜଗତର ଶାନ୍ତି-ମୈତ୍ରୀ ହାଉଆ ତଥା ଆପଣା ସ୍ୱାର୍ଥଦୃଷ୍ଟିରୁ କ୍ୟାନେଡ଼ା ସରକାର ତାଙ୍କ 'ଘରେ ପୂରେଇବା ନୀତି'କୁ ଯଥେଷ୍ଟ

Digitized by srujanika@gmail.com

କୋଳାହଳ କରି ସାରିଲେଣି । ତଥାପି···ତଥାପି ରହିଛି ଏଇ ଭେଦଭାବ, ଅନ୍ତଃକରଣର ପ୍ରବୃତ୍ତି, ଯେ ତାଙ୍କ ଦେଶ ଯେତେ ଗୋରା ହୋଇ ରହିବ ସେତେ ଭଲ । ସତ ନା ମିଛ ? ସତ ନା ମିଛ ?? କ୍ରୋଧରେ ମୁଁ ସ୍ୱଗତ ପଚାରିଦେଲି ଏଇ ପ୍ରଶ୍ନ କ୍ୟାନେଡ଼ାର ସୁଧୀସମାଜକୁ ଏବଂ କହିଲି ଯେ ମୋର ପଚାରିବାର ବିଶେଷ ଅଧିକାର ଅଛି, କାହିଁକନା ମୁଁ ତୁମ ଦେଶରେ ବନ୍ଧ ବାନ୍ଧିଛି । ଭାବିଲି ମୁଁ ବି ଶୋଭାଯାତ୍ରାରେ ଯୋଗ ଦେବି । ଜଣେଇଦେବି ନିଜକୁ ଓ ମୋର ଭାରତୀୟ ଭାଇ ଭଉଣୀଙ୍କୁ ଯେ ମୁଁ ମଧ୍ୟ ଜଣେ କ୍ରୋଧୀ ଓ ପ୍ରତିବାଦୀ । ମୁଁ ମଧ୍ୟ କହୁଛି ଯେ ଆଉ ଚଳିବ ନାହିଁ ଏଇ ନୀତି, ଏଇ ଜାତିଗତ ଭେଦଭାବ, ବର୍ଣ୍ଣବୈଷମ୍ୟ ଇତ୍ୟାଦିର ଅନ୍ୟାୟ ଅବିଚାର···

ମୋର କ୍ରୋଧ ମୋତେ ପ୍ରକୃତରେ କେଉଁଆଡ଼େ ନେଇ ଯାଇଥାଆନ୍ତା କହିପାରୁ ନାହିଁ । ତେବେ କାଗଜଖଣ୍ଡିକ ପୁରା ପଢ଼ିସାରିଲା ପରେ ମୁଁ ଦେଖିଲି ଯେ ମୋର ତାଙ୍କ ସାଙ୍ଗରେ ଯୋଗ ଦେବାର ପ୍ରଶ୍ନ ଉଠୁ ନାହିଁ । ପୂର୍ଣ୍ଣଚ୍ଛେଦ ।

ହଠାତ୍ ମୁଁ କାହିଁକି ଏମିତି ଓଲଟିଗଲି ତା'ର ସଫେଇ ଦେବା ପୂର୍ବରୁ ମୁଁ କହିରଖେ ଏଇ 'କୋମାଗାଟା ମାରୁ' ଘଟଣାଟି କଅଣ । କିଭଳି ଇତିହାସର ସ୍ମରଣିକା ଏବଂ ତାହା କେଉଁଦିନର ।

କେବେଠୁଁ ଆମ ଇତିହାସର ଆରମ୍ଭ ? ଆମେ କ'ଣ ପ୍ରଥମେ ଆସିଲୁ ଏଇ ଶତାବ୍ଦୀର ଆରମ୍ଭ ବେଳକୁ, କହିବାକୁ ଗଲେ ଯିବା ପଛରେ, ବିଶେଷତଃ ଆମ ପ୍ରତିଦ୍ୱନ୍ଦ୍ୱୀ ଚୀନାମାନଙ୍କ ପରେ ଓ ସେଇଥିପାଇଁ ଏମାନେ ଏମିତି ଅସହିଷ୍ଣୁ ହୋଇ ଉଠିଲେ ? ସତେକି ଆଉ ସହି ହେଲା ନାହିଁ ଅପର ଅଣ-ଗୋରାମାନଙ୍କ ଅନୁପ୍ରବେଶ ? ହୋଇଥିବ । କିନ୍ତୁ ଏହି ସନ୍ଦର୍ଭରେ ମୁଁ ଗୋଟିଏ ଚମତ୍କାରପ୍ରଦ ତଥ୍ୟର ଚ୍ୟାଲେଞ୍ଜ୍‌କୁ ହସି ଉଡ଼େଇ ଦେଇ ପାରୁ ନାହିଁ । ଯେ ଆମେରିକାର ମିଛ ଇଣ୍ଡିଆନ୍ ଅର୍ଥାତ୍ ତଥାକଥିତ ନେଟିଭ୍ ଇଣ୍ଡିଆନ୍-ମାନେ ପ୍ରକୃତରେ ସତ ଇଣ୍ଡିଆନ୍‌ମାନଙ୍କ ବଂଶଧର ! ଭ୍ରାନ୍ତ କଲମ୍ବସ୍ ନୁହେଁ, ଆମେହିଁ ଉତ୍ତର ଓ ଦକ୍ଷିଣ ଆମେରିକାକୁ ଆବିଷ୍କାର କରିଛୁ ଖ୍ରୀଷ୍ଟପୂର୍ବ ୨୦୦୦।୩୦୦୦ ବର୍ଷ ତଳେ ଏବଂ ଆମେହିଁ ଯୋଗାଇଛୁ ଏହି ବିରାଟ ନୂଆ ପୃଥିବୀକୁ ମଣିଷଜାତିର ପ୍ରଥମ କଳା, କୌଶଳ, ପୂଜା ଓ ପ୍ରାର୍ଥନା !

ବିଶ୍ୱାସ ନ କଲେ ନାହିଁ ଯେ ଅର୍ଜୁନ ଯେଉଁ "ପାତାଳ ଦେଶ"କୁ ଜୟ କରିଥିଲେ ବୋଲି ପୁରାଣରେ ଅଛି, ସେ ଏଇ ଆମେରିକା । କାରଣ

Digitized by srujanika@gmail.com

ଇଏ ହେଉଛି ପୌରାଣିକ କଳ୍ପନାବିଳାସ, ଇତିହାସ ନୁହେଁ । କିନ୍ତୁ ସହଜରେ ବିଭିନ୍ନ ଗୁଣୀଜ୍ଞାନୀମାନଙ୍କର ତଥ୍ୟସମ୍ବଳିତ ଅନୁମାନକୁ ଅସ୍ୱୀକାର କରି ହେଉ ନାହିଁ ଯେ ସମ୍ଭବତଃ ହିନ୍ଦୁମାନେ ହିଁ ପ୍ରଥମେ ଆସିଛନ୍ତି ଏଠିକି, ତେଣୁ ଆମେ 'ପୁଣି' ଆସି ପହଞ୍ଚିଲୁ ବୋଲି କହିବାକୁ ହେବ ଏବଂ ସେହେତୁ ଅଗ୍ରାଧିକାରର ଆଇନ୍ ଆମ ପ୍ରତି ପ୍ରଯୁଜ୍ୟ, ଇଂରେଜ-ଫ୍ରେଞ୍ଚ୍-ସ୍ପାନିଶ୍ ଆଦି ଗୋରାମାନଙ୍କ ପ୍ରତି ନୁହେଁ । ଅଦାଲତରେ ଗୃହୀତ ହେଲାପରି ଅକାଟ୍ୟ ପ୍ରମାଣ ଅଛି କି ନାହିଁ କହି ହେବ ନାହିଁ, ତେବେ ପ୍ରମାଣତୁଲ୍ୟ ଅନେକ ବଳିଷ୍ଠ ସୂଚନା ମିଳୁଛି ଏହାର ସପକ୍ଷରେ, ଏଥିରେ ସନ୍ଦେହ ନାହିଁ । ସେଥିରୁ କେତୋଟି ଏହି ପ୍ରକାର :

—ପ୍ରାଚୀନ ଆଜ୍‌ଟେକ୍ ଓ ଇଙ୍କା ସଭ୍ୟତାର ଯେଉଁ ନିଦର୍ଶନ ରହିଯାଇଛି ମଧ୍ୟ ଓ ଦକ୍ଷିଣ ଆମେରିକାରେ, ସେଥିରେ ହିନ୍ଦୁର ସ୍ୱାକ୍ଷର ସୁସ୍ପଷ୍ଟ । ଯଥା: ଧରଣୀମାତାଙ୍କ ପୂଜା; ଶିବ, କାଳୀ ଓ ଗଣେଶଙ୍କ ପରି ରୂପଗୁଣବିଶିଷ୍ଟ ଦେବଦେବୀ; କଚ୍ଛପ ପିଠିରେ ପୃଥିବୀ ଓ ପ୍ରଳୟର କଳ୍ପନା ଏବଂ ଅଦ୍ୟାବଧି ପେରୁରେ ରାମ ଓ ସୀତାଙ୍କୁ ନେଇ ବାର୍ଷିକ ଧର୍ମୋତ୍ସବ ।

—ଇଙ୍କା ଭାଷା ଓ ସଂସ୍କୃତର ସାମଞ୍ଜସ୍ୟ । ଭାଷାବିତ୍‌ମାନେ କୁହନ୍ତି ଯେ ଇଙ୍କା ଭାଷାରେ ଏକହଜାରରୁ ଊର୍ଦ୍ଧ୍ୱ ସଂସ୍କୃତ ଶବ୍ଦର ଧାତୁରୂପ ରହିଛି ।

—ଇଙ୍କା ସାହିତ୍ୟରେ ହିନ୍ଦୁ ପୁରାଣର ସତ୍ତା । ସ୍ପାନିଶ୍ ଭାଷାବିତ୍ ଲୋପେଜ୍‌ଙ୍କ ଭାଷାରେ "ଇଙ୍କା କବିତାର ପ୍ରତି ପୃଷ୍ଠାରେ ରାମାୟଣ ଓ ମହାଭାରତର ଛାପ ରହିଛି" ।

ଏହିଭଳି ଅନେକ ଲକ୍ଷଣ ଯାହାର ଖିଅ ଧରିଲେ ପ୍ରାଚୀନ ହିନ୍ଦୁଧର୍ମ ଓ ସଂସ୍କୃତି ପାଖରେ ପହଞ୍ଚିବା ଅନିବାର୍ଯ୍ୟ ଏବଂ ଏହି ସିଦ୍ଧାନ୍ତରେ ଯେଉଁ-ମାନେ ପହଞ୍ଚିଛନ୍ତି ବିଭିନ୍ନ ଦିଗରୁ ଗବେଷଣା କରି, ସେମାନେ କେହି କଳ୍ପନାବିଳାସୀ 'ଦେଶପ୍ରେମୀ' ନୁହଁନ୍ତି । ଭାରତୀୟ ଚମନ୍‌ଲାଲ୍, ହରବିଳାସ ଶାରଦା ଆଦି ଲେଖକମାନଙ୍କୁ ହୁଏତ ସାପେକ୍ଷତା ଦୋଷରେ ଦୂଷିତ ବୋଲି କୁହାଯାଇପାରେ, କିନ୍ତୁ ଏକାଧିକ ବିଦେଶୀ ଐତିହାସିକ-ଗବେଷକମାନଙ୍କ ମତାମତକୁ କାଳ୍ପନିକ ଓ ଏକତରଫା ବୋଲି କହିହେବ ନାହିଁ । ଏମାନଙ୍କ ମଧ୍ୟରୁ କେତେକ ଉଲ୍ଲେଖନୀୟ ବ୍ୟକ୍ତି ହେଉଛନ୍ତି— ପେରୁରେ ଅବସ୍ଥିତ ପୂର୍ବତନ ମାର୍କିନ୍ ରାଜଦୂତ Miles Poindexter, ମେକ୍ସିକାନ୍ ଲେଖକ

Digitized by srujanika@gmail.com

Squeir, ଜର୍ମାନ୍ ଗବେଷକ Bailley, ସ୍ପାନିଶ୍ ଭାଷାବିତ୍ Lopez ଓ ଜର୍ମାନ୍ ବୈଜ୍ଞାନିକ Baron Hamboldt ।

କେଉଁ ବାଟେ ଆସିଥିଲୁ ଆମେ ? ଭୂତତ୍ତ୍ୱବିତ୍‌ମାନଙ୍କ ମତରେ ଏସିଆ ଓ ଆମେରିକା ମଝିରେ ଥିବା ବେରିଙ୍ଗ୍ ଷ୍ଟ୍ରେଟ୍ ନାମକ ଜଳପ୍ରଣାଳୀ ନ ଥିଲା ସେଇ ପ୍ରାଗୈତିହାସିକ ଯୁଗରେ । ତେଣୁ ହରବିଳାସ ଶାରଦା ଏବଂ ଅନ୍ୟାନ୍ୟ କେତେକ ଐତିହାସିକମାନଙ୍କ ମତରେ ଏସିଆରୁ ନାନା ଜାତିର ଲୋକେ ଏଇ ବାଟେ ଆସିଥିବେ ଆମେରିକାକୁ, ଆଲାସ୍କା ବାଟ ଦେଇ ଏବଂ ସେଇଠୁ ବ୍ରିଟିଶ୍ କଲମ୍ବିଆ, ଓରେଗନ୍ ଓ କାଲିଫର୍ଣ୍ଣିଆର କୂଳେ କୂଳେ ଆସି ମଧ୍ୟ-ଆମେରିକାକୁ । ଏହି ପରିପ୍ରେକ୍ଷୀରେ କୁହାଯାଏ ଯେ ସେହି ସମୟରେ ଆଲାସ୍କା କିମ୍ବା ବ୍ରିଟିଶ୍ କଲମ୍ବିଆ ବରଫାବୃତ ହୋଇ ରହୁ ନ ଥିଲା ଏବଂ ଅନ୍ତତଃ ଖ୍ରୀଷ୍ଟପୂର୍ବ ୭୦୦୦ ମସିହା ବେଳକୁ ଏହି ସବୁ ଅଞ୍ଚଳରେ ମଣିଷମାନେ ବସବାସ କରି ରହୁଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଛି । ତାହାହେଲେ କିଏ ଜାଣିଛି, ଆମେ ହୁଏତ ପ୍ରଥମେ ଏଇବାଟେ ଆସିଥିଲୁ ଏବଂ ଇତିହାସର କ୍ରୂର ବିଡ଼ମ୍ବନା ଯେ ଏ ଯୁଗର ଭାରତୀୟମାନଙ୍କୁ ମଧ୍ୟ ପ୍ରଥମେ ଏଇ ପଶ୍ଚିମ ଉପକୂଳ ସବୁଠାରୁ ଅଧିକ ଉପଯୋଗୀ ମନେହେଲା । ସେହେତୁ ଏହିଠାରେ ହିଁ 'କୋମାଗାତା ମାରୁ'ର ଘୋର ଲାଞ୍ଛନା ସହିବାକୁ ପଡ଼ିଲା !

ଅବଶ୍ୟ ମଧ୍ୟଯୁଗରେ ଏସିଆରେ ବୌଦ୍ଧଧର୍ମର ପ୍ରସାର ପରେ କେତେକ ବୌଦ୍ଧ ପ୍ରଚାରକମାନେ ଚୀନ୍-ଜାପାନରୁ ମଧ୍ୟଆମେରିକାକୁ ଆସିଥିଲେ ବୋଲି ଅନୁମାନ କରାଯାଏ । ମାଛଧରା ଓ ନୌବାଣିଜ୍ୟ ସୂତ୍ରରେ ମଧ୍ୟ ସେମାନଙ୍କର ପରିଚୟ ଥିଲା ଆମେରିକା ସାଙ୍ଗରେ । ଅନ୍ତତଃ ଭାରତକୁ ଆସିଥିବା ଚୀନ୍ ପରିବ୍ରାଜକ ଫାଏ-ହାନ୍ ମେକ୍ସିକୋକୁ ଆସିଥିଲେ ଓ ସେତେବେଳେ ଚୀନ୍ ଜାପାନର ଲୋକମାନଙ୍କ ପାଇଁ ଆମେରିକା 'ଫୁ-ସାଙ୍ଗ୍' ନାମରେ ଅଭିହିତ ଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । ଏଣୁ ମାତ୍ର ଛଅଶହବର୍ଷ ପର୍ବରୁ ଆସିଥିବା କଲମ୍ବସ୍ ଯେ ପ୍ରଥମେ ଗୋଟିଏ ଅଜ୍ଞାତ ପୃଥିବୀକୁ ଆବିଷ୍କାର କଲେ, ଏହିପ୍ରକାର ଦାବୀ ଏକାନ୍ତ ଅମୂଳକ ବୋଲି ମନେହୁଏ ।

ଯାହାହେଉ ଊନବିଂଶ ଶତାବ୍ଦୀର ଶେଷବେଳକୁ ସମଗ୍ର ଉତ୍ତର ଆମେରିକାରେ ଗୋରାମାନେ ସ୍ଥାଇ ହୋଇ ଯାଇଥିଲେ, ତା'ର ଉତ୍ତରଭାଗ

Digitized by srujanika@gmail.com

କ୍ୟାନେଡ଼ା ନାମ ବହନ କରି ବସ୍ତୁତଃ ସ୍ୱାଧୀନ ହେଲେ ମଧ୍ୟ ବ୍ରିଟିଶ୍ ସାମ୍ରାଜ୍ୟର ଉପନିବେଶ ବୋଲିଉଥିଲା ଏବଂ ଦକ୍ଷିଣଭାଗ ଯୁକ୍ତରାଷ୍ଟ୍ର ଆମେରିକା ନାମକ ଏକ ସ୍ୱାଧୀନ ଦେଶର ଧ୍ୱଜା ଉଡ଼ାଉଥିଲା । ସେତେବେଳକୁ ଯାଇଁ ଏସିଆବାସୀଙ୍କ ନିଦ ଭାଙ୍ଗିଲା । ପ୍ରଥମେ ଆସିଲେ ଚୀନ୍ ଦେଶରୁ, ତା'ପରେ ଜାପାନରୁ, ସେଇଠୁ ଯାଇ ଭାରତରୁ । ବିଂଶ ଶତାବ୍ଦୀର ଆରମ୍ଭରେ ଆମେରିକାରେ ୨୦୫୦ ଜଣ 'ହିନ୍ଦୁ' ଥିଲେ ବୋଲି ଜନଗଣନାର ଇସ୍ତାହାରରୁ ଜଣାଯାଏ । କିନ୍ତୁ କେବଳ କ୍ୟାନେଡ଼ା ବିଷୟରେ କହିବାକୁ ଗଲେ, ୧୯୦୧ ମସିହାରେ କ୍ୟାନେଡ଼ାର ଅଣ-ଆଦିମ ୫୩.୭୨ ଲକ୍ଷ ନାଗରିକମାନଙ୍କ ମଧ୍ୟରେ ଭାରତୀୟମାନେ ଥିଲେ ମାତ୍ର ୨୦୦।୨୫୦ ଜଣ !

ଏଇଠି ଉଲ୍ଲେଖଯୋଗ୍ୟ ଯେ ପ୍ରଥମେ ପ୍ରଥମେ ଏସିଆର ଲୋକମାନଙ୍କୁ ସାଦର ସ୍ୱାଗତ ଜଣାଇବାରେ କାହାରି ଆପତ୍ତି ନ ଥିଲା । କାରଣ ସେମାନେ ଶ୍ରମଶକ୍ତିର ଅଭାବ ପୂରଣ କରି ପାରୁଥିଲେ । ସେମାନେ ଥିଲେ କୃଷୀ ମଜଦୁର; ପାଠଶାଠ ବେଶି ପଢ଼ି ନ ଥିଲେ ମଧ୍ୟ ଉତ୍ପାଦନ କ୍ଷେତ୍ରରେ ତାଙ୍କ ଯୋଗଦାନ ବିଶେଷ ମୂଲ୍ୟବାନ ବୋଲି ବିବେଚିତ ହେଉଥିଲା । ଖେତବାଡ଼ି ଛଡ଼ା କ୍ୟାନେଡ଼ାର ପଶ୍ଚିମ ଉପକୂଳରେ **Trans-Canadian Railway** ନାମକ ବିରାଟ ରେଳପଥ ନିର୍ମାଣର ଉଦ୍ୟମ ଓ ଜଙ୍ଗଲର କାଠକଟା ବ୍ୟବସାୟ ଥିଲା ବିଶେଷ ଶ୍ରମସାପେକ୍ଷ ଏବଂ ସେଥିପାଇଁ ଯଥେଷ୍ଟ ଗୋରା ମଜୁରିଆ ମିଳୁ ନ ଥିଲେ । ଅବଶ୍ୟ କେତେକ ଜାଗାରେ ଗୋରା ଶ୍ରମିକମାନେ ପ୍ରତିବାଦ କରୁଥିଲେ ଯେ ଆମ ଦାନାପାଣିରେ ବାଧା ଆସୁଛି, କିନ୍ତୁ କର୍ତ୍ତୃପକ୍ଷ ତାଙ୍କ କଥା ଶୁଣୁ ନ ଥିଲେ । କାରଣ ପ୍ରାଚ୍ୟ ପୃଥିବୀର ଲୋକେ ଅପେକ୍ଷାକୃତ ଅଳ୍ପ ମଜୁରି ନେଇ ବେଶି କାମ କରିବାରେ ଅଭ୍ୟସ୍ତ, ତେଣୁ ତାଙ୍କୁ ଖଟେଇଲେ ମାଲିକର ଅଧିକ ଲାଭ ।

କିନ୍ତୁ କ୍ରମଶଃ ଆତଙ୍କ ସୃଷ୍ଟି ହେଲା ଗୋରାମାନଙ୍କ ମନରେ । କେବଳ ଶ୍ରମିକମାନଙ୍କ ମନରେ ନୁହେଁ ସାଧାରଣ ଜନସମାଜରେ । ଯେ ଏଇ "ହଳଦିଆ" ଓ "ଧୂସର" ଲୋକେ ଖେଦି ଯାଉଛନ୍ତି ତାଙ୍କ ଅଞ୍ଚଳରେ ଏବଂ ଅବିଳମ୍ବେ ତାଙ୍କ ଭବିଷ୍ୟତକୁ ନଷ୍ଟ କରିଦେବେ । ଚିତ୍କାର କଲେ ଯେ ତାଙ୍କ ସଂସ୍କୃତି କଳୁଷିତ ହୋଇଯାଉଛି । କିନ୍ତୁ ପ୍ରକୃତରେ ଭୟର ମୂଳ କାରଣ ସାଂସ୍କୃତିକ ନୁହେଁ, ଅର୍ଥନୈତିକ ଥିଲା ବୋଲି କହିଲେ ଭୁଲ୍ ହେବ ନାହିଁ ।

Digitized by srujanika@gmail.com

ଭାରତରୁ ଯେଉଁମାନେ ଆସିଥିଲେ କ୍ୟାନେଡ଼ାର ପଶ୍ଚିମ ଉପକୂଳକୁ, ସେମାନେ ପ୍ରାୟ ସମସ୍ତେ ଥିଲେ ପଞ୍ଜାବର ଶିଖ୍, ଯେଉଁମାନଙ୍କ ଶ୍ରମଶକ୍ତି ବିଶେଷ ଉଚ୍ଚ ଧରଣର ଥିଲା । ତେଣୁ ମାଲିକମାନେ ତାଙ୍କୁ ବେଶୀ ଗ୍ରହିଁଲେ ମଧ୍ୟ ସେମାନେ ଅଧିକ ଭୟର ସଞ୍ଚାର କରୁଥିଲେ ସର୍ବସାଧାରଣଙ୍କ ମନରେ । ଏହେତୁ ୧୯୦୬ ବେଳକୁ ଭାରତୀୟଙ୍କ ସଂଖ୍ୟା ମାତ୍ର ୭୦୦ ହୋଇଥିଲେ ମଧ୍ୟ ସେହିମାନେହିଁ ବିଶେଷ ଚକ୍ଷୁଶୂଳ ହୋଇ ପଡ଼ିଥିଲେ ଗୋରା ଅଧିବାସୀ-ମାନଙ୍କର । ଏହି ପରିସ୍ଥିତିରେ ଅକ୍ଟୋବର ୧୯୦୬ରେ ଭାରତୀୟମାନଙ୍କୁ ନେଇ ଆସୁଥିବା ଗୋଟିଏ ଜାହାଜକୁ ଭ୍ୟାଙ୍କୋଭର୍‌ର ମେୟର ବନ୍ଦର ଭିତରକୁ ଆସିବାକୁ ଦେଲେ ନାହିଁ ଏବଂ ଭ୍ୟାଙ୍କୋଭର୍‌ର ନାଗରିକମାନେ ସାଧାରଣ ସଭାରେ ତା'ର ସମର୍ଥନ ସ୍ୱରୂପ ଗୋଟିଏ ପ୍ରସ୍ତାବ ଗ୍ରହଣ କରି ବ୍ରିଟେନର ତତ୍କାଳୀନ କଲୋନିଆଲ୍ ସେକ୍ରେଟେରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍ ଓ କ୍ୟାନେଡ଼ାର ପ୍ରଧାନମନ୍ତ୍ରୀ ସାର୍ ଉଇଲ୍‌ଫ୍ରେଡ୍ ଲରିଅର୍‌ଙ୍କ ପାଖକୁ ତାର ପଠେଇଲେ—

"ଭ୍ୟାଙ୍କୋଭର୍ ସହର ଉପରେ ଇଷ୍ଟ୍‌ଇଣ୍ଡିଆନ୍‌ମାନଙ୍କୁ ଆହୁରି ଲଦି ଦିଅ ନାହିଁ । ଆମେ ତା'ର ବରଦାସ୍ତ କରିବୁ ନାହିଁ ।"

ଯେଉଁମାନେ ଆସିଗଲେଣି ତାଙ୍କୁ ଫେରାଇଦେବା ସମ୍ଭବ ହେଲା ନାହିଁ ସିନା, ୧୯୦୬ରେ ଗଣତାନ୍ତ୍ରିକ ସରକାର ଗୋଟିଏ ନୂଆ ଆଇନ ପ୍ରଣୟନ କଲେ (Immigration Act, 1906) ଏସିଆବାସୀଙ୍କର ଅନୁପ୍ରବେଶକୁ ରୋକିବା ପାଇଁ । ଏଇଟି 'କୋମାଗାତା ମାରୁ'ର ମୂଳଦୁଆ ପଡ଼ିଲା ବୋଲି କହିବାକୁ ହେବ ।

ତଥାପି ସେମାନେ ଆସିବାକୁ ଲାଗିଲେ ଦଳ ଦଳ ହୋଇ । ଆଇନର ସୀମା ଭିତରେ ତଥା ସୀମା ଲଙ୍ଘନ କରି । ପଞ୍ଜାବର ବଳୁଆ କିନ୍ତୁ ମଳିମୁଣ୍ଡିଆ ଲୋକ । ପିନ୍ଧିବାକୁ ଯଥେଷ୍ଟ ଗରମ କପଡ଼ା ନାହିଁ, ତେଣୁ କ୍ୟାନେଡ଼ାର ଶୀତରେ କମ୍ପୁଥିଲେ । ହାତରେ ଯଥେଷ୍ଟ ଅର୍ଥ ନ ଥିଲା, ତେଣୁ ସୁବିଧାରେ କେଉଁଠି ହେଲେ ରହିପାରୁ ନ ଥିଲେ ବେଶୀଦିନ । ବେଳେ-ବେଳେ ଭ୍ରାମ୍ୟମାଣ ବେକାର ହିସାବରେ ଗଣା ହୋଇ ଜେଲ୍ ଖଟୁଥିଲେ ଏବଂ ବେଳେବେଳେ ଗୋରା ସମାଜର ଦାନ ଦକ୍ଷିଣା ବରଣ କରିବାକୁ ବାଧ୍ୟ ହେଉଥିଲେ । ମ୍ୟୁନିସିପାଲିଟି ତରଫରୁ ତମ୍ବୁ ପଡୁଥିଲା ତାଙ୍କ ପାଇଁ, ଅସ୍ଥାୟୀ ଆଶ୍ରୟ ସ୍ୱରୂପ । ପୁଣି ଅଧେଅଧେ ସଦୟ ବ୍ୟକ୍ତିବିଶେଷ ବିଚରାମାନଙ୍କ ପ୍ରତି

Digitized by srujanika@gmail.com

ଆହା-ଚୁଚୁ କରୁଥିଲେ । ଯଥା: ଥରେ କୁଆଡ଼େ ସେମାନଙ୍କୁ ଶୀତ ରାତିରେ ଖୋଲାରେ ପଡ଼ି ରହିବାକୁ ହେଲା । ସେକଥା ଶୁଣି ଭ୍ୟାଙ୍କୋଭର୍‌ର ଜଣେ ନାଗରିକ ଏଚ୍. ହେଗି ଲେଖିଲେ ଖବର କାଗଜରେ—

"ଗତକାଲି ରାତିରେ ଏହି ଇଷ୍ଟ୍ ଇଣ୍ଡିଆନ୍‌ମାନଙ୍କୁ ଥଣ୍ଡାରେ ପଡ଼ି ରହିବାକୁ ହେଲା । ଏହା ଏକ ଅମାନୁଷିକ ଓ ଜଘନ୍ୟ ଘଟଣା···ମୁଁ ମୋଟେ ଚାହେଁ ନାହିଁ ଯେ ସେମାନେ ଏଠି ରହିବେ, କିନ୍ତୁ ମାନବିକତାର ଦୃଷ୍ଟିରୁ ସେମାନଙ୍କୁ ହେମାଳରେ ମରିବାକୁ ଦେବା ଉଚିତ ନୁହେଁ ।"

ଆଉଥରେ ୧୯୦୮ରେ ୭୮ ଜଣ ଭାରତୀୟମାନଙ୍କୁ ତଡ଼ିଦେବା କି ନାହିଁ ଏଇ ବିଚାର ଚାଲିଥିବାବେଳେ ସେମାନଙ୍କୁ ଅଟକବନ୍ଦୀ ହୋଇ ଯେଉଁ କଷ୍ଟ ଭୋଗିବାକୁ ପଡ଼ିଲା, ତାକୁ ନେଇ କର୍ଣ୍ଣେଲ ଜନ୍ ସ୍ମିଥ୍ ନାମକ ଜଣେ ବ୍ରିଟିଶ୍ ଅଧିକାରୀ ଏହି ପ୍ରକାର ମନ୍ତବ୍ୟ ପ୍ରକାଶ କଲେ ଏଠାକୁ ଛୁଟିରେ ଆସିଥିବା ବେଳେ—

"ବ୍ରିଟିଶ୍ କଲମ୍ବିଆର ଲୋକେ ଯଦି ସଚ୍ଚା ବ୍ରିଟିଶ୍ ସାମ୍ରାଜ୍ୟର ପ୍ରଜା ହୋଇଥାଆନ୍ତି ଓ ଗର୍ବ କରୁଥାଆନ୍ତି ସାମ୍ରାଜ୍ୟର ପରମ୍ପରା ଉପରେ, ତା'ହେଲେ ତାଙ୍କର 'ହିନ୍ଦୁ'ମାନଙ୍କ ପ୍ରତି ଏପରି କଠୋର ବ୍ୟବହାର କରିବା ଉଚିତ ନୁହେଁ । ଦରକାର ହେଲେ ଫାଟକ ବନ୍ଦ କରିଦିଅ ସେମାନଙ୍କ ପାଇଁ । କିନ୍ତୁ ତାଙ୍କ ପ୍ରତି ଶତ୍ରୁତା କର ନାହିଁ । ମୋ ମତରେ ବ୍ରିଟିଶ୍ କଲମ୍ବିଆ ଗୋରା ଦେଶ ହୋଇ ରହିବା ଉଚିତ । କିନ୍ତୁ ଯେଉଁମାନେ ଆସି ଯାଇଛନ୍ତି ତାଙ୍କ ପ୍ରତି ଦୁର୍ବ୍ୟବହାର କରିବା ଭୁଲ୍···" ଇତ୍ୟାଦି ।

ଆଦିମ ଆତଙ୍କଠାରୁ ଆରମ୍ଭ କରି ଭିକାରୀଙ୍କ ଦୟା । ମଝିରେ ଅପମାନ । ହୀନମାନ୍ୟପଣର କୌଣସି ଅନୁଭବରୁ ବଞ୍ଚିତ ହୋଇ ନ ଥିଲେ ସେମାନେ । କିନ୍ତୁ ସେମାନେ ତଥାପି ଆସୁଥିଲେ । ଦାବୀ କରୁଥିଲେ ଯେ ଆମେ ମଧ୍ୟ ବ୍ରିଟିଶ୍ ସମ୍ରାଟଙ୍କ ପ୍ରଜା, ତୁମମାନଙ୍କ ପରି । ଚୀନା, ଜାପାନୀଙ୍କ କଥା ଭିନ୍ନ । କେଉଁ ନ୍ୟାୟରେ ଆମେ ସାମ୍ରାଜ୍ୟର ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଇପାରିବୁ ନାହିଁ ?···କ୍ଷୁଧାର୍ତ୍ତର ଆଣ୍ଠୁ କିଛି କମ୍ ନୁହେଁ !

କିନ୍ତୁ ଏଠିକାର ଲୋକେ ମଧ୍ୟ ଅଡ଼ି ବସିଥିଲେ ଯେ ପ୍ଲେଗ୍ ଓ ଦୁର୍ଭିକ୍ଷରେ ମରୁଥିବା ଏଇ ଭୋକିଲା ନଅଙ୍କିଆମାନଙ୍କୁ ଅଟକେଇବାକୁ ପଡ଼ିବ । ଏହି ମର୍ମରେ ଯାହାସବୁ ଲେଖା ହେଉଥିଲା ଏଠିକାର ଖବରକାଗଜରେ,

Digitized by srujanika@gmail.com

ତାକୁ ପଢ଼ିଲେ ଯେକୌଣସି ଭାରତୀୟର ରକ୍ତ ତାତି ଉଠିବ । କିନ୍ତୁ 'ଭିଗିଲେ ପେଟ ପୂରିବ ନାହିଁ', ଭୋକିଲର ଏଇ ଅଙ୍ଗୋନଭ ଦର୍ଶନକୁ କିଏ ଅସ୍ୱୀକାର କରିବ ? ଆଜି ମଧ୍ୟ ସେହି ଧର୍ମ ପ୍ରତିପାଦିତ ହେଉଛି କ୍ୟାନେଡ଼ା ହାଇକମିସନ୍ ସାମ୍ନାରେ, ଦିଲ୍ଲୀର ପ୍ରଚଣ୍ଡ ଖରାରେ । ଗୁଡ଼ନ୍ତୁ...

ଯାହାହେଉ କ୍ୟାନେଡ଼ା ସରକାର ମଧ୍ୟ ଜାଣିଥିଲା କେମିତି ଏଇ କ୍ଷୁଧାର୍ତ୍ତ ବ୍ରିଟିଶ୍ ପ୍ରଜାଙ୍କ ଗୃହଲକ୍ଷ୍ମୀର ମୁକାବିଲା କରିହେବ । ତେଣୁ ନୂଆ ୧୯୦୮ର ଅନୁପ୍ରବେଶ ଆଇନରେ ଗୋଟିଏ ଚତୁର ସର୍ତ୍ତ ଖଞ୍ଜି ଦିଆଗଲା । ଯେଉଁମାନେ ସିଧାସଳଖ ତାଙ୍କ ନିଜ ଦେଶରୁ ଆସିବେ ଜାହାଜରେ, ସେଇମାନେହିଁ କ୍ୟାନେଡ଼ାରେ ଠାବ ପାଇବାର ଯୋଗ୍ୟ ବୋଲି ବିବେଚିତ ହେବେ । ଅନ୍ୟ ଅର୍ଥରେ ଚୀନା ଆସିପାରିବେ, ଜାପାନୀ ଆସିପାରିବେ, କିନ୍ତୁ ଭାରତୀୟ ଆସିପାରିବେ ନାହିଁ, କାହିଁକିନା ଭାରତ ଓ କ୍ୟାନେଡ଼ା ଭିତରେ ସିଧାସଳଖ ଜାହାଜ ଯାତାୟତର ବ୍ୟବସ୍ଥା ନ ଥିଲା । କିନ୍ତୁ ଭିତିରି ଉଦ୍ଦେଶ୍ୟର ପ୍ରମାଣ କିଅଣ ? କିଏ ଜୋର୍ କରି କହିପାରିବ ଯେ ତାଙ୍କ ଆଇନରେ ପାତରଅନ୍ତର କରାଗଲା ଓ ଖାସ୍ ଭାରତୀୟମାନଙ୍କୁ ହିଁ ଠେଙ୍ଗା ଦିଆଗଲା ?

ଏହିସବୁ କଟକଣା ଜାରି ହେବା ପୂର୍ବରୁ ୧୯୦୮ରେ ପଶ୍ଚିମ କ୍ୟାନେଡ଼ାକୁ ଆସିଥିବା ଭାରତୀୟମାନଙ୍କ ସଂଖ୍ୟା ଥିଲା ସବୁଠାରୁ ବେଶୀ— ୨୬୨୩ । କିନ୍ତୁ ତା ପରବର୍ଷ ଏଇ ସଂଖ୍ୟା ଖସିଗଲା ୯କୁ ! ଆଇନ କାମ୍ଦି କଲା ନିଶ୍ଚୟ । ଖୁସି ହେଲେ ଏଠିକା ଲୋକେ । କ୍ୟାନେଡ଼ାର ପ୍ରଧାନମନ୍ତ୍ରୀ ସାର୍ ଉଇଲ୍‌ଫ୍ରେଡ୍ ଲରିଅଲ୍ ଗୋଟିଏ ଚିଠିରେ ଜଣାଇଲେ ଭାରତର ବଡ଼ଲାଟ୍ ଲର୍ଡ୍ ମିଣ୍ଟୋଙ୍କୁ—

"ଆଶ୍ଚର୍ଯ୍ୟ କଥା ଯେ ଚୀନାମାନଙ୍କଠାରୁ ହିନ୍ଦୁମାନଙ୍କ ପ୍ରତି ଆମ ଲୋକମାନଙ୍କର ଅଧିକ ବିଦ୍ୱେଷ । ମନେହେଉଛି ଯେ ସମସ୍ତ ପ୍ରାଚ୍ୟ ଜାତିଙ୍କ-ଠାରୁ ଏମାନେ ଆମ ଆଚରବ୍ୟବହାର ରୀତିନୀତିକୁ ଗ୍ରହଣ କରିବାରେ ସବୁଠାରୁ ବେଶୀ ଅକ୍ଷମ ।"

ଲର୍ଡ୍ ମିଣ୍ଟୋ କାହିଁକି ବା ଆପତ୍ତି କରିବେ ଏ ବିଷୟରେ ? ଅପରନ୍ତୁ ସେ ତାଙ୍କ ଉତ୍ତରରେ ଜଣାଇଦେଲେ ଯେ କ୍ୟାନେଡ଼ାରେ ଜାରି ହୋଇଥିବା

Digitized by srujanika@gmail.com

କଟକଣା ବ୍ୟାପକ ଭାବରେ ପ୍ରଚାର କରାଯାଇଛି ଏବଂ ଭାରତୀୟମାନଙ୍କ ନିଷ୍କ୍ରମଣ ପୂରାପୂରି ବନ୍ଦ ହୋଇଗଲାଣି କହିଲେ ଚଳେ । ସତ କଥା । ୧୯୧୦ରେ କ୍ୟାନେଡ଼ାରେ ଆସି ପହଞ୍ଚିଲେ ମାତ୍ର ୧୦ ଜଣ ଭାରତୀୟ ଏବଂ ୧୯୧୨ ସୁଦ୍ଧା ଏହି ସଂଖ୍ୟା ଶୂନ୍‌କୁ ଆସି ଯାଇଥିଲା । ତା’ ବୋଲି କ’ଣ ଆମେ ଭାଗ୍ୟ ଆଦରି ଚୁପ୍ ହୋଇ ରହିଗଲୁ ? ନା । ୧୯୧୧ରେ ଭାରତରେ ଅନୁଷ୍ଠିତ ହୋଇଥିବା ପଞ୍ଚମ ଜର୍ଜଙ୍କ ଦରବାର ହେତୁ ନୂଆ ବଳ ପାଇଲା ପରି ପୁଣି କେତେ ଆବେଦନ କଲୁ ରାଜାଙ୍କ ପାଖରେ, ଯେତେହେଲେ ଆମେ ବି ମଣିମାଙ୍କ ପ୍ରଜା, ଆମକୁ ସମାନ ଅଧିକାର ଦିଆଯାଉ ତୁମ୍ଭଙ୍କ ସାମ୍ରାଜ୍ୟରେ । ଏଣେ ପଶ୍ଚିମ ଆମେରିକାରେ ‘ଗଦର୍’ ପାର୍ଟିର ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ସୁରୁ ହୋଇ ଯାଇଥାଏ । କିନ୍ତୁ କେଉଁଥିରେ କିଛି ଲାଭ ହେଲାପରି ମନେ ହେଉ ନ ଥାଏ ।

ଏହି ପରିସ୍ଥିତିରେ ‘କୋମାଗାତା ମାରୁ’ର ଆବିର୍ଭାବ ୧୯୧୪ରେ । ଗୋଟିଏ ହତାଶିଆ ପ୍ରାଣମୂର୍ଚ୍ଛା ବାଜି ପକେଇଲା ପରି । ଦୁଇଟି ମାସର ଶୋଚନୀୟ ଆଗମନ ଓ ପ୍ରତ୍ୟାଗମନର କାହାଣୀ । ଫାର୍ସ୍‌ରୁ ଟ୍ରାଜେଡ଼ି ଯାଏ । ଘଟଣାଟି ସଂକ୍ଷେପରେ ଏହି ପ୍ରକାର—

୧୯୧୪ ଏପ୍ରିଲ ୪ ତାରିଖରେ ‘କୋମାଗାତା ମାରୁ’ ନାମକ ଜାହାଜ ୩୭୬ ଜଣ ଭାରତୀୟମାନଙ୍କୁ ନେଇ ହଙ୍ଗ୍‌କଙ୍ଗ୍‌ରୁ ବାହାରିଲା ଭ୍ୟାଙ୍କୋଭର୍ ଆସିବ ବୋଲି । ହଙ୍ଗ୍‌କଙ୍ଗ୍‌ରୁ ଚୀନ୍ ଓ ଜାପାନର ବିଭିନ୍ନ ବନ୍ଦର ଦେଇ ଭ୍ୟାଙ୍କୋଭର୍‌ରେ ଆସି ପହଞ୍ଚିଲା ମେ ୨୨ରେ । ଜାହାଜ ଭଡ଼ା କରି ଯାତ୍ରୀ-ମାନଙ୍କୁ ଅଣେଇଥିଲେ ଜନୈକ ଗୁରୁଜିତ୍ ସିଂ । ଅଧିକାଂଶ ପଞ୍ଜାବରୁ ଆସିଥିବା ଏହି ଅର୍ଦ୍ଧଶିକ୍ଷିତ ଶ୍ରମିକଶ୍ରେଣୀର ଯାତ୍ରୀମାନଙ୍କୁ କୁଆଡ଼େ କୁହା ହୋଇଥିଲା ଯେ କ୍ୟାନେଡ଼ା ସରକାର ରାଜି ଅଛି ସେମାନଙ୍କୁ ନେବ ବୋଲି । କିନ୍ତୁ ପହଞ୍ଚିଲାକ୍ଷଣି ସେଇ ସରକାର ତାଙ୍କୁ ସ୍ପଷ୍ଟ ଭାବରେ ଜଣେଇଦେଲା— ଦୟାକରି ଫେରିଯାଅ । ଆମ ଆଇନ୍ କ’ଣ ଜଣା ନାହିଁ ତୁମକୁ ?

ସେଇଠୁ ଆରମ୍ଭ ହେଲା ଧସ୍ତାଧସ୍ତିର ଫାର୍ସ । ଯାତ୍ରୀମାନେ ଅଡ଼ି ବସିଲେ ଯେ ଆମେ ପଶିବୁ ଭିତରକୁ । ଖାଲ୍‌ସା ଦିଓ୍ୱାନ୍ ସୋସାଇଟି ଏବଂ ୟୁନାଇଟେଡ୍ ଇଣ୍ଡିଆ ଲିଗ୍‌ର ନେତୃତ୍ୱରେ ଭ୍ୟାଙ୍କୋଭର୍‌ବାସୀ ଭାରତୀୟ-ମାନେ ଜବର୍ ଆନ୍ଦୋଳନ ଚଳାଇଲେ ଯାତ୍ରୀମାନଙ୍କ ସପକ୍ଷରେ । ନାନା

Digitized by srujanika@gmail.com

ସଭାସମିତି କଲେ, ପାଣ୍ଠି ଯୋଗାଡ଼ କଲେ ଏବଂ ଜାହାଜ ଭିତରକୁ ଯାଇ ଉତ୍‌ସାହିତ କଲେ ଯାତ୍ରୀଭାଇମାନଙ୍କୁ । କିନ୍ତୁ ୨୨ ଜଣ ପୁରୁଣା ବାସିନ୍ଦାମାନଙ୍କ ଛଡ଼ା ଆଉ କାହାରିକୁ ଓହ୍ଲାଇବାକୁ ଦିଆହେଲା ନାହିଁ । ସେଇଠୁ ଚାଲିଲା ନଜରବନ୍ଦୀ ପାର୍ଟିଭୁଣ୍ଡ, ଗାଳିଗୁଲଜର ପାଳି । ଏହି ସମ୍ପର୍କରେ ଏଠିକାର ଗୋଟିଏ ଖବରକାଗଜରେ ଯାହା ବାହାରିଥିଲା ତାହା ଯଦି ଆଂଶିକ ସତ୍ୟ ହୋଇଥାଏ, ତା'ହେଲେ ବୁଝିହେବ ଯେ ପରିସ୍ଥିତି କେଡ଼େ ବୀଭତ୍ସ ହୋଇ ପଡ଼ିଥିଲା ଓ କାହିଁକି ଘଟଣାଟିକୁ ଗୋଟିଏ ଜଘନ୍ୟ ଫାର୍ସ ବୋଲି କହିବା ଅନୁଚିତ ନୁହେଁ । ପ୍ରକାଶିତ ବିବରଣୀର ସାରାଂଶ—

"ଅଧାଲଙ୍ଗଳା ଝାଉଁଝାଉଁ ହେଉଥିବା ଲୋକଗୁଡ଼ାକ ଓଠ ନେଫଡ଼େଇ ଦାନ୍ତ ଗିଜିଡ଼ି ଯେଭଳି ଚିତ୍କାର କରୁଥିଲେ, ଧମକଉଥିଲେ ଆମକୁ, ସେଥିରୁ ମନେ ହେଉଥିଲା ଯେ ମଣିଷର ସଭ୍ୟତା ଫେରିଗଲାଣି ଆଦିମଯୁଗକୁ, ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷ ତଳକୁ ।"

ଏଣେ ଜାହାଜ ମାଲିକ ତା'ର ବାକି ପାଉଣା ଦାବି କଲା । ବାଇଶି-ହଜାର ଡଲାର୍ । ଏଠିକା ଭାରତୀୟ ଭାଇମାନେ କହିଲେ, ଆମେ ବୁଝିବୁ ସେକଥା । ବ୍ରିଟିଶ୍ ପାର୍ଲିଆମେଣ୍ଟରେ ପାର୍ଟିଭୁଣ୍ଡ ହେଲା । କିନ୍ତୁ 'କୋମାଗାତା ମାରୁ' ରହିଲା ଯେଉଁଠି ସେଇଠି, ତା'ର ଅବଶିଷ୍ଟ ୩୫୪ ଜଣ 'ହିନ୍ଦୁ'ଙ୍କୁ ନେଇ । ଜୁନ୍ ୪ରେ ଅନଶନ ସତ୍ୟାଗ୍ରହ ଆରମ୍ଭ ହୋଇଗଲା, କିନ୍ତୁ ତା'ର ମିଆଦ ବି କଟିଗଲା । ଜୁନ୍ ୨୩ରେ ଭ୍ୟାଙ୍କୋଭର୍‌ର ଗୋଟିଏ ବିରାଟ ସାଧାରଣ ସଭାରେ ମେୟର ବାକ୍‌ସଟର୍ ସ୍ପଷ୍ଟ ଭାବରେ ଘୋଷଣା କଲେ—

"ହିନ୍ଦୁ ଗୋଟିଏ ବାଞ୍ଛନୀୟ ନାଗରିକ ନୁହେଁ ଏବଂ ମୁଁ ଯାହା କହୁଛି ତାହାହିଁ ଜନମତ ।"

ସେଇଠୁ ମକଦ୍ଦମା ଚାଲିଲା । କିନ୍ତୁ ଯାତ୍ରୀମାନେ ହାରିଲେ । ଶେଷକୁ ଅବସ୍ଥା ଏଭଳି ସଙ୍ଗୀନ୍ ହୋଇ ଉଠିଲା ଯେ ସଶସ୍ତ୍ର ରକ୍ଷୀ ଓ କ୍ୟାନେଡ଼ାର ଦୁଇଟି ନୌବାହିନୀ ଜାହାଜର ସାହାଯ୍ୟ ନେବାକୁ ପଡ଼ିଲା ବିଦ୍ରୋହୀ ଯାତ୍ରୀ-ମାନଙ୍କୁ ସମ୍ଭାଳିବା ପାଇଁ, କାରଣ ସେମାନେ ପୂରାପୂରି ଜାହାଜକୁ ଦଖଲ କରି ନେଇଥିଲେ । ଅଳ୍ପ ବହୁତ ହାତାହାତି ଚାଲିଲା, ଯେଉଁଥିରେ କେତେକ ଗୁରୁତର ଭାବରେ ଆହତ ହେଲେ । ସରକାରଙ୍କ ପକ୍ଷରୁ ଚରମପତ୍ର ଦିଆଗଲା

Digitized by srujanika@gmail.com

ଯେ ୨୩ ଜୁଲାଇ ଅପରାହ୍ନ ୩ ଘଣ୍ଟା ସୁଦ୍ଧା ବନ୍ଦର ଛାଡ଼ିବାକୁ ହେବ, ନଚେତ୍— । ବିଦ୍ରୋହୀମାନେ କହିଲେ, ଆମେ ଡର ନାହୁଁ । କିନ୍ତୁ ହଠାତ୍ ୨୩ ଜୁଲାଇ ସକାଳେ ଦେଖାଗଲା ଯେ କୋମାଗାତା ମାରୁ ନାହିଁ । ଚାଲି ଯାଇଛି । କାହାଣୀ ଖତମ୍ ।

ରୁହନ୍ତୁ, ଆହୁରି ଅଛି । ଫାର୍ସ ପରେ ଟ୍ରାଜେଡ଼ି । କିନ୍ତୁ କ୍ୟାନେଡ଼ାରେ ନୁହେଁ, କଲିକତାରେ । 'କୋମାଗାତା ମାରୁ' ହୁଗ୍‌ଲିରେ ପହଞ୍ଚିଲା । ୨୬ ସେପ୍‌ଟେମ୍ବର ୧୯୧୪ରେ । ଠିକଣା ହୋଇଥିଲା ଯେ ସେମାନଙ୍କୁ ସ୍ପେଶାଲ୍ ଟ୍ରେନ୍‌ରେ ପଞ୍ଜାବକୁ ପଠାଇ ଦିଆଯିବ । ଇତିମଧ୍ୟରେ ବଙ୍ଗଳା ପ୍ରଦେଶର ସରକାର ଠିକ୍ କଲେ ଯେ କଲିକତାରୁ ୧୪ ମାଇଲ ଦୂରରେ ଥିବା ବଜ୍‌ବଜ୍‌ରେ ରଖାଯିବ ସେମାନଙ୍କୁ ଓ ସେଇଠୁ ସେମାନଙ୍କୁ ଟ୍ରେନ୍‌ରେ ବସେଇ ଦିଆଯିବ । ତେଣୁ ଜାହାଜ ଗଲା ବଜ୍‌ବଜ୍‌କୁ । ବଜ୍‌ବଜ୍‌ରେ ସେମାନଙ୍କୁ ଓହ୍ଲେଇ ଦିଆ ହୋଇ ରେଳ ଷ୍ଟେସନକୁ ନେବାର ବ୍ୟବସ୍ଥା କରାଗଲା । କିନ୍ତୁ ତା'ପରେ କ'ଣ ହେଲା ? ଯାତ୍ରୀମାନେ କାହିଁକି ମାତି ଉଠିଲେ ? କିଏ ତାଙ୍କୁ କହିଲା ଯେ ଟ୍ରେନ୍ ପଞ୍ଜାବ ଯିବ ନାହିଁ, ଆସାମକୁ ଯିବ ? କାହିଁକି ଥୋକେ ଅଡ଼ି ବସିଲେ ପ୍ରଥମେ କଲିକତା ଯିବେ ବୋଲି ? ଏ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ମିଳି ନାହିଁ । ଯାହାହେଉ ଯାତ୍ରୀଦଳ ଉତ୍ତ୍ୟକ୍ତ ହୋଇ ଉଠିଲେ ଓ ସେମାନଙ୍କ ବିଦ୍ରୋହକୁ ବଙ୍ଗଳାଦେଶର ସରକାର ସହ୍ୟ କରିପାରିଲେ ନାହିଁ । ସେମାନେ ଇତସ୍ତତଃ ପଳେଇ ଯାଉଥିବା ବେଳେ ତାଙ୍କ ଉପରେ ଗୁଳି ଚଳାହେଲା । କୁହାଯାଏ ଯେ ପ୍ରଥମେ ଗୁଳି ଆସିଥିଲା ଯାତ୍ରୀମାନଙ୍କ ପଟୁ । ଏଥିର ସତ୍ୟାସତ୍ୟ ଅନିର୍ଣ୍ଣୀତ । କେବଳ ଏତିକି ନିଶ୍ଚିତ ଯେ ୨୯ ସେପ୍‌ଟେମ୍ବର ସନ୍ଧ୍ୟାରେ ଘଟିଥିବା ଏଇ 'ଯୁଦ୍ଧ' ହେତୁ ୨୬ ଜଣ ପ୍ରାଣ ହରାଇଲେ । ସେଥିରୁ ୨୦ ଜଣ ଶିଖ୍ 'କୋମାଗାତା ମାରୁ'ର ଯାତ୍ରୀ, ୨ ଜଣ ସ୍ଥାନୀୟ ପୋଲିସ୍ ଅଫିସର ଓ ୨ ଜଣ ବଜ୍‌ବଜ୍‌ର ବାସିନ୍ଦା । ଏଇ ହେଲା 'କୋମାଗାତା ମାରୁ'ର ଆଦ୍ୟ-ଅନ୍ତ କାହାଣୀ ।

'କୋମାଗାତା ମାରୁ' ଭ୍ୟାଙ୍କୋଭର୍ ବା ପଶ୍ଚିମ କ୍ୟାନେଡ଼ାର ସ୍ଥାନୀୟ ଘଟଣା ନୁହେଁ । ସମଗ୍ର ଉତ୍ତର ଆମେରିକାରେ ଏସିଆବାସୀଙ୍କ ଅନୁପ୍ରବେଶର ଇତିହାସରେ ଏହାର ଗୁରୁତ୍ୱ ଅଦ୍ୱିତୀୟ ବୋଲି ଗଣାହୁଏ । କାରଣ ମନେହୁଏ ଯେ ଏଭଳି ଉଦ୍ଭଟ ଘଟଣା, ଅବିଚଳିତ ବସ୍ତୁ ସାଙ୍ଗରେ ଅପ୍ରତିହତ

Digitized by srujanika@gmail.com

ଶକ୍ତିର ସଂଘର୍ଷ, କଳା ଆଗନ୍ତୁକ ସାଙ୍ଗରେ ଗୋରା ଅଧିବାସୀର ବଳ କଷାକଷି ପୂର୍ବରୁ କେବେ ଘଟି ନ ଥିଲା, କି ଘଟି ନାହିଁ ଏଥିଉତ୍ତାରୁ । ଅବଶ୍ୟ ଫିମ୍ପ୍ରିଡ଼ି ଧାଡ଼ି ତଥାପି ଲଗିଛି ଦିଲ୍ଲୀର କ୍ୟାନେଡ଼ିଆନ୍ ହାଇ କମିସନ ସାମ୍ନାରେ ଏବଂ ପୂର୍ବ ଓ ପଶ୍ଚିମ ଭିତରେ ଅନେକ ଅବୁଝାମଣା, ଅଚାହାପଣ ଓ ସ୍ଥଳ-ବିଶେଷରେ ବିଦ୍ୱେଷ ତଥାପି ରହିଛି । ଆଜି ମଧ୍ୟ ଗୋରା ସମାଜର କେତେକ ସ୍ୱାଭିମାନୀ ନାଗରିକ ମନେକରନ୍ତି, ଭ୍ୟାଙ୍କୋଭର୍‌ର ଉପରୋକ୍ତ ମେୟରଙ୍କ ପରି, ଯେ ଆମେ ତାଙ୍କ ସମାଜର ଯୋଗ୍ୟ ନୋହୁଁ । ହିଁ, ଆଜି ମଧ୍ୟ ରାଗ ଆସେ । କିନ୍ତୁ ମାନିବାକୁ ହେବ ଯେ "ଆମେ" ତଥା "ସେମାନେ" ଯଥେଷ୍ଟ ସଭ୍ୟ ହେଲୁଣି । ସେଇଥିପାଇଁ 'କୋମାଗାତା ମାରୁ'କୁ ଦୂରରୁ ଦେଖି ହେଉଛି ଓ ଭାବିବାକୁ ପଡ଼ୁଛି ଯେ—ଘଟଣାଟାର ଫାର୍ସ ଏତେ ଅସୁନ୍ଦର ଓ ଟ୍ରାଜେଡ଼ି, ଏତେ ଅକାରଣ ନ ହୋଇଥିଲେ ଚଳି ନ ଥାଆନ୍ତା ?

ଆଇନ୍‌ର ଉଦ୍ଦେଶ୍ୟ ଯାହା ଥାଉ ପଛେ, କେଉଁ ଅଧିକାରରେ ଆମେ ଆସିଥିଲୁ ତାଙ୍କ ଆଇନ୍‌କୁ ଅମାନ୍ୟ କରିବା ପାଇଁ ? ଯେତେହେଲେ ଇଏ ତାଙ୍କ ଦେଶ ଓ ତାଙ୍କ ଆଇନ୍ । ତେଣୁ ତା'ର ମୁକାବିଲା କରିବା କଥା ବିଶ୍ୱ ଦରବାରରେ ଅଥବା କୂଟନୈତିକ ଛକାପଞ୍ଝାର ନୀତି ଅନୁଯାୟୀ; ଉଡ଼ାଜାହାଜରେ ଅସଭ୍ୟ ଆସ୍ଫାଳନ କରି ନୁହେଁ । କିନ୍ତୁ ଦୁଃଖ ଯେ ଆମେ ଥିଲୁ ଗରିବ ଓ ଅର୍ଦ୍ଧଶିକ୍ଷିତ, ଆମକୁ ଭୁଲେଇ ଭଣ୍ଡେଇ ଅଣା ହୋଇଥିଲା ଏଠିକି । କେତେକଙ୍କ ମତରେ ଏହି ଘଟଣା ପଛରେ କେବଳ ଗୁରୁଦିତ୍ତ ସିଂହର ସ୍ୱାର୍ଥ ନୁହେଁ, ଇଂଲଣ୍ଡ-ବିରୋଧୀ ଜର୍ମାନ୍ ସରକାରର ଅଭିସନ୍ଧି ଥିଲା । ଯାହାହେଉ ଆମେ ଅଯଥାରେ କାହିଁକି ଏମିତି ଲୋକହସା ହେଲୁ ଏବଂ ଶେଷକୁ କାହିଁକି ମଲୁ ଗୁଳିମାଡ଼ରେ, ପୁଣି ଘରକୁ ଫେରିବା ପରେ ? କେଉଁ ସ୍ୱାଧୀନତା ଅବା ମହତ୍ତ୍ୱ ଉଦ୍ଦେଶ୍ୟର ଧ୍ୱଜା ଉଡ଼େଇ ଏବଂ କ୍ୟାପ୍‌ଟେନ ମୁର୍ ନାମକ ସେଇ ଅର୍ବାଚୀନ ବ୍ରିଟିଶ୍ ଅଫିସରଟା ବି ସମ୍ଭାଳି ପାରିଲା ନାହିଁ ଆମର ହୁଣ୍ଡାଳିଆ ରାଗକୁ ? ସଞ୍ଜ ଅନ୍ଧାରରେ ଅନାଧୁନିଆ ଗୁଳି ଚଳେଇ ମାରିଦେଲା କୋଡ଼ିଏଜଣଙ୍କୁ ?

ଛାଡ଼ । ଭ୍ୟାଙ୍କୋଭର୍‌ବାସୀ ଭାରତୀୟମାନଙ୍କ ମନରେ 'କୋମାଗାତା ମାରୁ' ବସା ବାନ୍ଧି ରହିନାହିଁ କି ରହିବା ଉଚିତ ନୁହେଁ (ବିଜ୍ଞାପନପତ୍ରର ମତଲବ ଭିନ୍ନ, ମୁଁ କହୁଛି ସେକଥା ପରେ) । ଭ୍ୟାଙ୍କୋଭର୍‌ରେ ଅବସ୍ଥିତ

Digitized by srujanika@gmail.com

ଭାରତ ସରକାରଙ୍କ ପ୍ରତିନିଧି—କନ୍‌ସଲ୍ ଜେନେରାଲ ମୋତେ କହିଲେ ଯେ ବର୍ତ୍ତମାନ ସମଗ୍ର ଭ୍ୟାଙ୍କୋଭର୍ ଅଞ୍ଚଳରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ଲକ୍ଷେ ହେବ । ଭ୍ୟାଙ୍କୋଭର୍‌ର ମେନ୍ ଷ୍ଟ୍ରୀଟ୍‌ରେ ଆମର ଏକାଧିକ ଦୋକାନ ବଜାର ଏବଂ ଗୋଟାଏ ଆଖିଦୁରୁଶିଆ ଇଲାକା, ଯାହା 'ଇଣ୍ଡିଆ ଟାଉନ୍' ନାଆଁରେ ପରିଚିତ । ଭ୍ୟାଙ୍କୋଭର୍ ପଛକୁ ରିଚ୍‌ମଣ୍ଡ୍ ଆଦି ଅଞ୍ଚଳ ତଥା ତା' ପଛକୁ ଥିବା ଫ୍ରେଜର୍ ଭ୍ୟାଲିରେ ଇଷ୍ଟ୍ ଇଣ୍ଡିଆନ୍‌ଙ୍କ ଫଳ ଓ ଶାକସବ୍‌ଜିର ଫାର୍ମ ସୁପ୍ରସିଦ୍ଧ । କହିବାକୁ ଗଲେ ଆମେ ଏଇକ୍ଷଣି ବେଶ୍ ଜମେଇ କରି ଅଛୁ ଏଠି । ତେବେ ସର୍ବସାଧାରଣ ସ୍ତରରେ ଏମାନେ ଯେ ଆମକୁ ଭଲ ପାଆନ୍ତି ସେକଥା କହି ହେବ ନାହିଁ ଏବଂ ଇଏ ହେଉଛି ପୂର୍ବ-ପଶ୍ଚିମ ଚିରାଚରିତ ବିରୋଧର ନମୁନା ଅଥବା ଗୋରାମାନଙ୍କର ଅଜ୍ଞାନ-ଅହମିକାରୁ ପ୍ରସୂତ, କେବଳ ଏତିକି କହିଲେ ଚଳିବ ନାହିଁ । ମୋର ଦେଖାଶୁଣା ଅଭିଜ୍ଞତାରୁ କହୁଛି ଯେ ଆମର ବି କିଛି ଦୋଷ ରହିଛି । ପୃଥିବୀର ପ୍ରାୟ ସମସ୍ତ 'ବିଦେଶ'ରେ । ଖାଲି ଦରିଦ୍ରତାର ଦୋଷ କଥା କହୁ ନାହିଁ, ଯେଉଁଥିରେ ଆମେ ଟଙ୍କା ଜମେଇବା ପାଇଁ କୃଚ୍ଛ୍ର ଜୀବନଧାରାର ପରାକାଷ୍ଠା ଦେଖାଉ ଏବଂ ତଥାକଥିତ ସୌଖୀନ ଜୀବନର ଉପଭୋଗ କରୁଥିବା ଗୋରା ଶ୍ରମିକ ତଥା ସାଧାରଣ ନାଗରିକ-ମାନଙ୍କର ଚକ୍ଷୁଶୂଳ ହେଉ । ଯାହାର ଜ୍ୱଳନ୍ତ ଉଦାହରଣ ଲଣ୍ଡନର ସାଉଥ୍‌ହଲ୍‌ରେ । ଏଭଳି ଅବଗୁଣକୁ ହୁଏତ କ୍ଷମା କରିହେବ । କିନ୍ତୁ କ୍ଷମଣୀୟ ନୁହେଁ କେନିଆ, ଉଗାଣ୍ଡା, ଦକ୍ଷିଣ ଆଫ୍ରିକା ଆଦି ଅଞ୍ଚଳର ତଥା ଏଠିକାର ସ୍ୱଚ୍ଛଳ ବ୍ୟବସାୟୀ, ପାରୁପର୍ଯ୍ୟନ୍ତ "ଲଭ" କରିବାକୁ ଯାଇ ନିଜକୁ ଅପର ସମାଜର ବୌଦ୍ଧିକ ଅବା ସାଂସ୍କୃତିକ ସ୍ତରରେ ନିଜକୁ ମିଶାଇପାରେ ନାହିଁ । ଏପରିକି ନିଜକୁ ସର୍ବଭାରତୀୟ ସ୍ତରକୁ ମଧ୍ୟ ନେଇ ଯାଇପାରେ ନାହିଁ । ଆପଣା ଗୁଜରାଟି, ପଞ୍ଜାବୀ, ତାମିଲ୍ ଇତ୍ୟାଦି ବିରାଦରିକୁ ନେଇ ରହିଥାଏ । ଫଳରେ ପୁରୁଷ ପୁରୁଷ ଧରି ଅବାଞ୍ଛିତ ଭିନ୍ନଦେଶୀ ରୂପେ ଗଣା ହୁଏ ।

ତେବେ ମୁଁ 'କୋମାଗାତା ମାରୁ'ର ସ୍ମୃତିସଭାକୁ ଗଲି ନାହିଁ, ତା'ର କାରଣ ନୁହେଁ ଯେ ମୁଁ ସେହି ଲଜ୍ଜାଜନକ ସ୍ମୃତିରେ ନିଜକୁ ସାମିଲ୍ କରି ପାରିଲି ନାହିଁ, ନିଜକୁ ବଡ଼ ମନେକଲି ଅଥବା ମୁଁ ମୋ ଜାତିଭାଇଙ୍କ ଦୋଷଗୁଣକୁ ବାଛି ବସିଲି, ଯେହେତୁ ମୁଁ ଜଣେ ବୁଦ୍ଧିବାଦୀ ଏବଂ ଭୁଲିଗଲି ଯେ ମୁଁ ଯେତେହେଲେ 'ତାଙ୍କର ଭିତରୁ ଜଣେ' । ମୁଁ ତତ୍‌କ୍ଷଣାତ୍ ଏବଂ

Digitized by srujanika@gmail.com

ଘଟଣା ବିଷୟରେ କିଛି ପଢ଼ାପଢ଼ି କରି ଜାଣିବା ପୂର୍ବରୁ ମଧ୍ୟ ସେହି ସମ୍ମାନକୁ ପ୍ରତ୍ୟାଖ୍ୟାନ କଲି, କାରଣ ବିଜ୍ଞାପନପତ୍ରରେ ଗୋଟିଏ ଜାଗାରେ ଲେଖା ହୋଇଥିଲା— "...କ୍ୟାନେଡ଼ା ସରକାର ଏଠିକାର ଚୀନା ଗୁପ୍ତଚରମାନଙ୍କୁ ପ୍ରଶ୍ରୟ ଦେଉଛି ଚୀନ୍ ସରକାରଙ୍କ ବିରୋଧରେ ଲଢ଼େଇ କରିବା ପାଇଁ, ଅଥଚ ଭାରତୀୟ ବିଦ୍ରୋହୀମାନଙ୍କୁ ଅନୁମତି ଦେଉ ନାହିଁ ଭାରତର ଜନବିରୋଧୀ ସରକାରକୁ ଓଲଟେଇ ଦେବା ପାଇଁ ।"

'କୋମାଗାଟା ମାରୁ'ର ଦୋହାଇ ଦେଇ ଯେଉଁମାନେ ମୋ ଦେଶର ଗଣତନ୍ତ୍ରକୁ ସ୍ୱୀକାର କରନ୍ତି ନାହିଁ, ଅପରନ୍ତୁ ତାକୁ ଖଣ୍ଡ ଖଣ୍ଡ କରି ନଷ୍ଟ କରି ଦେବାକୁ ଚାହାନ୍ତି, ତାଙ୍କ ସାଙ୍ଗରେ ମୋର କୌଣସି ସମ୍ପର୍କ ନାହିଁ । ଧନ୍ୟବାଦ ।

Digitized by srujanika@gmail.com

ପ୍ରୀତି ଓ ପରିବାର

ବିଦାୟ ନେଲାବେଳକୁ ଆମେ କୋଳାକୋଳି ହେଲୁ । ବନ୍ଧୁ ଓ ମୁଁ, ବନ୍ଧୁପତ୍ନୀ ଓ ମୋ ସ୍ତ୍ରୀ । କିନ୍ତୁ ସେତିକରେ ସରିଲା ନାହିଁ । ଏ ଦେଶର କାଇଦା ଅନୁଯାୟୀ ବିପରୀତ କୋଳାକୋଳି ମଧ୍ୟ ଏକାନ୍ତ ଆବଶ୍ୟକ, ନ ହେଲେ ଚତୁଷ୍କୋଣ ପୂର୍ଣ୍ଣ ହେବ ନାହିଁ । ତେଣୁ ପୁଣି ଆମେ ମିଳିତ ହେଲୁ । ହାସ୍ୟମୟୀ ବନ୍ଧୁପତ୍ନୀ ଏବଂ ଦାନ୍ତ ଗିଜିଡ଼ିଥିବା ମୁଁ, ହାସ୍ୟମୟ ବନ୍ଧୁ ଏବଂ ଥତମତ ହୋଇ ହସିବାକୁ ଚେଷ୍ଟା କରୁଥିବା ମୋର ସ୍ତ୍ରୀ । ଭାଗ୍ୟ ଭଲ କଥାଟା ଗଣ୍ଡଚୁମ୍ବନ ଯାଏଁ ଗଲା ନାହିଁ । ହୁଏତ ବନ୍ଧୁତା ଆହୁରି ଘନେଇ ଯାଇଥିଲେ ସେତିକି ମଧ୍ୟ କରିବାକୁ ଏବଂ ପାଇବାକୁ ପଡ଼ିଥାଆନ୍ତା । ଏକଥା ଶୁଣି ସ୍ୱଦେଶର ଲୋକେ କହିବେ— ଛିଃ, ଛିଃ, ଛିଃ ! ଏହି ପ୍ରକାର କାରବାରକୁ ପୁରୁଣାକାଳିଆ ପାପ ବୋଲି ନ କହିପାରି, କିନ୍ତୁ ଯେତେ ବାହ୍ୟିକ ହେଉ ପଛକେ ନାରୀଦେହ ଓ ପୁରୁଷଦେହର ଛୁଆଁଛୁଇଁ କ'ଣ ଏତେ ସହଜଲଭ୍ୟ ଓ ସର୍ବସାଧାରଣ ଯେ ତାକୁ ସାମାଜିକ ଆଦାନପ୍ରଦାନରେ ସାମିଲ୍ କରିବା କଥା ? କଲେ ମଧ୍ୟ କେବଳ ଛୁଆଁଛୁଇଁ ଯଥା କରମର୍ଦ୍ଦନରେ ସୀମିତ କରିବା ଉଚିତ ନୁହେଁ କି ? ନ ହେଲେ ଯୌନପ୍ରେମର ଅନ୍ତରଙ୍ଗତା, ସେହେତୁ ତା'ର ବିଶିଷ୍ଟ ଗୋପନୀୟ ଆନନ୍ଦ ପାଣିଚିଆ ହୋଇଯିବ ନାହିଁ ? ଏଠିକାର ସୁଧୀଜନେ ଏଭଳି ପ୍ରଶ୍ନକୁ ବୁଝିପାରିବେ ନାହିଁ । ଅନ୍ତରଙ୍ଗତା ? ଗୋପନୀୟତା ? ମାନେ ଶୋଇବାଶେଯ ବନ୍ଦକବାଟର ବ୍ୟାପାର ? ମାନେ ସେକ୍‌ସ ?? ସେଇଠୁ ହୁଏତ ହସି ହସି ଗଡ଼ିଯିବେ । କହିବେ—ସାର୍, ଟିକିଏ ସ୍ପର୍ଶ ଅଥବା ଆଲିଙ୍ଗନ, ହେଲା ଏବେ

Digitized by srujanika@gmail.com

ଚୁମ୍ବନରେ ସେକ୍ସ ମଡ଼ୁଉଚ୍ଛି ଆପଣମାନଙ୍କୁ ? ହାୟ ! ସେଦିନ ଟି.ଭି.ର ଗୋଟିଏ କାର୍ଯ୍ୟକ୍ରମରେ ଭାରତୀୟ ସଂସ୍କାରକୁ ଏହି ମର୍ମରେ ବିଦ୍ରୂପ କରା ଯାଉଥିଲା । ଆମ ସିନେମାରେ ବି ଚୁମ୍ବନର ଦୃଶ୍ୟ ନିଷିଦ୍ଧ । ଶଠ ସଂକୋଚ ଆଉ କାହାକୁ କୁହାଯାଏ ?

ହଉ । ଯୁକ୍ତିଛଳରେ ମାନି ନିଆଯାଉ ଯେ ଏଠିକା ସମାଜରେ ପ୍ରୀତିର ଧାରା ଅବ୍ୟାହତ, ତା'ର କୁହୁକୁହୁ ଛଳଛଳ ସଙ୍ଗୀତକୁ ଶୁଣି ଶୁଣେଇବା ସଭ୍ୟତାର ଅନ୍ୟତମ ଲକ୍ଷଣ । ତେଣୁ ପରିବାରର ବାହାରେ ମଧ୍ୟ କଥା-କଥାକେ 'ହନି', 'ଡାର୍ଲିଙ୍ଗ୍' ଆଦି ସମ୍ବୋଧନ କରିବା ଏବଂ ସ୍ଥଳବିଶେଷରେ ଅଳ୍ପ ବହୁତ ଆଗେଇଯାଇ ଦେହକୁ ଦେହରେ ମିଶାଇବାର ବ୍ୟାପକ ଦୃଶ୍ୟରୁ ବୁଝିବାକୁ ହେବ ଯେ ଅନ୍ୟାନ୍ୟ 'ବସ୍ତୁ' ପରି ଏ ଦେଶର ପ୍ରୀତି ମଧ୍ୟ ଯାହାକୁ ସେତେ । ହୋଇପାରେ ଯେ ସେକ୍ସ ହେଉଚ୍ଛି ଯୌନପ୍ରୀତିର ସ୍ଥୂଳକଥା ଅବା ଶେଷକଥା । କିନ୍ତୁ ସେ ତ ରହିଚ୍ଛି ତା' ଘରେ, ଆପଣା ସ୍ୱତନ୍ତ୍ର ଓ ଅନ୍ତରଙ୍ଗ ଗୃହକାନ୍ଥ ଭିତରେ, ତାକୁ ଉଭୟର ମିଳାମିଶାର ଆନନ୍ଦକୁ ଶ୍ରେଷ୍ଠ କରିଦେବା କ୍ଷୁଦ୍ରବୁଦ୍ଧିର ପରିଚାୟକ ନୁହେଁ କି ? ଇତ୍ୟାଦି, ଇତ୍ୟାଦି ।

କିନ୍ତୁ ସେକ୍ସ ବି କ'ଣ ସତରେ ରହିଚ୍ଛି ତା ଘରେ ? ଅନ୍ତରଙ୍ଗତାର ଗୃହକାନ୍ଥ ଭିତରେ ? ସୁସ୍ପଷ୍ଟ ଯୌନ ସେକ୍ସର ଚୁମ୍ବନ, ଆଲିଙ୍ଗନ, ତଥା ତା'ର କ୍ରମଶୀଳତାର ଦୃଶ୍ୟ କିଏ ଦେଖି ନାହିଁ ଏଠି, ସୂର୍ଯ୍ୟାଲୋକରେ ଉଦ୍‌ଭାସିତ ବେଳାଭୂମିରେ, ନିଶ୍ଚଳ (ବେଳେବେଳେ ଚଳନ୍ତା) କାର୍‌ର ପଛ ସିଟ୍‌ରେ, ଛୁଟି ବିତାଇବାର ତମ୍ବୁ ରହଣିର ଘାସରେ ଏବଂ ଏହି ପ୍ରକାର ନାନା ସୁବିଧାଜନକ ଗୃହସୀମାବହିର୍ଭୂତ ବାହାରେ ? ତା'ମାନେ କେବଳ ପ୍ରୀତି ନୁହେଁ, ସେକ୍ସ ନାମକ ବସ୍ତୁ ବି କ'ଣ ଉଚ୍ଛୁଳୁ ନାହିଁ ଏଠି ?

ଏମାନଙ୍କ ମଧ୍ୟରୁ ଅନେକେ କହିବେ— ବେଶ୍, ପ୍ରୀତିର ଘଣ୍ଟି ହୁଏତ ଟିକିଏ ଉଚ୍ଛୁଳ ଉଠିଲା, ଉଛୁର ପଡ଼ିଲା, ଢଳିଗଲା ସେକ୍ସଆଡ଼କୁ । ତେବେ କାହାର କ'ଣ କ୍ଷତି ହେଉଚ୍ଛି ସେଥିରେ ? ପ୍ରୀତି ଓ ମଉଜ ଏକାଠି ମିଶିଲେ କଅଣ ବେଳେବେଳେ ହୁଏ ନାହିଁ ସେମିତି ? ଗୃହକାନ୍ଥ ଭିତରେ ଯାହା ରଚିତ ହୁଏ ସେ ହେଉଚ୍ଛି ନିୟମିତ ଯୌନତାର ପ୍ରୀତି । ତା' ସାଙ୍ଗରେ ମଉଜ ମିଶେଇବାକୁ ଯାଇ ଟିକିଏ ପଦାକୁ ବାହାରି ଆସିଲେ ଆପଣ କହୁଛନ୍ତି କ'ଣ ନା ଇଏ ହେଉଚ୍ଛି ଅନିୟମ ! ସାମାନ୍ୟ ଅନିୟମକୁ ଅମାନ୍ତ କହିବା

Digitized by srujanika@gmail.com

ଉଚିତ ହେବ କି ? ଅବେଳରେ କି ଅଥାନରେ ପିଲମାନେ ଟିକିଏ ଆନନ୍ଦ କରୁଛନ୍ତି, ତାକୁ ଦେଖି ନ ଦେଖି ମୁରୁକିହସା ଦେବାର ଉଦାରତାଟିକ କ'ଣ ନାହିଁ ଆପଣଙ୍କ ପାଖରେ ? ନାହିଁ ଯଦି କେଉଁ ହିସାବରେ ନିଜକୁ ସଭ୍ୟ ବୋଲିଉଛନ୍ତି ?

ମୋ ବୟସର ଅନ୍ୟମାନଙ୍କ ତୁଳନାରେ ମୁଁ ନିଜକୁ ଉଦାର ମନେ କରେ । ତଥାପି ମାନି ନେଉଛି ଯେ ଯେହେତୁ ମୁଁ ଭାରତୀୟ, ମୋର ସଂକୋଚ, ମୋର ରକ୍ଷଣଶୀଳ ମନୋବୃତ୍ତି ସ୍ୱଭାବତଃ ବେଶୀ ଏମାନଙ୍କଠାରୁ । କିନ୍ତୁ··· କିନ୍ତୁ ଏଇ ପ୍ରୀତିଉଚ୍ଛୁଳା ସେକ୍ସରେ କ'ଣ ଖାଲି ପିଲ୍ଲିଆମି—ଚଗଲମି ଅଛି ? ନାହିଁ ତ ! ମୋର ମନେହୁଏ ଯେ ଅଧିକାଂଶ କ୍ଷେତ୍ରରେ ଇଏ ସ୍ୱତଃସ୍ଫୂର୍ତ୍ତି କ୍ରମ ନୁହେଁ, ଇଚ୍ଛାକୃତ ବ୍ୟତିକ୍ରମ । ଯୌବନର ଅସମ୍ଭାଳପଣ ନୁହେଁ, ମଧ୍ୟବୟସ୍କର 'ମଉଜ', ହୁଏତ ଆସ୍ଫାଳନ ଏବଂ ସେଥିର ନିମନ୍ତ୍ରଣ । ଏଠି ସେକ୍ସକୁ ବଡ଼ ବଡ଼ ହରଫରେ ନିଅନ୍ ଲାଇଟ୍ ସାହାଯ୍ୟରେ ଡକାଯାଏ । 'ପ୍ରୀତି ନିଅ ସ୍ୱର୍ଗ ନିଅ' (ତା ବଦଳରେ ସାମାନ୍ୟ କିଛି ଡଲର୍ ଦେବାକୁ ପଡ଼ିବ ସେକଥା ଭିନ୍ନ)ର ଚିଠାଉ ପଠାଯାଏ ଦୈନିକ ଖବରକାଗଜର ପୃଷ୍ଠାରେ, ବିପଣୀବଜାରର ସାଇନ୍‌ବୋର୍ଡ଼୍‌ରେ । ତାକୁ ବି କ'ଣ ପ୍ରୀତିର ଅଣାୟତ୍ତ ଅତିଶଯ୍ୟତା ବୋଲି କହିବ ?

ମୁଁ ଖାଲି ଆଜିକାର ଏଇ ଭ୍ୟାଙ୍କୋଭର୍ ଅବା କ୍ୟାନେଡ଼ା କଥା କହୁ ନାହିଁ । କହୁଛି ମୋର ତିରିଶବର୍ଷବ୍ୟାପୀ ଦେଖାଶୁଣା ଅଭିଜ୍ଞତା ନେଇ— ବ୍ୟାଙ୍ଗ୍‌କକ୍, ବାଲ୍‌ଟିମୋର୍, ମଣ୍ଟ୍ରିଏଲ୍, ଲଣ୍ଡନ, ସିଡ଼୍‌ନି ଏବଂ ଆଜିର ଭ୍ୟାଙ୍କୋଭର୍‌ରେ । ଦେଖୁଛି ସେକ୍ସର ଉନ୍ମୁକ୍ତ ସୁଦୃଶ ତା କେତେ ବଢ଼ି-ଗଲାଣି ସ୍ୱା' ଭିତରେ ଏବଂ ଭାବୁଛି ତା'ର କ୍ରମ ଆଉ କେତେଦୂର ଯିବ । ଭୟ ଲାଗୁଛି ଯେ ଶେଷକୁ ପ୍ରୀତି ଓ ସେକ୍ସର ସତ-ମିଛ ଏମିତି ଗଣ୍ଡଗୋଳିଆ ହୋଇଯିବ ଯେ ନା ସେଥିରେ ଭାବ ଥିବ ନା ସୁଖ ! ଗ୍ରାଫ୍‌ର ଊର୍ଦ୍ଧ୍ୱଗତି ବା ଅଧୋଗତି ଏହି ପ୍ରକାର :

—ପୂର୍ବେ କ୍ୟାବାରେ (Cabaret)ମାନଙ୍କରେ ନର୍ତ୍ତକୀ ଗୋଟିକ ପରେ ଗୋଟିଏ ତା'ର ଅଙ୍ଗବସ୍ତ୍ର ଖୋଲି ଦେଉଥିଲି । ଧୀରେ ଧୀରେ, ବାଦ୍ୟ ସଙ୍ଗୀତର ତାଳେ ତାଳେ ଏବଂ ଶେଷକୁ ଦେଖାଉଥିଲି ତା'ର ନିଭୃତ ନଗ୍ନତାର ଝଲକଟିଏ । ଯାହା ମୁଁ ଦେଖିଥିଲି ବ୍ୟାଙ୍ଗ୍‌କକ୍, ନିଉୟର୍କ୍,

Digitized by srujanika@gmail.com

ବାଲ୍ଟିମୋର୍ ଆଦି ସହରରେ ଆଜକୁ ପଚିଶ ତିରିଶ ବର୍ଷ ତଳେ । କିନ୍ତୁ ଦଶ ବର୍ଷ ତଳେ ଅଷ୍ଟ୍ରେଲିଆର ସିଡ୍‌ନିରେ ଦେଖିଲି ଯେ ଶେଷକଥା ସାମାନ୍ୟ ଝିଲିକରେ ସୀମିତ ନୁହେଁ । ପରିପୂର୍ଣ୍ଣ ନଗ୍ନତା କେତେ ଖେଳ ଦେଖେଇବ ତୁମ ସାମ୍ନାରେ, ବେଶ୍ କିଛି ସମୟ ଧରି, ଆଲୁଅ ଲିଭିବା ପୂର୍ବରୁ ଏବଂ ଏଠି ଆସି ଶୁଣିଲି ଯେ ମୂଳରୁ ସ୍ତ୍ରୀ ନଗ୍ନତା ! କିନ୍ତୁ ମୋତେ କୁହାଗଲା ଯେ ସେଥିକି ମଧ୍ୟ ଅନେକ ଦୃଶ୍ୟକାବ୍ୟ ଗଢ଼ାଯାଇ ପାରିବ ତୁମକୁ ଉସ୍କେଇବା ପାଇଁ, ଦେଖିବା ତୁମେ କେତେ ସମୟ ଯାଏଁ ନିଜକୁ ସମ୍ଭାଳି ରଖି ପାରିବ ।

—ପୂର୍ବେ ଦର୍ଶକ କେବଳ ଦେଖୁଥିଲେ । ଦୂରରୁ, ପୁଣି ପାଖରୁ, ତୁମକୁ ଚିଡ଼େଇଲା ପରି । ସିଡ୍‌ନିରେ ପ୍ରଥମେ ଦେଖିଲି ଯେ କେତେକ ଜାଗାରେ ନଗ୍ନତାକୁ ଅଳ୍ପ ବହୁତ ଛୁଇଁବାରେ, ଏପରିକି ଥାନ ଅଥାନରେ ଚୁମା ଦେବାରେ ବାଧା ନାହିଁ । ସେହି ଅଧିକ ବିଶେଷର ମର୍ଯ୍ୟାଦାସମ୍ପନ୍ନ ନାଆଁ ହେଲା ଦର୍ଶକୀୟ ଅଂଶ ଗ୍ରହଣ । ଆଜିକାଲି କୁଆଡ଼େ ଅଂଶଗ୍ରହଣ ଦର୍ଶକର ସାମାନ୍ୟ.ଓ ସର୍ବସାଧାରଣ ଦାବୀ । କ୍ୟାବାରେ ବିଶେଷରେ ପ୍ରଭେଦ ହେଉଛି କେଉଁ ସଂସ୍ଥା କେତେଦୂରଯାଏଁ ଏଇ ଦାବୀର ଶୋଷକୁ ମେଣ୍ଟାଇବାର ଅନୁମତି ଦେଇପାରିବ ।

—ପୂର୍ବେ ମୁଁ ଖବରକାଗଜମାନଙ୍କରେ ବେଶ୍ୟାଗମନର ବିଜ୍ଞାପନ ଦେଖି ନ ଥିଲି । ଆଜିକାଲି ପ୍ରତିଷ୍ଠିତ ଖବରକାଗଜମାନଙ୍କରେ ମଧ୍ୟ ସେଥିର ନିମନ୍ତ୍ରଣ ଯାହାକୁ ଯେତେ । ଏହିସବୁ ବିଜ୍ଞାପନ ଥାଏ 'ବ୍ୟକ୍ତିଗତ' ସ୍ତମ୍ଭରେ । କିନ୍ତୁ ବେଶ୍ୟାର କ'ଣ ଆତ୍ମସମ୍ମାନ ନାହିଁ ? ନା ସେ ତୁମର ସଭ୍ୟ-ସୌଖୀନ ଆତ୍ମସମ୍ମାନ ସହିତ ପରିଚିତ ନୁହେଁ । ତେଣୁ ବିଜ୍ଞାପନରେ 'ଭଦ୍ରଲୋକ'ମାନଙ୍କୁ ଆହ୍ୱାନ କରାଯାଏ କୌଣସି ସୁଗଠିତା ସୁନ୍ଦରୀ (ରୂପବର୍ଣ୍ଣନାରେ କାର୍ପଣ୍ୟ କରାଯାଏ ନାହିଁ)ର ସାହଚର୍ଯ୍ୟ ଲାଭ କରିବାପାଇଁ । ଭଦ୍ରମହିଳାଙ୍କ ସଂଜ୍ଞା ହେଲା 'ସହଚରୀ' । ଉଦାର ଭଦ୍ରମହିଳାମାନଙ୍କପାଇଁ ଉପଯୋଗୀ ସହଚର ଯୋଗାଇବାର ବିଜ୍ଞାପନ ମଧ୍ୟ ମୋ ଆଖିରେ ପଡ଼ୁଛି । ଏହି ସଂକ୍ରାନ୍ତରେ ମୁଁ ପ୍ରଥମେ ଏଠି ଗୋଟିଏ ନୂଆ ଇଂରେଜୀ ଶବ୍ଦ ଶିଖିଲି, ଯାହାର ପ୍ରୟୋଗ ଏହି ପ୍ରକାର ବିଜ୍ଞାପନରେ ଦେଖିବାକୁ ମିଳେ, କିନ୍ତୁ କୌଣସି ଅଭିଧାନରେ ତାକୁ ଖୋଜି ପାଇଲି ନାହିଁ । ତା' ନାଆଁ ହେଉଛି Bodysage । ପାରମ୍ପରିକ

Digitized by srujanika@gmail.com

massage (ମାଲିସ୍)ର ନୂଆ ଭିତରି ଅର୍ଥ ବୋଧହୁଏ ଅନେକ ବୁଝିପାରିଲେ ନାହିଁ, ତେଣୁ ଏହି ନୂଆ ବୋଧଗମ୍ୟ ଶବ୍ଦ ତିଆରି କରିବାକୁ ପଡ଼ିଲି !

—ପୂର୍ବେ ମୁଁ ଟେଲିଫୋନ୍‌ଗତ ସେକ୍ସର ବିଜ୍ଞାପନ ଦେଖି ନ ଥିଲି । ଅମୁକ ନମ୍ବରକୁ ଡାଏଲ୍ କଲେ ତୁମେ ସେକ୍ସର ଆନନ୍ଦଲାଭ କରିପାରିବ । ମାନେ ତୁମେ ଯଦି ପୁରୁଷ ହୋଇଥିବ, ସେପାଖରୁ ଜଣେ ସ୍ତ୍ରୀ ତୁମକୁ ଶୁଣେଇବ ନାନା ରସରସିଆ କଥା ଏବଂ ସେ ଯଦି ସ୍ତ୍ରୀ ହୋଇଥିବ··· । ଶୁଣିଲି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଏହାର ପ୍ରଚଳନ ସବୁଠାରୁ ବେଶୀ ଏବଂ ଟେଲିଭିଜନରେ ସମ୍ବାଦ ପରିବେଷଣର ଗୋଟିଏ କାର୍ଯ୍ୟକ୍ରମରେ ଦେଖିଲି ଯୁକ୍ତରାଷ୍ଟ୍ରର ସୁପ୍ରିମକୋର୍ଟ ରାୟ ଦେଇଛି ଯେ ଯଦିଚ ନାବାଳକ-ନାବାଳିକାମାନେ ଏହି ସୁବିଧାର ଦୁରୁପଯୋଗ କରୁଛନ୍ତି, ସେଥିପାଇଁ ଟେଲିଫୋନ୍ କମ୍ପାନୀ କିମ୍ବା ବିଜ୍ଞାପନଦାତାକୁ ଦାୟୀ କରାଯାଇ ନ ପାରେ । ବାପ ମାଆ ଓ ଅଭିଭାବକମାନଙ୍କ କାମ ହେଉଛି ତାଙ୍କ ପିଲାମାନଙ୍କୁ ଆୟତ୍ତରେ ରଖିବା । ତେଣୁ ତାଙ୍କ ଆରାମ ପାଇଁ ବ୍ୟକ୍ତିଗତ ବାଣିଜ୍ୟ ବ୍ୟବସାୟର ସ୍ୱାଧୀନତାକୁ କ୍ଷୁଣ୍ଣ କରାଯାଇ ପାରିବ ନାହିଁ । ଜୟ ହୁ ସ୍ୱାଧୀନତା !

—ପୂର୍ବେ ଦୋକାନର ଗୀତ ଆଲବମ୍‌ରେ ଏଭଳି ଗୀତ ଶୁଣିବାକୁ ମିଳୁ ନ ଥିଲା, ଯାହାର ଘୋଷା ହେଉଛି ରମଣ କରିବାର ଚାରିଅକ୍ଷର ଅଶ୍ଳୀଳତା । ଅବଶ୍ୟ ତା'ର ସଫେଇ ହେଉଛି ଯେ ସେଇ ପଦଟିକୁ ଆଜିକାଲି ଯୌନ ଅଶ୍ଳୀଳତା ଭାବରେ ନିଆଯାଏ ନାହିଁ, ଅବଜ୍ଞାସୂଚକ ମାମୁଲି ଅଶ୍ଳୀଳତା ହିସାବରେ ଗ୍ରହଣ କରାଯାଏ !

—ପୂର୍ବେ ବଜାରଘାଟରେ ଖୋଲାଖୋଲି ଯୌନତାର ଗପ ଓ ଚିତ୍ର ବିଶିଷ୍ଟ ବହି ମ୍ୟାଗାଜିନ୍‌ର ଦୋକାନ ଏବଂ ସେଥିର ଉଦ୍ଧତ ସାଇନ୍‌ବୋର୍ଡ଼ ଏତେ ବେଶୀ ଦେଖିବାକୁ ମିଳୁ ନ ଥିଲା । ପ୍ରଥମେ ଦେଖିଥିଲି ସେଇ ବ୍ୟବସାୟର ସର୍ବଦୃଶ୍ୟମାନ ଦାମ୍ଭିକ ଘୋଷଣା, ପ୍ରାୟ ଚଉଦବର୍ଷ ତଳେ । ଲଣ୍ଡନର ସୋହୋ ସ୍କୋୟାର୍‌ରେ ଥିବା ଗୋଟିଏ ବହି ଦୋକାନରେ ନିଅନ୍ ଲାଇଟ୍‌ର ଦୃପ୍ତ ସୁଦୀପ୍ତ ନିମନ୍ତ୍ରଣ "ସେକ୍ସ ! ସେକ୍ସ ! ସେକ୍ସ !" ଆଜି ଭ୍ୟାଙ୍କୋଭର୍‌ର ଡାଉନ୍‌ଟାଉନ୍‌ରେ ସେହି ପ୍ରକାର ନିମନ୍ତ୍ରଣ କିଛି କମ୍ ନୁହେଁ ।

Digitized by srujanika@gmail.com

ଖାଲି ଆଇନ୍‌କୁ ବଞ୍ଚେଇବା ପାଇଁ ଲେଖା ହୋଇଥିବ କେଉଁଠି,"ଅଠର ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ପାଇଁ ନିଷିଦ୍ଧ ।"

—ପୂର୍ବେ ଭି.ସି.ଆର୍. ଜରିଆରେ ଘରେ ବସି ମନଇଚ୍ଛା ଚଳଚ୍ଚିତ୍ର ଦେଖିବାର ଏତେ ସୁବିଧା ନ ଥିଲା । ସହଜେ 'ବ୍ଲୁ ଫିଲ୍ମ' ଆଜି ନିଷିଦ୍ଧ ଫଳ ନୁହେଁ ଏବଂ ଏସବୁ ଦେଶରେ ତା' ଉପରେ କୌଣସି ସରକାରୀ କଟକଣା ନାହିଁ । ସେକ୍ସ ସିନେମାର କ୍ୟାସେଟ୍ ଯାହାକୁ ଯେତେ । ତେବେ ଦୋକାନମାନଙ୍କରେ ତାକୁ 'ପରିବାର' ଶ୍ରେଣୀରେ ରଖା ନ ଯାଇ 'ପ୍ରାପ୍ତବୟସ୍କ' ଶ୍ରେଣୀରେ ରଖାଯାଏ । ସତେକି ପ୍ରାପ୍ତବୟସ୍କ ପରିବାରଭୁକ୍ତ ନୁହେଁ ଏବଂ ଅପ୍ରାପ୍ତବୟସ୍କ ଆପେ ଆପେ ଆଡ଼େଇ ହୋଇଯିବ ତା'ର ଇଲାକାରୁ !

—ପୂର୍ବେ ଜାଣି ନ ଥିଲି ଯେ ଗୋଟାଏ ଦୋକାନର ନାଆଁ ହୋଇପାରେ 'ପ୍ରେମ ଦୋକାନ' ଓ ସେଠି ପ୍ରେମାନନ୍ଦକୁ ବଢ଼ାଇବାର ବିଭିନ୍ନ ଉପକରଣ ମିଳେ । କହିବା ବାହୁଲ୍ୟ ଯେ ଏଠି ପ୍ରେମର ପରିଭାଷା ସେକ୍ସ ଏବଂ ରତିକ୍ରୀଡ଼ା ଯେ ସବୁବେଳେ ସିଧାସଳଖ ଓ ଗତାନୁଗତିକ ହୋଇଥିବ ସେକଥା କିଏ କହିଲା ?

—ପୂର୍ବେ...ଛାଡ଼ନ୍ତୁ । ସେକ୍ସର ପ୍ରଦର୍ଶନ ତଥା କଣାବିକା ଆଜି କେତେ ଅଧିକ, କେତେ ଖୋଲାମୁକୁଲା ଏବଂ କେତେ ମର୍ଯ୍ୟାଦାସମ୍ପନ୍ନ ସେକଥା କହିଲେ ସରିବ ନାହିଁ ।

ବେଶ୍ , କ'ଣ ହେଲା ସେଇଠୁ ? ଏଠିକାର ସୁଧୀଜନେ ହୁଏତ ତୁମକୁ ଦୟା ଦେଖାଇଲା ପରି ମୁଣ୍ଡ ହଲେଇବେ । ଯାହାର ଅର୍ଥ 'ଯା ମନ ଯେପରି ତା' ପାଇଁ ସେପରି...।' କହିବେ, ଯାହାର ମନ ଯୁଆଡ଼େ ସେ ଯାଉ ସେଆଡ଼କୁ । ହେଲେ ଆପଣଙ୍କ ଅନୁସନ୍ଧାନୀ ମନ କି ତା' ପଛେ ପଛେ ଗୋଡ଼େଇଛି କାହିଁକି ? ମୋଟ ଉପରେ ନିର୍ଦ୍ଦୋଷ ସେକ୍ସ ସୁଖର ପ୍ରବୃତ୍ତିକୁ ଲୁଚେଇବ କି ଦବେଇବ କାହିଁକି ? ଫ୍ରଏଡ୍‌ୀୟ ଜ୍ଞାନ କ'ଣ ପଢ଼ି ନାହାନ୍ତି ଆପଣ ? ତା'ଛଡ଼ା ଉପରୋକ୍ତ ସେକ୍ସର ଗବାକ୍ଷ ରସିକର ସ୍ୱର୍ଗକୁ ଯାଉ କି ଆପଣଙ୍କ ମାତ୍ରବିଦ୍ଧ ରସାତଳକୁ, ଅସଲ ପ୍ରୀତିର କ'ଣଟା ବିଗିଡ଼ ଯାଉଛି ସେଥିରେ ? ସେକ୍ସ ଓ ପ୍ରୀତିର ଗଣ୍ଡଗୋଳ ଆସୁଛି କେଉଁଠୁ ??

Digitized by srujanika@gmail.com

ବିଜ୍ଞାନର ଇସ୍ତାହାର ସାମ୍ନାରେ ଟିକିଏ ହଡ଼ବଡ଼େଇ ଯିବା ସ୍ୱାଭାବିକ। ତଥାପି କ୍ଷଣକ ପାଇଁ ଅଟକି ଯାଇ ଭାବିଚିନ୍ତି ସାହସ ବାନ୍ଧି କହିବାକୁ ପଡ଼ୁଛି। ମୋର ମୁଖ୍ୟତଃ ଯୋଡ଼ିଏ ଭୟ :

ଏକ—ଯେକୌଣସି ବସ୍ତୁର ସହଜ ସୁଲଭ ପ୍ରାଦୁର୍ଭାବ ତା'ର ଗୁରୁତ୍ୱକୁ କମେଇଦିଏ ବୋଲି ମୋର ବିଶ୍ୱାସ। ତେଣୁ 'ଅସଲ ପ୍ରୀତି' କେତେଦୂର ତା' ସାଙ୍ଗରେ ଲାଗି ରହିଥିବା ସେକ୍ସକୁ ଆପଣାର ଏକ ଗୋପନ-ଅନ୍ତରଙ୍ଗ ଓ ବିଶିଷ୍ଟ ଅଙ୍ଗ ରୂପେ ଘଣ୍ଟ ଘୋଡ଼େଇ ରଖି ପାରିବ ? ଯଦି ନ ପାରେ ତା'ହେଲେ ସେକ୍ସ ଅଧିକତର କୁତ୍ସିତ ଓ ପ୍ରୀତି ଅଧିକତର ଫମ୍ପା ମନେହେବ ନାହିଁ କି ? କଳାତ୍ମକ ଦୃଷ୍ଟିରୁ କଥାଟା ସୁନ୍ଦର ଦିଶୁ ନାହିଁ, କ୍ଷମା କରିବେ।

ଦୁଇ—ସମସ୍ତେ ଜାଣନ୍ତି ଯେ ସେକ୍ସ ଅର୍ଥାତ୍ ଯୌନପ୍ରବୃତ୍ତି ହେଉଛି ପ୍ରକୃତିର ଅନ୍ୟତମ କାରସାଦି, ଜୀବଜାତିର ବଂଶବୃଦ୍ଧି ପାଇଁ। କିନ୍ତୁ ଏକଥା ମଧ୍ୟ ସତ ଯେ ସ୍ୱାଭିମାନୀ ମଣିଷ 'ପଶୁଭିଃ ସମାନାଃ' ହୋଇ ସେଇ ସ୍ଥୂଳ ବାଧ୍ୟବାଧକତାକୁ ମାନି ନେବାକୁ ଚାହେଁ ନାହିଁ। ତେଣୁ ଯୋଗୀ କୁହେ, ମୁଁ ସେକ୍ସକୁ ତ୍ୟାଗ କରିପାରିବି, ପ୍ରକୃତିକୁ ଜିଣିପାରିବି। ପ୍ରେମୀ କୁହେ ମୋର ସେଡିକି ଅବଶ୍ୟ ଦରକାର, କିନ୍ତୁ କେବଳ ମୋ ପ୍ରେମସୁଖକୁ ବଢ଼ାଇବା ପାଇଁ। ନୀତିବାଦୀ କୁହେ ମୋର ଦରକାର, କିନ୍ତୁ ସଂଯମର ସହିତ, ଅର୍ଥାତ୍ ଆବଶ୍ୟକ ବଂଶବୃଦ୍ଧି ପରେ ତାକୁ ଫିଙ୍ଗିଦେବା କଥା। ସାଧାରଣ ସଂସାରୀ କୁହେ ଯେ ମୋଟ ଉପରେ ବାହା ହୋଇପଡ଼ି ଗୋଟିଏ ସ୍ତ୍ରୀ ସାଙ୍ଗରେ ଘର କଲେ ଗଲା। ତା'ହେଲେ ସେକ୍ସର ଯଥାବିଧି ସୁଖ, ସଂଯମ ଓ ଆବଶ୍ୟକତା ସମନ୍ୱିତ ହୋଇପାରିବ। ସେକ୍ସ ସାଙ୍ଗକୁ ପ୍ରୀତି ଓ ପ୍ରୀତି ସାଙ୍ଗକୁ ପରିବାର ଆପେ ଆପେ ଯୋଡ଼ି ହୋଇଯିବ ବ୍ୟକ୍ତି ତଥା ସମାଜର ମଙ୍ଗଳପାଇଁ। କିନ୍ତୁ ବର୍ତ୍ତମାନ ସେକ୍ସର ପ୍ରାଧାନ୍ୟ ଏତେଦୂର ବଢ଼ିଗଲାଣି ଏଇ ପାଶ୍ଚାତ୍ୟ ପୃଥିବୀରେ ଯେ 'ବୁଦ୍ଧିମାନ୍' ଉପଭୋଗୀ ଦମ୍ପତିର ସହିତ କହିଲାପରି ଲାଗୁଛି— ମାର ଗୋଲି ବଂଶବୃଦ୍ଧିକୁ। ପ୍ରକୃତି କ'ଣ ଚାହେଁ ନ ଚାହେଁ, ସମାଜର କେଉଁଥିରେ ମଙ୍ଗଳ କି ଅମଙ୍ଗଳ, ଏହି ପ୍ରକାର ତଥ୍ୟରେ ମୁଣ୍ଡ ଘୂରେଇବା ଦରକାର ନାହିଁ। ଆମେ ପୁରୁଷ-ସ୍ତ୍ରୀ ସୁଖ କରିବା ପାଇଁ ଏକାଠି ହେବୁ। ଆମର ଯେତେବେଳେ ଇଚ୍ଛା ହେବ, ଯେତେଦିନ ଯାଏଁ ଇଚ୍ଛା ହେବ। ପିଲା

Digitized by srujanika@gmail.com

ଜନ୍ମ ହେବା ଆନୁଷଙ୍ଗିକ, ହୁଏତ ନ ହେଲେ ଚଳିବ, ହୁଏତ ପରେ ଇଚ୍ଛା ହେଲେ ଗୋଟାଏ ପିଲା ପାଳି ନେଇପାରୁ ଆମେ (ଅଥବା ଜଣିକଆ ମୁଁ, ଯଦି ଆମେ ଏକାଠି ନ ଥାଉ ସେତେବେଳେ) · ବାକୁ, ସେକ୍ସ ହେଲେ ପ୍ରୀତି, ପ୍ରୀତି ହେଲେ ସେକ୍ସ, ଏଇ ସରଳ ସତ୍ୟକୁ ନେଇ ଏତେ ମୁଣ୍ଡବଥା କାହିଁକି ?

ଦେଖୁଛୁ, ଏଇ ବିଦ୍ରୋହୀ ସ୍ୱେଚ୍ଛାର କିମ୍ବମତି ଏତେ ଊର୍ଦ୍ଧ୍ୱକୁ ଉଠିଲଣି ଯେ ବିବାହ-ଅନୁଷ୍ଠାନ ତ ସହଜେ ପୁରୁଣାକାଳିଆ ଏବଂ ଅଦରକାରୀ ହୋଇ ଆସୁଛି, ତା'ଛଡ଼ା ପୁରୁଷ ଓ ସ୍ତ୍ରୀ ଏକାଠି ରହିବାର ବାଧ୍ୟବାଧକତା ମଧ୍ୟ କ୍ରମଶଃ କମି ଆସୁଛି । ଯା'ର ପରିଣତି କେଉଁଠି ?

ଯାହାହେଉ, ବର୍ତ୍ତମାନ ଦେଖିବା ମୁଁ ମୋର ଏଇ ଭୟ ଦି'ଟାକୁ ଘଉଡ଼େଇ ଦେଇପାରୁଛି କି ନାହିଁ ।

ପ୍ରଥମ କଳାତ୍ମକ ଆପତ୍ତିର ଭୟକୁ ମୁଁ ଆଦୌ ପ୍ରଶ୍ରୟ ଦେବାକୁ ଚାହେଁ ନାହିଁ । ମାନି ନେଉଛି ଯେ ଇଏ ହେଉଛି ମୋର ରୋମାଣ୍ଟିକ୍ ମନୋଭାବ । ଯେଉଁଥିପାଇଁ ମୋର ଘରଖିଆପଣ ଅଥବା ଲେଖକପଣିଆ ଦାୟୀ ହୋଇପାରେ । ନ ହେଲେ ମୋତେ ବାସ୍ତବତା ଅଥବା ବୈଜ୍ଞାନିକତାର ଭିତ୍ତିରେ ନାନା ଗାଳିମନ୍ଦ ଶୁଣିବାକୁ ପଡ଼ିବ । ଯଥା: ଅସଲ କଥା ହେଉଛି ଯେ ଆମ ପାଶ୍ଚାତ୍ୟ ସମାଜ ସେକ୍ସ-ସୁଖର ମିଛ ଆବରଣଗୁଡ଼ାକୁ ଖୋଲି ଦେଲିଣି । ସେଇଥିପାଇଁ ତା'ର ଦୈହିକତା ଏମିତି ଉଗ୍ର ଉତ୍କଟ ହୋଇ ଦିଶୁଛି, ଡରଉଛି ଆପଣଙ୍କୁ । ବେଶ୍, ତାକୁଇ ସୁନ୍ଦର ବୋଲି କହୁ ନାହାନ୍ତି ? ତାକୁଇ କିଆଁ ଲୌକିକ ଭାଷାରେ ନେଇ ଆଣିପାରୁ ନାହାନ୍ତି ଆପଣଙ୍କ ଗଳ୍ପ କବିତା ଭିତରକୁ ? ଦେଖୁ ନାହାନ୍ତି, ପାଶ୍ଚାତ୍ୟ ପୃଥିବୀର ସାହିତ୍ୟ—ତଥାକଥିତ ଶସ୍ତା ଲୋକପ୍ରିୟ ସାହିତ୍ୟ ନୁହେଁ, ପୁରସ୍କାରପ୍ରାପ୍ତ 'ସାହିତ୍ୟିକ' ସାହିତ୍ୟ ମଧ୍ୟ—କେମିତି ଏକାଧାରରେ ଯଥେଷ୍ଟ ସେକ୍ସ, ଯଥେଷ୍ଟ ମନସ୍ତତ୍ତ୍ୱ ଓ ଯଥେଷ୍ଟ ଆଧ୍ୟାତ୍ମିକତାର ବ୍ୟଞ୍ଜନ ତିଆରି କରି ବାସ୍ତବ ମଣିଷଦଶାକୁ ଦର୍ଶାଇବାରେ ସଫଳ ହୋଇପାରିଛି ? ଆପଣ ଯଦି ନ ପାରୁଛନ୍ତି, ସେଇଟା କାହା ଦୋଷ ? ପ୍ରୀତି, ଅପ୍ରୀତି, ସେକ୍ସ, ଅଣସେକ୍ସ ଏସବୁ ଗୋଳିଆଘାଣ୍ଟି ହୋଇ ରହିଛି ପ୍ରତ୍ୟେକ ମଣିଷର ଜୀବନରେ, ପୃଥିବୀର ଆରମ୍ଭରୁ । ଆଜିର ନୂଆ କଥା ହେଉଛି ଏଇ ଯେ ସ୍ୱାଧୀନ ମଣିଷ ସେଥିପ୍ରତି

Digitized by srujanika@gmail.com

ସଚେତନ ହୋଇପାରିଛି ଏବଂ ତାକୁ ନେଇ କେତେ ପରୀକ୍ଷାନିରୀକ୍ଷା ଚଳେଇଛି ମୁହୂର୍ତ୍ତରୁ ମୁହୂର୍ତ୍ତକୁ, ଜୀବନରୁ ଜୀବନକୁ । ହେ ଲେଖକ ମହାଶୟ ! ଆପଣ ଯଦି ସେଇ ସଚେତନତା (ତଥା ପ୍ରଚ୍ଛନ୍ନ ଅଚେତନତା)କୁ ଚିହ୍ନି ନ ପାରିଲେ, ଅଥବା ତା'ର ସମ୍ୟକ୍ ବିଶ୍ଳେଷଣ କରିବାକୁ କୁଣ୍ଠେଇଲେ, କାଳେ ଆପଣଙ୍କ ଆତ୍ମଶଠ ସମାଜ ଆପଣଙ୍କ ପ୍ରତି ବିମୁଖ ହୋଇ ଉଠିବ, ତା'ହେଲେ କିଏ କ'ଣ କରିପାରେ କହନ୍ତୁ ନାହାନ୍ତି ? ହାୟ ! ଆପଣଙ୍କ ମୁହଁକୁ ଲାଜ ନାହିଁ ଯେ ଏବେମଧ୍ୟ, ଆଜିର ଏଇ ସତ୍ୟାଶ୍ରୟୀ ଯୁଗରେ ମଧ୍ୟ, ଆପଣ କହୁଛନ୍ତି ଇଏ ସୁନ୍ଦର, ଇଏ ଅସୁନ୍ଦର··· ?

ଥାଉ, ଥାଉ, ମୁଁ ବୁଝିଗଲିଣି । ଲେଖକ ହିସାବରେ କେବଳ ଏତିକି କହିବି ଯେ ମୋ ଲେଖା ଜରିଆରେ ମୁଁ ଯଥେଷ୍ଟ ଦୁଃସାହସୀ ହୋଇ ଯଥେଷ୍ଟ ଗଞ୍ଜଣା ସହି ସାରିଲିଣି । ଆଉର ଆଗକୁ ବଳ ପାଉ ନାହିଁ । ସେଥିପାଇଁ ମୁଁ ଦୁଃଖିତ ।

ମୁହୂର୍ତ୍ତରୁ ମୁହୂର୍ତ୍ତକୁ ନେଇ, ଜୀବନରୁ ଜୀବନକୁ ନେଇ ସେକ୍ସ ଓ ପ୍ରୀତିର ଚଲଚ୍ଚିତ୍ର । ସେଇ ଚମତ୍କାରିତାର ପରିପ୍ରେକ୍ଷୀରେ ହୁଏତ ଆହୁରି କେତେ ନୂଆ ସାହିତ୍ୟରୁ ସୃଷ୍ଟି ହେବ । ହେଉ । କିନ୍ତୁ ମୁହୂର୍ତ୍ତରୁ ମୁହୂର୍ତ୍ତକୁ ଆବୃରି, ଜୀବନକୁ ଜୀବନରେ ଛନ୍ଦି, ସେକ୍ସକୁ ପ୍ରୀତିରେ ଯୋଖି ଯେଉଁ ଘର ପରିବାରର କୃତ୍ରିମତା ଆଜିଯାଏଁ ରହି ଆସିଛି ଆମ ସମାଜରେ ତା'ର ସନ୍ତୋଷିଆ ମଣିଷଟାକୁ ବି କ'ଣ ବର୍ଜନ କରିବା ? ଫିଙ୍ଗିଦେବା ଅତୀତକୁ ? ଏବଂ ଏଠିକାର ଏଇ ନିର୍ଭୀକ, ସ୍ୱାଧୀନ, ଉଗ୍ରଚେତନ ମଣିଷର ଯୌନଜୀବନକୁ ସତ୍ୟ-ବାସ୍ତବର କ୍ରମବର୍ଦ୍ଧମାନ ନୂତନତର ସୁଖ ବୋଲି ସ୍ୱୀକାର କରିନେବା, ତାହା (ବିଗତ ଘରଣୀଯୁଗର ଦୃଷ୍ଟିରେ) ଯେତେ ଅସନ୍ତୋଷିଆ ହେଉ ପଛେ ? ତା' ଯଦି ହୁଏ ତା'ହେଲେ ମୋର ଦ୍ୱିତୀୟ ପ୍ରଶ୍ନର ସମାଧାନ ହୋଇଯିବ ନିଶ୍ଚୟ । କିନ୍ତୁ ପ୍ରଥମେ ବୋଧହୁଏ ଏଠିକାର ସମକାଳୀନ ଘର ପରିବାରର ଆକାର ପ୍ରକାରକୁ ଠଉରେଇ ନେବା ଉଚିତ ହେବ, ଯେପରିକି ଭବିଷ୍ୟତକୁ ସରଳରେଖା ଟାଣିବାରେ ବିଶେଷ ଭୁଲ୍ ହେବ ନାହିଁ । ମୋଟ ଉପରେ ଏଇ ହେଲା ମୋର କ୍ରମବର୍ଦ୍ଧମାନ ଦେଖାଶୁଣା ଅଭିଜ୍ଞତାର ପରିଚୟ :

—ତିରିଶବର୍ଷ ତଳେ କ୍ୟାନେଡ଼ା ସମେତ ଉତ୍ତର ଆମେରିକାରେ ହାରାହାରି ଛଅଟି ବିବାହ ଭିତରୁ ଗୋଟିଏ ଛାଡ଼ପତ୍ରରେ ତୁଟି ଯାଉଥିଲା ।

Digitized by srujanika@gmail.com

କ୍ରମଶଃ ତା'ର ହାର ହେଲା ତିନୋଟିରୁ ଗୋଟିଏ । ଏବେ ଟେଲିଭିଜନର ଗୋଟିଏ ଆଲୋଚନାଚକ୍ରରେ ଶୁଣିଲି ଯେ ତା'ର ହାର ହେଉଛି ଯୋଡ଼ିଏରେ ଗୋଟିଏ । ଫିଫ୍‌ଟି—ଫିଫ୍‌ଟି । ଖବରକାଗଜର ବିଜ୍ଞାପନ ସ୍ତମ୍ଭରେ ସୁବିଧା ଓ ଶସ୍ତା ଛାଡ଼ପତ୍ର ଯୋଗାଡ଼ କରିଦେବାର ଏକାଧିକ ନିମନ୍ତ୍ରଣ ଦେଖିବାକୁ ମିଳିବ । ଏହି କ୍ରମରେ ଥରେ ହେଲେ ଛାଡ଼ପତ୍ର ଦେଇ ନ ଥିବା କି ପାଇ ନ ଥିବା ମଣିଷ ଗୋଟିଏ ବିରଳ ଜୀବ, ଏହି ଅନୁମାନଟି ସତ ହେବାକୁ ଆଉ କେତେଦିନ ?

—ବର୍ତ୍ତମାନ ପ୍ରାୟ ଧରି ନିଆଗଲାଣି ଯେ ବାହା ହେବା ପୂର୍ବରୁ ସେଇ ଲୋକ ତଥା ଅନ୍ୟ ଲୋକମାନଙ୍କ ସାଙ୍ଗରେ ଅଳ୍ପବହୁତ ସେକ୍‌ସ କେବଳ କ୍ଷମଣୀୟ ନୁହେଁ, ବିଧେୟ । କାରଣ ବିନା ଅଭିଜ୍ଞତାରେ ଗୋଟାଏ ଚିରସ୍ଥାୟୀ ବନ୍ଦୋବସ୍ତ କରିବସିବା ମୂର୍ଖତା ନୁହେଁ କି ? ତେଣୁ ବାହା ନ ହୋଇ "ଏକାଠି ରହିବା" ଗୋଟିଏ ସାମ୍ୟାନ୍ୟ ସାଧାରଣ ସ୍ଥିତି ଏବଂ ଆଇନ୍ ମଧ୍ୟ ଏଇ ବ୍ୟବସ୍ଥାକୁ ମାନି ନେଲାଣି । ନିର୍ଦ୍ଦିଷ୍ଟ ସମୟ ଯାଏଁ ଏକାଠି ରହିଲେ ପୁରୁଷ-ସ୍ତ୍ରୀ ପତି-ପତ୍ନୀ ହୋଇଯାଆନ୍ତି ଆଇନ୍ ଦୃଷ୍ଟିରେ, ସେଥିର ସମସ୍ତ ଆର୍ଥିକ ଏବଂ ଅନ୍ୟାନ୍ୟ ଦେଣା-ପାଉଣାର ଅଧିକାରକୁ ନେଇ ।

—ଦୁଃଖର ବିଷୟ ଯେ ଜନ୍ମନିରୋଧର ଯେତେ ସୁଲଭ ସହଜ ଉପାୟ ଥିଲେ ମଧ୍ୟ ବେଳେବେଳେ ପିଲାଟିଏ ଜନ୍ମ ହୋଇ ପଡ଼େ ଅସାବଧାନତା ଯୋଗୁଁ ଅଥବା କେଉଁ ଏକ ହଠାତ୍ ବସନ୍ତର ରୋମାଣ୍ଟିକ୍ ପାଲରେ ପଡ଼ି । କିନ୍ତୁ ବାହା ହୋଇ ନ ଥିବା କିମ୍ବା ବାହା ହୋଇ ଅଲଗା ହୋଇ ଯାଇଥିବା ବାପ ମାଆଙ୍କ ପିଲାମାନେ ଯିବେ କୁଆଡ଼େ ? ଆଃ, ଏଭଳି ପ୍ରଶ୍ନ ଅବାନ୍ତର । ପ୍ରଥମ ଶ୍ରେଣୀର ପିଲାମାନଙ୍କ ପାଇଁ କ'ଣ ବିକଳ୍ପ-ଘରପରିବାରର ଯୋଜନା ନାହିଁ ଏବଂ ଦ୍ୱିତୀୟ ଶ୍ରେଣୀର ପିଲାମାନେ କ'ଣ ତାଙ୍କ ସାବତବାପା କି ସାବତମାଆ ପାଖରେ ରହିପାରିବେ ନାହିଁ କିଛିଦିନ ? କେଇଟା ଦିନ ଭିତରେ ସେମାନେ ବି କ'ଣ ବଡ଼ ହୋଇ ସ୍ୱାଧୀନ ଓ ସୁଖୀ ଜୀବନ ବିତେଇ ପାରିବେ ନାହିଁ ?

—ଉପରୋକ୍ତ ପରିସ୍ଥିତି ହେତୁ ଗୋଟିଏ ଆଖିଦୃଶିଆ ନୂତନ ସଂପ୍ରଦାୟର ସୃଷ୍ଟି ହୋଇଗଲାଣି ଏମାନଙ୍କ ସମାଜରେ । 'ଗୋଟିକିଆ ବାପମାଆ'ଙ୍କ ବିରାଦର । ମାନେ ଯେଉଁମାନେ ଏକାଧାରରେ ବାପା ଓ ମାଆ

Digitized by srujanika@gmail.com

ହେବାକୁ ବାଧ୍ୟ ହୁଅନ୍ତି, ଶିଶୁସନ୍ତାନର କଲ୍ୟାଣ ପାଇଁ । କାହିଁକିନା ଗୁଡ଼ପନର ବ୍ୟବସ୍ଥାରେ ସନ୍ତାନବିଶେଷ କେବଳ ଜଣକ ହେପାଜତରେ ରହିବା କଥା, ଯଦିଚ ଆରକ ମଝିରେ ମଝିରେ ସେଇ ପିଲା ସାଙ୍ଗରେ ସାକ୍ଷାତ କରିବାର ଅନୁମତି ଆଣିପାରିଥାଏ ବିଗ୍ଚରପତିଙ୍କ ପାଖରୁ । ଯେକୌଣସି କାରଣରୁ ଏଇ ଗୋଟିକିଆ ବାପମାଆ ହୁଏତ ଚଟ୍‌କିନି ଆଉଥରେ ବାହାହେବାକୁ ଗ୍ଚହେଁ ନାହିଁ । ବେଶ୍ । କିନ୍ତୁ ସେତେଦିନଯାଏ ବିଚରାକୁ ଗୋଟିକିଆ ଓ ଏକୁଟିଆ ହୋଇ ଉପାର୍ଜନ, ଘରକରଣା, ତଥା ସନ୍ତାନ ପାଳନର ସମସ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିବ । ଏହି ପରିପ୍ରେକ୍ଷୀରେ ସମଦୁଃଖୀମାନେ ମଝିରେ ମଝିରେ ଏକାଠି ହେବା ସ୍ୱାଭାବିକ ନୁହେଁ କି ? ଏକାଠି ହେବାର ଆହ୍ୱାନ ଓ ବିଜ୍ଞାପନ ଦେଖିବାକୁ ମିଳେ ଖବରକାଗଜରେ । ଶୁଣିଲି ଯେ ଏଇ ସହରରେ ଗୋଟିଏ ସଂସ୍ଥା ଅଛି ଯାହାର ଗୋଟିକିଆ ବାପମାଆ ନିୟମିତ ଭାବରେ ଏକାଠି ହୁଅନ୍ତି, ମାସକୁ ଥରେ ଏବଂ ଦିନେ ରାସ୍ତାରେ ବୁଲୁ ବୁଲୁ ଗୋଟିଏ ଲଣ୍ଡ୍ରି-ଖୁଣ୍ଟରେ ହାତଲେଖା ଘରୋଇ ନିମନ୍ତ୍ରଣପତ୍ରଟିଏ ଚିପ୍‌କା ହୋଇଥିବାର ଦେଖିଲି । ଯେ ଅମୁକଦିନ ଆସ ମୋ ଘରକୁ ବନ୍ଧୁମାନେ, ତୁମ ପିଲାଙ୍କ ବଳକା ଖେଳଣାକଣ୍ଢେଇ ଓ ବହିପତ୍ର ବି କିଛି ନେଇଆସ ସାଙ୍ଗରେ ଯେମିତିକି ତା'ର ସଦୁପଯୋଗ ହୋଇପାରିବ ଆମ-ଆମ ଭିତରେ । ମୋର ପୂର୍ଣ୍ଣ ସହାନୁଭୂତି ଏଇ ଦୁଃଖୀମାନଙ୍କ ପାଇଁ, ହେଲେ ମୋର ବିଶ୍ୱାସ ଯେ ଏହି ପ୍ରକାର ସମାବେଶରେ ସେମାନଙ୍କୁ ଯଥାଶୀଘ୍ର ଗୋଟିଏ ଗୋଟିଏ ସାଥୀ ମିଳିଯିବ, ପୁନରପି ସୁଖୀ କରିବା ପାଇଁ ।

—ଯେତେ କୁହନ୍ତୁ, ଉତ୍ପାଦନକ୍ଷମ ପୁରୁଷ-ସ୍ତ୍ରୀଙ୍କ ସଂସାର ଗୋଟାଏ ଗଣ୍ଡଗୋଳିଆ ବ୍ୟାପାର । ତା'ଠାରୁ ବୋଧହୁଏ ଭଲ ପୁରୁଷ-ପୁରୁଷ ଓ ସ୍ତ୍ରୀ-ସ୍ତ୍ରୀଙ୍କ ଉତ୍ପାଦନ ରହିତ ପ୍ରୀତି ଓ ସେକ୍‌ସର ସଂସାର—ନା କଅଣ ? ହସନ୍ତୁ ନାହିଁ । ଆଗେ ଏହି ପ୍ରକାର ମନୋଭାବକୁ ବିକୃତି ବୋଲି କୁହାଯାଉଥିଲା । କିନ୍ତୁ ଆଜି ଏଇ ପୁରୁଷଗତ (Gay) ଓ ନାରୀଗତ (Lesbian) ସ୍ୱତନ୍ତ୍ର 'ପରିବାର' ଏଠିକା ସମାଜରେ ସ୍ୱୀକୃତ । ଏହି ପ୍ରକାର ଯୋଡ଼ି ଖୋଲାଖୋଲି ଭାବରେ ଘର କରି ରହନ୍ତି ଏବଂ ଏମାନଙ୍କର ମଧ୍ୟ ଗୋଟାଏ ବିରାଦରି ଅଛି ସାଂସ୍କୃତିକ ଆଦାନପ୍ରଦାନ ତଥା ଉତ୍ସବ ପାଇଁ । ଆମେରିକାର କାଲିଫର୍ଣ୍ଣିଆରେ ଏମାନଙ୍କୁ ବାହା କରେଇବାର ବିଧାନ ଅଛି ବୋଲି ମଧ୍ୟ

Digitized by srujanika@gmail.com

ଶୁଣିବାକୁ ପାଇଲି, ତା'ର ତାତ୍ପର୍ଯ୍ୟ ଯାହା ହେଉପଛେ । ଅବଶ୍ୟ ଯେକୌଣସି ସଂଖ୍ୟାଲଘୁ ସଂପ୍ରଦାୟ ପରି ଏମାନେ ବି ବେଳେବେଳେ ପାଟିତୁଣ୍ଡ କରନ୍ତି, ବଟ୍‌ବଜାରରେ ପ୍ଲାକାର୍ଡ଼୍ ଧରି ପ୍ରତିବାଦ କରନ୍ତି ଯେ ଆମର ଗଣତାନ୍ତ୍ରିକ ସ୍ୱାଧୀନତା କ୍ଷୁଣ୍ଣ ହୋଇଗଲା, ଆମକୁ ସମାନ ଅଧିକାର ଦିଆଗଲା ନାହିଁ, ଇତ୍ୟାଦି ।

ବୁଝିବା ହେଉ ଯେ ପରିବାର କ୍ଷେତ୍ରରେ ମୁଁ ଯେଉଁସବୁ ନୂଆକଥାର ଉଲ୍ଲେଖ କଲି, ସେଥିରୁ କୌଣସିଟି ଆଇନ୍‌ବିରୁଦ୍ଧ ନୁହେଁ କିମ୍ବା ଦୂଷଣୀୟ ବୋଲି ଗଣାଯାଏ ନାହିଁ । ମୁଁ ଅସାମାଜିକ ଓ ଦଣ୍ଡନୀୟ କାର୍ଯ୍ୟକଳାପ, ଯଥା: ନାରୀଧର୍ଷଣ, ହିଂସାମୂଳକ ସେକ୍‌ସ, ସାନପିଲାଙ୍କ ପ୍ରତି ସେକ୍‌ସମୂଳକ ଦୁର୍ବ୍ୟବହାର ଇତ୍ୟାଦି ବିଷୟରେ କିଛି କହୁ ନାହିଁ, ଯଦିଚ ଅନେକେ କୁହନ୍ତି ଯେ ଶୃଙ୍ଖଳାପ୍ରବଣ ଏଇ ନୂତନ ପୃଥିବୀରେ ଏ ସବୁଥିର ମାତ୍ରା ଯଥେଷ୍ଟ ବଢ଼ିଗଲାଣି । କାରଣ ଆମ ସମାଜର ଗୃହିଦଉଡ଼ିକଟା ଦୁଃସ୍ଥ ଜନତାର ଗହଳରେ ଏହି ପ୍ରକାର ଦୁର୍ନୀତି ମଧ୍ୟ କିଛି କମ୍ ନୁହେଁ । ମୁଁ କେବଳ ପାଖାପାଖି ଥୋଉଛି ଆମର ମଧ୍ୟବିତ୍ତ ସୁସ୍ଥସ୍ୱଚ୍ଛଳ ସଂସାର ଓ ଏମାନଙ୍କର ସାଧାରଣ ସୁସ୍ଥସମୃଦ୍ଧ ସଂସାର ଏବଂ କହିବାକୁ ଚାହୁଁଛି ଯେ ଏଠିକାର ଆଇନ୍‌ସଙ୍ଗତ ଏବଂ ପ୍ରାୟଶଃ ଅନୁମୋଦିତ ପ୍ରୀତିପରିବାରର ଆକାରପ୍ରକାର କେମିତି ଗୋଟିପଣେ ବଦଳିଗଲାଣି । କିନ୍ତୁ ଆମକୁ ଯେତେ ଅଦ୍ଭୁତ ଲାଗିଲେ ମଧ୍ୟ ଶତାବ୍ଦୀର ପାଦଦେଶରେ ଏଇ ହେଉଛି ପାରିବାରିକ ବିବର୍ତ୍ତନର ସାଧାରଣକ୍ରମ, ସରଳରେଖା । ଏହି ସଂକ୍ରାନ୍ତରେ ଗତ ଜୁଲାଇ ମାସରେ କ୍ୟାନେଡ଼ାର ସାସ୍‌କାଚ୍‌ୱାନ୍ ପ୍ରଦେଶର ରାଜଧାନୀ ରେଜିନା ସହରରେ ଅନୁଷ୍ଠିତ ଗୋଟିଏ "ପରିବାର ସମ୍ମେଳନୀ"ର କାର୍ଯ୍ୟକ୍ରମ ଉଲ୍ଲେଖନୀୟ । ସେଠି ଆଲ୍‌ବର୍ଟା ବିଶ୍ୱବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପିକା ସୁସାନ୍ ମାକ୍‌ଡ୍ୟାନିଏଲ୍ ଯାହା କହିଲେ ତା'ର କିୟଦଂଶ ଏହି ପ୍ରକାର :

"ନିଖୁଣ ସଂସାରର ଦୁଇ ବାପମାଆ ଓ ସନ୍ତାନ ବିଶିଷ୍ଟ ପରିବାରକୁ ଆଉ କେତେଦିନ ସ୍ୱପ୍ନ ଦେଖିବ ? ବାସ୍ତବତାକୁ ସ୍ୱୀକାର କର । ସମଲିଙ୍ଗୀୟ ଦମ୍ପତି ଓ ଗୋଟିକିଆ ବାପମାଆଙ୍କ ପରିବାରକୁ ସମ୍ମାନ ଦିଅ । ମୋ ମତରେ ଏକାଧିକ ଲୋକ ଏକାଠି ଘର କରି ପରସ୍ପର ପ୍ରତି ଆବଦ୍ଧ ହୋଇ

Digitized by srujanika@gmail.com

ରହିଲେ ତାକୁହିଁ କହିବ ପରିବାର ଏବଂ କର୍ତ୍ତୃପକ୍ଷ ସେମାନଙ୍କୁ ପରିବାର-ଉପଯୋଗୀ ସବୁ ପ୍ରକାର ସାହାଯ୍ୟ ସୁବିଧା ଯୋଗାଇଦେବା ଉଚିତ ।”

ଖଣ୍ଡିତ କ୍ଷୁଦ୍ର ଅବା ବିଭକ୍ତ, ବିକୃତ, ନିଚ୍ଛକ, ମୁଖୁର୍ ଏବଂ ଅନିଶ୍ଚିତ—ଏଇ ହେଉଛି ଏଠିକା ସ୍ତ୍ରୀଲୋକ ପରିବାରର ବର୍ତ୍ତମାନ ବାସ୍ତବତା ଓ ପ୍ରବଣତା, ଯାହାକୁ ମୋଟାମୋଟି ଗ୍ରହଣ କରି ନିଆଗଲାଣି । ତଥାପି ସୁସାନ୍ ମ୍ୟାକ୍‌ଡୋନାଏଲ୍ ସେତିକ ଯଥେଷ୍ଟ ନୁହେଁ ଭାବି ତା’ର ଭାଉ ବଢ଼େଇବାକୁ ଚାହିଁଲେ, ଏଇଥିରୁ ବୁଝିହୁଏ ଯେ ସମାଜ ବ୍ୟବସ୍ଥାର ବୌଦ୍ଧିକ ହାଉଆ କୁଆଡ଼କୁ ଯାଉଛି । ତା’ହେଲେ ମୁଁ କାହିଁକି ଏହି ପ୍ରକାର ପରିବାରକୁ ଆଗାମୀ ପୃଥିବୀର ସ୍ୱାଧୀନ ପରିବାର, ସୁଖୀ ପରିବାର, ତେଣୁ ଉଚିତ ପରିବାର ବୋଲି ମାନିନେଇ ପାରୁ ନାହିଁ ? ଏହାର ଭବିଷ୍ୟତ ଜାଣିବି ଅଣ-ପରିବାର ଛଡ଼ା ଆଉ କିଛି ନୁହେଁ ବୋଲି ଭାବି ମୋର ଅନ୍ତରାତ୍ମା ଥରି ଉଠୁଛି ?

ଆଖି ସାମ୍ନାରେ ମୋର ବନ୍ଧୁ ଓ ବନ୍ଧୁପତ୍ନୀ । ବନ୍ଧୁ ପୂର୍ବରୁ ଥରେ ବାହା ହୋଇଥିଲେ । ଚାରୋଟି ପିଲା ଜନ୍ମ ହୋଇସାରିଲା ପରେ ଦୁହେଁ ଆପୋଷ ଛାଡ଼ପତ୍ର ଦେଇ ଅଲଗା ହୋଇଗଲେ । ବନ୍ଧୁପତ୍ନୀ ପୂର୍ବରୁ ତିନିଥର ବାହା ହୋଇଥିଲେ । ସେଥିରୁ ଗୋଟିଏ ବିବାହ ମୃତ୍ୟୁ ହେତୁ ତୁଟିଗଲା ଏବଂ ଅନ୍ୟ ଦୁଇଟି ଛାଡ଼ପତ୍ର ଦ୍ୱାରା । ପୂର୍ବ ସ୍ୱାମୀମାନଙ୍କ ଆଉ ଯୋଡ଼ିଏ ପୁଅ ଓ ଯୋଡ଼ିଏ ଝିଅ । ବନ୍ଧୁଙ୍କର ଚାରିପିଲାଙ୍କ ଭିତରେ ପୁଅ ଦୁଇଜଣ ପାଠଶାଠ ପଢ଼ି ବାହାସାହା ହୋଇ ଭଲରେ ଅଛନ୍ତି । କିନ୍ତୁ ବଡ଼ଝିଅ ସ୍କୁଲପାଠ ଶେଷ କରିପାରିଲା ନାହିଁ, ଭୀଷଣ ମୋଟା ହୋଇଗଲା, ଅନେକଦିନ ସରକାରୀ ବେକାରଭତ୍ତାରେ ଚଳିଲା ଏବଂ ମନେ ହେଉନାହିଁ ସେ କେଉଁ ପୁରୁଷକୁ ଆକୃଷ୍ଟ କରି ତା ସାଙ୍ଗରେ ଘର କରିପାରିବ । ବର୍ତ୍ତମାନ ସେ ବାପ ଓ ସାବତମାଆଙ୍କ ଆଶ୍ରିତା କହିଲେ ଚଳେ । ଦ୍ୱିତୀୟ ଝିଅ ବି ପାଠଶାଠ ପଢ଼ିଲା ନାହିଁ ବିଶେଷ, ହେଲେ ସେ ଆଉ ଗୋଟିଏ ଝିଅକୁ ‘ବାହା’ ହୋଇ ତା’ ସାଙ୍ଗରେ ଘର କରି ରହିଛି । ବାପ ଉପରେ ରାଗି ଅବା ଯେକୌଣସି କାରଣରୁ ହେଉ ତା’ର ପୁରୁଷଜାତି ପ୍ରତି ଘୋର ବିଦ୍ୱେଷ । ବନ୍ଧୁପତ୍ନୀଙ୍କ ଚାରୋଟି ପିଲାଙ୍କ ଭିତରୁ ଗୋଟିଏ ପୁଅ ଜନ୍ମରୁ ବିକଳାଙ୍ଗ ହୋଇଅଛି କେଉଁଠି ହେଲେ; ତା’ର ଖବର କେହି ରଖିଛନ୍ତି ବୋଲି ମନେ ହେଉ ନାହିଁ ।

Digitized by srujanika@gmail.com

ଦ୍ୱିତୀୟ ପୁଅ କେଉଁ ଫ୍ୟାକ୍ଟରୀରେ କାମ କରେ ଏବଂ ବାହା ହୋଇଥିଲା । କିନ୍ତୁ ପ୍ରାୟ ଦି'ବର୍ଷ ହେଲା ସେମାନେ ଛାଡ଼ପତ୍ର ଦ୍ୱାରା ଅଲଗା ହୋଇଗଲେଣି । ତାଙ୍କର ଗୋଟିଏ ପୁଅ ହୋଇଥିଲା, ସେ ଜେଜେମା ଅର୍ଥାତ୍ ବନ୍ଧୁପତ୍ନୀଙ୍କ ପାଖରେ ଅଛି । ବଡ଼ଝିଅ ବାହା ହୋଇଥିଲା, କିନ୍ତୁ ସେମାନେ ମଧ୍ୟ ପରସ୍ପରକୁ ଛାଡ଼ପତ୍ର ଦେଇ ସାରିଲେଣି । ତାଙ୍କର ଯୋଡ଼ାଏ ପୁଅ ଆଜି ଅର୍ଥାତ୍ ବନ୍ଧୁପତ୍ନୀଙ୍କ ପାଖରେ ଅଛି । ଶୁଣାଯାଏ ଯେ ସେଇ ଝିଅ 'ସହଚରୀ' ବୃତ୍ତିରେ ପେଟ ପୋଷୁଛି । ସାନଝିଅ ମାଆ ପାଖରେ ଅଛି । କିନ୍ତୁ ପ୍ରକୃତରେ ସେ କ୍ୱଚିତ୍ ସେଠି ଥାଏ । ଦିନ ଦିନ ଧରି ବିଭିନ୍ନ ବଏ-ଫ୍ରେଣ୍ଡ୍‌ଙ୍କ ସାଙ୍ଗରେ ଦିନ ଓ ରାତି ବିତାଏ, ମଝିରେ ମଝିରେ ମାଆଠାରୁ ଟଙ୍କା ମାଗିନିଏ ହାତଖର୍ଚ୍ଚ ପାଇଁ । ପୁରିଜଣଯାକ କେହି ସ୍କୁଲପାଠ ଶେଷ କରି ନାହାନ୍ତି । ବନ୍ଧୁ ଓ ବନ୍ଧୁପତ୍ନୀଙ୍କର କେହି ପିଲା ନାହାନ୍ତି । କିନ୍ତୁ ପାଖରେ ଅଛନ୍ତି ବନ୍ଧୁଙ୍କର ବଡ଼ ଝିଅ, ବନ୍ଧୁପତ୍ନୀଙ୍କ ସାନଝିଅ ଓ ବନ୍ଧୁପତ୍ନୀଙ୍କ ଉପରୋକ୍ତ ତିନୋଟି ନାତି ।

ଏଇ ହେଉଛି ଗୋଟିଏ ସମକାଳୀନ ପରିବାରର ଚିତ୍ର । ଏମାନଙ୍କୁ ଏଠିକାର ପ୍ରତିନିଧିମୂଳକ ପରିବାର ବୋଲି କହି ହେବ କି ନାହିଁ ଜାଣେ ନାହିଁ, ତେବେ ଏମାନେ କଦାପି ଅସାଧାରଣ ନୁହଁନ୍ତି । ବେଶ୍ ତ, ତା'ହେଲେ ମୁଁ ଡରୁଛି କେଉଁଥିପାଇଁ ? ମାନିବାକୁ ପଡ଼ିବ ଯେ ମୋର ବନ୍ଧୁ ଓ ବନ୍ଧୁପତ୍ନୀଙ୍କ ବିନୟ, ସ୍ନେହଶ୍ରଦ୍ଧା ଏବଂ ହାସ୍ୟଭରା ରସମୟ ଆଳାପ-ଆଲୋଚନା ଯୋଗୁଁ ସେହି କେତୋଟି ଦିନ ବେଶ୍ ଖୁସିରେ କଟିଥିଲା ଆମର । ତା'ଛଡ଼ା ମୁଁ ଦେଖିଥିଲି ସେମାନଙ୍କ ଭିତରେ ଉଚ୍ଛୁଳୁଥିବା ଆନନ୍ଦ । ଶେଷକୁ ସେମାନଙ୍କର ଧର୍ମଭାବ, ବିଶେଷତଃ ଯୀଶୁଖ୍ରୀଷ୍ଟଙ୍କଠାରେ ତାଙ୍କର ଆନୁଗତ୍ୟକୁ ଆଦୌ କୃତ୍ରିମ ଅବା ଔପଚାରିକ ବୋଲି କୁହାଯାଇ ନ ପାରେ । ତା'ହେଲେ ?

ହାୟ, ତଥାପି ମୋତେ ଭୟ ଲାଗୁଛି । ମନେହେଉଛି ଯେ ଇଏ ହେଉଛି ଅସ୍ଥିର ଅସନ୍ତୋଷିଆ ଆନନ୍ଦ । ମନେହେଉଛି ଯେ ଏମାନଙ୍କର ପିଲାମାନେ ବଡ଼ ହେବାଯାଏଁ ନିଜ ବାପମାଆଙ୍କ ପରିବାରରେ ରହିଥିଲେ ସାର୍ଥକ ନାଗରିକ ହୋଇ ପାରିଥାଆନ୍ତେ, ଯଥାର୍ଥ ସୁଖ ଭୋଗ କରିପାରି ଥାଆନ୍ତେ, ଯଥାକ୍ରମେ ନାତିମାନେ ମଧ୍ୟ ଉଚିତ ବାତାବରଣରେ ବଢ଼ି ଥାଆନ୍ତେ···ଇତ୍ୟାଦି । ହେଲେ ବାରମ୍ବାର ମୋତେ ନିଜକୁ ଚେତାଇଦେବାକୁ ପଡ଼ୁଛି ଯେ 'ଯଥାର୍ଥତା', 'ସାର୍ଥକତା', 'ଔଚିତ୍ୟ' ଇତ୍ୟାଦି ଶବ୍ଦ ମାତର

Digitized by srujanika@gmail.com

ପରିଗୃହୀତ, ଆନନ୍ଦର ନୁହେଁ ଏବଂ ଯଦିବା ଇଏ ହୋଇଥାଏ ଅସନ୍ତୋଷିଆ ଆନନ୍ଦ, ମୁଁ କେଉଁ ହିସାବରେ କହିବି ଯେ ଆମର ସହଜ ପ୍ରବୃତ୍ତିକୁ ଦବେଇ ରଖିଥିବା (ଅର୍ଥାତ୍ ଛଡ଼ିଦେଇ ପାରି ନ ଥିବା, ସମାହିତ କରିପାରି ନ ଥିବା) ସନ୍ତୋଷ, ଆମର ସାମୟିକ 'ସ୍ଖଳନ'କୁ ଆଖିବୁଜି ଦେଇଥିବା ସନ୍ତୋଷ ଏମାନଙ୍କ ଅସନ୍ତୋଷଠାରୁ ଅଧିକ ବରଣୀୟ ଏବଂ ଏଇ କ୍ଷଣଭୋଗ୍ୟା ଦୁର୍ବୋଧ ପୃଥିବୀରେ 'ଯାବତ୍ ଭବେତ୍ ସୁଖଂ ଜୀବେତ୍' ଏଇ ଜୀବନଦର୍ଶନକୁ ନାକଚ ବୋଲି କହିବି କେଉଁ ସାହସରେ ?

ଏଇଠି ନୀତିବାଦୀମାନଙ୍କୁ ଗୋଟାଏ ନୂଆ କଥା କହିବାର ସୁବିଧା ମିଳି ଯାଇଛି । 'ଏଡ୍‌ସ୍' ନାମକ ଭୟାବହ ମାରାତ୍ମକ ରୋଗ, ଯାହା ବିଶେଷତଃ ଅପ୍ରାକୃତିକ ଏବଂ ଅବାଧ 'ସେକ୍‌ସ'ରୁ ସମ୍ଭୂତ ବୋଲି କୁହାଯାଏ । ଆମଆଡ଼େ ଏଇ ରୋଗ କାଁ ଭାଁ ହେଉଥିବାସ୍ଥଳେ ଏଣେ ରୋଗଟା ମହାମାରୀ ପରି ବ୍ୟାପୁଛି । କୁଆଡ଼େ ୧୯୮୧ରେ ଏଇ ରୋଗର ଅସ୍ତିତ୍ୱ ଜଣାପଡ଼ିଲା ଦିନଠାରୁ ତା' କୋପରେ ପ୍ରାୟ ଲକ୍ଷେ ଲୋକ ମଲେଣି ଆମେରିକାରେ ସ୍ୱାସ୍ଥ୍ୟବିଭାଗର ଇସ୍ତାହାର ଅନୁଯାୟୀ । ହଉ, ନୂଆ ନୂଆ ଏମିତି ହୁଏ । ସାମାନ୍ୟ ରବର-ଖୋଳର ବ୍ୟାପକ ବ୍ୟବହାର ଦ୍ୱାରା ଏହାକୁ ଦୂରେଇ ରଖି ହେବ ବୋଲି ସ୍ୱାସ୍ଥ୍ୟବିତ୍‌ମାନେ କୁହନ୍ତି ଏବଂ ଏବେ ଟେଲିଭିଜନ୍‌ରେ ଦେଖିଲି ଯେ ଗୋଟାଏ ନୂଆ ଔଷଧ ପ୍ରସ୍ତୁତ କରାଯାଇଛି ଆମେରିକାରେ, ଯେଉଁଥିରେ ଏଡ୍‌ସ୍‌କୁ ଜିଣି-ହେବ ବୋଲି ଆଶା କରା ଯାଉଛି । ତେଣୁ ଏଡ୍‌ସ୍‌କୁ ବାଇବ୍‌ଲସମ୍ମତ ଭଗବାନଙ୍କ ଅଭିଶାପ ବୋଲି କହିବାର ଯଥାର୍ଥତା ନାହିଁ ।

ଯାହାହେଉ ପଛେ, ତଥାପି ମନ ମାନୁ ନାହିଁ । ମୋ କାନେ କାନେ କହୁଛି ଯେ ବାପମାଆଁଙ୍କ ପରିବାର ବନ୍ଧନରେ ହିଁ ଯେତିକି ଉଷୁମ ମିଳେ ଏବଂ ସେଇ ଉତ୍ତାପରୁ ହିଁ ଶକ୍ତି ଆସେ ପୃଥିବୀଟାକୁ ଓଲଟେଇ ଦେବା ପାଇଁ । ଯଦିଚ ଯଥାସମୟରେ ସେଥିରୁ ଓହରି ନ ଆସିଲେ ଉଷୁମ ଉଷୁମରେହିଁ ରହିଯାଏ । ପୁଣି କହୁଛି ଯେ ସବୁଦିନିଆ ସ୍ୱାମୀ-ସ୍ତ୍ରୀ ବନ୍ଧନହିଁ ସବୁଠାରୁ ସାର । ଜୀବନ ପରି । ଅବଶ୍ୟ ସ୍ଥଳବିଶେଷରେ ତାକୁ ନ ଛିଣ୍ଡେଇଲେ ଗତି ନାହିଁ, ନ ହେଲେ ଜୀବନ ଜୀବନ୍ମୃତ୍ୟୁ ପରି ଲାଗିବ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେଥିରୁ ଟିକିଏ ଫିଟିଯାଇ ଫେରି ଆସିଲେ ଭଲ । କାରଣ ସେଥିରେ ଥାଏ ଆତ୍ମଦର୍ଶୀ ବିଜ୍ଞତା । ଅର୍ଥାତ୍ ଗୋଟିଏ ବୋଲି ଜୀବନକୁ ଭଲ ପାଇପାରିବାର

Digitized by srujanika@gmail.com

ବୀରତ୍ୱ । ଯାହାର ଅନ୍ୟ ନାଆଁ ସ୍ଥାୟୀତ୍ୱ । ବଙ୍କତା ନ ହେଲ ନାହିଁ, ଏ ଦିଗରେ ସାଧାରଣଜ୍ଞାନର ସୂଚନା ମଧ୍ୟ ସ୍ପଷ୍ଟ । ଯେ ନିଷିଦ୍ଧ ନ ହେବାଯାଏଁ କେଉଁ ଫଳଟା ମିଠା ଲାଗିବ ଏବଂ ପୋଡ଼ି ନ ହେଲାଯାଏଁ କେଉଁ ଧୂପର ବାସ୍ନା ଆସିବ ? ଯେଉଁଠି "ବ୍ରଦର୍ସ କାରାମୋଜଭ୍"ର ଆଇଭାନ୍ କହିଲା ପରି "ସବୁ ଚଳେ" (Everything is permitted), ସେଇ ଉନ୍ମୁକ୍ତ ଉଚ୍ଛୃଙ୍ଖଳ ସାହାଣମେଳାରେ ନା ଅଛି ପାପର ମଜା, ନା ପ୍ରାୟଶ୍ଚିତ୍ତର ଉପଲବ୍ଧି !

ସର୍ବୋପରି ନିଜେ ତ୍ୟାଗୀ ନ ହୋଇ ପାରିଲେ ମଧ୍ୟ ନାନା ମହାତ୍ମାଙ୍କ ଜୀବନରେ ପରୀକ୍ଷିତ ଏବଂ ମୋ ନିଜର ବୁଦ୍ଧିଦର୍ଶନରେ ଆଲୋକିତ ତ୍ୟାଗ-ସୁଖର ଲୋଭକୁ ମୁଁ ଛାଡ଼ିପାରିବ ନାହିଁ । ତାକୁ ଆଦର୍ଶ ବୋଲି କୁହ ବା ନ କୁହ । ତେଣୁ ପ୍ରୀତି ଯାହା ସେକ୍ସ ତାହା, ଯାହାକୁ ଯେତେ ତଥା ମୁହୂର୍ତ୍ତିରୁ ମୁହୂର୍ତ୍ତିକୁ ନେଇ ଏବଂ ଏକରୁ ଆନକୁ ନେଇ, ଏଇ ମହା-ସ୍ୱାଧୀନ 'ସବୁ ଚଳେ'ର ସଂସାର ମୋ ପାଇଁ ନୁହେଁ । ହେଲ ଏବେ ମୁଁ ଅପାରଗ ।

Digitized by srujanika@gmail.com

ରାମଙ୍କ ରାଜ୍ୟ

ରାମରାଜ୍ୟରେ କାହାର ଦୁଃଖ ନ ଥାଏ, ସଭିଏଁ ସର୍ବଦା ସୁଖରେ ଥାଆନ୍ତି ବୋଲି ଆମ ପୁରାଣ କୁହେ । ଭାବିଲି ଯେ ଏଇ ରାମଙ୍କ ରାଜ୍ୟରେ ମଧ୍ୟ ମଣିଷ ଇଚ୍ଛା କଲେ ସୁଖୀ ହୋଇପାରିବ । ସତ ନା ମିଛ ? ମୁଁ ବି କଅଣ ଟୂରିଷ୍ଟ୍‌କୁ ଲୋଭେଇବାର ପ୍ରଚାରରେ ଭାସିଗଲି ? ନା କିଛି ଗୋଟାଏ ପତିଆରା ମିଳିଗଲା ମୋର କ୍ଷତବିକ୍ଷତ ମନକୁ ବୋଧ ଦେବା ପାଇଁ ଏବଂ ତାକୁ ମିଛ ବୋଲି କହିହେଲା ନାହିଁ ? ଆଜି କହୁଛି ମୋର ସଦ୍ୟତମ ବିଦେଶ-ଅନୁଭୂତି କଥା । ଶ୍ୟାମଦେଶ ତଥା ୧୯୩୯ରୁ ଥାଇଲାଣ୍ଡ୍ ନାମରେ ଅଭିହିତ ଦେଶର ରାଜଧାନୀ ବ୍ୟାଙ୍ଗ୍‌କକ୍‌ରେ ବିତାଇଥିବା ଗୋଟିଏ ମାସର ଦୃଶ୍ୟକାବ୍ୟ ଓ ସେଥିରୁ ଉପୁଜିଥିବା ଭାବଭାବନାରୁ କିଞ୍ଚିତ୍ ।

କ୍ୟାନେଡ଼ାରୁ ଫେରିଆସିବାର ପ୍ରାୟ ଦେଢ଼ବର୍ଷ ହୋଇଗଲାଣି । ଅଳ୍ପ କେତେ ମାସ ପରେ ପୁଣି ସେଠିକି ଯିବାର ଅଛି । କିନ୍ତୁ ସେଥିପୂର୍ବରୁ ବ୍ୟାଙ୍ଗ୍‌କକ୍‌ର ମାସଟିଏ, ମୋଟାମୋଟି ନୂଆବର୍ଷର ପ୍ରଥମ ମାସ, ବିତାଇବାର ସୁଯୋଗ ମିଳିଲା । ଏଠି ମୋର ଆଉ ଗୋଟିଏ ଝିଅ ରହିଛି ପ୍ରାୟ ଦୁଇବର୍ଷ ହେଲା, କାରଣ ଜ୍ୱାଇଁଙ୍କୁ ଗୋଟିଏ ଥାଇ-ଭାରତୀୟ କମ୍ପାନୀର ଦାୟିତ୍ୱ ନେବାକୁ ପଡ଼ିଛି । ଏମାନେ ଯଥାସମୟରେ ଫେରିଯିବେ ଭାରତକୁ । କିନ୍ତୁ ସେତେଦିନଯାଏଁ ୟା'କୁ ବି ମୋର 'ଚଢ଼ୁଆଏ ଘର' ବୋଲି କହିବି ନାହିଁ କାହିଁକି ? ନା, ନା, ସେଭଳି ଅଙ୍କକଷା ଯୁକ୍ତି ପିଲାଳିଆ ବୋଲି ମନେ ହୋଇପାରେ । ବରଂ କହିଲେ ଉଚିତ ହେବ ଯେ ଏଠି ପ୍ରତ୍ୟେକ ଭାରତୀୟଙ୍କୁ କିଛିଟା ଘର ପରି ଲାଗିବ । ସେଥିରେ ତା'ର ସୁଖବୋଧ ତେଜିଉଠୁ କି

Digitized by srujanika@gmail.com

କମିଯାଉ ସେକଥା ଭିନ୍ନ । ଏହାର କାରଣ ନୁହେଁ ଯେ ଏ ଦେଶରେ ଅନେକ ଭାରତୀୟ ଚିରସ୍ଥାୟୀ ଭାବରେ ଘର କରି ରହିଛନ୍ତି । ଭାରତୀୟ ଭାଇ ଭଉଣୀ-ମାନେ କେଉଁଠି ଭିଡ଼ ଜମଉ ନାହାନ୍ତି କି ଆଜିକାଲି ? ଉଚିତ କାରଣ ହେଉଛି ଏଇ ଯେ ଶ୍ୟାମଦେଶର ରୀତିନୀତି, ଭାଷା, ମିଥ୍, ଧର୍ମ, ମୂର୍ତ୍ତିକଳା ଓ ମନ୍ଦିର ଇତ୍ୟାଦିରେ ଭାରତୀୟତାର ଛାପ ଏତେ ସୁଦୃଶ୍ୟ ଓ ସୁସ୍ପଷ୍ଟ ଯେ ଘର ମନେପଡ଼ିବାକୁ ବାଧ । ପ୍ରକୃତରେ ଘରବାସ୍ନା ବେଳେ ବେଳେ ଏତେ ପ୍ରବଳ ହୋଇଉଠେ ଯେ ନୂଆ ହୋଇ ଆସିଥିବା ଭାରତୀୟ ଭାଇ ଗୋଟାଏ ଭୁଲ୍ କରି ବସେ । ଭାବେ ଯେ ଇତିହାସ ସୂତ୍ରରେ ଆମେହିଁ ଏମାନଙ୍କର ପିତାଶ୍ରୀ, ଭ୍ରାତାଶ୍ରୀ କିମ୍ବା ସେହିପ୍ରକାର କିଛି ଏବଂ ଏମାନଙ୍କର ସଂସ୍କୃତି ପୂରାପୂରି ଆମରି ଦାନ । ତେଣୁ ଏମାନଙ୍କର ନିଜତ୍ୱ ବାସ୍ତବରେ ଆମରି ଗଙ୍ଗାର ପ୍ରଦୂଷଣ ଛଡ଼ା ଆଉ କିଛି ନୁହେଁ, ଆମ ସଂସ୍କୃତଭାଷାର 'ବିପୁଳ' ଏମାନଙ୍କ 'ପିବୁଳ' ହେଲାପରି । ଭୁଲ୍, ଭୁଲ୍ । ଆମରି ସଂସ୍କୃତି ଏ ଦେଶର ମାଟିରେ ବିକୃତ ହୋଇ କିମ୍ଭୂତକିମାକାର ଦିଶୁଛି ଏବଂ ଏମାନେ ତାକୁ ଅଜ୍ଞତାବଶତଃ ଅଥବା ଦେଶପ୍ରେମର ଦାଉରେ ପଡ଼ି ନିଜର ବୋଲି କହୁଛନ୍ତି, ଏଭଳି ବଡ଼େଇ କରିବା ଏକାନ୍ତ ଅକାରଣ । ଭାରତର ସଂସ୍କୃତ, ପାଲି, ବ୍ରାହ୍ମଣ, ରାମାୟଣ, ବୁଦ୍ଧ ଇତ୍ୟାଦିଙ୍କ ବଳିଷ୍ଠ ଅବଦାନ ଅନସ୍ୱୀକାର୍ଯ୍ୟ । କିନ୍ତୁ ତା'ଛଡ଼ା ଚୀନ, ସିଂହଳ ଓ ବ୍ରହ୍ମଦେଶର ପ୍ରଭାବ, ପାଖଆଖ ଅଞ୍ଚଳରେ ମୁଣ୍ଡ ଟେକିଥିବା ସାମ୍ରାଜ୍ୟ (ଯଥା: ଖ୍ମେର୍, ମନ୍ ଆଦି ସାମ୍ରାଜ୍ୟ)ର ସାଂସ୍କୃତିକ ଅନୁପ୍ରବେଶ ଏବଂ ଆଧୁନିକ ଯୁଗରେ ପାଶ୍ଚାତ୍ୟ ସଭ୍ୟତାର ଆକ୍ରମଣକୁ ନେଇ ଏମାନେ ଏକ ବିଚିତ୍ର ଏବଂ ବିଶିଷ୍ଟ ନିଜତ୍ୱ ଗଢ଼ି ନେଇ ପାରିଛନ୍ତି । ତା'କୁ ଅସ୍ୱୀକାର କରିବା ମାନେ ଆପଣା ଭାରତୀୟତାକୁ ମଧ ଆର୍ଯ୍ୟ-ଦ୍ରାବିଡ଼-ଯବନ-ଇଂରେଜ ସଂସ୍କୃତିର ଏକ ଅଦ୍ଭୁତ ଅପମିଶ୍ରଣ ବୋଲି କହିବା । କିନ୍ତୁ ଏହି ସମନ୍ୱୟର ଅପରୂପ ସୌନ୍ଦର୍ଯ୍ୟକୁ ଚିହ୍ନିବାପାଇଁ ସମୟ ଲାଗେ । ତା' ପୂର୍ବରୁ ନାନାଦି ଝଲକର ନାନାଦି ଚମକ । ଯେଉଁଥିରୁ ଲୋଭ ହୁଏ କହିବା ପାଇଁ—ଆରେ, ଇଏ ତ ଆମରି !

ଏଠିକାର ରାଜା ହେଉଛନ୍ତି ନବମ ରାମ ଏବଂ ୧୭୮୨ ମସିହାରେ ଏହି ରାଜବଂଶର ପ୍ରତିଷ୍ଠାତା ସେନାପତି ଚକ୍ରୀ ନିଜକୁ 'ପ୍ରଥମ ରାମ' ନାମରେ ଅଭିଷିକ୍ତ କରାଇଥିଲେ । କିନ୍ତୁ ଏମାନଙ୍କ ପାଇଁ ରାମ କେବଳ ଏକ ଅଭିରାମ

Digitized by srujanika@gmail.com

ନାମ, ଯେଉଁଥିରେ ପୁରାଣ-ପୁରାତନର ଗାମ୍ଭୀର୍ଯ୍ୟ ରହିଛି ଏବଂ ସେହେତୁ ଏକ ଅନିର୍ଦ୍ଦିଷ୍ଟ ପବିତ୍ରତା । ତା'ଛଡ଼ା ଏମାନେ ହିନ୍ଦୁ ନୁହନ୍ତି, ତେଣୁ ରାଜା କି ପ୍ରଜା କେହି ରାମଙ୍କ ଉପାସକ ନୁହନ୍ତି । ମଜାକଥା ହେଉଛି ଯେ ୧୪୩୮ ମସିହାରୁ ପ୍ରାୟ ୩୫୦ ବର୍ଷ ଯାଏଁ ରାଜତ୍ୱ କରୁଥିବା ରାଜାଙ୍କ ରାଜଧାନୀ ହେଲା ଅଯୁତ୍ଥ୍ୟା (ଯାହାକୁ ଅଯୋଧ୍ୟାର ଅପଭ୍ରଂଶ ବୋଲି ଧରି ନିଆଯାଇ ପାରେ), ହେଲେ ଏହି ବଂଶର କୌଣସି ରାଜା ନିଜକୁ ରାମ ବୋଲାଇ ନ ଥିଲେ । ସେହିପରି ଭାବରେ ସରକାରୀ ଚିହ୍ନକ ହିସାବରେ ନିର୍ଦ୍ଧାରିତ ଗରୁଡ଼ ସର୍ପରାଜ ନାଗକୁ ଆୟତ୍ତ କରିଥିବା ଏବଂ ଆକାଶକୁ ପକ୍ଷ ମେଲାଇଥିବା ଏକ ମହାଶକ୍ତିର ପ୍ରତୀକ ମାତ୍ର । ସେଠି ବିଷ୍ଣୁଙ୍କର ପରିଚୟ ନାହିଁ ।

ଯାହାହେଉ, ଏଇ ରାମଙ୍କ ରାଜକୁ ରାମରାଜ୍ୟ ବୋଲି ମଣିବାକୁ ଇଚ୍ଛା ହେଲା, ଏଇଠି କାଳେ ସୁଖ ମିଳିବ ବୋଲି ଭ୍ରମ ହେଲା, ତା' ପଛରେ କେତୋଟି ତଥ୍ୟ ଏବଂ ଅନୁଭୂତି ଅଛି । ସେଥିର ସତମିଛ ସାଙ୍ଗରେ ମଧ୍ୟ ଯୋଡ଼ି ହୋଇ ରହିଛି ଗୋଟିଏ ନିର୍ମମ ଆଘାତର ବ୍ୟଥା । ସତ୍ୟ ଏବଂ ନିତାନ୍ତ ବ୍ୟକ୍ତିଗତ । ସେଥିକୁ ମୋର ବଳ ନାହିଁ ।

ସନ୍ତାନ ବିୟୋଗର ଦୁଃଖକୁ ଘୁଞ୍ଚାଇବା ପାଇଁ ମୁଁ ଆସି ନ ଥିଲି ଏଠିକି । ଜୀବନର ବାକୀତକ ମୁଁ ଗୋଟାଏ ଜୀବନ୍ତ ଓ ଅନ୍ତରଙ୍ଗ ମୃତ୍ୟୁକୁ କୋଳରେ ଧରି ବଞ୍ଚି ରହିବି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଘଟଣାଚକ୍ରରେ ମୋ ... ଦିଲ୍ଲୀରେ ଥିବା ଗୋଟିଏ ଝିଅର ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁର ପ୍ରାୟ ଦେଢ଼ମାସ ପରେ ମୋତେ ଏଠିକି ଆସିବାକୁ ହେଲା ଏବଂ ଆସି କରି ମୂଳରୁ ଦେଖିଲି ବୁଦ୍ଧଙ୍କୁ ! ଘରେ ବାହାରେ ତାଙ୍କର ନିମୀଳିତ ନେତ୍ର, ଭୂମିସ୍ପର୍ଶ ମୁଦ୍ରା, ପାଦଦେଶରେ ଧୂପଧୂଆଁ ପଦ୍ମକୋରକ ଓ ଦୀପଶିଖାର ନୈବେଦ୍ୟ, ବଜାରଘାଟରେ ଲଣ୍ଡିତମସ୍ତକ ଓ ହଳଦିଆବସ୍ତ୍ର ପିନ୍ଧି ବୁଲୁଥିବା ଭିକ୍ଷୁଙ୍କ ପ୍ରାଦୁର୍ଭାବ, ଦୈନିକ ଖବରକାଗଜରେ କେଉଁ ଏକ ବୌଦ୍ଧବିହାରର ଜୀବନଚର୍ଯ୍ୟା ଉପରେ ବିସ୍ତୃତ ଆଲାପ-ଆଲୋଚନା···ଆରେ, ଏଠିକି ଆସୁ ନ ଆସୁଣୁ ସେ ମୋତେ ଏମିତି ଆବୋରି ବସୁଛନ୍ତି କାହିଁକି ? ଶାକ୍ୟମୁନି କ'ଣ ମୋତେ କିଛି କହିବାକୁ ଚାହାଁନ୍ତି ତାଙ୍କ ଅପରିସୀମ କରୁଣାରୁ କାଣିଚାଏ ବଢ଼େଇଦେବେ କି ମୋ ହାତକୁ ମୋ ଦୁଃଖର ଉପଶମ ପାଇଁ ? ସେଇଠୁଁ ସୁଆନ୍ ମୋକ୍ ବନଭୂମିରେ ଥିବା ବୌଦ୍ଧବିହାର ତଥା ଦେଶର ସୁବିଖ୍ୟାତ

Digitized by srujanika@gmail.com

ଧର୍ମକେନ୍ଦ୍ରର ଆଚାର୍ଯ୍ୟ ବୁଦ୍ଧଦାସ ମୋତେ ଜଣାଇଲେ ଦୈନିକ ଇଂରାଜୀ ଖବରକାଗଜ 'ବ୍ୟାଙ୍ଗ୍କକ୍ ପୋଷ୍ଟ'ର ଗୋଟିଏ ଫିଚର୍ ମାଧ୍ୟମରେ । ଟାଣୁଆ କଥା ପଦେ । ଲୁହକୁ ପୋଛିଦେଲା ପରି ନୁହେଁ, ଆସନ୍ତା ଲୁହର ଫଉଜକୁ ବାରଣ କଲା ପରି । କହିଲେ—

ବାବୁ, କହୁଛି ପରା, ଜୀବନକୁ ମୁଠେଇ ଧର୍ ନା ! ମୁଠେଇ ଧରିଲେ ସେ ଅବଶ୍ୟ ତୋତେ କାମୁଡ଼ିବ, ସେଥିର ଧନସମ୍ପଦ ହେଉ କି ପ୍ରେମପ୍ରୀତି । କାରଣ ସେ ଗୋଟାଏ ଅକୃତଜ୍ଞ କୁକୁର, ଓଲଟି ଯାଇ ମାଲିକ ହାତକୁ କାମୁଡ଼ିବା ତା'ର ବଦଭ୍ୟାସ ।

ହୁଏତ ବେଦାନ୍ତଦର୍ଶନରେ ବି ଏଇଆ ଅଛି । ଶ୍ରୀକୃଷ୍ଣ ବି ଅନାସକ୍ତି ଯୋଗ ବିଷୟରେ ଅନେକ କଥା କହିଥିଲେ ଅର୍ଜୁନଙ୍କୁ ଏବଂ ମୁଁ ଆଚାର୍ଯ୍ୟଙ୍କ ବୋଲି ମାନି କେତେଦୂର କଉଡ଼ିଛଡ଼ା ଦେଇପାରିବି ଏଇ ଆବ୍‌ସର୍ଡ଼୍ ଜୀବନଟାକୁ, ସେକଥା ଭିନ୍ନ । କିନ୍ତୁ ଠିକଣା ସମୟରେ ସେ ମୋତେ ଗୋଟିଏ ଖାରିକଥା ଶୁଣାଇଲା ପରି ମନେହେଲା ଏବଂ ବୋଧହୁଏ ତା'ରି ପ୍ରଭାବରେ ମୁଁ ବୁଦ୍ଧ ଓ ତାଙ୍କ ଚଳନ୍ତି ଆଧିପତ୍ୟକୁ ହିଁ ପ୍ରଥମେ ଦେଖିବାକୁ ଚାହିଁଲି ଏଇ ରାମଙ୍କ ରାଜ୍ୟରେ । ଅଧିକରୁ ଅଧିକ । ଯାହା ଦେଖିଲି, ସେତିକରେ ମୋ ମନ ଭରିଗଲା । ତାହାହିଁ ମୋ ସୁଖବୋଧର ପହିଲି କାରଣ ।

ଥାଇମାନଙ୍କ ମଧ୍ୟରୁ ଶତକଡ଼ା ପଞ୍ଚାନବେରୁ ଊର୍ଦ୍ଧ୍ୱ ଅଧିବାସୀ ବୌଦ୍ଧ । କିନ୍ତୁ ମୋତେ ଲାଗିଲା ଏବଂ ଅନେକ ଦର୍ଶକ-ପରିବ୍ରାଜକ ମଧ୍ୟ ସେହି ପ୍ରକାର ମନ୍ତବ୍ୟ କରିଛନ୍ତି ଯେ, ଏମାନେ ଖାଲି ସଂଜ୍ଞାସୂଚକ ବୌଦ୍ଧ ଏବଂ ବୁଦ୍ଧଦେବଙ୍କୁ ମାନନ୍ତି, ତା' ନୁହେଁ । ଏମାନେ ତାଙ୍କୁ ଜାବୁଡ଼ି ଧରିଛନ୍ତି । ବଡ଼ରୁ ଶ୍ରେଷ୍ଠ ଯାଏଁ । ଅର୍ଥାତ୍ ଏମାନେ ସକ୍ରିୟ ବୌଦ୍ଧ । ଯେମିତିକି ଆମର ଅଧିକାଂଶ ଲୋକେ ସକ୍ରିୟ ହିନ୍ଦୁ ଏବଂ ବିଷ୍ଣୁ, ଶିବ, ଦୁର୍ଗା ଆଦି ଦେବ-ଦେବୀଙ୍କ ପୂଜକ । କିନ୍ତୁ ତାଙ୍କ ଧାର୍ମିକତାର ବିଶେଷତ୍ୱ ହେଉଛି ଏଇ ଯେ— (୧) କେବଳ ବୁଦ୍ଧହିଁ 'ଅସଲ ଦେବତା', (୨) ତାଙ୍କ ପ୍ରସାଦ ପାଇବା ପାଇଁ ଦୁର୍ବୋଧ୍ୟ ପୂଜାପଦ୍ଧତି କି ପଣ୍ଡା-ପୁରୋହିତଙ୍କ ସାହାଯ୍ୟ ଲୋଡ଼ା ହୁଏ ନାହିଁ, (୩) ବୁଦ୍ଧବାଣୀର କେତୋଟି ସାରତତ୍ତ୍ୱ ଯୁବା'ଙ୍କର ଜାତୀୟ ଚରିତ୍ରରେ ଜରିଯାଇଛି ବୋଲି ମନେହୁଏ ।

Digitized by srujanika@gmail.com

ଅସଲ ଦେବତା ? ତା'ମାନେ କଅଣ ? ଏମାନେ ବି କଅଣ ଆମ ପରି ବିଭିନ୍ନ ଦେବଦେବୀଙ୍କୁ ମାନନ୍ତି, ହେଲେ ବୁଦ୍ଧ ନାମକ ବଡ଼ଠାକୁରଙ୍କୁ ଅସଲ ବୋଲି ଧରି ନେଇଛନ୍ତି ? ତା'ଛଡ଼ା ବୁଦ୍ଧ, ଯେ ଭଗବାନଙ୍କ ଅସ୍ତିତ୍ୱ ବିଷୟରେ ମଧ୍ୟ ମୁଣ୍ଡ ଘୂରେଇବାକୁ ନାରାଜ, ସେ ନିଜେ ଦେବତା ହେଲେ କେମିତି ? ଏହି ପ୍ରକାର ସନ୍ଦେହକୁ ସିଧାସଳଖ ଦୂର କରି ହେବ ନାହିଁ । ତେବେ ମୁଁ ଯାହା ଦେଖିଲି ଓ ଜାଣିଲି, ତାକୁଇ ପାଖାପାଖି ଥୋଉଛି ଆପଣଙ୍କ ସାମ୍ନାରେ, ସେଇଥିରୁ ଯାହା ବୁଝିବେ । ହଁ, ଏମାନେ ଅବଶ୍ୟ ବୌଦ୍ଧ, ଘୋରତମ ବୌଦ୍ଧ । ଯେହେତୁ ବୌଦ୍ଧଧର୍ମହିଁ ରାଜ୍ୟର ଘୋଷିତ ଧର୍ମ; ଧର୍ମନୀତିର ନିୟନ୍ତ୍ରଣ ପାଇଁ ରାଜାମାନେ ଜଣେ ଜଣେ ପ୍ରଧାନ ଉପଦେଷ୍ଟା ନିଯୁକ୍ତ କରନ୍ତି, ଯେଉଁମାନେ ଆଜୀବନ ସେହି ପଦରେ ଅଧିଷ୍ଠିତ ହୋଇ ରହନ୍ତି, ରାଜପ୍ରାସାଦରେ ତଥା ଘରେ ଘରେ ବୁଦ୍ଧଙ୍କର ମନ୍ଦିର (ପ୍ରାସାଦରେ ପାଗୋଡ଼ା ଏବଂ ଘରେ ଘରେ ତା'ର କୁନିମୁନିଆ ସଂକ୍ଷିପ୍ତ ସଂସ୍କରଣ, ଯାହାକୁ 'ଚଉରା' କହିଲେ ଚଳିବ) ଏବଂ ବଜାରଘାଟରେ ଭିକ୍ଷୁ ଭେଳା ଭେଳା, ଯେଉଁମାନଙ୍କୁ 'ଭିକ୍ଷା' ଦେବା ଏକ ସର୍ବସାଧାରଣ ସଂସ୍କାର । କିନ୍ତୁ ଏକଥା ମଧ୍ୟ ସତ ଯେ, ରାଜାଙ୍କ ଅଭିଷେକକୁ ମନ୍ତ୍ରପୂତ କରିବା ପାଇଁ ବ୍ରାହ୍ମଣ ପୁରୋହିତ ଖଞ୍ଜା ହୋଇ ରହିଛନ୍ତି ବଂଶାନୁକ୍ରମେ, ବୁଦ୍ଧମନ୍ଦିରର ଦ୍ୱାରଦେଶରେ (ଯଥା: ଶାୟିତ ବୁଦ୍ଧଙ୍କ ମନ୍ଦିର) ଗଜାନନ ଗଣେଶ ବିଦ୍ୟମାନ, ସହରର ଗୋଟିଏ ଜାଗାରେ ବ୍ରହ୍ମାଙ୍କ ମନ୍ଦିର, ଯାହା ସାମ୍ନାରେ ପୁରାତନ ଶ୍ୟାମଦେଶର ନୃତ୍ୟକଳା ପ୍ରଦର୍ଶିତ ହୁଏ ଟୁରିଷ୍ଟ୍‌ମାନଙ୍କ ପାଇଁ, ଏଣେ ଥାଇମାନେ ବ୍ରହ୍ମାଙ୍କୁ ହାତଯୋଡ଼ ପ୍ରଣାମ କରନ୍ତି, ସରକାରୀ ଦପ୍ତର (ଯଥା: ବ୍ୟାଙ୍ଗ୍‌କକ୍‌ର ପାଣିପାଗ ଦପ୍ତର)ର ସମ୍ମୁଖ ପ୍ରାଙ୍ଗଣରେ ଶିବଙ୍କ ମୂର୍ତ୍ତି, ଯଦିଚ ତ୍ରିଶୂଳଧାରୀଙ୍କ ଶିରସଜ୍ଜା ବୁଦ୍ଧଙ୍କ ପରି, ତାଙ୍କ ଆଗକୁ ସିଂହବାହିନୀ ଦୁର୍ଗାଙ୍କର ଗ୍ରେଟିଆ ମୂର୍ତ୍ତିଟିଏ ଏବଂ ଦୁହିଁଙ୍କୁ ଧୂପଧୂଆଁ ଓ ଫୁଲଫଳରେ ପୂଜା କରିବାର ଚିହ୍ନ ସୁସ୍ପଷ୍ଟ ଏବଂ ମନ୍ଦିରଗାତ୍ରର ଗୋଟିଏ ପାଖରେ ବୁଦ୍ଧଙ୍କ ଜନ୍ମକଥା ଚିତ୍ରିତ ହେବା ସାଙ୍ଗକୁ ଆର ପାଖରେ ରାମାୟଣର ଚିତ୍ର । ଅତଏବ ମୋର ଧାରଣା ଯେ, ହିନ୍ଦୁ ଦେବଦେବୀ କେବଳ ଏମାନଙ୍କର ସାଂସ୍କୃତିକ-ପୌରାଣିକ ପରମ୍ପରାରେ ନାହାନ୍ତି, ଅଛନ୍ତି ଏମାନଙ୍କର ମାନସିକତାରେ, ଭକ୍ତି-

Digitized by srujanika@gmail.com

ଚେତନାରେ । ମନେହୁଏ ଯେ, ଏମାନେ ଧର୍ମ ସାଙ୍ଗରେ ମଣିଷର କଳା-କଳ୍ପନାକୁ ଯୋଡ଼ିବାକୁ ଭଲ ପାଆନ୍ତି ହିନ୍ଦୁମାନଙ୍କ ପରି, ସେହେତୁ ଏମାନେ ରୂପଗୁଣବିଶିଷ୍ଟ ମୂର୍ତ୍ତିର ପୂଜାରୀ ଏବଂ ଦୈବୀଶକ୍ତିର ପ୍ରତୀକ ଯେକୌଣସି ମୂର୍ତ୍ତିକୁ ହାତଯୋଡ଼ି ପ୍ରଣାମ କରିବାକୁ ଭଲ ପାଆନ୍ତି । ହେଲେ କହିବା ବାହୁଲ୍ୟ ଯେ, ଏଠି ବୁଦ୍ଧହିଁ ପରମ, ବୁଦ୍ଧହିଁ ସର୍ବଦୃଶ୍ୟମାନ, ବୁଦ୍ଧହିଁ ଏକାଧାରରେ ରାଜାଙ୍କର ଓ ପ୍ରଜାଙ୍କର । ତେଣୁ ଏକାନ୍ତ ଧର୍ମପରାୟଣ, କହିବାକୁ ଗଲେ ଧର୍ମଭୀରୁ ଶ୍ୟାମଦେଶୀ ପାଇଁ ବୁଦ୍ଧ କେବଳ ଅସଲ ନୁହଁନ୍ତି, ସେ ତା'ର ଅସଲ 'ଦେବତା' ବୋଲି କହିଲେ ଭୁଲ୍ ହେବ କି ?

ଐତିହାସିକ କାରଣ ଦର୍ଶାଇବାକୁ କେତେ ସମୟ ? କୁହାହେବ ଯେ ଯଦିଓ ତ୍ରିରତ୍ନ (ବୁଦ୍ଧ, ଧର୍ମ ଓ ସଂଘ) ବିଶିଷ୍ଟ ମୌଳିକ ଓ ସରଳ ବୌଦ୍ଧଧର୍ମ ହିଁ ପ୍ରଥମେ ଆସିଥିଲା ଏଠିକି ପ୍ରାୟ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ, ଏହି ହୀନଯାନପନ୍ଥାର ବିଧିବଦ୍ଧ ପ୍ରଚଳନ ହେଲା ପ୍ରାୟ ସପ୍ତମ ଖ୍ରୀଷ୍ଟାବ୍ଦରେ, ଥାଇ ରାଜାମାନଙ୍କ ଦ୍ୱାରା ଶ୍ରୀଲଙ୍କାରୁ ସଂଗୃହୀତ ପୂଜାପଦ୍ଧତିକୁ ନେଇ । ତେଣୁ ହୀନଯାନ ହୋଇ ରହିଲେ ମଧ୍ୟ ସେଥିରେ ଅଳ୍ପବହୁତ ରଙ୍ଗ ଚଢ଼ିହିଗଲା, ରାଜକୀୟ ଏବଂ ମନ୍ଦିରଗତ ମୂର୍ତ୍ତିପୂଜାର ମାଧ୍ୟମରେ । ଏଣେ ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀରୁ ଆରମ୍ଭ କରି ପ୍ରାୟ ମଧ୍ୟଯୁଗ ଯାଏଁ ଭାରତୀୟ ବ୍ରାହ୍ମଣଧର୍ମ ତଥା କଳା-ସଂସ୍କୃତିର ବିଭିନ୍ନ ପ୍ରଭାବ ପଡ଼ିଲା ଏମାନଙ୍କ ଉପରେ । ସେଥିପାଇଁ ମଧ୍ୟ ଥାଇ ରାଜାମାନେ ଦାୟୀ, ଯେଉଁମାନେ ଭାରତରୁ ପଣ୍ଡିତ-ପୁରୋହିତମାନଙ୍କୁ ଅଣାଇଲେ ରାଜକୀୟତା ତଥା ପ୍ରଶାସନର ମାନ ବଢ଼ାଇବା ପାଇଁ । ଏ ଦିଗରେ ସୌଦାଗରମାନଙ୍କର ଅବଦାନ ମଧ୍ୟ ରହିଛି । ଫଳରେ ଏଇ ବୈଚିତ୍ର୍ୟ, ଆଖିଝଲସା କାରୁକାର୍ଯ୍ୟବିଶିଷ୍ଟ ବିରାଟ ପ୍ୟାଗୋଡ଼ା ସାଙ୍ଗକୁ ସାଧାରଣ ନାଗରିକର 'ଚଉରା', ଭିକ୍ଷୁଙ୍କ ପ୍ରତି ସମ୍ମାନ, ଏଣେ ହିନ୍ଦୁ ଦେବ-ଦେବୀଙ୍କ ପ୍ରତି ସଭକ୍ତି ପ୍ରଣାମ । କିନ୍ତୁ ବାହାଦୁରୀ ହେଉଛି ଏଇ ଯେ, ଏହି ବୈଚିତ୍ର୍ୟ ବେଖାପ ଲାଗୁ ନାହିଁ, ଧର୍ମାଚରଣ କ୍ଲିଷ୍ଟ ଓ କଳୁଷିତ ହୋଇନାହିଁ ଏବଂ ପ୍ରଥମ ପ୍ରଭାତର ସରଳତା ତଥାପି ସରଳ ହୋଇ ରହିଛି । କେଉଁଠି ଭୀରୁ ପ୍ରଣାମ, କେଉଁଠି ଅବା ଧ୍ୟାନ-ଦର୍ଶନ, କିନ୍ତୁ ଅନାବଶ୍ୟକର ଅତ୍ୟାଗ୍ରହର କିମ୍ବା ଗଣ୍ଡଗୋଳ ନାହିଁ କେଉଁଠି ହେଲେ ।

Digitized by srujanika@gmail.com

ଧରନ୍ତୁ ପୂଜାପଦ୍ଧତି । ଏଠି ତା'ର ଆଡ଼ମ୍ବର ନାହିଁ । ସେହେତୁ ପୂଜକବିଶେଷର ମାଧ୍ୟମ ନାହିଁ । ଖାଲି ମୁଁ ଅଛି ଓ ମୋର ବୁଦ୍ଧ । କହୁଛି ମୋର କେତୋଟି ଅନୁଭୂତି କଥା ।

ଯାଇଥିଲି ଶାୟିତବୁଦ୍ଧଙ୍କୁ ଦେଖିବାକୁ । 'ଓ୍ୱାଟ୍ ପୋ' ନାମରେ ଅଭିହିତ ଏହି ବୁଦ୍ଧମନ୍ଦିର ବ୍ୟାଙ୍ଗ୍‌କକ୍‌ର ସବୁଠାରୁ ପୁରୁଣା ମନ୍ଦିର-ମଠ, ଯାହାର ଆୟତନ ପ୍ରାୟ କୋଡ଼ିଏ ଏକର । ତା' ଭିତରେ କେତେ ଯେ ଗମ୍ବୁଜ, ମଣ୍ଡପ ଓ ବିଭିନ୍ନ ଆକାର-ପ୍ରକାରର ଘର ରହିଛି, ତା'ର ହିସାବ ଦେବା କଷ୍ଟ ଏବଂ ସେଥିର ବାହାର ଓ ଭିତର କାନ୍ଥରେ ମାର୍ବଲରେ ଖଚିତ ଶାମୁକା ଓ ନାନା ପ୍ରକାର ମଣିମୁକ୍ତାର କାରୁକାର୍ଯ୍ୟ ଦେଖିବା କଥା । ସର୍ବୋପରି ଏହାର କେନ୍ଦ୍ରରେ ବିଦ୍ୟମାନ ଥାଇଲଣ୍ଡ୍‌ର ସବୁଠାରୁ ବଡ଼ ବୁଦ୍ଧମୂର୍ତ୍ତି । ୪୫ ମିଟର ଲମ୍ବା ଓ ୧୫ ମିଟର ଉଚ୍ଚର ସୁନାଗୁଣ୍ଡଣିକରା ବୁଦ୍ଧ ଶୋଇ ରହିଛନ୍ତି କଡ଼ ଲେଉଟାଇ । ପାଦତଳିପାରେ ବୁଦ୍ଧଙ୍କର ୧୦୮ ଶୁଭ-ସଙ୍କେତର କାରୁକାର୍ଯ୍ୟ । ଯାଇଥିଲି ଆହୁରି ବିଭବଶାଳୀ ଓ ବିଶ୍ୱବିଖ୍ୟାତ ଶ୍ୟାମଳ ବୁଦ୍ଧଙ୍କ ମନ୍ଦିରକୁ । ଇଏ ରାଜାଙ୍କ 'ନିଜ' ମନ୍ଦିର ଏବଂ ନାନା ରାଜକୀୟ କାର୍ଯ୍ୟକ୍ରମ ପାଇଁ ଏହି ବୁଦ୍ଧଙ୍କ ଆଶୀର୍ବାଦ ଲୋଡ଼ାଯାଏ । ଏହାକୁ ଥାଇ ମନ୍ଦିର ସ୍ଥାପତ୍ୟର କୋଣାର୍କ କହିଲେ ଚଳେ । ବୌଦ୍ଧ ମନ୍ଦିରରେ ଏଭଳି ରଙ୍ଗବେରଙ୍ଗ ଏବଂ ପ୍ରସ୍ତରଖଚିତ କାରୁକାର୍ଯ୍ୟ ପୃଥିବୀରେ ବିରଳ । ମନ୍ଦିର-ଗାତ୍ରରେ 'ରାମକିଏନ୍' (ଆମର ରାମାୟଣ)ର ଚିତ୍ରକଥା ତଥା ଅନ୍ୟାନ୍ୟ ଅନେକ ହିନ୍ଦୁ-ବୌଦ୍ଧ କିମ୍ବଦନ୍ତୀର ଦୃଶ୍ୟ । ମନ୍ଦିରବେଢ଼ାରେ ବିବିଧ ଭାରତୀୟ ଏବଂ ଚୀନ୍‌ଦେଶୀୟ ଦେବତା, ରାକ୍ଷସ, କିନ୍ନର ଆଦିଙ୍କ ମେଳା ଏବଂ ମଝିରେ ଥିବା ପ୍ରଧାନ 'ଚେଦ୍'ର ସୁଉଚ୍ଚ ସିଂହାସନରେ ବସିଛନ୍ତି ଶ୍ୟାମମଣିରେ ନିର୍ମିତ ଶ୍ୟାମଳ ବୁଦ୍ଧ । ଆଉ ଗୋଟିଏ ବୁଦ୍ଧମନ୍ଦିରକୁ ଯାଇଥିଲି । ତା' ନାଆଁ 'ଓ୍ୱାଟ୍ ସାକେତ୍' । ଗୋଟିଏ ଛୋଟ ପାହାଡ଼ ଉପରେ ଥିବା ଏଇ ମନ୍ଦିରକୁ ଯିବାକୁ ହେଲେ ୩୧୮ଟି ପାହାଚ ଚଢ଼ିବାକୁ ହୁଏ । ଏଠି ସୁନାଗୁଣ୍ଡଣି କରାଯାଇଥିବା ୧୦ ମିଟର ଉଚ୍ଚ ଠିଆ ହୋଇଥିବା ବୁଦ୍ଧଙ୍କ ଛଡ଼ା ଏକ ବିରାଟ ପ୍ରାଙ୍ଗଣର ଚାରିପାଖ କରିଡରରେ ଭୂମିସ୍ପର୍ଶମୁଦ୍ରାରେ ବସିଥିବା ୧୬୩ଟି ବୁଦ୍ଧ ! ଏହା ମଧ୍ୟ ଧ୍ୟାନ-ଅଧ୍ୟୟନର ଏକ ବିଶିଷ୍ଟ ପୀଠ । ଏହିସବୁ ମନ୍ଦିର ବିଭିନ୍ନ ରାଜାମାନଙ୍କ କୃତି, ବିଶେଷତଃ ବର୍ତ୍ତମାନ ଚକ୍ରୀ

Digitized by srujanika@gmail.com

ରାଜବଂଶର ପ୍ରତିଷ୍ଠାତା ପ୍ରଥମ ରାମଙ୍କର । ଏଇ ତିନୋଟି ମନ୍ଦିର ଛଡ଼ା ଆହୁରି କେତେ ଦର୍ଶନୀୟ ମନ୍ଦିର ରହିଛି ବ୍ୟାଙ୍ଗ୍‌କକ୍‌ରେ ମୋଟ ସଂଖ୍ୟା ୪୦୦ ବୋଲି କୁହାଯାଏ ।

ଏଭଳି ବହୁଳତା, ବିଶାଳତା, ଐଶ୍ୱର୍ଯ୍ୟ, ଜାଜ୍ୱଲ୍ୟମାନତା···କିନ୍ତୁ ପୂଜାପଦ୍ଧତିର ଘନଘଟା କାହିଁ ? ପଣ୍ଡା ପୁରୋହିତ କାହାନ୍ତି ଏବଂ ଭକ୍ତପୀଠର ଦ୍ୱାର, ମୁଖଶାଳା, ପ୍ରାଙ୍ଗଣ ଓ ବିଗ୍ରହ ପାଖରେ ଭକ୍ତମାନେ ଠେଲାପେଲା ହେଉ ନାହାନ୍ତି କେମିତି ? ଅଥଚ ଲୋକଗହଳି ଅଛି । ଦେଖଣାହାରୀ ଏବଂ ଭକ୍ତଗଣ । କେତେକ ଧ୍ୟାନମୁଦ୍ରାରେ ବସିଛନ୍ତି । କେତେକ ଧାଡ଼ି ଧାଡ଼ି ହୋଇ ରଖା ହୋଇଥିବା ତାମ୍ରପାତ୍ରରେ ମୁଦ୍ରା ପ୍ରଦାନ କରୁଛନ୍ତି ଭିକ୍ଷୁମାନଙ୍କ ପାଇଁ ଏକ ଅଭିନବ ସଙ୍ଗୀତର ସୃଷ୍ଟି କରି ଏବଂ ଜଣେ ଭକ୍ତ ପୂଜା କରୁଛି ବିଗ୍ରହର ପାଦଦେଶରେ । ସେ ଉଠି ଆସିଲେ ଆଉଜଣେ ପହଞ୍ଚିବ ସେଠି ତା' ନିଜର ପୂଜା କରିବା ପାଇଁ । କିନ୍ତୁ ପ୍ରତ୍ୟେକର ପୂଜାରେ କେବଳ ତିନୋଟି ବିଧି କରଣୀୟ । ପ୍ରଥମେ ଅଗ୍ନିଶିଖା । ମହମବତିଟିଏ ଜଳାଇଦିଅ । ଯାହାକି ଜ୍ଞାନର ପ୍ରତୀକ । ସେଇଠୁ ପଦ୍ମକଢ଼ିଟିଏ ସଁପି ଦିଅ ବୁଦ୍ଧଙ୍କୁ । ତାଙ୍କର ବିଶେଷ ପ୍ରିୟ ପୁଷ୍ପବିଶେଷ, ପବିତ୍ର ସୌନ୍ଦର୍ଯ୍ୟର ପ୍ରତୀକ । ତୃତୀୟରେ ତିନୋଟି ଧୂପକାଠିର ଧୂଆଁକୁ ଖେଳାଇଦିଅ । ଯାହା ତ୍ରିରତ୍ନ ଅର୍ଥାତ୍ ବୁଦ୍ଧ, ଧର୍ମ ଓ ସଂଘ ପ୍ରତି ପରମ ସମ୍ମାନ ଓ ଆନୁଗତ୍ୟର ପରିଚାୟକ । ତା'ପରେ ଆଣ୍ଠୁମାଡ଼ି ହାତଯୋଡ଼ି ପ୍ରଣାମ କଲେ ପୂଜା ସରିଗଲା ଜାଣି ଏବଂ ମନ୍ଦିରକୁ ଆସିଥିବା ଅନେକ ଭକ୍ତ ଏବଂ ଅନେକ ଟୁରିଷ୍ଟଙ୍କ ସତ୍ତ୍ୱେ ଏକ ସର୍ବବ୍ୟାପୀ ନୀରବତାର ଆସ୍ତରଣ । ଯେଉଁ ନୀରବତାକୁ ନେଇ ହୁଏତ ବୁଦ୍ଧଙ୍କୁ ଉପଲବ୍‌ଧି କରି ହେବ ଅନ୍ତତଃ କିଛିକ୍ଷଣ ପାଇଁ ।

ବିରାଟ ମନ୍ଦିରରେ ଯାହା, 'ଗଉଡ଼ି'ମୂଳେ ସେଇଆ । ରାଜାଙ୍କ କଥା ଛାଡ଼, ତାଙ୍କ ପାଇଁ କେତୋଟି ବିଶେଷ ଉପଚାର ରହିଛି ରାଜ୍ୟକୁ ଚଳାଇବା ପାଇଁ । କିନ୍ତୁ ସକଳ ପ୍ରଜାଙ୍କ ପାଇଁ ଏଇ ଗୋଟିଏ ଧରଣର ପୂଜା । ପୂଜାକୁ ବଢ଼େଇଲେ ଧ୍ୟାନ, ତା'ର ଅନୁଷ୍ଠାନ ମଠମାନଙ୍କରେ । ମୁଁ ମଧ୍ୟ ଯାଇଥିଲି ଗୋଟିଏ ମଠକୁ । ଭିକ୍ଷୁମାନଙ୍କ ସାଙ୍ଗରେ ଚୁପ୍‌ଚାପ୍ ବସିଥିଲି, ବେଳେବେଳେ ଠିଆ ହୋଇ ରହିଥିଲି ଅନ୍ୟମାନଙ୍କ ଦେଖାଦେଖି ('ଉପାସିକା'ମାନଙ୍କ-

Digitized by srujanika@gmail.com

ଠାରୁ ସାମାନ୍ୟ ଦୂରରେ, ସଞ୍ଚାଳକଙ୍କର ନୀରବ ନିର୍ଦ୍ଦେଶ ଅନୁଯାୟୀ ଏବଂ ଏହି ସମବେତ ଧ୍ୟାନର ସୁଖବୋଧକୁ ଛୁଇଁ ପାରିଥିଲି କିଛି ସମୟ ପାଇଁ ।

କେମିତି ଭଲପାଇବି ନାହିଁ ଏହି ସରଳ ସୁନ୍ଦର ଭକ୍ତ ଓ ଭକ୍ତିର ସଂସାରକୁ ?

ତେବେ ମୋତେ ସବୁଠାରୁ ଭଲ ଲାଗିଲା ତାଙ୍କ ଧାର୍ମିକତାର ଶ୍ରେଷ୍ଠ ସ୍ୱଗୁଣ । ମୋର ଦୃଢ଼ ଅନୁମାନ ଯେ ବୁଦ୍ଧ, ଏମାନଙ୍କ ପ୍ରତି ବିଶେଷ ଦୟା କରିଛନ୍ତି, ଯେଉଁଥିପାଇଁ ଏମାନେ ସବୁବେଳେ ଏମିତି ହସ ହସ, ଶାନ୍ତ ଏବଂ ଉଦାର ।

ମୁଁ ଲକ୍ଷଣ ଚିହ୍ନିବାରେ ଭୁଲ୍ କରିନାହିଁ । କଦାପି ନୁହେଁ । ମୁଁ ନିଶ୍ଚୟ କହିବି ଯେ, ମୁଁ ମୋ ନିଜ ଆଖିରେ ଯାହା ଦେଖିଲି, ମାନେ ଏମାନଙ୍କ ସଦାବିହାସି ହସ ଏବଂ ଯାହା ନ ଶୁଣିଲି, ଯଥା: ଆମ ବଜାରଘାଟର ନିତିଦିନିଆ ଯୁକ୍ତିତର୍କ, ରାଗରୋଷର ପାଟିତୁଣ୍ଡ, ତାହା ମିଛ ନୁହେଁ । ଥରେ ଗୋଟିଏ ଡିପାର୍ଟମେଣ୍ଟ୍ ଷ୍ଟୋର୍‌ରେ ଜଣେ କାଉଣ୍ଟର୍-ବାଳିକା ଆମ କହିବା କଥାକୁ ଭଲଭାବରେ ଶୁଣି ନ ପାରି (କିମ୍ବା ଆମେ ହୁଏତ ତାକୁ ଭଲ ଭାବରେ ବୁଝେଇପାରି ନ ଥିଲୁ), ଗୋଟିଏ ମୂଲ୍ୟବାନ୍ ବସ୍ତୁର ବିଲ୍ କାଟି ଦେଲା ଆମ ପାଇଁ । କିନ୍ତୁ ଆମେ ବସ୍ତୁଟିକୁ ଫେରାଇଦେଲୁ । ଏଥିରେ ପାଟିତୁଣ୍ଡ ଅନ୍ତତଃ ଯତ୍‌ସାମାନ୍ୟ ଯୁକ୍ତିତର୍କ ହେବା ସ୍ୱାଭାବିକ । କିନ୍ତୁ ତାହା ସମ୍ଭବ ହେଲା ନାହିଁ, କାରଣ ସେ କିଛି କହିଲା ନାହିଁ । କେବଳ ମୁହଁ ଶୁଖେଇଦେଲା । ଆଉ ଗୋଟିଏ ଘଟଣା । ଆମେ ବର୍ଷର ଶେଷଦିନ ବ୍ୟାଙ୍ଗ୍‌କକ୍‌କୁ ଫେରୁଥିଲୁ ଗୋଟିଏ ଦୂରବର୍ତ୍ତୀ ସମୁଦ୍ରକୂଳରେ ଦିନ ବିତେଇ । ଫେରନ୍ତା ବାଟରେ କାର୍ ଟ୍ରକ୍‌ର ଭୀଷଣ ଭିଡ଼ । ଏଇ ଅବସ୍ଥାରେ ପାଖାପାଖି ଚାଲୁଥିବା ଗୋଟିଏ ଟ୍ରକ୍ ଆମ କାର୍ ସାଙ୍ଗରେ ଛନ୍ଦି ହୋଇଗଲା । ସେହେତୁ ଉଭୟ ଯାନ ଅଚଳ ହୋଇ ପଡ଼ି ରହିଲା ଅନେକ ସମୟ ଯାଏଁ ଏବଂ ପରିସ୍ଥିତି ଆହୁରି ବିଷମୟ ହୋଇଉଠିଲା । ଆମ ହିସାବରେ ଟ୍ରକ୍‌ବାଲାର ଭୁଲ୍ ଏବଂ ସେହି ମର୍ମରେ ଆମେ ଯଥାବିଧି ଲଢ଼େଇ କରିବାକୁ ପ୍ରସ୍ତୁତ ଥିଲୁ ଏବଂ ପ୍ରଥମେ ଆମେ ହିଁ ଅଳ୍ପ ବହୁତ ପାଟିକରି ମାଡ଼ି ଆସିଲୁ ତା' ପାଖକୁ ତାକୁ ଧମକେଇବା ପାଇଁ । କିନ୍ତୁ ଦୁଃଖର ବିଷୟ, ସେ ତା' କଣ୍ଠସ୍ୱରକୁ ଆଦୌ ଉଞ୍ଚେଇଲା ନାହିଁ । ସିଧାସଳଖ ଗୋଟାଏ ତଥ୍ୟ ବାଡ଼ିଲପରି କହିଲା— ମୁଁ ତୁମ ଲେନ୍‌କୁ ପଶିଗଲି

Digitized by srujanika@gmail.com

କି ନା, ସେଇଲାଗି ଏମିତି ହେଲା । ମୁହଁରେ ହସ ନ ଥିଲେ ମଧ୍ୟ ହସର ଛାଇ, ଦୁଃଖ କିମ୍ବା ଉଦ୍‌ବେଗକୁ ଘୋଡ଼େଇଲା ପରି । ଗୋଟାଏ ମହାଯୁଦ୍ଧ ମୂଳରୁ ଘୁସ୍‌କି ଗଲା । ଏମିତି କେତେ ନିଜ ଅନୁଭୂତିର ଗପ ଶୁଣେଇଛନ୍ତି ମୋର ଝିଅ କ୍ୱାଇଁ ଓ ଆମର ଥାଇଲାଣ୍ଡବାସୀ ଘରଖିଆ ବନ୍ଧୁମାନେ । ଏଥିର ଅର୍ଥ ନୁହେଁ ଯେ, ଥାଇମାନେ ଅସତ୍ ଆଚରଣ କରନ୍ତି ନାହିଁ । କିନ୍ତୁ ଅନ୍ତତଃ ଏତିକି ତଥ୍ୟସିଦ୍ଧ ଯେ, ଏଠି ହିଂସାମୂଳକ ଅପରାଧର ମାତ୍ରା ଯଥେଷ୍ଟ କମ୍ ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଏବଂ ଅପରାଧ ଯେତେ ଜଘନ୍ୟ ହୋଇଥିଲେ ମଧ୍ୟ ତା' ପୂର୍ବରୁ କେଉଁ କ୍ରୋଧ ବା କାମନାର ନିଆଁ ଜଳି ଉଠିଥିବ ବୋଲି ବିଶ୍ୱାସ କରି ହୁଏ ନାହିଁ । ଦେଖିଲି ଯେ, ବିଦେଶୀମାନଙ୍କ ଦ୍ୱାରା ଲିଖିତ ବର୍ଣ୍ଣନା ବହିରେ ମଧ୍ୟ ଏଇ ଆବିଷ୍କାର ଲିପିବଦ୍ଧ ହୋଇଛି । ଏଇ ବିସ୍ମୟ । —ଏମାନେ ରାଗନ୍ତି ନାହିଁ । କାରଣ ଏମାନଙ୍କ ଦୃଷ୍ଟିରେ ରାଗିବା ହିଁ ଚରମ ଦୁର୍ବ୍ୟବହାର । ଅମଣିଷ ପଣିଆ । ଯାବତୀୟ ଦ୍ୱନ୍ଦ୍ୱ ଓ ବିରୋଧକୁ ସହଜେ କାଟି ଦେଇ ହେବ ଗୋଟିଏ ଅସ୍ତ୍ରରେ । "ମାଏ ପେନ୍ ରାଏ ।" ଅର୍ଥାତ୍ "କିଛି ଯାଏ ଆସେ ନାହିଁ ।" ଏଇ ପଦୁଟିର ଉଚ୍ଚାରଣ ତଥା ଅବବୋଧ ଏମାନଙ୍କ ଜାତୀୟ ଚରିତ୍ରର ମୂଳମନ୍ତ୍ର ।

"କିଛି ଯାଏ ଆସେ ନାହିଁ ?" ଶାକ୍ୟମୁନି କିଅଣ ଏଇଆ କହିଥିଲେ ? ହଁ, କହି ନ ଥିଲେ କି ? ତାଙ୍କର ଚାରୋଟି ମହାନ୍ ସତ୍ୟ ହେଲା : ଦୁଃଖ (ଜୀବନ ଦୁଃଖମୟ), ସମୁଦାୟ (ଦୁଃଖର କାରଣ କାମନା), ନିରୋଧ (କାମନାର ବିନାଶରେ ଦୁଃଖର ବିନାଶ), ଏବଂ ମାର୍ଗ (ସିଧା ବାଟ, ଯାହାର ଆଠଟି ଦିଗ—ଉଚିତ ବୁଦ୍ଧିବିଚାର, ଉଚିତ ଉଦ୍ଦେଶ୍ୟ, ଉଚିତ ଭାଷା, ଉଚିତ ବୃତ୍ତି, ଉଚିତ ଉଦ୍ୟମ, ଉଚିତ ମାନସିକତା, ଉଚିତ ଧ୍ୟାନାଚରଣ ।) ସିଧାବାଟର ମାନେ କଡ଼କୁ ନ ଯିବା । ସୀମାନ୍ତର ସମ୍ଭାବିତ ଖାଲଢିପ, କଣ୍ଟାଝୁଣ୍ଟାରୁ ନିଜକୁ ବଞ୍ଚେଇନେବା ଏବଂ ତା'ର ଉପାୟ ହେଉଛି ଉତ୍ତେଜିତ ନ ହେବା, ଯେଉଁଥିରେ ମୁଣ୍ଡ ଘୂରେଇଯିବ, ପାଦ ହଡ଼ବଡ଼େଇ ଯିବ । ଅନ୍ୟ ଅର୍ଥରେ ଜୀବନଟାକୁ ମୁଠେଇ ନ ଧରି ଛୁଇଁ ଛୁଇଁ ଯିବା । ଅତଏବ ଅହିଂସା । ଲଗାପଦ୍ଧା କି ରାଗରୋଷ ନ ଥିବା ଶାନ୍ତଭାବ, ପ୍ରଫୁଲ୍ଲବଦନ ଏବଂ ତା'ଠୁ ଉପରକୁ ଯାଇପାରିଲେ ଭିକ୍ଷୁର ନିବୃତ୍ତି, ନିର୍ବାଣର ପାଖାପାଖି । ତା'ହେଲେ ମୁଁ ଖାଲି ଲକ୍ଷଣ ଚିହ୍ନିବାରେ ଭୁଲ୍

Digitized by srujanika@gmail.com

କର ନାହିଁ, ସେଥିର କାରଣ ହେଉଛି ଏମାନଙ୍କର ବୁଦ୍ଧଗତ ଭାବ ଓ ଭକ୍ତି, ଏହି ପ୍ରକାର ଅନୁମାନ କ'ଣ ଯଥାର୍ଥ ନୁହେଁ ?

ମୁଁ ଶୁଣିପାରୁଛି ବୁଦ୍ଧିବାଦୀ ବୋଲଉଥିବା ନିନ୍ଦୁକମାନଙ୍କର ଚପା ହସ । ସତେକି ଉଚ୍ଚ ସ୍ୱରରେ ହସି ସେମାନେ ମୋ ନରମି ଯାଉଥିବା ମନରେ ଆହୁରି ଆଘାତ ଦେବାକୁ ଚାହାନ୍ତି ନାହିଁ । ମୋର ସରଳ ବିଶ୍ୱାସକୁ ଭାଙ୍ଗି-ଦେବାକୁ ଚାହାନ୍ତି ନାହିଁ । ହେଲେ ମୁଁ ଜାଣେ ସେମାନଙ୍କର ଆମୋଦ-ବିଦ୍ରୂପ କେଉଁ ଧାତୁରେ ଗଢ଼ା । ସେମାନେ କହିପାରିଲେ କୁହନ୍ତେ :

--ଯେଉଁ ବୌଦ୍ଧ ବୁଦ୍ଧଙ୍କ ଛଡ଼ା ଭିନ୍ନଦେଶୀୟ ବ୍ରହ୍ମା କି ଶିବଙ୍କୁ ମଧ୍ୟ ହାତଯୋଡ଼ି ପ୍ରଣାମ କରେ, ତାକୁ ବୌଦ୍ଧ କିମ୍ବା ଧର୍ମଭୀରୁ ନ କହି କେବଳ ଭୀରୁ କହିଲେ ଭଲ ହେବ ନାହିଁ କି ? ମାନେ କାଳେ କୋଉ ଦେବତା ହାତରେ କିଛି ଶକ୍ତି ଥିବ ମୋତେ ମାରିବା ପାଇଁ କି ତାରିବା ପାଇଁ, ତେଣୁ ତାକୁ ଖୁସ୍ କରି ରଖିଲେ ଭଲ । ଅନ୍ତତଃ ସେଥିରେ 'କିଛି ଯାଏ ଆସେ ନାହିଁ' ! ଏଇ ଭୀରୁ ଭାବର ଜ୍ୱଳନ୍ତ ନିଦର୍ଶନ ମିଳିବ ସେଇ ମନ୍ଦିର ବେଢ଼ାରେ । ବୁଦ୍ଧଙ୍କୁ ପ୍ରଣାମ କରି ଆସିଲାପରେ ତୁମର ଭକ୍ତି କେମିତି ଜୁଟିଯାଏ ଚଟାଣରେ ପସରା ମେଲାଇ ବସିଥିବା 'ଜ୍ୟୋତିଷ' ପାଖରେ । ତା' ସାମ୍ନାରେ ଅଶୁଦ୍ଧ ଇଂରାଜୀରେ ଲେଖା ସାଇନ୍‌ବୋର୍ଡ଼— ଆସ, ତୁମର ଭାଗ୍ୟକୁ ଚିହ୍ନିନିଅ । ପ୍ରେମରେ ପଡ଼ିଛ ? ବ୍ୟବସାୟରେ ଗଣ୍ଡଗୋଳ ହେଉଛି ? ରୋଗରେ କଷ୍ଟ ପାଉଛ ? ତା'ର ସତମିଛ ଓ ତା'ର ନିଦାନ ବୁଝିନିଅ ଏଇ ମହାତ୍ମାଙ୍କ ପାଖରୁ···ଇତ୍ୟାଦି । ଇଂରାଜୀଲେଖା ଅବଶ୍ୟ ଟୁରିଷ୍ଟମାନଙ୍କ ପାଇଁ । କିନ୍ତୁ ତୁମେ କ'ଣ ଦେଖିନାହଁ ଯେ, ଅଧିକାଂଶରେ ଏଠିକା ଲୋକ-ମାନେହିଁ ବସି ରହିଥାଆନ୍ତି ସେଠି ? ବୁଦ୍ଧ କ'ଣ କହିଥିଲେ ଯେ ଏହିପରି ଭାବରେ କାମନାର ମୁକାବିଲା କର ? ନା ଇଏ ବି କ'ଣ ତାଙ୍କ ଅଷ୍ଟବିଧ ମାର୍ଗରେ ଲେଖା ?

—ଭୀରୁ ସହଜେ ଶାନ୍ତ, ଉଦାର, ହସହସ । ଯେମିତିକି କେହି ତାକୁ ହଇରାଣ କରିବେ ନାହିଁ ଏବଂ ତା' ସ୍ୱାର୍ଥସିଦ୍ଧିରେ ଆଞ୍ଚ୍ ଲାଗିବ ନାହିଁ । ଏତିକି ବୁଝିପାରୁ ନାହଁ ନା ବୁଝିବାକୁ ଚାହଁ ନାହିଁ ? ବାବୁ, ଏଇଥିପାଇଁ ପାଖଆଖର ବିଭିନ୍ନ ଦେଶ ବିଭିନ୍ନ ସମୟରେ ପରାଧୀନ ହୋଇ ରହିଲେ ମଧ୍ୟ ଏଇ ରାଜ୍ୟ ସଦାସର୍ବଦା ସ୍ୱାଧୀନ ହୋଇ ରହିପାରିଛି । କାହିଁକିନା ସେ ଶତ୍ରୁ

Digitized by srujanika@gmail.com

ସାଙ୍ଗରେ ଯୁଦ୍ଧ କରିବାର 'ମୂର୍ଖତା' କରି ନାହାଁନ୍ତି କେବେହେଲେ । ହାତଯୋଡ଼ି କହିଛି— ଆଜ୍ଞା, ଆପଣଙ୍କର କଅଣ ଦରକାର କୁହନ୍ତୁ, ମୁଁ ଯୋଗାଇଦେବି । ଆମର ଧନରତ୍ନ ନା ଧାନଚାଉଳ ? ବାଣିଜ୍ୟ ବ୍ୟବସାୟର ପେଣ୍ଠ ନା ସୈନ୍ୟଛାଉଣି ଆଉ କାହା ସାଙ୍ଗରେ ଯୁଦ୍ଧ କରିବା ପାଇଁ ? ଏଭଳି ଶରଣାଗତ ଅଧମକୁ ସ୍ୱାଧୀନ କରି ରଖିବା ଛଡ଼ା ଉପାୟ କ'ଣ ଥିଲା ଇଂରେଜ, ଡଚ୍, ଫରାସୀ ଆଦି ସାମ୍ରାଜ୍ୟବାଦୀ ଦସ୍ୟୁଙ୍କର ଅଥବା ବଣିକର ? ଫଳରେ ଏଇ ଦେଶଟି ଦକ୍ଷିଣ-ପୂର୍ବ ଏସିଆରେ ଔପନିବେଶିକ ଇତିହାସରେ ଏକ ଅଦ୍ଭୁତ ଓଏସିସ୍ ହୋଇ ରହିଯାଇଛି । ଯାହାକୁ ମଧ୍ୟ ବୁଦ୍ଧଙ୍କ କୃପା ବୋଲି କହିବ ? ନା, ଧର୍ମନିଷ୍ଠ ଥାଇ ରାଜାମାନଙ୍କ କୃତିତ୍ୱ ?

—ଇତିହାସ କଥା ଛାଡ଼ । ଆଧୁନିକ ଥାଇଲାଣ୍ଡ୍‌ରେ ମଧ୍ୟ ଏଇ ଧାରା ଅର୍ଥାତ୍ ସୁବିଧାବାଦୀ ରାଜନୀତିର କରାମତି ଦେଖିପାରୁ ନାହିଁ ? ଏବେ ମଧ୍ୟ ଏମାନେ କୌଣସି ଦେଶ, ବିଶେଷତଃ ବଳଶାଳୀ ଦେଶକୁ ରଗେଇବାକୁ ଚାହାନ୍ତି ନାହିଁ, ଡରନ୍ତି । ଶୀତଳଯୁଦ୍ଧ ଚାଲିଥିଲାବେଳେ ଏମାନେ ରହିଥିଲେ ତାଙ୍କ ମଝିବାଟରେ । ଆଜି ପାରସ୍ୟ ଉପସାଗରର 'ମହାଯୁଦ୍ଧ' ଚାଲିଥିଲା ବେଳେ ମଧ୍ୟ ଏମାନେ ବସିଛନ୍ତି ମଝିକାନ୍ଥରେ, ବୋଧହୁଏ ଠିକଣାବେଳେ ଉତୁରି ଆସିବେ ବିଜେତାର ସପକ୍ଷରେ । ଅବଶ୍ୟ କହୁଛନ୍ତି— ଯୁଦ୍ଧବିରାମର ସମ୍ମିଳନୀ ଆମ ବ୍ୟାଙ୍ଗ୍‌କକ୍‌ରେ ବସେଇଲେ ଭଲ ହୁଅନ୍ତା ନାହିଁ ? ଆମେ ତା'ର ସମସ୍ତ ବନ୍ଦୋବସ୍ତ କରିଦେଇ ପାରିବୁ··· । ଏହି ପ୍ରକାର ନରମପନ୍ଥୀ ହସ ହସ 'ଆସ ଆସ' ଭାବର ମୂଳକଥା ହେଲା ସ୍ୱାର୍ଥସିଦ୍ଧି । ବିଦେଶୀମୁଦ୍ରାର ମୋହ । ଯାହାର ସାହାଯ୍ୟରେ ଏମାନେ ପ୍ରଗତିପଥରେ ଆହୁରି ଆଗେଇଯାଇ ପାରିବେ । ମୋଟାମୋଟି ଏମାନେ କହୁଛନ୍ତି ଯେ, ଆମେ କାହାରି ଭଲମନ୍ଦ କି ହାନିଲାଭରେ ନାହୁଁ, କିନ୍ତୁ ଦୟାକରି ଆସ ଆମ ଦେଶକୁ । ଆମ ଶିଳ୍ପ-ସମୃଦ୍ଧିକୁ ବଢ଼େଇବା ପାଇଁ, ବିଶେଷତଃ ଆମ ଟୁରିଷ୍ଟ୍ ବ୍ୟବସାୟକୁ ଚଳେଇବା ପାଇଁ । ଆସ, ଦେଖ ଆମ ସୁନାଛାଉଣିକରା ବୁଦ୍ଧଙ୍କୁ ଏବଂ ଆମ ଶାନ୍ତ ସୁନ୍ଦର ବେଳାଭୂମିରେ (ଏଠିକା ସମୁଦ୍ରରେ ପ୍ରାୟ ଢେଉ ନ ଥାଏ) ମଉଜ କର । ଇଚ୍ଛା କଲେ ମଉଜ କର ଆମର କୁନୁମୁନିଆ କୋମଳାଙ୍ଗୀ-ମାନଙ୍କୁ ନେଇ— କିଏ ମନା କରୁଛି ? ଟୁରିଷ୍ଟ୍ ହେଉଛନ୍ତି ଆମର ଅନ୍ୟତମ ଦେବତା । ସେଇଥିପାଇଁ ଆମର 'ପଟ୍ଟାୟା' ବେଳାଭୂମି ସମଗ୍ର ସଭ୍ୟ

Digitized by srujanika@gmail.com

ପୃଥିବୀର କ୍ରୀଡ଼ାଙ୍ଗନ ରୂପେ ପ୍ରସିଦ୍ଧ ଇତ୍ୟାଦି । ହାୟ ! ଜୀବନଟାକୁ ମୁଠେରେ ନ ଧରି ତଥାପି ତାକୁ ନେଇ ଖୁସି ହୋଇପାରିବାର କାଇଦା କ'ଣ ଏଇଆ ? ବୁଦ୍ଧ କ'ଣ ଏଇଆ କହିଥିଲେ ?

ଆଃ, ଅତ୍ୟନ୍ତ କଷ୍ଟ କଥା ! ଶୁଣିବାକୁ ଆଦୌ ଭଲ ଲଗୁ ନାହିଁ । ଇଚ୍ଛା ହେଉଛି ଚୁପ୍ ହୋଇ ରହିଯିବି । କହିବି ଯେ ମୁଁ ବି ଜଣେ ଟୁରିଷ୍ଟ, ଆସିଛି ମୋ ମନଟାକୁ ଭୁଲେଇବା ପାଇଁ । ଅଦାବେପାରିର ଜାହାଜ ମୂଲେଇବା ଦରକାର କଅଣ ? କିନ୍ତୁ ପ୍ରକୃତରେ ତା' ନୁହେଁ । ମୁଁ ଅନ୍ୟତମ ଟୁରିଷ୍ଟ ନୁହେଁ, ତା'ଠାରୁ କିଛି ଅଧିକ । ମୁଁ ଜଣେ ଦୁଃଖୀ ବାପା ଏବଂ ଲେଖକ । ତେଣୁ ମୋତେ ମୋ ହିସାବରେ ଉତ୍ତର ଦେବାକୁ ପଡ଼ିବ ! ମୋ ସାଧୁବାଦର ସଫେଇ ।

ଏଇ ଯେଉଁ ପ୍ରଣାମ କରିବା କଥା, ମୋତେ ଭାରି ଭଲ ଲାଗେ ତା'ର ଭାବ ଓ ଭଙ୍ଗୀ ଏବଂ ତା'ର ତାତ୍ପର୍ଯ୍ୟ । କାହିଁକନା ସେଥିରେ କେବଳ ବନ୍ଧୁଭାବ ସୂଚିତ ହୁଏ ନାହିଁ । ମନେହୁଏ, ସେ କହୁଛି ଯେ ମୁଁ ତୁମକୁ ଏକ ବିଶିଷ୍ଟ ସମ୍ମାନ ଦେଉଛି । କାରଣ ତୁମେ ବି ମୋ ପରି ଜଣେ ମଣିଷ, ଅମୃତର ପୁତ୍ର, ହେଲେ ମୋଠୁ ବଡ଼ । ଯାହା ନମସ୍କାର, ତାହାହିଁ ପ୍ରଣାମ । ବ୍ରହ୍ମାଙ୍କୁ, ବୁଦ୍ଧଙ୍କୁ, ରାଜାଙ୍କୁ, ଗୁରୁଜନଙ୍କୁ, ତଥା ତୁମକୁ । କାହା ପାଇଁ କେତେଦୂର ମୋର ମଥା ନଇଁ ଆସୁଛି, ସେଇଥିରେ ତା'ର ବିଭିନ୍ନତା, କିନ୍ତୁ ସବୁଥିରେ ଅଛି ମୋର ବିନୟ ଓ ତୁମର ଦେବତ୍ୱ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ । ଏହା ବଦଳରେ କରମର୍ଦ୍ଦନ କରିଥାଆନ୍ତି କେଉଁ ଦେବତା ସାଙ୍ଗରେ କହିଲେ ? ···ଏହି ସମ୍ମାନ—ଅଭିବାଦନକୁ ଏମାନେ 'ଓ୍ୱାଇ' ବୋଲି କୁହନ୍ତି ଏବଂ ଏଠି ଏହାର ପ୍ରୟୋଗ ଅନେକ ଅଧିକ ଆମ ଦେଶଠାରୁ । ବୋଧହୁଏ ଏମାନେ କେବଳ କେତେକ ପାଶ୍ଚାତ୍ୟ ଅତିଥି ଅଭ୍ୟାଗତଙ୍କ ସହିତ କରମର୍ଦ୍ଦନ କରିବାକୁ ବାଧ ହୁଅନ୍ତି କୂଟନୈତିକ ଲୌକିକତାକୁ ବଜାୟ ରଖିବା ପାଇଁ । ଅନ୍ୟ ସମସ୍ତଙ୍କ ପାଇଁ ସେହି ଈଷତ୍ ନମିତ ପ୍ରଣାମର ଠାଣି । ଏପରିକି ଯାତ୍ରୀଙ୍କ ଟେଲିଭିଜନ ପରଦାକୁ ଯେଉଁମାନେ ଆସନ୍ତି କାର୍ଯ୍ୟକ୍ରମର ପରିବେଷଣ ପାଇଁ, ସେମାନେ ମଧ୍ୟ ତୁମକୁ ସ୍ୱାଗତ ଜଣାଇବେ ଓ ତୁମଠାରୁ ବିଦାୟ ନେବେ ଯଥାବିଧି ପ୍ରଣାମ କରି । ଆମ ଶିଳ୍ପୀମାନଙ୍କ ପରି ଖାଲି ମୁହଁରେ ତୁମଠାରୁ ବିଦାୟ ନେବେ ଯଥାବିଧି ପ୍ରଣାମ କରି । ଆମ ଶିଳ୍ପୀମାନଙ୍କ ପରି ଖାଲି

Digitized by srujanika@gmail.com

ମୁହଁରେ ନମସ୍କାରଟା ପକେଇ କାମ ଛୁଣ୍ଡେଇ ହୁଅନ୍ତି ନାହିଁ । ନା ନା, ଏମାନଙ୍କ ଭକ୍ତିଭାବକୁ ଥଟ୍ଟା କରିବା ଏକାନ୍ତ ଅନୁଚିତ । ଅଶୋଭନୀୟ । ବାକୀ ରହିଲା ଏମାନେ କେମିତି ତାଙ୍କର ଆଗତ ଭବିଷ୍ୟକୁ ଜାଣିବା ପାଇଁ ବିକଳ ହୁଅନ୍ତି । ହୁଏତ ହୁଅନ୍ତି, ସମସ୍ତେ ନୁହନ୍ତି, ଥୋକେ ସାଧାରଣ ଲୋକେ । କ'ଣ ହେଲା ସେଇଠୁ ? କେଉଁଠି ନାହିଁ ଏଇ ଅଣବୌଦ୍ଧିକ କୌତୂହଳ ? କହିବାକୁ ଗଲେ କେଉଁ ବୁଦ୍ଧିବାଦୀ ମଧ ସୁଯୋଗ ପାଇଲେ ଏଇ କୌତୂହଳକୁ ପ୍ରଶ୍ରୟ ଦିଏ ନାହିଁ ? ହେଲା ଏବେ ଏମାନଙ୍କଠାରେ ଏଇ ପ୍ରବଣତା ଟିକିଏ ଅଧିକ ମନେହୁଏ । ହେଉ, ତା' ବୋଲି କ'ଣ ଆମେ ତାଙ୍କୁ ଖିରୁ କହିବା ?

ଏମାନଙ୍କର ତଥାକଥିତ ଖିରୁତାର ଇତିହାସକୁ ମଧ ନିନ୍ଦା କରିବା ଉଚିତ ହେବ କି ? ଯୁଦ୍ଧ କରି ସ୍ୱାଧୀନତାକୁ ପୂରାପୂରି ହରେଇବାଠାରୁ କୌଣସିମତେ ତାକୁ ମୋଟାମୋଟି ବଞ୍ଚେଇ ରଖିବା କ'ଣ ଶ୍ରେୟସ୍କର ନୁହେଁ ? ସପ୍ତମ ଶତାବ୍ଦୀର ଦ୍ୱାରବତୀ ରାଜ୍ୟଠାରୁ ଆରମ୍ଭ କରି ସୁଖୋଥାଇ ରାଜ୍ୟ, ଯାହାର ଅର୍ଥ 'ସୁଖୋଦୟ', ସେଇଠୁ ଚତୁର୍ଦ୍ଦଶ ଶତାବ୍ଦୀର ଅୟୁତ୍ଥ୍ୟା ରାଜ୍ୟ, ଯାହା ଲମ୍ବିଥିଲା ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ଯାଏଁ, ଏହିସବୁ ଥାଇ ରାଜ୍ୟର ରାଜାମାନେ ଯଦି ଶତ୍ରୁକୁ ଯେନତେନ ପ୍ରକାରେଣ ଅଟକେଇ ରଖି ପାରିଲେ, ଯେମିତିକି ଆହୁରି କେତୋଟି ପ୍ରାସାଦ ଓ ମନ୍ଦିର ତୋଳି ହେବ ଏବଂ ପ୍ରଜାମାନଙ୍କୁ ଅଧିକ ସୁଖସ୍ୱାଚ୍ଛନ୍ଦ୍ୟରେ ରଖି ହେବ, ସେଥିରେ ଭୁଲ୍ କ'ଣ ହେଲା ? ଶ୍ୟାମଦେଶର ସମୃଦ୍ଧି ଚଡ଼ାନ୍ତରେ ପହଞ୍ଚିଥିଲା ସପ୍ତଦଶ ଶତାବ୍ଦୀ ବେଳକୁ ଏବଂ ସେହି ସମୟକୁ ଆସିଲେ ଇଂରେଜ, ଡଚ୍, ଫରାସୀ ଆଦି ବଣିକମାନେ । ତାଙ୍କୁ ଅୟୁତ୍ଥ୍ୟାର ରାଜାମାନେ ସ୍ୱାଗତ ଜଣାଇଲେ । କହିଲେ, ଆସିବା ହୁଅନ୍ତୁ । ଦି'ପଇସା କମେଇବା ପାଇଁ ଆସିଛନ୍ତି ଏଠିକି, ଭଲ କଥା, ସେଥିରେ ଆମର ବି ଲାଭ । ଫଳରେ ଅୟୁତ୍ଥ୍ୟାର ସମୃଦ୍ଧି ବଢ଼ିଲା ପଛେ କମିଲା ନାହିଁ । ଏପରିକି ଫ୍ରାନ୍ସର ଇତିହାସ-ପ୍ରସିଦ୍ଧ ରାଜା ଚତୁର୍ଦ୍ଦଶ ଲୁଇସ୍ ଥାଇରାଜାଙ୍କ ପାଖକୁ ଦୂତ ପଠାଇଥିଲେ ରାଜୋଚିତ ସୌଜନ୍ୟ ଓ ସାମଗ୍ରୀର ଦିଆନିଆ ପାଇଁ । କିନ୍ତୁ ଦୁଃଖର ବିଷୟ ଯେ, ୧୭୬୭ରେ ବର୍ମାରୁ ଆସିଲେ ଦଳେ ଲୁଣ୍ଠନକାରୀ, ଯାହାଙ୍କ ସାଙ୍ଗରେ ସାଲିସ୍ କରି ହେଲା ନାହିଁ । ସେମାନେ ଦେଶଟାକୁ ଦଳି ଚକଟି ପକେଇଲେ । ହେଲେ

Digitized by srujanika@gmail.com

ସେମାନେ ସ୍ଥାୟୀ ରାଜତ୍ୱ ବସେଇ ପାରିଲେ ନାହିଁ ଏବଂ ଥାଇମାନେ ତାଙ୍କୁ ଘଉଡ଼େଇ ଦେଇ ପାରିଲେ ବର୍ଷେ ନ ଯାଉଣୁ । ସାହସର ଏହି ଦୃଷ୍ଟାନ୍ତକୁ ଗୋଟିଏ ବୋଲି କହି ଉଡ଼ାଇଦେବା ଉଚିତ ହେବ କି ? ସେଇଠୁ ୧୭୮୨ରେ ବର୍ତ୍ତମାନର ଚକ୍ରୀ ରାଜବଂଶ ସୁରୁ ହେଲା, ଯାହାର ପ୍ରଥମ ରାଜା ହେଲେ ପ୍ରଥମ ରାମ । ଶାନ୍ତିମୈତ୍ରୀର ପରମ୍ପରା ଅବ୍ୟାହତ ରହିଛି ସେହିଦିନଠୁଁ, ଯେମିତିକି ଦେଶ ସ୍ୱତନ୍ତ୍ର ଓ ସ୍ୱାଧୀନ ହୋଇ ରହିପାରିବ । ଦ୍ୱିତୀୟ ମହାଯୁଦ୍ଧରେ ଜାପାନୀମାନେ ଅବଶ୍ୟ ଏହି ଦେଶକୁ ଅଧିକାର କରିଥିଲେ କେତୁଟା ବର୍ଷ, କିନ୍ତୁ ବିନା ଯୁଦ୍ଧ ବିନା ରକ୍ତପାତରେ । ମୁଁ ଯାଇଥିଲି କାଞ୍ଚନବୁରୀ (କାଞ୍ଚନପୁରୀ) ନାମକ ଗୋଟିଏ ଜାଗାକୁ, ଯେଉଁଠି ଜାପାନୀମାନେ ବର୍ମାକୁ ଯିବା ପାଇଁ ଗୋଟିଏ ପୋଲ ତିଆରି କରାଇଥିଲେ 'କ୍ୱାଇ' ନଦୀ ଉପରେ । ତାକୁ ଓ ସଂଲଗ୍ନ ରେଳପଥ ତିଆରି କରିବାରେ ଲକ୍ଷାଧିକ ଯୁଦ୍ଧବନ୍ଦୀ ପ୍ରାଣ ହରାଇଥିଲେ ବଣ ଜଙ୍ଗଲର ରୋଗ, କାୟକ୍ଲେଶ ଓ ନାନା ନିର୍ଯ୍ୟାତନା ସହି ନ ପାରି । ଏହି ଘଟଣାକୁ କେନ୍ଦ୍ର କରି ପ୍ରସ୍ତୁତ ହୋଇଥିବା ଚଳଚ୍ଚିତ୍ର "Bridge on the River Kwai" ବିଶ୍ୱବିଖ୍ୟାତ । କିନ୍ତୁ ମୃତକ ତାଲିକାରେ କେତେଜଣ ଥାଇ ଲୋକମାନଙ୍କ ନାଆଁ ରହିଛି ? ଆଃ, ରହିବ କେମିତି ? ସେମାନେ କୋଉ ଯୁଦ୍ଧ କଲେ ଯେ ବନ୍ଦୀ ହେବେ ? କେଇଟା ଥାଇଶ୍ରମିକ ମରିଗଲେ ଯାହା ! ଯାହାହେଉ, ତାଙ୍କର ଦେଶରେ ଏଇ କୁଖ୍ୟାତ ସେତୁ ଥିବା ହେତୁ ଜାଗାଟି ଅନ୍ୟତମ ଟୁରିଷ୍ଟ୍ ଆକର୍ଷଣ ହୋଇ-ପାରିଛି । ଦେଶକୁ ଆହୁରି କେତେ ଡଲାର୍ ଆଣି ଦେଉଛି । ଏହାକୁ ଭାଗ୍ୟର ବିଡ଼ମ୍ବନା ବୋଲି ନ କହି ଘାରୁର କପାଳ ଭଲ ବୋଲି କହିବା ଉଚିତ ହେବ କି ?

ଆସିବା ହେଉ ଆଧୁନିକ ଥାଇଲାଣ୍ଡ୍ ଏବଂ ତା'ର ରାଜଧାନୀ ବ୍ୟାଙ୍ଗ୍‌କକ୍‌କୁ । ଭାରତୀୟର ପ୍ରଥମେ ଆଖିରେ ପଡ଼ିବ ଯେ ତଥାକଥିତ 'ତୃତୀୟ ପୃଥିବୀ'ର ଦେଶ ହେଲେ ମଧ୍ୟ ଏଠି ଘୋର ଦରିଦ୍ରତା ନାହିଁ । ଅନ୍ତତଃ କେହି ଭିଖାରୀ ନାହାନ୍ତି । ତା'ପରେ ସେ ଦେଖି କାବା ହେବ ଯେ ଏଠି ପାଣିକଳର ପାଣି ସରୁନାହିଁ କେବେହେଲେ, ବିଜୁଳି ବନ୍ଦ ହୋଇ ଯାଉ ନାହିଁ, ଫୋନ୍ ମନଇଚ୍ଛା ମରିଯାଉନାହିଁ । ଏମାନେ ଆମଠୁ ଧନୀ ବୋଲି ଏମିତି ହେଉଛି ନା ଏମାନେ ବେଶୀ କାମିକା ? ଯାହାହେଉ ସମ୍ପଦର ଚେହେରା ଦେଖାଯାଉ ।

Digitized by srujanika@gmail.com

ବ୍ୟାଙ୍ଗ୍‌କକ୍ ସହରକୁ ଦେଖିଲେ ମନେହେବ ଯେ ଅବଶ୍ୟ ଏମାନେ ବଡ଼ଲୋକ । ରାସ୍ତାରେ କାର୍ ପଛକୁ କାର୍, ଭୋର ସକାଳରୁ ଅଧରାତି ଯାଏ । ହେଲେ ଯେତେକ କାର୍, ସବୁ ବିଦେଶୀ ! ତା'ପରେ ଦେଖ ଏମାନଙ୍କ ସୁପର୍‌ମାର୍କେଟ୍, ଡିପାର୍ଟମେଣ୍ଟ୍ ଷ୍ଟୋର୍ ଏବଂ ବହୁବିଧ ଦୋକାନ ବଜାର ବିଶିଷ୍ଟ ('ଖାଦ୍ୟବଜାର' ସମେତ), ବିପଣୀ, ଯାହାକୁ 'ମଲ୍' କୁହାଯାଏ । ସେସବୁର ବହୁଳତା, ବିଶାଳତା ଏବଂ ରୁଚିପ୍ରଦ ଐଶ୍ୱର୍ଯ୍ୟରେ ଭାରତୀୟର ଆଖି ଠାକିଯିବ । କେହି ଭୁଲ୍‌ରେ କହିବାକୁ ସାହସ କରିବ ନାହିଁ ଯେ, ଆମ ବମ୍ବେ କି ଦିଲ୍ଲୀରେ ଏମିତି ଅଛି । ଅଥଚ ବିଦେଶରେ ବୁଲି ଆସିଥିଲେ ସେ ନିଶ୍ଚୟ କହିପାରିବ ଯେ ହଁ, ବିଲାତରେ ଏମିତି ଅଛି କି ଆମେରିକାରେ ଏବଂ ଏଇ ଦୋକାନ ବଜାରରେ ଥାଇଙ୍କ ନିଜ ତିଆରି ଜିନିଷ ସାଙ୍ଗରେ ବିଭିନ୍ନ ବିଦେଶୀ ଜିନିଷ ବି ଗୁନ୍ଦାଗୁନ୍ଦି ହୋଇ ରହିଛି— ଚକୋଲେଟ୍‌ଠାରୁ ଆରମ୍ଭ କରି ବିଭିନ୍ନ ବିଳାସ ଓ ବ୍ୟବହାରର ସାମଗ୍ରୀ । ସୁପ୍ରଶସ୍ତ କ୍ଷେତ୍ର, ସୌଖୀନ ଗରାଖଙ୍କୁ ଭୁଆଁ ବୁଲେଇବା ପାଇଁ । ହୁଏତ ନିରେଖି ଦେଖିଲେ ଜଣାପଡ଼ିବ ଯେ, ଥାଇଙ୍କ ଯନ୍ତ୍ରପାତି, ବିଶେଷତଃ ଇଲେକ୍‌ଟ୍ରୋନିକ୍ ବସ୍ତୁଗୁଡ଼ିକ ଅଧିକାଂଶରେ ବିଦେଶରୁ ଆସିଛି । ହଉ, ବିଦେଶୀ ଜିନିଷ ଏମିତି କେତେ ମହଙ୍ଗା ଯେ ବ୍ୟାଙ୍ଗ୍‌କକ୍‌ର ମଧ୍ୟବିତ୍ତ ନାଗରିକ ତାକୁ ନ କିଣିପାରି ମନ ଊଣା କରିବ ?

କିନ୍ତୁ ଏହି ପ୍ରକାର ଐଶ୍ୱର୍ଯ୍ୟ ନିଷ୍ପ୍ରାଣ ନୁହେଁ । ଏଇଠି ଥାଇଲାଣ୍ଡ୍‌ର ରାଜଧାନୀ ଏସିଆର ମର୍ଯ୍ୟାଦା ରଖିପାରିଛି । ଅର୍ଥାତ୍ ନାନା ସୁବୃହତ୍ ଏବଂ ଅତ୍ୟାଧୁନିକ ଦୋକାନ ବଜାର ସାଙ୍ଗକୁ ମହଜୁଦ ଅଛି ଜନାକୀର୍ଣ୍ଣ ଏସିଆର ହାଟବଜାର, ତା'ର ଗହଳି, ରଙ୍ଗ ଓ ବିଚିତ୍ର ସୁନ୍ଦର ହାତତିଆରି ବସ୍ତୁର ପସରା । ଏହେତୁ ଦକ୍ଷିଣ-ପୂର୍ବ ଏସିଆର ଅନ୍ୟାନ୍ୟ କେତୋଟି ସମୃଦ୍ଧ ମହାନଗରୀ, ଯଥା: ସିଙ୍ଗାପୁର, ଜାକର୍ତ୍ତା ଓ କୁଆଲାଲୁମ୍ପୁର ତୁଳନାରେ ବ୍ୟାଙ୍ଗ୍‌କକ୍ ପାଶ୍ଚାତ୍ୟ ଟୁରିଷ୍ଟ୍ ପାଇଁ ଅଧିକ ଚିତ୍ତାକର୍ଷକ ହୋଇପାରିଛି । ମୋତେ ସବୁଠାରୁ ଭଲ ଲାଗିଲା ରାସ୍ତାକଡ଼ର ଠେଲାଗାଡ଼ିରେ ତଥା ଟିଣଘର ତଳେ ଅନୁଷ୍ଠିତ ଆହାରବିହାରର ଦୃଶ୍ୟ । କ୍ଷମା କରିବେ, ଟିକିଏ ଅଟକି ଯାଉଛି ଏମାନଙ୍କ ଖାଇବାପିଇବା ବିଷୟରେ କିଛି କହିବା ପାଇଁ । ପ୍ରଥମତଃ ଏମାନଙ୍କ ଆହାରକୁ କଦାପି ଭୋଜନ କୁହାଯିବ ନାହିଁ, ହେଲେ ଆହାର

Digitized by srujanika@gmail.com

ସର୍ବଥା ବିହାର ବୋଲି ମନେହୁଏ । ଏମାନେ ଦିନକୁ ତିନି ଚାରିଥର ଏବଂ ଅଳ୍ପ ଅଳ୍ପ କରି ଖାଆନ୍ତି । ଦି'ଟାମୁଠି ଭାତ କି ନୁଡ୍‌ଲ୍ ସାଙ୍ଗକୁ ଗ୍ରେଟ ଗ୍ରେଟ ହୋଇ କଟା ହୋଇଥିବା ମାଛ, ମାଂସ ଓ ଧନିପରିବାର ବ୍ୟଞ୍ଜନ ଏବଂ ପ୍ରାୟଶଃ ବାହାରେ । ରାସ୍ତାକଡ଼ରେ କମ୍ବା ରେସ୍ତୋରାଁରେ, ଯେତେବେଳେ ଯାହା ଭଲ ଲାଗିଲା । ଘରଖିଆ ଓ ବାହାରଖିଆ ଭିତରେ ବିଶେଷ ପ୍ରଭେଦ ନାହିଁ ଆର୍ଥିକ ଦୃଷ୍ଟିରୁ । ତେଣୁ ମଣିଷ କାହିଁକି ମିଛୁଟାରେ ଘରେ ବସି ରାନ୍ଧିବ ଓ ଗହଣର ସଙ୍ଗସୁଖରୁ ବଞ୍ଚିତ ହେବ ? ମୁଁ ରାସ୍ତାକଡ଼ରେ ଖାଇଛି ମୋ ନାତିମାନଙ୍କ ସାଙ୍ଗରେ ଏବଂ ରେସ୍ତୋରାଁରେ ଖାଇଛି ଝିଅ ଜ୍ୱାଇଁ ଓ ତାଙ୍କ ବନ୍ଧୁମାନଙ୍କ ସାଙ୍ଗରେ । ସବୁଠି ମୋତେ ତାଙ୍କ ଖାଦ୍ୟପେୟ 'ବିହାର'ର ଆନନ୍ଦ ଆଣି ଦେଇଛି ବ୍ୟଞ୍ଜନର ସ୍ୱାଦ ତଥା ହସ ହସ ଆତିଥ୍ୟର ବାତାବରଣ ଯୋଗୁଁ । ପାଶ୍ଚାତ୍ୟ ଟୁରିଷ୍ଟମାନେ ଥାଇ ବ୍ୟଞ୍ଜନର ଭୂରି ଭୂରି ପ୍ରଶଂସା କରିଛନ୍ତି । କିନ୍ତୁ ମୋର ବିଶ୍ୱାସ, ଆମକୁ ହିଁ ତାଙ୍କ ରନ୍ଧା ବିଶେଷ ଭଲ ଲାଗିବ । କାରଣ ସେଥିରେ ଅଛି ଆମ ମସଲାମସଲିର ପ୍ରୟୋଗ, କିନ୍ତୁ ତା'ର ଉଗ୍ରତା ନାହିଁ । ଅଧିକନ୍ତୁ ନାନା ସୂକ୍ଷ୍ମଲକିତ ଆଘ୍ରାଣର ଆମନ୍ତ୍ରଣ । ବଣତୁଳସୀ, ପୋଦିନା ଆଦି ନାନାବିଧ ପତର, ଫଳମୂଳ, ନଡ଼ିଆରସ ଇତ୍ୟାଦିର ସ୍ନିଗ୍ଧ-ସୁରଭିତ ବ୍ୟଞ୍ଜନ । ଗୁଡ଼ନ୍ତୁ···ଏତେ ସମୟଯାଏଁ ପାଟି ସୁଆଦରେ ଅଟକିଯିବା ଉଚିତ ନୁହେଁ । କିନ୍ତୁ ମୁଁ ଯାହା କହୁଥିଲି— ଦୈନନ୍ଦିନ ରହଣିର ସୁଖସ୍ୱାଚ୍ଛନ୍ଦ୍ୟ ସାଙ୍ଗକୁ ଏମାନଙ୍କ ଐଶ୍ୱର୍ଯ୍ୟର ଉଜ୍ଜ୍ୱଳତା, ହାଟବଜାରର ମେଳା, ସର୍ବୋପରି ଏଇ ଆହାର-ବିହାରର ଉତ୍ସବ, ଏସବୁ କ'ଣ ଯଥେଷ୍ଟ ନୁହେଁ ଶ୍ୟାମଦେଶର ପ୍ରେମରେ ପଡ଼ିବା ପାଇଁ ?

ମୋ ନିନ୍ଦୁକ ଭାଇଜଣକ ମାଡ଼ିବସିବ ମୋତେ । କହିବ— ନା, ସର୍ବୋପରି ସେକ୍‌ସ ! କହୁନା ଯୁଆଙ୍କ ସେକ୍‌ସବଜାର କଥା ? ଯେ ତକ୍ମନିତ ପ୍ରେମକୁ ଏମାନଙ୍କୁ ଯେ ଏତେ ବଡ଼ଲୋକ କରାଇ ପାରିଛି ?

କହୁଛି, କହୁଛି, ସବୁର୍ କର । ମୂଳରୁ ମାନିନେଉଛି ଯେ, ଥାଇଲାଣ୍ଡରେ, ବିଶେଷତଃ ବ୍ୟାଙ୍ଗ୍‌କକ୍ ଓ ପଟ୍ଟାୟାର ବେଳାଭୂମିରେ ଯେଉଁ ରାତିବିହାରର ବଜାର ଅଛି, ସେଠି କେବଳ ନୃତ୍ୟଗୀତ ନାହିଁ, ରାଶି ରାଶି ସେକ୍‌ସ ମଧ୍ୟ ଅଛି ଏବଂ ତାହା ଏକ ବିଶେଷ ଆକର୍ଷଣ କେତେକ ଅଳସ-ବିଳାସୀ ଟୁରିଷ୍ଟମାନଙ୍କ ପାଇଁ । ପୁଣି ତାକୁ ଥାଇଲାଣ୍ଡର ସରକାର ପ୍ରଶ୍ରୟ

Digitized by srujanika@gmail.com

ଦେଉଛି ବିଦେଶୀ ମୁଦ୍ରାର ଲୋଭରେ । ଏଭଳି ଦୋଷାରୋପ ମଧ୍ୟ ସମୀଚୀନ ନୁହେଁ ବୋଲି କହି ହେବ ନାହିଁ । ତେବେ ମୁଁ ଏହି ସନ୍ଦର୍ଭରେ ଗୋଟିଏ କଥା କହିବି ଯେ, ଏଇ ସେକ୍ସବଜାର ତା' ନିଜ ଜାଗାରେ ଅଛି ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଦିଷ୍ଟ ଗରାଖଙ୍କ ପାଇଁ । ସାରା ଦେଶ କି ସହରରେ ଯୌନତାର 'ଆସ ଆସ' ଡାକ ଅଜାଡ଼ି ହୋଇ ପଡୁ ନାହିଁ ଖବରକାଗଜର ସ୍ତମ୍ଭ, ନିଅନ୍ ଲାଇଟ୍‌ର ସାଇନ୍‌ବୋର୍ଡ୍ ଇତ୍ୟାଦି ନାନା ନିମନ୍ତ୍ରଣପତ୍ର ଜରିଆରେ । ରାସ୍ତା-ଘାଟରେ କେହି କାହାକୁ ପ୍ରାଣମୂର୍ଚ୍ଛା ଚୁମ୍ବନ ଦେଉନାହାନ୍ତି ଏବଂ ପାଶବିକ ମାଂସଳତାର ଦୃଶ୍ୟ ଦେଖିବାକୁ ପଡ଼ିବ ନାହିଁ କେଉଁ ବେଳାଭୂମିରେ (ପଟ୍ଟାୟା କଥା କହିପାରୁ ନାହିଁ, ଯାହା ଗୋଟିଏ ଆମେରିକାନ୍ କଲୋନି ହୋଇଗଲାଣି କହିଲେ ଚଳେ) । ଅର୍ଥାତ୍ ପ୍ରାଚ୍ୟ ସଂସ୍କାର ତଥାପି ତା'ର ପ୍ରାଧାନ୍ୟ ରଖି-ପାରିଛି ଏମାନଙ୍କ ସାମାଜିକ ଯୌନଜୀବନରେ । ଉନ୍ମୁକ୍ତ ସେକ୍ସ ଏକଘରିକିଆ ହୋଇ ରହିଛି । ତେଣୁ ଅନିବାର୍ଯ୍ୟ ବୋଲି ମନେ ହେଉଥିବା ଗୋଟିଏ ବ୍ୟବସାୟର ବିଷ ତଥାପି ଜରିଯାଇ ନାହିଁ ଜାତିର ଶିରାଧମନୀରେ । ଏହାକୁ ଶଠତା କହିବି କି ସଂଯମ, ଅଥବା ଅସ୍ମିତାରମ୍ଭ, ସେକଥା ଭିନ୍ନ । ଅବଶ୍ୟ କ୍ରମଶଃ ସେକ୍ସବଜାର ଟିକିଏ ହାତଛଡ଼ା ହୋଇଗଲା ପରି ମନେ-ହେଉଛି, ବିଶେଷତଃ କ୍ରମବର୍ଦ୍ଧମାନ 'ଏଡ୍‌ସ୍' ରୋଗର ଭୟରୁ । ତେଣୁ ସରକାର ଏଇ କାରବାରକୁ ଯଥାବିଧି ନିୟନ୍ତ୍ରଣ କରିବେ ବୋଲି ଘୋଷଣା କରିଛନ୍ତି । ତାଙ୍କ ଉଦ୍ୟମ ସଫଳ ହେଉ ।

ତେବେ ଟୁରିଷ୍ଟ୍‌ମାନଙ୍କ ସୁଖ ପାଇଁ ସରକାର ବିଶେଷ ପ୍ରଯତ୍ନଶୀଳ, ଏଥିରେ ସନ୍ଦେହ ନାହିଁ । ଯେମିତିକି ଦେଶର ଯାହାକିଛି ଅଛି, ତାକୁ ଠିକଣା ରୂପେ ଏବଂ ବେଳେବେଳେ ସର୍କସ୍ ଦେଖାଇଲା ପରି ଦେଖାଇ ହେବ । ଉଦାହରଣସ୍ୱରୂପ : "ପ୍ରାଚୀନ ନଗରୀ" (Ancient City) । ମୁଁ ଯାଇଥିଲି ସେଠିକି । ବିରାଟ ୨୦୦ ଏକରବ୍ୟାପୀ କ୍ଷେତ୍ରରେ ୮୧ ଗୋଟି "ନିର୍ମିତ" ସ୍ଥଳୀ, ଶ୍ୟାମଦେଶର ଇତିହାସକୁ ଧାରାବାହିକଭାବେ ଦେଖାଇବା ପାଇଁ । ବିଭିନ୍ନ ଯୁଗର ପ୍ରାସାଦ, ମନ୍ଦିର, ମଠ, ରହିବା ଘର, ଯାହା ଲୁପ୍ତ ହୋଇ ଯାଇଛି, ଭାଙ୍ଗି ପଡ଼ିଛି, ଅଥବା ଅଛି ଦେଶର କେଉଁ କୋଣରେ, ସେସବୁକୁ ପୁଣି ଥରେ ଗଢ଼ି ସଜେଇ ରଖାଯାଇଛି ପାଠୁଆ ଟୁରିଷ୍ଟ୍‌ର ଅବଗତି ପାଇଁ । ଯେମିତିକି ସେ ଥାଇଲାଣ୍ଡ୍‌ର ବିଭିନ୍ନ ଅଞ୍ଚଳକୁ ନ ଯାଇ ଏଇଠି ତା'ର

Digitized by srujanika@gmail.com

ସାଂସ୍କୃତିକ ଇତିହାସକୁ ପଢ଼ିଦେଇ ପାରିବ । ଅନ୍ୟ ଦିଗରେ ସାଧାରଣ ଟୁରିଷ୍ଟ୍ ପାଇଁ ରହିଛି ପୃଥିବୀର ବୃହତ୍ତମ କୁମ୍ଭୀର କ୍ଷେତ୍ର (Crocodile farm) ଯେଉଁଠି ୩୦,୦୦୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଓ ତାଙ୍କ ଜାତିଭାଇ ପୋଷା ହେଉଛନ୍ତି ଏବଂ ଯେଉଁଠି ମଣିଷ-କୁମ୍ଭୀରର ଲଢ଼େଇ ଦେଖିପାରିବ, ହାତୀ ତୁମକୁ ନମସ୍କାର କରିବ ଏବଂ ତୁମେ ବାଘପିଠିକୁ ଅନାୟାସରେ ଆଉଁଶି ଦେଇ ପାରିବ, ତା'ର ଫଟୋ ମଧ୍ୟ ନେଇପାରିବ ଅଳ୍ପ କିଛି ଅର୍ଥ ବିନିମୟରେ ।

ହଁ, ଟୁରିଷ୍ଟ୍ ବ୍ୟବସାୟ ଏମାନଙ୍କର ପ୍ରଧାନ ଶିଳ୍ପ ତଥା ବ୍ୟବସାୟ । ଏଠି ପ୍ରକୃତିର ସୌନ୍ଦର୍ଯ୍ୟ ସାଙ୍ଗକୁ ତା'ର ସମ୍ପଦ, ଯଥା : ତୈଳ, କୋଇଲା, ଲୁହା, ସୁନା ଆଦି ଉତ୍ତୁରି ପଡ଼ୁ ନାହିଁ, ଯାହାକୁ ନେଇ ଦେଶ ଶିଳ୍ପପ୍ରଧାନ ହୋଇପାରିବ ଏବଂ ଯଥେଷ୍ଟ ବିଦେଶୀ ମୁଦ୍ରା ହାସଲ କରିପାରିବ । କୃଷି-ପ୍ରଧାନ ଦେଶର ବଳକା ଧନ କେବଳ ଗୋଟିଏ—ଧାନ ଚାଉଳ । କୁଶଳ ହାତର ଗୋଟିଏ ବିଶେଷ କୃତି—ପୋଷାକ ତିଆରି । କିନ୍ତୁ ଏତିକି ଯଥେଷ୍ଟ ନୁହେଁ, ଏତିକିରେ ରପ୍ତାନି ବଳି ପଡ଼ିବ ନାହିଁ ଆମଦାନୀରୁ, ଯଦ୍ଦ୍ୱାରା ଦେଶର ଆର୍ଥିକ ବିକାଶ ହୋଇପାରିବ । ସେହେତୁ ଉପରୋକ୍ତ ଦ୍ରବ୍ୟକୁ ବିକିବା ଛଡ଼ା ଥାଇଁ ସରକାର ଡାକ ଛାଡ଼ୁଛି ବିଦେଶୀକୁ—ଆସ, ତୁମ ପୁଞ୍ଜି ବିନିଯୋଗ କର ଆମ ଦେଶରେ । ସେଥିରେ ଆମ ଦୁଇପକ୍ଷକୁ ଲାଭ । ଯେଉଁ ନିମନ୍ତ୍ରଣର ମିଠା ଫଳବିଶ୍ୱ ହୋଇଥିଲା ବିଗତ ଶତାବ୍ଦୀର 'ଅଯୁତ୍ଥ୍ୟା' ଏବଂ 'ସୁଖୋଥାଇ' ଯୁଗରେ ଏବଂ ଦେଶକୁ ଏତେ ଉନ୍ନତ-ସୁନ୍ଦର କରି ପାରିଥିଲା, ତାହା ଆଜି ଅସଫଳ ହେବ କାହିଁକି ଏବଂ ଆସ ଏଠିକି ଆରାମ କରିବା ପାଇଁ, ଆନନ୍ଦ କରିବା ପାଇଁ । ଛଅକୋଟି ଲୋକସଂଖ୍ୟାରେ ଟୁରିଷ୍ଟଙ୍କ ସଂଖ୍ୟା ବର୍ଷକୁ ପ୍ରାୟ ଷାଠିଏ ଲକ୍ଷରେ ପହଞ୍ଚିଲାଣି । କିନ୍ତୁ ଆହୁରି ଦରକାର, ଆହୁରି ଦରକାର । ଭାରତୀୟ ହୁଏତ ହିଂସା କରିବ, କାରଣ ଆମେ କାହିଁ କେତେ ପଛରେ ପଡ଼ିଛୁ ପୃଥିବୀର ଟୁରିଷ୍ଟ୍ ମାନଚିତ୍ରରେ । ସେଥିକୁ ଥାଇ ବୋଧହୁଏ ତା'ର ଅନବଦ୍ୟ ହସଟିଏ ହସିଦେଇ କହିବ—ମାଏ ପେନ୍ ରାଏ । କିଛି ଯାଏ ଆସେ ନାହିଁ । ତୁମେ ବଡ଼ ଦେଶ, ତୁମର ଅନେକ କିଛି ଅଛି ଦେବା ପାଇଁ । କିନ୍ତୁ ଆମର ଏଇ ରାମଙ୍କ ରାଜ୍ୟରେ ଆଉ କ'ଣ ଅଛି, ସୁଖଶାନ୍ତିର ଟିକିଏ ଇତିହାସ ଏବଂ ଅନୁଭବ ଛଡ଼ା ? ସେଥିରୁ ଯତ୍‌କିଞ୍ଚିତ୍ ଆପଣଙ୍କ ହାତକୁ ଟେକିଦେଇ

Digitized by srujanika@gmail.com

ପାରିଲେ ଆମେ ନିଜକୁ ଧନ୍ୟ ମଣିବୁ । ଆମର ଭରସା ବୁଦ୍ଧଙ୍କ କୃପା, ରାଜାଙ୍କ ମହିମା ଓ ତୁମର ଭଲ ପାଇବା···

ରାମଙ୍କ ରାଜ୍ୟ ରାମରାଜ୍ୟ ନୁହେଁ । କିନ୍ତୁ ବୋଧହୁଏ ମୋ ଡାକ୍ତରୀ କାମ ଦେଉ ନାହିଁ ଏମାନଙ୍କ ଦୋଷଗୁଣକୁ ତଉଲିବା ପାଇଁ । କାରଣ ଏମାନଙ୍କ ହସହସ ଭାବକୁ ମୋର ନିହତା ଝିଅ (ହଁ, ସେମାନେ ତାକୁ ମାରିଦେଲେ ଅଧାବୟସରେ, ବିନା କାରଣରେ । ଅଲକ୍ଷଣା କାହିଁ ହେଉ, କି ମହାମାନ୍ୟ ଯମ) ବଢେଇ ଦେଉଛି । ସଂସାରକୁ ମୁହଁ ଦେଖାଇଲାବେଳେ ସେ ସବୁବେଳେ ଟିକିଏ ହସିଦିଏ କି ନା, ସେଇଥିଲାଗି । କହୁଛି, ଜୀବନଟାକୁ କୁକୁର କୁହ କି କଂସେଇ, ତା' ଖାତିର୍‌ରେ ଟିକିଏ ହସିଦେଇ ପାରିଲା ପରି ବଡ଼ପଣ ଆଉ କିଛି ନାହିଁ । କୋଉ ଦୋଷଗୁଣ ତା' ପାସଙ୍ଗରେ ପଡ଼ିବ ?

Digitized by srujanika@gmail.com

ବସୁଧୈବ କୁଟୁମ୍ବକଂ

ଆସନ୍ନା ଗ୍ରୀଷ୍ମଋତୁରେ ପୁଣି ଯିବାର ଅଛି କ୍ୟାନେଡ଼ାକୁ ସେଠିକାର ଘରେ ପୁଣି ଛଅ ସାତ ମାସ କିମ୍ବା ତା'ଠାରୁ ଅଧିକ ସମୟ ବିତାଇବା ପାଇଁ । ଏବେ ତ ଥାଇଲାଣ୍ଡ୍‌ରୁ ଫେରିଲି, ଆଉ ଗୋଟିଏ ଘରେ ମାସୁଟାଏ ରହିଲି ପରେ ଏବଂ ବର୍ତ୍ତମାନ ଅଛି ମୋ ଦିଲ୍ଲୀ ଘରେ, ଯାହାର କିଛିଟା ଡିଫେନ୍ସ କଲୋନିରେ, କିଛିଟା ସାକେତରେ ଓ କିଛିଟା ରାଜଧାନୀର ଭୌଗୋଳିକ ସୀମା ପାରି ହୋଇ ଉତ୍ତର ପ୍ରଦେଶର ନଏଡ଼ାରେ ରହିଛି, ବିଭିନ୍ନ ସନ୍ତାନଙ୍କ ବସତି ଅନୁଯାୟୀ । କ୍ୟାନେଡ଼ା ଯିବା ପୂର୍ବରୁ ମାସେ ଦି'ମାସ ପୈତୃକ ଓ ତଥାକଥିତ ଚିରସ୍ଥାୟୀ ଘର ଖଟବିନ୍‌ସାହି, କଟକରେ କାଟିବି ବୋଲି ମଧ୍ୟ ଠିକ୍ କରିଛି । ହଁ, ସେଠି ଥିଲାଭିତରେ ମଝିରେ ମଝିରେ ଭୁବନେଶ୍ୱର ଯିବାକୁ ପଡ଼ିବ, ଯେଉଁଠି ମୁଁ ଗୋଟିଏ ଇଟା ସିମେଣ୍ଟ୍‌ର ଘର ତୋଳିଛି । ଘର ଖଣ୍ଡିକ ଭଡ଼ା ଲାଗିଛି କିନା, ବର୍ଷକର ଭଡ଼ା ଆଦାୟ କରିବାକୁ ପଡ଼ିବ । ···ନିଜ ଭିତରୁ ଉପୁଚିଉଠୁଛି ଗୋଟାଏ ବିଦ୍ରୂପର ସ୍ୱର—ଘର, ଘର, ଘର ! ତୋ ମୁହଁକୁ ଟିକିଏ ଲାଜ ନାହିଁ ? କୋଉ ଗୋଟିଏ ଘରକୁ ତ ପୂରାପୂରି ନିଜର ବୋଲି କହିପାରୁ ନାହୁଁ, ଏଣେ ସଞ୍ଜ ହେଲାଣି ଆସି । ନା ତଥାପି ତୋ ନୀଡ଼କୁ ଖୋଜୁଛୁ, ଖୋଜି ହେଉଛୁ ?

ପାରୁ ନାହିଁ । ଯାହା ବା ପାରିଥାଆନ୍ତି··· । କଥା ହେଉଛି ଯେ ଘର ସାଙ୍ଗରେ ପରିବାର ଯୋଡ଼ିହୋଇ ଅଛି । କିନ୍ତୁ ଯାହାର ପରିବାରରୁ ଖଣ୍ଡେ କଟି ଯାଇଛି, ସଇଁତିରିଶ ବର୍ଷର ଝିଅ ଅକାଳରେ ସଂସାରକୁ ଛାଡ଼ିଛୁଡ଼ି ଦେଇ

Digitized by srujanika@gmail.com

ଗ୍ଭଲି ଯାଇଛି ଏଇ ଛଅମାସ ତଳେ । ତା'ର ଖଣ୍ଡିଆ ନିଜ ସ୍ୱଭାବରେ କୋଉ ଯଶ ଅଛି ଯେ ତା'ର ଆପଣା ପାଇଁ ଗୋଟାଏ ଘର ଦରକାର ? ଏମିତି ବାଡ଼ି ବାଡ଼ି ହେଉ ହେଉ କେଉଁଠି ହେଲେ ଆଖି ବୁଜିଦେଲେ ଗଲା···

ଆଜି ଏଇ 'ଘର' ସମ୍ବନ୍ଧୀୟ ଧାରାବାହିକର ଶେଷ ଅଧ୍ୟାୟ ଲେଖିଲା ବେଳେ ଏହି ପ୍ରକାର ଦୁର୍ଭାବନା ଆସୁଛି ମୋ ମନରେ, ଯାହାକୁ ମୋର ପ୍ରାଣବନ୍ତ ସଖାମାନେ ଅନାର୍ଯ୍ୟ ଓ ଅକାର୍ଯ୍ୟକର ବୋଲି କହିପାରନ୍ତି । ଉଠ, ଚେଇଁ ଉଠ, ବରଂ ତୁମର ଚେନାଏ ଚେନାଏ ପୃଥିବୀ ଓ ଚଉଡ଼ାଏ ଲେଖାଏଁ ଘରକୁ ଅଧିକତର ସମ୍ମାନ ଦେଇ, ସେସମସ୍ତଙ୍କୁ ଏକାଠି କରି ମନ୍ଦିରଟିଏ ଗଢ଼ିନିଅ ତୁମ ମନଭିତରେ ଏବଂ ସେଇଠି ହଜିଯାଅ, ମଜ୍ଜିଯାଅ, ନିଜ ସତ୍ତାକୁ ଅନୁଭବ କର···ଏହିଭଳି ପ୍ରରୋଚନା ଦେଇପାରନ୍ତି ମୋର କଷ୍ଟକାଳକୁ କାଟି ଦେବା ପାଇଁ ।

କିନ୍ତୁ ମୋର ଅବସାଦ ତୁଟିବାକୁ ନାହିଁ । କହିବାକୁ ଇଚ୍ଛା ହେଉଛି— ଆରେ, ସେସବୁକୁ ଏକାଠି କ'ଣ କରିବି ମ ? ଚେନାଏ ଚଉଡ଼ାଏମାନଙ୍କୁ ଯେତେ ଏକାଠି କଲେ ବି ସେଇ ଚେନାଏ-ଚଉଡ଼ାଏ ହୋଇ ରହିଯିବି ନାହିଁ କି ? ବରଂ 'ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ' ମନ୍ତ୍ରରେ ସାରା ପୃଥିବୀଟାକୁ ମୋ ଘର ବୋଲି କହିବା ଉଚିତ ହେବ ନାହିଁ କି, ଯାହା ବିଶ୍ୱବାସୀ ସାଧୁ, ସନ୍ଥ, ପଣ୍ଡିତମାନେ ଶିଖାଇଛନ୍ତି ମୋତେ ? ଅର୍ଥାତ୍ ମୋର ମନ ହେଉଛି, ମୁଁ ମହାନୁଭବତା, ହୁଏତ ଆଧ୍ୟାତ୍ମିକତାର ପୋଷାକ ପିନ୍ଧି ତାଙ୍କ ଆଦର୍ଶଗତ ଉପଦେଶକୁ ତାଙ୍କର ମୁହଁରେ ବାଡ଼େଇବି, କହିବି ଯେ ନାନା ବିକ୍ଷିପ୍ତ ଘରମାନଙ୍କୁ ନେଇ ମନ୍ଦିର ତୋଳିବା ଦରକାର ନାହିଁ, ଯେହେତୁ ସାରା ପୃଥିବୀଟାହିଁ ମୋର ଘର—ମନ୍ଦିର । ବୁଝିପାରୁଛ ? ସଂକ୍ଷେପରେ ମୋର ଘର ନାହିଁ । ପୂର୍ଣ୍ଣଚ୍ଛେଦ । ଖାଲି ଉପରକୁ ଆକାଶ ଅଛି, ତଳେ ପୃଥିବୀ, ଯାହା "ଓ୍ୱାର୍ ଏଣ୍ଡ୍ ପିସ୍"ର ପ୍ରିନ୍ସ ଆଣ୍ଡ୍ରୁଜ୍ ଆବିଷ୍କାର କରିଥିଲେ ମଲାବେଳକୁ ଏବଂ ଏତେ ଉଚ୍ଛୁରରେ ମୁଁ ମୋ ଉପଲବ୍ଧି ପାଇଲି ବୋଲି ଦୁଃଖ କରିଥିଲେ ।

ବସୁଧୈବ କୁଟୁମ୍ବକଂ । ଏଭଳି ଅନୁଭବ ପ୍ରକୃତରେ ଯାହା ମନକୁ ଆସେ, ସେ ମହାଯୋଗୀ । ଅଥବା ମୋପରି ଜଣେ ଅଯୋଗୀ । ଯାହାର ଅଶାନ୍ତ ଆତ୍ମା କେଉଁ ନିର୍ଦ୍ଦିଷ୍ଟ ଭୂମି, ପରିବେଶ, ସିନ୍ଦୁକ ପେଟରା ତଥା ପ୍ରିୟଜନଙ୍କ

Digitized by srujanika@gmail.com

ଗହଣକୁ ଘବଗଇଜର ଉଚ୍ଚ ଆସନରେ ବସାଇ ଏଇ ମୋର ଘର ବୋଲି କହିବାକୁ ନାରାଜ । ସେଇଲାଗି ସେ ଘୂରିବୁଲେ ଏଠୁ ସେଠିକି, ବାବନାଭୂତକୁ ନକଲ କଲା ପରି ଏବଂ 'ମୁଁ ତାକୁ ଖୋଜୁଛି ପରା !' ବୋଲି ବାହାନା କରେ । କିନ୍ତୁ ଏଇ ମୁଷ୍ଟିମେୟ ଅବାଗିଆ ଲୋକଙ୍କ ଛଡ଼ା ଅନେକ ଅନ୍ୟମାନେ ଅଛନ୍ତି, ଯେଉଁମାନେ ମୋତେ ପଚାରିବେ, ପଚାରିବା ଉଚିତ—"ଆଜ୍ଞା, ଏତେଆଡ଼େ ତ ବୁଲି ଆସିଲେ, କହିଲେ କେଉଁଟା ସବୁଠୁ ଭଲ ?" ଭଲ ଭଲ ମଣିଷ, ଦେଶ, ପଶୁପକ୍ଷୀ, ଫଳଫୁଲର କାହାଣୀ ଶୁଣିସାରିଲା ପରେ ମୋ ନାତି ଯେମିତି ଜିଦ କରେ ଜାଣିବା ପାଇଁ—"କିନ୍ତୁ କେଉଁଟା ବେଷ୍ଟ୍ ??" ଯାହାର ପରିଭାଷା ହୋଇପାରେ, ମୋର ଏଇ ଘରଖୋଜା ଢଙ୍ଗକୁ ନେଇ ଯେ, ଏମିତି ଅସୁସ୍ଥ କି ଅବସନ୍ନ ହୋଇ ନ ଥିଲେ ମୁଁ ନିଶ୍ଚୟ ଗୋଟିକୁ ବାଛିନିଅନ୍ତି ଘର ବୋଲି ।

ହଉ । ଏହି ପ୍ରଶ୍ନର ଉତ୍ତର ଦେବାରେ ବିଳମ୍ବ ହେବ କାହିଁକି ? ଧରନ୍ତୁ ମୁଁ ଯଦି କୁହେ ଯେ, ଭ୍ୟାଙ୍କୋଭର୍ ବେଷ୍ଟ୍ ଅଥବା ବ୍ୟାଙ୍ଗ୍‌କକ୍ କି ମୋ ପୁରୁଣା 'ଖଟିକିନ୍‌ସାହି, କଟକ', କାହାରି ଭାବିବା ଉଚିତ ନୁହେଁ ଯେ ମୁଁ ମିଛ କହୁଛି । ଯେ ମୁଁ ଯେକୌଣସି ଜନପଦର ନାଆଁ କହି ଭଣ୍ଡେଇଦେଲି ମୋ ନାତିକୁ, ତଥା ନାତିମନ୍ୟ ପ୍ରିୟ ପାଠକକୁ । କାହିଁକନା ପ୍ରତ୍ୟେକ ସ୍ଥାନରେ ଅଳ୍ପବହୁତ ଉପାଦାନ ରହିଛି ଯାହା ମୋତେ ଅବଶ୍ୟ ସୁଖ ଆଣିଦେବ, ସଞ୍ଜଠା ଘନେଇଲାବେଳକୁ ଓ ତାକୁଇ ଘର ବୋଲି ବାଛି ନେବାରେ ବାଧା ନାହିଁ । ମାନେ ମୁଁ ଘରର ଛାପ ମାରି ଦେଇପାରିବି ତା' ଉପରେ, ଅଶାନ୍ତ ମନର ସାନ୍ତ୍ୱନା ପାଇଁ ଏବଂ ସେଥିରେ ପ୍ରଶ୍ନକର୍ତ୍ତା ସନ୍ତୁଷ୍ଟ ହୋଇପାରିବ ନାହିଁ, ଏଭଳି କୌଣସି କାରଣ ଦିଶୁ ନାହିଁ ମୋତେ । ପ୍ରତ୍ୟେକ ମଣିଷର ସ୍ୱାଧୀନତା ଅଛି ତା' ଭୋଜନଶେଷର ମିଷ୍ଟାନ୍ନକୁ ବାଛି ନେବା ପାଇଁ, ମିଳୁଥିବାର ସୁଯୋଗ ଅନୁଯାୟୀ । କାହାକୁ ରସଗୋଲା ତ କାହାକୁ ରାବିଡ଼ି, ଅଥବା କାହାକୁ ଚୁଚୁମା ଲଜେନ୍‌ସ ବିଶେଷ । କିନ୍ତୁ···କିନ୍ତୁ ଗୋଟିଏ ଅସୁବିଧା ଅଛି । ଯଦି ମୋର ନିର୍ବାଚିତ 'ଘର' ସ୍ୱଦେଶର ନ ହୋଇ ବିଦେଶର ହୁଏ, ତା'ହେଲେ ମୁଁ କେତେକ ସୁଧୀଜନଙ୍କ ଦୃଷ୍ଟିରେ ତଳକୁ ଖସିଯିବି, ଏଥିରେ ସନ୍ଦେହ ନାହିଁ । ମୁଁ ଅବଶ୍ୟ ଯୁକ୍ତି କରିପାରେ ଯେ—ଦେଖନ୍ତୁ, ମୁଁ କହୁନାହିଁ ଯେ ଅମୁକ ଜାଗା ବେଷ୍ଟ୍ । ମଧ୍ୟ କହିବାକୁ ଚାହେଁ

Digitized by srujanika@gmail.com

ନାହିଁ ଯେ ଦୋଷଗୁଣ ବିଗ୍ଭର କରି ବସିଲେ ତା'ର ଗୁଣତକ ସଂଖ୍ୟାଧିକ । ମୋର ନିବେଦନ କେବଳ ଏତିକ ଯେ, ସବୁ ଦୋଷଗୁଣ ସତ୍ତ୍ୱେ ତା'ଠିଁ କିଛି ଗୋଟାଏ ବିଶେଷତ୍ୱ ଅଛି, ଯାହା ମୋର ସ୍ୱତନ୍ତ୍ର ଏବଂ ଅବିଶ୍ୱାସ୍ୟ ଭଲଲାଗିବା ପଣକୁ ଆକର୍ଷଣ କରୁଛି । ଯେମିତିକ କେଉଁ ଏକ ନାରୀ କାଳୀ ଚେପ୍‌ଟାନାକୀ ହୋଇଥିଲେ ମଧ୍ୟ ତା' ଗାଲରେ ଥିବା ଖାଲଟିକ, ହସରେ ଥିବା ଡାଗଟିଏ ମୋତେ ଉସ୍‌କେଇପାରେ ତା' ପ୍ରେମରେ ପଡ଼ିବା ପାଇଁ । ମୁଁ କେମିତି ଭଲି ସେଇ ଅବଗୁଣର ମାଧୁରୀ ବୁଝେଇବି ଆପଣଙ୍କୁ ? ଆପଣ କି'ଣ ଏତିକ ସ୍ୱୀକାର କରି ପାରିବେ ନାହିଁ ଯେ ଭଲ ଲାଗିବା—ଭଲ ପାଇବାର କ୍ଷେତ୍ରରେ ନିରପେକ୍ଷ ବାଛବିଗ୍ଭରର ଅବକାଶ ଥିଲେ ମଧ୍ୟ ତା'ର ମୂଲ୍ୟ ସୀମିତ ? ଶେଷକୁ ଆଉ କିଛି ଅଛି, କେଉଁ ଏକ ଦରଚହ୍ଲା ଦରବୁଝା ସୌନ୍ଦର୍ଯ୍ୟ, ଯାହା ସବୁ ବାଛବିଗ୍ଭରକୁ ଓଲଟେଇ ଦେଇ ମୋ ମନକୁ ମୋହିନେଇ ପାରେ ?

ନା, ସମ୍ଭବତଃ ସେମାନେ ମୋତେ ସେହି ପ୍ରକାର ସ୍ୱାଧୀନତା ଦେବେ ନାହିଁ । ଯଦି ମୁଁ ଯାହାକୁ ବାଛିନେଲି, ସେ ବିଦେଶିନୀ ହୋଇଥାଏ । କହିବେ ଯେ, ବୁଢ଼ାଟିଏ ହେଲଣି, ଏବକୁ ତୁମର ବୁଦ୍ଧି ଯଥେଷ୍ଟ ପାକଳ ହୋଇଯିବା କଥା, ତେଣୁ ଅଣବୁଦ୍ଧିଆ ପ୍ରେମର ଦୋହି ଦେଇ ନିଜକୁ ଓ ଆମକୁ ଲଜ୍ଜିତ କର ନାହିଁ । ଠିକେ ଠିକେ କୁହ, ଭଲମନ୍ଦ ଦୋଷଗୁଣର ଆଇଟେମ୍‌କୁ ଗଣି ଗଣି, କେଉଁ ହିସାବରେ ବିଦେଶର ସେଇ ଜାଗାଟି ତୁମକୁ ଏତେ ଭଲ ଲାଗିଲା ଯେ ତୁମେ ସ୍ୱଦେଶକୁ ବର୍ଜନ କଲ । ଯଦି ନ କହି ପାରିବ ତା'ହେଲେ ଜାଣିବୁ ଯେ ଦେଶଦ୍ରୋହୀ ନ ହେଲେ ମଧ୍ୟ ତୁମେ ଦେଶବିମୁଖ । ଦେଶମାତୃକାର ଅଯୋଗ୍ୟ ସନ୍ତାନ । ଘୃଣ୍ୟ । ହୁଏତ ଉତ୍କଳଜନନୀ ପାଖରୁ ଗ୍ଭଲି ଆସି ଭାରତ ଜନନୀର ଅନ୍ୟତମ କୋଳରେ ମଥା ଗୁଞ୍ଜିଲେ ଭର୍ତ୍ସନା ବିଶେଷ ଊର୍ଦ୍ଧ୍ୱକୁ ଯିବ ନାହିଁ । ଉଦାରତାସୂଚକ କ୍ଷମା ଲଭିବାର ସମ୍ଭାବନା ମଧ୍ୟ ରହିଛି । କିନ୍ତୁ ଭାରତଜନନୀକୁ 'ଧନ୍ୟବାଦ, ମୁଁ ଗ୍ଭଲିଲି' ବୋଲି କହିଲେ କଥା ସରିଲା !

ତଥ୍ୟ ଲୋଡ଼ା, ପ୍ରମାଣ ଲୋଡ଼ା, କେଉଁଥିପାଇଁ ତୁମ ପରି ଜଣେ ପ୍ରବୀଣ ବୁଦ୍ଧିବାଦୀ ସେଠି ଘର କରିବି ବୋଲି ବସିଛ । ନ ହେଲେ ଜାଣିବୁ ଯେ···

Digitized by srujanika@gmail.com

ଏମିତି ଅଡ଼ି ବସିବାକୁ କେହି ନିର୍ବୋଧତା ବା ପିଲାଳିଆମି ବୋଲି କହିବ କି ? ବୋଧହୁଏ ନୁହେଁ । ଖୁବ୍ ବେଶୀରେ ହୁଏତ କହିବେ ଯେ ଇଏ ଗୋଟାଏ ଭଲଗୁଣରେ ଅତିଶଯ୍ୟତା । ସେମାନଙ୍କ ଦେଶପ୍ରେମ ଅତ୍ୟଧିକ ଉଜ୍ଜ୍ୱଳ, ଅତ୍ୟଧିକ ଭାବଦଗ୍ଧ, ସେଇଲାଗି ସେମାନେ ନିଗ୍ରେଉଡ଼ିବନ୍ଧା, ଏମିତି ଲାଗିଛନ୍ତି ମୋ ପଛରେ । ମାନେ ଦେଶପ୍ରେମ ଏକ ନୈତିକ ଶୁଭତା, ସତ କହିଲା ପରି, ଯାହାର ମୌଳିକ ସାରବତ୍ତାକୁ ଖୁଣିବାର ନୁହେଁ । ଜଣଜଣଙ୍କ ପାଖରେ ହୁଏତ ସେଇ ଗୁଣ ଟିକିଏ ବଳିପଡ଼େ ସ୍ୱାଭାବିକତାର ସୀମା ଟପିଯାଇ, ସେକଥା ଭିନ୍ନ ।

ଏଇଠି ମୋର ମନେ ପଡ଼ୁଯାଉଛି ସୁପ୍ରସିଦ୍ଧ ଲେଖକ ଇ. ଏମ୍. ଫୋର୍ଷ୍ଟର୍ ଯାହା କହିଥିଲେ । କହିଲେ, "ଯଦି ମୋତେ ମୋର ବନ୍ଧୁ ଓ ମୋର ଦେଶ ଭିତରେ ଗୋଟିକୁ ଶତ୍ରୁହାତରେ ଧରେଇ ଦେବାକୁ ପଡ଼େ, ମୋର ଆଶା ଯେ, ମୋର ସାହସ ହେବ ଦେଶକୁ ଛାଡ଼ି ବନ୍ଧୁଙ୍କୁ ବଞ୍ଚେଇବା ପାଇଁ ।" ଅର୍ଥାତ୍ ଲୋକେ ନିନ୍ଦା କଲେ ମଧ୍ୟ ମୋର ସାହସ ଆସୁ ଭାବିବା ପାଇଁ ଯେ, ମୋ ବନ୍ଧୁ ମୋ ଦେଶଠାରୁ ଅଧିକ ମୂଲ୍ୟବାନ । ମଣିଷ-ମଣିଷର ଅନ୍ତରଙ୍ଗତା ଦେଶପ୍ରେମ ନାମକ ଆବ୍‌ଷ୍ଟ୍ରାକ୍ଟ୍ ଧାରଣାଠାରୁ ଅଧିକ ବାସ୍ତବ, ତେଣୁ ଅଧିକ ବରଣୀୟ ।

ଫୋର୍ଷ୍ଟର୍ କ'ଣ ଜାଣିଶୁଣି ଗୋଟାଏ ଚମକପ୍ରଦ କଥା କହିଲେ ଦେଶପ୍ରେମୀମାନଙ୍କୁ ରଗେଇବା ପାଇଁ ? ଗୋଟାଏ ପ୍ରତିକୂଳ ଆଦର୍ଶର ଘୋଷଣା କଲେ, ଯେମିତିକି ଲୋକେ ତାଙ୍କ କଥାକୁ ପସନ୍ଦ ନ କଲେ ମଧ୍ୟ ତାଙ୍କୁ ବାହାବା କରିବେ ତାଙ୍କର ଦୁଃସାହସ ପାଇଁ ? ସମସାମୟିକ ପ୍ରବୀଣ ଲେଖକ ନୀରଦ ଚୌଧୁରୀ କି ଖୁସ୍‌ଓ୍ୱନ୍ତ ସିଂ ଯେମିତି କୁହନ୍ତି ବେଳେ ବେଳେ ଏବଂ ଆମର ମନେହୁଏ ଯେ ଇଏ ତାଙ୍କ ଅନ୍ତରର ଭାଷା ନୁହେଁ, ସେ କହୁଛନ୍ତି ଖାସ୍ ଆମକୁ ଚଡ଼େଇବା ପାଇଁ, ବିବାଦୀୟତାର ବିଶିଷ୍ଟ, ଆଖିଦୁରୁଶିଆ ମୁକୁଟ ପିନ୍ଧିବା ପାଇଁ । ଲେଖକ-ଦାର୍ଶନିକ ଫୋର୍ଷ୍ଟର୍ଙ୍କର ବି କ'ଣ ଲୋଡ଼ା ଥିଲା ସେହି ପ୍ରକାର ମଞ୍ଚ, ସୁଦୃଶ୍ୟତାର କାରସାଦି ?

ମୋର ବିଶ୍ୱାସ, ସେ ନିର୍ଭୟରେ ଗୋଟାଏ ସତକଥା କହିଲେ, ଯାହା ଆମେ ସହଜେ ପ୍ରକାଶ କରିପାରୁ ନାହିଁ । କହିପାରୁ ନାହିଁ ଯେ ବନ୍ଧୁପ୍ରେମ ସ୍ୱାର୍ଥର କେନ୍ଦ୍ରବିନ୍ଦୁ ପାଖରେ ଅଛି, କିନ୍ତୁ ଦେଶପ୍ରେମ ତା'ଠାରୁ ଖଣ୍ଡେ

Digitized by srujanika@gmail.com

ଦୂରରେ । ତେଣୁ ସ୍ୱାର୍ଥସୂର୍ଯ୍ୟର ନିକଟରେ ଥିବା ହେତୁ, ବନ୍ଧୁପ୍ରେମ ଅଧିକ ଉତ୍ତପ୍ତ ଏବଂ କାମ୍ୟକାମୀ ।

ସ୍ୱାର୍ଥ । ତା'ର କେନ୍ଦ୍ରବିନ୍ଦୁ ହେଉଛି ମୁଁ । ତା' ଉତ୍ତାରୁ ମୋର ସନ୍ତାନ, ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା, ପିତାମାତା, ବୃହତ୍ତର ପରିବାର, ବନ୍ଧୁବାନ୍ଧବ, ଜାତି, ଗୋଷ୍ଠୀ, ଅଞ୍ଚଳ, ପ୍ରଦେଶ, ଦେଶ··· । ଯେତେ ଦୂରକୁ ଯିବ, ସ୍ୱାର୍ଥସୂର୍ଯ୍ୟର ଉତ୍ତାପ ସେତିକି କମିଯିବ । ହେଲେ ସ୍ୱାର୍ଥର ଘେର ସେତିକି ବେଶୀ ହେବ ଏବଂ ତା' ଭିତରେ ଥିବେ ଅଧିକତର ଲୋକେ ଓ ତାଙ୍କ ସୁଖଦୁଃଖର ସଂସାର । ଅତଏବ ତୁମେ ନିଜକୁ ଯେତେଦୂର ଯାଏଁ ତଡିପାରିଲ, ସେଇ ହେଉଛି ତୁମର ବାହାଦୂରୀ, କାରଣ ସେହେତୁ ତୁମେ ବେଶୀ ଲୋକଙ୍କ ପାଇଁ କିଛି କରି ପାରିବ ଏବଂ ଯଦି ତଦ୍ୱାରା ତୁମ ନିଜର କିମ୍ବା ତୁମ ନିକଟସ୍ୱାର୍ଥର କିଛି କ୍ଷତି ହେଲା, ତାକୁ ଆତ୍ମତ୍ୟାଗ ବୋଲି କୁହାହେବ । କିନ୍ତୁ ମାନିବାକୁ ପଡ଼ିବ ଯେ (୧) ସବୁର ମୂଳରେ ସ୍ୱାର୍ଥ, (୨) ଯେତେ ଦୂରକୁ ଯିବ ସ୍ୱାର୍ଥର ଉତ୍ତାପ ସ୍ୱଭାବତଃ କମି କମି ଯିବ ।

ବେଶ୍ । ଯଦି ଦେଶପ୍ରେମ ସଂପ୍ରସାରିତ ସ୍ୱାର୍ଥଛଡ଼ା ଆଉ କିଛି ନୁହେଁ, ତା'ହେଲେ ଆମେ କେଉଁ ଯୁକ୍ତିରେ ଫୋଷ୍ଟର୍‌ଙ୍କର ଆକୁଳ କାମନାକୁ ଛିଃ କରିଦେବା ? କର୍ତ୍ତବ୍ୟର ଦୋହାଇ ଦେଇ ମୁଁ ମୋ ସ୍ନେହସ୍ମୃତିର ବନ୍ଧନକୁ ଛିଣ୍ଡେଇଦେଲି, ଅନାର୍କିଷ୍ଟ ଓ ଆବ୍‌ଷ୍ଟ୍ରାକ୍ଟ ଦେଶପ୍ରେମ ନାଆଁରେ ବନ୍ଧୁଙ୍କୁ ଶୂଳରେ ଚଢ଼େଇଦେଲି, ସତ୍ୟରକ୍ଷା ନାଆଁରେ ଦ୍ରୌପଦୀଙ୍କୁ ନଗ୍ନ କରେଇଲି···ଇଏ କ'ଣ ସତେ ମୋର ବଡ଼ପଣ ? ଗୁଡ଼ାନ୍ତୁ, ଅନେକେ ଏଥିରେ ରାଜି ନ ହୋଇ ପାରନ୍ତି, ଆତ୍ମପୀଡ଼ା ମାନେ ହିଁ ବୀରତ୍ୱ ହୋଇପାରେ କେତେକଙ୍କ ପାଇଁ, ଉତ୍ତାପଶୀଳତାର ମାପକାଠି ମଧ୍ୟ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ, କିନ୍ତୁ ମୋ ବିଚାରରେ ଅନ୍ତତଃ ଏତିକି ମନେରଖିବା ଉଚିତ ଯେ ସ୍ୱାର୍ଥ-ସ୍ୱାର୍ଥର ପ୍ରଭେଦ ପୁଣ୍ୟ-ପାପର ବିଭେଦ ନୁହେଁ, ସ୍ୱାର୍ଥକୁ ନୈସର୍ଗିକ ଭଲ୍‌ଗୁଣ କୁହ କି ମନ୍ଦଗୁଣ । ତେଣୁ କ୍ଷମା କରିବେ, ମୁଁ ଫୋଷ୍ଟର୍‌ଙ୍କୁ ମୀରମନା ବୋଲି ଭାବିପାରୁ ନାହିଁ ।

ହେଲା ଏବେ ଦେଶପ୍ରେମ ପୁଣ୍ୟରେ ଲେଖା, କିନ୍ତୁ ଏହି ସଂପ୍ରସାରିତ ସ୍ୱାର୍ଥର ସୀମାରେଖା କେଉଁଠି ? ଇତିହାସର କ୍ରମରେ ଏବଂ ନାନା ଧର୍ମଗତ,

Digitized by srujanika@gmail.com

ଜାତିଗତ, ଭାଷାଗତ କନ୍ଦଳକୁ ନେଇ ଯେଉଁ ବାଡ଼ବତା ପଡ଼ୁଛି ଥରକୁଥର ଆମ ପୃଥିବୀର ପୃଷ୍ଠରେ, ପଡ଼ୁଛି ଓ ଭାଙ୍ଗୁଛି, ସେହି ଅନୁଯାୟୀ ଏଇ ସ୍ୱାର୍ଥସୀମା (ଅଥବା ପୁଣ୍ୟସୀମା) କ'ଣ ବଦଳୁଥିବ ? ତା'ଛଡ଼ା କନ୍ଦଳର ପରିପ୍ରେକ୍ଷୀରେ କିଏ ସତ୍ ଓ କିଏ ଅସତ୍ ? ମୁଁ ଯେଉଁ ଦେଶଦ୍ରୋହୀକୁ ଗୁଳି ମାରିଦେଲି, ସେ କ'ଣ ତୁମର ଶହୀଦ୍ ହୋଇପାରିବ ନାହିଁ ? ନା ଖାଲି ମୋର ଦେଶପ୍ରେମ ପୁଣ୍ୟରେ ଲେଖା, ତୁମର ନୁହେଁ ? ତା' ଅର୍ଥ, ଯେଉଁ 'ମୁଁଇ ଭଲ ମୁଁଇ ଠିକ୍' ଭାବର ବୈୟକ୍ତିକତା ହେତୁ ମଣିଷ-ମଣିଷ ଭିତରେ ଖାଲି ଛକାପଞ୍ଝା ହିଂସା-ପ୍ରତିହିଂସାର ଦିଆ-ନିଆହିଁ ଚାଲିଛି ବେଶୀଭାଗ, ସେହି ଭାବକୁ ସ୍ୱଦେଶର ସ୍ତରକୁ ନେଇଆସିଲେ କ'ଣ ତା'ର ଦୋଷ କଟିଯିବ ? ସତ୍ୟର ଜୟ ହେଉ, ଧର୍ମର ଜୟ ହେଉ । ଅବଶ୍ୟ, କିନ୍ତୁ କାହାର ? ସଦ୍ଦାମ୍ ହୁସେନ୍‌ଙ୍କର ନା ଜର୍ଜ୍ ବୁଶ୍‌ଙ୍କର ?

ଏତେଗୁଡ଼ାଏ କଥା କହିଲି, ଯେମିତିକି ଆପଣ ମୋତେ ହୀନଦୃଷ୍ଟିରେ ଦେଖିବେ ନାହିଁ, ଯଦି ମୁଁ କୌଣସି ବିଦେଶିମାକୁ ପ୍ରେମ କରେ, ମାନେ କେଉଁ ବିଦେଶକୁ ଘର ବୋଲି କୁହେ ସଞ୍ଜ ବଢ଼ିଲା ବେଳକୁ । କିନ୍ତୁ ଦୁଃଖର ବିଷୟ ଯେ ମମତା ବୋଲିଭଥିବା ଭାବାବେଗ ସ୍ୱାର୍ଥକୁ ନେଇ ଗଢ଼ା ଏବଂ ମମତା ବିନା କେଉଁ ଘର-ଭାବ ଅସମ୍ଭବ । ତେଣୁ ପ୍ରଶ୍ନ ହେଉଛି ଯେ ମୁଁ ସ୍ୱାର୍ଥପର, ତେଣୁ ମମତାର ଘେରକୁ କ'ଣ ସତେ ଟାଣି ନେଇଯାଇ ପାରିବ ପୃଥିବୀର ସୀମା ଯାଏଁ ? ହଁ, ତାହା ସମ୍ଭବ ହୁଅନ୍ତା ଯଦି ଆମ ପୃଥିବୀଟା ପ୍ରକୃତରେ 'ଗ୍ରେଟ' ହୋଇଯାଆନ୍ତା ଏବଂ ଅନ୍ୟାନ୍ୟ ଅନେକ ପୃଥିବୀ ଥାଆନ୍ତା ଆମ ହାତ-ପାଆନ୍ତାରେ, ସାଙ୍ଗ ହେବା ପାଇଁ ତଥା ଲଢ଼େଇ କରିବା ପାଇଁ । ତା'ହେଲେ ହୁଏତ ମୁଁ କହିପାରନ୍ତି, ଅନ୍ତରର ଆବେଗକୁ ନେଇ କହି ପାରନ୍ତି ଯେ, ଏଇ ମୋର ପୃଥିବୀ ଏବଂ ତା'ର ଭିତରେ କେଉଁଠି ହେଲେ ଘର କରି ରହିବାରେ କାହାର କିଛି ଭାବିବାକୁ ନ ଥାଆନ୍ତା । କିନ୍ତୁ ସେଦିନ ଆସିନାହିଁ ଆଜିଯାଏଁ । ତେଣୁ ମୁଁ ଉପରୋକ୍ତ ଜିଦଖୋର ପ୍ରଶ୍ନକୁ ଅମାନ୍ୟ କରିପାରିବି ନାହିଁ । ଅର୍ଥାତ୍ ସତ ହେଉ କି ମିଛ ହେଉ, ପାପପୁଣ୍ୟ ଉଚିତମାତର ତାରତମ୍ୟ ଥାଉ ବା ନ ଥାଉ, କ୍ରିୟାଶୀଳ ଭାବାବେଗ ଦୃଷ୍ଟିରୁ ଗୋଟାଏ 'ସ୍ୱଦେଶ' ସବୁବେଳେ ରହିଥିବ ତୁମ ଆମ ପରି ସାଧାରଣ ଲୋକଙ୍କ ପାଇଁ ଏବଂ ସେପାରିରେ ଗୋଟାଏ 'ବିଦେଶ' ।

Digitized by srujanika@gmail.com

ହାୟ ! ତେଣୁ ମୋତେ ବାଧ୍ୟ ହୋଇ କହିବାକୁ ପଡ଼ିବ (ଧରିନିଅ ଯେ ଭାରତ ହିଁ ମୋର 'ଦେଶ', ଓଡ଼ିଶା ନୁହେଁ କି ଜାତି ଗୋଷ୍ଠୀ ବିଗିଦର ନୁହେଁ) ଯେ ଯଦି ମୁଁ ଭାରତ ବାହାରେ ଘର କରେ, ଅର୍ଥାତ୍ ତାକୁ ମୋ ହିସାବରେ 'ବେଷ୍ଟ୍' ବୋଲି କୁହେ, ତା'ର କାରଣ କ'ଣ ।

କିନ୍ତୁ···ମୋର କି କଅଣ ଭାବାବେଗ ନାହିଁ ? ଯେତେ ବୁଦ୍ଧିବାଦୀ ହେଲେ ମଧ୍ୟ ଏବଂ ଆପଣା ସନ୍ଧ୍ୟା ତଥା ଅନୁଭୂତିକୁ ନେଇ ସଂସାରରୁ ନିବୃତ୍ତ ହେବାକୁ ଚାହିଁଲେ ମଧ୍ୟ ମୋ ମନ ଭିତରେ କ'ଣ ସ୍ୱଦେଶର ନାନା ସ୍ମୃତି ଓ ତା'ର ଧ୍ୱନି-ପ୍ରତିଧ୍ୱନି ଆପଣା କାମ କରିଯିବ ନାହିଁ ? ସମଷ୍ଟିଗତ କେଉଁ ଅଜ୍ଞାତ ଅଚେତନ (Collective unconscious) କ'ଣ ମୋ ନିରପେକ୍ଷତାକୁ ଉଙ୍ଗେଇବ ନାହିଁ, ହୁଏତ ମୋ ଇଚ୍ଛା ବିରୁଦ୍ଧରେ ?

·· ସେସବୁ ବାହାନା ଚଳିବ ନାହିଁ । ଧରିନିଅ ତୁମର ବୟସ ଅଛି, ସ୍ମୃତି ନାହିଁ ଏବଂ ଗଦାଏ ବୁଦ୍ଧି । ତୁମର ସେଇ ଦୋହରେଇ ହେଉଥିବା ସଞ୍ଚିରେ ରକ୍ତସୂର୍ଯ୍ୟର ଉଦ୍ଦୀପନା ଅଛି, ଅନ୍ଧାର କାହିଁ କେତେ ଦୂରରେ ଏବଂ କେହି ହେଲେ ତୁମକୁ ଟାଣି ଧରୁ ନାହିଁ ପଛରୁ, ସ୍ୱଦେଶକୁ ନେଇ କେଉଁ ଭାବାବେଗ (ଅଚେତନକୁ ମାର ଗୋଲି) ଅବା ବାଧ୍ୟବାଧକତା । ତା'ହେଲେ ଯଦି ତୁମେ ବିଦେଶର ଗୋଟିଏ ସ୍ଥାନକୁ ବାଛିନେଲ ସେଇଠି ଘର କରି ରହିଯିବ ବୋଲି, ତା'ହେଲେ କେଉଁଥିପାଇଁ ବାଛିବ । ଗଣି ଗଣି କୁହ ଆଇଟେମ୍ ଅନୁଯାୟୀ ।

ହଉ । କହିବି । କିନ୍ତୁ ଆଇଟେମ୍‌କୁ ଗଣି ଗଣି ନୁହେଁ । ପୂର୍ବରୁ ଅନେକ କଥା କହିଛି ସ୍ୱଦେଶ-ବିଦେଶ ବିଭେଦକୁ ନେଇ । ପିଲ ବୁଢ଼ାଙ୍କ ଠାରୁ ଆରମ୍ଭ କରି ପ୍ରୀତି ପରିବାର ଯାଏଁ, ଶେଷକୁ ଗୋଟିଏ ରାମଙ୍କ ରାଜ୍ୟକୁ ସାକ୍ଷୀ କରି । ସେସବୁକୁ ଗାଈକୁଲେଇ ଲାଭ ନାହିଁ । ତା'ଛଡ଼ା ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ଖାଲି ଗୋଟିଏ ବୋଲି ଚନ୍ଦ୍ରଉଦିଆର ହାଲେଲ ଗୀହ । ନ ହେଲେ ମଣିଷ ସବୁଦିନେ ଲଟପଟ ହେଉଥିବ ଯୁକ୍ତିର ଦ୍ୱନ୍ଦ୍ୱକୁ ନେଇ । ହ୍ୟାମ୍‌ଲେଟ୍‌ଙ୍କ ପରି । ତେଣୁ ମୁଁ କହୁଛି ଯେ— ଯଦି ମୋର ସମୟ ଥାଆନ୍ତା ଜୀବନକୁ ପୁଣି କେତେ ପରୀକ୍ଷା-ନିରୀକ୍ଷାର ଖେଳ ଖେଳାଇବା ପାଇଁ, ସେଥିକୁ ଯୌବନସୁଲଭ ସବୁଜ ଓ ସାହସ ଥାଆନ୍ତା ଏବଂ କେହି ମୋତେ ପଛରୁ ଟାଣି ଧରନ୍ତା ନାହିଁ, ସ୍ମୃତିଗତ ଭାବାବେଗ ଅଥବା ଅର୍ଥ, ପରିବାର

Digitized by srujanika@gmail.com

ଇଚ୍ଛାବିର ବାଧ୍ୟବାଧକତା ଏବଂ ସେଇ ପରିସ୍ଥିତିରେ ମୁଁ ବାଛି ନେଲି ଗୋଟିଏ ବିଦେଶ ଭୂଇଁରେ ରହିବା ପାଇଁ, ତା'ହେଲେ ସେଇ ବିଦେଶ ହେବ···

ସଂପୂର୍ଣ୍ଣ ସ୍ୱାଧୀନତାର ବିଦେଶ ।

ଜାଣିଛି ଯେ ବାସ୍ତବରେ ସେହି ପ୍ରକାର ସ୍ୱର୍ଗ ଭ୍ୟାଙ୍କୋଭର୍‌ରେ ନାହିଁ କି ବ୍ୟାଙ୍ଗ୍‌କକ୍‌ରେ ଅବା କେଉଁ ଦେଖା-ଶୁଣା ସହରରେ । 'ସଂପୂର୍ଣ୍ଣତା' କେବଳ ଏକ କଳ୍ପିତ ଅନୁଭବର ଆବେଶ ଛଡ଼ା ଆଉ କିଛି ନୁହେଁ ଆମର ଏଇ ଅର୍ଦ୍ଧ-ନିର୍ମିତ ପୃଥିବୀରେ । କିନ୍ତୁ ମୋଟାମୋଟି କହିହେବ ଯେ ସେ ଦେଶରେ ଯାହାଅଛି, ବିଶେଷତଃ 'ନୂତନ ପୃଥିବୀ'ରେ, ତାହା ମୋ ଦେଶରେ ନାହିଁ । ସେଥିର ଇଙ୍ଗିତ, ଆଶ୍ୱାସନା ଏବଂ ଆହ୍ୱାନ ଆଗେଇଯାଇ ପାରିବାର ପ୍ରତିଶ୍ରୁତି । ସେହେତୁ ତା'ର ନିମନ୍ତ୍ରଣକୁ କେଉଁ ବୁଦ୍ଧିବାଦୀ ତଥା ଅଜସ୍ର ଆଶାର ପଥିକ ଏଡ଼ାଇ ଦେଇ ପାରିବ ନାହିଁ ।

କହିବା ବାହୁଲ୍ୟ ଯେ ଜାଣିଶୁଣି ଆଉ କାହାକୁ କଷ୍ଟ ଦେବାର ସ୍ୱାଧୀନତା କୌଣସି ସମାଜରେ ନାହିଁ କି ରହିପାରିବ ନାହିଁ । କିନ୍ତୁ ନିଜକୁ ନିଜ ହିସାବରେ ବଢ଼େଇବାର (କି ଛୁଡ଼େଇବାର) ଏବଂ ଯେକୌଣସି ଧରଣର କି ଉଚ୍ଚର ବୃତ୍ତି, ବିଦ୍ୟା, ଚଳଣି ଓ ଥିବା-ନଥିବା ସତ୍ତ୍ୱେ ରାସ୍ତାରେ ମୁଣ୍ଡଟେକି ଚାଲି ପାରିବାର ସ୍ୱାଧୀନତା—ତାହାହିଁ ନିମନ୍ତ୍ରଣ । ଲୋଭନୀୟତାର ସାରକଥା ।

ମୋତେ କେହି ପ୍ରତ୍ୟକ୍ଷରେ କି ପରୋକ୍ଷରେ ମନା କରୁ ନାହିଁ ମୋ ହିସାବରେ ମଣିଷ ହେବା ପାଇଁ । କେଉଁ ଧର୍ମ, ଜାତି, ନୈତିକତା ଅଥବା ମହାମହିମାମୟ ଐତିହ୍ୟର ସଂସ୍କାର, ସେଇ ଆଶ୍ୱାସନା ହିଁ ଲକ୍ଷେ ଟଙ୍କା । ଯଦିଚ ପୂରାପୂରି କେହି ମୁକ୍ତ ହୋଇ ପାରିବ ନାହିଁ ତା' ସମାଜର ସାଂସ୍କୃତିକ-ଅର୍ଥନୈତିକ ବନ୍ଧନରୁ । ଅର୍ଥାତ୍ ମୋ ଉପରେ ମାଡ଼ି ପଡୁଥିବା ଏବଂ ମୁଁ ତାକୁ ହାଡ଼େ ହାଡ଼େ ଅନୁଭବ କରୁଥିବା କୌଣସି ବୋଝର ଚାପ ନାହିଁ, ଯେଉଁଥିପାଇଁ ମୁଁ ଦୁଃଖ କରିବି ଯେ ଆହା, ମୁଁ ସେଯାଏଁ ଯାଇପାରିଲି ନାହିଁ, କାହିଁକିନା··· । ଯେତିକି ଦୁଃଖ କରିବି, ସେତିକି ବାହାନା ବି ମିଳିଯିବ ମୋତେ ନିଜ ଅକ୍ଷମତାର ସଫେଇ ଦେବା ପାଇଁ ।

ସ୍ୱାଧୀନତାର ଅର୍ଥ ଚ୍ୟାଲେଞ୍ଜ୍ । ସାର୍ତ୍ରେଙ୍କ ଭାଷାରେ ତାହା ଯେପରି ଭୟାବହ ହେଉପଡ଼ିକେ । ପ୍ରାପ୍ତବୟସ୍କ ହେଲାପରେ, ଚେତନା ଲଗିଲା ପରେ

Digitized by srujanika@gmail.com

ମଧ୍ୟ ମୁଁ ମୋ ବିଗତରର ସ୍ୱପ୍ନରୁ ଓହ୍ଲାଇଯିବି, କାନ୍ଦିକନା 'ମାଉସୀ ମନା କରିଛନ୍ତି', ଦୁଃଖ କରିବି, ହେଲେ ଆରାମରେ ଶୋଇଯିବି କେଉଁ କୋଳରେ ଏବଂ ମୋ ସମାଜକୁ ତଥା ଅଦୃଷ୍ଟକୁ ଦୋଷିବି—ମଣିଷଜନ୍ମ କ'ଣ ଏଇ ସୁଷୁପ୍ତିର ଶାନ୍ତି ପାଇଁ ?

ସ୍ୱାଧୀନତାର ଅର୍ଥ ଦାୟିତ୍ୱ । ଆପଣା ଜୀବନ ପାଇଁ । ହୋଇପାରେ ଯେ ନବଲବ୍ଧ (ଶହେ ଦୁଇଶହ ବର୍ଷର ଅନୁଭବକୁ ବି ନୂଆ ବୋଲି କୁହାଯିବ ମଣିଷଜାତିର ଇତିହାସରେ) ସ୍ୱାଧୀନତାର ଉତ୍ତେଜନା ହେତୁ ନାନା ଧରଣର ଉଚ୍ଛୃଙ୍ଖଳତା ବଢ଼ି ଚାଲିଛି ସେଣେ, କାରଣ ସେମାନେ ନିଜ ନିଜର ଦାୟିତ୍ୱ ଭୁଲେଇପାରୁ ନାହାନ୍ତି । ସ୍ୱାଧୀନତାର ଅର୍ଥ ନୁହେଁ 'ସବୁ ଚଳେ', ଯେଉଁ ଆବର୍ତ୍ତରେ ପଡ଼ିଲେ ମଣିଷ ଅବଶ୍ୟ ଉବୁଟିବ, ହୁଏତ ଆତ୍ମହତ୍ୟା କରିବ । ମୁଁ ଏ ବିଷୟରେ ଅନେକ କଥା କହିଛି ଏଥି ପୂର୍ବରୁ । କିନ୍ତୁ ମୋର ବିଶ୍ୱାସ ଯେ ସ୍ୱାଧୀନତା-କାମୀ ମଣିଷ ଆପେ ଆପେ ବୁଝିବ ସେକଥା । ନିଜେହିଁ ତିଆରି କରିବ ନିଜ ପାଇଁ କେଉଁ ଏକ ଲକ୍ଷ୍ମଣରେଖା, ଯେତେବେଳେ ସେ ଜାଣିବ ଯେ ନ ହେଲେ ସେ ରାକ୍ଷସର ହାବୁଡ଼ରେ ପଡ଼ିବ । ଆଜି ନ ହେଲେ କାଲି । ସେଇ ଲକ୍ଷ୍ମଣରେଖା ଆପଣା ଚିନ୍ତାରୁ ଆସୁ, କି ଆଧ୍ୟାତ୍ମିକ ଅନୁଭବରୁ, ଅଥବା ଠେଙ୍କେ ପାଇଲାରୁ । କିନ୍ତୁ କେଉଁ ସରକାର, ବଡ଼ଲୋକ, ହଜୁର ମାଆବାପ, ଜାତିଆଣ ସଭା, ତଥାକଥିତ ସଂସ୍କାରର ବିଭିନ୍ନ କାର୍‌ଖାନାଦାର ତାକୁ ନ କୁହନ୍ତୁ ଯେ ତୋର ଏମିତି କରିବା କଥା । ଏତେଦୂର ଯାଏଁ ଆସିଥିବା ମଣିଷକୁ ପୁନରପି ବାନ୍ଧିଦେ କି ମୂଷିକ କରିଦିଅ ନାହିଁ । ଅମୃତର ଦିଶା ଊର୍ଦ୍ଧ୍ୱକୁ ଆକାଶକୁ ଏବଂ ତା'ର ସାଧନ ହେଉଛି ଆପେ ଆପଣାର ଉଡ୍ଡୀୟନ । ତଦ୍ଦ୍ୱାରା ସେ ହଜାର ଥର କଚଡ଼ି ହୋଇପଡ଼ୁ, ତା'ର ହାତଗୋଡ଼ ଛିଣ୍ଡିଯାଉ କି ଆଉ କ'ଣ ହେଉ, ସେଥିକୁ କାହାର ମୁଣ୍ଡ ବିଥେଇବା ଦରକାର ନାହିଁ । ଉଡ୍ଡୀୟନର ପରିଭାଷା ଉତ୍ତରଣ ।

ସ୍ୱାଧୀନତାର ଅର୍ଥ ମର୍ଯ୍ୟାଦା । ମୁଁ ଏବଂ ତୁମ ସହିତ (ଚେତନାର ସଂସାର ସହିତ ମୋର ଅନିବାର୍ଯ୍ୟ ସମ୍ବନ୍ଧ, ଉଭୟର ମର୍ଯ୍ୟାଦା ଏବଂ କେଉଁ ଭାବରେ ମୁଁ ସେହି ସମ୍ବନ୍ଧକୁ ଭୁଲେଇବି ତା'ର ସ୍ୱାଧିକାର ।

Digitized by srujanika@gmail.com

ମୋ କଥା ଶୁଣନ୍ତୁ । କାରଣ ମୋ ସଞ୍ଜବେଳେ ମୁଁ ଏଇ ସ୍ୱାଧିକାରକୁ ଆହ୍ୱାନ କରୁଛି ଏବଂ ଚାହୁଁଛି ଯେ ମୋର ଅନ୍ୱେଷଣ ଅବ୍ୟାହତ ରହୁ । 'ମୁଁ ତାକୁ ଖୋଜୁଛି ପରା !' ଏଇ ବ୍ୟାକୁଳତାଟିକୁ କେହି ମିଟେଇ ନ ଦେଉ । ମିଟେଇଲେ ମିଟେଇବି ମୁଁ, ମୋ ନିଜ ଭାବରେ ।

ଅନେକ ଦେଶ ବିଦେଶ ବୁଲି ଆସିଲା ପରେ ମୋର ମନେହେଉଛି ଯେ ଏଇ ମଣିଷ ନାମକ ଜୀବର ଚରିତ୍ର ସବୁଠି ସମାନ । ବିଚିତ୍ର । 'ଅପର' ପ୍ରକୃତିର ପ୍ରତ୍ୟୟ ମଧ୍ୟ ସବୁଠି ସମାନ । ସୁନ୍ଦର ଏବଂ ନିର୍ମମ । ତାହା ଚନ୍ଦ୍ରସୂର୍ଯ୍ୟ ହେଉ ବା ନଦୀବନସ୍ତ । ସେହେତୁ ମୁଁ ନିଜକୁ ସଂଶୋଧନ କରି କହୁଛି ଯେ ପ୍ରକୃତରେ ମୁଁ ଅବସନ୍ନ ନୁହେଁ । ମୁଁ ଉଦାର ଏବଂ ଉଦାସ । ଅତି ଚମତ୍କାର ସେଇ ଅନୁଭବ, କାରଣ ସେଥିରେ ସ୍ୱଦେଶ-ବିଦେଶ, ପର-ଆପଣା, ଏପରିକି ଭଲ-ମନ୍ଦର ଦ୍ୱନ୍ଦ୍ୱ ତୁଟିଗଲା ପରି ଲାଗୁଛି । କାହିଁକିନା ମୋର ମନେ ହେଉଛି ଯେ ମୁଁ ନିଜକୁ ନିଜ ଭିତରେ ଗୋଟେଇ ନେଇ ପାରୁଛି···ପାରିବି···ଫେରିଯିବି ମୋର କେନ୍ଦ୍ରବିନ୍ଦୁକୁ । ଏକୁଟିଆ ରଜା, ତେଣୁ 'ସବ୍ ମୁଲୁକ ମେ ପରଜା' । ବସୁଧା ମୋର କୁଟୁମ୍ବରେ ଭରି । ଅର୍ଥାତ୍ ସ୍ୱାର୍ଥ ତା' ଘେରରୁ ଖସି ଖସି ଆସିଲାଣି, ଆତ୍ମମୂଳ ଯାଏଁ । କିନ୍ତୁ ଆଶ୍ଚର୍ଯ୍ୟ କଥା ଯେ ବର୍ତ୍ତମାନ ମୁଁ ତାକୁ ସ୍ୱାର୍ଥ ବୋଲି ମାନିବାକୁ ନାରାଜ । କାରଣ ମୋର ଧାରଣା ଯେ ଏମିତି ଠିଆ ବୁଲେଇ, ନିଜକୁ ଯଥାସମ୍ଭବ ଅଭିଜ୍ଞ ଓ ଅନୁଭବୀ କରି ଫେରି ପାଇଲା ପରେ ମୁଁ ପରମାର୍ଥର ସନ୍ଧାନ ପାଇ ପାରିବି, ତା'ର ଆଲୁଅ ଯେତେ କ୍ଷୀଣ ହେଉ ନା କାହିଁକି । ମୋର ସୁପାରିଶ ଯେ ଆପଣ ବି ଏମିତି ଦେଶ ବିଦେଶ ବୁଲି ଆସନ୍ତୁ, ଯେତେଟା ପାରିବେ । କେବଳ ସ୍ଥୂଳ ଭୌଗୋଳିକ ଅର୍ଥରେ ନୁହେଁ, ପ୍ରତ୍ୟେକ ଅନୁଭୂତିକୁ ମାନସିକତାର ଦୁନିଆଁ ବୁଲେଇ ଆଣି, ଭାବଭାବନାର ଯଥେଷ୍ଟ ଲମ୍ବା, ଓସାର, ଉଚ୍ଚ ଓ ଗହୀରକୁ ନେଇ ।

ହଁ । ମୁଁ ଟିକିଏ ନିଜର ବଢ଼େଇ କରୁଛି । ନ ହେଲେ କେମିତି ଉଡ଼େଇ ଦେଇପାରିବି ମୋର ଅବସାଦକୁ ? ଅଶାନ୍ତ ଅଯୋଗୀ ହେଲେ ମଧ୍ୟ ମହା ଯୋଗୀଭାବର ଅନୁମାନ କରିପାରିବି ?

ସେକ୍ସପିଅରଙ୍କ ଶେଷ ଜୀବନର ନାଟକ ଗୁଡ଼ିକ କାହିଁକି ଏମିତି ଦୁର୍ବଳ, ସେ ବିଷୟରେ କିଛି କହିବାକୁ ଯାଇ ପଣ୍ଡିତ ଲିଟନ୍ ଷ୍ଟ୍ରାଚି ତାଙ୍କ

Digitized by srujanika@gmail.com

ସଞ୍ଜବେଳକୁ ହିଁ ଦୋଷ ଦେଲେ (ଯଦିଓ ମଲାବେଳକୁ ସେକ୍‌ସପିଅରଙ୍କ ବୟସ ସେପରି କିଛି ବେଶି ନ ଥିଲା) ଓ କହିଲେ— "ଆଃ ! ସେତେବେଳକୁ ସେ ବୋର୍ ହୋଇଗଲେଣି ମଣିଷକୁ ନେଇ, ବାସ୍ତବ ଜୀବନକୁ ନେଇ, ନାଟତାମସାକୁ ନେଇ, କହିବାକୁ ଗଲେ ସୁନ୍ଦର ଓ କାବ୍ୟିକ ସ୍ୱପ୍ନ ଛଡ଼ା ବାକି ସବୁକିଛି ନେଇ ।

ତାଙ୍କ ଆଗରେ ମୁଁ କେଉଁ ଲେଖକରେ ଲେଖା ! ହେଲେ ମୋର ଆଶା ଯେ ମୋର ଉଦାର-ଉଦାସ ଭାବକୁ ବୋର୍ ହୋଇଯିବାର ନିଷ୍ପୃହତା ବୋଲି ବୁଝାଯିବ ନାହିଁ ଏବଂ କେଉଁ ମିଷ୍ଟିକ୍ ସ୍ୱପ୍ନ ମୋର ସାହାଯ୍ୟ ହେବ କି ନାହିଁ, ଭଗବାନ ଜାଣନ୍ତି । ତେବେ କହିବାକୁ ଲାଜ ନାହିଁ ଯେ ନାନା ଭାବରେ ନାନା ଦେଶ ବିଦେଶ ବୁଲି ଆସିଲା ପରେ ମୋ ଘରଟା ପାଖ ହୋଇ ଆସିଲା ପରି ଲାଗୁଛି । ତାକୁ ପାଇବି ଯେ, ପାଇବି ।